# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଅଗଷ୍ଟ ୨୬/୨୦୧୯ (୧୬ ପୃଷ୍ଠା) Sambalpur, Monday, August 26 / 2019 ★★

୧୫ଶ ଭାଗ ୨୪୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ସ୍ୱାଭାବିକ ଆଚରଣ କରନ୍ତି ଅନନ୍ୟା**

ବଲିଉଡ୍ ଅଭିନେତ୍ରୀ ହୋଇଥିଲେ ବି ସ୍ୱାଭାବିକ ଆଚରଣ ପ୍ରଦର୍ଶନ କରନ୍ତି ବୋଲି ଅଭିନେତ୍ରୀ ଅନନ୍ୟା ପାଣ୍ଡେ ପ୍ରକାଶ କରିଛନ୍ତି। ୦୨

୧୪ **ପ୍ରମୋଦଙ୍କୁ ବିରଳ ସଫଳତା**

ସୁଇଜରଲାଣ୍ଡର ବାସେଲଠାରେ ଅନୁଷ୍ଠିତ ବିଶ୍ୱ ପାରାବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ୨ଟି ସ୍ୱର୍ଣ୍ଣ ପଦକ ସହ ବିରଳ ସଫଳତା ଲାଭ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ।



# ସିନ୍ଧୁଙ୍କୁ ଐତିହାସିକ ସ୍ୱର୍ଣ୍ଣ

**ବାସେଲ (ସୁଇଜରଲାଣ୍ଡ), ୨୫।୮ (ପି.ଟି.)**

ଭାରତର ତାରକା ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ରବିବାର ତାଙ୍କ ଜାଜ୍ଜ୍ୱଲ୍ୟମାନ କ୍ୟାରିୟରରେ ଆଉ ଏକ ସ୍ୱର୍ଣ୍ଣିମ ସଫଳତା ଯୋଡ଼ିଛନ୍ତି। ସୁଇଜରଲାଣ୍ଡର ବାସେଲଠାରେ ଅନୁଷ୍ଠିତ ବ୍ୟାଡ୍‌ମିଣ୍ଟନର ସର୍ବୋଚ୍ଚ ପ୍ରତିଯୋଗିତା ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ୨୪ ବର୍ଷୀୟା ସିନ୍ଧୁ ମହିଳା ସିଙ୍ଗଲ୍ସ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ହାଇଦ୍ରାବାଦୀ ଲଳନା ସିନ୍ଧୁ ଏକତରଫା ବିଶିଷ୍ଟ ଫାଇନାଲରେ ଜାପାନର ନୋଜୋମି ଓକୁହାରାଙ୍କୁ ପରାସ୍ତ କରିଛନ୍ତି। ଏଥିସହ ପ୍ରଥମ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ସେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି।

ରବିବାର ସନ୍ଧ୍ୟାରେ ଖେଳାଯାଇଥିବା ଏହି ହାଇଭୋଲଟେଜ୍ ମହିଳା ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍‌କୁ ୨୪ ବର୍ଷୀୟା ସିନ୍ଧୁ ଏକତରଫା ଭାବେ ୨୧-୭, ୨୧-୭ ସିଧାସଳଖ ଗେମ୍‌ରେ ଓକୁହାରାଙ୍କୁ ପରାସ୍ତ କରିବାରେ ସମର୍ଥ ହୋଇଥିଲେ। ୫ ଫୁଟ୍ ୧୦ ଇଞ୍ଚ ଉଚ୍ଚତା ବିଶିଷ୍ଟ ସିନ୍ଧୁ ନିଜ ଉଚ୍ଚତାର ସମ୍ପୂର୍ଣ୍ଣ ଫାଇଦା ଉଠାଇ ମାତ୍ର ୩୮ ମିନିଟ୍ ମ୍ୟାଚ୍‌କୁ ଜିତିନେଇଥିଲେ। ଏଥିସହ ସିନ୍ଧୁ ୨ ବର୍ଷ ତଳର ପରାଜୟର ମଧୁର ପ୍ରତିଶୋଧ ମଧ୍ୟ ନେଇଛନ୍ତି। ୨୦୧୭ ଗ୍ଲାସଗୋରେ ଖେଳାଯାଇଥିବା ଏହି ସମାନ ପ୍ରତିଯୋଗିତାର ଫାଇନାଲରେ ଓକୁହାରାଙ୍କ ନିକଟରୁ ହାରି ସିନ୍ଧୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ସେହି ଫାଇନାଲ ମ୍ୟାଚ୍ ଦୀର୍ଘ ଏକ ଘଣ୍ଟା ୫୦ ମିନିଟ୍ ଧରି ଅନୁଷ୍ଠିତ ହୋଇଥିଲା, ଯାହାକୁ ବ୍ୟାଡ୍‌ମିଣ୍ଟନ ଇତିହାସର ଅନ୍ୟତମ ଶ୍ରେଷ୍ଠ ମ୍ୟାଚ୍ ଭାବେ ବିବେଚିତ କରାଯାଉଛି।




## ■ ଲଘୁଚାପ: ଆହୁରି ୨୪ ଘଣ୍ଟା ପ୍ରବଳ ବର୍ଷା

# ବଜ୍ରପାତରେ ୬ ଚାଷୀଙ୍କ ମୃତ୍ୟୁ

**ଭୁବନେଶ୍ୱର, ୨୫।୮ (ବ୍ୟୁରୋ)**

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ଦୁଇଦିନ ହେବ ରାଜ୍ୟରେ ବର୍ଷା ଜାରି ରହିଛି। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥିବାବେଳେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସୋମବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଯାଜପୁର ଓ ଭଦ୍ରକ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଅନ୍ୟପକ୍ଷରେ ଚିନ୍ତା ବଢ଼ାଇଦେଇଛି ବଜ୍ରପାତ। ରବିବାର ଅପରାହ୍ନରେ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ଘଟି ଚାଷଜମିରେ କାର୍ଯ୍ୟରତ ୬ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩ଜଣ ଆହତ ହୋଇଛନ୍ତି। ସେମାନେ ହେଲେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବରକନ୍ଧା ଗ୍ରାମର କୃପାସିନ୍ଧୁ ରାଉତ, କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ଭେଡ଼ାସାଲେପୁର ଗ୍ରାମର ନିରଞ୍ଜନ ମଲିକ(୫୫), ଲଳିତଗିରି ଗ୍ରାମର ବାବୁଲି ଯେନା(୪୯), ସାଲେପୁର ବ୍ଲକ ମାଳଶାସନ ପଞ୍ଚାୟତ ଲେଖନପୁର ଗ୍ରାମର ରଞ୍ଜନ ବେହେରା(୪୧), ବାଲେଶ୍ୱର ଜିଲା ସଦର ବ୍ଲକ ଅନ୍ତର୍ଗତ ବାଲିପାଳ ଗ୍ରାମର ସ୍ୱପ୍ନାରେଖା ମହାଳିକ (୪୫) ଏବଂ ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ପାମରା ନୂଆପଡ଼ା ଗ୍ରାମର ବିନୋଦ ପୋଢ଼। ଆହତ ୩ଜଣଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ଗୁରୁତର ରହିଛି। ଅନ୍ୟପକ୍ଷରେ ବଜ୍ରପାତରେ ବହୁ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ଘଟିଥିବା ମଧ୍ୟ ସୂଚନା ମିଳିଛି। ହେଲେ ଚିନ୍ତାର ବିଷୟ ଯେ, ଗତ ୫ ଦିନରେ ବଜ୍ରପାତ ୧୬ ଜଣଙ୍କ ଜୀବନ ନେଇଥିବାବେଳେ ୮ଜଣ ଆହତ ହୋଇଛନ୍ତି। ଗତ ବୁଧବାର ୬ଜଣ, ଗୁରୁବାର ୨ଜଣ ଓ ଶନିବାର ୨ଜଣଙ୍କ ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଚାଷୀ ହୋଇଥିବାବେଳେ କେନ୍ଦ୍ରାପଡ଼ାର ୭ଜଣ, ଅନୁଗୋଳରେ ୨ଜଣ ଓ ପୁରୀର ଜଣେ ରହିଛନ୍ତି।

ଅନ୍ୟପକ୍ଷରେ ରବିବାର ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ହୋଇଛି। ନୂଆପଡ଼ା, ବଲାଙ୍ଗୀର, ଜଗତ୍‌ସିଂହପୁର, କଟକ, ଢେଙ୍କାନାଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥିବାବେଳେ ପୁରୀ, କନ୍ଧମାଳ, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୋଳ, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ଗଞ୍ଜାମ, ନୟାଗଡ଼ ଓ ଖୋର୍ଦ୍ଧାରେ ପ୍ରବଳ ବର୍ଷା ହୋଇଛି। ପାରାଦୀପରେ ସର୍ବାଧିକ ୮୯ ମିଲିମିଟର ବର୍ଷା ହୋଇଥିବାବେଳେ ଅନୁଗୋଳରେ ୩୬, କଟକ ଓ ଚାନ୍ଦବାଲିରେ ୨୬.୨, ବଲାଙ୍ଗୀରରେ ୨୫, ବାଲେଶ୍ୱରରେ ୨୪, ମାଲକାନଗିରିରେ ୧୩.୮, ଫୁଲବାଣୀରେ ୮.୮, ସୋନପୁରରେ ୭, ଭବାନୀପାଟଣାରେ ୬, କେନ୍ଦୁଝରରେ ୫.୩, ଭୁବନେଶ୍ୱରରେ ୪.୩, ଟିଟିଲାଗଡ଼ରେ ୨ ମିମି ବର୍ଷା ରେକର୍ଡ କରାଯାଇଛି।

### ■ ୫ଦିନରେ ଗଲାଣି ୧୬ ଜୀବନ
### ■ ପାରାଦୀପରେ ସର୍ବାଧିକ ବର୍ଷା



## ୨୩ରେ ୪ ରାଜ୍ୟରେ ବିଧାନସଭା ଉପନିର୍ବାଚନ

**ନୂଆଦିଲ୍ଲୀ, ୨୫।୮ (ପି.ଟି.)**

ଉତ୍ତରପ୍ରଦେଶ, ତ୍ରିପୁରା, ଛତିଶଗଡ଼ ଓ କେରଳର ଗୋଟିଏ ଲେଖାଏ ବିଧାନସଭା ଆସନରେ ସେପ୍ଟେମ୍ବର ୨୩ରେ ଉପନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ କମିଶନ ରବିବାର ଏନେଇ ଘୋଷଣା କରିଛନ୍ତି। ସେହି ଆସନଗୁଡ଼ିକ ହେଲା ଛତିଶଗଡ଼ର ଦାନ୍ତେୱାଡ଼ା, ତ୍ରିପୁରାର ବଧେରଘାଟ, ଉତ୍ତରପ୍ରଦେଶର ହମିରପୁର ଏବଂ କେରଳର ପାଲା। ହମିରପୁରର ଭାଜପା ବିଧାୟକ ଅଶୋକ ଚାଣ୍ଡେଲ୍ ଅଯୋଗ୍ୟ ଘୋଷିତ ହେବା ପରେ ସେଠାରେ ଉପନିର୍ବାଚନର ଆବଶ୍ୟକ ପଡ଼ିଛି। ସେହିପରି ଦାନ୍ତେୱାଡ଼ା, ପାଲା ଓ ବଧେରଘାଟର ବିଧାୟକମାନଙ୍କ ପରଲୋକ ହୋଇଥିବାରୁ ସେଠାରେ ଉପନିର୍ବାଚନ ହେବାକୁ ଯାଉଛି। ଏହି ୪ଟି ଆସନ ପାଇଁ ଅଗଷ୍ଟ ୨୮ରେ ବିଜ୍ଞପ୍ତି ପ୍ରକାଶ ପାଇବ ଏବଂ ସେପ୍ଟେମ୍ବର ୨୭ରେ ଭୋଟଗଣତି ହେବ। ଉତ୍ତରପ୍ରଦେଶର ଅନ୍ୟ ୧୨ଟି ବିଧାନସଭା ଆସନରେ ଉପନିର୍ବାଚନ ହେବାକୁ ଥିଲେ ହେଁ ଏଥିପାଇଁ ତାରିଖ ଘୋଷଣା ହୋଇନାହିଁ। ଅଧିକାଂଶ ବିଧାୟକ ଲୋକ ସଭାକୁ ନିର୍ବାଚିତ ହୋଇଥିବାରୁ ସେହି ଆସନଗୁଡ଼ିକ ଖାଲିପଡ଼ିଛି।

## ପାର୍ସଲରୁ ବାହାରିଲା ନାଗ

**ରାଇରଙ୍ଗପୁର/ବାରିପଦା ଅଫିସ, ୨୫।୮ (ଡି.ଏନ୍.ଏ.)**



ନାଗ ବାହାରିଥିବା ପାର୍ସଲ ପେଟି।

ଆନ୍ଧ୍ରପ୍ରଦେଶର ବିଜୟୱାଡା ଅଞ୍ଚଳରୁ ଏକ ଟ୍ରାନ୍ସପୋର୍ଟ ସଂସ୍ଥା ଜରିଆରେ ମୟୂରଭଞ୍ଜ ଜିଲା ରାଇରଙ୍ଗପୁରକୁ ଟ୍ରକରେ ଆସିଥିବା ଏକ ପାର୍ସଲ ପେଟିରୁ ନାଗ ସାପ ବାହାରିଛି। ଏଲ୍‌ଆଣ୍ଡଟି କମ୍ପାନୀରେ କାମ କରୁଥିବା ମୁଥୁ କୁମାର ନାମକ ଜଣେ କର୍ମଚାରୀ ଟ୍ରାନ୍ସପୋର୍ଟ ସଂସ୍ଥା ଜରିଆରେ ଫଳ ସମେତ କେତେକ ଘରୋଇ ସାମଗ୍ରୀ ବିଜୟୱାଡାରୁ ବୁକ୍ କରିଥିଲେ। ଟ୍ରକ ଯୋଗେ ଏହି ସାମଗ୍ରୀ ଆସି ରାଇରଙ୍ଗପୁର ସହରର ୫ ନଂ ୱାର୍ଡ ଅଧୀନ ଧରମଗଳି ବସ୍ତିରେ ମୁଥୁ କୁମାର ରହୁଥିବା ଘରେ ଶନିବାର ସନ୍ଧ୍ୟାରେ ପହଞ୍ଚିଥିଲା। ପାର୍ସଲ ପେଟିଗୁଡ଼ିକୁ ନେଇ ☞ପୃଷ୍ଠା-୪

## ମହାକାଶରେ ଆକାଉଣ୍ଟ ହ୍ୟାକ୍

**ୱାଶିଂଟନ୍, ୨୫।୮ (ଏଏଫ୍‌ପି)**



ମହାକାଶଚାରୀ ମ୍ୟାକ୍‌କ୍ଲେନ୍

ମହାକାଶରେ ବ୍ୟାଙ୍କ ଆକାଉଣ୍ଟ ହ୍ୟାକ୍ ଘଟଣାଟି ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ହେଁ ସତ୍ୟ। ଏହି ଘଟଣାର ତଦନ୍ତ କରିବାକୁ ଯାଉଛି ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା'। ମହାକାଶଚାରୀ ଆନ୍ନେ ମ୍ୟାକ୍‌କ୍ଲେନଙ୍କ ବିରୋଧରେ ଆସିଛି ଏଭଳି ଅଭିଯୋଗ। ସେ ସ୍ପେସ୍ ସେଣ୍ଟରରେ ଥିବା କମ୍ପ୍ୟୁଟରରୁ ତାଙ୍କ ପରିତ୍ୟକ୍ତା ସ୍ତ୍ରୀ ସମର ଓର୍ଡେନଙ୍କ ଇମେଲ୍ ଓ ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟ୍ସ ବିବରଣୀ ଚୋରି କରିଥିବା ନେଇ ଅଭିଯୋଗ ହୋଇଛି। ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ୍(ଆଇଏସ୍‌ଏସ୍)ରେ ୬ମାସିଆ ମିଶନ୍ କାଳରେ ମ୍ୟାକ୍‌କ୍ଲେନ୍ ଏଭଳି କେଳେଙ୍କାରି କରିଥିବା କୁହାଯାଉଛି। ☞ପୃଷ୍ଠା-୪




**ଆଜିର ସମ୍ପାଦକୀୟ**

**ଛଟେଇ ବିପଦ**

**ଆଜିର ମନ୍ତବ୍ୟ**

"ଆମାଜନ ଜଙ୍ଗଲରେ ଲାଗିଥିବା ନିଆଁ ସାରା ବିଶ୍ୱ ପାଇଁ ଚିନ୍ତାର କାରଣ।

-ଫ୍ରାନ୍ସିସ୍ ପୋପ୍, କ୍ୟାଥୋଲିକ୍ ଧର୍ମଗୁରୁ





NECC NATIONAL EGG CO-ORDINATION COMMITTEE 25.08.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 57 | 102 | 112 |
| DKL | 59 | 105 | 115 |
| BDK | 57 | 102 | 112 |
| BLS | 57 | 102 | 112 |
| ANG | 58 | 103 | 113 |
| BHM | 57 | 102 | 112 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers


# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଜେଟ୍‌ଲୀଙ୍କ ଶେଷକୃତ୍ୟ ସମ୍ପନ୍ନ

**ନୂଆଦିଲ୍ଲୀ, ୨୫।୮ (ଆଇଏଏନ୍ଏସ୍)**

ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଅରୁଣ ଜେଟ୍‌ଲୀଙ୍କ ମରଶରୀର ପଞ୍ଚଭୂତରେ ଲୀନ ହୋଇଯାଇଛି। ରବିବାର ଅପରାହ୍ନରେ ନିଗମବୋଧ ଘାଟଠାରେ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଜେଟ୍‌ଲୀଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ରୋହନ୍ ମୁଖାଗ୍ନି ଦେଇଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ହଜାର ହଜାର ଲୋକ ନିଗମବୋଧ ଘାଟରେ ପହଞ୍ଚି ଜେଟ୍‌ଲୀଙ୍କୁ ଶେଷ ସମ୍ମାନ ଜଣାଇଥିଲେ। ଶନିବାର ଅପରାହ୍ନରେ ନୂଆଦିଲ୍ଲୀର ଏମ୍ସରେ ଜେଟ୍‌ଲୀଙ୍କ ପରଲୋକ ହୋଇଥିଲା। ସେ କିଛିଦିନ ହେଲା ଅସୁସ୍ଥ ଥିବାବେଳେ ୯ ତାରିଖରୁ ଏମ୍ସରେ ଭର୍ତ୍ତି ହୋଇଥିଲେ।

ଶେଷକୃତ୍ୟ ବେଳେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ, ଭାଜପା କାର୍ଯ୍ୟକାରୀ ଅଧ୍ୟକ୍ଷ ଜେ.ପି. ନଡ୍ଡା, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ବରିଷ୍ଠ ନେତା ଲାଲକୃଷ୍ଣ ଆଡଭାନୀ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୁପାନି, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରାମନ, ସ୍ମୃତି ଇରାନୀ, ଅନୁରାଗ ଠାକୁର, କଂଗ୍ରେସ ନେତା ଗୁଲାମ ନବୀ ଆଜାଦ, ଜ୍ୟୋତିରାଦିତ୍ୟ ସିନ୍ଧିଆ, କପିଲ ଶିବଲ, ଏନ୍‌ସିପି ନେତା ପ୍ରଫୁଲ ପଟେଲ, ଯୋଗଗୁରୁ ବାବା ରାମଦେବ ପ୍ରମୁଖ ଉପସ୍ଥିତ ଥିଲେ। ଜେଟ୍‌ଲୀଙ୍କ ଶେଷଯାତ୍ରା ପୂର୍ବରୁ ଭାଜପା ମୁଖ୍ୟାଳୟରେ ବିଭିନ୍ନ ଦଳର ତୁଙ୍ଗ ନେତାମାନେ ପହଞ୍ଚି ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଦେଶ ଗସ୍ତରେ ଥିବାରୁ ଯୋଗଦେଇ ନ ପାରି ଶୋକବ୍ୟକ୍ତ କରିଥିଲେ।

ପୂର୍ବାହ୍ନ ୧୧ଟାରେ ଜେଟ୍‌ଲୀଙ୍କ ମରଶରୀରକୁ ତାଙ୍କ କୈଳାସ କଲୋନୀ ବାସଭବନରୁ ଭାଜପା ମୁଖ୍ୟାଳୟକୁ ନିଆଯାଇଥିଲା। ସେଠାରେ ମରଶରୀରକୁ ଅଢ଼େଇ ଘଣ୍ଟା ରଖାଯାଇଥିଲା। ଭାଜପା ସମେତ ବିଭିନ୍ନ ଦଳର ନେତା ଓ ବିଶିଷ୍ଟ ବ୍ୟକ୍ତିମାନେ ପହଞ୍ଚି ତାଙ୍କୁ ଶେଷ ସମ୍ମାନ ଜଣାଇଥିଲେ। ଅପରାହ୍ନ ୨ଟା ପରେ ମରଶରୀରକୁ ଜାତୀୟ ପତାକାରେ ଆବୃତ୍ତ କରି ନିଗମବୋଧ ଘାଟକୁ ନିଆଯାଇଥିଲା। ଦିଲ୍ଲୀ ପୋଲିସ ପକ୍ଷରୁ ପୂର୍ବତନ ଅର୍ଥମନ୍ତ୍ରୀଙ୍କୁ ତୋପସଲାମୀ ଦିଆଯାଇଥିଲା।

### ପୁଅ ରୋହନ୍ ଦେଲେ ମୁଖାଗ୍ନି



ନିଗମବୋଧ ଘାଟଠାରେ ଜେଟ୍‌ଲୀଙ୍କୁ ପୁଅ ରୋହନ ମୁଖାଗ୍ନୀ ଦେଉଛନ୍ତି।

ଧରିତ୍ରୀ DHARITRI
ସୋମବାର, ୨୬ ଅଗଷ୍ଟ ,୨୦୧୯



“ସୋସିଆଲ ମିଡିଆରେ ମିଥ୍ୟା ଖବର ପ୍ରସାରଣ ଏବେ ସାମାଜିକ ତଥା ସାମ୍ପ୍ରଦାୟିକ ଉତ୍ତେଜନାର ମୂଳ କାରଣ ପାଲଟିଛି। ତେଣୁ କୌଣସି ତଥ୍ୟ ଶେୟାର କରିବା ପୂର୍ବରୁ ତାହାର ସତ୍ୟତା ଯାଞ୍ଚ କରିବା ଉଚିତ।

-ପ୍ରଣବ ମୁଖାର୍ଜୀ, ପୂର୍ବତନ ରାଷ୍ଟ୍ରପତି



## କେନ୍ଦ୍ର ନିଷ୍ପତ୍ତିର କୋଡ଼ିଏ ଦିନ ପରେ

# କୁହୁଳୁଛି କଶ୍ମୀର, ନିଆଁକୁ ଡର



ଠିକ୍ କୋଡ଼ିଏ ଦିନ ତଳେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ନେଇ ଏକ ବଡ଼ ନିଷ୍ପତ୍ତି ନେଇଥିଲେ। ରାଜ୍ୟକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ହଟାଇଦେଇ ଜମ୍ମୁ-କଶ୍ମୀର ଏବଂ ଲଦାଖ ନାମରେ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଗଠନର ନିଷ୍ପତ୍ତି ନେଇଥିଲେ। ସଂଖ୍ୟାବଳରେ ବଳୀୟାନ ସରକାରଙ୍କ ଏହି ଐତିହାସିକ ନିଷ୍ପତ୍ତିକୁ ଦେଶବ୍ୟାପୀ ସ୍ୱାଗତ କରାଯାଇଥିବାବେଳେ ବିରୋଧର ସ୍ୱର ମଧ୍ୟ କମ୍ ଉଠିନାହିଁ। ରାଷ୍ଟ୍ରପତି ଶାସନାଧୀନ ଉପତ୍ୟକାରେ ସବୁକିଛି ଠିକ୍ ଚାଲିଛି ବୋଲି ରାଜ୍ୟପାଳ ସତ୍ୟପାଲ ମଲିକଙ୍କ ପ୍ରଶାସନ କହୁଥିବାବେଳେ ସେଠାକୁ କୌଣସି ବିରୋଧୀ ନେତାଙ୍କୁ ପ୍ରବେଶ କରିବାକୁ ଦିଆଯାଉନାହିଁ। ତିନିଜଣ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସମେତ ୪୦୦ରୁ ଊର୍ଦ୍ଧ୍ୱ ନେତା ଓ କର୍ମୀଙ୍କୁ ଗୃହବନ୍ଦୀ କରାଯାଇଛି। ଗଣମାଧ୍ୟମ ଉପରେ ମଧ୍ୟ କଟକଣା ବଳବତ୍ତର ରହିଛି। ଏପରି କି ମୋବାଇଲ, ଇଣ୍ଟରନେଟ ସେବା ସମ୍ପୂର୍ଣ୍ଣ ରୂପେ ସ୍ୱାଭାବିକ ହୋଇନାହିଁ। ମାଧ୍ୟମିକ ଯାଏ ସ୍କୁଲଗୁଡ଼ିକର ତାଲା ଖୋଲିଛି। ହେଲେ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟକୁ ପଠାଇବା ପାଇଁ ମା'ବାପା ସୁରକ୍ଷିତ ମଣୁନାହାନ୍ତି। ସବୁଠି ଚାପା ଉତ୍ତେଜନା। କେତେବେଳେ କେଉଁଠି ବୋମା ଫୁଟିବ କି ଗୁଳି ବର୍ଷା ହେବ କହିହେଉନାହିଁ। ସୁତରାଂ କୁହୁଳୁଥିବା କଶ୍ମୀରକୁ ଏବେ ନିଆଁର ଡର।

“ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟର ଏକ ଟିମ୍ କଶ୍ମୀର ଉପତ୍ୟକାକୁ ମଙ୍ଗଳବାର ଦୁଇଦିନିଆ ଗସ୍ତରେ ଯିବ। ୩୭୦ ଉଚ୍ଛେଦ ପରେ ବିକାଶମୂଳକ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ଅଞ୍ଚଳ ଚିହ୍ନଟ କରିବ।

-ମୁଖ୍ତାର ଅବ୍ବାସ୍ ନକଭି, ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ

“ଜମ୍ମୁ-କଶ୍ମୀରରେ ଔଷଧ ଓ ଅତ୍ୟାବଶ୍ୟକ ସାମଗ୍ରୀର ନିଅଣ୍ଟ ନାହିଁ। ୬୫% ଦୋକାନ ଖୋଲାରହୁଛି। ପୂର୍ବରୁ ଯେତେବେଳେ ବି ସଙ୍କଟ ସୃଷ୍ଟି ହୋଇଛି ପ୍ରଥମ ସପ୍ତାହରେ ଅନ୍ୟୁନ ୫୦ ଜଣ ପ୍ରାଣ ହରାଇଛନ୍ତି। ତେଣୁ ଫୋନ୍ ଉପରେ କଟକଣା ଯଦି ଲୋକଙ୍କ ଜୀବନ ବଞ୍ଚାଉଛି, ତେବେ କ୍ଷତି କ'ଣ ?

– ସତ୍ୟପାଳ ମଲିକ, ଜମ୍ମୁ-କଶ୍ମୀର ରାଜ୍ୟପାଳ

## ୩୭୦ ଉଚ୍ଛେଦକୁ ବିରୋଧ କର

### ଗିଲାନିଙ୍କ ଆହ୍ୱାନ

ଶ୍ରୀନଗର,୨୫।୮ (ଆଇଏଏନ୍ଏସ୍)

ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ପାହ୍ୟା ପ୍ରତ୍ୟାହାର ନେଇ କେନ୍ଦ୍ରର ନିଷ୍ପତ୍ତି ସମସ୍ତ ଅନ୍ତର୍ଜାତୀୟ ଆଇନ ଓ ଜାତିସଂଘର ସଂକଳ୍ପନାମାକୁ ଉଲ୍ଲଂଘନ କରୁଛି। ଏହାଦ୍ୱାରା କଶ୍ମୀରରେ ଜନସଂଖ୍ୟା ପରିସଂଖ୍ୟାନରେ ପରିବର୍ତ୍ତନ ଆଣି ଉପନିବେଶ ସ୍ଥାପନ କରିବାକୁ ଚାହୁଁଛି କେନ୍ଦ୍ର। ତେଣୁ ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ୩୭୦ ଉଚ୍ଛେଦ ନିଷ୍ପତ୍ତିକୁ ବିରୋଧ କରିବା ପାଇଁ ଉପତ୍ୟକାବାସଙ୍କୁ ଆହ୍ୱାନ ଦେଇଛନ୍ତି ଅଲ୍ ପାର୍ଟି ହୁରିୟାତ୍ କନ୍ଫରେନ୍ସ ଅଧ୍ୟକ୍ଷ ସୟଦ ଅଲି ଶାହ



ଗିଲାନି। ପାକିସ୍ତାନ ସହ କଶ୍ମୀରର ମିଶ୍ରଣ ପାଇଁ ଓକିଲାତି କରୁଥିବା ୮୯ ବର୍ଷୀୟ କଠୋରପନ୍ଥୀ ବିଚ୍ଛିନ୍ନତାବାଦୀ ନେତା ଗିଲାନି କହିଛନ୍ତି, କେନ୍ଦ୍ରର ନିଷ୍ପତ୍ତି ବିରୋଧରେ ପ୍ରତିବାଦ ଜଣାଇବା ପାଇଁ ଜନସାଧାରଣ ନିଜ ନିଜ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ କରନ୍ତୁ। ସଶସ୍ତ୍ର ଶତ୍ରୁ (ସୁରକ୍ଷା ବଳ) ଲୋକଙ୍କୁ ହତ୍ୟା କରିବା ପାଇଁ ପ୍ରସ୍ତୁତ ରହିଛି। ତେଣୁ ଶତ୍ରୁକୁ ଏହାର ସୁଯୋଗ ନ ଦେବା ପାଇଁ ଶୃଙ୍ଖଳିତ ଭାବେ ଆନ୍ଦୋଳନ କରନ୍ତୁ ବୋଲି ଗିଲାନି ପରାମର୍ଶ ଦେଇଛନ୍ତି। ସୁରକ୍ଷା ବଳର ଆକ୍ରମଣରେ ସେମାନଙ୍କର କିଛି ଘଟିଲେ ସେଥିପାଇଁ ଭାରତୀୟ ସେନା ଦାୟୀ ଏବଂ ବିଶ୍ୱ ସମୁଦାୟ ସାକ୍ଷ୍ୟ ରହିବ ବୋଲି ଗିଲାନି କହିଛନ୍ତି।

## ସଚିବାଳୟରେ କେବଳ ତ୍ରିରଙ୍ଗା

**ଶ୍ରୀନଗର,୨୫।୮(ପି.ଟି.):** ୩୭୦ ଉଚ୍ଛେଦର ତିନି ସପ୍ତାହ ପରେ ଶ୍ରୀନଗରସ୍ଥିତ ସଚିବାଳୟରୁ ଜମ୍ମୁ-କଶ୍ମୀରର ପତାକା ହଟିଛି। ଏବେ ସେଠାରେ କେବଳ ତ୍ରିରଙ୍ଗା ଉଡୁଛି। ପୂର୍ବରୁ ସଚିବାଳୟ ଶୀର୍ଷରେ ଜାତୀୟ ପତାକା ସହ ଜମ୍ମୁ-କଶ୍ମୀରର ଲାଲ ପତାକା ଉଡୁଥିଲା। କାରଣ ସମ୍ବିଧାନର ଅନୁଚ୍ଛେଦ ୩୭୦ ରାଜ୍ୟକୁ ୧୯୫୨ ଜୁନ୍ ୭ରୁ ଏହି ଅନୁମତି ପ୍ରଦାନ କରିଥିଲା। ଅକ୍ଟୋବର ୩୧ରେ ଜମ୍ମୁ-କଶ୍ମୀର ଓ ଲଦାଖ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହେବ। ସେହିଦିନଠାରୁ କେବଳ ଜାତୀୟ ପତାକା ଉଡ଼ିବାର ଥିଲା। ହେଲେ ରବିବାର ସକାଳଠାରୁ ଏହାକୁ ଲାଗୁ କରାଯାଇଛି। ଆଗକୁ ସମସ୍ତ ଅଫିସରେ କେବଳ ତ୍ରିରଙ୍ଗା ଉଡ଼ିବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି।



## ଅକ୍ଟୋବର ୨ରୁ ପ୍ଲାଷ୍ଟିକ୍ ବର୍ଜ୍ୟ ବିରୋଧରେ ଗଣଆନ୍ଦୋଳନ ଆହ୍ୱାନ

### ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍

ନୂଆଦିଲ୍ଲୀ,୨୫।୮(ପି.ଟି.)

ଚଳିତ ବର୍ଷ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ କରାଯିବାକୁ ଥିବାବେଳେ ଏହିଦିନକୁ ସ୍ମରଣୀୟ କରିବା ପାଇଁ ଭାରତକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି। ଦିୱାଲି ପୂର୍ବରୁ ବିଭିନ୍ନ ସ୍ଥାନରେ ଜମା ହୋଇ ରହିଥିବା ପ୍ଲାଷ୍ଟିକ୍ ବର୍ଜ୍ୟକୁ ଏକତ୍ର କରିବାକୁ ରବିବାର ମୋଦି ତାଙ୍କର ପ୍ରିୟ ରେଡିଓ କାର୍ଯ୍ୟକ୍ରମ 'ମନ କୀ ବାତ୍' ଜରିଆରେ ମ୍ୟୁନିସିପାଲିଟି, ଜିଲା ପ୍ରଶାସନ, ଗ୍ରାମ ପଞ୍ଚାୟତ, ଏନ୍‌ଜିଓ, ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ, କର୍ପୋରେଟ ସେକ୍ଟରଗୁଡିକୁ ପରାମର୍ଶ ଦେଇଛନ୍ତି। ରିସାଇକ୍ଲିଂ ପ୍ରକ୍ରିୟାରେ ସେଗୁଡିକୁ ଇନ୍ଧନରେ ପରିଣତ କରାଯାଇପାରିବ। ତେଣୁ ନିରାପଦର ସହ ବର୍ଜ୍ୟ ପ୍ଲାଷ୍ଟିକ୍‌ରୁ ମୁକ୍ତ ହେବା ଲାଗି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ପରିବେଶର ସୁରକ୍ଷା ଲାଗି ଗୋଟିଏ ଥର ବ୍ୟବହୃତ ହେଉଥିବା ପ୍ଲାଷ୍ଟିକ୍ ବର୍ଜନ କରିବା ପାଇଁ ସ୍ୱାଧୀନତା ଦିବସ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଅନୁରୋଧ କରିଥିବାବେଳେ ରବିବାର ଏହା ବିରୋଧରେ ଗଣ ଆନ୍ଦୋଳନ ପାଇଁ ଡାକରା ଦେଇଛନ୍ତି। ସେପ୍ଟେମ୍ବର ୧୧ରୁ ଆରମ୍ଭ ହେବାକୁ ଥିବା 'ସ୍ୱଚ୍ଛତା ହିଁ ସେବା' ଅଭିଯାନରେ ଜନସାଧାରଣଙ୍କୁ ସାମିଲ ହେବା ପାଇଁ ଏହି ଅବସରରେ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ପ୍ରକୃତି ଓ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି ନିମନ୍ତେ ପ୍ରଧାନମନ୍ତ୍ରୀ



ପରାମର୍ଶ ଦେଇଛନ୍ତି। ମନ୍ କୀ ବାତ୍‌ରେ ମୋଦି ଆସନ୍ତା ମାସରୁ ଆରମ୍ଭ ହେବାକୁ ଥିବା ପୋଷଣ ଅଭିଯାନ ସମ୍ପର୍କରେ କହିବା ସହ ଏଥିରେ ଜନସାଧାରଣଙ୍କ ଯୋଗଦାନ ପାଇଁ ଆହ୍ୱାନ ଦେଇଥିଲେ। ସଚେତନତା ଅଭାବରୁ ଗରିବ ଓ ନିଃସହାୟ ପରିବାର ଅପପୁଷ୍ଟିର ଶିକାର ହେଉଛନ୍ତି। ତେଣୁ ଅଭିଯାନ ମାଧ୍ୟମରେ ମହିଳା ଓ ଶିଶୁ ପୋଷଣ କାର୍ଯ୍ୟକ୍ରମକୁ ଗଣ ଆନ୍ଦୋଳନରେ ପରିଣତ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେହିପରି ଅଗଷ୍ଟ ୨୯ ଜାତୀୟ କ୍ରୀଡ଼ା ଦିବସ ଅବସରରେ 'ଫିଟ୍ ଇଣ୍ଡିଆ ଆନ୍ଦୋଳନ' ଆରମ୍ଭ କରିବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି।

ନିକଟରେ ପ୍ରସାରିତ 'ମ୍ୟାନ ଭର୍ସେସ ୱାଇଲ୍ଡ' କାର୍ଯ୍ୟକ୍ରମରେ ବିଅର ଗ୍ରିଲ୍ସ ସହ ତାଙ୍କର କଥୋପକଥନକୁ ନେଇ ଅନେକ ଆଶ୍ଚର୍ଯ୍ୟ ବ୍ୟକ୍ତ କରିଛନ୍ତି। ଆଦୌ ହିନ୍ଦୀ ଜାଣି ନ ଥିବା ଗ୍ରିଲ୍ସ ମୋଦିଙ୍କ କଥାକୁ ବୁଝିବାର ରହସ୍ୟ ଟେକ୍ନୋଲୋଜି ଥିଲା ବୋଲି ମୋଦି କହିଛନ୍ତି।

## ବିବାହ ସରିବା ପରେ ଦୁର୍ଘଟଣା: ନବଦମ୍ପତିଙ୍କ ମୃତ୍ୟୁ

ଅରେଞ୍ଜ (ଟେକ୍ସାସ),୨୫।୮

ବିବାହର ଖୁସି ମୁହୂର୍ତ୍ତକ ମଧ୍ୟରେ ପାଣିଫୋଟକା ଭଳି ମିଳାଇଗଲା। ବିବାହ ସମ୍ପନ୍ନ ହେବାର କେଇ ମିନିଟ ପରେ ଟ୍ରାକ୍ଟର ବୋଝେଇ ଏକ ଟ୍ରେଲର ଧକ୍କାଦେଲା। ବିବାହ ସ୍ଥଳରେ ଦୁର୍ଘଟଣାରେ ନବଦମ୍ପତିଙ୍କ ଜୀବନ ଗଲା। ପଛରେ ଛିଡ଼ା ହୋଇଥିଲେ ପରିବାର ସଦସ୍ୟ ଓ ଆତ୍ମୀୟ ସ୍ୱଜନ। ଏଭଳି ଦୁଃଖଦ ଘଟଣା ଘଟିଛି ଆମେରିକାର ଟେକ୍ସାସରେ। ୧୯ ବର୍ଷୀୟା ମୋର୍ଗାନ ଓ ୨୦ ବର୍ଷୀୟ ବୋଦ୍ରେକ୍ସ ପିଲାଦିନୁ ପରସ୍ପରକୁ ଭଲ ପାଉଥିଲେ ଓ ବିବାହ ପାଇଁ ନିଷ୍ପତ୍ତି ନେଇଥିଲେ। ଶୁକ୍ରବାର



ଅରେଞ୍ଜ କାଉଣ୍ଟିର ଜଷ୍ଟିସ୍ ଅଫ ପିସ୍ ଡୁବୋସ୍-ସିମୋଣ୍ଟନ୍ ସେମାନଙ୍କର ବିବାହ କରାଇଥିଲେ। ବିବାହ ଶେଷ ହେବା ପରେ ଜଷ୍ଟିସ୍ ଅଫ୍ ପିସ୍ ପରିସରରୁ କାର ଚଳାଇ ନବଦମ୍ପତି ବାହାରିବା ବେଳକୁ ଟ୍ରେଲର ଧକ୍କା ଦେଇଥିଲା।

## ଶିରୋନାମା ରଖିଥାନ୍ତି କେବଳ '୨୦'

### ଇସ୍ତଫା ଦେଇଥିବା ଆଇଏଏସ୍ ଅଧିକାରୀଙ୍କ ମତ

ନୂଆଦିଲ୍ଲୀ,୨୫।୮

ମୁଁ ଯଦି ଏକ ଖବରକାଗଜର ମାଲିକ ହୋଇଥାନ୍ତି, ଆସନ୍ତା କାଲି ତା'ର ଶିରୋନାମା ହୋଇଥାନ୍ତା କେବଳ ଗୋଟିଏ ଶବ୍ଦ '୨୦'। କାରଣ ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାରକୁ ରବିବାର କୋଡ଼ିଏ ଦିନ ପୂରୁଛି। ଉପତ୍ୟକାବାସୀଙ୍କ ଅଧିକାର ଉପରେ କୋଡ଼ିଏ ଦିନ ଧରି କଟକଣା ଜାରି କରାଯାଇଛି ବୋଲି ଇସ୍ତଫା ଦେଇଥିବା କେରଳର ଆଇଏଏସ୍ ଅଧିକାରୀ କନ୍ନାନ ଗୋପୀନାଥ କହିଛନ୍ତି। ଜମ୍ମୁ-କଶ୍ମୀରରେ



କନ୍ନାନ ଗୋପୀନାଥ

ଜରୁରିକାଳୀନ ପରିସ୍ଥିତି ଭଳି ସ୍ଥିତି ସୃଷ୍ଟି ହୋଇଛି। ଏହା ୧୯୭୦ ଦଶକ ନୁହେଁ, କି ୟେମେନ ନୁହେଁ ଯେ ତୁମେ ସମସ୍ତ ଲୋକଙ୍କ ଅଧିକାର ଛଡ଼ାଇନେବ ଓ ସେମାନେ ମୁହଁ ଫିଟାଇବେ ନାହିଁ ବୋଲି ୨୦୧୨ ବ୍ୟାଚ୍‌ର ଗୋଆ-ମିଜୋରାମ-କେନ୍ଦ୍ରଶାସିତ ଅଞ୍ଚଳ କ୍ୟାଡର ଆଇଏଏସ୍ ଅଧିକାରୀ କନ୍ନାନ ସମାଲୋଚନା କରିଛନ୍ତି। ସେ ମୁକ୍ତ ଭାବେ କହିବା ପାଇଁ ଆଇଏଏସ୍ ଚାକିରିରୁ ଇସ୍ତଫା ଦେବା ପାଇଁ ଶନିବାର ନିଷ୍ପତ୍ତି ନେଇଛନ୍ତି।

## 'ନିଷ୍ଠୁରତାକୁ ସାମ୍ନା କରିଛନ୍ତି ବିରୋଧୀ'

ନୂଆଦିଲ୍ଲୀ,୨୫।୮(ପି.ଟି.):ଶ୍ରୀନଗର ଗସ୍ତବେଳେ ବିରୋଧୀ ଜମ୍ମୁ-କଶ୍ମୀର ପ୍ରଶାସନର ନିଷ୍ଠୁରତା ଓ ସୁରକ୍ଷା ବଳର ନିର୍ମମତାର ସମ୍ମୁଖୀନ ହୋଇଛନ୍ତି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି। ସେହିପରି ଗଣମାଧ୍ୟମ ସହ ମଧ୍ୟ ଅନୁରୂପ ବ୍ୟବହାର ଦେଖାଉଛି। ୨୦ ଦିନ ହେଲା ଜମ୍ମୁ-କଶ୍ମୀରବାସୀଙ୍କ ସ୍ୱାଧୀନତା ଓ ନାଗରିକ ଅଧିକାରର ହନନ କରାଯାଉଛି ବୋଲି ରବିବାର ରାହୁଲ ଟୁଇଟ୍ କରିଛନ୍ତି। ପ୍ରକାଶ ଯେ, ରାହୁଲଙ୍କ ନେତୃତ୍ୱରେ ୧୨ ବିରୋଧୀ



ଦଳ ନେତା ଶନିବାର ଶ୍ରୀନଗର ଗସ୍ତ କରିଥିଲେ। ସେଠାରେ ପହଞ୍ଚିବା ପରେ ପ୍ରଶାସନ ତାଙ୍କୁ ବିମାନବନ୍ଦରରୁ ଦିଲ୍ଲୀକୁ ଫେରାଇଦେଇଥିଲା। ବିରୋଧୀ ନେତାମାନେ କଶ୍ମୀର ପ୍ରସଙ୍ଗକୁ ନେଇ ରାଜନୀତି କରୁଥିବା ଅଭିଯୋଗକୁ ରବିବାର କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଖଣ୍ଡନ କରିଛନ୍ତି। କଶ୍ମୀରରେ ଗଣତାନ୍ତ୍ରିକ ଅଧିକାରଗୁଡ଼ିକୁ ଛଡ଼ାଇନେବାଠାରୁ ଅଧିକ ରାଜନୀତି ଓ ଦେଶବିରୋଧୀ କାର୍ଯ୍ୟ କିଛି ନୁହେଁ ବୋଲି ସେ ଟୁଇଟ୍ କରିଛନ୍ତି।

## ବୃହତ୍ ରକେଟ ଲଞ୍ଚର ପରୀକ୍ଷା କଲା ଉତ୍ତର କୋରିଆ

ସିଓଲ,୨୫।୮

ଆମେରିକା ସହ ଅଣୁଅସ୍ତ୍ର କାର୍ଯ୍ୟକ୍ରମ ରୋକିବା ସମ୍ପର୍କରେ ଆଲୋଚନା ପୂର୍ବରୁ ଉତ୍ତର କୋରିଆ ଶନିବାର ସର୍ବବୃହତ୍ ରକେଟ ଲଞ୍ଚର ପରୀକ୍ଷା କରିଛି। ନୂତନ ଭାବେ ବିକଶିତ ଏହି ଲଞ୍ଚରରୁ ଏକସଙ୍ଗେ ଏକାଧିକ ରକେଟ ଛଡ଼ାଯାଇପାରିବ। ବାସ୍ତବରେ ଏହା ଏକ ବଡ଼ ଅସ୍ତ୍ର। ଆମେରିକା ଓ ଦକ୍ଷିଣ କୋରିଆର ମୁକାବିଲା ପାଇଁ ସେନାବାହିନୀ ନିମନ୍ତେ ଏଭଳି ଅସ୍ତ୍ରର ଆବଶ୍ୟକତା ରହିଛି ବୋଲି ପରୀକ୍ଷାସ୍ଥଳରେ ଉପସ୍ଥିତ ଥିବା ଉତ୍ତର କୋରିଆ ନେତା କିମ୍ ଜଙ୍ଗ ଉନ୍ କହିଛନ୍ତି। ପରୀକ୍ଷା ସଫଳ ହୋଇଥିବା ଉତ୍ତର କୋରିଆ ସେଣ୍ଟ୍ରାଲ ନ୍ୟୁଜ୍ ଏଜେନ୍ସି ପକ୍ଷରୁ କୁହାଯାଇଛି। ନିକଟରେ ଆମେରିକା ଓ ଦକ୍ଷିଣ କୋରିଆ ସେନାବାହିନୀ ମିଳିତ ସମରାଭ୍ୟାସ କରିଥିଲେ। ଆକ୍ରମଣ ପାଇଁ ଏହା ସେମାନଙ୍କର ରିହରସାଲ୍ ବୋଲି ଉତ୍ତର କୋରିଆ କହିଥିଲା। ଏହାର ଜବାବରେ ଉତ୍ତର କୋରିଆ ଏକାଧିକ କ୍ଷେପଣାସ୍ତ୍ର ଓ ରକେଟ ପରୀକ୍ଷା କଲାଣି। ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ କିମ୍‌ଙ୍କ ମଧ୍ୟରେ ଆଣବିକ ବୁଝାମଣା ପୂର୍ବରୁ ନିଜକୁ ଅଧିକ ଶକ୍ତିଶାଳୀ ଦର୍ଶାଇବା ପାଇଁ ଉତ୍ତର କୋରିଆ ନିଜର ଅସ୍ତ୍ର ପ୍ରଦର୍ଶନ କରୁଥିବା ବିଶେଷଜ୍ଞମାନେ କହିଛନ୍ତି। ଗତ ଫେବୃୟାରୀରେ ଭିଏତ୍‌ନାମରେ ଦୁଇ ନେତାଙ୍କ ମଧ୍ୟରେ ଦ୍ୱିତୀୟ ବୈଠକ ବିଫଳ ହୋଇଥିଲା। ଜୁନ୍‌ରେ କୋରିଆ ସୀମାରେ ଉଭୟ ପୁଣି ଥରେ ଆଲୋଚନା ଆରମ୍ଭ କରିବାକୁ ରାଜି ହୋଇଥିଲେ।

## ଜି-୭ରେ ମୋଦି

ବିଆରିଜ୍,୨୫।୮(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଫ୍ରାନ୍ସର ବିଆରିଜ୍‌ରେ ଆୟୋଜିତ ତିନିଦିନିଆ ଜି-୭ ସମ୍ମିଳନୀରେ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଛନ୍ତି। ସେ ବାହାରିନ୍‌ରୁ ଫ୍ରାନ୍ସ ଯାଇ ସମ୍ମିଳନୀରେ ବିଶ୍ୱନେତାମାନଙ୍କୁ ଭେଟିଛନ୍ତି। ସମ୍ମିଳନୀରେ ୭ ସଦସ୍ୟ ରାଷ୍ଟ୍ର (ଫ୍ରାନ୍ସ, ଇଟାଲୀ, କାନାଡା, ଆମେରିକା, ଜାପାନ, ଜର୍ମାନୀ ଓ ବ୍ରିଟେନ)ର ନେତାମାନେ ଯୋଗଦେଇଛନ୍ତି।

## ଆନ୍ଧ୍ର ପୂର୍ବତନ ବାଚସ୍ପତିଙ୍କ ବିରୋଧରେ ମାମଲା

ହାଇଦ୍ରାବାଦ,୨୫।୮

ଆନ୍ଧ୍ରପ୍ରଦେଶ ବିଧାନସଭାର ପୂର୍ବତନ ବାଚସ୍ପତି ତଥା ତେଲୁଗୁଦେଶମ୍ ପାର୍ଟିର ବରିଷ୍ଠ ନେତା କୋଡେଲା ଶିବପ୍ରସାଦ ରାଓଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଛି। ସେ ବାଚସ୍ପତି ଥିବାବେଳେ ବିଧାନସଭାର କମ୍ପ୍ୟୁଟର, ଆସବାବପତ୍ର ଆଦି ସାମଗ୍ରୀକୁ ବ୍ୟକ୍ତିଗତ ବ୍ୟବହାର ପାଇଁ ନେଇଯାଇଥିବା ଅଭିଯୋଗ ହୋଇଥିଲା। ସେଥିରେ ରହିଛି ଦାମୀ ସୋଫା ସେଟ୍, ଟେବୁଲ୍, ଚେୟାର, ଏୟାର କଣ୍ଡିସନର ଏବଂ କମ୍ପ୍ୟୁଟର। ସେଗୁଡିକ ଗୁଣ୍ଟୁର ସହରରେ ଥିବା କୋଡେଲାଙ୍କ ପୁଅ କେ. ଶିବରାମଙ୍କ ଗାଡ଼ି ଶୋ'ରୁମ୍‌ରେ ପଡିଥିବା ବିଧାନସଭାର ଜନୈକ ଅଧିକାରୀ ପୋଲିସକୁ ଜଣାଇଥିଲେ। ଥୁଲ୍ଲୁରୁ ପୋଲିସ କୋଡେଲା ଓ ତାଙ୍କ ପୁଅ ନାମରେ ଆଇପିସିର ଧାରା ୪୦୯ ଓ ୪୧୧ରେ ମାମଲା ରୁଜୁ କରିଛି।

## 'ଗଗନୟାନ' ପାଇଁ ଯନ୍ତ୍ରାଂଶ ଯୋଗାଇବ ରୁଷିଆ

ଚେନ୍ନାଇ: ଭାରତର ମାନବବାହୀ ମହାକାଶ ମିଶନ୍ 'ଗଗନୟାନ' ପାଇଁ ଜଟିଳ ଯନ୍ତ୍ରାଂଶ ଯୋଗାଇବ ରୁଷିଆ। ଏଥିପାଇଁ ଭାରତ ଖୁବ୍‌ଶୀଘ୍ର ରୁଷିଆ ସହିତ ବିସ୍ତୃତ ଆଲୋଚନାର କରିବା କାର୍ଯ୍ୟକ୍ରମ ରହିଛି। ଭାରତର ମାନବ ମିଶନ୍ ପାଇଁ ମହାକାଶଚାରୀ ସିଟ୍, ଉଇଣ୍ଡୋ ଏବଂ ସ୍ପେସ୍‌ସୁଟ୍ ଯୋଗାଣ ପାଇଁ ଦୁଇଦେଶ ମଧ୍ୟରେ ସହମତିଭିତ୍ତିକ ଆଲୋଚନା ହେବା ଆଶା କରାଯାଉଛି ବୋଲି ରୁଷିଆ ପରିଚାଳିତ ମହାକାଶ ନିଗମ 'ରସକସମସ୍' ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ରୁଷିଆର ଭ୍ଲାଡିଭୋଷ୍ଟକଠାରେ ସେପ୍ଟେମ୍ବର ୪ରୁ ୬ ମଧ୍ୟରେ ହେଉଥିବା ପ୍ରାଚ୍ୟ ଅର୍ଥନୀତି ସମ୍ମିଳନୀ ସମୟରେ ଭାରତ ଓ ରୁଷିଆ ମଧ୍ୟରେ ଉଚ୍ଚସ୍ତରୀୟ ବୈଠକ ହେବା ସମ୍ଭାବନା ଅଛି। ଅଗଷ୍ଟ ୨୧ରେ ଏ ସଂକ୍ରାନ୍ତରେ ମସ୍କୋଠାରେ ଭାରତର ଜାତୀୟ ନିରାପତ୍ତା ପରାମର୍ଶଦାତା ଅଜିତ ଡୋଭାଲ ଏବଂ ରସକସମସ୍ ନିର୍ଦ୍ଦେଶକ



ଜେନେରାଲ ଡିମିଟ୍ରି ରୋଗୋଜିନ୍‌ଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଦୁଇ ଦେଶ ମଧ୍ୟରେ ମାନବଯୁକ୍ତ ମହାକାଶଯାନ, ସାଟେଲାଇଟ ନ୍ୟାଭିଗେଶନ୍ ଏବଂ ଇଞ୍ଜିନ ଟେକ୍ନୋଲୋଜି କ୍ଷେତ୍ରରେ ସହଯୋଗ ଉପରେ ବିସ୍ତୃତ ଆଲୋଚନା ହେବ ବୋଲି ରସକସମସ୍ ପକ୍ଷରୁ କୁହାଯାଇଛି। ରୋଗୋଜିନ ଏବଂ ଡୋଭାଲଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତା ଅନୁଯାୟୀ ଭାରତର ୪ ମହାକାଶଚାରୀଙ୍କୁ ୟୁରି ଗାଗାରିନ କସ୍ମୋନଟ୍ସ ଟ୍ରେନିଂ ସେଣ୍ଟରରେ ତାଲିମ ପ୍ରଦାନ କରାଯିବ। ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଏ ସଂକ୍ରାନ୍ତରେ ଏକ ରାଜିନାମା ସ୍ୱାକ୍ଷର ହେବ। ଭାରତର ପ୍ରଥମ ମାନବ ମିଶନ୍ ଗଗନୟାନ ୨୦୨୨ରେ ଲଞ୍ଚ୍ ହେବାକୁ ଯାଉଛି।

### [ଇତିହାସର ଆଇନାରେ]

**ଅଗଷ୍ଟ ୨୬ର ପ୍ରମୁଖ ଘଟଣା**

୧୯୯୯ ଅଗଷ୍ଟ ୨୬ରେ ଦ୍ୱିତୀୟ ଚେଚେନ ଯୁଦ୍ଧ ଆରମ୍ଭ କରିଥିଲା ରୁଷିଆ। ଏହା ଥିଲା ଉତ୍ତର କାଉକାସିଆନ ଅଞ୍ଚଳରେ ଆତଙ୍କବାଦୀ ବିରୋଧୀ ଅଭିଯାନ। ରଷିଆନ୍ ଫେଡେରେଶନ୍ ଏବଂ ଚେଚେନ ରିପବ୍ଲିକ୍ ଅଫ୍ ଇଚ୍‌କେରିଆ ମଧ୍ୟରେ ଏହି ଯୁଦ୍ଧ ହୋଇଥିଲା। ବିଭିନ୍ନ ଇସଲାମିକ୍ ଉଗ୍ରପନ୍ଥୀ ଗୋଷ୍ଠୀ ଏହି ଯୁଦ୍ଧରେ ସାମିଲ ହୋଇଥିଲେ।

୨୦୧୫ ଅଗଷ୍ଟ ୨୬ରେ ଭର୍ଜିନିଆର ମୋନେଟାଠାରେ ୨ଜଣ ଆମେରିକୀୟ ଖବରଦାତା ରିପୋର୍ଟିଂ କରୁଥିବାବେଳେ ତାଙ୍କର ଜଣେ ପୂର୍ବତନ ସହକର୍ମୀ ଦୁଇଜଣଙ୍କୁ ଗୁଳିକରି ହତ୍ୟା କରିଥିଲେ। ମୋନେଟା ହେଉଛି ଫ୍ରାଙ୍କଲିନ୍ କାଉଣ୍ଟିର ଏକ ଅଞ୍ଚଳ, ଯାହା ଚଳଚ୍ଚିତ୍ର ଶୁଟିଂ ପାଇଁ ପ୍ରସିଦ୍ଧ।

## ମୋ ଆଚରଣ ସ୍ୱାଭାବିକ: ଅନନ୍ୟା ପାଣ୍ଡେ

ମୁମ୍ବାଇ: ପ୍ରଯୋଜକ କରନ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ୍ ଦି ୟର୍'ରେ ଅଭିନୟ ସହ ବଲିଉଡ଼ରେ ପଦାର୍ପଣ କରିଛନ୍ତି ଅଭିନେତ୍ରୀ ଅନନ୍ୟା ପାଣ୍ଡେ। ଏହାଦ୍ୱାରା ତାଙ୍କ ଜୀବନରେ ପରିବର୍ତ୍ତନ ଘଟିଥିଲେ ବି ତାଙ୍କର ଆଚରଣ ସ୍ୱାଭାବିକ ରହିଛି ବୋଲି ସେ ପ୍ରକାଶ କରିଛନ୍ତି। ୨୦ବର୍ଷ ବୟସ୍କା ଏହି ତରୁଣୀ କହିଛନ୍ତି, ପ୍ରଥମ ଫିଲ୍ମରେ ଅଭିନୟ କରିବା ପରେ ଜୀବନରେ ନିଶ୍ଚୟ ପରିବର୍ତ୍ତନ ଘଟିଛି। ତେବେ ସେ ସବୁବେଳେ ଜଣେ ନବ ତରୁଣୀ ଭଳି ଆଚରଣ କରିଥାନ୍ତି ବୋଲି କହିଛନ୍ତି। ଅନନ୍ୟା ହେଉଛନ୍ତି ଲୋକପ୍ରିୟ ହାସ୍ୟାଭିନେତା ଚଙ୍କି ପାଣ୍ଡେଙ୍କ କନ୍ୟା। ଜଣେ କଳାକାର ପରିବାରରେ ଜନ୍ମ ହୋଇଥିବାରୁ ସେ ନିଜକୁ ଧନ୍ୟ ମନେକରନ୍ତି। ଏଥିପାଇଁ ବଲିଉଡରେ ପ୍ରବେଶ କରିବା ତାଙ୍କ ପାଇଁ ଖୁବ୍ ସହଜ ହୋଇଥିବା ସେ ଅନୁଭବ କରନ୍ତି। ତେବେ ସେ ଏ କଥା ମଧ୍ୟ କହିଛନ୍ତି ଯେ, ଜଣେ ଅଭିନେତାଙ୍କ କନ୍ୟା ହୋଇଥିବାରୁ ଫିଲ୍ମରେ ପ୍ରବେଶ କରିବା ସହଜ ହୋଇଥିଲେ ହେଁ ଏ ଦିଗରେ ଆଗ୍ରହ ନ ଥିଲେ କେହି ସହାୟକ ହୋଇପାରିବେ ନାହିଁ।





ବଡ଼ ମାଛ ଧରିବାକୁ ହେଲେ ବନ୍‌ଶି ପକାଇ ଘଣ୍ଟା ଘଣ୍ଟା ଧରି ଚୁପ୍‌ଚାପ ଅପେକ୍ଷା କରିବାକୁ ପଡ଼େ। ସେହିଭଳି ଭକ୍ତଙ୍କୁ ଧୈର୍ଯ୍ୟ ସହକାରେ ପ୍ରାର୍ଥନା କରିବାକୁ ହୁଏ। ପ୍ରାର୍ଥନା କରୁ କରୁ ଦିନେ ନା ଦିନେ ଭଗବାନଙ୍କ ଦର୍ଶନ ହେବା। - **ଶ୍ରୀ ରାମକୃଷ୍ଣ ପରମହଂସ**

## ସଂକ୍ଷେପରେ

### ପୋଲ ତଳକୁ ଖସିଲା ଟ୍ରାକ୍ଟର
### ୨ ମୃତ, ଜଣେ ଗୁରୁତର

ପଟ୍ଟାଙ୍ଗି,୨୫।୮(ଡି.ଏନ୍.ଏ.): କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅଞ୍ଚଳରେ ଶନିବାର ପୋଲ ତଳକୁ ଏକ ଟ୍ରାକ୍ଟର ଖସିପଡ଼ିବାରୁ ସେଥିରେ ଥିବା ୩ ଜଣଙ୍କ ମଧ୍ୟରୁ ୨ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଅମ୍ଭାବାଲି ପଞ୍ଚାୟତ ମୁସୁରିଗୁଡ଼ା ଗ୍ରାମର ଚିନ୍ତା ବାନି, କାରେସପାଡୁ ଗ୍ରାମର ବେଟକାରି ଭୀମ, ଗାଲୁଙ୍ଗୁ ବୋଇ ରାଜୁ ଶନିବାର ସନ୍ଧ୍ୟାରେ ଅମ୍ଭାବାଲି ସିମେଣ୍ଟ କାରଖାନା ନିକଟସ୍ଥ ହୋଟେଲରୁ ଖାଇସାରି ପବିତ୍ର ଜାନିଙ୍କ ଟ୍ରାକ୍ଟରରେ ଘରକୁ ଫେରୁଥିଲେ। ବାଟରେ ଟ୍ରାକ୍ଟର ଭାରସାମ୍ୟ ହରାଇ ପୋଲ ତଳକୁ ଖସିପଡ଼ିଥିଲା। ଏଥିରେ ଘଟଣାସ୍ଥଳରେ ହିଁ ଚିନ୍ତାଙ୍କ ମୃତ୍ୟୁ ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଉଥିବା ବେଳେ ବେଟକାରୀ ଆଖି ବୁଜିଥିଲେ। ଗାଲୁଙ୍ଗୁଙ୍କ ଗୋଡ଼ରେ ଗଭୀର କ୍ଷତ ହୋଇଥିବା ବେଳେ ତାଙ୍କୁ ନିକଟସ୍ଥ ସୁଙ୍କି ଡାକ୍ତରଖାନା ନିଆ ନଯାଇ ଆନ୍ଧ୍ରର ସାଲୁର ବ୍ଲକସ୍ଥିତ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରବିବାର ଦୁର୍ଘଟଣା ସମ୍ପର୍କରେ ଲିଖିତ ଏତଲା ହେବା ପରେ ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ବିଧାୟକ ପ୍ରୀତମ ପାଢ଼ୀ ଥାନାରେ ପହଞ୍ଚି ପୋଲିସ ସହ ଆଲୋଚନା କରିଥିଲେ। ପୋଲିସ ୨ଟି ମୃତଦେହ ଜବତ କରି ଏହାର ବ୍ୟବଚ୍ଛେଦ କରାଇବା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

## ■ ମାର୍ଚ୍ଚରେ ସରିବ ୩ ଖଣି ଲିଜ୍ ଅବଧି
# ବିକାଶ ହାର ହୋଇପାରେ ମାପଦଣ୍ଡ

ଯାଜପୁର ଅଫିସ/କାଳିଆପାଣି (ଡି.ଏନ.ଏ.),୨୫।୮

- ପୁନଃ ଲିଜ୍ ଦୌଡ଼ରେ ଟାଟା ଷ୍ଟିଲ, ବିସି ମହାନ୍ତି, ମିଶ୍ରିଲାଲ
- ଆଶା ଆଶଙ୍କାରେ ଶ୍ରମିକ, କର୍ମଚାରୀ



ଆଉ ମାତ୍ର ୭ମାସ ପରେ ଯାଜପୁର ଜିଲା ରତ୍ନଗର୍ଭା ସୁକିନ୍ଦା ଅଞ୍ଚଳ ଟାଟା ଷ୍ଟିଲର ସୁକିନ୍ଦା କ୍ରୋମାଇଟ ଖଣି, ବିସି ମହାନ୍ତି କମର୍ଦ୍ଧା ଖଣି ଓ ମିଶ୍ରିଲାଲର ସାରୁଆବିଲ କ୍ରୋମ ଖଣି ଅବଧି ଶେଷ ହେବାକୁ ବସିଛି। ନିକଟରେ କମର୍ଦ୍ଧା ଓ ସାରୁଆବିଲ ଖଣି ପାଇଁ ନିଲାମ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ମାଇନ୍ସ ଆଣ୍ଡ ମିନେରାଲ୍ସ, ଡେଭଲପମେଣ୍ଟ ଆଣ୍ଡ ରେଗୁଲେଶନ (ଏମଏମଡିଆର) ଆକ୍ଟ-୨୦୧୫ ଅନୁଯାୟୀ ନିଲାମ କରାଯିବ। ତେଣୁ ନିଲାମ ପ୍ରକ୍ରିୟା ଦେଇ ଏହି ଖଣି ମାଲିକମାନେ ପୁଣି ଲିଜ୍ ପାଇବେ କି ନାହିଁ ସେ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ବିଶେଷ କରି ସ୍ଥାନୀୟ ଗାଡି ମାଲିକ, କର୍ମଚାରୀ ଓ ଶ୍ରମିକଙ୍କ ମହଲରେ ଭାଳେଣି ପଡିଛି। ତେବେ ଲିଜ୍ ପାଇଥିବା ଖଣି ମାଲିକମାନେ ଖଣିଜ ସମ୍ପଦ ଉତ୍ତୋଳନ ହାରରେ କିଏ କେତେ ଅଞ୍ଚଳର ବିକାଶ କରିଛି ତାକୁ ଲିଜ ପ୍ରକ୍ରିୟା ସମୟରେ ରାଜ୍ୟ ସରକାର ମାପଦଣ୍ଡ ଭାବେ ନେଇ ପାରନ୍ତି ବୋଲି ମତପ୍ରକାଶ ପାଉଛି।

ସୁକିନ୍ଦା ବ୍ଲକ କାଳିଆପାଣି ଅଞ୍ଚଳରେ ଭାରତ ବର୍ଷର ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ କ୍ରୋମାଇଟ ଗଚ୍ଛିତ ରହିଛି । କେନ୍ଦ୍ର ଖଣି ମନ୍ତ୍ରଣାଳୟ ପକ୍ଷରୁ ଆଗାମୀ ଦିନରେ ଓଡିଶାର ୩୪ଟି ଖଣି ନିଲାମ ହେବାକୁ ଥିବାବେଳେ ସେଥିରୁ ସୁକିନ୍ଦାର ୩ଟି ଖଣି ରହିଛି। ସୁକିନ୍ଦା ଖଣିଅଞ୍ଚଳରେ ୨୩୯୧.୭୯ ହେକ୍ଟର ପରିମିତ ବିଶିଷ୍ଟ ମୋଟ ୧୨ଟି ଖଣିରୁ ବାର୍ଷିକ ୨୫୮୯୬୫.୫୭୪ ମେଟ୍ରିକ ଟନ କ୍ରୋମାଇଟ ଉତ୍ତୋଳନ ହେଉଛି । ଟାଟା, ମିଶ୍ରିଲାଲ ଓ ବିସି ମହାନ୍ତି ଖଣିକୁ ବାଦ ଦେଲେ ଓଡ଼ିଶା ଖଣି ନିଗମ, ଜିନ୍ଦଲ, ବାଲେଶ୍ୱର ଆଲଏଜ, ଫେକର, ଆଇଡିସି, ଇମ୍ଫା ଭଳି କଂପାନୀ କ୍ରୋମ ଉତ୍ତୋଳନ କରୁଛନ୍ତି। ଏହି ସମସ୍ତ ଖଣିରୁ ବାର୍ଷିକ ୩୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ରାଜସ୍ୱ ଆକାରରେ ମିଳିଥାଏ। ଏଥିରୁ ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମଏଫ) ପାଣ୍ଠି ହୋଇଥାଏ। ନିକଟରେ ଓଡ଼ିଶା ସରକାରଙ୍କ ୬୫.୬୮୩ ହେକ୍ଟର ବିଶିଷ୍ଟ ଆଇଡିସି ଟୈଲଙ୍ଗି ଖଣି ବନ୍ଦ ହେବା ଦ୍ୱାରା ୮୦୦ରୁ ଉର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀଙ୍କ ଜୀବିକା ଯାଇଛି। ଏହା ପୂର୍ବରୁ ୮୯ ହେକ୍ଟର ବିଶିଷ୍ଟ ଜିନ୍ଦଲ ଖଣି ବନ୍ଦ ହୋଇପଡିଛି। ଏଥିରେ ନିୟୋଜିତ ୪ଶହରୁ ଉର୍ଦ୍ଧ୍ୱ ଶ୍ରମିକଙ୍କ ଦାନାପାଣି ଯାଇଛି। ଏହିକ୍ରମରେ ୪୦୬ ହେକ୍ଟର ବିଶିଷ୍ଟ ଟାଟାର ସୁକିନ୍ଦା କ୍ରୋମାଇଟ ମାଇନ୍ସ ୨୦୨୦ ମାର୍ଚ୍ଚ ସୁଦ୍ଧା ବନ୍ଦ ହୁଏ ତେବେ ଏହି ଖଣିରୁ ଉତ୍ତୋଳନ ହେଉଥିବା ଅନ୍ୟୂନ ୯୨୬୮୬୧.୧୮ ମେଟ୍ରିକ ଟନ କ୍ରୋମ ଉତ୍ତୋଳନ ବାଧାପ୍ରାପ୍ତ ହେବ। ଯାହା ଦ୍ୱାରା ଟାଟାର ନିଜସ୍ୱ କାରଖାନା ସହିତ ଦେଶ ଓ ବିଦେଶରେ ଥିବା ବହୁ କ୍ରୋମ ଭିତ୍ତିକ ଶିଳ୍ପ ପ୍ରଭାବିତ ଏବଂ ବନ୍ଦ ହେବାର ସମ୍ଭାବନା ରହିଛି। ସେହିପରି ଏହି ଖଣିରେ କାର୍ଯ୍ୟ କରୁଥିବା ୩୫୦୦ରୁ ଉର୍ଦ୍ଧ୍ୱ ଶ୍ରମିକଙ୍କ ଜୀବିକା ପ୍ରଭାବିତ ହେବ। ତେବେ ଯିଏ ବି ଏହି ଖଣି ଲିଜ ପାଇବ ବର୍ତ୍ତମାନ କାର୍ଯ୍ୟରତ କର୍ମଚାରୀ ଓ ଶ୍ରମିକ ପୁଣି ସେଠାରେ ନିୟୋଜିତ ହେବା ନେଇ ଆଶଙ୍କା ଦେଖାଦେଇଛି। ତେବେ ନିକଟରେ ୨୪୬.୮୫୮ ହେକ୍ଟର ବିଶିଷ୍ଟ ମିଶ୍ରିଲାଲର ସାରୁଆବିଲ ଖଣି ଏବଂ ୧୦୭.୨୪ ହେକ୍ଟର ବିଶିଷ୍ଟ ବିସି ମହାନ୍ତି ଆଣ୍ଡ ସନ୍ସ କ୍ରୋମାଇଟ ଖଣିର ନିଲାମ ପାଇଁ ସରକାର ନୋଟିସ ଜାରି କରିଛନ୍ତି । କିନ୍ତୁ ଟାଟା କମ୍ପାନୀ ଖଣି ଲିଜ ସଂକ୍ରାନ୍ତରେ ରାଜ୍ୟ ସରକାର ନୀରବ ରହିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରିଛି । ପ୍ରାୟ ୧୯୫୨ ମସିହାରୁ ଟାଟା ଖଣି ଏଠାରେ କ୍ରୋମାଇଟ ଉତ୍ତୋଳନ କରୁଛି । ତଦନୁସାରେ ସୁକିନ୍ଦା ଖଣି ଅଞ୍ଚଳର ଯେଉଁଭଳି ବିକାଶ ହେବା କଥା ତାହା ହୋଇପାରି ନାହିଁ । ଏବେ ବି ସୁକିନ୍ଦା ଖଣି ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଜୁଳି ଭଳି ସମସ୍ୟା ଲାଗି ରହିଛି। ନଗଡ଼ାରେ ଅପପୁଷ୍ଟି ଜନିତ ଶିଶୁମୃତ୍ୟୁ ସାରା ଭାରତରେ ବଦନାମ ଆଣିଛି । ଏଥିଯୋଗୁ ଟାଟା ଷ୍ଟିଲ ଉପରେ ସରକାର ଆଉ ଭରସା କରିବେ କି ନାହିଁ ତାହା ସନ୍ଦେହରେ ରହିଛି । ଟାଟା ଷ୍ଟିଲ ବିଭିନ୍ନ ପାରିପାର୍ଶ୍ୱିକ କାର୍ଯ୍ୟକ୍ରମ ଚଳାଇଛି ସତ ହେଲେ ୬୭ ବର୍ଷର କ୍ରୋମାଇଟ ଉତ୍ତୋଳନ ହାରକୁ ଅବଲୋକନ କଲେ ବିକାଶ ନଗଣ୍ୟ ବୋଲି ମତପ୍ରକାଶ ପାଉଛି । ତେଣୁ ଯିଏ ବି ଏହି ୩ ଖଣିର ଲିଜ ପାଇବ, ସେ ବିକାଶକୁ ନିଶ୍ଚିତ ଭାବେ ଅଗ୍ରାଧିକାର ଦେବେ ବୋଲି ସରକାର ଚିନ୍ତା କରୁଥିବା କୁହାଯାଉଛି। ଏ ସଂକ୍ରାନ୍ତରେ ଖଣି ବିଭାଗର ଜଣେ ଅଧିକାରୀଙ୍କୁ ପଚାରିବାରୁ, ଲିଜ୍ ଅବଧି ସରିବା ପରେ ଆଇନ ଓ ନିୟମ ଅନୁସାରେ ଲିଜ ଦିଆଯିବ। ଏଥିପାଇଁ ୨ଟି ଖଣିର ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଛି।

### ବିଳମ୍ବିତ ହେଉଛି ଓସା ନିର୍ବାଚନ

ଭୁବନେଶ୍ୱର,୨୫।୮(ବ୍ୟୁରୋ)

ସଚିବାଳୟ ସେବା ସଂଘ(ଓସା) ପକ୍ଷରୁ ପ୍ରତି ଦୁଇବର୍ଷରେ ଥରେ ନିର୍ବାଚନ ହୋଇଥାଏ। ୨୦୧୭ରେ ନିର୍ବାଚିତ ହୋଇଥିବା ପ୍ରତିନିଧିଙ୍କ କାର୍ଯ୍ୟକାଳ ଗତ ଜୁନ୍‌ରୁ ସମାପ୍ତ ହୋଇଛି। ଇତିମଧ୍ୟରେ ଦୁଇ ମାସ ବିତିଗଲାଣି, ହେଲେ ପରବର୍ତ୍ତୀ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଦରମା ବୃଦ୍ଧି, ଘରଭଡ଼ା ଭତ୍ତା, ମେଡିକାଲ ଭତ୍ତା, ସଚିବାଳୟ ପାଇଁ ସ୍ୱତନ୍ତ୍ର କଲୋନୀ ବ୍ୟବସ୍ଥା, ଅଧିକାରୀଭିତ୍ତିକ ପ୍ରଶାସନ ପ୍ରଚଳନ ଏବଂ ବିଭାଗ-ନିର୍ଦ୍ଦେଶାଳୟ ସମ୍ମିଶ୍ରଣ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି। ଓସା ହିଁ କର୍ମଚାରୀମାନଙ୍କ ଦାବିକୁ ଶୀର୍ଷ ପ୍ରଶାସନରେ ପହଞ୍ଚାଇବାର ମାଧ୍ୟମ। ତେଣୁ ପରବର୍ତ୍ତୀ ନିର୍ବାଚନ କେବେ, ତାହାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। କେତେକ କର୍ମଚାରୀଙ୍କ ଅଭିଯୋଗ ଅନୁଯାୟୀ, ନିର୍ବାଚିତ ପ୍ରତିନିଧିମାନଙ୍କ ମଧ୍ୟରେ ତାଳମେଳ ରହୁନାହିଁ। ଏପରି କି ଉଚ୍ଚ ପଦବୀରେ ଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ସମନ୍ୱୟ ରହୁନାହିଁ। ଓସାର ବିଭିନ୍ନ କମିଟି କ୍ରିୟାଶୀଳ ହେବା ଦୂରର କଥା, ଗଠନ ମଧ୍ୟ ହୋଇନାହିଁ। ୨୦୧୫-୧୭ ମଧ୍ୟରେ ସଂଘର ପ୍ରାୟ ୩୨ ଲକ୍ଷ ଟଙ୍କାର ହିସାବ ଏବଂ ଭାଉଚର ନାହିଁ। ତେଣୁ ଓସାର ପୁରାତନ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଫେରାଇ ଆଣିବା ପାଇଁ ନିର୍ବାଚନର ଆବଶ୍ୟକତା ଥିବା ଅନେକେ ମତ ରଖିଛନ୍ତି।

# ବିପୁଳ ପରିମାଣର କଫ୍ ସିରପ୍ ଜବତ

ସମ୍ବଲପୁର,୨୫।୮(ବ୍ୟୁରୋ)

- ମୁଖ୍ୟ ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ
- କଫ୍ ସିରପ୍‌ରେ ନିଶା ବଟିକା ମିଶାଇ ବିକ୍ରି ଅଭିଯୋଗ

ସମ୍ବଲପୁର ଟାଉନ ଥାନା ପୋଲିସ କଫ୍ ସିରପ୍ ବିକ୍ରି କରୁଥିବା ଏକ ର୍ୟାକେଟର ୫ ସଦସ୍ୟଙ୍କୁ ଗିରଫ କରିଛି। ସହରର ଦଲେଇପଡ଼ା ଓ ସାହୁ କଲୋନୀରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି। ସାହୁ କଲୋନୀରୁ ରଜେଶ ନାଗ (୩୫) ଓ ସୋମନାଥ ବେହେରା (୩୫)ଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଏକ ମାମଲା (ନଂ. ୩୪୦/୧୯) ରୁଜୁ କରାଯାଇଛି। ଏମାନଙ୍କ ନିକଟରୁ ୬୦୧ ବୋତଲ କଫ୍ ସିରପ୍ ଏବଂ ୨ ହଜାର ଟଙ୍କା ସହ ବ୍ୟବହୃତ ବାଇକ୍ (ନଂ. ଓଡି ୧୫-ଏଲ୍‌୩୦୭୬) ଜବତ କରାଯାଇଛି। ସେହିପରି ଦଲେଇପଡ଼ାରେ ଚଢ଼ାଉ କରି କମେଶ ସାହା (୨୨), ଶୁଞ୍ଜବତ ରାୟ (୨୮) ଓ ସତ୍ୟ ଭୋଇଙ୍କୁ ଗିରଫ କରାଯାଇଛି। ଏମାନଙ୍କ ନିକଟରୁ ୫୧୬ ବୋତଲ କଫ୍ ସିରପ୍ ଏବଂ ୧ ହଜାର ଟଙ୍କା ଜବତ କରାଯାଇଛି। ଏ ନେଇ ଏକ ମାମଲା (ନଂ. ୩୪୧/୧୯) ରୁଜୁ ହୋଇଥିବା ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଥିଲେ, ଅଭିଯୁକ୍ତମାନେ କଫ୍ ସିରପ୍‌ରେ ନିଶା ବଟିକା ମିଶାଇ ବିକ୍ରି କରୁଛନ୍ତି। ପୋଲିସକୁ ମୁଖ୍ୟ ଅଭିଯୁକ୍ତଙ୍କ ସୁରାକ ମିଳିଛି। ତାଙ୍କୁ ଧରିବା ଦିଗରେ ପଦକ୍ଷେପ ନିଆଯାଉଛି। ରାଜ୍ୟ ବାହାରୁ କଫ୍ ସିରପ୍ ଅଣାଯାଇ ଏଠାରେ ବିକ୍ରି କରାଯାଉଥିବା ପୋଲିସ ସନ୍ଦେହ କରୁଛି ବୋଲି ଅତିରିକ୍ତ ଏସ୍‌ପି ମହାପାତ୍ର କହିଥିଲେ। ଖବରଦାତା ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ରମେଶ ଚନ୍ଦ୍ର ଦୋରା ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ସହରର ଅନେକ ସ୍ଥାନରେ ଏପରି କଫ୍ ସିରପ୍ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ପୋଲିସ ଚଢ଼ାଉ କରି ନିଶା କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି ହେଉଛି।



ସମ୍ବଲପୁର ଟାଉନ ଥାନା ପୋଲିସ ଦ୍ୱାରା ଗିରଫ ଅଭିଯୁକ୍ତଙ୍କ ସହ ଜବତ କଫ୍ ସିରପ୍।

## ■ ସବ୍‌ଡେଗା ବ୍ଲକ ଅଞ୍ଚଳରେ ଲୋକେ ଆତଙ୍କିତ
# ହାତୀ ଆକ୍ରମଣରେ ଜଣେ ମୃତ, ଦମ୍ପତି ଗୁରୁତର



ହାତୀ ଆକ୍ରମଣରେ ମୃତ ଶଙ୍କରଙ୍କ ୩ ନାବାଳକ ଝିଅପୁଅ।

ସୁନ୍ଦରଗଡ଼/ସବ୍‌ଡେଗା, ୨୫।୮ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବ୍ଲକ ଅଞ୍ଚଳରେ ଶନିବାର ରାତିରେ ଏକ ଦନ୍ତାହାତୀ ତାଣ୍ଡବ ଚଳାଇବାରୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ହାତୀ ଆକ୍ରମଣରେ ଏହି ବ୍ଲକର କରମଡିହି ପଞ୍ଚାୟତ କଟଙ୍ଗିଡିହି ଗ୍ରାମର ଶଙ୍କର ତନ୍ତୀ (୪୫)ଙ୍କ ମୃତ୍ୟୁ ଘଟିଛି। ହମିରପୁର ପଞ୍ଚାୟତ ବୀରତୁଲା ଗ୍ରାମରେ ଏକ ଦମ୍ପତି ଗୁରୁତର ହୋଇଛନ୍ତି। ହାତୀ ଘରଦ୍ୱାର ଭାଙ୍ଗିବା ସହ ବ୍ୟାପକ କ୍ଷତି କରିଛି। ମୃତାହତ ପରିବାର ଲୋକଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ସହକାରୀ ବନସଂରକ୍ଷକ ଟଙ୍କଧର ବେହେରା କହିଛନ୍ତି।

ହାତୀ ପ୍ରଥମେ ଶନିବାର ସନ୍ଧ୍ୟାରେ କୁରୁମକେଲା ପଞ୍ଚାୟତର ହୁଟୁପାନି ଗ୍ରାମରେ ଦୁଇ ଜଣଙ୍କର ଘର ଭାଙ୍ଗିଥିଲା। ଲୋକେ ଆତଙ୍କିତ ହୋଇ ହାତୀକୁ ଗାଁରୁ ଘଉଡାଇ ଦେଇଥିଲେ। ଖବର ପାଇ ବନବିଭାଗ କର୍ମଚାରୀ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଥିଲେ। ପରେ ହାତୀ ୨୪ କି.ମି. ଅତିକ୍ରମ କରି ହମିରପୁର ପଞ୍ଚାୟତ ବୀରତୁଲା ଗ୍ରାମରେ ପଶିଥିଲା। ସେଠାରେ କୁମରମଣି ସାହୁଙ୍କ ଘର ଭାଙ୍ଗିଥିଲା। ଘରେ ଶୋଇଥିବା କୁମରମଣି ଓ ତାଙ୍କ ସ୍ତ୍ରୀ ପଦ୍ମିନୀଙ୍କୁ ଆକ୍ରମଣ କରିଥିଲା। ପଦ୍ମିନୀ ପ୍ରାଣ ବିକଳରେ ଦୌଡ଼ି ପଳାଇ ଯାଇଥିଲେ। କୁମରମଣିଙ୍କୁ ଶୁଣ୍ଢରେ ଧରି ହାତୀ ଦୂରକୁ ଫୋପାଡି ଦେଇଥିଲା। ଏଥିରେ ତାଙ୍କ ପେଟ ଫାଟି ଅନ୍ତବୁଜୁଳା ବାହାରି ପଡିଥିଲା। ସେ ବୁଦା ମଝିରେ ପଡିବାରୁ ହାତୀ ଦେଖି ନ ପାରି ଚାଲି ଯାଇଥିଲା। ପରେ ଗ୍ରାମବାସୀ ଓ ବନବିଭାଗ ତାଙ୍କୁ ଉଦ୍ଧାର କରି ସୁନ୍ଦରଗଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା। ପରେ ହାତୀ ୪ କି.ମି ଅତିକ୍ରମ କରି କରମଡିହି ପଞ୍ଚାୟତର କଟଙ୍ଗିଡିହି ଗ୍ରାମରେ ପଶିଥିଲା। ସେଠାରେ ଅଙ୍ଗନୱାଡି ଘର କବାଟ ଭାଙ୍ଗି ଭିତରକୁ ପଶି ଗଚ୍ଛିତ ଥିବା ଚାଉଳ ବସ୍ତା ଖାଇବା ସହ ଫୋପାଡି ଦେଇ ଗାଁ ବସ୍ତିରେ ପଶି ମଣ୍ଡପ ଆଡକୁ ଯାଇଥିଲା। ରାତିରେ ବର୍ଷା ଓ ବିଜୁଳି ମାରୁଥିବାରୁ ଲୋକେ ମଣ୍ଡପରେ କଣ ଘଟିଛି ଜାଣିପାରି ନ ଥିଲେ। ରବିବାର ସକାଳେ କଟଙ୍ଗିଡିହି ଗାଁ ଲୋକେ ଗାଁ ମଝିରେ ଥିବା ମଣ୍ଡପ ନିକଟକୁ ଯାଇଥିଲେ। ମଣ୍ଡପ ଭିତରେ ମଶାରି ଟାଣି ଶୋଇଥିବା ଶଙ୍କରଙ୍କୁ ମୃତ ଅବସ୍ଥାରେ ଦେଖିଥିଲେ। ମଣ୍ଡପ ଗ୍ୟାଲେରି ଭାଙ୍ଗିଥିବା, ହାତୀ ପାଦ ଚିହ୍ନ ଥିବାରୁ ହାତୀ ଶୁଣ୍ଢରେ କଚାଡ଼ି ମାରିଥିବା ଜାଣି ବନବିଭାଗ ଓ ପୋଲିସକୁ ଖବର ଦେଇଥିଲେ। ସୁନ୍ଦରଗଡ଼ ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ଶଙ୍କରଙ୍କ ମୃତ୍ୟୁ ପରେ ତାଙ୍କ ୩ ନାବାଳକ ଝିଅପୁଅ ଅନାଥ ହୋଇଯାଇଥିବାରୁ ସମସ୍ତ ସହଯୋଗ, ସହାୟତା ଯୋଗାଇ ଦିଆଯିବ ବୋଲି କରମଡିହି ସରପଞ୍ଚ ଭରତ ଏକ୍କା କହିଛନ୍ତି। କଟଙ୍ଗିଡିହି ନଦୀ ପାରି ହୋଇ ରକ୍ତମୁଖା ହାତୀ କନିକାଡ଼ିପା ଗ୍ରାମ ନିକଟ ଜଙ୍ଗଲରେ ଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

### ଆଜି ମାଓବାଦୀ ହିଂସା ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ବୈଠକ

ଭୁବନେଶ୍ୱର,୨୫।୮(ବ୍ୟୁରୋ)

- ଯୋଗଦେବେ ୧୦ ରାଜ୍ୟର ମୁଖ୍ୟମନ୍ତ୍ରୀ
- ଅଧିକ ମୋବାଇଲ ଟାୱାର, ବ୍ୟାଙ୍କିଙ୍ଗ୍ ସେବା ଦାବି କରିବ ଓଡ଼ିଶା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହଙ୍କ ଅଧ୍ୟକ୍ଷତାରେ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ଓ ନିରାପତ୍ତା ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ଅନୁଷ୍ଠିତ ହେବ। ଏଥିରେ ମାଓ ପ୍ରଭାବିତ ୧୦ଟି ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ ଏହି ବୈଠକରେ ଯୋଗଦେବେ। ଶୁକ୍ରବାରଠାରୁ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତରେ ଅଛନ୍ତି। ଏହି ବୈଠକରେ ଯୋଗଦେବାକୁ ଓଡ଼ିଶା ସମେତ ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀମାନଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛି। ଜାତୀୟସ୍ତରୀୟ ଏହି ବୈଠକ ପୂର୍ବରୁ ରାଜ୍ୟସ୍ତରରେ ଗତ ଗୁରୁବାର ସଚିବାଳୟଠାରେ ଏକ ସମୀକ୍ଷା ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି। ଓଡ଼ିଶା ପକ୍ଷରୁ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଅଧିକ ମୋବାଇଲ ଟାୱାର ସ୍ଥାପନ ଏବଂ ବ୍ୟାଙ୍କିଙ୍ଗ୍ ସେବା ପ୍ରଚଳନ ପାଇଁ କେନ୍ଦ୍ରକୁ ଅନୁରୋଧ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ଉକ୍ତ ବୈଠକ ପରେ ମନ୍ତବ୍ୟ ଦେଇଥିଲେ। ଏକଦା ରାଜ୍ୟର ୧୫ଟି ଜିଲା ମାଓ ପ୍ରଭାବିତ ଜିଲା ଭାବେ ପରିଗଣିତ ହେଉଥିଲା, ବର୍ତ୍ତମାନ ଏହା ୫କୁ ହ୍ରାସ ପାଇଛି। ଆଗାମୀ ଦିନରେ କଠୋର ଭାବେ ମାଓବାଦ ମୂଳୋତ୍ପାଟନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶୁକ୍ରବାର ଦିଲ୍ଲୀରେ ପହଞ୍ଚି ମତ ରଖିଥିଲେ।

## ■ ପଞ୍ଚାୟତିରାଜ ବିଭାଗ ଆଣିବ ନୂଆ ଆପ୍
# ହିତାଧିକାରୀ ଘର ଫଟୋ ଦେଇ ପାଇପାରିବେ ଟଙ୍କା

ଭୁବନେଶ୍ୱର,୨୫।୮(ବ୍ୟୁରୋ)

ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର ଏକ ନୂଆ ଆପ୍ ପ୍ରଚଳନ ହେବାକୁ ଯାଉଛି। ଏହି ଆପ୍ ଦ୍ୱାରା ବିଜୁ ପକ୍କାଘର ହେଉ କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସରକାରୀ ଘର ପାଇଥିବା ହିତାଧିକାରୀ ସିଧାସଳଖ ନିଜ ଆକାଉଣ୍ଟରେ ଟଙ୍କା ପାଇପାରିବେ। ଏଥିପାଇଁ ସେମାନଙ୍କୁ ଆଉ କାହା ପାଖକୁ ଦୌଡିବାକୁ ପଡିବ ନାହିଁ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି। ହିତାଧିକାରୀମାନେ ସେମାନଙ୍କ ଘର କେତେ କାମ କରିଛନ୍ତି ତା'ର ଏକ ଫଟୋ ଉଠାଇ ଏହି ଆପ୍‌ରେ ଡାଉନଲୋଡ୍ କରିଦେଲେ ସେମାନଙ୍କ କିସ୍ତି ବାବଦ ଅର୍ଥ ବ୍ୟାଙ୍କ ଆକାଉଣ୍ଟରେ ଆସିଯିବ।

ରାଜ୍ୟ ସରକାରଙ୍କ ପକ୍ଷରୁ ଗରିବ ଲୋକମାନଙ୍କ ପାଇଁ ବିଭିନ୍ନ ଯୋଜନାରେ ଘର ଯୋଗାଇ ଦିଆଯାଉଛି। ସରକାରଙ୍କ ପକ୍ଷରୁ ଏହି ଯୋଜନା ଥିଲେ ମଧ୍ୟ ଗରିବ ଲୋକଟିଏ ସରକାରୀ ଘର ପାଇବା ପାଇଁ ବହୁ କଷ୍ଟ କରୁଛନ୍ତି। ସରକାର ବିଭିନ୍ନ ଆବାସ ଯୋଜନାରେ ଲୋକଙ୍କୁ ୪ଟି କିସ୍ତିରେ ଅର୍ଥ ପ୍ରଦାନ କରୁଛନ୍ତି। ମାତ୍ର ଜଣେ ଗରିବ ଲୋକ ପ୍ରଥମ କିସ୍ତିରେ ଯେତିକି ଟଙ୍କା ପାଉଛି ସେଥିରେ ଘର ଖଣ୍ଡେ ଆରମ୍ଭ କରିବାକୁ ଅସମର୍ଥ ହେଉଛି। ସରକାର ଦେଉଥିବା କିସ୍ତି ଅନୁଯାୟୀ ଉକ୍ତ ଟଙ୍କାରେ ପଥର କିଣିବାରେ ହିତାଧିକାରୀଙ୍କ ଟଙ୍କା ଖର୍ଚ୍ଚ ହୋଇଯାଉଥିବା କେତେଜଣ ଅଭିଯୋଗ କରିଛନ୍ତି। ଏହାସହ ଘର କରାଇଦେବା ନାଁରେ ମଧ୍ୟ ବହୁ କୁଜିନେତା ଲାଞ୍ଚ ନେଇଯାଉଥିବାର ଅଭିଯୋଗ ବହୁବାର ଶୁଣିବାକୁ ପଡୁଛି। ଏହାପରେ ସରକାରଙ୍କ ଅନ୍ୟ କିସ୍ତି ପାଇବା ଲାଗି ଯେଉଁ ମାଧ୍ୟମ ରହିଥିଲା ସେଥିରେ ମଧ୍ୟ ଜଣେ ହିତାଧିକାରୀ ହାତଗୁଞ୍ଜା ନ ଦେଲେ କାମ କରିବାକୁ ଅସମର୍ଥ ହେଉଥିଲା। ତେଣୁ ଏହିସବୁଥିରୁ ହିତାଧିକାରୀଙ୍କୁ ଆଶ୍ୱସ୍ତି ଦେବା ସକାଶେ ସରକାର ନୂଆ ଆପ୍ ଆରମ୍ଭ କରିବାକୁ ଯାଉଥିବା ଜଣାପଡିଛି।

## ■ ର୍ୟାଗିଂମୁକ୍ତ କ୍ୟାମ୍ପସ୍ ଅଭିଯାନ ଆରମ୍ଭ
# ର୍ୟାଗିଂ ବିରୋଧରେ ସ୍ୱର ଉତ୍ତୋଳନ କର

ଭୁବନେଶ୍ୱର, ୨୫।୮(ବ୍ୟୁରୋ)

ର୍ୟାଗିଂ ଘଟଣା ନଜରକୁ ଆସିଲେ ମୁହଁ ବନ୍ଦ ନ ରଖି ଏହା ବିରୋଧରେ ସ୍ୱର ଉତ୍ତୋଳନ କର। ଉକ୍ତ ଶିକ୍ଷାନୁଷ୍ଠାନ ସହ ଜଡ଼ିତ କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ଅବଗତ କର, ଆବଶ୍ୟକ ପଡ଼ିଲେ ଥାନାରେ ଅଭିଯୋଗ କର। ଶିକ୍ଷାନୁଷ୍ଠାନରେ ଚାଲୁଥିବା ର୍ୟାଗିଂ ପ୍ରଥାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଥାନାଗୁଡ଼ିକରେ ଆଣ୍ଟି ର୍ୟାଗିଂ ସେଲ ଖୋଲାଯିବା ଆବଶ୍ୟକ ବୋଲି ରବିବାର 'ର୍ୟାଗିଂ ମୁକ୍ତ କ୍ୟାମ୍ପସ ଅଭିଯାନ' ଆରମ୍ଭ ଅବସରରେ ମତପ୍ରକାଶ ପାଇଛି।

କ୍ୟାମ୍ପସଗୁଡ଼ିକରେ ଛାତ୍ରୀ ଛାତ୍ରମାନଙ୍କ ଉପରେ ବଢିଚାଲିଥିବା ର୍ୟାଗିଂ ଘଟଣା ସାମ୍ନାକୁ ଆସିବା ପରେ ରାଜ୍ୟରେ 'ର୍ୟାଗିଂ ମୁକ୍ତ କ୍ୟାମ୍ପସ ଅଭିଯାନ' ଆରମ୍ଭ ହୋଇଛି। ଏ ପରିପ୍ରେକ୍ଷୀରେ ର୍ୟାଗିଂ ମୁକ୍ତ କ୍ୟାମ୍ପସ ଅଭିଯାନର ଆବାହକ ତେଜେଶ୍ୱର ପରିଡ଼ାଙ୍କ ନେତୃତ୍ୱରେ ସ୍ଥାନୀୟ ମହାତ୍ମା ଗାନ୍ଧୀ ପାର୍କରେ ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା ଆୟୋଜିତ ହୋଇଛି। ଏହି ଅବସରରେ ଆୟୋଜିତ ଏକ ପ୍ରତିବାଦ ସଭାରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା, ଛାତ୍ରୀଛାତ୍ର ଯୋଗଦେଇ ବିଗତ ଦିନଗୁଡ଼ିକରେ ହୋଇଥିବା ର୍ୟାଗିଂ ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ହୋଇଥିବା ଘଟଣାମାନଙ୍କୁ ଦୃଷ୍ଟିରେ ରଖି ଆସନ୍ତା ରବିବାର ଭୁବନେଶ୍ୱରରେ ଏକ ର୍ୟାଗିଂ ବିରୋଧୀ କର୍ମଶାଳା ଓ ଆଲୋଚନାଚକ୍ର ଆୟୋଜନ କରାଯିବ ଏବଂ ସମସ୍ତ ଜିଲା ସଙ୍ଗଠନର ସଦସ୍ୟମାନଙ୍କୁ ର୍ୟାଗିଂ ପୀଡ଼ିତମାନଙ୍କୁ ସହଯୋଗ କରିବା ପାଇଁ ପରାମର୍ଶ ଦିଆଯିବ ବୋଲି ଆବାହାକ ପରିଡ଼ା କହିଛନ୍ତି।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ର୍ୟାଗିଂ ମୁକ୍ତ କ୍ୟାମ୍ପସ ଅଭିଯାନର ସହ ଆବାହକ ମୀର ମହମ୍ମଦ ଅଲ୍ଲୀ, ସହ ଆବାହକ ସତ୍ୟବ୍ରତ ଜେନା, ଗାନ୍ଧୀବାଦୀ ନେତା ପ୍ରହ୍ଲାଦ ସିଂ, ମଧୁସୂଦନ ଦାସ, ମନୋଜ ଜେନା, ଆର୍ଯ୍ୟଭଟ୍ଟ ମହାନ୍ତି, ରାଜ୍ୟ ଅଭିଭାବକ ମହାସଂଘର ସଭାପତି ବାସୁଦେବ ଭଟ୍ଟ, ପ୍ରସନ୍ନ ବିଶୋୟୀ, ବିପିୟୁଟି ଛାତ୍ର ସଙ୍ଗଠନର ଆବାହକ ପ୍ରଦୋଷ ପରିଡ଼ା, ସାମାଜିକ କର୍ମୀ ତୁଷାରକାନ୍ତି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।




'ର୍ୟାଗିଂମୁକ୍ତ କ୍ୟାମ୍ପସ ଅଭିଯାନ' ଲକ୍ଷ୍ୟରେ ଭୁବନେଶ୍ୱରସ୍ଥିତ ମହାତ୍ମା ଗାନ୍ଧୀ ପାର୍କଠାରେ ଆୟୋଜିତ ଶାନ୍ତିପୂର୍ଣ୍ଣ ଧାରଣା।



ଆଜିର କର୍ତ୍ତବ୍ୟ ଯଦି ସମ୍ପାଦନ କର, କାଲିର କର୍ତ୍ତବ୍ୟ ତୁମ ଆଗରେ ସ୍ପଷ୍ଟ ହୋଇ ଉଠିବ।
-ଟମାସ କାର୍ଲାଇଲ


## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ଅଦିତି
ପରିବାରବର୍ଗ


ଆହାନା
ପରିବାରବର୍ଗ


ଆଶୁତୋଷ
ପରିବାରବର୍ଗ


ଦିବ୍ୟରୂପା
ପରିବାରବର୍ଗ


ସାଇ
ପରିବାରବର୍ଗ


ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## କିଛି ତଥ୍ୟ

ଅମୃତ ଯୋଜନାରେ ସାରା ଦେଶରେ ୧,୧୦୦ ପାର୍କର ଉନ୍ନତିକରଣ କରାଯାଇଛି।

– ବାସଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ

■ବାଲୁଙ୍କା ପୂଜା ପାଇଁ ଯାଇ ନଦୀରେ ଭାସିଗଲେ

# ୪ ଯୁବତୀ ଉଦ୍ଧାର, ଜଣେ ନିଖୋଜ



ନଦୀରେ ନିଖୋଜ ଯୁବତୀଙ୍କୁ ଖୋଜା ଚାଲିଛି।

**ଶେରଗଡ଼/ହିଞ୍ଜିଳିକାଟୁ,୨୫।୮ (ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ହିଞ୍ଜିଳି ଥାନା କାଞ୍ଜିଆମା ଗ୍ରାମରେ ରବିବାର ଖୁଦୁରୁକୁଣୀ ଓଷା ପାଇଁ ବାଲୁଙ୍କା ପୂଜା କରିବାକୁ ଋଷିକୂଲ୍ୟା ନଦୀକୁ ଯାଇ ୫ ଯୁବତୀ ଭାସି ଯାଇଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ଜଣେ ନିଖୋଜ ଅଛନ୍ତି। ନିଖୋଜ ଯୁବତୀ ଜଣକ ହେଲେ ସିଲି ବେହେରା। ଅପରାହ୍ନ ପ୍ରାୟ ସାଢ଼େ ୪ଟା ପର୍ଯ୍ୟନ୍ତ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ଖୋଜାଖୋଜି କରିଥିଲେ ମଧ୍ୟ ସିଲିଙ୍କ ପତ୍ତା ମିଳି ନ ଥିଲା।

ପ୍ରକାଶ ଯେ, ବାଲୁଙ୍କା ପୂଜା ପାଇଁ ରବିବାର ପୂର୍ବାହ୍ନରେ କାଞ୍ଜିଆମା ଗ୍ରାମର ପ୍ରାୟ ୨୦ ଯୁବତୀ ଓ ବାଳିକା ମିଶି ଋଷିକୂଲ୍ୟା ନଦୀ କୂଳକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ସିଲିଙ୍କ ସମେତ ପୂଜା ବେହେରା, ରୂପାଲି ବେହେରା, ଟିକି ବେହେରା ଓ ପୂଜା ଜେନା ବାଲି ଆଣିବାକୁ ନଦୀରେ ପଶିଥିଲେ। ପାଣିରେ ବୁଡ଼ି ସେମାନେ ବାଲି କାଢ଼ିବା ବେଳେ ପ୍ରଖର ସ୍ରୋତରେ ଭାସିଯାଇଥିଲେ। କୂଳରେ ଥିବା ଅନ୍ୟମାନେ ଏହାଦେଖି ନିକଟସ୍ଥ ବିଲରେ କାମ କରୁଥିବା ଲୋକଙ୍କୁ ଡାକିବା ସହ ଗାଁରେ ଜଣାଇଥିଲେ। ଗ୍ରାମବାସୀ ପହଞ୍ଚି ୪ ଜଣଙ୍କୁ ଉଦ୍ଧାର କରିଥିବା ବେଳେ ସିଲିଙ୍କୁ ପାଇ ନ ଥିଲେ। ଖବରପାଇ ଅଗ୍ନିଶମ ଅଧିକାରୀ ଲବ ନାୟକଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଞ୍ଚି ଅପରାହ୍ନ ପ୍ରାୟ ସାଢ଼େ ୪ଟା ପର୍ଯ୍ୟନ୍ତ ଖୋଜିଥିଲେ ମଧ୍ୟ ସିଲିଙ୍କ ପତ୍ତା ମିଳି ନ ଥିଲା। ଉଦ୍ଧାର ୪ ଯୁବତୀଙ୍କୁ ହିଞ୍ଜିଳିକାଟୁ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି।

■ ସରକାରୀ ବିଭାଗର ଟୁଇଟର ହ୍ୟାଣ୍ଡେଲ

# ଉପଯୁକ୍ତ ପରିଚାଳନା ହୋଇପାରୁନି

**ଭୁବନେଶ୍ୱର,୨୫।୮(ବ୍ୟୁରୋ)**

ଜନସାଧାରଣଙ୍କ ସମସ୍ୟା ତଥା ଅଭିଯୋଗକୁ ଗ୍ରହଣ କରି ତାହାର ସମାଧାନ କରିବା ପ୍ରଶାସନର ପ୍ରାଥମିକ ଦାୟିତ୍ୱ। ହେଲେ ପ୍ରଶାସନ ନିକଟରେ ପ୍ରତ୍ୟକ୍ଷ ଭାବେ ହାଜର ନ ହୋଇ ମଧ୍ୟ ସମସ୍ୟା/ଅଭିଯୋଗ ଜଣାଇହେବ। ଏଥିପାଇଁ ବୈଷୟିକ ବିଦ୍ୟା(ଟେକ୍ନୋଲୋଜି)କୁ ଉପଯୋଗ କରାଯାଇଛି। ପ୍ରାଥମିକ ଭାବେ ମନୋରଞ୍ଜନର ମାଧ୍ୟମ ଥିବା ସାମାଜିକ ଗଣମାଧ୍ୟମ (ଟୁଇଟର, ଫେସବୁକ୍ ଆଦି) ପ୍ରଶାସନିକ କାର୍ଯ୍ୟରେ ବ୍ୟବହାର କରାଯାଇଛି। ତନ୍ମଧ୍ୟରୁ ଟୁଇଟର ବ୍ୟବହାର ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଉଛି। କିନ୍ତୁ ଏହାର ପରିଚାଳନା ଏବଂ ଅଭିଯୋଗ ଗ୍ରହଣୀୟତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଶ୍ଚର୍ଯ୍ୟର ବିଷୟ, ବିଭାଗଗୁଡ଼ିକ ଅଭିଯୋଗ ଗ୍ରହଣ କରି ତ୍ୱରିତ ପଦକ୍ଷେପ ନେବା ତ ଦୂରର କଥା, ଅଭିଯୋଗକୁ ସ୍ୱୀକାର କରି ତାହାର ଉତ୍ତର ଦେଉନାହାନ୍ତି। ବହୁ ଗୁରୁତ୍ୱପୂର୍ଣ୍ଣ ସରକାରୀ ବିଭାଗ କେବଳ ସୌଜନ୍ୟତା ଦୃଷ୍ଟିରୁ ଟୁଇଟର ହ୍ୟାଣ୍ଡେଲ୍‌ଟିଏ ଖୋଲିଥିବା ପ୍ରତୀୟମାନ ହେଉଛି। ଜଙ୍ଗଲ ଓ ପରିବେଶ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଟୁଇଟର ଶେଷଥର ପାଇଁ ଗତବର୍ଷ ଅର୍ଥାତ୍ ୨୦୧୮ ସେପ୍ଟେମ୍ବର ୧୦ରେ ଏକ ରିଟୁଇଟ୍ କରିଥିଲା। ଏହି ରିଟୁଇଟ୍‌କୁ ଆଉ ଦୁଇ ସପ୍ତାହ ପରେ ବର୍ଷେ ପୂରିବ। ତେଣୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା '୫-ଟି'ର ଟେକ୍ନୋଲୋଜିକୁ କେତେ ଗୁରୁତ୍ୱ ଦିଆଯାଉଛି, ତାହା ଜଙ୍ଗଲ ଓ ପରିବେଶ ବିଭାଗ (@ForestDeptt)ର ଟୁଇଟର ପରିଚାଳନାରୁ ସ୍ପଷ୍ଟ ଅନୁମେୟ।

ଯୋଜନା ଓ ସଂଯୋଜନା ବିଭାଗ (@PCDept_Odisha)ର ମଧ୍ୟ ଅନୁରୂପ ଅବସ୍ଥା। ବିଭିନ୍ନ ଯୋଜନାର ଖଡ଼ିଛୁଆଁ ଏହି ବିଭାଗ ଦ୍ୱାରା ହୋଇଥାଏ। ହେଲେ ବିଭାଗର ଟୁଇଟର ପରିଚାଳନା ନାହିଁ କହିଲେ ଚଳେ। ଚଳିତବର୍ଷ ଏହି ବିଭାଗ ପକ୍ଷରୁ ମାତ୍ର ଗୋଟିଏ ଟୁଇଟ୍ କରାଯାଇଛି। ଗତ ଏପ୍ରିଲ ୫ରେ ଏହି ଟୁଇଟ୍‌ଟି କରାଯାଇଥିଲା। ସେହିପରି ଅଣୁ, କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ(ଏମ୍‌ଏସ୍‌ଏମ୍‌ଇ) ବିଭାଗ ପକ୍ଷରୁ ଗତ ଜୁନ୍ ୨୭ରେ ଶେଷ ଟୁଇଟ୍ କରାଯାଇଥିଲା। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ (@PRDeptOdisha)ର ଟୁଇଟରର ଶେଷ ରିଟୁଇଟ୍ ଗତ ଜୁନ୍ ୫ରେ କରାଯାଇଥିଲା। ଅପରପକ୍ଷରେ ଏମିତି କିଛି ବିଭାଗ ରହିଛି, ଯେଉଁଗୁଡ଼ିକ ନିଜସ୍ୱ ବିଭାଗ ସମ୍ବନ୍ଧୀୟ ବ୍ୟାପାର ଏତେଟା କରୁନାହାନ୍ତି। କେବଳ ସୌଜନ୍ୟତା ଦୃଷ୍ଟିରୁ ଆକାଉଣ୍ଟକୁ ଚଳାଇ ରଖିବା ପାଇଁ କେତେକ ସରକାରୀ ଘୋଷଣାର ରିଟୁଇଟ୍ କରୁଛନ୍ତି। ପୂର୍ତ୍ତ (@WorksDepartment), ଅର୍ଥ (@FdOdisha), ସଂସ୍କୃତି (@CultureDeptt) ଭଳି ପ୍ରମୁଖ ବିଭାଗର ଟୁଇଟ୍‌ର ହ୍ୟାଣ୍ଡେଲରେ ଏହା ବହୁଳଭାବେ ପ୍ରତିଫଳିତ ହେଉଛି। ୨୦୧୭ ଅଗଷ୍ଟ ୫ରୁ ଏହି ସେବା ଆରମ୍ଭ କରାଯାଇଥିଲା। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ(ଜିଏ ଆଣ୍ଡ ପିଜି) ପକ୍ଷରୁ ପିନ୍ ଟୁଇଟ୍ କରି ଉଲ୍ଲେଖ କରାଯାଇଥିଲା ଯେ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଟୁଇଟର ହ୍ୟାଣ୍ଡେଲ ଦିଆଯାଇଛି। ଉପଯୁକ୍ତ ପ୍ରସ୍ତାବ ଏବଂ ବିଭିନ୍ନ ବିଭାଗ ସମ୍ପର୍କିତ ଅଭିଯୋଗକୁ ଟ୍ୟାଗ୍ କରି ଜଣାଇପାରିବେ। କେତେକ ବିଭାଗ (କୃଷି, ସ୍ୱାସ୍ଥ୍ୟ, ଶିଳ୍ପ, ଗୃହ) ପୂର୍ବାପେକ୍ଷା ନିଜ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନା ଅଧିକ ମାତ୍ରାରେ ଦେଉଛନ୍ତି। ହେଲେ ଅଭିଯୋଗ ଗ୍ରହଣ କରି ପଦକ୍ଷେପ ନେବା ଏଯାବତ୍ ଦେଖାଯାଉନାହିଁ। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ (@Naveen_Odisha) ଏବଂ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ(ସିଏମ୍‌ଓ) (@CMO_Odisha)ର ଟୁଇଟର ହ୍ୟାଣ୍ଡେଲରୁ ନିୟମିତ ବ୍ୟବଧାନରେ ଟୁଇଟ୍ କରାଯାଉଥିବା ଲକ୍ଷ୍ୟ କରାଯାଉଛି।

ବିଭିନ୍ନ ବେସରକାରୀ ସଂସ୍ଥା ସହ ଚୁକ୍ତି କରି ସାମାଜିକ ଗଣମାଧ୍ୟମ ପରିଚାଳନା ଦାୟିତ୍ୱ ତୁଲାଯାଉଛି। ହେଲେ କ'ଣ ଟୁଇଟ୍ କରାଯିବ, ତାହା ବିଭାଗଗୁଡ଼ିକର ନିର୍ଦ୍ଦେଶକ ତଥା ଅଧିକାରୀଙ୍କ ଉପରେ ନିର୍ଭର କରିଥାଏ। ଏହିଭଳି ଏକ ସଂସ୍ଥାରେ କାର୍ଯ୍ୟରତ ଜନୈକ କର୍ମଚାରୀ କହିଛନ୍ତି ଯେ, ଅଭିଯୋଗ ଗ୍ରହଣ କରି ତା' ଉପରେ ପ୍ରତିକ୍ରିୟା ରଖିବା ଉପରେ ଅଧିକାରୀମାନେ ଏତେଟା ଗୁରୁତ୍ୱ ଦିଅନ୍ତି ନାହିଁ। ଏହିସବୁ ଅବ୍ୟବସ୍ଥା ଉପରେ ସରକାରଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ଇ ଆଣ୍ଡ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ରବିବାର ସନ୍ଧ୍ୟା ୭ଟା ୩୪ରେ ତାଙ୍କ ମୋବାଇଲ ଫୋନ(୯୭୭୬୩୩୮୬୧୫)କୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ସେ ଫୋନ ଉଠାଇନଥିଲେ।

■ଅଭିଯୋଗ ଗ୍ରହଣ ହେଉନି
■ରିଟୁଇଟ୍‌ରେ ସୀମିତ ଅନେକ ବିଭାଗ



ଜଙ୍ଗଲ ଓ ପରିବେଶ ବିଭାଗର ୧୦.୯.୨୦୧୮ରେ ହୋଇଥିବା ରିଟୁଇଟ୍।

**ପ୍ରଥମ ପୃଷ୍ଠାରୁ...**

## ପାର୍ସଲରୁ...

ଘରେ କିଛି ସମୟ ରଖିବା ପରେ ରାତି ପ୍ରାୟ ସାଢେ ୮ଟାରେ ଏହାକୁ ଖୋଲାଯାଇଥିଲା। ତେବେ ସେତେବେଳେ ଗୋଟିଏ ପେଟିରୁ ଏକ ନାଗ ବାହାରିଥିଲା। ଏହି ନାଗର ଲମ୍ବ ପ୍ରାୟ ୪ରୁ ୫ ଫୁଟ ହେବ। ପରିବାର ଲୋକେ ଭୟଭୀତ ହୋଇ ରାଇରଙ୍ଗପୁର ବନ ବିଭାଗକୁ ଖବର ଦେଇଥିଲେ। ଦୁଇ ଜଣ ବନ କର୍ମଚାରୀ ପହଞ୍ଚି ନାଗ ସାପକୁ ଉଦ୍ଧାର କରି ପରେ ନିକଟସ୍ଥ କୁଚେଇବୁଢ଼ୀ ସଂରକ୍ଷିତ ଜଙ୍ଗଲରେ ଛାଡି ଦେଇଥିଲେ। ନାଗ ବାହାରିଥିବା ପେଟିରେ ଏକ କଣା ଥିବାରୁ ସେଥିରେ କୌଣସି ପ୍ରକାର ନାଗ ପଶିଯାଇଥିବା ଅନୁମାନ କରାଯାଉଛି। ପରିବହନ ସମୟରେ କିମ୍ବା ମୁଥୁ କୁମାରଙ୍କ ଘରେ ରଖାଯିବା ବେଳେ ସେଥିରେ ସାପ ପଶିଥିବା ଚର୍ଚ୍ଚା ହେଉଛି। ମୁଥୁ କୁମାରଙ୍କ ନିଜ ଘର ବିଜୟୱାଡାରେ। ପାର୍ସଲ ପେଟିରୁ ନାଗ ବାହାରିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏ ସମ୍ପର୍କରେ ମୁଥୁ କୁମାରଙ୍କୁ ପଚାରିବାରୁ ନାଗ ପେଟି ମଧ୍ୟକୁ କିପରି ଆସିଲା ସେ କିଛି ଜାଣି ନ ଥିବା କହିଛନ୍ତି ।

## ମହାକାଶରେ...

ଏହି ମହାକାଶଚାରୀଙ୍କ ପତ୍ନୀ (ଉଭୟ ସମକାମୀ ଦମ୍ପତି) ଓର୍ଡେନ ଚଳିତବର୍ଷ ପ୍ରାରମ୍ଭରେ ଫେଡେରାଲ ଟ୍ରେଡ ମିଶନ୍ (ଏଫ୍‌ଟିଏମ୍)ରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି, ମ୍ୟାକ୍‌କ୍ଲେନ୍ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ଚୋରି କରିଛନ୍ତି। ଏଥିସହିତ ଓର୍ଡେନଙ୍କ ପରିବାର ମଧ୍ୟ 'ନାସା'ର ଇନ୍ସପେକ୍ଟର ଜେନେରାଲ ଅଫିସରେ ଆଉ ଏକ ଅଭିଯୋଗ ଦାଏର କରିଛନ୍ତି।

ଅପରପକ୍ଷରେ ମ୍ୟାକ୍‌କ୍ଲେନ୍‌ଙ୍କ ଆଇନଜୀବୀଙ୍କ କହିବାନୁଯାୟୀ, ତାଙ୍କ ମହକିଲ ପୂର୍ବର ଯୁଗ୍ମ ଆକାଉଣ୍ଟ ତର୍ଜମା କରିବା ପାଇଁ ଆଇଏସ୍‌ଏସ୍‌ରେ ବ୍ୟାଙ୍କ ରେକର୍ଡ ତଥ୍ୟ ଜାଣିବା କିଛି ଭୁଲ ନୁହେଁ। ଅବଶ୍ୟ ଦମ୍ପତିଙ୍କ ବିଚ୍ଛେଦ ଘଟିବା ପରେ ଏହା କରାଯାଇଥିବାରୁ ଭୁଲ ହୋଇଥାଇପାରେ। ଇତିମଧ୍ୟରେ ନାସା ତଦନ୍ତକାରୀ ଅଫିସର ଉଭୟ ମହିଳାଙ୍କୁ ସାକ୍ଷାତ୍‌କରି ଏ ସଂକ୍ରାନ୍ତରେ ପଚରାଉଚରା କରି ଫେରିଛନ୍ତି।

ମହାକାଶଚାରୀ ମ୍ୟାକ୍‌କ୍ଲେନ୍ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ୍‌ରେ ୬ମାସ ରହିବା ପରେ ଜୁନ୍‌ରେ ପୃଥିବୀକୁ ଫେରିଥିଲେ। ଯେଉଁ ଦୁଇଜଣ ମହିଳା ମହାକାଶରେ ଚାଲିବା ପାଇଁ ଚୟନ ହୋଇଥିଲେ, ତନ୍ମଧ୍ୟରେ ମ୍ୟାକ୍‌କ୍ଲେନ୍ ଥିଲେ ଅନ୍ୟତମ। କିନ୍ତୁ ମ୍ୟାକ୍‌କ୍ଲେନ୍ ଜଣେ ସମକାମୀ ମହିଳା ଭାବେ ବିବାଦୀୟ ହୋଇପଡ଼ିଥିବାରୁ ତାଙ୍କୁ ଉପଯୁକ୍ତ ସ୍ପେସ୍‌ସୁଟ୍ ପିନ୍ଧିବାରୁ ବାରଣ କରାଯାଇଥିଲା। ଫଳରେ ସେ ମାର୍ଚ୍ଚରେ ମହାକାଶରେ ଚାଲିବାରୁ ବଞ୍ଚିତ ହୋଇଥିଲେ। ଓର୍ଡେନଙ୍କ କହିବାନୁଯାୟୀ, ଫେଡେରାଲ ଟ୍ରେଡ କମିଶନ୍ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ଚୋରି ସମ୍ପର୍କରେ କୌଣସି ତଦନ୍ତ ଆରମ୍ଭ କରି ନ ଥିବାବେଳେ ନାସାର ଇନ୍ସପେକ୍ଟର ଜେନେରାଲ ଅଫିସ ପକ୍ଷରୁ ଏହି ଅଭିଯୋଗର ତଦନ୍ତ ଆରମ୍ଭ ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଚତୁର୍ଥସ୍ଥାନରେ ଷଷ୍ଠାଧିପତି ବୁଧଙ୍କ ଯୋଗୁ ପାରିବାରିକ କ୍ଷେତ୍ରରେ ମାନସିକ ଅସ୍ଥିରତା ଲାଗି ରହିବ। କର୍ମକ୍ଷେତ୍ରରେ କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହ କଳହର ସମ୍ଭାବନା ରହିଛି। ଆଲୋଚନା କାଳରେ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ। ଶିଳ୍ପ,ବ୍ୟବସାୟ ଓ କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ର ଭଲ ରହିବ।

**ବୃଷ** ଧନସ୍ଥାନରେ ରାହୁଯୁକ୍ତ ଚନ୍ଦ୍ର ଅନ୍ୟମନସ୍କତା ସାଙ୍ଗକୁ ଧନହାନି ଘଟାଇପାରେ। କିନ୍ତୁ ଶୁକ୍ରଙ୍କ ଚତୁର୍ଥସ୍ଥିତି ମୃଗଶିରା ନକ୍ଷତ୍ର ସକାଶେ ସୌଖୀନ ଦ୍ରବ୍ୟ, ବିଳାସବ୍ୟସନ, କାବ୍ୟ ସାହିତ୍ୟ ଚର୍ଚ୍ଚା, କଳା, ସଙ୍ଗୀତ, କ୍ରୀଡ଼ାରେ ନୈପୁଣ୍ୟତା ପ୍ରଦାନ କରିବେ। ଏହା ସାଙ୍ଗକୁ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆଶାନୁରୂପ ସଫଳତା ହାସଲ କରିବେ।

**ମିଥୁନ** ଆଜିର ଗ୍ରହସ୍ଥିତି ଅପ୍ରିୟ ସତ୍ୟ ଭାଷଣ କିମ୍ବା ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ସମସ୍ୟା ସୃଷ୍ଟି କରିବ। କିନ୍ତୁ ପୁନର୍ବସୁ ନକ୍ଷତ୍ର ପାଇଁ ଶିଳ୍ପ,ବ୍ୟବସାୟ, ପରିବହନ, ନିର୍ମାଣ ଓ ସଭାସମିତିରେ ଆଶାନୁଯାୟୀ ସୁଫଳ ପାଇବେ। ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ସାମାଜିକ ଓ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**କର୍କଟ** ଆକସ୍ମିକ ଭାବରେ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହୋଇପାରନ୍ତି। କେତେକ କ୍ଷେତ୍ରରେ ଦୁରଭିସନ୍ଧି ରଖି କାର୍ଯ୍ୟ କରିବାର ପ୍ରବୃତ୍ତି ମନରେ ସ୍ଥାନ ପାଇବ। ଅବଶ୍ୟ ଆପଣଙ୍କର ଅତି ପ୍ରିୟ ବନ୍ଧୁଟି ପାଖରୁ ପ୍ରେରଣା ଲାଭ କରିବେ। ଘରକୁ ଫେରିବା ସମୟରେ ଘରର ବରାଦ ଅନୁଯାୟୀ ମନୋରଞ୍ଜନ ଜିନିଷ କ୍ରୟ କରିପାରନ୍ତି।

**ସିଂହ** ଦ୍ୱାଦଶସ୍ଥ ଶୁକ୍ର ହେତୁ କର୍ମକ୍ଷେତ୍ରରେ କୌଣସି ସହକର୍ମୀ ବିରୁଦ୍ଧାଚରଣ କରିବା ସକାଶେ ଚେଷ୍ଟା କରିପାରନ୍ତି। ପୁରାତନ ଗୃହ, ଯାନ୍ତ୍ରିକ ଜିନିଷ ମରାମତି ପାଇଁ ଘରୁ ବାଦ୍ ପାଇପାରନ୍ତି। ସାହିତ୍ୟ ଚର୍ଚ୍ଚା ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ସଭାସମିତି କିମ୍ବା ବନ୍ଧୁ ଗହଣରେ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବାର ଅଭିନୟ କରିବାକୁ ପଡ଼ିପାରେ।

**କନ୍ୟା** ଚତୁର୍ଥ ଶନି ଯୋଗୁ ବିଭିନ୍ନ ପ୍ରକାରର ପୁରୁଣା ସମସ୍ୟା ଲାଗି ରହିଥିବା ଯୋଗୁ ମାନସିକ ସୁସ୍ଥତା ରହି ନ ପାରେ। କିନ୍ତୁ ଚିତ୍ରା ନକ୍ଷତ୍ର ସକାଶେ କୌଶଳ ପ୍ରୟୋଗ କରି କିମ୍ବା ବଳପୂର୍ବକ କାର୍ଯ୍ୟହାସଲ କରିବାର ମନୋବୃତ୍ତି ସୃଷ୍ଟି ହେବା ସହକର୍ମୀ କିମ୍ବା ବନ୍ଧୁମାନଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। କଳା,କ୍ରୀଡ଼ା, ଚଳଚ୍ଚିତ୍ର ଓ ସଙ୍ଗୀତରେ ପ୍ରଶଂସିତ ହେବେ।

**ତୁଳା** ଆଜି ଏକାଦଶସ୍ଥ ତିନୋଟି ଗ୍ରହ ଯୋଗୁ ଆପଣଙ୍କ ଆଶା ଅବଶ୍ୟ ପୂରଣ ହୋଇଯିବ। ଜଣେ ବନ୍ଧୁ ହଠାତ୍ ଆସି ଖୁସି ଖବର ସାଙ୍ଗକୁ କିଛି ଅର୍ଥ ଦେଇଯିବେ। ଅଫିସରେ ନାହିଁ ନାହିଁ କରୁଥିଲେ ମଧ୍ୟ ଓ ସହକର୍ମୀ ପରିଶେଷରେ କାମଟିକୁ କରିଦେବେ। ସାମାଜିକ ସ୍ତରରେ ତଥା ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିପାରନ୍ତି।

**ବିଛା** ଚତୁର୍ଥସ୍ଥାନକୁ କର୍ମାଭାବରୁ ଏକାଧିକଗ୍ରହ ଅବଲୋକନ କରୁଥିବାରୁ ପାରିବାରିକ ଜୀବନ ସହ କର୍ମକ୍ଷେତ୍ରରେ ସୁଖ ସମ୍ମାନ ପାଇ ଖୁସି ହେବେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି। କିନ୍ତୁ ଧନସ୍ଥାନସ୍ଥ ଶନିଙ୍କ କୁପ୍ରଭାବ କାରଣରୁ ବ୍ୟବସାୟ ଓ ପରିବହନରେ କ୍ଷତିର ଆଶଙ୍କା ରହିଛି। ବିବାଦୀୟ ଘଟଣାର ଅବସାନ ଘଟିପାରେ।

**ଧନୁ** ବକ୍ରୀ ଶନି ପାପଗ୍ରହ ଯୁକ୍ତ ହୋଇ ରାଶିରେ ଥିବାରୁ ଦୁର୍ଭାବନାରେ ମାନସିକ ସ୍ଥିତି ଅଶାନ୍ତ ରହିବ। ବିଶ୍ୱସ୍ତ ସୂତ୍ରରୁ ଭୁଲ୍ ଖବରଟିଏ ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଆର୍ଥିକ ଉନ୍ନତିର ଆଶା ଉଜ୍ଜ୍ୱଳତର ହେବ ଓ ମାଲି ମକଦ୍ଦମାରେ ବିଜୟୀ ହେବେ। ଆଇନ, ସଙ୍ଗଠନ, ଆନୁଷ୍ଠାନିକ କାମକୁ ପ୍ରାଧାନ୍ୟ ଦେବେ ଏବଂ ଲୋକ ସମ୍ପର୍କ ମଧ୍ୟ ବୃଦ୍ଧି ପାଇବ।

**ମକର** ଭାଗ୍ୟାଧିପତିଙ୍କ ସପ୍ତମସ୍ଥିତି ବନ୍ଧୁ ସମ୍ପର୍କକୁ ଦୃଢ଼ୀଭୂତ କରିବ। କର୍ମକ୍ଷେତ୍ରରେ ପୃଷ୍ଠସାହାଯ୍ୟର ପ୍ରତିଶ୍ରୁତି ପାଇ ମନୋବଳ କ୍ରମଶଃ ବୃଦ୍ଧି ପାଇବ। ଧନିଷ୍ଠା ନକ୍ଷତ୍ରର କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ପରିବାରରେ କଳହ ସୃଷ୍ଟି ହୋଇପାରେ। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ।

**କୁମ୍ଭ** ଚନ୍ଦ୍ରଯୁକ୍ତ ରାହୁ ଜନିତ ଅଧିକାଂଶ ସମୟ ଅନ୍ୟମନସ୍କ ରହିବା କାରଣରୁ ପ୍ରକୃତ ଆନନ୍ଦକୁ ଉପଭୋଗ କରିପାରିବେ ନାହିଁ। ବିଭିନ୍ନ ପ୍ରକାରର ପ୍ରତିବନ୍ଧକକୁ ସାମନା କରିବାର ଧୈର୍ଯ୍ୟ ଧାରଣ କରି ମୁକାବିଲାର ସମ୍ମୁଖୀନ ହୋଇପାରନ୍ତି। ଯାତ୍ରା, ଆନୁଷ୍ଠାନିକ କାମ, ବାଣିଜ୍ୟ, ବ୍ୟବସାୟ, ପରିବହନ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

**ମୀନ** ଚତୁର୍ଥସ୍ଥ ପାପଗ୍ରହ କାରଣରୁ ପାରିବାରିକ ଓ କର୍ମକ୍ଷେତ୍ର ବିବାଦୀୟ ରହିବ। ବହୁ ପୂର୍ବରୁ ରହିଆସିଥିବା ସମସ୍ୟା ହେତୁ ଦୁର୍ଭାବନା ବଢ଼ି ଚାଲିବ। ପରିବହନ, ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅବଶ୍ୟ ଉତ୍ତରଭାଦ୍ରପଦ୍ ନକ୍ଷତ୍ର କେତେକାଂଶରେ ସମସ୍ୟାଗୁଡ଼ିକୁ ସୁଧାରିବା ସକାଶେ ଉପକ୍ରମ କରି ପାରନ୍ତି।

ଆଜି ଭାଦ୍ରବ କୃଷ୍ଣପକ୍ଷର ଅଜା/କାଳୀୟଦଳନ ଏକାଦଶୀ ସୋମବାର, ଶ୍ରୀମନ୍ଦିରରେ କାଳୀୟଦଳନ ଏକାଦଶୀ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ବଣଭୋଜି ବେଶ, କୋଳିକିଆ ଓ ବକାସୁର ଏବଂ ଅଘାସୁର ବଧ ପ୍ରସ୍ତାବ, ଅଗଷ୍ଟ ୨୬ ତାରିଖ, ମଦରଟେରେସା ଜୟନ୍ତୀ,ରାଶିନକ୍ଷତ୍ର-ଆରଦ୍ରା/ମିଥୁନ, କନ୍ୟାରାଶିର ଘାତଚନ୍ଦ୍ର,ମିଥୁନ ରାଶିର ଘାତବାର, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୬।୫୧ମି. ମଧ୍ୟେ, ଘ୧।୫୧ମି. ଗତେ ଘ୨।୪୪ମି. ମଧ୍ୟେ, ଘ୪।୦୪ମି. ଗତେ ଘ୬।୨୩ମି. ମଧ୍ୟେ ଅମୃତବେଳା। ଦିବା ଘ୮।୨୯ମି. ଗତେ ଘ୧୦।୦୩ମି. ମଧ୍ୟେ ମାହେନ୍ଦ୍ରବେଳା।


## classifieds Everyday 0674-2580101, 2549302

real estate

**SALE**

Gharabari boundary plot Infocity-2 near 100ft. road side. Direct owner- 8144391451. D-66768

Bhubaneswar Sundarpada Xavier backside sqft.135/- Gangapada 1200sqft. 3,60,000/- spot possession. 9348232008, 9938841730. D-66760

Own plot for sale 1400 (30'x47') near Khandagiri. 9937816565, 9937568585. D-14067

Private plot sale near DN Regalia Mall, Patrapada, Bhubaneswar. 899/- sqft. 9437335686, 7008487006. D-14019

A best residential plot with gharabari/ compound wall 5600 sft. (or 2800 x 2 nos.) 11km. from Bhubaneswar, 18 km. from Cuttack and save at least 1.00 crore 1.5 crore with all facilities available at Bhubaneswar, Cuttack. 7809525452, 8249851363. D-66944

ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508. D-66764

4BHK duplex with Gated Community at Balianta (Land-1400 construction-2200 @ 55lakh and 2600 @ 65lakh) Contact Mplanets: 9938219397, 9861022055. D-13981

ଭୁବନେଶ୍ୱର Patia College ରୁ 2k.m., 50'x30 = 1500sqft କୁ 6,75,000/- ଘରକରିବା ପାଇଁ ପ୍ଲଟ ମିଳୁଅଛି। 9937032327, 9583328312. D-66766

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

କଟକ-ଗୋପାଳପୁର ଧାବୁଲେଇପିଠରୁ 3k.m sqft.250/-, ବାଳକାଟି ବଜାରରୁ 2k.m sqft. 550/- ନଖରା DPS ପାଖରେ 750/- ରେ ଘରବାରି ପ୍ଲଟ ମିଳୁଅଛି। 9348020724, 7978939440. D-66769

Own sthitiban residential 1200 sqft. plot for sale. 9937816565, 9937568585. D-14041

Ready to move 2BHK flat premium construction rate-35lakh includes all. No extra cost near Pahala Pal Hight Hotel. Owner:9937071564. D-66770

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରୀ ପ୍ଲଟ୍ ବିକ୍ରିହେବ। 9178660666. D-14031

ନଖରା ତ୍ରିନାଥବଜାରଠାରେ SC plot ଘରବାରି ପାଚେରି ସହ 1500କୁ 5,25,000/, general plot sqft- 400/- outrightରେ ମିଳୁଅଛି। 9348847649, 8249243709. D-66772

ଭୁବନେଶ୍ୱର ଜଟଣୀ ଗେଟ୍ NH5 ରୁ ଅଳ୍ପଦୂରତାରେ 1200sqft, 2,16,000/, IIT Argul ରେଲଷ୍ଟେସନଠାରେ 1200sqft 2,00,000/- ରେ outright ରେ ମିଳୁଅଛି । 9776974912, 8144706560. D-66773

**PURCHASE**

Land requires on basis of outright/ sharing/ marketing. 9937816565, 9937568585. D-14036

**CONSTRUCTION**

Contact for interior design of ceiling, TV Unit, Wardrobe and modular kitchen from the experts call: 7008550473. D-13980

TO LET
to-let

ଭୁବନେଶ୍ୱର ହଂସପାଳଛକ ୬୦୦୦ ବର୍ଗଫୁଟ ସିମ୍ଫୋନୀ ମଲ୍ ସାମ୍ନା NH-5, ଶୋ'ରୁମ୍ ଭଡ଼ାଦିଆଯିବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7008439019, 8895436651. D-66763

Single furnished room for office near BDA, Keshari Talkies, plot-5, Bhubaneswar. Contact: 9238579309. D-66182

2100 sqft. house, GF, near CRP square, Bhubaneswar. Corporate residence-cum-office preferred. 9937344728, 06742554515. D-56652

A spacious 3BHK 14th floor (1810 sqft) semi-furnished flat at Royal Lagoon Apartment, Bhubaneswar with 3 toilets, servant room & toilet, garage is available for rent. Contact: 8240107574 / 8961512649. D-14074

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Herbal full body massage by smart / expert therapist. Contact: 8338067247. D-67356

Summer special mesmerizing offer expert therapeutic refreshing massage appointment. 9668374480. D-67357

Full body herbal massage with refreshment expert therapist. 7381239385, 06742540855. D-67358

Experience full body massage with us (expert). Call: 7377048581, 06742597822. D-67359

Newly open Herbal full body massage ladies & gents. 8018246332. D-66948

**AFFIDAVIT**

By virtue of an affidavit before Notary Public, Bhubaneswar, I here by declare that I have changed my name from Sunil Kumar to Sunil Kumar Samal for all purposes. D-56177

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ରୋଗ, ଶତ୍ରୁ ଓ ଋଣ, ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା।
ପାପ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା।
- ଶ୍ରୀଚୈତନ୍ୟ





## ଜିଲା ଚିଠି
## ମୟୂରଭଞ୍ଜ

# ଜମାକାରୀ କେବେ ପାଇବେ ଟଙ୍କା

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାର ଆଦିବାସୀ ଓ ପଛୁଆବର୍ଗଙ୍କୁ ସୁବିଧାରେ ବ୍ୟାଙ୍କ ସେବା ଯୋଗାଇବା ଦେବା ପାଇଁ ୧୯୫୮ରେ ବାରିପଦା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ପ୍ରତିଷ୍ଠା ହୋଇଥିଲା। ଓଡ଼ିଶାର ସମବାୟ ବ୍ୟାଙ୍କମାନଙ୍କ ମଧ୍ୟରେ ରାଜ୍ୟସ୍ତରରେ ଏହା ଯଥେଷ୍ଟ ନାଁ କମେଇଥିଲା। ମାତ୍ର ଏହି ବ୍ୟାଙ୍କର ଭାଗ୍ୟ ଏବେ ଅନିଶ୍ଚିତତା ମଧ୍ୟରେ ଗତି କରୁଛି। ନିଜ କଷ୍ଟ ଉପାର୍ଜିତ ଟଙ୍କାକୁ ଏଥିରେ ଜମା ରଖି ମୁଣ୍ଡରେ ହାତ ଦେଇ ବସିଛନ୍ତି ୭୧ ହଜାର ୩୨୪ ଜମାକାରୀ। କାରଣ ଏହି ବ୍ୟାଙ୍କର ଲାଇସେନ୍ସକୁ ରିଜର୍ଭ ବ୍ୟାଙ୍କ ୨୦୧୪ରୁ ରଦ୍ଦ କରିଦେଇଛି। ଫଳରେ ଲୋକେ ଟଙ୍କା ଫେରି ପାଇବାରେ ଅସୁବିଧା ଭୋଗୁଛନ୍ତି। ରାଜ୍ୟ ସରକାର ଅକ୍ଟୋବର୨୦୧୫ରେ ଏହି ବ୍ୟାଙ୍କର ସମସ୍ତ ସ୍ଥାବର ସମ୍ପତ୍ତିକୁ ବିକ୍ରୟ କରିବା ତଥା ବ୍ୟାଙ୍କକୁ ବିଲୋପ କରିବା ପାଇଁ ପଦକ୍ଷେପ ନେଇଥିଲେ। କିନ୍ତୁ ବ୍ୟାଙ୍କ କର୍ତ୍ତୃପକ୍ଷ ହାଇକୋର୍ଟରେ ଚ୍ୟାଲେଞ୍ଜ କରି ରହିତାଦେଶ ଆଣିଥିଲେ। ଲାଇସେନ୍ସ ନ ଥିବାରୁ ବ୍ୟାଙ୍କରେ କୌଣସି ପ୍ରକାର ଆର୍ଥିକ କାରବାର ହୋଇପାରୁନାହିଁ। ଅନ୍ୟପକ୍ଷେ କୋର୍ଟ ଏଯାଏଁ ଚୂଡ଼ାନ୍ତ ରାୟ ମଧ୍ୟ ପ୍ରକାଶ କରି ନାହାନ୍ତି। ଗତ ଜାନୁୟାରୀ ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରିପଦା ଆସି ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ବ୍ୟାଙ୍କକୁ ପୁନଃ କାର୍ଯ୍ୟକ୍ଷମ କରିବା ସକାଶେ ସରକାର ପଦକ୍ଷେପ ନେବେ ବୋଲି କହିଥିଲେ। ହେଲେ ଏହା ମଧ୍ୟରେ ୬ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ବି ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି।

ଉଲ୍ଲେଖଯୋଗ୍ୟ ଯେ, ୨୦୦୧ରୁ ୨୦୧୪ ପର୍ଯ୍ୟନ୍ତ ବ୍ୟାଙ୍କର ପରିଚାଳନା ପରିଷଦ ସରକାରଙ୍କ ଦ୍ୱାରା ମନୋନୀତ ପରିଚାଳନା କମିଟି ଦ୍ୱାରା ପରିଚାଳିତ ହୋଇ ଆସୁଥିଲା। ଏହି ସମୟ ମଧ୍ୟରେ ପରିଚାଳନାଗତ ତ୍ରୁଟି, କର୍ମଚାରୀଙ୍କ ଅବହେଳା ଏବଂ ଋଣ ଖିଲାପକାରୀଙ୍କ ଯୋଗୁଁ ବ୍ୟାଙ୍କର ଆଜି ଏପରି ଦୁରବସ୍ଥା ହୋଇଛି। ବ୍ୟାଙ୍କର ମୋଟ ୨ ହଜାର ୯୫୩ ଋଣୀ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୨୦ ଜଣ ଋଣୀ ବ୍ୟାଙ୍କକୁ ୬୨ କୋଟି ୨୧ ଲକ୍ଷ ୫୪୨ ଟଙ୍କା ଫେରସ୍ତ ଦେବେ। କିନ୍ତୁ ୭୨ ହଜାର ୩୨୪ ଜମାକରୀ ୭୧ କୋଟି ୫୬ ଲକ୍ଷ ଟଙ୍କା ବ୍ୟାଙ୍କରୁ ପାଇବାର ଅଛି। ବର୍ତ୍ତମାନ ବ୍ୟାଙ୍କରେ ୭୦ କୋଟି ୨୮ ଲକ୍ଷ ଟଙ୍କା ଜମା ରହିଛି। ଯଦି ବ୍ୟାଙ୍କକୁ ପୁନଃ କାରବାର ପାଇଁ କ୍ଷମତା ପ୍ରଦାନ କରାଯାଏ ତା'ହେଲେ ଜମାକାରୀ ସେମାନଙ୍କ ଟଙ୍କା ସୁବିଧାରେ ପାଇପାରିବେ। ରାଜ୍ୟ ସରକାର ରିଜର୍ଭ ବ୍ୟାଙ୍କକୁ ଏ ନେଇ ଅବଗତ କଲେ ରିଜର୍ଭ ବ୍ୟାଙ୍କ ଅନୁମତି ପ୍ରଦାନ କରିବ ବୋଲି ଜମାକାରୀ ଦାବି କରି ଆସୁଛନ୍ତି। ହେଲେ ରାଜ୍ୟ ସରକାର କିମ୍ବା ସ୍ଥାନୀୟ ନିର୍ବାଚିତ ପ୍ରତିନିଧି କେହି ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି।

– ରବି ନାରାୟଣ ଚଲାନ

# ସାହିତ୍ୟିକ, ସାହିତ୍ୟ ସଙ୍ଗଠନକୁ ମିଳିବ ପ୍ରୋତ୍ସାହନ

## ପ୍ରଥମଥର ପାଇଁ ଦିଆଯିବ ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ

ଭୁବନେଶ୍ୱର,୨୫।୮(ବ୍ୟୁରୋ)

ଓଡ଼ିଆ ଭାଷା ଓ ସାହିତ୍ୟର ବ୍ୟାପକତା ବୃଦ୍ଧି ପାଇଁ ସାହିତ୍ୟିକ ଓ ସାହିତ୍ୟ ସଙ୍ଗଠନକୁ ପ୍ରୋତ୍ସାହନ ପ୍ରଦାନ କରିବେ ରାଜ୍ୟ ସରକାର। ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଉତ୍କର୍ଷ ଲାଗି ପୂର୍ବରୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଉଥିବାବେଳେ ଏ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରିବା ନିମନ୍ତେ ଏଣିକି ସଂଗଠନ ଓ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ। ଚଳିତବର୍ଷଠାରୁ ପ୍ରଥମଥର ପାଇଁ ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ ନାମରେ ଏକ ସାରସ୍ୱତ ସମ୍ମାନ ପ୍ରଦାନ କରାଯିବ। ଏନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇବା ସହ ଆବେଦନପତ୍ର ଆହ୍ୱାନ କରାଯାଇଛି।

ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ ପ୍ରତ୍ୟେକ ବର୍ଷ ଜଣେ ବ୍ୟକ୍ତିବିଶେଷ କିମ୍ବା ଏକ ସାହିତ୍ୟ ଅନୁଷ୍ଠାନକୁ ଦିଆଯିବ। ବ୍ୟାସକବି ଫକୀରମୋହନଙ୍କ ସମ୍ପର୍କରେ ଉତ୍କୃଷ୍ଟ ଆଲୋଚନା ବା ସାରସ୍ୱତ ରଚନା କୃତିତ୍ୱକୁ ଅଗ୍ରାଧିକାର ଦିଆଯିବ। ଏହାସହିତ ସାହିତ୍ୟ କ୍ଷେତ୍ରରେ ନିରନ୍ତର କାର୍ଯ୍ୟରତ ସଙ୍ଗଠନର କାର୍ଯ୍ୟଧାରାକୁ ବିଚାରକୁ ନେଇ ଏହି ସମ୍ମାନ ପ୍ରଦାନ କରାଯିବ। ଅତିକମ୍‌ରେ ୫ବର୍ଷ ଧରି ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ଏବଂ ଅଗ୍ରଗତି ପାଇଁ ଯେଉଁ ସାରସ୍ୱତ ଅନୁଷ୍ଠାନ ପ୍ରୟାସ ଜାରି ରଖିଥିବ, ସେହି ଅନୁଷ୍ଠାନକୁ ସମ୍ମାନ ପ୍ରଦାନ ପାଇଁ ବିଚାରକୁ ନିଆଯିବ। ସେହିଭଳି ବ୍ୟକ୍ତିଗତ ଭାବେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ସାହିତ୍ୟିକଙ୍କୁ ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରାଯିବ। ସାହିତ୍ୟିକମାନେ ଯଦି ପୂର୍ବରୁ ବିଭିନ୍ନ ଏକାଡେମୀ ଦ୍ୱାରା ସର୍ବୋଚ୍ଚ ସାରସ୍ୱତ ସମ୍ମାନ ଯଥା ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର, କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ପୁରସ୍କାର ଓ ଧର୍ମପଦ ପୁରସ୍କାର ପ୍ରାପ୍ତ ହୋଇଥିବେ, ତାହେଲେ ସେମାନଙ୍କୁ ବିଚାରକୁ ନିଆଯିବ ନାହିଁ। ଏହି ପୁରସ୍କାର ମରଣୋତ୍ତର ଭାବେ ପ୍ରଦାନ କରାଯିବ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ କୋର୍ଟରେ ମାମଲା ଯୋଗୁ ସଂସ୍କୃତି ବିଭାଗର ବିଭିନ୍ନ ପୁରସ୍କାର ଅଟକି ରହୁଥିବାରୁ ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ ଚୟନ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ହେବ ବୋଲି କୁହାଯାଇଛି। ଏ ସମ୍ବନ୍ଧରେ କୌଣସି ବ୍ୟକ୍ତିବିଶେଷ ବା ଅନୁଷ୍ଠାନର ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ। ସେହିଭଳି ପୁରସ୍କାର ପାଇଁ ଉପଯୁକ୍ତ ଯୋଗ୍ୟ ବ୍ୟକ୍ତି ବା ଅନୁଷ୍ଠାନ ଉପଲବ୍ଧ ନ ହେଲେ ସେହିବର୍ଷ ଏହି ସମ୍ମାନ ପ୍ରଦାନ କରାଯିବ ନାହିଁ। ଚଳିତବର୍ଷର ସମ୍ମାନ ପ୍ରଦାନ ନିମନ୍ତେ ଆବେଦନ କରିବାର ଶେଷ ତାରିଖ ସେପ୍ଟେମ୍ବର ୨୩ ଥିବାବେଳେ ସଂସ୍କୃତି ବିଭାଗର ୱେବ୍‌ସାଇଟ୍‌ରେ ସମସ୍ତ ତଥ୍ୟ ଉପଲବ୍ଧ ହେବ।

## ଆଜି କ'ଣ କେଉଁଠି

**ଅତାବିରା**
- ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା, ଖୁଣ୍ଟୁଲିପାଲି(ଭେଡେନ ବ୍ଲକ)ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସକାଳ ୭ଟାରୁ।

**ଟିକ୍ରାପଡା**
- ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ ବିୟୋଗରେ ବ୍ଲକସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା, ସଇଁତଳା ଶିବି ମନ୍ଦିର ପରିସର, ଅପରାହ୍ନ ୪ଟା।

**ନୂଆପଡା**
- ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସନ୍ଧ୍ୟା ୬ଟା।

**ସମ୍ବଲପୁର**
- ଜିଲାପାଳଙ୍କ ଜନଶୁଣାଣି ଓ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ଝୁଝୁମୁରା ବ୍ଲକ, ପୂର୍ବାହ୍ନ ୯ଟା।
- ଏସ୍‌ଏଚ୍‌ଜି ମହିଳାଙ୍କୁ କାର୍ଯ୍ୟାଦେଶ ବଣ୍ଟନ, ଝୁଝୁମୁରା କୁଷ୍ଠାଶ୍ରମ ପରିସର, ପୂର୍ବାହ୍ନ ୧୧ଟା।
- ରାସଲୀଳା ଓ ଗୋପୀ ଉଦ୍ଧବ ପ୍ରବଚନ, ବସ୍ତି ମାରୱାଡି ଧର୍ମଶାଳା, ଅପରାହ୍ନ ୩ଟା।

**ଉଲ୍ଲୁଣ୍ଡା**
- ଜିଲାପାଳଙ୍କ ମିଳିତ ଜନଶୁଣାଣୀ, ବ୍ଲକ ସଭାଗୃହ, ପୂର୍ବାହ୍ନ ୧୧ଟା।

**ସୁବର୍ଣ୍ଣପୁର**
- ୭ମ ଅର୍ଥନୈତିକ ଜନଗଣନା କାର୍ଯ୍ୟକ୍ରମର ଶୁଭାରମ୍ଭ, ଜିଲାପାଳ କାର୍ଯ୍ୟାଳୟ, ପୂର୍ବାହ୍ନ ୯ଟା ୪୫।

**ବରଗଡ଼**
- କୋଶଳ ରାଜ୍ୟ ସମନ୍ୱୟ ସମିତିର ଧାରଣା, ବିକ୍ଷୋଭ, ଜିଲାପାଳ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୦ଟା ୩୦।

# ଚିତ୍ରକୋଣ୍ଡାରେ ଏକାଠି ହେଲେ ସ୍ୱାଭିମାନ ଅଞ୍ଚଳବାସୀ

ଚିତ୍ରକୋଣ୍ଡା,୨୫।୮(ଡି.ଏନ.ଏ.)



ଚିତ୍ରକୋଣ୍ଡା ସ୍ଲିଲୱେ ଲଞ୍ଚ ଘାଟଠାରେ ପହଞ୍ଚିଥିବା ସ୍ୱାଭିମାନ ଅଞ୍ଚଳବାସୀ।

- ଆଜି ଜିଲାପାଳଙ୍କ ଅଫିସ ଆଗରେ ଧାରଣା
- ଲଞ୍ଚ ଯୋଗେ ଆସିଛନ୍ତି ୧ହଜାରରୁ ଊର୍ଦ୍ଧ୍ୱ ମହିଳାପୁରୁଷ

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବିଚ୍ଛିନାଞ୍ଚଳ ତଥା ସ୍ୱାଭିମାନ ଅଞ୍ଚଳର ବିକାଶ ପାଇଁ ଉକ୍ତ ଅଞ୍ଚଳବାସୀ ଏବେ ରାସ୍ତାକୁ ଓହ୍ଲାଇଛନ୍ତି। ପଣଷପୁଟ, ଯୋଡ଼ାମ୍ବ, ଅଣ୍ଡିରାପାଲି, ଯନ୍ତ୍ରୀ ଓ ଗାଜୁଲୁମାମୁଡ଼ି ପଞ୍ଚାୟତକୁ ନେଇ ଗଠିତ ବିଚ୍ଛିନାଞ୍ଚଳ ବିକାଶ ପରିଷଦ ଏହାର ନେତୃତ୍ୱ ନେଇଛି। ନିଜ ଅଞ୍ଚଳର ଉନ୍ନୟନମୂଳକ କାର୍ଯ୍ୟ ଯଥା ସ୍ୱାସ୍ଥ୍ୟସେବା,ରାସ୍ତାଘାଟ, ପାନୀୟ ଜଳ, ଅଙ୍ଗନୱାଡି କେନ୍ଦ୍ର ସମ୍ପର୍କିତ ଦାବି ଜିଲାପାଳଙ୍କୁ ଭେଟି ଜିଲା ପ୍ରଶାସନ ନିକଟରେ ଉପସ୍ଥାପନ କରିବା ଲାଗି ଚିତ୍ରକୋଣ୍ଡାର ସ୍ଲିଲୱେ ଲଞ୍ଚ ଘାଟଠାରେ ୧ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ ମହିଳାପୁରୁଷ ୧୦୦ କିଲୋମିଟର ଲଞ୍ଚ ଯୋଗେ ଆସି ପହଞ୍ଚିଥିଲେ। ତେବେ ଘାଟରେ ଚିତ୍ରକୋଣ୍ଡା ତହସିଲଦାର ଟି. ପଦ୍ମନାଭ ଦୋରା, ବିଡ଼ିଓ ଲରିମନ ଖରସେଲ, ମାଲକାନଗିରି ଥାନା ଅଧିକାରୀ ରାମ ପ୍ରସାଦ ନାଗ, ଚିତ୍ରକୋଣ୍ଡା ଥାନା ଅଧିକାରୀ ଯୁଗଳ ଶବର, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚିତ୍ତରଞ୍ଜନ ବେହେରା ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଛନ୍ତି। ଜିଲାପାଳ ମନୀଷ ଅଗ୍ରୱାଲ ଏବେ ଛୁଟିରେ ଅଛନ୍ତି। ଦାବିପତ୍ର ଆମକୁ ଏଠାରେ ଦେଇ ଫେରିଯାନ୍ତୁ, ଆମେ ଏ ଦିଗରେ ପଦକ୍ଷେପ ନେବୁ ବୋଲି ଅଧିକାରୀମାନେ କହିଥିଲେ ମଧ୍ୟ ସେମାନେ ଜିଲାପାଳଙ୍କୁ ଭେଟିବାକୁ ବର୍ଷାରେ ଭିଜି ଭିଜି ସନ୍ଧ୍ୟା ପର୍ଯ୍ୟନ୍ତ ଜିଦ୍ ଧରି ବସିଥିଲେ। ସେମାନେ ଘରକୁ ନ ଫେରି ଚିତ୍ରକୋଣ୍ଡାରେ ରାତ୍ରିଯାପନ କରି ସୋମବାର ମାଲକାନଗିରି ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବେ ବୋଲି କହିଛନ୍ତି। ବିଚ୍ଛିନାଞ୍ଚଳର ଉପରୋକ୍ତ ୫ଟି ପଞ୍ଚାୟତ ସମ୍ପୂର୍ଣ୍ଣ ବାହ୍ୟଜଗତରୁ ଅଲଗା ହୋଇ ରହିଥିବାରୁ ଉକ୍ତ ଅଞ୍ଚଳରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉନାହିଁ। ଏନେଇ ସମ୍ପୃକ୍ତ ଅଞ୍ଚଳବାସୀ ଗତ ସାଧାରଣ ନିର୍ବାଚନ ପୂର୍ବରୁ ୩୧ଦଫା ସମ୍ବଳିତ ଦାବିପତ୍ର ଜିଲା ପ୍ରଶାସନକୁ ଦେଇଥିଲେ। ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ସେମାନେ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ୧୭ରେ ବିଚ୍ଛିନାଞ୍ଚଳରେ ମାଓବାଦୀମାନେ ପ୍ରଜାମେଳି କରିଥିଲେ। ବିଚ୍ଛିନାଞ୍ଚଳରେ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ଖୋଲୁ ନ ଥିବାରୁ ସେମାନେ ଶିକ୍ଷକ ଓ ଅଙ୍ଗନୱାଡି କର୍ମୀଙ୍କୁ ସିଧାସଳଖ ଟାର୍ଗେଟ କରିଥିଲେ। ଡିଉଟି କର, ନ ହେଲେ ଚାକିରି ଛାଡ଼ ବୋଲି ଚେତାବନୀ ଦେଇଥିଲେ। ଏହାର କିଛି ଦିନ ପରେ ବିଚ୍ଛିନାଞ୍ଚଳର ୫ଟି ପଞ୍ଚାୟତର ଲୋକେ ଏକଜୁଟ୍ ହେବା ପ୍ରଶାସନ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି।

# ଏୟାରପୋର୍ଟ, ଶପିଙ୍ଗ୍ ମଲ୍‌ରେ ମିଳିବ କୁଲ୍ହଡ ଚା'



ନୂଆଦିଲ୍ଲୀ,୨୫।୮

ଦେଶର ପ୍ରମୁଖ ରେଳ ଷ୍ଟେଶନ, ବସ୍ ଡିପୋ, ଏୟାରପୋର୍ଟ ଓ ଶପିଙ୍ଗ୍ ମଲ୍‌ରେ ଖୁବଶୀଘ୍ର କୁଲ୍ହଡରେ ଚା' ପିଇବାର ମଜା ନେଇ ହେବ। କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଏ ସଂକ୍ରାନ୍ତରେ ରେଳ ମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ପତ୍ର ଲେଖିଛନ୍ତି। ବର୍ତ୍ତମାନ କେବଳ ବାରାଣସୀ ଓ ରାୟବରେଲି ଷ୍ଟେଶନ ମଧ୍ୟରେ ମାଟିରେ ତିଆରି କୁଲ୍ହଡରେ ଚା' ବିକ୍ରି ହେଉଛି। ଦେଶର ୧୦୦ ରେଳ ଷ୍ଟେଶନରେ କୁଲ୍ହଡରେ ଚା' ବିକ୍ରି କରିବାକୁ ବାଧ୍ୟତାମୂଳକ କରିବାକୁ ସେ ଗୋୟଲଙ୍କୁ କହିଥିବା ଗଡ଼କରୀ କହିଛନ୍ତି। ଏଥିସହିତ ଏୟାରପୋର୍ଟ ଓ ବସ୍ ଡିପୋ ଆଖପାଖ ଅଞ୍ଚଳରେ ମାଟି ପାତ୍ରରେ ଚା' ବିକ୍ରିକୁ ବାଧ୍ୟତାମୂଳକ କରାଯିବ। ସେହିପରି ଶପିଙ୍ଗ୍ ମଲ୍‌ରେ କୁଲ୍ହଡ ବ୍ୟବହାର ପାଇଁ ସରକାରଙ୍କ ପକ୍ଷରୁ ଉତ୍ସାହିତ କରାଯିବ ବୋଲି ସେ କହିଛନ୍ତି। ଏହାଦ୍ୱାରା ସ୍ଥାନୀୟ କୁମ୍ଭାରଙ୍କୁ ବଡ଼ ବଜାର ମିଳିଯିବ ଏବଂ ସେମାନଙ୍କୁ ରୋଜଗାର ମିଳିବ। ଏହାଦ୍ୱାରା ପ୍ଲାଷ୍ଟିକ ଓ କାଗଜ କପ୍ ଓ ଗ୍ଲାସ୍‌ରେ ଚା'ବିକ୍ରି ବନ୍ଦ ହୋଇଯିବ ଏବଂ ପରିବେଶ ପ୍ରଦୂଷଣଜନିତ କ୍ଷତିକୁ ଅନେକାଂଶରେ କମାଯାଇପାରିବ ବୋଲି ଗଡ଼କରୀ ଯୁକ୍ତି ଦର୍ଶାଇଛନ୍ତି। ଚାହିଦା ବୃଦ୍ଧି କାରଣରୁ ବ୍ୟାପକ ହାରରେ କୁଲ୍ହଡ ଉତ୍ପାଦନ ଲାଗି ଆବଶ୍ୟକ ଉପକରଣ ଯୋଗାଇବାକୁ ସେ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଆୟୋଗ ଅଧ୍ୟକ୍ଷ ବିନୟ କୁମାର ସାକ୍ସେନା କହିଛନ୍ତି ଯେ, କୁଲ୍ହଡ ତିଆରି କରିବା ଲାଗି ଆୟୋଗ ପକ୍ଷରୁ ଗତବର୍ଷ ୧୦ ହଜାର ଇଲେକ୍ଟ୍ରିକ ଚକ କୁମ୍ଭାରଙ୍କୁ ପ୍ରଦାନ କରାଯାଇଛି। ଚଳିତବର୍ଷ ୨୫ ହଜାର ଚକ ବଣ୍ଟାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି। ସରକାର କୁମ୍ଭାର ସଶକ୍ତୀକରଣ ଯୋଜନା ଅଧୀନରେ କୁମ୍ଭାରଙ୍କୁ ଇଲେକ୍ଟ୍ରିକ ଚକ ବାଣ୍ଟୁଛନ୍ତି।

# ତୁଳସୀ ପାହାଡ଼ରେ ମାଓବାଦୀ ଶିବିର ଧ୍ୱଂସ

ମାଲକାନଗିରି,୨୫।୮ (ଡି.ଏନ୍.ଏ.)

## ଖସିଗଲେ ଟପ୍ କ୍ୟାଡର ନେତା ବିନୋଦ କଶ୍ୟପ

- ୮ଜଣଙ୍କୁ ଉଠାଇନେଲା ଛତିଶଗଡ଼ ପୋଲିସ
- ବହୁ ବିସ୍ଫୋରକ ସାମଗ୍ରୀ ଜବତ
- ଦରଭା ଡିଭିଜନ ନେଇଥିଲା ନେତୃତ୍ୱ



ମାଲକାନଗିରି ଜିଲା ମାଥିଲି ବ୍ଲକର ମହୁପଦରସ୍ଥିତ ତୁଳସୀ ପାହାଡରେ ଶନିବାର ମାଓବାଦୀଙ୍କ ପକ୍ଷରୁ ଚାଲିଥିବା ଶିବିରକୁ ପୋଲିସ ଧ୍ୱଂସ କରିଦେଇଛି। ମାଲକାନଗିରି ପୋଲିସ ସହାୟତାରେ ଛତିଶଗଡ ପୋଲିସ ୨ ଦିନ ଧରି ଏକ ସ୍ୱତନ୍ତ୍ର ଅପରେଶନ କରିଥିଲା। ସୁକୁମା ପୋଲିସ ମାଲକାନଗିରି ସୀମାନ୍ତରେ ପ୍ରବେଶ କରି ଦଣ୍ଡିପଦର ଅଞ୍ଚଳରେ ଅପରେଶନ କରୁଥିବା ବେଳେ ମାଓବାଦୀଙ୍କ ଶିବିର ଉପରେ ଆକ୍ରମଣ କରିଥିଲା। ତେବେ ଯବାନଙ୍କୁ ପ୍ରତିହତ କରି ନ ପାରି ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ମାଓବାଦୀ କ୍ୟାମ୍ପ ଛାଡି ଚାଲି ଯାଇଥିଲେ। ଏହି ସମୟରେ ଶିବିରରେ ଥିବା ମାଓବାଦୀ ନେତା ବିନୋଦ କଶ୍ୟପ ମଧ୍ୟ ଖସି ପଳାଇଥିବା କୁହାଯାଉଛି। ଶିବିରରୁ ପୋଲିସ ବହୁ ବିସ୍ଫୋରକ ସାମଗ୍ରୀ, ଅଫୁଟା ଗୁଳି, କିଟ୍ ବ୍ୟାଗ୍, ମାଓବାଦୀ ସାହିତ୍ୟ ପୁସ୍ତିକା, ଖାଦ୍ୟ ସାମଗ୍ରୀ, ଔଷଧ, ଜାଳେଣି କାଠ ଆଦି ଜବତ କରିଛି। ଏହି ଅଞ୍ଚଳରେ ମାଓବାଦୀମାନେ ସକ୍ରିୟ ଥିବା ଏବଂ ମାଓବାଦୀଙ୍କ ଦରଭା ଡିଭିଜନ ନେତୃତ୍ୱ ନେଇଥିବା ପୋଲିସ ସୂଚନା ପାଇବା ପରେ ଏହି ସ୍ୱତନ୍ତ୍ର ଅପରେଶନ କରାଯାଇଥିଲା। ଘଟଣା ପରେ ପୋଲିସ ସନ୍ଦେହରେ ଦଣ୍ଡିପଦର ତୁଳସୀ ଗ୍ରାମର ପ୍ରାୟ ୮ ଜଣଙ୍କୁ ଉଠାଇ ନେଇଥିବା ଜଣାପଡିଛି। ତେବେ ଏମାନେ ମାଓବାଦୀ ସମର୍ଥକ ନୁହନ୍ତି ବୋଲି ଅଭିଯୋଗ ହୋଇଛି। ଓଡ଼ିଶାର ଏହି ଆଦିବାସୀଙ୍କୁ କେଉଁ କାରଣରୁ ଛତିଶଗଡ ପୋଲିସ ଉଠାଇ ନେଇଛି ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।


## ଜନ୍ମଦିନ ଶୁଭେଚ୍ଛା



**ସାଇ ଶୁଭମ (ଶୁଭମ)**
**(ଖୋର୍ଦ୍ଧା)**
ଆଜି ତୋର ଅଷ୍ଟମ ଜନ୍ମଦିନରେ ପ୍ରଭୁ ଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ।
**ଶୁଭେଚ୍ଛା ସହ**
ଜେଜେବାପା, ଜେଜେମା, ବାପା, ମାମା, ମାଉସୀ
ଧ–୬୭୩୬୪

## ୪ର୍ଥ ଜନ୍ମଦିନ ଶୁଭେଚ୍ଛା



**ଆହାନା ଦାଶ**
**(ଧ୍ରିତି)**
ଆଜି ୪ର୍ଥ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।
**ଶୁଭେଚ୍ଛାସହ:**
ବନ୍ଧୁ ଓ ପରିବାରବର୍ଗ
ଧ–୧୪୦୬୬

## ୫ମ ଜନ୍ମଦିନ ଶୁଭେଚ୍ଛା



(Raja)
**Sai Shivam Sahoo**
(ରମ୍ଭା, ବରି, ଯାଜପୁର)
ଆଜି ତୋର ୫ମ ଜନ୍ମବାର୍ଷିକରେ ମା' ତାରିଣୀଙ୍କ ପାଖରେ ଏତିକି କାମନା କରୁଛୁ, ମା' ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ।
**ଶୁଭେଚ୍ଛା ସହ**
ଜେଜେ, ଜେଜେମା, ବଡ଼ବାପା, ବଡ଼ମାମା, ବାପା, ମାମା, ସନ୍ତୁ ବାପା, ଦାଦା, ଖୁଡ଼ୀ, ପିଉସା, ପିଉସୀ, ଅଜା, ଆଈ, ମାମୁ, ଅଭିଜିତ୍ ଭାଇ, ଦିବ୍ୟଜିତ୍ ଭାଇ, ଗୁଲି ଦିଦି, ଗୁନୁ ଦିଦି, ସୁନୁ ଦିଦି, ଇସୁ, ଓମ୍ ଓ ଅନ୍ୟାନ୍ୟ ପରିବାରବର୍ଗ।
ଧ–୧୪୦୬୨

## ଜନ୍ମଦିନ ଶୁଭେଚ୍ଛା



**ଅଦିତି ପ୍ରିୟଦର୍ଶିନୀ ମଲ୍ଲିକ**
ତୋର ପଞ୍ଚମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଭଲରେ ରଖନ୍ତୁ।
**ଶୁଭେଚ୍ଛା ସହ**
ଜେଜେବାପା, ଜେଜେମା, ବଡ଼ବାପା, ବଡ଼ମମି, ପାପା, ମମି, ଦାଦା, ଖୁଡ଼, ପିଉସା, ପିଉସି, ମାମୁ, ମାଉସି, ନନା, ପୂଜା ଦିଦି, ସୂର୍ଯ୍ୟ ନନା, ଅଂଶୁମାନ, ଆର୍ୟନ୍।
ଧ–୧୪୦୬୫

## ୭ମ ଜନ୍ମଦିନ ଶୁଭେଚ୍ଛା



**ଆଶୁତୋଷ ନାୟକ**
(ଖଲିସରା, ବଳରାମପ୍ରସାଦ, ନୟାଗଡ଼)
ଆଜି ତୁମର ଜନ୍ମବାର୍ଷିକରେ ପ୍ରଭୁ ଶ୍ରୀଜଗନ୍ନାଥ ତୁମ ଜୀବନରେ ସର୍ବଦା ସୁଖ, ଶାନ୍ତି ଭରିଦିଅନ୍ତୁ।
**ଶୁଭେଚ୍ଛା ସହ**
ଚିକୁ, ଭବାନୀ, ମାମାଲି, ବାବୁନା ଓ ପରିବାରବର୍ଗ।
ଧ–୬୭୩୬୩

**GAYATRI GROUP OF INSTITUTION**
Gayatri Vihar, Jamadarpali, Sambalpur
**ADMISSION OPEN**
**GAYATRI COLLEGE OF PHYSIOTHERAPY**
**BPT**
(Bachelor of Physiotherapy) Recognised by Govt. of Odisha, H&FW Dept & (Affilited to Sambalpur University) **Eligibility:** +2 Science Pass
**GAYATRI COLLEGE OF PARAMEDICAL SCIENCE**
**DMLT**
(Diploma in Medical Laboratory Technology, Only Govt. Recognized Institute in Sambalpur)
**Eligibility:** +2 Science with PCB
**GAYATRI COLLEGE OF PHARMACY**
D.Pharm B.Pharm M.Pharm Ph.D
Eligibility: +2 Science Pass/ (PCB/PCM/ PCIT with 45% and a valid rank of OJEE/JEE (Main)/ NEET for B. Pharm)
**CONTACT ADMISSION CELL**
7978497929, 9861249377 (PHARMACY)
8249598936- (DMLT),7982724451,
7381578301 (PHYSIOTHERAPY)


# ଜିଓ ସିନ୍ଥେଟିକ ପ୍ରାଚୀରରେ ନିଆଁ

ରାଜନଗର,୨୫।୮(ଡି.ଏନ.ଏ.)

## ଲୋକେ ଆତଙ୍କିତ



କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ପେଣ୍ଠ ବେଳାଭୂମିରେ ୩୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ଜିଓ ସିନ୍ଥେଟିକ ପ୍ରାଚୀରରେ ରବିବାର ଭୋର ସମୟରେ ନିଆଁ ଲାଗି ଏହାର କିଛି ଅଂଶ ପୋଡିଯାଇଛି। ସମୁଦ୍ର ଏଠାରେ କୂଳ ଖାଉଥିବାରୁ ପେଣ୍ଠ ସମେତ ୫୬ଟି ସମୁଦ୍ରକୂଳିଆ ଗାଁକୁ ସୁରକ୍ଷା ଦେବା ପାଇଁ ଏହା ନିର୍ମାଣ କରାଯାଇଥିଲା। ଏହି ପ୍ରାଚୀରରେ ନିଆଁ ଲାଗିବା ଜଣାପଡିବା ପରେ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳର ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। କେହି ଦୁର୍ବୃତ୍ତ ଏଭଳି କାଣ୍ଡ ଘଟାଇଥିବା ଅନୁମାନ କରାଯାଉଛି ।

ପ୍ରକାଶ ଯେ, ରାଜନଗର-ଗୋପାଳପୁର ଲୁଣାଘେରି ବନ୍ଧର ପେଣ୍ଠ ନିକଟରେ ଚିଙ୍ଗୁଡି ଘେରି ଦାୟିତ୍ୱରେ ଥିବା କେତେଜଣ ବ୍ୟକ୍ତି ଭୋର ସମୟରେ ଜିଓ ସିନ୍ଥେଟିକ ପ୍ରାଚୀରରେ ନିଆଁ ଲାଗିଥିବା ପ୍ରଥମେ ଦେଖିଥିଲେ। ସେମାନେ ପେଣ୍ଠ ଗାଁର ଲୋକଙ୍କୁ ଏହା ଜଣାଇବା ପରେ ସେମାନେ ନିଆଁ ଲିଭାଇବା ପାଇଁ ବାଲ୍‌ଟି, ଗରା,ମାଠିଆ ନେଇ ପହଞ୍ଚି ଥିଲେ। ଖବରପାଇ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ସମୁଦ୍ର କୂଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ପ୍ରାଚୀରର ୨୦ମିଟର ଓସାର ଯାଏଁ ନିଆଁ ଲାଗିଛି। ୨୦ମିଟର ମଧ୍ୟରେ ଥିବା ପ୍ରାୟ ୧୦୦ଟି ଗ୍ୟାବନ ବକ୍ସର ଜାଲି ପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ସିନ୍ଥେଟିକ ଜାଲି ପୋଡି ଯାଇଥିବାରୁ ଗ୍ୟାବନ ବକ୍ସ ମଧ୍ୟରେ ଥିବା ପଥରଖଣ୍ଡ ଭୁଶୁଡି ପଡିବା ଆଶଙ୍କା ସୃଷ୍ଟି ହୋଇଛି। ଖବରପାଇ ତଟବନ୍ଧ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୁଶାନ୍ତ କୁମାର ରଥ, ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥ, ସହକାରୀ ନିର୍ବାହୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ସ୍ୱାଇଁ, ସହକାରୀ ଯନ୍ତ୍ରୀ ଅଞ୍ଜନ କୁମାର ବେହେରା ସ୍ଥିତି ଅନୁଧ୍ୟାନ କରିଛନ୍ତି। ଟେକ୍ନିକାଲ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ପେଣ୍ଠ ନିକଟରେ ସମୁଦ୍ର କୂଳ ଖାଇ ଜନବସତି ଆଡକୁ ମାଡି ଆସିବାରୁ ସେଠାରେ ୫୦୫ ମିଟର ଜିଓ ସିନ୍ଥେଟିକ ପ୍ରାଚୀର ନିର୍ମାଣ କରାଯାଇଥିଲା। ଏହି ପ୍ରାଚୀର ଭାରତର ଦ୍ୱିତୀୟ ଓ ଓଡିଶାର ପ୍ରଥମ ପ୍ରକଳ୍ପ। ସମୁଦ୍ରର ଉତ୍ତାଳ ଜୁଆର ମାଡକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ଏହା ନିର୍ମାଣ କରାଯାଇଛି।


## ମନେ ପଡ଼ନ୍ତି

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତ କାଶିନାଥ ପ୍ରଧାନ**
ଲକ୍ଷ୍ମୀନାରାୟଣ ନଗର, ଆଙ୍କୁଲି, ବ୍ରହ୍ମପୁର
ତିରୋଧାନ: ୧୫।୦୮।୨୦୧୯
ଆଜି ଦ୍ୱାଦଶାହ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ପରୋପକାରିତା ଆମ୍ଭମାନଙ୍କ ପାଇଁ ଦିଗଦର୍ଶନ ହୋଇ ରହିବ।
**ଶୋକସନ୍ତପ୍ତ:**
ସୁବାସଚନ୍ଦ୍ର ନାୟକ, ଇଚ୍ଛାରାଣୀ ନାୟକ, ନାତି ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ–୧୪୦୬୮

### ସପ୍ତଦଶ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ଡ଼ା. ତୃପ୍ତି ମିଶ୍ର**
(ବି.ଏ.ଏମ.ଏସ୍)
ପି.କେ.ଆର.ଆଇ.ଟି. କଲୋନୀ, ପୁରୀ
ତୁ ସଦାସର୍ବଦା ଆମ ଭିତରେ ଜୀବନ୍ତ ହୋଇ ରହିଥିବୁ। ଆଜି ତୋର ସପ୍ତଦଶ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
**ଶୋକସନ୍ତପ୍ତ:**
ପିତା: କୃଷ୍ଣଚନ୍ଦ୍ର ମିଶ୍ର, ମାତା: ଅନ୍ନପୂର୍ଣ୍ଣା ମିଶ୍ର, ଭ୍ରାତୃଦ୍ୱୟ: ନୃସିଂହ ପ୍ରସାଦ, ଶମ୍ଭୁ ପ୍ରସାଦ।
ଧ–୬୭୦୮୫

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତ ଇଂ. ହରିହର ମହାରଣା**
**ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ**
ଜଳସେଚନ ବିଭାଗ, ଓଡ଼ିଶା ସରକାର, ବିବେକାନନ୍ଦ ଟାୱାର, ତୋଟା ସାହି, ବ୍ରହ୍ମପୁର
ଆବିର୍ଭାବ: ୧୫।୦୭।୧୯୫୮
ତିରୋଧାନ: ୧୫।୦୮।୨୦୧୯
ବଂଶ ପଛେ ଯାଉ, ଜାତି ବୃଦ୍ଧି ପାଉ, ସାଧଏ ଉଦାର ନୀତି, ଗାଁ ଶିବାଳୟ ଗାଉ ଚିରକାଳ, ତୁମ୍ଭ ପୁଣ୍ୟ ତ୍ୟାଗ ଗୀତି, ଏକ–ର ସକାଶେ ଅନେକର ଡ଼ାକ, ନ ପାରିଲ ତୁମେ ଏଡ଼ି, କହୁଥିଲ "ଦିଅ ଛାଡ଼ି ଦିଅ ମୋତେ, ଚାଲିଯାଏ ଆଜି ଚାଲିଯାଏ ମୁହିଁ ବିଶ୍ୱ ଜୀବନ ପଥେ"।
**ଶୋକସନ୍ତପ୍ତ:**
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ–୧୪୦୬୯



**UTKAL UNIVERSITY**
**VANI VIHAR, BHUBANESWAR-751004**
**AUCTION SALE NOTICE**

**No. Estt.IV/983/24116/2019** **Dated: 22.08.2019**

Sealed Tenders are invited in plain paper for auction / sale of the following Vehicle on **"as is where is basis"** in the Campus of the Utkal University, Vani Vihar by the undersigned by **03.00P.M. up to 06.09.2019.** The sealed tender will be opened in the presence of the bidders or their authorized representatives in the office of the Registrar at **04.00 P.M. on 06.09.2019.**

| Sl. No. | Reg. No of the Vehicle | Make & Model of the Vehicle | Date of Purchase |
|---|---|---|---|
| 1. | OR-02-AC 0808 | Hindustan Motors Ltd. Ambassador Diesel Car | 31.07.2004 |

The details of Vehicles, terms & conditions for auction is available in the Estt-IV section of the University, which can be obtained by the intending tenderers in any working day in office hours i.e. **10.00 A.M. to 5.30 P.M.** For details visit our website **www.utkaluniversity.ac.in** .

The authority reserves the right to reject any / all tenders without assigning any reason thereof.

**Sd/- Registrar**



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ରାଜରାସ୍ତା ପାଲଟିଛି ଗୋରୁ ଆଶ୍ରୟସ୍ଥଳୀ,ବଢ଼ୁଛି ଦୁର୍ଘଟଣା

ପଡ଼ିଆବାହାଲ,୨୫।୮ (ଡି.ଏନ୍.ଏ) ଦିନବେଳେ ରାସ୍ତା ଉପରେ ସନ୍ଧ୍ୟା ହେଲେ ଘର ବାରଣ୍ଡାରେ। ରାତିରେ ରାସ୍ତାରେ ନତୁବା ବାରଣ୍ଡାରେ। ରାତି ପାହିଲା ବେଳକୁ ବାରଣ୍ଡା ଅସନା। ରାସ୍ତାରେ ଦୁର୍ଘଟଣା। କେବଳ ପୋଷା ଗୋରୁଙ୍କ ଯୋଗୁ ଏପରି ପରିସ୍ଥିତି। ସହର ହେଉ କି ଗ୍ରାମାଞ୍ଚଳ, ସବୁଠି ଗୋରୁ ମାଲିକଙ୍କ ବେପରୁଆ ଭାବ। ପଡ଼ିଆବାହାଲ ଓ ଏହାର ଆଖପାଖ ଅଞ୍ଚଳର କେତେଜଣ ବ୍ୟକ୍ତି ସେମାନଙ୍କ ପୋଷା ଗୋରୁଙ୍କ ଗୁହାଳରେ ନ ବାନ୍ଧି ଛାଡ଼ିଦେବା ଫଳରେ ରାସ୍ତା ଉପରେ ସେମାନେ ଆଶ୍ରୟ ନେଉଛନ୍ତି। ରାସ୍ତାପାର୍ଶ୍ୱ ଘର କିମ୍ବା ଦୋକାନକୁ ମଳମୂତ୍ରରେ ଅସନା କରିବା ନିତିଦିନିଆ ଘଟଣା ହୋଇଗଲାଣି। ସହରର ଟି.ଏଫ୍. କଲେଜ ପାଖ, ଚାରଭାଟି ମାଲତି ଯୋର ବ୍ରିଜ ପାଖ ସମେତ ଅନ୍ୟାନ୍ୟ ସ୍ଥାନରେ ଗୋରୁଗୁଡ଼ିକ ଦିନରାତି ମୁଖ୍ୟରାସ୍ତା ଉପରେ ବିଚରଣ କରିବା ଫଳରେ ବିଶେଷକରି ବାଇକ୍ ଆରୋହୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ୨ ଥର ଅଯୋଗ୍ୟ ସତ୍ତ୍ୱେ ବି ମିଳିଛି

- ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଣ୍ଟନରେ ପ୍ରିୟାପ୍ରୀତି
- ଇଓଙ୍କ ନାଁରେ ସାଂଘାତିକ ଅଭିଯୋଗ
- ବିବାଦୀୟ ଜମିରେ ଘର ନିର୍ମାଣ ହୋଇଛି
- ବିଡିଓ କହିଲେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ

ସମ୍ବଲପୁର,୨୫।୮ (ବ୍ୟୁରୋ)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ୍ ଆମଲିପାନି ଗାଁର ମୁଶିକ ଖାନ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇଛନ୍ତି। ଘର କାମ ନିର୍ମାଣାଧୀନ ରହିଛି। ହେଲେ ଏଥିପାଇଁ ପ୍ରିୟାପ୍ରୀତି କରାଯାଇଛି ବୋଲି ଅଭିଯୋଗ ଉଠିଛି। କ୍ରମାଗତ ଦୁଇ ଦୁଇ ଥର ତାଙ୍କ ନାଁ ତାଲିକାରୁ କଟି ଥିଲା। ଏହା ସତ୍ତ୍ୱେ ପୁଣି ତାଙ୍କ ନାଁରେ ଘର ମିଳିଛି। ପୂର୍ବତନ କୟାକୁଦ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଦାମ ମାଝି ବିଭିନ୍ନ ଦିଗ ଉପରେ ସର୍ଭେ କରି ବିଡିଓଙ୍କ ନିର୍ଦ୍ଦେଶ କ୍ରମେ ତାଲିକାରୁ ତାଙ୍କ ନାଁକୁ ବାଦ୍‌ଦେଇଥିଲେ। ହେଲେ ତାଙ୍କ ବଦଳି ପରେ ଇଓ ବ୍ରଜକିଶୋର ଦୀପ ପୁଣି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଖାନଙ୍କ ନାଁରେ କାର୍ଯ୍ୟାଦେଶ ଦେଇଛନ୍ତି।



ବିବାଦୀୟ ଜମିରେ ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ଆବାସ ।

ଜଣେ ହିତାଧିକାରୀ ୨ ଥର ଅଯୋଗ୍ୟ ଘୋଷଣା ପରେ ବି କିଭଳି ଭାବେ ପୁଣି ଅନୁମତି ପାଇଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏଣୁ ଇଓଙ୍କ କାର୍ଯ୍ୟ ସନ୍ଦେହ ଘେରକୁ ଆସୁଛି । ତାଙ୍କ ନାଁରେ ଘର କରାଇଦେବାକୁ ମୋଟା ଅଙ୍କର ଟଙ୍କା କାରବାର ହୋଇଥିବା ମଧ୍ୟ ଅଭିଯୋଗ ହେଉଛି । ଗାଁ ଲୋକେ ଅଭିଯୋଗ କରିଛନ୍ତି ଯେ, ଯେଉଁ ଜମିରେ ଘର କାମ ହେଉଛି ତାହା ବିବାଦୀୟ ଏବଂ ଗ୍ରାମ୍ୟ ଜଙ୍ଗଲ ଜମି। ସେହି ସ୍ଥାନରେ ଥିବା ବଡ ବଡ ଗଛକୁ ସେ କାଟି ଦେଇଛନ୍ତି। ବନ ବିଭାଗ ସେତେବେଳେ କଟା ଯାଇଥିବା ଗଛଗୁଡିକ ଜବତ କରି ଥାନାରେ ଅଭିଯୋଗ କରିଥିଲା। ହେଲ ପୁଣି ସେହି ସ୍ଥାନରେ ସରକାରୀ ଯୋଜନାରେ ଘର ନିର୍ମାଣ କରାଯାଉଛି। ପଞ୍ଚାୟତରେ ତାଙ୍କ ଭୋଟର ପରିଚୟ ପତ୍ର ରହିଛି । ଏଠାରେ ସେ ନିଜକୁ ଗରିବ ଶ୍ରେଣୀର ବୋଲି ଦର୍ଶାଇଛନ୍ତି । ହେଲେ ତାଙ୍କର ଢାବା ବ୍ୟବସାୟ ରହିଥିବାବେଳେ ସହରରେ ଘର ରହିଛି। ଗୋଟିଏପଟେ ଗରିବ ତଥା ଉଚିତ ହିତାଧିକାରୀମାନେ ସରକାରୀ ଯୋଜନାରେ ଘରଟିଏ ପାଇବାରୁ ବାଦ୍ ପଡୁଥିଲେ ମଧ୍ୟ ଏଭଳି ଧନୀ ଶ୍ରେଣୀର ଲୋକମାନଙ୍କୁ ଘର ଦିଆଯାଉଛି । ତେଣୁ ଏଥିରୁ ଜଣାପଡୁଛି ଯେ କିଭଳି ଭାବେ ଦୁର୍ନୀତି ହେଉଛି। ଏ ସମ୍ପର୍କରେ ଝୁଝୁମୁରା ଆର୍‌ଆଇ ଶ୍ରୀନିବାସ ପ୍ରଧାନ କହିଛନ୍ତି ଯେ, ଯେଉଁ ସ୍ଥାନରେ ଘର ନିର୍ମାଣ କରାଯାଉଛି ତାହା ରେକର୍ଡଭୁକ୍ତ ଜାଗା ନୁହେଁ । ଘର ନିର୍ମାଣ ପାଇଁ କୌଣସି ନିର୍ଦ୍ଦେଶ ଦିଆଯାଇ ନାହିଁ। ହେଲେ ଇଓ ବ୍ରଜ ବିହାରୀ ଦୀପ କହିଛନ୍ତି ଯେ, ଘର ନିର୍ମାଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜମି ସମ୍ପର୍କରେ କିନ୍ତୁ କିଛି ସନ୍ତୋଷଜନକ ଉତ୍ତର ଦେଇ ନ ପାରି କଥା ଏଡାଇ ଯାଇଥିଲେ। ବିଡିଓ ସରୋଜ ବିଶ୍ୱାଳ କହିଛନ୍ତି ଯେ, କାର୍ଯ୍ୟାଦେଶ ବଣ୍ଟନ ପୂର୍ବରୁ ଜମିର କିସମ ସମ୍ପର୍କରେ ଯାଞ୍ଚ ହେବା ଆବଶ୍ୟକ । ଏବେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଜ୍ଞାନବିଜ୍ଞାନ ମେଳାରେ ୮୯ ପ୍ରକଳ୍ପ ପ୍ରଦର୍ଶିତ

ଚିପିଲିମା,୨୫।୮ (ଡି.ଏନ୍.ଏ.) ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ ଚିପିଲିମା ଗୋବିନ୍ଦପାଲି ସରସ୍ୱତୀ ଶିଶୁ ମନ୍ଦିରରେ ବୁର୍ଲା ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ବୁର୍ଲା, ଗୋବିନ୍ଦପାଲି, ମାଝିପାଲି, ଲପଙ୍ଗା, କତରବଗା, ହୀରାକୁଦ, ରେଙ୍ଗାଲି ଶିଶୁ ବିଦ୍ୟାମନ୍ଦିରର ୨୨୨ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ୮୯ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଇଂ. ଅଶୋକ ପଣ୍ଡା, ପ୍ରଫୁଲ୍ଲ କୁମାର ନାୟକ, ଇଂ. ବିଶ୍ୱଜିତ ନାୟକ, ଓୟୁଏଟି ଅଧ୍ୟାପକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସୁଦର୍ଶନ ତ୍ରିପାଠୀ, ସରିତା ଦାସ, ପ୍ରଭାସିନୀ ସାହୁ, ତରଣୀସେନ ମେହେର ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ଶିଶୁ ବର୍ଗ, ବାଳ ବର୍ଗ ଓ କିଶୋର ବର୍ଗରେ ବିଭକ୍ତ ଜ୍ଞାନବିଜ୍ଞାନ ମେଳାରେ ଗଣିତ, ଜ୍ଞାନବିଜ୍ଞାନ, ସଂସ୍କୃତ ପ୍ରବୋଧ ଆଦି ବିଭାଗରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ୧୧୦ ଛାତ୍ରୀଛାତ୍ର ଉନ୍ନୀତ ହୋଇଛନ୍ତି। ବୁର୍ଲା ସଙ୍କୁଳ ପ୍ରମୁଖ ଆଜାଦ ଶେଖର ପ୍ରଧାନ ଓ ସଙ୍କୁଳ ସଂଯୋଜକ ଦେବରାଜ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଧନକଉଡ଼ା ବ୍ଲକ ବସନ୍ତପୁର ସମିତିସଭ୍ୟା ଅଞ୍ଜଳି ଛନ୍ଦ, ଶିଶୁମନ୍ଦିର ସଭାପତି ବୁଦ୍ଧଦେବ ପଣ୍ଡା, ଉପସଭାପତି କିଶୋର ମହାକୁର, ସମ୍ପାଦକ ରଞ୍ଜନ ସିଂ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ସମ୍ପାଦକ ରଞ୍ଜନ ଧନ୍ୟବାଦ ଅର୍ପଣ କରିଥିଲେ। ଗୋବିନ୍ଦପାଲି ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ସଞ୍ଜୟ ମିଶ୍ରଙ୍କ ନେତୃତ୍ୱରେ ଗୁରୁମା ଗୁରୁଜୀ ଓ ଅନ୍ୟମାନେ ସହଯୋଗ କରିଥିଲେ।

### ଛାତ୍ରୀଙ୍କୁ ମାଡ଼, ଅଭିଭାବକଙ୍କୁ ଜାତିଆଣ ଅକ୍ଷେପ

- ପରିଚାଳନା ସମିତି ବୈଠକରେ ହୋଇପାରିଲାନି ସମାଧାନ

ସମ୍ବଲପୁର,୨୫।୮ (ବ୍ୟୁରୋ) ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ରାସନପୁର ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ଜଣେ ଛାତ୍ରୀଙ୍କୁ ମାଡ଼ ମାରିବା ଓ ଏହାର ପ୍ରତିବାଦ କରିବାରୁ ସମ୍ପୃକ୍ତ ଶିକ୍ଷୟିତ୍ରୀ ଅଭିଭାବକଙ୍କୁ ଜାତିଆଣ ଆକ୍ଷେପ କରିବା ଭଳି ସଙ୍ଗିନ ଅଭିଯୋଗ ହୋଇଛି। ଏ ନେଇ ରବିବାର ଅପରାହ୍ନରେ ଶିକ୍ଷକ, ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ହେଲେ ଘଟଣାର ସମାଧାନ ହୋଇପାରି ନାହିଁ। ଭବିଷ୍ୟତରେ କୌଣସି ଶିକ୍ଷକ ଶିକ୍ଷୟିତ୍ରୀ ଆଉ ଛାତ୍ରୀଛାତ୍ରଙ୍କୁ ମାରପିଟ କରିବେ ନାହିଁ। ପୀଡ଼ିତା ଛାତ୍ରୀଙ୍କ ଶାର୍ଟ ଫାଟିଯାଇଥିବାରୁ ତାଙ୍କୁ ନୂଆ ଶାର୍ଟ କିଣି ଦିଆଯିବ ବୋଲି ପରିଚାଳନା କମିଟି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ମାଡ଼ ଖାଇଥିବା ଛାତ୍ରୀଙ୍କ ଅଭିଭାବକ ଏଥିରେ ସନ୍ତୁଷ୍ଟ ହୋଇ ନ ଥିଲେ। ବୈଠକରେ ବଚସା ହେବାରୁ ସେମାନେ ଚାଲି ଆସିଥିଲେ।

ପୀଡ଼ିତା ଛାତ୍ରୀଙ୍କ ବାପା ମଜନୁ ବାଗ ଅଭିଯୋଗ କରିଛନ୍ତି ଯେ ଶିକ୍ଷୟିତ୍ରୀମାନେ ମନମୁଖି କାମ କରୁଛନ୍ତି। ସ୍କୁଲର ଜଣେ ଛାତ୍ର ତାଙ୍କ ଝିଅର ଶାର୍ଟ ଫାଡ଼ିଦେଇଥିଲେ। ଶିକ୍ଷୟିତ୍ରୀ ଜଣକ ଦୁଇ ପିଲାଙ୍କ ଭିତରେ ହୋଇଥିବା ଝଗଡ଼ାର ସମାଧାନ କରିବା ପରିବର୍ତ୍ତେ ମାଡ଼ ମାରିଥିଲେ। ଏ ନେଇ ଶିକ୍ଷୟିତ୍ରୀଙ୍କୁ ପଚାରିବାରୁ ସେ ଜାତିଆଣ ଅକ୍ଷେପ କରି ଗାଳିଗୁଲଜ କରିଥିଲେ। ଜିଲାପାଳ, ଏସ୍‌ପିଙ୍କ ପାଖକୁ ଯାଅ, ମୋର କିଛି ହେବନାହିଁ ବୋଲି କହିଥିଲେ। ପୂର୍ବରୁ ମଧ୍ୟ ସେ ମାଡ଼ ମାରିଥିଲେ। ଏ ନେଇ ବିଭାଗୀୟ ତଦନ୍ତ କରାଯାଇଥିଲା। ଆକ୍ରୋଶମୂଳକ ଭାବେ ମଧ୍ୟାହ୍ନଭୋଜନରେ ଅଣ୍ଡା ମଧ୍ୟ ଠିକ୍ ଭାବେ ଦିଆଯାଉ ନାହିଁ ବୋଲି ବାଗ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ଦୀକ୍ଷିତଙ୍କୁ ପଚାରିବାରୁ କହିଲେ, ଦୁଇ ପିଲାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଉଭୟପକ୍ଷ ଅଭିଭାବକଙ୍କୁ ବୁଝାଶୁଝା କରାଯିବା ପରେ ଘଟଣାର ସମାଧାନ ହୋଇଛି। ଶିକ୍ଷୟିତ୍ରୀଙ୍କ ବିରୋଧରେ ହୋଇଥିବା ଅଭିଯୋଗ ମିଥ୍ୟା ବୋଲି ଦୀକ୍ଷିତ କହିଛନ୍ତି।

- ସାହିତ୍ୟ ଏକାଡେମୀ ଆୟୋଜିତ ଆଲୋଚନାଚକ୍ର

# ବିନୋଦ ନାୟକ ଥିଲେ ବିଶ୍ୱସ୍ତରୀୟ କବି

ସମ୍ବଲପୁର,୨୫।୮ (ବ୍ୟୁରୋ)

ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ କବି ବିନୋଦ ଚନ୍ଦ୍ର ନାୟକଙ୍କ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର ରବିବାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଅଧ୍ୟାପନା ପ୍ରକୋଷ୍ଠ-୧ରେ ଅନୁଷ୍ଠିତ ହୋଇଛି। ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ବିଜୟାନନ୍ଦ ସିଂଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଓଡ଼ିଆ କବି ରାଜେନ୍ଦ୍ର କିଶୋର ପଣ୍ଡା ଏଥିରେ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ସେ କହିଥିଲେ, ବିନୋଦ ନାୟକ ବିଶ୍ୱସ୍ତରୀୟ କବି ଥିଲେ। ତାଙ୍କ କବିତା ଭୂମିରୁ ଭୂମା ଯାଏ ବିସ୍ତାରିତ ହୋଇଥିଲା। ଗ୍ରାମାଞ୍ଚଳର ଶୋଭାରାଜିକୁ ସେ କବିତାରେ ସୁନ୍ଦର ଭାବେ ବର୍ଣ୍ଣନା କରିଥିଲେ ବୋଲି ପଣ୍ଡା କହିଥିଲେ। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ସଦନ କୁମାର ପାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୋଲକାତା ସାହିତ୍ୟ ଏକାଡେମୀ କାର୍ଯ୍ୟକ୍ରମ ଅଧିକାରୀ ଡ. ମିହିର କୁମାର ସାହୁ ସ୍ୱାଗତ ଭାଷଣ ଓ ସୂଚନା ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଓଡ଼ିଆ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ମୂଳ ଭାଷଣ ଉପସ୍ଥାପନ କରିଥିଲେ। ଜିଏମ୍‌ୟୁ ସ୍ନାତକୋତ୍ତର ଓଡ଼ିଆ ବିଭାଗ ପ୍ରଫେସର ଲମ୍ବୋଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ଧ୍ରୁବରାଜ ନାୟକଙ୍କ ଅଧ୍ୟକ୍ଷତାରେ ପ୍ରଥମ ଅଧିବେଶନ ହୋଇଥିଲା। ଏଥିରେ ଅଖିଳ ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଡ. ଶ୍ୟାମ ଭୋଇ ପ୍ରବନ୍ଧ ପାଠ କରିଥିଲେ। ଅଶ୍ୱିନୀ କୁମାର ମିଶ୍ରଙ୍କ ପରିଚାଳନାରେ ଦ୍ୱିତୀୟ ଅଧିବେଶନ ହୋଇଥିଲା। ଡ. ଗୌରିଦାସ ପଧାନ ଓ ସନ୍ତୋଷ କୁମାର ରଥ ପ୍ରବନ୍ଧ ପାଠ କରିଥିଲେ। ଶେଷରେ ଡ. ମନୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜ୍ଞାନୀନ୍ଦ୍ର ବର୍ମା ଚୟନିକା ପୁସ୍ତକ ଉନ୍ମୋଚନ କରାଯାଇଥିଲା।






ବିନୋଦ ଚନ୍ଦ୍ର ନାୟକ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ରରେ କବି ରାଜେନ୍ଦ୍ର କିଶୋର ପଣ୍ଡା ଜ୍ଞାନୀନ୍ଦ୍ର ବର୍ମା ଚୟନିକା ପୁସ୍ତକ ଉନ୍ମୋଚନ କରୁଛନ୍ତି (ବାମ)। ଆଲୋଚନାଚକ୍ରରେ ଯୋଗଦେଇଥିବା ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, କବି ଓ ସାହିତ୍ୟିକ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଫଟୋରେ ଖବର















ରବିବାର ସମ୍ବଲପୁର ଭାଲୁପାଲି ଛକସ୍ଥିତ ଡିଲଙ୍ଗ୍ ଗାର୍ଡେନ୍‌ଠାରେ ଆୟୋଜିତ ସମ୍ବଲପୁର ଫେଶନୋଭାରେ ମଡେଲମାନେ ସମ୍ବଲପୁରୀ ପୋଷାକ ପରିଧାନ କରିଛନ୍ତି।

## ସଂକ୍ଷେପରେ

### ଦାଦି ପ୍ରକାଶମଣୀ ଜୀଙ୍କ ୧୨ତମ ସ୍ମୃତି ଦିବସ

ବୌଦ୍ଧ,୨୫।୮(ସ୍ୱ.ପ୍ର)

ବୌଦ୍ଧ ପ୍ରଜାପତି ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଦିବ୍ୟପ୍ରକାଶ ଭବନ ଠାରେ ରବିବାର ଦାଦି ପ୍ରକାଶମଣୀ ଜୀଙ୍କ ୧୨ତମ ସ୍ମୃତି ଦିବସ ପାଳିତ ହୋଇଯାଇଛି । ଇଶ୍ୱରୀୟ ବିଦ୍ୟାଳୟର ମାମିନା ଉଭଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅତିଥି ଭାବେ ଜିଲା ଓକିଲ ସଂଘର ପୂର୍ବତନ ସଭାପତି ନବ କୁମାର ମିଶ୍ର ଯୋଗ ଦେଇଥିଲେ । ସରୋଜ ଭାଇନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅତିଥି ଓ ଅନ୍ୟମାନେ ଦାଦି ପ୍ରକାଶମଣୀଜୀଙ୍କ ସ୍ମୃତିଚାରଣ କରିଥିଲେ ।

# ଆର୍‌ଆଇ ଅଫିସ ଉଦ୍‌ଘାଟିତ, ଭତ୍ତା ବଣ୍ଟନ

ଗାଇସିଲେଟ,୨୫।୮(ଡି.ଏନ.ଏ)

ଗାଇସିଲେଟ ବ୍ଲକରେ ରାଜସ୍ୱ ନିରୀକ୍ଷକ ଅଫିସ୍‌କୁ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ହିତାଧିକାରୀଙ୍କୁ ଭତ୍ତା ଓଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି ।

ଗାଇସିଲେଟ ବ୍ଲକରେ କେବଳ ଗୋଟିଏ ମାତ୍ର ଆର୍‌ଆଇ ଅଫିସ ଅଧୀନରେ ୧୦୨ ଖଣ୍ଡ ମୌଜାର ଜମିଜମା, ମାଲଗୁଜାରୀ, ବିଭିନ୍ନ ପ୍ରମାଣପତ୍ର କାମ ହେଉଥିବାରୁ ଅସୁବିଧା ହେଉଥିଲା। ଫଳରେ ଏଠାରେ ଆଉ ୩ଟି ଆର୍‌ଆଇ ଅଫିସ୍ ଖୋଲିବା ପାଇଁ ଅଞ୍ଚଳବାସୀ ଦୀର୍ଘଦିନ ଧରି ଦାବି କରିଆସୁଥିଲେ। ରବିବାର ମନ୍ତ୍ରୀ ସିଂ ତାଲପାଲି, ଡାଙ୍ଗବାହାଲଠାରେ ଆର୍‌ଆଇ ଅଫିସକୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ୨୭୪ଜଣଙ୍କୁ ଭତ୍ତା, ୧୮୦୮ଟି ଆବାସ ଯୋଜନା କାର୍ଯ୍ୟାଦେଶ ଓ ୪ଜଣ ଦିବ୍ୟାଙ୍ଗଙ୍କୁ ତିନିଚକିଆ ସାଇକେଲ ବଣ୍ଟନ କରାଯାଇଥିଲା। ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୁଆନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟିକା ରୀତା ସାହୁଙ୍କ ସମେତ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ତହସିଲଦାର, ବିଡିଓ, ଜିଲା ପରିଷଦ ଉପାଧ୍ୟକ୍ଷ ପ୍ରମୁଖ ମଞ୍ଚାସୀନ ଥିଲେ । ଡବ୍ଲ୍ୟୁଇଓ ସଂଯୁକ୍ତା ମାଝୀ ମଞ୍ଚ ପରିଚାଳନା କରିଥିଲେ ।



ମନ୍ତ୍ରୀ ହିତାଧିକାରୀଙ୍କୁ ଭତ୍ତା, କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି ।

# ଶ୍ରଦ୍ଧାଞ୍ଜଳି ସଭାରେ ସ୍ମୃତିଚାରଣ

ବରଗଡ଼ ଅଫିସ୍/ଭେଡ଼େନ ,୨୫।୮

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ କୁଶନପୁରୀ ଗ୍ରାମର ଖବରଦାତା ସ୍ୱର୍ଗତ ମଣ୍ଟୁ ଷଡ଼ଙ୍ଗୀଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ବକଟୀ ପ୍ରାଥମିକ ସ୍କୁଲ ପରିସରରେ ସ୍ଥାନୀୟ ଚେତନା ସଂଘ ଓ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବିବେକାନନ୍ଦ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏଥିରେ ଭେଡ଼େନ ତହସିଲଦାର ସୀମା ସବିତା କୁଲୁ, ବିଡ଼ିଓ ମୁରଲିଧର ନାଏକ, ଥାନା ଅଧିକାରୀ ହେମନ୍ତ ରାଓ, ଏସ୍‌ଆଇ ମନୋଜ ପ୍ରଧାନ, ସରପଞ୍ଚ ଗୌର ଦନ୍ତା, ସିଆରସିସି ନିରାକାର ଧରୁଆ, ଶିକ୍ଷକ ଦୁର୍ଲ୍ଲଭ ଚନ୍ଦ୍ର ଭୋଇ, ଜୟକୃଷ୍ଣ ମହାପାତ୍ର, ଗଜପତି ମହାପାତ୍ର, ପର୍ଶୁରାମ ପାତ୍ର, ଗୁଣସାଗର ମଲ୍ଲିକ ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ଷଡ଼ଙ୍ଗୀଙ୍କ ସ୍ମୃତିଚାରଣ କରିଥିଲେ । ଥୁଆପାଲିରେ ଭୁସ୍‌କା ପୋଢ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ରାଜବୀର ସାହାଣୀ, ଚିକୁ ମଲ୍ଲିକ, କୁନୁ ଭୁଏ, ରୂପେଶ ଭୋଇଙ୍କ ସମେତ ଧନୁଯାତ୍ରା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ । ମଣ୍ଟୁ ନ୍ୟୁଜ ଏଜେନ୍ସିରେ ଅନୁଷ୍ଠିତ ସ୍ମୃତିସଭାରେ ରବିନ୍ଦ୍ର ପେରା, କୁନା ମିଶ୍ର, ପଞ୍ଚାନନ ମହାନନ୍ଦ, କେଶବ ଜାମୁଡ଼ାଲିଆ ଉପସ୍ଥିତ ଥିବାବେଳେ ଭେଡ଼େନ ସାମ୍ବାଦିକ ସଂଘ ପକ୍ଷରୁ ମଧ୍ୟ ଶ୍ରଦ୍ଧାଞ୍ଜଳି ସଭାରେ ସ୍ୱର୍ଗତ ଷଡ଼ଙ୍ଗୀଙ୍କ ସ୍ମୃତିଚାରଣ କରାଯାଇଥିଲା ।


କୁଶନପୁରୀରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।

# ଅସହାୟଙ୍କୁ ନୂଆଖାଇ ଅଡ଼ିଆ ବଣ୍ଟନ


ନୂଆଖାଇ ଜୋଟ୍‌ଜାଟ୍ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ନୂଆଖାଇ ଅଡ଼ିଆ ବଣ୍ଟନ କରୁଛନ୍ତି ।

ବରଗଡ଼ ଅଫିସ୍,୨୫।୮

ବରଗଡ଼ ଜିଲା ଶୁଦ୍ରମୁକ୍ତି ଅଭିଯାନ ପକ୍ଷରୁ ରବିବାର ସ୍ଥାନୀୟ ସୌଖୀନ ରଙ୍ଗମଞ୍ଚରେ ନୂଆଖାଇ ଜୋଟ୍‌ଜାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଜୟଦେବ ସାହୁ, କ୍ରିଷ୍ଣା ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ୫୦ଜଣ ଅସହାୟ, ଦିବ୍ୟାଙ୍ଗ ଲୋକଙ୍କୁ ନୂଆଖାଇ ଅଡ଼ିଆ ସ୍ୱରୂପ ନୂତନ ବସ୍ତ୍ର, ଡାଲି, ଚାଉଳ ଆଦି ବଣ୍ଟନ କରିଥିଲେ । ଆବାହକ ପବିତ୍ର ଦେହେରୀ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ପୂର୍ବତନ ଏଆରସିଏସ୍ ଦିବାକର ଭୋଇ, ପ୍ରୀତମ ସିଂ, ଗୋବିନ୍ଦ ନାଗ, ଉର୍କୁଲୁ ତାଣ୍ଡି, ଜେଠୁ ଭୋଇ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଭବାନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚୋରି ସାମଗ୍ରୀ ଉଦ୍ଧାର, ୪ ଗିରଫ

ବରଗଡ଼ ଅଫିସ୍,୨୫।୮

ବରଗଡ଼ ସଦର ଥାନା ପୋଲିସ ଏକ ଚୋରି ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବିହାର ରାଜ୍ୟ ଝାପରା ଜିଲା ଗରିବଟୋଲାର ମୂଳ ବାସିନ୍ଦା ତଥା ବର୍ତ୍ତମାନ ବରଗଡ଼ ସହରର ନୂଆପଡ଼ାରେ ରହୁଥିବା ଅଜିତ ଯାଦବ(୨୫), ମଙ୍ଗଳାଝୁପୁଡ଼ିର ଦିପକ ଭଇନା(୨୯), ଶଙ୍କର ଦାଶ(୨୨) ଏବଂ ବରପାଲି ଥାନା ରେମତା ଗ୍ରାମର ତରଣୀ ମହାନନ୍ଦ(୩୧) । ସେମାନଙ୍କ ପାଖରୁ ଚୋରି ଇନଭର୍ଟର, ବ୍ୟାଟେରି ଆଦି ଉଦ୍ଧାର କରାଯାଇଛି । ଅଭିଯୁକ୍ତଙ୍କ ବିରୋଧରେ ସଦର ଥାନାରେ ଏକ ମାମଲା (ନଂ.୧୩୭/୧୯) ରୁଜୁ ହୋଇଥିବା ଥାନା ଅଧିକାରୀ ଦିଲୀପ ବେହେରା ସୂଚନା ଦେଇଛନ୍ତି । ପ୍ରକାଶଥାଉକି, ଗତ ୧୯ତାରିଖ ବିଳମ୍ବିତ ରାତ୍ରିରେ ବିରମାଲ ଗ୍ରାମର ନିରଞ୍ଜନ ବିଶ୍ୱାଳଙ୍କ ଘରୁ ଚୋରି ହୋଇଥିଲା ଏବଂ ସେ ଥାନାରେ ଏତଲା ଦେବା ପରେ ପୋଲିସ ତନାଘନା ଚଲାଇ ଅଭିଯୁକ୍ତଙ୍କୁ ଗିରଫ ସହିତ ଚୋରି ସାମଗ୍ରୀ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲା ।


ଗିରଫ ହୋଇଥିବା ଚାରି ଅଭିଯୁକ୍ତ।

# କାଦୁଅରେ ଯାତାୟାତ କରୁଛନ୍ତି ଲୋକେ

ଜାମଟିକ୍ରା, ୨୫।୮ (ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତର ଖଲିଆପାଲି-ପ୍ରଧାନଟିକ୍ରା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ସ୍ୱାଧୀନତାର ୭୩ ବର୍ଷ ପରେ ମଧ୍ୟ ଏହି ରାସ୍ତା ମରାମତି ହୋଇପାରିନାହିଁ । ଖଲିଆପାଲିଠାରୁ ପ୍ରଧାନଟିକ୍ରା ପର୍ଯ୍ୟନ୍ତ ଅଧ କିମି ମାଟି ରାସ୍ତା ହୋଇ ରହିଛି । ଏବେ ବର୍ଷା ଦିନ ହୋଇଥିବାରୁ ରାସ୍ତାଟି ମରଣଯନ୍ତା ପାଲଟିଛି । କାଦୁଅରେ ସ୍ଥାନୀୟ ପ୍ରଧାନଟିକ୍ରାବାସୀ ଦୟନୀୟ ଅବସ୍ଥାରେ ଯାତାୟାତ କରୁଛନ୍ତି। ରାସ୍ତା ସାରା ଖାଲଖମା ହୋଇଥିବାରୁ ଯାତାୟାତ ବେଳେ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି । ଏହି ରାସ୍ତା ଯାତାୟାତ ପାଇଁ ବିପଜ୍ଜନକ ହୋଇପଡିଥିବା ବେଳେ ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଦେଇ ଚାରି ଚକିଆ ଯାନ ଚଳାଚଳ ଏକ ପ୍ରକାର ଠପ ହୋଇଯାଇଛି। ସ୍କୁଲ ଓ କଲେଜ ଯିବା ସମୟରେ ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ସ୍ଥାୟୀ କଂକ୍ରିଟ ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

### କାଦୋଦର କଲେଜରେ ସ୍ୱାଗତ ସମାରୋହ

ଅମରପାଲି, ୨୫।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କାଦୋଦରସ୍ଥିତ ମା' ଉମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। କଲେଜ ଅଧ୍ୟକ୍ଷ ବଲ୍ଲବ ପୁରୋହିତଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । କାର୍ଯ୍ୟକ୍ରମରେ ଛାତ୍ରୀ ଶିବାନୀ ଓ ଛାତ୍ର ପ୍ରଦ୍ୟୁମ୍ନ ବଡ଼େଇ ସଂଯୋଜନା କରିଥିଲେ । ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥବଲା । ଏହାପରେ ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନେ ନିଜ ନିଜର ପରିଚୟ ପ୍ରଦାନ କରିଥିଲେ । କଲେଜର ନୀତି ନିୟମ ମାନି ଚଳିବା ସହିତ ନିଜର ଉଜ୍ଜଳ ଭବିଷ୍ୟତ ଗଠନ କରିବାରୁ ପ୍ରତିଜ୍ଞାବଦ୍ଧ ବୋଲି କହିଥିଲେ। ଉପସ୍ଥିତ ଅଧ୍ୟାପିକା ଓ ଅଧ୍ୟାପକ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜଳ କରିବା ପାଇଁ ଶୃଙ୍ଖଳାଗତ ଆଚରଣ ଓ ସଂସ୍କାରୀ ହେବା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ସୁଶାନ୍ତ ଦେହୁରୀ, ବାଳମକୁନ୍ଦ ବାରିକ, ନିତ୍ୟାନନ୍ଦ ମିଶ୍ର, ରଞ୍ଜିତା ମିଶ୍ର, ସାଧନା ମେଣ୍ଡିଲି, ଉଦ୍ଧବ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ କଲେଜରେ ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବାକୁ ଉପଦେଶ ଦେଇଥିଲେ । ଶେଷରେ ଆଶିଷ ବାଘ ଧନ୍ୟବାଦ ଅର୍ପଣ କରିଥିଲେ ।

### ବନ ବିଭାଗର ଚଢ଼ାଉ, ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଶାଳ କାଠ ଜବତ

ଭବାନୀପାଟଣା,୨୫।୮ (ଡି.ଏନ.ଏ.)

କଳାହାଣ୍ଡି ଉତ୍ତର ବନଖଣ୍ଡ ଡିଏଫ୍‌ଓ ନିତିଶ କୁମାରଙ୍କ ନିର୍ଦ୍ଦେଶକ୍ରମେ ତଥା ଏସିଏଫ ବଂଶୀଧର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନର୍ଲା ବ୍ଲକ୍ ଅନ୍ତର୍ଗତ ବାଲିସିଙ୍ଗା ଓ କନକପୁର ଗ୍ରାମରେ ଚଡାଉ କରାଯାଇଛି। ଏହି ଚଢାଉ ବେଳେ ମୂଲ୍ୟବାନ ଶାଳକାଠ ଜବତ କରାଯାଇଛି। ଜବତ କାଠର ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଏହି ଚଢାଉରେ ନର୍ଲା ରେଞ୍ଜ ଅଫିସର ନୃତ୍ୟରାଜ ମାଝି, କେଁଗାଁ ରେଞ୍ଜ ଅଫିସର ହରେକୃଷ୍ଣ ଦୋରା, ମ. ରାମପୁର ରେଞ୍ଜ ଅଫିସର କେଶବ ମାଝିଙ୍କ ସମେତ ଭବାନୀପାଟଣା, ନର୍ଲା ମ.ରାମପୁର, କେଁଗାର ସମସ୍ତ ବନପାଳ ଓ ବନରକ୍ଷୀ ସାମିଲ ଥିଲେ। ଜବତ କାଠକୁ ଟ୍ରାକ୍ଟରରେ ମ.ରାମପୁରକୁ ନିଆଯାଇଥିବା ଜଣାପଡିଛି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

FINANCE

FINANCE
UNB ଋଣ ଲିମିଟେଡ୍ ଭରସାର ପ୍ରତିକ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ବେରୋଜଗାର ଏବଂ ସମସ୍ତ ଋଣ ମାତ୍ର ୫ ଘଣ୍ଟାରେ ଘରେବସି ପାଆନ୍ତୁ। 2% ସୁଧ 45% ଛାଡ
No File Charge No Guarantor
Vasundhara Mall, West Boring Canal Rd, Rajapur, Patna, Bihar 800001
7298510688
7055901278

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

FINANCE
ବାଲାଜୀ ଋଣ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ 3% ସୁଧ 25% ଛାଡ ୧୦ ବର୍ଷର ଏଗ୍ରୀମେଣ୍ଟ ସହିତ
କେବଳ ଆସାମ, ଓଡିଶା, ବିହାର, ଝାଡଖଣ୍ଡ, ଗୁଜୁରାଟ ହାଇଦ୍ରାବାଦ, ହିମାଚଳ, ବେଙ୍ଗାଲୁରୁ, ମଧ୍ୟପ୍ରଦେଶ ରେ
balajifinancegroupchd@yahoo.com
Plot No 4542, Shahnajaf Rd, Chandigarh 226001
09454715754
09455705969

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ ୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା 1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ ଋଣ
ଏଗ୍ରିକଲ୍‌ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977
72910-46520
H.No-798, Block H, Jaitpur Extn Part-2, Badarpur, South Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ। ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତମନ୍ତ ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
9910294940

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
- ସ୍ପେଶାଲିଷ୍ଟ -
ବଶୀକରଣ ଓ ମୁଠ୍‌କରଣ
ପ୍ରେମ ବିବାହ, ମନମୁତାବକ ପ୍ରେମ, ବଶୀକରଣ, ଯାଦୁ ଟୋନା, ମୁଠୀକରଣୀ, ବିଦେଶ ଯାତ୍ରା ଓ ବ୍ୟବସାୟରେ ପ୍ରତିବନ୍ଧକ, ବିବାହ-ପ୍ରେମରେ ବାଧା, କ୍ରୋଧି ଲୋକଙ୍କୁ ବଶୀଭୂତ କରିବା, ପୁରୁଣା ରୋଗରେ ଔଷଧ କାମ ନ କରିବା, ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର, ଦୁଷ୍ଟ ଲୋକ ଏବଂ ଶତ୍ରୁଠାରୁ ମୁକ୍ତି।
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାବିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

HEALTH CARE

AT PURI AT PURI AT PURI
ଗୁପ୍ତ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ବୈବାହିକ ସମସ୍ୟା, ଶୀଘ୍ର ସ୍ଖଳନ, ପୁରୁଷ ସମସ୍ୟା, ମୂତ୍ରରେ ଧାତୁ ପଡିବା, ସ୍ତ୍ରୀ ରୋଗ – ଋତୁସ୍ରାବ ଅନିୟମିତତା, ଧଳାସ୍ରାବ, ସନ୍ତାନ ହୀନତା, ମୁଖବ୍ରଣ, ରୁପି ଏବଂ ସମସ୍ତ ଚର୍ମ ରୋଗର ଉତ୍ତମ ପରାମର୍ଶ ଏବଂ ଚିକିତ୍ସା।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

EDUCATION

BUSINESS

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ !
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
9430814236
6393626894


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ଗଜପତି ମହାରାଜା ଦିବ୍ୟସିଂହଦେବ



## ସଂକ୍ଷେପରେ

### ଶପଥର ସଫେଇ ଅଭିଯାନ

ଭେଡ଼େନ,୨୫।୮(ଡ଼ି.ଏନ.ଏ)
ଭେଡ଼େନ ବ୍ଲକଅନ୍ତର୍ଗତ ରେମଣ୍ଡା ଗ୍ରାମରେ ଶପଥ ଅନୁଷ୍ଠାନ ତରଫରୁ ରବିବାର ରେମଣ୍ଡା ଗ୍ରାମର ମୁଖ୍ୟଛକକୁ ସଫେଇ କରାଯାଇଥିଲା । ଛକର ସ୍ଥାନେ ସ୍ଥାନେ ଜମା ହୋଇଥିବା ମଇଳା ଆବର୍ଜନାକୁ ସଫେଇ କରି ବ୍ଲିଚିଂ ପାଉଡ଼ର ଛିଞ୍ଚନ କରାଯାଇଥିଲା। ଏହାସହ ପ୍ରତି ଘରେ ଡ଼ଷ୍ଟବିନ ବ୍ୟବହାର କରାଯିବାକୁ ସଚେତନତା ସୃଷ୍ଟି କରାଯାଇଥିଲା। ସଂସ୍ଥା ସଭାପତି ଅବସରପ୍ରାପ୍ତ ଶିକ୍ଷକ ସୁଶୀଲ ଭୁଏଙ୍କ ନେତୃତ୍ୱରେ ଗ୍ରାମର ଯୁବଗୋଷ୍ଠୀ ଏଥିରେ ସହଯୋଗ କରିଥିଲେ।

### ନନ୍ଦୋତ୍ସବ ପାଳିତ

ଭେଡ଼େନ,୨୫।୮(ଡ଼ି.ଏନ.ଏ)
ଭେଡ଼େନ ଜଗନ୍ନାଥ ମନ୍ଦିର ପରିସରରେ ଶନିବାର ବିଳମ୍ବିତ ରାତିରେ ନନ୍ଦୋତ୍ସବ ପାଳିତ ହୋଇଛି । ଏଥିରେ କୃଷ୍ଣଙ୍କୁ ଦୋଳିରେ ଝୁଲାଯାଇଥିଲା। ପୁରୋହିତ ଜଗନ୍ନାଥ ଦାଶ ପୂଜାର୍ଚ୍ଚନା କରିଥିବାବେଳେ ରଞ୍ଜନ ମେହେର ସହଯୋଗ କରିଥିଲେ। ଏହି ଅବସରରେ ଅଲେଖ ସାହୁ, ସୁଦାମ ମେହେର, ନରସିଂହ ରଥ, ସରୋଜ ମେହେର ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ଭକ୍ତବନ୍ଧୁ ମେହେର ଏବଂ ଗ୍ରାମର ଏକାଦଶୀ ପାଳନ ଗୋଷ୍ଠୀ ସହଯୋଗ କରିଥିଲେ । କୁନି କୁନି ବାଳକମାନେ କୃଷ୍ଣ, ବଳରାମ, ଗୋପାଳ ବେଶ ଧାରଣ କରିଥିଲେ ।

### କଳାକାର ସଂଘ ବୈଠକ

ଭେଡ଼େନ,୨୫।୮(ଡ଼ି.ଏନ.ଏ)
ଭେଡ଼େନ ସ୍ଥିତ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବିବାର ବ୍ଲକ କଳାକାର ସଂଘର ଏକ ବୈଠକ ସଭାପତି ସାଗର ମହାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ବୈଠକରେ ପପଙ୍ଗା ପାହାଡ଼ ପାଦଦେଶରେ ସଂଘ ତରଫରୁ ନୂଆଖାଇ ଭେଟଘାଟ ପାଳନ କରିବାକୁ ଆଲୋଚନା ହୋଇଥିଲା । ଏଥିପାଇଁ ବରିଷ୍ଠ କଳାକାର ମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହି ସଭାରେ ସଂଘ ସମ୍ପାଦକ ଦାଶରଥି ହୋତା, କୋଷାଧ୍ୟକ୍ଷ ସିଦ୍ଧେଶ୍ୱର ପାଣିଗ୍ରାହୀ, ବରିଷ୍ଠ ସଭ୍ୟ କ୍ଷେତ୍ରମଣି ବାଗ, ଗୁଣାକାର ଶତପଥି, ନରସିଂହ ରଥ, ହୀରାଲାଲ ବଡ଼େଇ, ମାନଭଞ୍ଜନ ଦାଶଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ ।

### ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଉଦ୍‌ଯାପିତ

ପଦ୍ମପୁର, ୨୫।୮ (ଡ଼ି.ଏନ.ଏ)
ପଦ୍ମପୁର କୁସୁନାପାଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପଦ୍ମପୁର ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହାକୁ ଡ. ଲଳିତେନ୍ଦୁ ନାୟକ ଉଦ୍‌ଘାଟନ କରିଥିଲେ। ପ୍ରଧାନଆଚାର୍ଯ୍ୟ ଯୁବରାଜ ପଧାନ ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭାପତି ଦ୍ୱାଦଶ କୁମାର ପଧାନ ବିଜ୍ଞାନର ଜ୍ଞାନ କୌଶଳ ଉପରେ ଶିଶୁମାନଙ୍କୁ ଆଶୀର୍ବାଚନ ପ୍ରଦାନ କରିଥିଲେ। ସମ୍ପାଦକ ଆଶିଷ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କଲ୍ୟାଣୀ ଗୁରୁମା ସଭା ସଂଯୋଜନା କରିଥିଲେ । ଜ୍ଞାନ ବିଜ୍ଞାନ ମେଳାରେ ପଦ୍ମପୁର ସଙ୍କୁଳ ଅନ୍ତର୍ଗତ ୯ଟି ଶିଶୁ ମନ୍ଦିରରୁ ବିଭିନ୍ନ ପ୍ରକଳ୍ପରେ ୪୯ ଜଣ ବୈଦିକ ଗଣିତ, ସଂସ୍କୃତିଜ୍ଞାନ ଓ ବିଜ୍ଞାନ ପ୍ରଶ୍ନ ମଞ୍ଚରେ କିଶୋର, ବାଳ ଓ ଶିଶୁ ବର୍ଗରୁ ୧୪୪ ଜଣ ବିଭିନ୍ନ ପତ୍ରବାଚନ ଓ ପ୍ରୟୋଗରେ ୨୬ ଜଣ ଏହିପରି ମୋଟ ୨୧୯ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସମାରୋହ ଉତ୍ସବରେ ସଙ୍କୁଳ ପ୍ରମୁଖ ମନୋଜ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଚୈତନ୍ୟ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୨୫ ଜଣ ପରିଚାଳିକା ପରିଚାଳକ ଓ ୧୩ଜଣ ବିଚାରକ ଭାବେ ଯୋଗଦାନ କରିଥିଲେ ।

### ଯାଦବ ସମାଜର ବୈଠକ

ଜାମଟିକ୍ରା, ୨୫।୮ (ଡ଼ି.ଏନ.ଏ)
ଅତାବିରା ଏନଏସି ଅନ୍ତର୍ଗତ ରେଙ୍ଗାଲିପାଲିଠାରେ ରବିବାର ଯାଦବ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଦୁଃଖବନ୍ଧୁ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତାବିରା ବ୍ଲକ ଯାଦବ ସମାଜ ସଭାପତି ଅର୍ଜୁନ ଦୀପ ଯୋଗ ଦେଇଥିଲେ । ଅତାବିରା ଅଞ୍ଚଳରେ ଯାଦବ ଭବନ ଓ ରାଧାକୃଷ୍ଣ ମନ୍ଦିର ନିର୍ମାଣ ପାଇଁ ଆଲୋଚନା ହୋଇଥିଲେ। ବୈଠକରେ ବରଗଡ ଜିଲା ଯାଦବ ସମାଜ ସଭାପତି ଲମ୍ବୋଦର ମଲ୍ଲିକଙ୍କ ସମେତ ମୋହନ କଠାର, ପୂର୍ଣ୍ଣଚନ୍ଦ୍ର ସାଲମା, ଅଭି ଦୀପ, ଚମାର ଭୁଏ ପ୍ରମୁଖ ଯୋଗ ଦେଇଥିଲେ ।

# ବରଗଡ଼ରେ ଭାଷା ଚେତନା ଅଭିଯାନ

ବରଗଡ଼ ଅଫିସ୍‌,୨୫।୮

ସମ୍ବଲପୁରି/କୋଶଲି ଭାଷାର ସମୃଦ୍ଧିରେ କେବଳ ପଶ୍ଚିମାଞ୍ଚଳ ନୁହେଁ, ସମଗ୍ର ଦେଶର ବିକାଶ ପଥ ଉନ୍ମୁକ୍ତ କରିବାରେ ସହାୟକ ହୋଇଥାଏ । ଏହି ଦୃଷ୍ଟିରୁ ଯଥାଶୀଘ୍ର ସମ୍ବଲପୁରି/କୋଶଲି ଭାଷାକୁ ଅଷ୍ଟମ ପରିଚ୍ଛେଦରେ ଅନ୍ତର୍ଭୁକ୍ତୀକରଣ ସହ ସରକାରୀ ଭାଷାର ମାନ୍ୟତା ଅପରିହାର୍ଯ୍ୟ ହୋଇପଡ଼ିଛି । ଏହି ଭାଷାକୁ ନେଇ କାହାରି ମନରେ ଆଘାତ ନ ଦେଇ ସମସ୍ତଙ୍କୁ ଏକତା ଡୋରିରେ ବାନ୍ଧି ଆଗକୁ ବଢ଼ିବା ପାଇଁ ରବିବାର ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଅନୁଷ୍ଠିତ ଭାଷା ଚେତନା ଅଭିଯାନ ପରିପ୍ରେକ୍ଷୀରେ ହୋଇଥିବା ସମାବେଶରେ ଆହ୍ୱାନ କରାଯାଇଛି । ମନୋହର ସାଂସ୍କୃତିକ ସଂସଦ ସଭାପତି ଉତ୍ପନ୍ନ କୁମାର ଭୋଇଙ୍କ ସଭାପତିତ୍ୱରେ ହୋଇଥିବା ଭାଷା ଚେତନା ସମାବେଶରେ ପ୍ରଫେସର ହୃଦମଣି ପ୍ରଧାନ, କଥାକାର ଧନପତି ମହାପାତ୍ର, ବ୍ୟଙ୍ଗକବି




ବରଗଡ଼ରେ ଭାଷା ଚେତନା ଅଭିଯାନ ଶୋଭାଯାତ୍ରା ।

ମନୋରଞ୍ଜନ ସାହୁ, ସୁବାସ ମେହେର, ଅଧ୍ୟାପକ ଟେକଚାନ୍ଦ ଦୁଆନ, ମୋହନ ସାହୁ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଯଜ୍ଞେଶ୍ୱର ରଥ, ନାଟ୍ୟକାର ମୋହନ ସିଂ କହ୍ନେଇ, ବିହାରୀ ମେହେର ପ୍ରମୁଖ ଯୋଗଦେଇ ନିଜ ମତ ରଖିଥିଲେ। ସମାବେଶରେ ବକ୍ତାମାନେ କହିଥିଲେ, ସାହିତ୍ୟ ସାଧନାରେ ଥିବା ଯେ କୌଣସି ବିଜ୍ଞ ବ୍ୟକ୍ତି ଭାଷା କିମ୍ବା ଅଞ୍ଚଳର ସଂକୀର୍ଣ୍ଣତା ଭିତରେ ସୀମିତ ନ ଥିବା ସତ୍ତ୍ୱେ ପଦ୍ମଶ୍ରୀ ଡ଼ଃ ହଳଧର ନାଗଙ୍କ ବିରୋଧରେ କିଛି ଅସୂୟା ସମ୍ପନ୍ନ ବ୍ୟକ୍ତି ବିଭିନ୍ନ ସମୟରେ ବୌଦ୍ଧିକ ଆକ୍ରମଣ ଜାରି ରଖିଛନ୍ତି । ପଦ୍ମଶ୍ରୀ ହଳଧର ଜଣେ ସରଳ, ଅମାୟିକ, ନମ୍ର, ସଂସ୍କୃତି ସମ୍ପନ୍ନ ବ୍ୟକ୍ତି । ସେ ସମଗ୍ର ପଶ୍ଚିମ ଓଡ଼ିଶାରେ ଭାଷା ସାହିତ୍ୟର ସୁଯୋଗ୍ୟ ପ୍ରତିନିଧି । ସମ୍ବଲପୁରି, କୋଶଲି ଭାଷାର ସ୍ୱାଦକୁ ପ୍ରତିପାଦନ କରି ସମଗ୍ର ଦେଶ ଓ ବିଦେଶରେ ପ୍ରଚାର, ପ୍ରସାର କରି ଆସୁଥିବା ସମୟରେ ତାଙ୍କ ପ୍ରତି ଅସହିଷ୍ଣୁ ହୋଇ କିଛି ଲୋକ ଥାନାରେ ଏତଲା ଦେଇଥିବା ବିଷୟକୁ ଦୃଢ଼ ବିରୋଧ କରିଥିଲେ । ଏହା ପଶ୍ଚିମ ଓଡ଼ିଶାର ଅସ୍ମିତା ଓ ସ୍ୱାଭିମାନ ପ୍ରତି କୁଠାରଘାତ ବୋଲି ଭାଷା ଚେତନା ସମାବେଶରେ ଦୃଢ଼ ନିନ୍ଦା କରାଯାଇଥିଲା । ଉପସ୍ଥିତ ଭାଷା କର୍ମୀ ତଥା ସଙ୍ଗଠକ ଅଶୋକ ପୂଜାହାରୀ, କବି ହରିଲାଲ ସାହୁ, ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଥବିର ଚରଣ ମେହେର ପ୍ରମୁଖ ଯୋଗଦେଇ ଭାଷା ଆନ୍ଦୋଳନକୁ ଆଗେଇ ନେବାକୁ ଆହ୍ୱାନ କରିଥିଲେ। ଶରତ ପାଢ଼ୀ, ରାଜେଶ କାରିଆ, ନରେନ୍ଦ୍ର ମହାନ୍ତି, ସୁଶାନ୍ତ ମିଶ୍ର ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଏକ ଶୋଭାଯାତ୍ରା ସ୍ଥାନୀୟ ଗାନ୍ଧୀଛକରୁ ବାହାରି ଅଗ୍ରଗାମୀ ଯୁବକ ସଂଘ ପରିସରରେ ପହଞ୍ଚିଥିଲା । ସାହିତ୍ୟିକ ତେଜରୁ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମଲେଶ୍ୱରୀ ପୀଠରେ ନୂଆଖାଇ ଲଗ୍ନ ନିର୍ଦ୍ଧାରଣ

ବରଗଡ଼ ଅଫିସ୍‌,୨୫।୮

ପଶ୍ଚିମଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଖାଇ ପାଳନ ପାଇଁ ରବିବାର ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ପୀଠରେ ଲଗ୍ନ ନିର୍ଦ୍ଧାରଣ କରାଯାଇଛି। ନିର୍ଦ୍ଧାରିତ ଲଗ୍ନ ଅନୁଯାୟୀ, ଆସନ୍ତା ସେପ୍ଟେମ୍ବର ୨ତାରିଖ ସୋମବାର ନିଶାର୍ଦ୍ଧ ପରେ ମଙ୍ଗଳବାର ସକାଳ ହେବା ପୂର୍ବରୁ ମାଁ ସମଲେଶ୍ୱରୀଙ୍କଠାରେ ନବାନ୍ନ ଭୋଗର ସମସ୍ତ କାର୍ଯ୍ୟ ସମ୍ପାଦନ କରାଯିବ। ସେହିପରି ସେପ୍ଟେମ୍ବର ୩ତାରିଖ ମଙ୍ଗଳବାର ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ପୂର୍ବାହ୍ନ ୯ଘଣ୍ଟା ୨୮ମିନିଟ୍ ଗତେ ୧୦ଘଣ୍ଟା ୨୭ମିନିଟ୍ ମଧ୍ୟେ ଅମୃତବେଳାରେ ନିଜ ଇଷ୍ଟଦେବୀଙ୍କଠାରେ ନବାନ୍ନ ଭୋଗ ଲାଗି କରି ସର୍ବସାଧାରଣ ନବାନ୍ନ ଭକ୍ଷଣ କରିବେ ବୋଲି ଲଗ୍ନ ନିର୍ଦ୍ଧାରଣ କରାଯାଇଛି । ବରଗଡ଼ ତଳିପଡ଼ାସ୍ଥିତ ମାଁ ସମଲେଶ୍ୱରୀ ଦେବୀଙ୍କ ପୀଠରେ ପଣ୍ଡିତ ଶିବଶଙ୍କର ଦାଶ, ଚୂଡ଼ାମଣି ଦାଶ, ବିଘ୍ନରାଜ ଦାଶ ପ୍ରମୁଖ ଲଗ୍ନ ଧାର୍ଯ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମୀର ପ୍ରଧାନ, ଆନନ୍ଦ ଦାଶ, ଗୋପବନ୍ଧୁ ଦାଶ, ପ୍ରଶାନ୍ତ ମହାପାତ୍ର, ଜଗଦୀଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ବରଗଡ଼ ସମଲେଶ୍ୱରୀ ଦେବୀଙ୍କ ପୀଠରେ ପଣ୍ଡିତମାନେ ନୂଆଖାଇ ଲଗ୍ନ ନିରୂପଣ କରୁଛନ୍ତି ।

# ବ୍ଲକସ୍ତରୀୟ ସଂସ୍କୃତ ପକ୍ଷ ପାଳନ ଉଦ୍‌ଯାପିତ

ଭଟଲି,୨୫।୮(ଡି.ଏନ.ଏ)

ପ୍ରତ୍ୟେକ ଗ୍ରାମରେ ଅନେକ ସଂସ୍କୃତ ପ୍ରେମୀ ଅଛନ୍ତି । ସଂସ୍କୃତ ଭାଷାର ଆବଶ୍ୟକତା ଏବଂ ବ୍ୟବହାରକୁ ମଧ ଭଲ ଭାବେ ବୁଝିଛନ୍ତି । ସଂସ୍କୃତ ଭାଷା ଦେବ ଭାଷା ହେଇଥିବା ସ୍ଥଳେ ତାର ବ୍ୟବହାର ଦିନକୁ ଦିନ କମିବାରେ ଲାଗିଛି । ଏହି ଭାଷା ମନରେ ଆଧାତ୍ମିକ ଭାବନା ଜାଗ୍ରତ କରିବା ସହିତ ଭ୍ରଷ୍ଟ ସମାଜକୁ ସୁ ସମାଜରେ ସଙ୍ଗଠିତ କରିପାରେ । ତେଣୁ ଏହି ଭାଷାର ପୁନରୁଦ୍ଧାର କରିବାର ଆବଶ୍ୟକତା ରହିଛି । ସେଥିପାଇଁ କେବଳ ଏଭଳି ପକ୍ଷ ପାଳନ ନୁହେଁ, ପ୍ରତ୍ୟହ ବିଭିନ୍ନ ଗ୍ରାମକୁ ଯାଇ ସଂସ୍କୃତ ଭାଷାର ପୁନରୁଦ୍ଧାର ପାଇଁ ଉଦ୍ୟମ ଦରକାର ବୋଲି ବରଗଡ଼ ଜିଲା ଭଟଲି ଦଧିବାମନ ମହାବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ସଂସ୍କୃତ ପକ୍ଷର ଉଦ୍‌ଯାପନୀ ଉତ୍ସବରେ ମତପ୍ରକାଶ ପାଇଛି ।

ଭଟଲି ସଂସ୍କୃତ ଭାରତୀ ଶାଖା ସଭାପତି ଗିରିଧାରୀ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ନାଟ୍ୟକାର ତଥା ଅଧାପକ ଚୂଡ଼ାମଣି ରଥ ମୁଖ୍ୟ ଅତିଥି, ଅଧାପକ ତଥା ପ୍ରାନ୍ତୀୟ ସଂସ୍କୃତ ଭାରତୀ ସମ୍ପାଦକ ଅଜିତ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଗ୍ରାମୀଣ ସ୍ଥରରେ ଏହି ଭାଷାକୁ ପରିବ୍ୟାପ୍ତ କରିବା ପାଇଁ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ଉପସ୍ଥିତ ଛାତ୍ରୀଛାତ୍ର ତଥା ସଂସ୍କୃତ ପ୍ରେମୀଙ୍କୁ ଆହ୍ୱାନ ଦେଇଥିଲେ । ଏହି ପକ୍ଷ ୧୫ଦିନ ଧରି ଚାଲିଥିବାବେଳେ ବିଭିନ୍ନ ଗ୍ରାମ ଗ୍ରାମ ବୁଲି ସଂସ୍କୃତ ଭାଷାରେ ଗୀତା ପାଠ ଅଭ୍ୟାସ ପାଇଁ ଅନୁରୋଧ କରାଯାଇଥିଲା । ଏହି ଅବସରରେ କ୍ଷୁଦ୍ର ସଂସ୍କୃତ ନାଟକ ପ୍ରତିଯୋଗିତା ହୋଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ଶନିବାର ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରକାର ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଉଦ୍‌ଯାପନୀ ସମାରୋହରେ ଅଧାକପ ରାଜୀବ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଉତ୍କଳ ପ୍ରାନ୍ତୀୟ ସଂସ୍କୃତ ଭାରତୀ ଉପସଭାପତି ଆୟୁଷ୍ମନ୍ତ ଷଡ଼ଙ୍ଗୀ ସମ୍ପ୍ରତି ସଂସ୍କୃତ ପଠନର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ । ଶେଷରେ ରାଜକିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଶନି ଜନ୍ମୋତ୍ସବ ଉଦ୍‌ଯାପିତ

ଭଟଲି,୨୫।୮(ଡି.ଏନ.ଏ)

ଭଟଲି ବିଜୟା ଛକ ସ୍ଥିତ ଶନି ମନ୍ଦିର ପରିସରରେ ଶନି ଜନ୍ମୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଠାରୁ ଚାଲିଥିବା ଏହି ଉତ୍ସବରେ କଳସଯାତ୍ରା ପରେ ପୂଜାର୍ଚ୍ଚନା କରାଯାଇଥିଲା । ପ୍ରତ୍ୟହ ସନ୍ଧ୍ୟାରେ ସଂକୀର୍ତ୍ତନ ହୋଇଥିଲା । ଏଥିରେ ରୂପେନ୍ଦ୍ର ମହାପାତ୍ର ଏବଂ ପଞ୍ଚମ ପୁରୋହିତ ପୂଜକ ଦାୟିତ୍ୱ ତୁଲାଥିବାବେଳେ ମୁଟୁ ମେହେର, ଭୀମସେନ ମେହେର, ଝାରୁ ମେହେର, କୈଳାସ ମେହେର, ବ୍ରଜକିଶୋର ସାହୁ, ଲବ ମେହେର, ପ୍ରଦୀପ ମେହେର, ଘସିଆ ନାୟକ, ଦିବାକର ପଟେଲ, ବାଳକୃଷ୍ଣ ପଧାନ, ମାଟୁ ମେହେର, ଭୁଜ ମେହେର ପ୍ରମୁଖ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଛତିଶଗଡ଼ ରାଜ୍ୟ ସରିଆ, ସରିଆ-ଭଟଲି, ଲୁରୁପାଲି, ଗୁଡ଼େଶିରା, ତୋରା ଏବଂ ଗଣ୍ଡିଆପାଲି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ ।

# ୫-ଟିକୁ ଗୁରୁତ୍ୱ ଦେବି: ଜିଲାପାଳ

ବରଗଡ଼ ଅଫିସ୍‌,୨୫।୮

ବରଗଡ଼ର ନୂତନ ଜିଲାପାଳ ଭାବେ ରବିବାର ଜ୍ୟୋତିରଞ୍ଜନ ପ୍ରଧାନ ଯୋଗଦାନ କରିଛନ୍ତି। ଯୋଗଦାନ ପରେ ସେ ପୂର୍ବତନ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ତେବେ ଦାୟିତ୍ୱ ଗ୍ରହଣ ପରେ ନୂତନ ଜିଲାପାଳ ପ୍ରଧାନ କହିଛନ୍ତି, ସରକାରୀ ଯୋଜନା ଗୁଡ଼ିକ କିଭଳି ଜିଲାବାସୀଙ୍କ ପାଖକୁ ପହଞ୍ଚିବ, ତାକୁ ସେ ପ୍ରାଥମିକତା ଦେବେ । ସେହିପରି ଜଳ ସଂରକ୍ଷଣ ଉପରେ ସଚେତନତା ସାଙ୍ଗକୁ ମୁଖ୍ୟମନ୍ତ୍ରୀଙ୍କ ୫ଟି (ଟେକ୍ନୋଲୋଜି-ପ୍ରଯୁକ୍ତିବିଦ୍ୟା, ଟିମ୍ ୱାର୍କ-ସମ୍ମିଳିତ ଉଦ୍ୟମ, ଟ୍ରାନ୍ସପରେନ୍ସି-ସ୍ୱଚ୍ଛତା, ଟାଇମଲାଇ- ସମୟାନୁବର୍ତ୍ତିତା, ଟ୍ରାନ୍ସଫର୍ମେଶନ-ପରିବର୍ତ୍ତନ)କୁ ସେ ଗୁରୁତ୍ୱ ଦେବେ ବୋଲି ଜିଲାପାଳ ପ୍ରଧାନ ପ୍ରକାଶ କରିଛନ୍ତି । ନୂତନ ଜିଲାପାଳ ଏହାପୂର୍ବରୁ ଝାରସୁଗୁଡ଼ା ଜିଲାପାଳ



ଜ୍ୟୋତିରଞ୍ଜନ ପ୍ରଧାନ, ନୂତନ ଜିଲାପାଳ ।

ଭାବେ କାର୍ଯ୍ୟ କରିଥିଲେ । ସେହିପରି ବହୁ ଆଗରୁ ବରଗଡ଼ ଜିଲା ବିଜେପୁର ବିଡ଼ିଓ ଭାବେ ସେ କାର୍ଯ୍ୟରତ ଥିଲେ । ଫଳରେ ଜିଲା ଉପରେ ପୂର୍ବରୁ ତାଙ୍କ ଧାରଣା ଥିବା ଯୋଗୁ ଜିଲାପାଳ ପ୍ରଧାନଙ୍କ ଯୋଗଦାନ ଜିଲାର ବିକାଶରେ ସହାୟକ ହେବ ବୋଲି ଜିଲାବାସୀ ଆଶାବ୍ୟକ୍ତ କରିଛନ୍ତି। ଏଠାରେ କାର୍ଯ୍ୟରତ ଜିଲାପାଳ ତ୍ରିପାଠୀଙ୍କ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ବଦଳି ହୋଇଛି ।

# ଅତାବିରା ବ୍ଲକସ୍ତରୀୟ କ୍ରୀଡ଼ା ସଂଘର ବାର୍ଷିକୋତ୍ସବ

ସରଣ୍ଡା,୨୫।୮(ଡି.ଏନ.ଏ)

ଅତାବିରା ନୋଡ଼ାଲ ବାଳକ ହାଇସ୍କୁଲରେ ଶନିବାର ବ୍ଲକସ୍ତରୀୟ କ୍ରୀଡ଼ା ସଂଘର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଇଓ ରାଜାରାମ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବାର୍ଷିକୋତ୍ସବରେ ସିଦ୍ଧାର୍ଥ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଜି. ଶ୍ରୀନିବାସ ରାଓ, ଜିଲା ଶାରୀରିକ କ୍ରୀଡ଼ା ସମ୍ପାଦକ ତ୍ରିଲୋକ୍ୟ ନାୟକ, ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଲହଣ୍ଡା ହାଇସ୍କୁଲର ଖେଳ ଶିକ୍ଷକ କିଶୋର ଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅତାବିରା ହାଇସ୍କୁଲର ଖେଳ ଶିକ୍ଷକ ତଥା ସମ୍ପାଦକ ଲବ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ସଂଘର ପରବର୍ତ୍ତୀ ୨୦୧୯-୨୦ବର୍ଷ ପାଇଁ ବ୍ଲକସ୍ତରୀୟ ସମ୍ପାଦକ ଭାବେ ଲବ ସାହୁ ଓ ସହ ସମ୍ପାଦକ ଭାବେ କିଶୋର ଚନ୍ଦ୍ର ପ୍ରଧାନଙ୍କୁ ମନୋନିତ କରାଯାଇଥିଲା । ଶେଷରେ କୁଲିତାଟୁକୁରା ହାଇସ୍କୁଲର ଖେଳ ଶିକ୍ଷକ ସଦାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଆସନ୍ତା ବର୍ଷ ପାଇଁ କ୍ରୀଡ଼ା କ୍ୟାଲେଣ୍ଡର ପ୍ରସ୍ତୁତ କରାଯାଇଥିଲା । ପ୍ରାରମ୍ଭରେ ଏକ ଖବରଦାତା ସମ୍ମିଳନୀରେ ଆସନ୍ତା ସେପ୍ଟେମ୍ବରରେ ହେବାକୁ ଥିବା ରାଜ୍ୟସ୍ତରୀୟ ବାଳିକା ଫୁଟବଲ ପ୍ରତିଯୋଗିତା ଅତାବିରାରେ କରିବାକୁ ରାଜ୍ୟ ସଙ୍ଗଠନକୁ ପ୍ରସ୍ତାବ ପଠାଇବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିବା ପ୍ରକାଶ କରାଯାଇଥିଲା ।




ବ୍ଲକସ୍ତରୀୟ କ୍ରୀଡ଼ା ସଂଘର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ।

### ବ୍ଲକସ୍ତରୀୟ କ୍ରୀଡା ସମୂହର ବାର୍ଷିକ ବୈଠକ

ବିଜେପୁର, ୨୫।୮ (ଡି.ଏନ.ଏ)

ବିଜେପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଦ୍ୟାଳୟ କ୍ରୀଡା ସମୂହର ବାର୍ଷିକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ମନୋଜ ବେହେରାଙ୍କ ଅଧକ୍ଷତାରେ ବ୍ଲକ କ୍ରୀଡା ସମୂହର ସଭାପତି ତଥା ବିଇଓ ପୂର୍ଣ୍ଣଚନ୍ଦ୍ର ମିଶ୍ର ମୁଖ୍ୟଅତିଥି, ଏବିଇଓ ସୁଶାନ୍ତ କୁମାର ପାଣ୍ଡେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବୈଠକରେ ଶିକ୍ଷାବର୍ଷ ୨୦୧୮-୧୯ର କ୍ରୀଡା କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। କିଶୋର ଖେଳାଳିମାନଙ୍କୁ ଉତ୍ତମ ପ୍ରଶିକ୍ଷଣ ଦେଇ ଜିଲା, ରାଜ୍ୟ ତଥା ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ସାମିଲ କରିବାକୁ ମତପ୍ରକାଶ ପାଇଥିଲା। ସମ୍ପାଦକ ସୁରେନ୍ଦ୍ର ମୋହନ ପଧାନ ବାର୍ଷିକ ବିବରଣୀ ପଠନ ଓ ସରୋଜ କୁମାର ପୁରୋହିତ ସଭା ସଂଯୋଜନା କରିଥିଲେ । ହୃଦମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦଧିବାମନଙ୍କ ନୂଆଁଖାଇ ଲଗ୍ନ ଧାର୍ଯ୍ୟ

ଭଟଲି,୨୫।୮(ଡି.ଏନ.ଏ)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଳନ ପାଇଁ ପଶ୍ଚିମୋତ୍କଳ ଶ୍ରୀକ୍ଷେତ୍ର ଭାବେ ଅଭିହିତ ବରଗଡ଼ ଜିଲା ଭଟଲି ଦଧିବାମନ ଧାମ ସ୍ଥିତ ଶ୍ରୀ ମନ୍ଦିରରେ ନୂଆଁଖାଇ ଲଗ୍ନ ଧାର୍ଯ୍ୟ ହୋଇଛି । ଏଥିପାଇଁ ଶନିବାର ଅପରାହ୍ନରେ ଦଧିବାମନ ମୁକ୍ତିମଣ୍ଡପଠାରେ ମୁକ୍ତିମଣ୍ଡପ ପଣ୍ଡିତ, ଆଞ୍ଚଳିକ କର୍ମକାଣ୍ଡୀୟ ପୁରୋହିତ ଏବଂ ମନ୍ଦିର ପୁରୋହିତଙ୍କ ମିଳିତ ବୈଠକ ବସିଥିଲା । ବୈଠକରେ ଆସନ୍ତା ୩ ତାରିଖ ମଙ୍ଗଳବାର ପୂର୍ବାହ୍ନ ୧୦ଟାରୁ ୧୦ଟା ୩୧ ମଧରେ ଦଧିବାମନ ମହାପ୍ରଭୁଙ୍କୁ ନବାନ୍ନ ଲାଗି ହେବ ବୋଲି ଲଗ୍ନ ଧାର୍ଯ୍ୟ ହୋଇଥିଲା। ଏହାପରେ ସମଗ୍ର ଅଞ୍ଚଳରେ ନିଜ ଘରେ ଆରାଧ୍ୟ ଦେବୀ ଦେବତାଙ୍କୁ ନବାନ୍ନ ଲାଗି କରାଯିବ। ଏହାସହିତ ମହାପ୍ରଭୁଙ୍କ ନବାନ୍ନ ଭୋଗ ପାଇବା ପରେ ନିଜ ଘରେ ଅଞ୍ଚଳବାସୀ ନୂଆଁ ଭୋଗ ଖାଇବେ ବୋଲି କୁହାଯାଇଛି । ଏହି ବୈଠକରେ ମୁକ୍ତିମଣ୍ଡପ ପଣ୍ଡିତ ହିମାଂଶୁ ଶେଖର ରଥ, ପଣ୍ଡିତ କୁଳମଣି ପୁରୋହିତ, ଟିକେଶ୍ୱର ମହାପାତ୍ର, ଗୋକୁଳେଶ୍ୱର ରଥ, ଗୌରଚନ୍ଦ୍ର ରଥ, ଶୁଭ୍ରାଂଶୁ ମିଶ୍ର, ରାଜେଶ ମିଶ୍ର, ବେଣୁଧର ରଥ, ବାଚସ୍ପତି ରଥ, ରୋହତି ରଥ ପ୍ରମୁଖ ଉପସ୍ଥିତ ଥିଲେ ।

# ୧୧୬୨ ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ, ଭତ୍ତା ବଣ୍ଟନ

ପାଇକମାଳ,୨୫।୮(ଡି.ଏନ.ଏ)

ପାଇକମାଳ ବ୍ଲକ ଜାମସେଠ କଲ୍ୟାଣ ମଣ୍ଡପରେ ରବିବାର ଏସ୍‌ଇଓ ରମେଶ ଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ନୂତନ ଆବାସ କାର୍ଯ୍ୟାଦେଶ ଓ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ଅଲତାପ ମହମ୍ମଦ, ଜିଲା ପରିଷଦ ବିଶ୍ୱନାଥ ବାଗ, ସରପଞ୍ଚ ରମ୍ଭା ତାଣ୍ଡି, ସମିତି ସଭ୍ୟା ସୁମିତ୍ରା ଭୋଇ, ସରପଞ୍ଚ ହିମାଦ୍ରୀ ପୁଟା, ରବି ବାଗ, ରାମଚନ୍ଦ୍ର ସାହୁ, ସମିତି ସଭ୍ୟା ପୁଷ୍ପାଞ୍ଜଳି ଧରୁଆ, ସମିତି ସଭ୍ୟ ବିଜୟ କୁମାର ସ୍ୱାଇଁ ଓ ଧବଳେଶ୍ୱର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଧାୟକ ବରିହା ୯୫୫ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ଓ ୨୦୭ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ବଣ୍ଟନ କରିଥିଲେ । ଜିପିଓ ଭୀଷ୍ମଦେବ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।



ହିତାଧିକାରୀଙ୍କୁ ଭତ୍ତା ଆବାସ କାର୍ଯ୍ୟାଦେଶ ବଣ୍ଟନ କରାଯାଉଛି ।

# ବୀମା ଟଙ୍କା ମିଳୁନି, ୬ରୁ ଚାଷୀ ଆନ୍ଦୋଳନ

ଝାରବନ୍ଧ, ୨୫।୮ (ଡି.ଏନ.ଏ)

ଗତବର୍ଷ ଝାରବନ୍ଧ ବ୍ଲକର ଚାଷୀ ନିର୍ଦ୍ଧାରିତ ସମୟରେ ବୀମା କରିଥିବା ବେଳେ ମରୁଡ଼ିର ସମ୍ମୁଖୀନ ହୋଇଥିଲେ। ଦୀର୍ଘଦିନ ବିତିଯାଇଥିଲେ ମଧ ବୀମା ଟଙ୍କା ପାଇବାରୁ ଚାଷୀ ବଞ୍ଚିତ ହୋଇଛନ୍ତି। ଏସିଏଫ ନାମରେ କମ୍ପାନୀ ଚାଷୀଙ୍କ ପ୍ରାୟ ୨୯ ପ୍ରତିଶତ ବୀମା ରାଶି କାଟି ଦେଇଛି । ଏଥିପାଇଁ ଚାଷୀ ବିଭାଗୀୟ କର୍ତ୍ତୃପକ୍ଷ ଓ ବୀମା କମ୍ପାନୀକୁ ବହୁବାର ଜଣାଇବା ପରେ ଏକ ଉଚ୍ଚସ୍ତରୀୟ ବୈଠକ ଗତ ଜୁଲାଇ ୩୦ରେ ହୋଇଥିଲା । ହେଲେ ଆଜକୁ ମାସେ ବିତିଯାଇଥିଲେ ମଧ ବୀମା ରାଶି ମିଳିବାରେ କମ୍ପାନୀ କୌଣସି ତତ୍ପରତା ଦେଖାଉନାହିଁ । ଏହାର ପ୍ରତିବାଦରେ ଏବେ ଚାଷୀମାନେ ଆନ୍ଦୋଳନର ଡାକରା ଦେଇଛନ୍ତି । ଝାରବନ୍ଧ ଆଞ୍ଚଳିକ ଚାଷୀ ସଙ୍ଗଠନ ସଭାପତି ବିଦ୍ୟୁତ ରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଝାରବନ୍ଧ ବଜାର ପ୍ରାଙ୍ଗଣରେ ରବିବାର ଏକ ବିଶାଳ ଚାଷୀ ସମାବେଶ ହୋଇଥିଲା । ବୀମା କମ୍ପାନୀର ମନୋମୁଖୀ କାମ ବିରୋଧରେ ଆସନ୍ତା ୬ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଝାରବନ୍ଧ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ସନ୍ତୋଷ ବେହେରା, ଅଶୋକ ସାହୁ, ପ୍ରମୋଦ ରାୟ, ମୀନ ବାଗ, ତୁଳାରାମ ଭୋଇ, ମୋହନ ପ୍ରସାଦ ନାୟକ, ବିନୋଦ ବିହାରୀ ବାଗ, ଲକ୍ଷ୍ମୀ ପ୍ରସାଦ ବାଗ, ଜଗଦୀଶ ସାହୁ, ଅମୃତ ଲାଲ ବନଛୋର ପ୍ରମୁଖ ଉପସ୍ଥିତ ଥିଲେ ।



ଫଟୋ କ୍ୟାପ୍‌ସନ୍



ଅଶେଷ ଦୁର୍ଗତି ଓ ଦୁଃସମୟରେ ମଧ ଯେଉଁମାନେ ଶାନ୍ତ ଓ ସ୍ଥିର ରହିପାରନ୍ତି, ସେମାନେ ଦୃଢ଼ମନା ଏବଂ ସ୍ଥିର ଚିତ୍ତ ଅଟନ୍ତି।
- ସାରଳା ଦାସ



## ସଂକ୍ଷେପରେ

### ଝାଡ଼ାବାନ୍ତି ବ୍ୟାପିଲା: ପହଞ୍ଚିଲେ ଡାକ୍ତରୀ ଦଳ

ଭୁବନେଶ୍ୱର, ୨୫।୮ (ବ୍ୟୁରୋ): ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ୬ ଗ୍ରାମରେ ଝାଡ଼ାବାନ୍ତି ଉଗ୍ରରୂପ ଧାରଣ କରିଛି। ସପ୍ତାହକ ମଧରେ ଏଥିରେ ଜଣଙ୍କର ମୃତ୍ୟୁ ଘଟିଲାଣି। ଏହି ଘଟଣା ଜଣାପଡିବା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା ଏହାକୁ ଗୁରୁତର ସହ ନେଇଛନ୍ତି। ଏକ ଡାକ୍ତରୀ ଦଳ ପଠାଇ ତୁରନ୍ତ ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରିବା ସହ ଝାଡ଼ାବାନ୍ତି କିପରି ରୋକାଯାଇ ପାରିବ ସେନେଇ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଡାକ୍ତରୀ ଦଳସେହି ଅଞ୍ଚଳର ୭ଟି ଗ୍ରାମ ଗସ୍ତ କରିଛନ୍ତି। ଗତ ସପ୍ତାହକ ମଧରେ ୧୭ ଜଣ ଡାଇରିଆରେ ଆକ୍ରାନ୍ତ ହୋଇଥିବା ବେଳେ ପ୍ରାଥମିକ ଚିକିତ୍ସାପରେ ଏବେ ସମସ୍ତେ ସୁସ୍ଥ ଥିବା ଡାକ୍ତରୀଦଳ ଜଣାଇଛନ୍ତି।

### ଶ୍ରୀଲଙ୍କା ରାଷ୍ଟ୍ରଦୂତଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ

କୋଣାର୍କ, ୨୫।୮(ଡି.ଏନ୍.ଏ.)

ଭାରତରେ ଅବସ୍ଥାପିତ ଶ୍ରୀଲଙ୍କାର ରାଷ୍ଟ୍ରଦୂତ ଅଷ୍ଟିନ୍ ଫର୍ନାଣ୍ଡୋ ରବିବାର ଅପରାହ୍ନରେ ସପରିବାର କୋଣାର୍କ ଗସ୍ତରେ ଆସି ବିଶ୍ୱଐତିହ୍ୟ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ଏହାର ଭୂୟସୀ ପ୍ରଶଂସା କରିଥିଲେ। କୋଣାର୍କ ଥାନା ଏଏସ୍ଆଇ ଶ୍ରୀଧର ମଲ୍ଲିକ ଅତିଥିମାନଙ୍କୁ ପରିଦର୍ଶନରେ ସହଯୋଗ କରିଥିଲେ।

### ଲୁଟ୍ ଘଟଣାରେ ୨ ଗିରଫ

ସମ୍ବଲପୁର,୨୫।୮(ବ୍ୟୁରୋ)

ସମ୍ବଲପୁର ଜିଲା ଅଇଁଠାପାଲି ପୋଲିସ ଲୁଟ୍ ଘଟଣାରେ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ରହିମ ଖାଁ ଓ ଅବଦୁଲ କଲିମ। ଅଭିଯୁକ୍ତଙ୍କ ନିକଟରୁ ଲୁଟ୍ ଟଙ୍କା, ଗୋଟିଏ ଛୁରି ଓ ମୋବାଇଲ ଫୋନ ଜବତ କରାଯାଇଛି। ଏ ନେଇ ଏକ ମାମଲା (ନଂ. ୩୯୨/୧୯) ରୁଜୁ ହୋଇଛି। ସୂଚନାଯୋଗ୍ୟ, ଜଣେ ଲକ୍ଷ୍ମୀଧର ସିଂ ଶନିବାର କରମଟୁଲି ବଜାରକୁ ପନିପରିବା କିଣିବା ପାଇଁ ଯାଉଥିଲେ। ଏହି ସମୟରେ ରହିମ ଓ ଅବଦୁଲ ଛୁରି ଦେଖାଇ ତାଙ୍କଠାରୁ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା।

### ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ସମ୍ବଲପୁର,୨୫।୮(ବ୍ୟୁରୋ): ସମ୍ବଲପୁର ଜିଲା କୁଚିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ କୁଚିଣ୍ଡା କନିଷ୍ଠ ଟେଲି ଯୋଗାଯୋଗ ଅଧିକାରୀ ଶିବାଜୀ ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ କମିଟି ଉପସଭାପତି ଭୁବନେଶ୍ୱର ବେହେରା, ସମ୍ପାଦକ ରଞ୍ଜନ ମହାକୁଲ, କଲ୍ୟାଣୀ ପଟେଲ, ସସ୍ମିତା ମାଝି ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସୁନୀଲ କୁମାର ଶତପଥୀ, ସହପ୍ରଧାନ ଆଚାର୍ଯ୍ୟ ପ୍ରଣବ ଦ୍ୱିବେଦୀ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ମେଳାରେ ମୋଟ ୧୦ ବିଦ୍ୟାଳୟର ୩୫୪ ପ୍ରତିଯୋଗୀ ଭାଗ ନେଇଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ ପଟେଲ, ଶିକ୍ଷକ ସୁଧୀର ନାୟକ, ଚକ୍ରଧର ମାଝି, ପ୍ରଶାନ୍ତ ପଟେଲ, ସଞ୍ଜୟ ନାଗ ଏବଂ ଦୁଃଖବନ୍ଧୁ ଭୁକ୍ତା ଯୋଗଦେଇଥିଲେ।

# ରାସ୍ତା ଦବିଲା, ଯାତାୟାତରେ ବାଧା

- ଅଭିଯୋଗ ପରେ ହେଲା ଅସ୍ଥାୟୀ ମରାମତି
- ନିମ୍ନମାନର କାମ ଅଭିଯୋଗ

ସମ୍ବଲପୁର,୨୫।୮(ବ୍ୟୁରୋ)

ସମ୍ବଲପୁର ପୂର୍ତ୍ତ ବିଭାଗ ଅଧୀନ ତାଲପାଲି-କିସିଣ୍ଡା ରାସ୍ତାର ଗୋଟିଏ ପାର୍ଶ୍ୱ ଭୋଇପାଲି ଗ୍ରାମ ନିକଟ କଲଭର୍ଟଠାରେ ପ୍ରାୟ ୧୫ ଫୁଟ ଧୋଇଯାଇ ଦବିଯାଇଛି। ଗୋଟିଏ ଟ୍ରକ୍ ଯିବା ସମୟରେ ରାସ୍ତା ଦବିଯାଇ ଏଭଳି ହୋଇଛି। ରାସ୍ତା ମଝିରେ ୩ ଫୁଟ ଚଉଡ଼ାର ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏହାର ମରାମତି ପାଇଁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ବିଜୟ ମହାନ୍ତିଙ୍କୁ ପୂର୍ବାହ୍ନରେ ଯୋଗାଯୋଗ କରାଯାଇଥିଲା। ସେ ଏକ ଟିମ୍ ପଠାଇ ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସନ୍ଧ୍ୟା ସୁଦ୍ଧା ଅସ୍ଥାୟୀ ଭାବେ ମରାମତି କରାଯାଇଥିବା ସୂଚନା ମିଳିଛି। ତେବେ ସ୍ଥାୟୀ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ରାସ୍ତା ନିର୍ମାଣ ସମୟରେ ନିମ୍ନମାନର ହେଉଥିବା ସେମାନେ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ଅଧିକାରୀମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ମାତ୍ର ୬ ମାସ ତଳେ କାମ ସରିଛି। ଅନେକ ସ୍ଥାନରେ ପିଚୁ ଉଠିଯାଇଛି। କୋଟି କୋଟି ଟଙ୍କା ଖର୍ଚ୍ଚରେ ରାସ୍ତା ନିର୍ମାଣ ହୋଇଥିଲେ ମଧ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ମହାନ୍ତିଙ୍କୁ ପଚାରିବାରୁ କହିଲେ, ଅସ୍ଥାୟୀ ଭାବେ ରାସ୍ତା ମରାମତି କରାଯାଇଛି। ପାଗ ଶୁଖିଲା ହେଲେ ସ୍ଥାୟୀ ମରାମତି ହେବ। ନିମ୍ନମାନର କାମ ଅଭିଯୋଗ ଉପରେ ମଧ ତଦନ୍ତ କରାଯିବ ବୋଲି ମହାନ୍ତି କହିଥିଲେ।



ତାଲପାଲି-କିସିଣ୍ଡା ରାସ୍ତା ଦବି ନଷ୍ଟ ହୋଇଛି।

# ସ୍ୱଚ୍ଛତାରେ ତଳକୁ ଖସିପାରେ ଭୁବନେଶ୍ୱର ରେଳ ଷ୍ଟେଶନ

ଭୁବନେଶ୍ୱର, ୨୫।୮(ବ୍ୟୁରୋ)

- କ୍ୟୁସିଆଇର ଦୁଇଜଣିଆ ଟିମ୍ ପକ୍ଷରୁ ସର୍ଭେ ଆରମ୍ଭ
- ମନ୍ଥର ଗତିରେ ଚାଲିଛି ସ୍ୱଚ୍ଛତା କାର୍ଯ୍ୟକ୍ରମ

ସ୍ୱଚ୍ଛତା ପାରାମିଟର ପର୍ଯ୍ୟବେକ୍ଷଣ ଲାଗି ରବିବାର କ୍ୱାଲିଟି କାଉନ୍‌ସିଲ ଅଫ୍ ଇଣ୍ଡିଆ(କ୍ୟୁସିଆଇ)ର ଦୁଇଜଣିଆ ଟିମ୍ ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନରେ ପହଞ୍ଚିଛି। ଷ୍ଟେଶନରେ ସଫେଇ, ବର୍ଜ୍ୟବସ୍ତୁ ପରିଚାଳନା, ମଇଳା ପାଣି ପରିଚାଳନା, ଗ୍ରୀନ୍ ସାର୍ଟିଫିକେଟ, ଶକ୍ତି ସଂରକ୍ଷଣ, ଆଇଏସ୍ଓ ସାର୍ଟିଫିକେଟ ଓ ସ୍ୱଚ୍ଛତା ସମ୍ବନ୍ଧୀୟ ବିଭିନ୍ନ ବିଷୟକୁ ନେଇ ପର୍ଯ୍ୟବେକ୍ଷଣ ଆରମ୍ଭ କରିଛି। କ୍ୟୁସିଆଇ ଟିମ୍ ଦେଶର ସମସ୍ତ ରେଳ ଷ୍ଟେଶନକୁ ଯାଇ ଏସବୁ ସ୍ଥିତି ଅନୁଧ୍ୟାନ କରୁଛି। ଯାତ୍ରୀଙ୍କ ସହ ଆଲୋଚନା କରି ପ୍ରତିକ୍ରିୟା ଓ ପରାମର୍ଶ ଗ୍ରହଣ କରୁଛି। ଆସନ୍ତା ମାସକ ମଧରେ ଏ ସଂକ୍ରାନ୍ତ ରିପୋର୍ଟ ପ୍ରକାଶ ପାଇବ ବୋଲି ସୂଚନା ମିଳିଛି। ଗତବର୍ଷ ସ୍ୱଚ୍ଛ ସର୍ବେକ୍ଷଣ ତାଲିକାରେ ଭୁବନେଶ୍ୱର ରେଳ ଷ୍ଟେଶନକୁ ସର୍ବଭାରତୀୟ ସ୍ତରରେ ୯ମ ସ୍ଥାନ ମିଳିଥିଲା। କିନ୍ତୁ ଚଳିତବର୍ଷର ସ୍ୱଚ୍ଛତା କାର୍ଯ୍ୟକ୍ରମ ରିପୋର୍ଟ କାର୍ଡ ଦେଖିଲେ ଭୁବନେଶ୍ୱର ରେଳ ଷ୍ଟେଶନ କ୍ୟୁସିଆଇ ନିର୍ଦ୍ଧାରଣ କରିଥିବା ମାନଦଣ୍ଡ ମଧ୍ୟରୁ ଅର୍ଦ୍ଧାଧିକ ପୂରଣ କରିବା କଷ୍ଟକର ହେବ। ସ୍ୱଚ୍ଛତା ସର୍ବେକ୍ଷଣ ତାଲିକାରେ ଏଥର ତଳକୁ ଖସିଯିବ ବୋଲି ଆଶଙ୍କା କରାଯାଉଛି।

# ଆଇନସେବା ପ୍ରାଧିକରଣ ପକ୍ଷରୁ ପ୍ରତିଯୋଗିତା




ଜିଲା ଆଇନସେବା ପ୍ରାଧିକରଣ ଆୟୋଜିତ କ୍ଷୁଦ୍ର ନାଟକ ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ।

ସମ୍ବଲପୁର,୨୫।୮(ବ୍ୟୁରୋ)

ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ରବିବାର ବିବିଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଜିଲାସ୍ତରୀୟ କ୍ଷୁଦ୍ରନାଟକ, ପ୍ରବନ୍ଧ, ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଜିଲାର ୧୫ ହାଇସ୍କୁଲ, ଆଇନ ସାକ୍ଷରତା କ୍ଲବ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ଜିଲା ଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧକ୍ଷ ସନ୍ତୋଷ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରିବାର ଅଦାଲତ ବିଚାରପତି ଅନୁପ କୁମାର ଚନ୍ଦନ, ସିଜେଏମ୍ ସ୍ମୃତିରେଖା ବାରିକ, ସିଭିଲ କୋର୍ଟ ରେଜିଷ୍ଟ୍ରାର ବିଭସ୍ୱତ ଗୌତମ, ସିଭିଲ ଜଜ୍ ସିନିୟର ଡିଭିଜନ ସଙ୍ଗୀତା ପାଣି, ଜୁନିୟର ଡିଭିଜନ ଲିପା ମହାନ୍ତି ଯୋଗଦେଇଥିଲେ। କ୍ଷୁଦ୍ର ନାଟକରେ ଧମା ମଥୁରା ପ୍ରସାଦ ହାଇସ୍କୁଲ ପ୍ରଥମ ଓ ବୁଢ଼ାରଜା ହାଇସ୍କୁଲ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଜିଲା ଆଇନସେବା ପ୍ରାଧିକରଣ ସଚିବ ଲିଲି ସେନାପତିଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା।

### ହିଣ୍ଡାଲକୋର ମେଗା ଚାରାରୋପଣ

ସମ୍ବଲପୁର,୨୫।୮(ବ୍ୟୁରୋ)

ହୀରାକୁଦ ହିଣ୍ଡାଲକୋ ପକ୍ଷରୁ ମେଗା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ରିକ୍ସାପଡ଼ାର ବି.ଆର୍. ଆମ୍ବେଡକର ଯୁବକ ସଂଘ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା। ହିଣ୍ଡାଲକୋ ସିଏସ୍ଆର୍ ବିଭାଗ ଅଧିକାରୀ ଜଗଦୀଶ ମିଶ୍ର ଓ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ ଆର୍.କେ. ଗୁପ୍ତା ଏଥିରେ ଯୋଗଦେଇଥିଲେ। ଯୁବକ ସଂଘ ସଦସ୍ୟମାନେ ପ୍ରାୟ ୩ ଶହ ଚାରାରୋପଣ କରିଥିଲେ। ପରେ ପଡ଼ାବାସୀଙ୍କୁ ନେଇ ଏକ ବୈଠକ ହୋଇଥିଲା। ପରିବେଶ ସୁରକ୍ଷା ଏବଂ ବିଶ୍ୱ ତାପାୟନର ମୁକାବିଲା ପାଇଁ ହିଣ୍ଡାଲକୋ କାର୍ଯ୍ୟ କରୁଛି। ଚାରାରୋପଣ କଲେ ପ୍ରଦୂଷଣ ନିୟନ୍ତ୍ରଣ ହେବ। ଚାରାରୋପଣ ଓ ଏହାର ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ ବୋଲି ଏଥିରେ ଅତିଥିମାନେ କହିଥିଲେ। ଏଥିପାଇଁ ଲୋକେ ସଚେତନ ହେବା ଆବଶ୍ୟକ। ଅଞ୍ଚଳକୁ ସବୁଜସୁନ୍ଦର କରିବା ଦିଗରେ ହିଣ୍ଡାଲକୋ ବଦ୍ଧ ପରିକର ବୋଲି କୁହାଯାଇଥିଲା।

# ହୀରାକୁଦ ମେଡିକାଲରେ ସଫେଇ

ସମ୍ବଲପୁର,୨୫।୮(ବ୍ୟୁରୋ)

ତେଜସ୍ ପକ୍ଷରୁ ହୀରାକୁଦ ଡାକ୍ତରଖାନାରେ ରବିବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭାରତୀ ପଣ୍ଡାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ପୁଷ୍ପାଞ୍ଜଳି ଜେନା, ଅଶ୍ୱିନୀ ମାଝି, ସୁଦୀପ୍ତ ପରିଡ଼ାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ମହିଳା ଏଥିରେ ସାମିଲ ହୋଇଥିଲେ। ସଫେଇ କରିବା ସହ ସେମାନେ ବ୍ଲିଚିଂ ପାଉଡର ସିଞ୍ଚନ କରିଥିଲେ।



ସମ୍ବଲପୁର ତେଜସ୍ ପକ୍ଷରୁ ହୀରାକୁଦ ଡାକ୍ତରଖାନାରେ ସଫେଇ ଚାଲିଛି।



ସଫେଇ ଅବସରରେ ରେଙ୍ଗାଲି ଆର୍ଟ ଅଫ୍ ଲିଭିଂର ସଦସ୍ୟମାନେ।

# ୧୫ରେ ରାଜ୍ୟସ୍ତରୀୟ ସନ୍ତରଣ ମିଟ୍

- ଭାଗନେବେ ୩ଶହ ପ୍ରତିଯୋଗୀ
- ପ୍ରଥମଥର ଭାଗ ନେଇପାରିବେ ଦିବ୍ୟାଙ୍ଗ
- ୫ରୁ ୮୫ ବର୍ଷ ମଧରେ ୧୮ ବର୍ଗରେ ଇଭେଣ୍ଟ

ସମ୍ବଲପୁର,୨୫।୮(ବ୍ୟୁରୋ)

ନବମ ଖଟେଶ୍ୱର ପାଣ୍ଡେ ସ୍ମାରକୀ ରାଜ୍ୟସ୍ତରୀୟ ସନ୍ତରଣ ମିଟ୍ ଆସନ୍ତା ୧୫ ତାରିଖରେ ସମ୍ବଲପୁର ଡା. ଝସକେତନ ସାହୁ ସୁଇମିଂ ପୁଲ୍‌ରେ ହେବ। ଏଥିରେ ରାଜ୍ୟର ୨୫ ଜିଲାର ୩ଶହ ପ୍ରତିଯୋଗୀ ଭାଗନେବେ। ଚଳିତବର୍ଷ ପ୍ରଥମଥର ଦିବ୍ୟାଙ୍ଗମାନେ ମଧ ପ୍ରତିଯୋଗିତାରେ ଭାଗ ନେଇପାରିବେ। ରବିବାର ସମ୍ବଲପୁର ସୁଇମିଂ ପୁଲ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ମାଷ୍ଟର୍ସ ସୁଇମର୍ସ କ୍ଲବ କର୍ମକର୍ତ୍ତା ଏହି ସୂଚନା ଦେଇଛନ୍ତି। ସେମାନେ କହିଥିଲେ ଯେ ୫ରୁ ୮୫ ବର୍ଷ ମଧରେ ୧୮ଟି ବର୍ଗରେ ଇଭେଣ୍ଟ ହେବ। ଏଥିମଧରେ ୫୦ ମିଟର ଫ୍ରି ଷ୍ଟାଇଲ, ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ, ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ, ୫୦ ମିଟର ବଟରଫ୍ଲାଏ ଏବଂ ୫୦ ମିଟର ଫ୍ରି ଷ୍ଟାଇଲ କେବଳ ୫ବର୍ଷ ପ୍ରତିଯୋଗୀଙ୍କ ସକାଶେ କରାଯିବ। ସ୍ୱର୍ଗତ ଖଟେଶ୍ୱର ପାଣ୍ଡେଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିଯୋଗିତା କରାଯାଉଛି। ଚଳିତବର୍ଷ ପ୍ରତିଯୋଗିତା ସକାଶେ ୧ଲକ୍ଷ ୨୦ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଥିବା କର୍ମକର୍ତ୍ତାମାନେ କହିଥିଲେ। କ୍ଲବ ଉପଦେଷ୍ଟା ପ୍ରେମରଞ୍ଜନ ପ୍ରଧାନ, ସମ୍ପାଦକ ଜୟନ୍ତ କୁମାର ପାଣ୍ଡେ, ସାଙ୍ଗଠାନିକ ସମ୍ପାଦକ ସୁନ୍ଦରମଣି ବାରିକ, ଉପସଭାପତି ରାଜେଶ ମିଶ୍ର ଓ କୋଷାଧକ୍ଷ ଅନୀଲ ବେରିହା ଚାମ୍ପିୟନଶିପ୍ ବିଷୟରେ ଖବରଦାତାଙ୍କୁ ସୂଚନା ଦେଇଥିଲେ। ମନୋଜ ବନଛୋର, କିଶୋର ଲୁହା, ରଙ୍କନିଧି ସେଠ, ଅନନ୍ତ ବେରିହା, ବିଜୟ କୁମାର ଦୀକ୍ଷିତ, ଗଙ୍ଗାଧର ଓରାମ, ଆର୍ତ୍ତତ୍ରାଣ ମାଝି ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ସୁନ୍ଦରମଣି ବାରିକ ସୂଚନା ଦେଉଛନ୍ତି।

### ଯବାନ-ଏ-ହିନ୍ଦ୍ କ୍ଲବ ପକ୍ଷରୁ ଆଲୋଚନାଚକ୍ର

ସମ୍ବଲପୁର,୨୫।୮(ବ୍ୟୁରୋ)

ସ୍ମାର୍ଟ ମିଟର୍ ଶୀର୍ଷକ ଆଲୋଚନାଚକ୍ର ରବିବାର ଚେପଟିପୁଲିଆସ୍ଥିତ ଯବାନ-ଏ-ହିନ୍ଦ୍ କ୍ଲବ ସଭାକକ୍ଷରେ ଅନୁଷ୍ଠିତ ହୋଇଛି। ପୂର୍ବତନ ଏମ୍‌ପି ଭବାନୀଶଙ୍କର ହୋତା, ଶ୍ରମିକ ନେତା ଗୋକୁଳ ମେହେର, ମହମ୍ମଦ ସନାଉଲ୍ଲା, ବେଣୁଧର ଦାସ, ତପନ ଗୁରୁ, ମହମ୍ମଦ ଇସାକ୍, ବିଭୂତିଭୂଷଣ ଦାଶ, ସୈରେନ୍ଦ୍ରୀ ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଏଥିରେ ସହରର ବିଭିନ୍ନ ଅଞ୍ଚଳରୁ ବୁଦ୍ଧିଜୀବୀମାନେ ସାମିଲ ହୋଇଥିଲେ। ସମ୍ବଲପୁର ସହରରେ ସ୍ମାର୍ଟ ମିଟର ଆରମ୍ଭ କରାଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସ୍ଥିର କରାଯାଉଛି।

# ରେଙ୍ଗାଲିରେ ସଫେଇ କାର୍ଯ୍ୟକ୍ରମ

ରେଙ୍ଗାଲି,୨୫।୮(ଡି.ଏନ୍.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ଆର୍ଟ ଅଫ୍ ଲିଭିଂ ପକ୍ଷରୁ ରେଙ୍ଗାଲି ସଫେଇ ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ରବିବାର ଆର୍ଟ ଅଫ୍ ଲିଭିଂର ସୁସମନ୍ତ ସାହୁଙ୍କ ନେତୃତ୍ୱରେ ରେଙ୍ଗାଲି ଡାକ୍ତରଖାନାରେ ସଫେଇ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରବିନ ଅଗ୍ରୱାଲ, ରଞ୍ଜନ ସାହୁ, ଦେବବ୍ରତ ସାହୁ, ପ୍ରକାଶ ବିଶ୍ୱାଳଙ୍କ ସହ ବହୁ ସଦସ୍ୟ ସହଯୋଗ କରିଥିଲେ। ପ୍ରତ୍ୟେକ ରବିବାର ବିଭିନ୍ନ ସ୍ଥାନରେ ସଫେଇ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।



ସମ୍ବଲପୁର ଯବାନ-ଏ-ହିନ୍ଦ୍ କ୍ଲବ ସଭାକକ୍ଷରେ ସ୍ମାର୍ଟ ମିଟର ଆଲୋଚନାଚକ୍ରରେ ଗୋକୁଳ ମେହେର ସୂଚନା ଦେଉଛନ୍ତି।

# ଆକାଶ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ କର୍ମଶାଳା





ଆକାଶ ଇନଷ୍ଟିଚ୍ୟୁଟ ପକ୍ଷରୁ ଆୟୋଜିତ କର୍ମଶାଳାରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଅଭିଭାବକ(ବାମ)। ଉପସଭାପତି ଲକ୍ଷ୍ମଣ ରାଓ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ସମ୍ବଲପୁର,୨୫।୮(ବ୍ୟୁରୋ)

ଆକାଶ ଇନଷ୍ଟିଚ୍ୟୁଟ ପକ୍ଷରୁ ଏକ କର୍ମଶାଳା ରବିବାର ହୋଟେଲ କାବେରୀ ସଭାକକ୍ଷରେ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର ଆକାଶ ଇନଷ୍ଟିଚ୍ୟୁଟ ଉପସଭାପତି ଲକ୍ଷ୍ମଣ ରାଓ, ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର କମଳ କୁମାର ପାତ୍ର, ଏରିଆ ମ୍ୟାନେଜର ବିଶ୍ୱଜିତ ଦାସ ଏଥିରେ ଯୋଗଦେଇଥିଲେ। ସର୍ବଭାରତୀୟ ଜେଇଇ, ଆଡଭାନ୍ସ, ନିଟ୍, ଏମ୍‌ସ ପ୍ରବେଶିକା ପରୀକ୍ଷାରେ କିପରି ଛାତ୍ରୀଛାତ୍ର ସଫଳତା ହାସଲ କରିବେ, ସେ ନେଇ କର୍ମଶାଳାରେ ପ୍ରଶିକ୍ଷଣ ଦିଆଯାଇଥିଲା। ଛାତ୍ରୀଛାତ୍ର ଶୃଙ୍ଖଳିତ ହୋଇ କଠିଣ ପରିଶ୍ରମ କରିବା ସମୟ ଆସିଛି। ଏହାକୁ ବଜାୟ ରଖିଲେ ସେମାନେ ଭବିଷ୍ୟତରେ ନିଶ୍ଚିତ ଭାବେ ଡାକ୍ତର ଓ ଇଞ୍ଜିନିୟର ହୋଇପାରିବେ। ଏହାକୁ ଦୃଷ୍ଟିରେ ରଖି ଆକାଶ ଇନଷ୍ଟିଚ୍ୟୁଟ ସର୍ବଦା କାମ କରିଆସୁଛି ବୋଲି ଅତିଥିମାନେ କହିଥିଲେ। ସହରର ବିଭିନ୍ନ ଅଞ୍ଚଳରୁ ୧୦ମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ର, ଅଭିଭାବକମାନେ ଯୋଗଦେଇଥିଲେ।

## ଚକ୍ଷୁଦାନ ପକ୍ଷ ପାଳିତ

# ତ୍ୟାଗକୁ ଜ୍ୟୋତିଶ୍ରୀ ସମ୍ମାନ ପ୍ରଦାନ

ସମ୍ବଲପୁର,୨୫।୮(ବ୍ୟୁରୋ)

ଜ୍ୟୋତି ପକ୍ଷରୁ ଚକ୍ଷୁଦାନ ସପ୍ତାହ ରବିବାର ସ୍ୱାଧୀନତା ସଂଗ୍ରାମୀ ସ୍ମୃତିଭବନରେ ଅନୁଷ୍ଠିତ ହୋଇଛି। ସଭାପତି ଡ. ପରେଶ ଚନ୍ଦ୍ର ଦାନୀଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ତ୍ରିଲୋଚନ ନେତ୍ରାଳୟ ମୁଖ୍ୟ ଡା. ଶିବ ପ୍ରସାଦ ସାହୁ ମୁଖ୍ୟବକ୍ତା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପଙ୍କଜିନୀ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବୁର୍ଲାର ତ୍ୟାଗ ଅନୁଷ୍ଠାନକୁ ଜ୍ୟୋତିଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ସ୍କୁଲ ଓ କଲେଜସ୍ତରୀୟ ଚିତ୍ରାଙ୍କନ, ବକ୍ତୃତା, ସଙ୍ଗୀତ, ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସଂଯୋଜିକା କଳ୍ପନା ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ରତ୍ନଭୂଷଣ ପୃଷେଠ ମାନପତ୍ର ପାଠ, ଚକ୍ଷୁଦାନ ସମିତି ଆବାହକ ଦୁର୍ଗାଚରଣ ଦାନୀ, ଯୁଗ୍ମ ଆବାହକ ରତନ କୁମାର ବରିହା, ଶଙ୍କର କୁମାର ପଣ୍ଡା, ଇନ୍ଦ୍ରଭୂଷଣ ପୃଷେଠ, ଈଶ୍ୱର ପ୍ରସାଦ ନନ୍ଦ, କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସଭାପତି ଅଖିଳ ରଞ୍ଜନ ପଟ୍ଟନାୟକ, କୈଳାସ ଚନ୍ଦ୍ର ମିସ୍ତ୍ରି ଓ ସୁକାନ୍ତ ବହିଦାର ପୁରସ୍କାର ବିତରଣ କରିଥିଲେ। କୋଷାଧକ୍ଷ ବିବେକାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମୃତ୍ୟୁପରେ ଚକ୍ଷୁଦାନ କରିଥିବା ପରିବାର ଓ ଚକ୍ଷୁଦାନ ସକାଶେ ଇଚ୍ଛାପତ୍ରରେ ସ୍ୱାକ୍ଷର କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ପଦ୍ମିନୀ ବୈଠାରୁଙ୍କ ନିର୍ଦ୍ଦେଶନାରେ ସିଦ୍ଧେଶ୍ୱରବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।



ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀମାନେ ଚକ୍ଷୁଦାନ ପକ୍ଷ ଉତ୍ସବରେ ସ୍ୱାଗତ ସଙ୍ଗୀତ ଗାନ କରୁଛନ୍ତି।



ଜ୍ଞାନ, ଉପାସନା ଓ କର୍ମ ଏହି ତିନୋଟି ହେଲା ଈଶ୍ୱରପ୍ରାପ୍ତିର ବିଭିନ୍ନ ମାର୍ଗ।
- ମହାତ୍ମା ଗାନ୍ଧୀ



## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ତୃଷାନ



ସାନ୍ତନା



ଅନିଲ କୁମାର



ପାଞ୍ଚ



ରୋହନ୍

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

## ୧୩ ବର୍ଷ ପରେ ନିଖୋଜ ମହିଳା ଉଦ୍ଧାର

### ଘରେ ରଖିବାକୁ ମନା କଲେ ସମ୍ପର୍କୀୟ



**ସଇଁତଲା/ଟିଟିଲାଗଡ଼, ୨୫।୮ (ଡି.ଏନ୍.ଏ.)**

୧୩ ବର୍ଷ ତଳେ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇ ଜଣେ ମହିଳା ନିଖୋଜ ହୋଇଯାଇଥିଲେ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜରିଆରେ ସମ୍ପୃକ୍ତ ମହିଳାଙ୍କୁ ଉଦ୍ଧାର କରାଯାଇଛି । ହେଲେ ଗାଁକୁ ଫେରିବା ପରେ ସମ୍ପର୍କୀୟମାନେ ତାଙ୍କୁ ଗ୍ରହଣ କରିବାକୁ ମନା କରିଛନ୍ତି । ସଇଁତଲା ବ୍ଲକ ଘଣ୍ଟମାଲର ମାୟା ହରପାଲ (୪୮) ୧୩ ବର୍ଷ ତଳେ ତାଙ୍କ ପରିଜନଙ୍କ ସହ ଝାରଖଣ୍ଡର ବୋକାରୋ ଅଞ୍ଚଳକୁ ଦାଦନ ଖଟିବାକୁ ଯାଇ ସେଠାରେ ନିଖୋଜ ହୋଇଯାଇଥିଲେ । ଗତ ଏପ୍ରିଲ ୧୦ରେ ମାୟାଙ୍କୁ ତାମିଲନାଡୁ ମାଡ୍ରାସସ୍ଥିତ ଇଷ୍ଟକୋଷ୍ଟ ରୋଡ଼ ନିଲେଙ୍ଗେରେଇଠାରୁ ମୁମୂର୍ଷୁ ଅବସ୍ଥାରେ ଲିଟିଲ ହାର୍ଟ ସେଲଟର ହୋମର ଭେଙ୍କଟେଶ ଓ ତାଙ୍କ ସ୍ତ୍ରୀ ବଲରମତୀ ଉଦ୍ଧାର କରିଥିଲେ । ମାନସିକ ଅବସ୍ଥା ଭଲ ନ ଥିବାରୁ ମାୟା ନିଜ ବିଷୟରେ କିଛି କହିପାରି ନ ଥିଲେ । ଚିକିତ୍ସା ପରେ ମାନସିକ ସ୍ଥିତି ସୁଧୁରିବା ପରେ ତାଙ୍କ ଘର ବଲାଙ୍ଗୀର ଜିଲା ସଇଁତଲା ବ୍ଲକ୍ ଘଣ୍ଟମାଲ ବୋଲି କହିଥିଲେ । ପରେ ମାଡ୍ରାସର ରୋଟାରୀ କ୍ଲବ ଚିଫ୍ ଏଡ଼ମିନ୍ ସାଇନାଥ ଟିଟିଲାଗଡ଼ସ୍ଥିତ ରୋଟାରୀ କ୍ଲବ ସଦସ୍ୟଙ୍କୁ ସୂଚନା ଦେଇଥିଲେ । ରବିବାର ଭେଙ୍କଟେଶ ତାଙ୍କ ସ୍ତ୍ରୀଙ୍କ ସହ ମାୟାଙ୍କୁ ଏଠାକୁ ଆଣିଥିଲେ । ଉଭୟ ଦମ୍ପତି ଟିଟିଲାଗଡ଼ ରୋଟାରୀ କ୍ଲବର ଆନନ୍ଦ ଜୈନ ଓ ମହେଶ ଅଗ୍ରୱାଲ, ସଇଁତଲା ମାରୱାଡ଼ି ଯୁବାମଞ୍ଚ ସଭାପତି ଆଶିଷ ଅଗ୍ରୱାଲ, ସମ୍ପାଦକ ସୌରଭ ଅଗ୍ରୱାଲ ପ୍ରମୁଖଙ୍କ ସହ ମିଶି ମାୟାଙ୍କୁ ନେଇ ସଇଁତଲା ଥାନାକୁ ଆସିଥିଲେ । ସେଠାରୁ ମାୟାଙ୍କୁ ପରିବାରବର୍ଗଙ୍କୁ ହସ୍ତାନ୍ତର ଉଦ୍ଦେଶ୍ୟରେ ତାଙ୍କ ଗ୍ରାମ ଘଣ୍ଟମାଲ ନିଆଯାଇଥିଲା । ତେବେ ମାୟାଙ୍କ ବାପା ଓ ମାଙ୍କ ମୃତ୍ୟୁ ହୋଇଥିବା ଜଣାପଡିବା ପରେ ତାଙ୍କ ହସ୍ତାନ୍ତର ନେଇ ସମସ୍ୟା ସୃଷ୍ଟି ହୋଇଥିଲା । ମାୟାଙ୍କୁ ତାଙ୍କ କକା ପୁଅ ଭାଇ ରଘୁ ହରପାଲଙ୍କ ସ୍ତ୍ରୀ ଯଶୋବନ୍ତୀ ଚିହ୍ନିଥିଲେ ମଧ ମାନସିକ ଅବସ୍ଥା ଠିକ ନ ଥିବାରୁ ଘରେ ରଖିବାକୁ ମନା କରିଥିଲେ । ଯଶୋବନ୍ତୀ ଏ ସମ୍ପର୍କରେ ସଇଁତଲା ଥାନା ଅଧିକାରୀଙ୍କୁ ଲିଖିତ ଜଣାଇଥିଲେ । ସ୍ୱେଚ୍ଛାସେବୀମାନେ ଏ ସମ୍ପର୍କରେ ଆମ୍ବପାଲି ସରପଞ୍ଚ କ୍ଷୀରଭରା ସାଗରଙ୍କୁ ଜଣାଇବାରୁ ସେ ମାୟାଙ୍କୁ ଜିଲାର କୌଣସି ସ୍ୱଧାର ଗୃହକୁ ନେବା ପାଇଁ ପ୍ରସ୍ତାବ ଦେଇଥିଲେ । ଏହାପରେ ବଲାଙ୍ଗୀର ସଖୀ ୱାନ୍ ଷ୍ଟପ୍ ସେଣ୍ଟରର ଏକ ଭଡା ଘରେ ମାୟାଙ୍କୁ ରଖାଯାଇଛି।

# ୧ ଘଣ୍ଟାରେ ରୋପଣ ହେଲା ୨.୭୨ଲକ୍ଷ ଚାରା

**ସୋନପୁର,୨୫।୮(ନି.ପ୍ର.)**

ଅଗଷ୍ଟ ୨୫ତାରିଖ ସୁବର୍ଣ୍ଣପୁର ଜିଲା ପାଇଁ ଏକ ସ୍ମରଣୀୟ ଦିବସ। ରବିବାର ପୂର୍ବାହ୍ନ ୯ଟାରୁ ୧୦ଟା ୧ ଘଣ୍ଟା ମଧ୍ୟରେ ଜିଲାରେ ୨ ଲକ୍ଷ ୭୨ ହଜାର ୪୭୩ଟି ଚାରା ରୋପଣ କରାଯାଇଛି। ଏକ ସମୟରେ ଜିଲାର ସଦର ମହକୁମା, ବ୍ଲକ ମୁଖ୍ୟାଳୟ, ପଞ୍ଚାୟତ, ଗାଁ ସ୍ତରରେ ଓ ଅଧିକାଂଶ ଲୋକଙ୍କ ଘର ବାଡିରେ ଚାରା ରୋପଣ ହୋଇଛି। ପ୍ରଶାସନର ଉଦ୍ୟମକ୍ରମେ ସବୁଜ ସୁନ୍ଦର କରିବା ପାଇଁ ଜିଲାବାସୀଙ୍କର ଏହି ସମ୍ମିଳିତ ଉଦ୍ୟମକୁ ପ୍ରଶଂସା କରାଯାଇଛି। ରାଜ୍ୟର ଅନ୍ୟତମ ଉତ୍ତପ୍ତ ଜିଲାଭାବେ ପରିଗଣିତ ହେଉଛି ସୁବର୍ଣ୍ଣପୁର। ଏହି ଜିଲାର ସମୁଦାୟ କ୍ଷେତ୍ରଫଳର ମାତ୍ର ୧୮.୧୫ ପ୍ରତିଶତ ଜଙ୍ଗଲ ରହିଛି। ତେଣୁ ଜିଲାରେ ଜଙ୍ଗଲ ବୃଦ୍ଧି ଓ ସବୁଜିମା ପରିବେଶ ସୃଷ୍ଟି ପାଇଁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଜିଲା ପ୍ରଶାସନ, ବନ ବିଭାଗ, ଜିଲା ଆଇନସେବା ପ୍ରାଧିକରଣ, ପୋଲିସ ପ୍ରଶାସନ, ଶ୍ରମ ବିଭାଗ, ଜିଲା ଓକିଲ ସଂଘ, ଶିକ୍ଷା ବିଭାଗ, ସାମାଜିକ ସଂଗଠନ ଓ ବନ ସୁରକ୍ଷା ସମିତି ପକ୍ଷରୁ ପୂର୍ବରୁ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଇଥିଲା। ରବିବାର ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଚିତ୍ତରଞ୍ଜନ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ସହର ଉପକଣ୍ଠର ଝିଙ୍କିଟିକ୍ରାରେ ଗୋଟିଏ ଅଶ୍ୱତ୍ଥ ଚାରା ଲଗାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କେବଳ ଝିଙ୍କିଟିକ୍ରାରେ ପ୍ରବଳ ବର୍ଷା ସତ୍ତ୍ୱେ ୧୦ହଜାର ୧୫୭ଟି ଗଛ ଲଗାଯାଇଛି। ଏଠାରେ ଜିଲା ଦୌରାଜଜ୍ ରାଜ କୁମାର ସାହୁ, ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଜିଲା ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟ, ଏଡିଜେ ମାନସ ପଣ୍ଡା, ସିଜେଏମ ମାନସରଞ୍ଜନ ରଥ, ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ସୀମା ତ୍ରିପାଠୀ, ରେଜିଷ୍ଟ୍ରାର ସୁବ୍ରତ କୁମାର ଆଚାର୍ଯ୍ୟ, ଏସଡିଜେଏମ ସୁକାନ୍ତ କିଶୋର ଜେନା, ଜେଏମଏଫସି ଅଙ୍କିତା ଶର୍ମା, ଜେଏମଏସ୍‌ସି ପ୍ରତ୍ୟାଶା ରାୟ ଓ ପ୍ରିୟଦର୍ଶିନୀ କୁମ୍ଭାର ଚାରା ରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋନପୁର ବିଡିଓ ରବୀନ୍ଦ୍ର କୁମାର ପଟେଲ, ତହସିଲଦାର ଅରବିନ୍ଦ ବେହେରା, ସହକାରୀ ବନ ସଂରକ୍ଷକ ସୁଶୀଲ କୁମାର ତ୍ରିପାଠୀ, ସୋନପୁର ରେଞ୍ଜର ରଞ୍ଜନ କୁମାର ମହାନ୍ତି, ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା ଓ ମ୍ୟୁନିସିପାଲିଟି ଇଓ ଜଗଦୀଶ ଚନ୍ଦ୍ର ମହାନନ୍ଦ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଚାରା ରୋପଣ କରିଥିଲେ। ସରକାରୀ, ବେସରକାରୀ ସଂସ୍ଥା, ସ୍କୁଲ ଓ କଲେଜର ଛାତ୍ରୀଛାତ୍ର, ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧି, ମାରୱାଡି ଯୁବାମଞ୍ଚ, ୮୯ଟି ବନ ସୁରକ୍ଷା ସମିତି, ପ୍ରଜାପିତା ବ୍ରହ୍ମାକୁମାରୀ ଅନୁଷ୍ଠାନ ଏବଂ ହଜାର ହଜାର ଜନସାଧାରଣ ଏଥିରେ ସାମିଲ ହୋଇଥିଲେ। ବନବିଭାଗ ଦ୍ୱାରା ପ୍ରସ୍ତୁତ ଚାରାକୁ ଲୋକେ ନିଜର ଚାଷ ଜମିର ହୁଡା, ବନ୍ଧ ଆଡି, ପଡିଆ, ଖେତବାଡି, ସରକାରୀ ବେସରକାରୀ ଅନୁଷ୍ଠାନର ନିଜସ୍ୱ ଜମି ଓ ଉଜୁଡା ଜଙ୍ଗଲରେ ମଧ୍ୟ ରୋପଣ କରିଥିଲେ। ଜିଲାର ତରଭା, ଡୁଙ୍ଗୁରିପାଲି, ବିନିକା, ଉଲୁଣ୍ଡା ଓ ବୀରମହାରାଜପୁରରେ ମଧ୍ୟ ବ୍ୟାପକ ବୃକ୍ଷରୋପଣ ହୋଇଛି। ସ୍ଥାନୀୟ ପ୍ରଶାସନ, ବନ ବିଭାଗ, ଲୋକ ପ୍ରତିନିଧି ଓ ବୁଦ୍ଧିଜୀବୀ ଏଥିରେ ସାମିଲ ହୋଇଥିଲେ ।



ଉଚ୍ଚନ୍ୟାୟାଳୟର ବିଚାରପତି ଚିତ୍ତରଞ୍ଜନ ଦାଶ ଚାରାରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି ।

## ଜୀବନ୍ ଜୀବିକାରୁ ବଂଚିତ୍ ଭିନ୍ନକ୍ଷମ ଆଦିତ୍ୟ

### ପ୍ଲାଷ୍ଟିକ୍ ଗୋଡ୍ ଖଞ୍ଜିବାକେ ଟଙ୍କା ଅଭାବ୍

**ଜାମଟିକ୍ରା, ୨୫।୮ (ଡି.ଏନ୍.ଏ)**

ବରଗଡ଼ ଜିଲା କୁରୁଆଁ ପଁଚେତ୍ ବାଉଁସେନପାଲି ଗାଁର ଅଭିମନ୍ୟୁ ମିର୍ଦ୍ଧାଙ୍କର ପୁଓ ଆଦିତ୍ୟ ମିର୍ଦ୍ଧା(୨୬)। ୨୦୧୭ରେ ତାକର ଡେବ୍‌ରି ଗୋଡ଼ରେ କର୍କଟ ରୋଗ୍ ହେଇଥିବାର ଜନାପଡ଼ିଥିଲା। ଡାକ୍‌ତର ଆଦିତ୍ୟର ଜୀବନ୍ ବଁଚାବାକେ ଯାଇ ତାକର ଗୋଡ୍ କାଟ୍‌ଲେ। ସେଦିନ୍‌ଠାନୁ ସେ ଭିନ୍ନକ୍ଷମ ପାଲଟିଯାଇଛନ୍। ହେଲେ କାହାରି ଉପରେ ବୋଝ୍ ହେବାର ବଦଲା ସେ ନିଜେ କମେଇ ଖାଏବାର ମଜବୁତ୍ ମନବଲ ରଖିଛନ୍। ହେଲେ ତାହାକୁ ଭାଏଗ୍ ସାଥ୍ ନାଇଁ ଦେବାର।

ସୂଚନା ଅନ୍‌ସାରେ ବାଉଁସେନପାଲିର ଅଭିମନ୍ୟୁ ମିର୍ଦ୍ଧାଙ୍କର ପରିବାର କହେଲେ ମାଏକିନା.ଉର୍ବଶୀ, ଦୁଇ ପୁଓ ଆଦିଦ୍ୟ ଆର ଆଶିଷ। ଆଦିତ୍ୟ ବଡ଼ ହେଇଥିଲାବେଲେ ତାକର ସାନ ଭାଇ ଆଶିଷ ଏହେଦେ ଯୁକ୍ତ ତିନ୍‌ରେ ପାଠ୍ ପଢୁଛନ୍। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ଅଭିମନ୍ୟୁ ଗୁଟେ ମିଲ୍‌ରେ ଶ୍ରମିକ୍ ହିସାବେ କାମ୍ କରୁଛନ୍। ସେନ୍‌ତା ଆଦିତ୍ୟ ଟ୍ରାକ୍ଟର ଆର ଧାନ କଟା ମେଶିନ ଚଲେଇ ଦୁଇ ପଏସା କମଉଥିଲେ। ହେଲେ ୨୦୧୭ ସାଲେ କେହେନ୍‌ସି କାରନ୍‌ରୁ ଆଦିତ୍ୟକଁର ଡେବ୍‌ରି ଗୋଡ଼ରେ ବହୁତ୍ ଦରଦ୍ ହେଲା। ଘରର ଲୋକ୍ ଆସର ପାସର ଡାକ୍‌ତରଖାନାରେ ଦେଖେଇ ଉଷୋକଷା କଲେ, ହେଲେ କିଛି ଲାଭ ନାଇଁହେଲା। ପରିବାର ଲୋକ୍ ତାହାକୁ ୨୦୧୭ ସେପ୍ଟେମ୍ବରରେ ବୁର୍ଲା ଡାକ୍‌ତରଖାନାରେ ଦେଖାଲେ। ସେଠାନେ ପରୀକ୍ଷା ନିରୀକ୍ଷାରୁ ଜନାପଡ଼ଲା ଯେ ଆଦିତ୍ୟକଁର ଗୁଡ୍‌ରେ କ୍ୟାନସର ହେଇଛେ। ଇ କଥା ଶୁନି ମା'ବାପ୍ ମୁଡ୍‌ରେ ଚଡକ୍ ପଡ଼ିଥିଲା। ଶେଷେ ପରିବାର ଲୋକ୍ ଧାରଉଧାର କରି ଆଦିତ୍ୟକେ ଚିକିତ୍ସା ଲାଗି ଭୁବନେଶ୍ୱରର ଗୁଟେ ଘରୋଇ ଡାକ୍‌ତରଖାନାରେ ଭରତି କଲେ। ହେଲେ ସେଠାନେ ଆଦିତ୍ୟକଁର ଜୀବନ୍ ବଁଚାବାର ଲାଗି ଡାକ୍‌ତର ଜୁଲାଇ ୧୨, ୨୦୧୮ରେ ତାକର ଗୋଡ୍ ଜଂଘ୍‌ଠାନୁ ଅପରେଶନ କରି କାଟିଦେଲେ। ଏହେଦେ ସେ ଆଶାବାଡ଼ି ଧରି ଚାଲବୁଲ କରୁଛନ୍, ଭିନ୍ନକ୍ଷମ ଭତା ବାବ୍‌ଦେ ୫ଶହ ଟଁକା ପାଉଛନ୍। ଏତେ ହେଲା ଉତାରୁ ବି ଆଦିତ୍ୟ ତାକର ମନ୍‌ବଲ ନାଇଁ ହରେଇ। ଏଭେ ବି ସେ କମେଇ ଖାଏବାର ମଜବୁତ୍ ମନ୍‌ବଲ ରଖିଛନ୍। ଏହେଦେ ସେ ଭିନ୍ନକ୍ଷମ ହେବାର ଲାଗି ତାହାକୁ ଗାଡ଼ିଚଲା ଲାଇସେନ୍ସ ନାଇଁ ମିଲିପାରବାର। ଯଦି ମୋତେ ଲାଇସେନ୍ସ ମିଲିପାରତା ତ ମୁଇଁ ଗାଡ଼ି ଚଲେଇ ଫେନ୍ ଦୁଇ ପଏସା କମେଇ ପାରତି ବଲି କହିଛନ୍। ଇଥିରଲାଗି ସେ ଗୁଟେ ପ୍ଲାଷ୍ଟିକ୍ ଗୋଡ୍ ଲଗାବାକେ ଚାହୁଁଛନ୍। ହେଲେ ଟଁକା ପଏସାର ବଡ଼ଭାରି ଅଭାବ ଲାଗି ସେ ପ୍ଲାଷ୍ଟିକ୍ ଗୋଡ୍ ଖଁଜି ନାଇଁପାରବାର। ଯଦି କେହେନ୍‌ସି ସରକାରୀ, ବେସରକାରୀ ସଂସ୍ଥା କି ସହୃଦ୍ ଲୋକ୍ ସାହାଯ୍ୟର ହାତ୍ ବଢ଼ାଲେ ମୁଇଁ ଆଘର ଲେଖେଁ ଚାଲବୁଲ କରିପାରବାର ସଂଗେ କମେଇ ଖାଇପାରତି ବଲି ସେ କହିଛନ୍।



ଭିନ୍ନକ୍ଷମ ଆଦିତ୍ୟ ମିର୍ଦ୍ଧା।

## ପାମରା, ଡୁଡାଲଗାରେ ବଜ୍ରପାତ: ଜଣେ ମୃତ, ୩ ଆହତ

**ବଡ଼ଗାଁ, ୨୫।୮ (ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ପାମରା ନୂଆପଡ଼ା ଗାଁର ଜଣେ ଯୁବକଙ୍କ ରବିବାର ବଜ୍ରପାତରେ ମୃତ୍ୟୁ ହୋଇଛି। ଗାଁର ଅନ୍ୟ ୩ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ପାମରା ନୂଆପଡ଼ାର ବିନୋଦ ପୋଢ଼ (୩୨), ଗୋକୁଳା ପୋଢ଼ (୨୨), ଅଶୋକ ଖିଲାରୀ (୨୦) ଓ ବିଷ୍ଣୁ ପୋଢ଼ ଅରଫ୍ ଟୁଟୁ(୨୧) ରବିବାର ମଧ୍ୟାହ୍ନରେ ଏକମା ଗ୍ରାମର ସାପ୍ତାହିକ ବଜାର ଯାଇଥିଲେ। ସେଠାରୁ ଗାଁକୁ ଚାଲି ଚାଲି ୪ଜଣ ଫେରୁଥିଲାବେଳେ ପ୍ରାୟ ସାଢ଼େ ୩ଟାରେ ଜୁନାପଡା ପୋଖରୀ ନିକଟ ଆମ୍ବଗଛ ନିକଟରେ ବଜ୍ରପାତ ହୋଇଥିଲା । ବିନୋଦ ଘଟଣାସ୍ଥଳରେ ଟଳି ପଡିଥିଲେ। ଗୋକୁଳାଙ୍କ ଜଙ୍ଘରେ ଆଘାତ ହେବାରୁ ସେ ତଳେ ବସି ପଡିଥିଲେ । ଅନ୍ୟ ୨ଜଣ ସାମାନ୍ୟ ଆହତ ହୋଇଥିଲେ। ସୂଚନାପାଇ ଗ୍ରାମବାସୀ ବିନୋଦଙ୍କୁ ଖତଗଦାରେ ପୋତି ଦେଶୀ ଉପଚାର କରିଥିଲେ ମଧ ସୁଫଳ ନ ମିଳିବାରୁ ବଡଗାଁ ଡାକ୍ତରଖାନାକୁ ୧୦୮ ଆମ୍ବୁଲାନ୍ସରେ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି ଅନ୍ୟ ଏକ ସ୍ଥାନରେ ବଜ୍ରପାତରେ ଗୋରୁଛେଳିର ମୃତ୍ୟୁ ଘଟିଛି। ଡୁଡାଲଗାରୁ ବାଉଁଶେନ ଯିବା ରାସ୍ତା ନିକଟ ନଦୀ ପାର୍ଶ୍ୱରେ ଡୁଡାଲଗା ଗ୍ରାମର କେତେକ ବ୍ୟକ୍ତି ଗୋରୁ, ଛେଳି ଚରାଉଥିଲେ। ବଜ୍ରପାତ ହେବାରୁ ବାଉଁଶ ବୁଦା ତଳେ ଥିବା ସିଧ ମାଝିଙ୍କ ଗୋଟିଏ ବଳଦ, ଜେଙ୍ଗା ଲାକଡାଙ୍କ ୮ଟି ଛେଳି, ଜଗଦିଶ ମାଝିଙ୍କ ଗୋଟିଏ ମେଣ୍ଢା, ବାଛୁରୀର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ରବିବାର ଅପରାହ୍ନରେ ବଡ଼ଗାଁ ବ୍ଲକ ଅଞ୍ଚଳରେ ଘଡଘଡି ସହ ବର୍ଷା ହୋଇଥିଲା।



ଡୁଡାଲଗାରେ ବଜ୍ରପାତରେ ଛେଳି ମରି ପଡିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଗିଆ ଜଗିଛି**
**ଭୋଗିଆ ଭୋଗୁଛି ।**

ମାରିନେଲେ ମହାପାତ୍ରେ ଚାହିଁଥାରେ ଜଳକା ଭଳି ଜଣକୁ ଭକୁଆ ବନେଇ ଅନ୍ୟଜଣେ ସୁବିଧା ସୁଯୋଗ କୌଶଳ କରି ହାତେଇ ନେଇଥାନ୍ତି। ସୁବିଧାବାଦୀ ବ୍ୟକ୍ତି ଚଞ୍ଚକତା କରି ଅନ୍ୟର ପରିଶ୍ରମର ଫଳ ଅନାୟାସରେ ଭୋଗ କରିଥାନ୍ତି। ଚାଲାକ ଚତୁର ଲୋକ ନିଜ ସୁବିଧା କରିନେବା ଓ ସାଦାସିଧା ସରଳ ଲୋକ ଅନେଇ ରହିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଜଳିଲା ଦୀପ,**
**ତଳ ଅନ୍ଧାର ।**

ଦୀପ ଜଳୁଥିବା ବେଳେ ଦୀପର ଚାରିପଟ ଆଲୁଅ ହୋଇଥାଏ। ପରନ୍ତୁ ଦୀପତଳ ଜାଗାରେ ଆଲୁଅ ପଡ଼େ ନାହିଁ, ଅନ୍ଧାର ଥାଏ। ପରୋକ୍ଷରେ ଅତି ପାଖରେ ଥିବା ବ୍ୟକ୍ତି ବା ବସ୍ତୁ ପ୍ରତି ଅନାଦର, ଦୂରଲୋକ ସକଳ ସୁବିଧା ପାଉଥିବା ବେଳେ ପାଖଲୋକ ସେଥିରୁ ବଞ୍ଚିତ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଭିମସାର ପ୍ରଶାସକ ପଦରେ ଡାକ୍ତର

**ସମ୍ବଲପୁର,୨୫।୮(ବ୍ୟୁରୋ)**

ବୁର୍ଲା ଭିମସାରରେ ପ୍ରାୟ ୬ମାସ ହେବ ପ୍ରଶାସକ ପଦ ଖାଲି ପଡ଼ିଛି। କିଛିଦିନ ହେବ ପ୍ରଫେସର ଡା. ବେଣୁଧର ପାଣ୍ଡେଙ୍କୁ କର୍ତ୍ତୃପକ୍ଷ ଏହି ପଦବୀରେ ନିଯୁକ୍ତ କରିଛନ୍ତି। ଏହି ପଦବୀରେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସିଧାସଳଖ ନିଯୁକ୍ତି ଦିଆଯାଇଥାଏ। ପ୍ରଶାସକ ପଦରେ ଜଣେ ଡାକ୍ତର କିଭଳି ନିଯୁକ୍ତ ହେଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଶାସକ ପଦ ପୂରଣ କରିବା ପାଇଁ ଭିମସାର କର୍ତ୍ତୃପକ୍ଷ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଇ ଅନୁରୋଧ କରିବା କଥା। ହେଲେ ଏଠାରେ ପ୍ରଫେସର ପାଣ୍ଡେଙ୍କୁ ନିଯୁକ୍ତି କରାଯାଇଥିବା ନେଇ ଚର୍ଚ୍ଚା ଜୋର ଧରିଛି। କିଛିଦିନ ପୂର୍ବରୁ ବରିଷ୍ଠ ଓଏଏସ ଅଧିକାରୀ ଅଞ୍ଜଳିନା ପ୍ରଧାନଙ୍କୁ ରାଜ୍ୟ ସରକାର ନିଯୁକ୍ତ କରିଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ପ୍ରାୟ ୧୫ ଦିନ ହେବ ସେ କାର୍ଯ୍ୟରେ ଯୋଗଦେଇନାହାନ୍ତି। ଏହା ପଛରେ କେତେଜଣ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିଙ୍କ ପ୍ରଚ୍ଛନ୍ନ ହାତ ଥିବା ଅଭିଯୋଗ ହେଉଛି।

### ୬ମାସ ହେଲା ଖାଲି ପଡ଼ିଛି ପଦବୀ




ପୂର୍ବରୁ ମଧ ଏହି ପଦ ପାଇଁ ଅନେକ ବାଦବିବାଦ ଲାଗି ରହିଥିଲା। ଏବେ ଅଞ୍ଜଳିନା ପ୍ରଧାନ ଯୋଗଦାନ ନ କରିବା ଓ ପ୍ରଫେସର ପାଣ୍ଡେଙ୍କୁ ନିଯୁକ୍ତି ଦେବା ଘଟଣା ଭିମସାର ପାଇଁ ଶୁଭଙ୍କର ନୁହେଁ ବୋଲି ଆଲୋଚନା ହେଉଛି। ରାଜ୍ୟର ଅନ୍ୟ ମେଡିକାଲ କଲେଜଗୁଡ଼ିକରେ ପ୍ରଶାସନିକ ଅଧିକାରୀ ଏହି ପଦରେ ନିଯୁକ୍ତ ହୋଇଛନ୍ତି। ହେଲେ ଭିମସାରରେ ତାହା କାହିଁକି କାର୍ଯ୍ୟକାରୀ କରାଯାଉ ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ କଲେଜ ଅଧୀକ୍ଷକ ଡା. ଜୟଶ୍ରୀ ଦୋରାଙ୍କୁ ପଚାରିବାରୁ କହିଲେ, ଅଞ୍ଜଳିନା ପ୍ରଧାନ କାର୍ଯ୍ୟରେ ଯୋଗଦାନ କରିବେ ବୋଲି ଆଶା କରାଯାଉଛି। ଅସ୍ଥାୟୀ ଭାବେ ଡା. ପାଣ୍ଡେଙ୍କୁ କର୍ତ୍ତୃପକ୍ଷ ଦାୟିତ୍ୱ ଦେଇଛନ୍ତି ବୋଲି ସେ କହିଥିଲେ। ଏହି ପଦବୀରେ ଜଣେ ପ୍ରଶାସନିକ ଅଧିକାରୀ ରହିଲେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହୋଇପାରିବ। ସେ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସମସ୍ୟା ଓ କାର୍ଯ୍ୟ ତଦାରଖ କରିବେ। ମେଡିକାଲ କଲେଜର ଆନୁଷଙ୍ଗିକ ସମସ୍ୟା ଦିଗରେ ପଦକ୍ଷେପ ଗ୍ରହଣ କରିପାରିବେ। ହେଲେ ଏହି ପଦ ଖାଲି ଥିବାରୁ ପ୍ରତିଦିନ ସମସ୍ୟା ବଢ଼ିବାରେ ଲାଗିଛି।

# ୱାଟରପ୍ରୁଫ୍ ମୋଜା



ମୋଜା, ପୁଣି ୱାଟରପ୍ରୁଫ୍-ଏ କଥାକୁ ହୁଏ ତ ଅନେକେ ବିଶ୍ୱାସ କରିବା କଷ୍ଟକର ହୋଇପାରେ। ହେଲେ ସେପରି ଏକ ମୋଜା ଖୁବ୍ ଶୀଘ୍ର ବଜାରରେ ଉପଲବ୍ଧ ହେବାକୁ ଯାଉଛି। ଏଭଳି ମ୍ୟାଜିକ୍ ମୋଜାକୁ ଜାପାନର ବୈଜ୍ଞାନିକମାନେ ପ୍ରସ୍ତୁତ କରିଛନ୍ତି। ବିଶେଷଭାବରେ ବର୍ଷାଦିନେ ଏହାକୁ ପିନ୍ଧି ଜଣେ ଅନାୟାସରେ ଯିବା ଆସିବା କରିପାରିବ। କେବଳ ସେତିକି ନୁହେଁ, ଏହି ମୋଜା ଏତେ ହାଲୁକା ଯେ ତାକୁ ପିନ୍ଧିବା ପରେ ଜଣେ ଜାଣିପାରିବ ନାହିଁ ଯେ ସେ ହଳେ ମୋଜା ପିନ୍ଧିଛି। ବିଶେଷଭାବରେ ଏଭଳି ହାଇଟେକ ମୋଜା ଆଥଲେଟ୍ ଏବଂ ପର୍ବତାରୋହୀଙ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହେବ ବୋଲି ପ୍ରସ୍ତୁତକାରୀ ବୈଜ୍ଞାନିକମାନେ ଆଶାପୋଷଣ କରିଛନ୍ତି। ଏପରି କି ଏହାକୁ ପିନ୍ଧିବା ପରେ ଆଉ ଜୋତା ପିନ୍ଧିବାକୁ ପଡ଼ିବ ନାହିଁ ବୋଲି ସେମାନେ ପ୍ରକାଶ କରିଛନ୍ତି। ଡାଇନାମୋ ନାମକ ସୂତାରୁ ଏହି ମୋଜା ପ୍ରସ୍ତୁତ ହୋଇଛି। ପିନ୍ଧିବା ପରେ ବେଶ୍ ଆରାମ ଲାଗୁଥିବା ଏହି ମୋଜା ଘଷି ହେଲେ ମଧ୍ୟ ଛିଡ଼ିବ ନାହିଁ।

# ନିଦ୍ରାହୀନତା ଜିନ୍ ଓ ହୃଦ୍‌ରୋଗ



ନିଦ୍ରାହୀନତା (ଇନ୍‌ସୋମିନିଆ) ଜିନ୍ ଯୋଗୁ ହୃଦ୍‌ରୋଗ ହେବାର ଆଶଙ୍କା ରହିଛି। ଏଭଳି ଚାଞ୍ଚଲ୍ୟକର ତଥ୍ୟ ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। 'ନିଦ୍ରାହୀନତା ଜିନ୍ ଓ ହୃଦ୍‌ରୋଗ' ଶୀର୍ଷକ ବିଷୟବସ୍ତୁକୁ ନେଇ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଗବେଷକମାନେ ଗବେଷଣା କରିଥିଲେ। ଏପରି ନିଦ୍ରାହୀନତା ସହ ସଂପୃକ୍ତ ବ୍ୟକ୍ତି ଭବିଷ୍ୟତରେ କେବଳ ହୃଦ୍‌ରୋଗ ନୁହେଁ, ଷ୍ଟ୍ରୋକ୍ ପରି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସେମାନେ ଗବେଷଣା ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ନିଦ୍ରାଜନିତ ସମସ୍ୟା ଦୀର୍ଘ ଦିନ ଧରି ଲାଗିରହିଲେ ତାହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ଯଦି ଜଣେ ବ୍ୟକ୍ତି ପ୍ରତିଦିନ ଆବଶ୍ୟକ ମୁତାବକ ନିଦ୍ରା ନ ଯାଆନ୍ତି ତେବେ ତାହାର ପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡ଼ିଥାଏ। ଫଳତଃ ପରବର୍ତ୍ତୀ ସମୟରେ ହୃଦ୍‌ଜନିତ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି। ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ, ବର୍ତ୍ତମାନ ବିଶ୍ୱରେ ପ୍ରାୟ ୧.୬ ମିଲିୟନ ବ୍ୟକ୍ତି ନିଦ୍ରାହୀନତା ସମସ୍ୟା ସହ ଜଡ଼ିତ। ତେବେ ଏପରି ସମସ୍ୟାଠାରୁ ଦୂରେଇ ରହିବାକୁ ହେଲେ ପ୍ରତିଦିନ ଆମେ ଆବଶ୍ୟକ ମୁତାବକ ଶୋଇବା ଆବଶ୍ୟକ।

# ମଧୁମେହରେ କିଡ୍‌ନୀ ସମସ୍ୟା

"ଡାଇବେଟିସ୍(ମଧୁମେହ) ରୋଗୀଙ୍କ କିଡ୍‌ନୀ ଆକ୍ରାନ୍ତ ହେଲେ ସର୍ବପ୍ରଥମେ ପରିସ୍ରାରେ ଅଧିକ ମାତ୍ରାରେ ଆଲ୍‌ବୁମିନ୍ ନାମକ ଏକ ପ୍ରୋଟିନ୍ ନିଷ୍କାସିତ ହୋଇଥାଏ। ତେଣୁ ପ୍ରତ୍ୟେକ ଡାଇବେଟିସ ରୋଗୀଙ୍କ ବର୍ଷକୁ ଥରେ ପରିସ୍ରାରେ ଆଲ୍‌ବୁମିନ୍ ପରୀକ୍ଷା କରିବା ଉଚିତ। ରାତିରେ ବାରମ୍ବାର ପରିସ୍ରା ଯିବା ସହ ରକ୍ତଚାପରେ ବୃଦ୍ଧି ଘଟିଥାଏ।"





ବର୍ତ୍ତମାନ ସମଗ୍ର ପୃଥିବୀ ତଥା ଭାରତବର୍ଷରେ ମଧୁମେହ ସମସ୍ୟା ବ୍ୟାପକ ରୂପେ ବଢ଼ି ଚାଲିଛି। ପାଶ୍ଚାତ୍ୟ ଦେଶ ତୁଳନାରେ ଏସିଆ ମହାଦେଶ ତଥା ଭାରତବର୍ଷର ଲୋକେ ଏହି ଜୀବନଶୈଳୀ ଅବ୍ୟବସ୍ଥା ଜନିତ ସମସ୍ୟାରେ ଅଧିକ ପରିମାଣରେ ତଥା ଏକ ଦଶନ୍ଧି ପୂର୍ବରୁ ଆକ୍ରାନ୍ତ ହୋଇଥାନ୍ତି। ତା'ଛଡ଼ା ମଧୁମେହ ଜନିତ କିଛିଟା ଜଟିଳ ଅବସ୍ଥା ଯଥା ହୃଦୟ ଏବଂ କିଡ୍‌ନୀ ସମସ୍ୟା ଅଧିକ ପରିମାଣରେ ଦେଖାଯାଏ। ମଧୁମେହ ହେଉଛି କିଡ୍‌ନୀ ସମସ୍ୟାର ଏକ ମୁଖ୍ୟ କାରଣ। ୨୦ ରୁ ୩୦ ଶତକଡ଼ା ମଧୁମେହ ରୋଗୀ କିଛି ନା କିଛି ପ୍ରକାର କିଡ୍‌ନୀ ସମସ୍ୟାରେ ପୀଡ଼ିତ ହୋଇଥାନ୍ତି। ଏଥିରେ କିଡ୍‌ନୀର କ୍ଷୁଦ୍ର ରକ୍ତ ଶିରା ପ୍ରଶିରା ପ୍ରଭାବିତ ହୋଇଥାଏ। ତେଣୁ ରକ୍ତରେ ଅବସ୍ଥିତ ଅଦରକାରୀ ବର୍ଜ୍ୟବସ୍ତୁ ନିଷ୍କାସିତ ହୋଇପାରି ନ ଥାଏ। ଶରୀରରେ ଲବଣ ତଥା ପାଣି ଅତ୍ୟଧିକ ପରିମାଣରେ ଜମିଯାଇଥିବା ଯୋଗୁ ଓଜନ ବୃଦ୍ଧି ସହ ପାଦଫୁଲା ଦେଖାଦେଇଥାଏ। ଏହାଛଡ଼ା କିଛିଟା କ୍ଷୁଦ୍ର ପରିସ୍ରାନଳୀ କ୍ଷତିଗ୍ରସ୍ତ ହେବା ଦ୍ୱାରା ପରିସ୍ରା ଜରିଆରେ ଅଧିକ ପରିମାଣରେ ପ୍ରୋଟିନ୍ ଅଥବା ପୁଷ୍ଟିସାର ନିଷ୍କାସିତ ହୋଇଥାଏ। ଏହା ଶରୀରକୁ ଅଧିକ ଫୁଲାଇ ଦେଇଥାଏ। ରକ୍ତରେ ଅପଚୟକାରୀ ପଦାର୍ଥ ବହୁତ ମାତ୍ରାରେ ଜମିଯାଇଥାଏ। ଡାଇବେଟିସ୍ ରୋଗୀଙ୍କ କ୍ଷେତ୍ରରେ ସାଧାରଣତଃ ଦେଖାଯାଉଥିବା କିଛିଟା ପାର୍ଶ୍ୱ ଅବ୍ୟବସ୍ଥା ଯଥା ଉଚ୍ଚ ରକ୍ତଚାପ, ମେଦବହୁଳତା ଏବଂ କୋଲେଷ୍ଟରଲ ସମସ୍ୟା କିଡ୍‌ନୀ ପ୍ରତି ଆହୁରି କ୍ଷତିକାରକ ହୋଇଥାଏ।

ଡାଇବେଟିସ୍ ରୋଗୀଙ୍କ କିଡ୍‌ନୀ ଆକ୍ରାନ୍ତ ହେଲେ ସର୍ବପ୍ରଥମେ ପରିସ୍ରାରେ ଅଧିକ ମାତ୍ରାରେ ଆଲ୍‌ବୁମିନ୍ ନାମକ ଏକ ପ୍ରୋଟିନ୍ ନିଷ୍କାସିତ ହୋଇଥାଏ। ତେଣୁ ପ୍ରତ୍ୟେକ ଡାଇବେଟିସ ରୋଗୀ ବର୍ଷକୁ ଥରେ ପରିସ୍ରାରେ ଆଲ୍‌ବୁମିନ୍ ପରୀକ୍ଷା କରିବା ଉଚିତ। ରାତିରେ ବାରମ୍ବାର ପରିସ୍ରା ଯିବା ସହ ରକ୍ତଚାପରେ ବୃଦ୍ଧି ଘଟିଥାଏ। କିଡ୍‌ନୀର କାର୍ଯ୍ୟକଳାପ ଆହୁରି ବାଧାପ୍ରାପ୍ତ ହେଲେ ରକ୍ତରେ ବ୍ଲଡ ୟୁରିଆ ନାଇଟ୍ରୋଜେନ୍ ଏବଂ କ୍ରିଆଟିନିନ୍ ସ୍ତର ବୃଦ୍ଧି ଘଟିଥାଏ। କିଡ୍‌ନୀ ଆକ୍ରାନ୍ତ ହେଲେ କିଛିଟା ଲକ୍ଷଣ ଯଥା ବାନ୍ତି, ଓକାର ଭାବ, ମୁଣ୍ଡବ୍ୟଥା, ଭୋକ କ୍ଷୟ, ଆଳସ୍ୟତା, କ୍ଳାନ୍ତପଣ, ମାଂସପେଶୀରେ ଯନ୍ତ୍ରଣା, ନିଦ୍ରା ତଥା ମାନସିକ ଏକାଗ୍ରତାରେ ହ୍ରାସ, ରକ୍ତହୀନତା ଆଦି ଦେଖାଦେଇଥାଏ। ବାରମ୍ବାର ରକ୍ତ ଶର୍କରା ହ୍ରାସ ହେବା ସହ ଡାଇବେଟିସ୍‌ରେ ବ୍ୟବହାର ହେଉଥିବା ବଟିକାର ଆବଶ୍ୟକତା କମିଯାଇଥାଏ। କିଡ୍‌ନୀ ସମସ୍ୟାର ଶେଷ ଅବସ୍ଥାରେ ଅତ୍ୟଧିକ କୁଣ୍ଡିଆ, ଶୁଷ୍କ ତ୍ୱଚା ବା ଚର୍ମ ଏବଂ ନିଦ୍ରାଳୁ ହେବା ଦେଖାଯାଏ। ଏହିସବୁ ଲକ୍ଷଣ ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଦରକାର।



ଡା. ସୁନୀଲ କୁମାର କୋଟା

ଚିକିତ୍ସାଠାରୁ ନିବାରଣ ହିଁ ଅଧିକତର ଭଲ। ତେଣୁ ପ୍ରତ୍ୟେକ ଡାଇବେଟିସ ରୋଗୀ ବର୍ଷକୁ ଥରେ ରକ୍ତ, ପରିସ୍ରା ଆଦି ପରୀକ୍ଷା କରିବା ଦରକାର। ପ୍ରାରମ୍ଭିକ ଅବସ୍ଥାରେ କିଡ୍‌ନୀ ସମସ୍ୟା ଜାଣିବାକୁ ହେଲେ ଗ୍ଲୋମେରୁଲାର ଫିଲ୍‌ଟ୍ରେସନ୍ ରେଟ ଏବଂ ୟୁରିନ ମାଇକ୍ରାଲ କରିବା ଉଚିତ। କିଡ୍‌ନୀ ସମସ୍ୟା ନିରୂପିତ ହେବା ପରେ ଏହାର ମଧୁମେହ ଛଡ଼ା କିଛି ଅନ୍ୟ କାରଣ ଅଛି କି ଜାଣିବା ପାଇଁ ଅନ୍ୟ କେତୋଟି ପରୀକ୍ଷା କରାଯାଇଥାଏ। କିଡ୍‌ନୀ ବାୟୋପ୍ସି ହେଉଛି ଏଭଳି ଏକ ପରୀକ୍ଷା ଯେଉଁଥିରେ ଏକ ଛୁଞ୍ଚି ଦ୍ୱାରା କିଡ୍‌ନୀର କିଛି ଅଳ୍ପ ମାତ୍ରାରେ କୋଷକୁ କାଢ଼ି ଅଣୁବୀକ୍ଷଣ ଯନ୍ତ୍ର ଜରିଆରେ ଅଧ୍ୟୟନ କରାଯାଇଥାଏ। ପେଟର ଅଲଟ୍ରାସାଉଣ୍ଡ ସହ ଡିଟିପିଏ ଏବଂ ଡିଏମ୍‌ଏସ୍‌ଏ ସ୍କାନ୍ ଦ୍ୱାରା କିଡ୍‌ନୀର ଗଠନ ତଥା କାର୍ଯ୍ୟଦକ୍ଷତା ସମ୍ବନ୍ଧୀୟ ଅଧିକ ବିବରଣୀ ହାସଲ କରାଯାଇଥାଏ।

ଡାଇବେଟିସ ରୋଗୀଙ୍କ କିଡ୍‌ନୀ ଦୀର୍ଘକାଳୀନ ଭିତ୍ତିରେ ସୁଚାରୁ ରୂପେ କାମ କରିବାକୁ ହେଲେ କିଛିଟା ପଦକ୍ଷେପ ନେବାକୁ ପଡିଥାଏ।

- ଖାଦ୍ୟପେୟ ନିୟନ୍ତ୍ରଣ ତଥା ନିୟମିତ ବ୍ୟାୟାମ ଦ୍ୱାରା ଓଜନକ୍ଷୟ ତଥା ଠିକ୍ ଓଜନ ବଜାଇ ରଖିବା।
- ରକ୍ତଶର୍କରା ନିୟନ୍ତ୍ରଣରେ ରହିବା ଦରକାର। ହାଇପୋଗ୍ଲାଇସେମିଆ ଅଥବା ରକ୍ତଶର୍କରା ଅତ୍ୟଧିକ ହ୍ରାସ କରୁଥିବା କିଛିଟା ଡାଇବେଟିସ ବଟିକା ପରିହାର କରିବା ଉଚିତ। ଅଧୁନା ପ୍ରଚଳିତ ନୂଆ ଔଷଧ ଯଥା ଗ୍ଲିପ୍ଟିନ ଏବଂ ଗ୍ଲିଫ୍ଲୋଜିନ୍ ରକ୍ତ ଶର୍କରା ନିୟନ୍ତ୍ରଣ ସହ କିଡ୍‌ନୀ ପ୍ରତି କିଛି ଉପକାରିତା ସାବ୍ୟସ୍ତ କରିଛନ୍ତି। ଅଗ୍ରିମ ଅବସ୍ଥାରେ ଇନ୍‌ସୁଲିନ୍ ହିଁ ଏକମାତ୍ର ଔଷଧ ରୂପେ କାମ କରିଥାଏ।
- ରକ୍ତଚାପ ନିୟନ୍ତ୍ରଣ, ଏସିଇ ଏବଂ ଏଆର୍‌ବି ଆଦି ଔଷଧ ଏହି ଦିଗରେ ଅଧିକ ପସନ୍ଦଯୋଗ୍ୟ।
- ରକ୍ତ କୋଲେଷ୍ଟରଲ ନିୟନ୍ତ୍ରଣ କରିବା ପାଇଁ ଦୈନିକ ଷ୍ଟାଟିନ୍ ନାମକ ଏକ ଔଷଧ ଉପାଦେୟ।
- ମୂତ୍ରମାର୍ଗରେ କିଛି ସଂକ୍ରମଣ ଅଥବା ଇନ୍‌ଫେକସନ୍ ସମୟପୂର୍ବକ ଚିକିତ୍ସା।
- ମୂତ୍ରମାର୍ଗର ଗଠନ ସମ୍ବନ୍ଧୀୟ ଅସ୍ୱାଭାବିକତା ତଥା ପଥର ଆଦିର ସଂଶୋଧନ।
- କିଡ୍‌ନୀ ପ୍ରତି କ୍ଷତିକାରକ ଔଷଧ ଯଥା ପୀଡ଼ାନାଶକ, ଆଣ୍ଟିବାୟୋଟିକ୍ ଆଦିର ପରିହାର। ଡାକ୍ତରଙ୍କ ପରାମର୍ଶ ବିନା ଏହାର ବ୍ୟବହାର ଅତ୍ୟନ୍ତ କ୍ଷତିକାରକ।
- ପୁଷ୍ଟିସାର ଜାତୀୟ ଖାଦ୍ୟ ବିଶେଷକରି ଆମିଷ ଖାଦ୍ୟର କିଛିଟା କଟକଣା।
- ଠିକ୍ ପରିମାଣରେ ପାଣି ପିଇବା ସହ ଧୂମପାନ ବା ମଦ୍ୟପାନ ବର୍ଜନ।

କିଡ୍‌ନୀ ସମସ୍ୟାର ଶେଷ ଅବସ୍ଥାରେ ଡାଏଲିସିସ୍ ଏବଂ ଏକ ସୁସ୍ଥ ବ୍ୟକ୍ତିଠାରୁ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ କରାଯାଇଥାଏ। ସମସ୍ତେ ଜାଣିବା ଦରକାର ଯେ କିଡ୍‌ନୀ ସମସ୍ୟାର କିଛି ପୂର୍ଣ୍ଣତଃ ଆରୋଗ୍ୟ ବିଧି ନାହିଁ। ଠିକ୍ ଚିକିତ୍ସା ସହ ରକ୍ତଶର୍କରା, ରକ୍ତଚାପ ଏବଂ କୋଲେଷ୍ଟରଲ ସ୍ତର ସାମାନ୍ୟ ଭାବେ ରଖିଲେ ଆହୁରି କଠୋର କିଡ୍‌ନୀ ସମସ୍ୟାରୁ ମୁକ୍ତି ମିଳିଥାଏ।

*-ଏଣ୍ଡୋକ୍ରାଇନୋଲୋଜିଷ୍ଟ*
*ଡାଇବେଟିସ୍ ଆଣ୍ଡ ଏଣ୍ଡୋକେୟାର କ୍ଲିନିକ୍, ବ୍ରହ୍ମପୁର*



# ଅଧାରଣୀୟ ବେଗ କାର୍ଯ୍ୟବସ୍ତୁ



ଡା. ଆଶିଷ ବାନାର୍ଜୀ

"ଶରୀର ତା'ର ଦୂଷିତ ବିଷାକ୍ତ ପଦାର୍ଥକୁ ବାହ୍ୟ ମାର୍ଗ ମୁଖ, ନାସା, ଲୋମକୂପ, ମଳ ମୂତ୍ର ଦ୍ୱାର, ଚକ୍ଷୁ, ନାସା ଅନ୍ତର୍ଗତ କୋଣ ପ୍ରଭୃତି ଦ୍ୱାର ଦେଇ ବାୟୁ ଦ୍ୱାରା ବାହାରକୁ ନିଷ୍କାସନ କରିଥାଏ। ମାତ୍ର ଆମେ ସେହି ଦୂଷିତ ପଦାର୍ଥ ବେଗକୁ ରୋକିଲେ ବିଭିନ୍ନ ରୋଗକୁ ଆମନ୍ତ୍ରଣ କରିବୁ, ଯାହାକି ଚିକିତ୍ସାରେ ଅବହେଳା କଲେ ଦୁରାରୋଗ୍ୟ ବ୍ୟାଧିରେ ରୂପାନ୍ତରିତ ହୋଇଥାଏ।"

ଶରୀର ତା'ର ଦୂଷିତ ବିଷାକ୍ତ ପଦାର୍ଥକୁ ବାହ୍ୟ ମାର୍ଗ ମୁଖ, ନାସା, ଲୋମକୂପ, ମଳ ମୂତ୍ର ଦ୍ୱାର, ଚକ୍ଷୁ, ନାସା ଅନ୍ତର୍ଗତ କୋଣ ପ୍ରଭୃତି ଦ୍ୱାର ଦେଇ ବାୟୁ ଦ୍ୱାରା ବାହାରକୁ ନିଷ୍କାସନ କରିଥାଏ। ମାତ୍ର ଆମେ ସେହି ଦୂଷିତ ପଦାର୍ଥ ବେଗକୁ ରୋକିଲେ ବିଭିନ୍ନ ରୋଗକୁ ଆମନ୍ତ୍ରଣ କରିବୁ, ଯାହାକି ଚିକିତ୍ସାରେ ଅବହେଳା କଲେ ଦୁରାରୋଗ୍ୟ ବ୍ୟାଧିରେ ରୂପାନ୍ତରିତ ହୋଇଥାଏ। ସେହି ଅଧାରଣୀୟ ବେଗଗୁଡ଼ିକ ମଧ୍ୟରୁ ମଳ, ମୂତ୍ର, ଶୁକ୍ର, ଅପାନବାୟୁ(ମଳଦ୍ୱାର ଦେଇ ନିର୍ଗମନ ବାୟୁ), ବମନ ବା ବାନ୍ତି, ଛିଙ୍କ, ଉଦ୍‌ଗାର, ହାଇ ମାରିବା, ଅଶ୍ରୁ ବା ଲୋତକ ସ୍ରାବ ଦ୍ୱାରା ଅଦରକାରୀ ପଦାର୍ଥ ଶରୀରରୁ ବାହାରି ଯାଇଥାଏ, ମାତ୍ର ଏହି ବେଗକୁ ରୋକିଲେ କେଉଁ ରୋଗ ହୋଇଥାଏ, ସେହି ବିଷୟରେ ସମ୍ୟକ ଆଲୋଚନା କରିବୁ।

**ମଳ ବେଗ :** ମଳ ବେଗକୁ ରୋକିଲେ



କଲେ, ପକ୍ୱାଶୟ, ମୂତ୍ରରେ ଯନ୍ତ୍ରଣା, ବାୟୁ ଦ୍ୱାରା ମଳାବରୋଧ, ଜାନୁ ଆଦି ସ୍ଥାନରେ ଯନ୍ତ୍ରଣା ଓ ଉଦରପୀଡ଼ା ହୋଇଥାଏ।

**ମୂତ୍ର ବେଗ :** ମୂତ୍ର ବେଗକୁ ରୋକିଲେ ମୂତ୍ରଥଳି ଓ ଲିଙ୍ଗରେ ଶୂଳ, ମୂତ୍ରାଳ୍ପତା, ମୁଣ୍ଡଯନ୍ତ୍ରଣା ହୋଇଥାଏ। ଭବିଷ୍ୟତରେ ବୃକ୍କ ରୋଗ ଦେଖାଯାଏ।

**ଶୁକ୍ର ବେଗ :** ଶୁକ୍ର ବେଗକୁ ଅଟକାଇଲେ ବୀର୍ଯ୍ୟ ସ୍ଖଳନ ସମ୍ପୂର୍ଣ୍ଣ ରୂପେ ନ ହୋଇ ପାରି ଅଣ୍ଡକୋଷରେ ଶୂଳ, ଅଙ୍ଗମର୍ଦ୍ଦ(ଅଙ୍ଗରେ ପୀଡ଼ା), ହୃଦୟରେ ଯନ୍ତ୍ରଣା, ମୂତ୍ର ରହି ରହି ଆସିବା ଦେଖାଯାଏ।

**ଅପାନବାୟୁ:** ଏହାର ନିର୍ଗମନ ବେଗକୁ ରୋକିଲେ ଫେଣଯୁକ୍ତ ମୂତ୍ର, ସ୍ରାବ, ମଳ ଠିକ୍ ରୂପେ ନିଷ୍କାସନ ନ ହେବା, କ୍ଳାନ୍ତି, ଉଦରପୀଡ଼ା ହୋଇଥାଏ।

**ବମନ ବେଗ :** ବମନ(ବାନ୍ତି) ବେଗକୁ ରୋକିଲେ ଶରୀରରେ କଣ୍ଡୁ(କୁଣ୍ଡେଇହେବା), ଭୋଜନରେ ଅରୁଚି, ଶୋଥ, ଶରୀର ରକ୍ତହୀନତା(ପାଣ୍ଡୁ), ଜ୍ୱର, କୁଷ୍ଠ ଏବଂ ବିସର୍ପ ଆଦି ଦେଖାଯାଏ।

**ଛିଙ୍କ ବେଗ :** ଛିଙ୍କ ବେଗକୁ ରୋକିଲେ ମନ୍ୟାସ୍ତମ୍ଭ(ସର୍ଭିକାଲ ସ୍ପଣ୍ଡିଲୋସିସ୍) ଶିରଃଶୂଳ, ଅର୍ଦ୍ଦିତ(ମୁଖମଣ୍ଡଳରେ ପକ୍ଷାଘାତ), ଅର୍ଦ୍ଧକପାଳି ଦୁର୍ବଳତା ଆଦି ଦେଖାଯାଏ।

**ଉଦ୍‌ଗାର ବେଗ :** ଉଦ୍‌ଗାର ବେଗକୁ ରୋକିଲେ ହିକ୍କା, ଶ୍ୱାସ, ଭୋଜନରେ ଅରୁଚି, କମ୍ପ, ଛାତିରେ ଜଳାପୋଡ଼ା ହେବା ଦେଖାଯାଏ।

**ହାଇ ବେଗ :** ଜୃମ୍ଭା(ହାଇ) ବେଗକୁ ବନ୍ଦ କଲେ ଆକ୍ଷେପ(କନ୍‌ଭଲସନ୍) ଶୂନ୍ୟତା, ଶରୀର, ହସ୍ତପାଦରେ କମ୍ପ ଓ ପିପାସା(ଶୋଷ) ଲାଗିଥାଏ।

**ପିପାସା ବେଗ :** ପିପାସା(ଶୋଷ)ଲାଗିବା ସମୟରେ ପାଣି ନ ପିଇଲେ କଣ୍ଠ ଓ ମୁଖ ଶୁଷ୍କତା, ଥକ୍କା, ଅବସାଦ(ଡିପ୍ରେସନ୍) ଏବଂ ହୃଦ୍‌ପୀଡ଼ା ହୋଇଥାଏ।

**ଅଶ୍ରୁ ବେଗ :** ଅଶ୍ରୁବେଗକୁ ଅଟକାଇଲେ ପ୍ରତିଶ୍ୟାୟ(ରିନିଟିଜ୍), ନେତ୍ରରୋଗ, ହୃଦ୍‌ରୋଗ, ଭୋଜନରେ ଅରୁଚି, ମୁଣ୍ଡ ବୁଲାଇବା ଦେଖାଯାଏ। ଏଥିରେ ଶୟନ ଓ ପ୍ରିୟବାକ୍ୟ ଶ୍ରବଣ ଶ୍ରେୟସ୍କର।

**ନିଦ୍ରା ବେଗ :** ନିଦ୍ରା ବେଗକୁ ରୋକିଲେ ହାଇମାରିବା, ନିଦ୍ରା, ଶିରଃଶୂଳ, ନେତ୍ର ଗୁରୁତା ବୋଧ ହୋଇଥାଏ। ଏଥିରେ ବିଶ୍ରାମ ନେବା ଉଚିତ।

ଏଣୁ ପ୍ରତି ରୋଗ ଆରମ୍ଭରୁ କାରଣ ଖୋଜି ତା'ର ଚିକିତ୍ସା କଲେ ତାହା ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇଥାଏ। ମାତ୍ର ଲାକ୍ଷଣିକ ଚିକିତ୍ସା ଦ୍ୱାରା ଏହାର କେବଳ ଉପଶମ ହୋଇପାରେ। ତେଣୁ ଅଭିଜ୍ଞ ଆୟୁର୍ବେଦ ଡାକ୍ତରଙ୍କ ପରାମର୍ଶାନୁଯାୟୀ ଔଷଧ ସେବନ କଲେ ଏହା ସାମୟିକ ଉପଶମ ନ ହୋଇ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇ ପାରିବ ନଚେତ୍ ଭବିଷ୍ୟତରେ ଅସାଧ୍ୟ ବ୍ୟାଧି ରୂପେ ଦେଖାଦେବ।

*-ଆନନ୍ଦ ବଜାର,*
*ବେତନଟୀ, ମୟୂରଭଞ୍ଜ*
*ମୋ: ୯୮୬୧୩୭୪୩୮୫*

# ସନ୍ତୁଳିତ ଓଜନ ପାଇଁ..



ଆଜିକାଲି ଓଜନ ବଢ଼ିବା ଏକ ସାଧାରଣ ସମସ୍ୟା। ଏହାକୁ ନିୟନ୍ତ୍ରଣରେ ନ ରଖିଲେ ତାହା ପରୋକ୍ଷରେ କେତେକ ରୋଗର କାରଣ ସାଜିଥାଏ। ତେଣୁ ଏଥିପାଇଁ ମେଦବହୁଳ ବ୍ୟକ୍ତିଙ୍କୁ ସତର୍କ ରହିବାକୁ ପଡ଼େ। ଓଜନକୁ ସନ୍ତୁଳିତ ରଖିବାର ଏକ ସହଜ ତଥା ସରଳ ଉପାୟ ହାତପାଆନ୍ତାରେ ରହିଛି। ତାକୁ ଅନୁସରଣ କଲେ ଜଣେ ନିଜ ଓଜନକୁ ନିୟନ୍ତ୍ରଣରେ ରଖିପାରିବ ବୋଲି ଆମେରିକାସ୍ଥିତ ୟୁନିଭର୍ସିଟି ଅଫ ୱାଶିଂଟନ୍‌ର ପୁଷ୍ଟିବିଜ୍ଞାନୀମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି। ଯଦି ଜଣେ ବ୍ୟକ୍ତି ସବୁବେଳେ ଶାକାହାରୀ ଭୋଜନ କରନ୍ତି ତେବେ ସେହି ବ୍ୟକ୍ତି ଓଜନ ବୃଦ୍ଧି ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା କମ୍ ଥାଏ। ଗବେଷଣା ସମୟରେ ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ସବୁବେଳେ ଶାକାହାରୀ ଭୋଜନ କରୁଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର ଓଜନ ବୃଦ୍ଧି ହେଉ ନ ଥିଲା ବୋଲି ଜଣାପଡ଼ିଥିଲା।

# ଲ୍ୟୁକେମିଆର ସହଜ ଚିକିତ୍ସା



ଲ୍ୟୁକେମିଆ ରୋଗୀଙ୍କ ପାଇଁ ଖୁସି ଖବର। ଏହି ରୋଗର ଏକ ସରଳ ଚିକିତ୍ସା ପ୍ରଣାଳୀ ନିକଟରେ ଉଦ୍ଭାବିତ ହୋଇଛି। ଦୀର୍ଘ ୫ବର୍ଷ ଗବେଷଣା କରି ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏପରି ତଥ୍ୟ ଲୋକଲୋଚନକୁ ଆଣିଛନ୍ତି। ମଣିଷ ଶରୀରରେ ଏପରି ଏକ ସ୍ୱତନ୍ତ୍ର କୋଷ ରହିଛି, ଯାହାକୁ ବିଶ୍ଲେଷଣ କରି ଲ୍ୟୁକେମିଆର ଚିକିତ୍ସା କରାଯାଇପାରିବ ବୋଲି ସେମାନେ ଗବେଷଣା ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏଥିରୁ ଜଣାପଡ଼ିଛି ଯେ, ଲ୍ୟୁକେମିଆଗ୍ରସ୍ତ କୋଷକୁ ସେମାନେ ପ୍ରଥମେ 'କଲ୍‌ଚର ପ୍ଲେଟ୍'ରେ ରଖି ତାହାର ଚିକିତ୍ସା କରିଥିଲେ। ଉକ୍ତ ସ୍ୱତନ୍ତ୍ର କୋଷ ସଂସ୍ପର୍ଶରେ ଆସିବା ପରେ ଲ୍ୟୁକେମିଆଗ୍ରସ୍ତ କୋଷ କେତେକାଂଶରେ ସୁସ୍ଥ ହେଉଥିବାର ସେମାନେ ଦେଖିବାକୁ ପାଇଥିଲେ। ତେବେ ଏହି କୋଷ ବିଷୟରେ ଅଧିକ ତଥ୍ୟ ଜାଣିବା ପାଇଁ ସେମାନେ ଗବେଷଣା ଜାରି ରଖିଛନ୍ତି ଏବଂ ଏଥିରୁ ନିଶ୍ଚୟ ସଫଳତା ମିଳିବ ବୋଲି ବିଶେଷଜ୍ଞମାନେ ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି।

ଧରିତ୍ରୀ
DHARITRI
Monday, 26 August 2019



> କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ଆର୍ଥିକ ପ୍ୟାକେଜ ଅର୍ଥନୀତି ଅଭିବୃଦ୍ଧିରେ ସହାୟକ ହେବ। ଏହା ବିକାଶକୁ ଆଗେଇ ନେବ।
> **– ବିକ୍ରମ କିର୍ଲୋସ୍କର, ସଭାପତି, ସିଆଇଆଇ**



> ଦେଶରେ ଚାହିଦା ରହିଥିବାରୁ ଟୟୋଟା କିର୍ଲୋସ୍କର ମୋଟର ଡିଜେଲ ଇଞ୍ଜିନଯୁକ୍ତ ଗାଡ଼ି ବିକ୍ରି ଜାରି ରଖିବ। ନୂଆ ଟେକ୍ନୋଲୋଜି ଆସିବା ପର୍ଯ୍ୟନ୍ତ ଏହା ବଜାୟ ରହିବ।
> **– ଶେଖର ବିଶ୍ୱନାଥନ, ଟୟୋଟା କିର୍ଲୋସ୍କର ମୋଟର ଉପାଧ୍ୟକ୍ଷ**



## ସଂକ୍ଷେପରେ

### ନିୟନ୍ତ୍ରିତ ହେବ ସାନିଟାରୀ ନାପକିନ୍ ଭଳି ଉତ୍ପାଦ ମୂଲ୍ୟ
#### ୨ମାସ ମଧ୍ୟରେ ପ୍ରକାଶ ପାଇବ ତାଲିକା

**ନୂଆଦିଲ୍ଲୀ,୨୫-୮:** କେନ୍ଦ୍ର ସରକାର ଖୁବଶୀଘ୍ର ହାଇଜିନ ଉତ୍ପାଦ ସାନିଟାରୀ ନ୍ୟାପକିନ୍, ହ୍ୟାଣ୍ଡ ୱାଶ୍, ସମସ୍ତ ପ୍ରକାର କୀଟାଣୁନାଶକ ଉତ୍ପାଦ ଏବଂ ବୟସ୍କଙ୍କ ଲାଗି ଉଦ୍ଦିଷ୍ଟ ଡାୟପର୍ସ ମୂଲ୍ୟକୁ ନିୟନ୍ତ୍ରଣ କରିବାକୁ ଯାଉଛନ୍ତି। ଏଥିଲାଗି ମେଡିକାଲ ଉପକରଣ, ଡିସ୍‌ପୋଜେବଲ ଏବଂ ହାଇଜିନ୍ ଉତ୍ପାଦର ସ୍ୱତନ୍ତ୍ର ତାଲିକା ପ୍ରସ୍ତୁତ କରାଯାଉଛି। ସୂଚନାଯୋଗ୍ୟ ଯେ, ନିକଟରେ ସରକାର କେତେକ ଜରୁରୀ ଔଷଧର ଦାମକୁ ନିୟନ୍ତ୍ରଣ ତାଲିକାଭୁକ୍ତ କରି ମୂଲ୍ୟ ହ୍ରାସ ଘୋଷଣା କରିଥିଲେ। ପ୍ରାୟ ୩୮୪ ଅତ୍ୟାବଶ୍ୟକ ଔଷଧ ଦରକୁ ସର୍ବାଧିକ ରିଟେଲ ମୂଲ୍ୟ(ଏମ୍‌ଆର୍‌ପି)ରେ ସୀମିତ ରଖାଯାଇଛି। ଏଥିସହିତ କ୍ୟାନସର ଚିକିତ୍ସାରେ ବ୍ୟବହୃତ ୪୨ ପ୍ରକାର ଔଷଧର ଲାଭକୁ ସର୍ବାଧିକ ୩୦ ପ୍ରତିଶତରେ ସୀମିତ ରଖାଯାଇଛି। ଏହି ତାଲିକା ବାଦ୍ ଅନ୍ୟ ଔଷଧଗୁଡ଼ିକ ଉପରେ କମ୍ପାନୀଗୁଡ଼ିକ ପକ୍ଷରୁ ସର୍ବାଧିକ ୧୦ ପ୍ରତିଶତ ମୂଲ୍ୟ ବଢ଼ାଇବାକୁ ଅନୁମତି ଦିଆଯାଇଛି। ମିଡିଆରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ହାଇଜିନ ଉତ୍ପାଦଗୁଡ଼ିକର ତାଲିକା ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଆସନ୍ତା ୨ ମାସ ମଧ୍ୟରେ ଏହାକୁ ଜାରି କରାଯିବ। ଏହି ତାଲିକାକୁ ୨ ଭାଗରେ ବିଭକ୍ତ କରାଯିବ। ପ୍ରଥମ ଭାଗରେ ଅର୍ଥାତ ପ୍ରାଇମେରୀ ଶ୍ରେଣୀରେ ରଖାଯାଇଥିବା ଉତ୍ପାଦଗୁଡ଼ିକର ମୂଲ୍ୟକୁ ନିୟନ୍ତ୍ରିତ କରାଯିବ। ସେହିପରି ସେକେଣ୍ଡାରୀ ଶ୍ରେଣୀରେ ଥିବା ଉତ୍ପାଦଗୁଡ଼ିକ ଯେପରି ଉଚିତ୍ ଦାମରେ ଗ୍ରାହକ କିଣିପାରିବେ ତାହା ସରକାର ସୁନିଶ୍ଚିତ କରିବେ। ତାଲିକା ଜାରି ହେବା ପରେ ଲାଭକୁ ସୀମାବଦ୍ଧ କରାଯିବା ନେଇ ନିଷ୍ପତ୍ତି ନିଆଯିବ। ନୀତି ଆୟୋଗ କମିଟି ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେବେ।

### ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟାଙ୍କ ଜାଲିଆତି
### ଗଠନ ହେଲା ଏବିବିଏଫ୍

**ନୂଆଦିଲ୍ଲୀ,୨୫-୮:** କେନ୍ଦ୍ରୀୟ ଭିଜିଲାନ୍ସ କମିଶନ(ସିଭିସି) ୫୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟାଙ୍କ ଜାଲିଆତିର ତଦନ୍ତ ତଥା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସୁପାରିସ କରିବା ଲାଗି ପୂର୍ବ ଭିଜିଲାନ୍ସ କମିଶନର ଟି.ଏମ୍. ଭସିନଙ୍କ ଅଧ୍ୟକ୍ଷତାରେ ଏକ ବ୍ୟାଙ୍କିଙ୍ଗ୍ ଜାଲିଆତି ସମ୍ପର୍କିତ ପରାମର୍ଶଦାତା ବୋର୍ଡ(ଏବିବିଏଫ୍) ଗଠନ କରିଛନ୍ତି। ପୂର୍ବରୁ ଏହାକୁ ବ୍ୟାଙ୍କ, ବାଣିଜ୍ୟିକ ଏବଂ ବିତ୍ତୀୟ ଜାଲିଆତି ସମ୍ପର୍କିତ ପରାମର୍ଶଦାତା ବୋର୍ଡ କୁହାଯାଉଥିଲା। ସିଭିସି ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଆର୍‌ବିଆଇ ପରାମର୍ଶରେ ଗଠିତ ଏବିବିଏଫ୍ ଜାଲିଆତି, ଠକାମି ସଂକ୍ରାନ୍ତୀୟ ସମସ୍ତ ବଡ଼ ମାମଲାର ପ୍ରାଥମିକ ତଦନ୍ତ କରିବ। ବ୍ୟାଙ୍କର ମହାପ୍ରବନ୍ଧକ ସ୍ତରରେ ହୋଇଥିବା ଜାଲିଆତିର ତଦନ୍ତ ଏହି ୪ ସଦସ୍ୟବିଶିଷ୍ଟ ବୋର୍ଡ କରିବେ। ୫୦ କୋଟି ଟଙ୍କାରୁ ଅଧିକ ଜାଲିଆତି ମାମଲାଗୁଡ଼ିକର ପ୍ରାଥମିକ ତଦନ୍ତ ଲାଗି ବ୍ୟାଙ୍କଗୁଡ଼ିକ ବୋର୍ଡ ନିକଟକୁ ପଠାଇବେ। ବୋର୍ଡର ପରାମର୍ଶକ୍ରମେ ସମ୍ପୃକ୍ତ ବ୍ୟାଙ୍କ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। କମିଟିରେ ପୂର୍ବତନ ସହରାଞ୍ଚଳ ବିକାଶ ସଚିବ ମଧୁସୂଦନ ପ୍ରସାଦ, ସୀମା ସୁରକ୍ଷା ବଳର ପୂର୍ବତନ ମହାନିର୍ଦ୍ଦେଶକ ଡି.କେ. ପାଠକ ଓ ଆନ୍ଧ୍ର ବ୍ୟାଙ୍କର ପୂର୍ବତନ ପ୍ରବନ୍ଧ ନିର୍ଦ୍ଦେଶକ ତଥା ସିଇଓ ସୁରେଶ ଏନ୍. ପଟେଲ ସଦସ୍ୟ ରହିଛନ୍ତି।

## ଅଟୋ ପାର୍ଟ୍ସ ଉଦ୍ୟୋଗକୁ ବ୍ୟାପିଲା ମାନ୍ଦାବସ୍ଥା
# ୧୦ ହଜାର କୋଟି କ୍ଷତି ସହିବେ ୪୦୦ କମ୍ପାନୀ

**ନୂଆଦିଲ୍ଲୀ,୨୫-୮**

- ଗତବର୍ଷ ରାଜସ୍ୱ ଆୟ ୫୦ ହଜାର କୋଟି ହୋଇଥିଲା
- ସବୁଠୁ ଅଧିକ କ୍ଷତି ସହିବେ ଲଘୁ ଉଦ୍ୟୋଗ
- ଲକ୍ଷ ଲକ୍ଷ ସଂଖ୍ୟାରେ କର୍ମଚାରୀ ବେକାର ହୋଇଯିବେ



ଭାରତୀୟ ଅଟୋ ଉଦ୍ୟୋଗ ଏବେ ଅନେକ ପ୍ରକାର ସଙ୍କଟର ସାମ୍ନା କରୁଛି। ମାନ୍ଦାବସ୍ଥାର ପ୍ରଭାବ ଏଭଳି ଛାଇ ଯାଇଛି ଯେ, ଅଟୋ ସେକ୍ଟରରେ ପ୍ରାୟ ସାଢ଼େ ୩ ଲକ୍ଷ କର୍ମଚାରୀଙ୍କୁ ଛଟେଇ କରାଯାଇସାରିଛି। ଆହୁରି ବହୁ କର୍ମଚାରୀ ବେକାର ହୋଇଯିବାର ଦ୍ୱାରଦେଶରେ ରହିଛନ୍ତି। ତେବେ ଅଟୋ ଉଦ୍ୟୋଗରେ ଦେଖାଦେଇଥିବା ମାନ୍ଦାବସ୍ଥାର ପ୍ରଭାବ ଏବେ ପାର୍ଟ୍ସ ନିର୍ମାତାଙ୍କ ଉପରେ ଦେଖାଯାଇଛି। ପ୍ରାୟ ୪୦୦ ଛୋଟ ବଡ଼ ପାର୍ଟ୍ସ ନିର୍ମାତା କମ୍ପାନୀ ଚଳିତବର୍ଷ ୧୦ ହଜାର କୋଟି ଟଙ୍କା କ୍ଷତି ସହିବାକୁ ଯାଉଛନ୍ତି।

ଆସୋସିଏଶନ ଅଫ୍ ଇଣ୍ଡିଆ ଫୋର୍ଜିଙ୍ଗ୍ ଇଣ୍ଡଷ୍ଟ୍ରି(ଏଆଇଏଫ୍‌ଆଇ) ପକ୍ଷରୁ ତଥ୍ୟ ପ୍ରଦାନ କରି ଜଣେ ବରିଷ୍ଠ ସଦସ୍ୟ କହିଛନ୍ତି ଯେ, ଅଟୋ ଉଦ୍ୟୋଗରେ ଆସିଥିବା ଧିମା ସ୍ଥିତିର ପ୍ରଭାବ ଏବେ ୪୦୦ କମ୍ପାନୀଙ୍କ ଉପରେ ପଡିଛି। ସେମାନଙ୍କ ମଧ୍ୟରେ ୧୮୦ରୁ ୨୦୦ ପାର୍ଟ୍ସ ଉତ୍ପାଦନକାରୀ, ୮୩% ଛୋଟ,୯% ମଧ୍ୟମ ଓ ଅବଶିଷ୍ଟ ବଡ଼ ଉଦ୍ୟୋଗ ରହିଛି। ମାନ୍ଦାବସ୍ଥାର ପ୍ରଭାବରେ ସବୁଠାରୁ ଅଧିକ କ୍ଷତି ସହୁଛନ୍ତି ଲଘୁ ଉଦ୍ୟୋଗ। ଆର୍ଥିକ ବର୍ଷ ୨୦୧୮-୧୯ରେ ଉତ୍ପାଦନ କାରଣରୁ ଫୋର୍ଜିଙ୍ଗ୍ ଉଦ୍ୟୋଗ ପ୍ରାୟ ୫୦ ହଜାର କୋଟି ଟଙ୍କାର ରାଜସ୍ୱ ହାସଲ କରିଥିଲେ। କିନ୍ତୁ ଚଳିତବର୍ଷ ପ୍ରାୟ ୯ରୁ ୧୦ ହଜାର କୋଟି ଟଙ୍କା କ୍ଷତି ସହିବାକୁ ପଡିବ। ଗାଡ଼ି ବିକ୍ରି କମିବା କାରଣରୁ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକ ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି। ତୁଳନାତ୍ମକ ରୂପରେ ଦେଖିଲେ ମଧ୍ୟମ ଓ ବଡ଼ ଫୋର୍ଜିଙ୍ଗ୍ ଉଦ୍ୟୋଗ ମୁକାବିଲା ଛୋଟ କମ୍ପାନୀ ଅଧିକ କ୍ଷତି ସହିବେ। ଉଦ୍ୟୋଗ କାର୍ଯ୍ୟକଳାପ ଅଟକି ଯିବାକୁ ପ୍ରତିକୂଳ ପ୍ରଭାବ କୁହାଯାଇଥାଏ। ଏହି ସମୟରେ ପାଣି ପ୍ରବାହକୁ ରୋକି ଦିଆଯାଏ ଅଥବା ନଗଦ ପ୍ରବାହ ଦୟନୀୟ ସ୍ଥିତିରେ ରହିଥାଏ। ବର୍ତ୍ତମାନ ଅଟୋ ସେକ୍ଟର ବିଏସ୍-୪ରୁ ବିଏସ୍-୬କୁ ପରିବର୍ତ୍ତିତ ହେବାକୁ ଯାଉଥିବା କାରଣରୁ ସଙ୍କଟ ସୃଷ୍ଟି ହୋଇଛି। ବିଏସ୍-୬ ଅପେକ୍ଷାରେ କାର୍ ବିକ୍ରି ଧିମା ହୋଇଗଲାଣି। ଅଟୋ ସେକ୍ଟରରେ ବିକ୍ରି କମିଯିବା କାରଣରୁ ଛୋଟ ଉଦ୍ୟୋଗରେ ହୋଇଥିବା ଉତ୍ପାଦିତ ସାମଗ୍ରୀ ଏବେ ଜମାହେବାରେ ଲାଗିଛି। ଅଟୋ ପାର୍ଟ୍ସ ବିକ୍ରି ନ ହେବା କାରଣରୁ ଛୋଟ ଉଦ୍ୟୋଗଗୁଡ଼ିକୁ କ୍ଷତି ସହିବାକୁ ପଡୁଛି। କଞ୍ଚା ମାଲ୍ ରହିଯିବା କାରଣରୁ ପାର୍ଟ୍ସ ତିଆରି କରୁଥିବା କମ୍ପାନୀଗୁଡ଼ିକ ଦର ହ୍ରାସ କରିବାକୁ ବାଧ୍ୟ ହେବେ। ଯାହାର ଫଳସ୍ୱରୂପ ଲଘୁ ଉଦ୍ୟୋଗରେ କାମ କରୁଥିବା ଲକ୍ଷ ଲକ୍ଷ ସଂଖ୍ୟାରେ କର୍ମଚାରୀ ନିଯୁକ୍ତି ହରାଇବେ।

## ୫ ଲକ୍ଷ କୋଟି ଡଲାର ଅର୍ଥନୀତି ନେଇ ପ୍ରଣବଙ୍କ ମନ୍ତବ୍ୟ
# ହାସଲ ହୋଇପାରେ ସରକାରଙ୍କ ଲକ୍ଷ୍ୟ

**ନୂଆଦିଲ୍ଲୀ,୨୫-୮**

- ଜିଏସ୍‌ଟିରେ ଅଧିକ ସ୍ୱଷ୍ଟତା ଆବଶ୍ୟକ
- ନିବେଶ ବିନା ଅର୍ଥନୀତି ବଢ଼ିବ ନାହିଁ
- ବର୍ତ୍ତମାନର ଡଲାର-ଟଙ୍କା ବିନିମୟ ମୂଲ୍ୟ ବଜାୟ ରଖିବାକୁ ହେବ



ଭାରତକୁ ୨୦୨୪-୨୫ ସୁଦ୍ଧା ୫ ଲକ୍ଷ କୋଟି ଡଲାର ଅର୍ଥନୀତିରେ ପରିଣତ କରିବା ଲାଗି ଏନ୍‌ଡିଏ ସରକାର ଧାର୍ଯ୍ୟ କରିଥିବା ଉଚ୍ଚାଭିଳାଷୀ ଲକ୍ଷ୍ୟ ହାସଲ ସମ୍ଭବ ହୋଇପାରେ ବୋଲି ପୂର୍ବତନ ରାଷ୍ଟ୍ରପତି ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ପ୍ରଣବ ମୁଖାର୍ଜୀ ମତପ୍ରକାଶ କରିଛନ୍ତି।

ଆସୋସିଏଶନ ଅଫ୍ କର୍ପୋରେଟ ଆଡଭାଇଜର୍ସ ଆଣ୍ଡ ଏକ୍‌ଜିକ୍ୟୁଟିଭ୍ସ (ଏସିଏଇ) ଦ୍ୱାରା ଆୟୋଜିତ ବୈଠକରେ ଯୋଗ ଦେଇ ମୁଖାର୍ଜୀ କହିଛନ୍ତି ଯେ, ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି)ରେ ଅଧିକ ସ୍ୱଷ୍ଟତା ଆଣିବାକୁ ହେବ। ଗତବର୍ଷ ଅର୍ଥନୀତିରେ କିଛି ପରିମାଣରେ ମାନ୍ଦାବସ୍ଥାର ସଙ୍କେତ ଦେଖିବାକୁ ମିଳିଛି। ଫଳସ୍ୱରୂପ ଜିଡିପି ଅଭିବୃଦ୍ଧି ହାର କମିଯାଇଛି। ସେ କହିଛନ୍ତି ଯେ, ଅର୍ଥନୀତିକୁ ଠିକ୍ ବାଟରେ ଏବଂ ଦୂରଦୃଷ୍ଟି ସମ୍ପନ୍ନ ଭାବେ ପରିଚାଳନା କରାଗଲେ ୫ ଲକ୍ଷ କୋଟି ଡଲାର ଅର୍ଥନୀତିର ଲକ୍ଷ୍ୟ ହାସଲ ସମ୍ଭବ ହୋଇପାରିବ। ତେବେ ନିବେଶ ବିନା ଅର୍ଥନୀତି ବୃଦ୍ଧି ପାଇପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ସାମଗ୍ରୀ ଏବଂ ସେବା ଟିକସ ସମ୍ପର୍କରେ ଉଲ୍ଲେଖ କରି ମୁଖାର୍ଜୀ କହିଛନ୍ତି ଯେ, ଜିଏସ୍‌ଟି ଲାଗୁ ହେବା ଦ୍ୱାରା ଅନେକ ପ୍ରକାର ଟିକସ ଶେଷ ହୋଇଛି। ତେବେ ଏ ଦିଗରେ ସରକାରଙ୍କ ପକ୍ଷରୁ ଅଧିକ ସ୍ୱଷ୍ଟତା ଆସିବା ଦରକାର। ଫଳରେ ଏହାକୁ ପାଳନ କରିବା ସହଜ ହେବ। ବର୍ତ୍ତମାନର ଡଲାର-ଟଙ୍କାର ବିନିମୟ ମୂଲ୍ୟକୁ ବଜାୟ ରଖିବା ଉପରେ ସେ ଜୋର୍ ଦେଇଥିଲେ। କର୍ପୋରେଟ ଜାଲିଆତି ବୃଦ୍ଧି ପାଉଥିବା ବେଳେ ଏହା ଉପରେ ଚିନ୍ତାବ୍ୟକ୍ତ କରି ସେ କହିଛନ୍ତି ଯେ, ଗତ କିଛିବର୍ଷ ହେଲା ଏଭଳି ଠକାମି ବେଶ୍ ବୃଦ୍ଧି ପାଇଛି। ସୂଚନାଥାଉ କି, ବର୍ତ୍ତମାନ ଅର୍ଥନୀତି ଆକାର ହିସାବରେ ଭାରତ ୭ମ ସ୍ଥାନରେ ରହିଛି। ୨୦୧୭ରେ ଦେଶ ୫ମ ସ୍ଥାନରେ ରହିଥିଲା। ଗତବର୍ଷ ଅର୍ଥନୀତି ଧିମା ପଡିବା କାରଣରୁ ଭାରତ ତଳକୁ ଖସିଯାଇଛି। ବିଶ୍ୱବ୍ୟାଙ୍କର ସଦ୍ୟତମ ତଥ୍ୟ ଅନୁଯାୟୀ, ୨୦୧୮ରେ ବ୍ରିଟେନ ଓ ଫ୍ରାନ୍ସର ଅର୍ଥନୀତି ଭାରତଠାରୁ ଅଧିକ ଅଭିବୃଦ୍ଧି ହାସଲ କରିଥିଲା। ଏହି କାରଣରୁ ସେମାନଙ୍କ ର୍ୟାଙ୍କିଙ୍ଗ୍‌ରେ ଏକ ସ୍ଥାନ ଉନ୍ନତି ହୋଇଛି। ବ୍ରିଟେନ ୫ମ ଓ ଫ୍ରାନ୍ସ ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛି। ଉଲ୍ଲେଖଥାଉ କି, ଅର୍ଥନୀତିକୁ ଦ୍ରୁତତର କରିବା ଲାଗି ନିକଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଆର୍ଥିକ ପ୍ୟାକେଜ ଘୋଷଣା କରିଛନ୍ତି। ବ୍ୟାଙ୍କଗୁଡ଼ିକୁ ୭୦ ହଜାର କୋଟି ଟଙ୍କା ପ୍ରଦାନ କରାଯିବା ସହ ଅଟୋ ଉଦ୍ୟୋଗ ଲାଗି ସୁବିଧା ସୁଯୋଗ ସୃଷ୍ଟି କରିଛନ୍ତି। ସେହିପରି ଲୋକଙ୍କ ହାତରେ ଅଧିକ ଅର୍ଥ ପହଞ୍ଚାଇବା ଲାଗି ବ୍ୟାଙ୍କ ସୁଧ ହାରକୁ ରେପୋ ରେଟ୍ ସହ ସଂଯୋଗ କରାଯିବ ବୋଲି ସେ କହିଛନ୍ତି। ଏହାଦ୍ୱାରା ଋଣ ଶସ୍ତା ହେବ ଓ ଲୋକେ ଆଗ୍ରହର ସହିତ ସାମଗ୍ରୀ କିଣିବେ। ଫଳରେ ଶିଳ୍ପ ଅଭିବୃଦ୍ଧି ଦ୍ରୁତତର ହେବ।

### କର୍ପୋରେଟ ପାଇଁ ଗତ ୫ବର୍ଷ ସବୁଠୁ ଖରାପ ସମୟ

**ନୂଆଦିଲ୍ଲୀ,୨୫-୮**

କର୍ପୋରେଟ ଇଣ୍ଡିଆ ପାଇଁ ଗତ ୫ ବର୍ଷ (ଆର୍ଥିକ ବର୍ଷ ୨୦୧୩-୧୪ରୁ ୨୦୧୭-୧୮) ସବୁଠୁ ଖରାପ ସମୟ ଥିଲା। ଦୀର୍ଘ ୨୫ ବର୍ଷ ଭିତରେ ଏଭଳି ଖରାପ ସମୟ ଦେଖାଯାଇ ନ ଥିଲା। କମ୍ପାନୀଗୁଡ଼ିକର ବିକ୍ରି ଅଭିବୃଦ୍ଧି ତଥା ଟିକସ ପ୍ରଦାନ ପରେ ଲାଭ ଉପରେ ଦୃଷ୍ଟି ଦେଲେ ଏହି ଧାରଣା ସୃଷ୍ଟି ହୋଇଛି। ସବୁଠୁ ଆଶ୍ଚର୍ଯ୍ୟ ଯେ, ଏହି ସମୟରେ କର୍ମଚାରୀଙ୍କୁ ମିଳୁଥିବା ଦରମା ମଧ୍ୟ ଅନେକାଂଶରେ କମିଯାଇଛି। ଉଭୟ ରାଷ୍ଟ୍ରାୟତ୍ତ ଓ ଘରୋଇ କମ୍ପାନୀଗୁଡ଼ିକରେ ଏଭଳିସମାନସ୍ଥିତିଦେଖିବାକୁମିଳିଛି। ତେବେ ବିଦେଶୀ କମ୍ପାନୀଗୁଡ଼ିକ କ୍ଷେତ୍ରରେ ଏଥିରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହୋଇଛି।

ଇକୋନୋମିକ ଏବଂ ବିଜନେସ ଡାଟା ଉପରେ ନଜର ରଖୁଥିବା ଏଜେନ୍ସି ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମୀ(ସିଏମ୍‌ଆଇଇ)ର ତଥ୍ୟ ବିଶ୍ଳେଷଣ କଲେ ଜଣାପଡୁଛି ଯେ, ଆର୍ଥିକ ବର୍ଷ ୨୦୧୭-୧୮ରେ ଶେଷ ହୋଇଥିବା ଗତ ୫ ବର୍ଷରେ ବିକ୍ରିଜନିତ ରାଜସ୍ୱ ହାରାହାରି ୬% ହାରରେ ବଢ଼ିଥିଲା। ଏହା ୧୯୯୩-୯୪ ପରେ କୌଣସି ୫ ବର୍ଷର ସମୟାବଧିରେ ସବୁଠାରୁ କମ୍ ରହିଛି। ତେବେ ୨୦୦୨-୦୩ ଏବଂ ୨୦୦୭-୦୮ ମଧ୍ୟରେ ୫ ବର୍ଷରେ କର୍ପୋରେଟ ବିକ୍ରି ୨୧.୨%ର ହାରାହାରି ବାର୍ଷିକ ଅଭିବୃଦ୍ଧି ଦେଖାଯାଇଥିଲା, ଯାହା ଏହି ଅବଧିରେ ସର୍ବାଧିକ ରହିଥିଲା।

## ଅର୍ଥନୀତିରେ ମାନ୍ଦାବସ୍ଥା

**ଭାରତୀୟ ଅର୍ଥନୀତି ସଙ୍କଟ ଦେଇ ଗତି କରୁଥିବା ଆଲୋଚନା ହେଉଛି। ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ଏ ନେଇ ନିକଟରେ ମତ ରଖିଛନ୍ତି। ଅଗଷ୍ଟ ୨୩ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଖବରଦାତା ସମ୍ମିଳନୀରେ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ବଜେଟରେ ନିଆଯାଇଥିବା କେତେକ ନିଷ୍ପତ୍ତିରେ ପରିବର୍ତ୍ତନ କରିଛନ୍ତି। ଏହାଦ୍ୱାରା ଭାରତୀୟ ଅର୍ଥନୀତିର ରୂପରେଖ କଣ ରହିବ ସାଧାରଣ ନାଗରିକଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରୁଛି। ଏଭଳି ସ୍ଥଳେ ମାନ୍ଦାବସ୍ଥାକୁ ନେଇ ବିଶେଷଜ୍ଞ ତଥା ବୁଦ୍ଧିଜୀବୀ ମହଲରେ ବିଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି।**

### ସଙ୍କଟ ସମୟ ଦେଇ ଗତି କରୁଛି ଅର୍ଥନୀତି



ଅର୍ଥନୀତି ବର୍ତ୍ତମାନ ଏକ ସଙ୍କଟ ସମୟ ଦେଇ ଗତି କରୁଛି। ଜିଡିପି ଅଭିବୃଦ୍ଧି କମିବା ସହ ଉଚ୍ଚ ହାରରେ ନିଯୁକ୍ତି ହ୍ରାସ ଚିନ୍ତାର କାରଣ ପାଲଟିଛି। ଏହାକୁ ଗୁରୁତ୍ୱର ସହ ବିଚାର କରିବାକୁ ହେବ। କେନ୍ଦ୍ର ଏବଂ ରାଜ୍ୟ ସରକାର ଠିକ୍ ନୀତି ଦ୍ୱାରା ଏହି ସମସ୍ୟା ସମାଧାନ କରିବାର ଆବଶ୍ୟକତା ରହିଛି।

- ଅମରେନ୍ଦ୍ର ଦାସ, ଅର୍ଥନୀତିଜ୍ଞ

### ଋଣ ଯୋଗାଣକୁ ତ୍ୱରାନ୍ୱିତ କରାଯାଉ



ବିଶ୍ୱ ବଜାର ମାନ୍ଦାବସ୍ଥାର ପ୍ରଭାବ ଘରୋଇ ବଜାର ଉପରେ ରହିଛି। ବିଗତ ବର୍ଷଗୁଡିକରେ ବ୍ୟାଙ୍କଗୁଡିକ ଠିକ୍ ଭାବେ ଋଣ ପ୍ରଦାନ କରି ନ ଥିବାରୁ ଏହା ଏବେ ଏନ୍‌ପିଏ ଆକାଉଣ୍ଟରେ ପରିବର୍ତ୍ତିତ ହୋଇଛି। ନଗଦ ଅଭାବରେ ବ୍ୟାଙ୍କଗୁଡିକ ଋଣ ଦେବାକୁ ସକ୍ଷମ ହେଉ ନାହାନ୍ତି। ଅର୍ଥନୀତି ଅଭିବୃଦ୍ଧି ଲାଗି ଆର୍ଥିକ କାରବାର ବଢ଼ିବାର ଆବଶ୍ୟକତା ଥିଲେ ମଧ୍ୟ ବିଭିନ୍ନ କମ୍ପାନୀ ଋଣ ପାଉ ନ ଥିବାରୁ ସେମାନଙ୍କ ପରିଚାଳନା ପ୍ରଭାବିତ ହୋଇଛି। ଲୋକମାନେ ସେମାନଙ୍କ କ୍ରୟ ନେଇ ଏବେ ଅଧିକ ସଚେତନ। କ୍ରୟ ନ ବଢ଼ିଲେ ଏହାର ପ୍ରଭାବ ଚାହିଦା ଏବଂ ଯୋଗାଣ ଉପରେ ପଡ଼ିବ। ଯାହା ଏବେ ଅର୍ଥନୀତିରେ ଦେଖାଯାଇଛି। ବ୍ୟାଙ୍କ ଗୁଡିକର ଏନ୍‌ପିଏ ସମସ୍ୟା ଯୋଗୁ ନୂଆ ଋଣ ପ୍ରଦାନ ଅସୁବିଧା ହେଉଛି। ଏଭଳି ସ୍ଥିତିରେ ଲୋକମାନେ ଠିକ୍ ଭାବେ ପୁଞ୍ଜି ଲାଭ ନ କଲେ ବାଣିଜ୍ୟ ଅଭିବୃଦ୍ଧି ହେବ ନାହିଁ। ଦଶହରା ବେଳକୁ ସ୍ଥିତିରେ ପରିବର୍ତ୍ତନ ଆସିବା ନେଇ ଆଶାବାଦୀ।

- ନୀଶିଥ ନନ୍ଦ, ସଭାପତି, ଆଫୋର୍ଡ

### ନିବେଶ ବୃଦ୍ଧିକୁ ଗୁରୁତ୍ୱ ଦିଆଯାଉ



ଜିଡିପି ଅଭିବୃଦ୍ଧି ହାର ଏବେ କମିଯାଇଛି। ଗତ ୫ ବର୍ଷ ମଧ୍ୟରେ ଏହା ସର୍ବନିମ୍ନ। ଅଟୋମୋବାଇଲ୍ କ୍ଷେତ୍ରରେ ସାଢ଼େ ୩ ଲକ୍ଷ ଲୋକ ନିଯୁକ୍ତି ହରାଇଛନ୍ତି। ମାନ୍ଦାବସ୍ଥା ପ୍ରଭାବ ରିୟଲ ଇଷ୍ଟେଟ ଉପରେ ମଧ୍ୟ ପଡ଼ିଛି। ଫଳରେ ଉକ୍ତ କ୍ଷେତ୍ର ସହ ୨୫୦ ସଂଲଗ୍ନ କ୍ଷେତ୍ରରେ ନିଯୁକ୍ତି ହ୍ରାସ ହୋଇଛି। ସେହିଭଳି ଏଫ୍‌ଏମ୍‌ସିଜି କ୍ଷେତ୍ର ବି ମାନ୍ଦାବସ୍ଥାର ଶିକାର ହୋଇଛି। ସରକାରଙ୍କ ଟିକସ ଅଭିବୃଦ୍ଧି କମିବା ଯୋଗୁ ସରକାରୀ ଖର୍ଚ୍ଚ କମୁଛି। ଟିକସ ସଂଗ୍ରହ ବଢ଼ିଲେ ସରକାରୀ କ୍ଷେତ୍ରରେ ନିବେଶ ବୃଦ୍ଧି ହେବ। ଏହାବାଦ ଘରୋଇ କ୍ଷେତ୍ର ନିବେଶ ବଢ଼ାଇବା ଲାଗି ସୁଧ ହାର କମାଇବା ଉଚିତ। ସୁଲଭ ସୁଧ ହାରରେ ଶିଳ୍ପ କ୍ଷେତ୍ର ଋଣ ପାଇଲେ ନିବେଶ ବଢ଼ିବ। ଏହା ଦ୍ୱାରା ଅର୍ଥନୀତି ଉପରେ ସକାରାତ୍ମକ ପ୍ରଭାବ ପଡିବ।

- ରଶ୍ମିରଞ୍ଜନ ବେହେରା, ଅର୍ଥନୀତି ଅଧ୍ୟାପକ, ବିଜ୍ଞାନ ସ୍ୱୟଂଶାସିତ ମହାବିଦ୍ୟାଳୟ, ହିଞ୍ଜିଳିକାଟୁ

### ଦୂରଦୃଷ୍ଟି ସହ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି



ମାନ୍ଦାବସ୍ଥାର ପ୍ରଭାବରେ ସରକାରୀ ପେମେଣ୍ଟ ଅଂଶୀଦାରଙ୍କୁ ଠିକ୍ ଭାବେ ମିଳୁନାହିଁ। କ୍ୟାଶ ଫ୍ଲୋ କମ୍ ରହିଛି। ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ କମି ଥିବାରୁ ଏହାର ପ୍ରଭାବ ନିଯୁକ୍ତି ଉପରେ ମଧ୍ୟ ରହିଛି। ବ୍ୟାଙ୍କଗୁଡିକ ଋଣ ପ୍ରଦାନ କରୁ ନାହାନ୍ତି। ଲୋକଙ୍କର ଖର୍ଚ୍ଚ କରିବା କ୍ଷମତା ମଧ୍ୟ କମିଛି। ସେହିଭଳି ରାଜ୍ୟ ସରକାରଙ୍କ ପକ୍ଷରୁ ସେଭଳି କିଛି ଆଖି ଦୃଶିଆ ପ୍ରକଳ୍ପ କାର୍ଯ୍ୟ ଗ୍ରହଣ କରାଯାଇ ନାହିଁ। ରାଜ୍ୟରେ ବ୍ୟାଙ୍କଗୁଡିକ ଋଣ ପ୍ରଦାନ କରିବାକୁ ସଙ୍କୋଚ କରୁଛନ୍ତି। ଏହାର ମୁଖ୍ୟ କାରଣ ନଗଦ ସଙ୍କଟ। ଜିଏସ୍‌ଟି ରିଫଣ୍ଡ ଠିକ୍ ଭାବେ ମିଳୁ ନ ଥିବାରୁ ଶିଳ୍ପଗୁଡିକ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି। ସେହିଭଳି ସରକାର ଠିକ୍ ନୀତି ଆଣିବା ଉଚିତ। ଠିକ୍ ଲକ୍ଷ୍ୟ ରଖି କାମ କଲେ ଅର୍ଥନୀତି ଉପରେ ଏହାର ଭଲ ପ୍ରଭାବ ପଡ଼ିବ।

- ସାତ୍ତ୍ୱିକ ସ୍ୱାଇଁ, ମହାସଚିବ, ଓସ୍‌ମେ

# କୁଟିନାର ପ୍ରାଥମିକତା ଟେକ୍ନୋଲୋଜିଯୁକ୍ତ ପ୍ରଡକ୍ଟ

**ରୋଷେଇ ଘରେ ବ୍ୟବହାର ହେଉଥିବା ଚିମିନୀ ମାନୁଫାକଚରିଂ କ୍ଷେତ୍ରରେ କୁଟିନା ଏକ ପରିଚିତ ବ୍ରାଣ୍ଡ। ଏହା ଉକ୍ତ ବର୍ଗରେ ପ୍ରମୁଖ ବଜାର ଅଂଶୀଦାର ହୋଇ ପାରିଛି। କମ୍ପାନୀ ପ୍ରଡକ୍ଟରେ ନୂତନତ୍ୱ ଆଣିବା ସହ ନିଜର ଉପସ୍ଥିତିକୁ ବଢ଼ାଇବାରେ ଲାଗିଛି। ଏବେ ରପ୍ତାନି ସହ ଅନ୍‌ଲାଇନ ବଜାରରେ ନିଜର କାରବାର ଉନ୍ନତ କରିବାକୁ କମ୍ପାନୀ ପ୍ରୟାସ ଜୋରଦାର କରିଛି। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଏହାର ଡିଲର ସମ୍ମିଳନୀ ଅବସରରେ ବଜୋରିଆ ଆପ୍ଲାଏନ୍ସ ପ୍ରାଇଭେଟ ଲିମିଟେଡ୍ ଏମ୍‌ଡି ନମିତ ବଜୋରିଆଙ୍କ ସହ ଧରିତ୍ରୀର ସାକ୍ଷାତ୍‌କାର...**

**ଟେକ୍ନୋଲୋଜି ପ୍ରଡକ୍ଟ ଆଣିବା ଦିଗରେ କମ୍ପାନୀର ଉଦ୍ୟମକୁ କେମିତି ଦେଖୁଛନ୍ତି?**

ନୂଆ ଟେକ୍ନୋଲୋଜିଯୁକ୍ତ ପ୍ରଡକ୍ଟ ଆଣିବା ଲାଗି ସର୍ବଦା ପ୍ରୟାସ ଜାରି ରଖିଛୁ। ଗତ କିଛିବର୍ଷ ତଳେ ଅଟୋ କ୍ଲିନ ଚିମିନୀ ଆଣିଥିଲୁ। ଏହା ଦ୍ୱାରା ଭଲ ରେସପନ୍ସ ପାଇଛୁ। ଏବେ ଲୋକମାନେ ଟେକ୍ନୋଲୋଜି ଉପରେ ନିର୍ଭରଶୀଳ। ଏହାକୁ ଧ୍ୟାନରେ ରଖି ଟେକ୍ନୋଲୋଜିଯୁକ୍ତ ପ୍ରଡକ୍ଟକୁ ପ୍ରାଥମିକତା ଦେଉଛୁ। ସ୍ମାର୍ଟ ଟେକ୍ନୋଲୋଜି ଏବଂ ଇଣ୍ଟେଲିଜେନ୍ସ ଫିଚରକୁ କମ୍ପାନୀର ବିଭିନ୍ନ ପ୍ରଡକ୍ଟ କ୍ଷେତ୍ରରେ ବ୍ୟବହାର କରାଯିବ। ଆଗକୁ ବିଲ୍ଟ ଇନ୍ ରେଫ୍ରିଜରେଟର, ୱାଇନ ଚିଲର, ହବ୍‌ସ ଭଳି ନୂଆ ପ୍ରଡକ୍ଟ ଆଣିବୁ। ଗ୍ରାହକଙ୍କୁ ସମ୍ପୂର୍ଣ୍ଣ କିଚେନ୍ ସମାଧାନ ଯୋଗାଣ ଦିଗରେ ଉଦ୍ୟମ ଜାରି ରହିଛି।

**ଚିମିନୀ ଏବଂ କିଚେନ ଆପ୍ଲାଏନ୍ସ ବଜାର କିଭଳି ବଢ଼ୁଛି?**

ଏହି ବର୍ଗରେ ବଜାରର ଅଭିବୃଦ୍ଧି ଦ୍ରୁତ ରହିଛି। ଲୋକମାନେ ଏକ୍ଷେତ୍ରରେ ଅଧିକ ପଇସା ଖର୍ଚ୍ଚ କରିବାକୁ ଚାହୁଁଛନ୍ତି। ଦେଶରେ ମୋଟ୍ କିଚେନ ବଜାର ୭୦ରୁ ୮୦ ହଜାର କୋଟି ଟଙ୍କା ରହିଛି। ଚିମିନୀର ବଜାର ୧୨୦୦ କୋଟି ଟଙ୍କା ଥିବାବେଳେ କିଚେନ ଆପ୍ଲାଏନ୍ସର ବାର୍ଷିକ କାରବାର ୩ ରୁ ୪ ହଜାର କୋଟି ଟଙ୍କା ରହିଛି। ଏକ୍ଷେତ୍ରରେ ଅଭିବୃଦ୍ଧି ୧୪ରୁ ୧୫% ରହିଛି।

**ମାନ୍ଦାବସ୍ଥା କୁଟିନାର ଅଭିବୃଦ୍ଧିରେ ପ୍ରଭାବ ପକାଉଛି କି ? ଏପରିସ୍ଥିତିରେ କ'ଣ ପଦକ୍ଷେପ ନେଉଛନ୍ତି?**

ହଁ ମାନ୍ଦାବସ୍ଥା ପ୍ରଭାବ ପ୍ରତି ଶିଳ୍ପ ଉପରେ ରହିଛି। ଏହା ଯୋଗୁ କମ୍ପାନୀଗୁଡିକର ମାର୍ଜିନ କମିବ। କମ୍ପାନୀ ନିଜର ବ୍ୟବସାୟ ସଙ୍ଗଠିତ କରିବା ନେଇ ଆହୁରି ଯତ୍ନବାନ ହେବେ। ସଂସ୍ଥାଗୁଡିକ ନିଜର କୋର୍ ବାଣିଜ୍ୟ ଉପରେ ଅଧିକ ଧ୍ୟାନ ଦେବେ। ଏସ୍ଥିତିରେ ଅଭିବୃଦ୍ଧି ପାଇଁ ଯୋଜନା ରଖିଛୁ। ଏହି ସେଗ୍‌ମେଣ୍ଟରେ ଦେଶ ମଧ୍ୟରେ ପ୍ରାୟ ୮ରୁ ୧୦ ବଡ ବ୍ରାଣ୍ଡ ଏବଂ ମୋଟ ୧୫ କମ୍ପାନୀ ରହିଛନ୍ତି। ଭାଲ୍ୟୁ ଗ୍ରହଣ କ୍ଷେତ୍ରରେ ପ୍ରଥମ ସ୍ଥାନରେ ରହିଛୁ। କୁଟିନା ୧୫ରୁ ୧୮ % ବଜାର ଅଂଶ ହାସଲ କରିଛି। ଅଭିବୃଦ୍ଧି ୨୨% ରହିଛି। ଗତ ବର୍ଷ ୨୫୦ କୋଟି ଟଙ୍କାର କାରବାର କରିଥିଲୁ। ଚଳିତ ବର୍ଷ ଏହା ୩୦୦ କୋଟି ଟଙ୍କା ଟପିବ ବୋଲି ଆଶାବାଦୀ। ଗତ ୧୫ ବର୍ଷ ହେବ ଗୁଣବତ୍ତା ପ୍ରଡକ୍ଟ ଯୋଗାଉଛୁ। ପ୍ରଡକ୍ଟ ଓ ସର୍ଭିସକୁ ନିରନ୍ତର ଅପ୍‌ଡେଟ କରାଯାଉଛି। ଗ୍ରାହକଙ୍କୁ ଆମ ବ୍ରାଣ୍ଡ ସହ ଯୋଡି ରଖିବା ଲାଗି ପଦକ୍ଷେପ ନେଉଛୁ। ଏବେ କୁଟିନାର ବ୍ରାଣ୍ଡ ଏକ୍ସକ୍ଲୁସିଭ ଗ୍ୟାଲେରୀ ଖୋଲିବା ଦିଗରେ ଧ୍ୟାନ ଦେଉଛୁ। ଏଠାରେ ଗ୍ରାହକ କୁଟିନାର ସମ୍ପୂର୍ଣ୍ଣ ପ୍ରଡକ୍ଟ ରେଞ୍ଜ ପାଇ ପାରିବେ। ପୂର୍ବ ଭାରତରେ ବର୍ତ୍ତମାନ ସୁଦ୍ଧା ୪୩ ଏଭଳି ଗ୍ୟାଲେରୀ ରହିଛି।

**ଓଡ଼ିଶା ବଜାର କମ୍ପାନୀ ଲାଗି କିଭଳି ମହତ୍ତ୍ୱ ରଖୁଛି?**

ଓଡ଼ିଶା ବଜାର ଦ୍ରୁତ ଗତିରେ ଅଭିବୃଦ୍ଧି କରୁଛି। ଏଠାରେ ଭିତ୍ତିଭୂମି, ରୋଡ ସହ ଅନ୍ୟ କ୍ଷେତ୍ରରେ ବେଶ ଅଭିବୃଦ୍ଧି ପରିଲକ୍ଷିତ ହେଉଛି। କଟକ ଏବଂ ଭୁବନେଶ୍ୱରରେ ଏବେ ଅନେକ ବଡ ବଡ ମଲ ଏବଂ ଶୋ'ରୁମ ସ୍ଥାପନା ହୋଇଛି। ଓଡ଼ିଶାରେ ଲୋକଙ୍କର କ୍ରୟ ଚାହିଦା ତ୍ୱରିତ ହୋଇଛି। ଏଠାରେ ମାର୍କେଟ ଲିଡର ରହିଛୁ। ଟାୟାର-୩ ସହରଗୁଡିକ ଉପରେ ଏବେ ଧ୍ୟାନ କେନ୍ଦ୍ରିତ କରିଛୁ। ମାର୍ଚ୍ଚ ୨୦୨୦ ସୁଦ୍ଧା ୨୦୦ ରିଟେଲ ପାର୍ଟନରଙ୍କ ସହ ଯୋଡି ହୋଇ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରହିଛି। ଚଳିତ ବର୍ଷ ଏଠାରେ ୧୫ କୋଟି ଟଙ୍କା କାରବାର ନେଇ ଆଶାବାଦୀ। ସେହିଭଳି ଚଳିତ ବର୍ଷ ୪ରୁ ୫ କୁଟିନା ଏକ୍ସକ୍ଲୁସିଭ୍ ଗ୍ୟାଲେରୀ ଆଣିବାକୁ ଯୋଜନା ରଖିଛୁ। ଆସନ୍ତା ବର୍ଷ ୨୦ରୁ ୨୨ ନୂଆ ଏକ୍ସକ୍ଲୁସିଭ ଗ୍ୟାଲେରୀ ଖୋଲିବୁ। ପ୍ରାଥମିକ ପର୍ଯ୍ୟାୟରେ ଭୁବନେଶ୍ୱରର ଗ୍ରାଣ୍ଡ ବଜାର ଏବଂ ବାପୁଜୀ ନଗରରେ ଏଭଳି ଗ୍ୟାଲେରୀ ଖୋଲିବ।

**କମ୍ପାନୀ ରିଟେଲ ବ୍ୟବସାୟ ବୃଦ୍ଧି ଦିଗରେ କେଉଁ ଯୋଜନା କାର୍ଯ୍ୟକାରୀ କରୁଛି?**

ରିଟେଲ ଚ୍ୟାନେଲ ପାର୍ଟନରଙ୍କ ସହ ମିଳିତ ହୋଇ କାମ କରୁଛି। ଗ୍ରାହକଙ୍କ ଆବଶ୍ୟକତା ସମ୍ପର୍କରେ ଚ୍ୟାନେଲ ପାର୍ଟନରଙ୍କ ସହ ମିଳିତ ହୋଇ କାର୍ଯ୍ୟ କରୁଛୁ। ସେହି ଅନୁସାରେ ପଦକ୍ଷେପ ନିଆଯାଉଛି। ସାରା ଦେଶରେ ୩୦୦୦ ରିଟେଲ ପାର୍ଟନର ଏବଂ ୧୭୦ ବିତରକ କୁଟିନା ସହ ଯୋଡି ହୋଇଛନ୍ତି।

### ଆଣିଲା ନୂଆ ଆଇ-ଅଟୋ କ୍ଲିନ ଚିମିନୀ

କୁଟିନା ପକ୍ଷରୁ ନୂତନ ଆଇ-ଅଟୋ କ୍ଲିନ ଟେକ୍ନୋଲୋଜିଯୁକ୍ତ ଚିମିନୀ ବଜାରକୁ ଆସିଛି। କମ୍ପାନୀର ଏମ୍‌ଡି ନମିତ ବଜୋରିଆ ଏହାର ବଜାର ପ୍ରବେଶ କରାଇଥିଲେ। ଏହାର ୧୦ଟି ମଡେଲ ଉପଲବ୍ଧ ରହିଛି। ଏହି ପ୍ରଡକ୍ଟର ମୂଲ୍ୟ ୨୪,୦୦୦ ଟଙ୍କାରୁ ଆରମ୍ଭ ହେଉଛି। ଏହାବାଦ ଏଥିରେ ଇଣ୍ଡଷ୍ଟ୍ରିଫାଷ୍ଟ ଇଣ୍ଟେଲିଜେନ୍ସ ଅଟୋକ୍ଲିନ , ଶକ୍ତି ସଞ୍ଚୟକାରୀ ଫିଚର, ଟଚ୍ କଣ୍ଟ୍ରୋଲ ଇଣ୍ଟରଫେସ, ଫିଲଟରଲେସ, ଟେକୋରେଟିଭ ଏଲ୍‌ଇଡି ପ୍ୟାନେଲ ଭଳି ଫିଚର ଗ୍ରାହକ ଏଥିରେ ଲାଭ କରିପାରିବେ।



ନମିତ୍ ବଜୋରିଆ

ତୃତୀୟ ଥର ପାଇଁ ଜାତୀୟ ଦଳର ମୁଖ୍ୟ କୋଚ୍ ହେବା ଲାଗି ମାନସିକ ସ୍ତରରେ ପ୍ରସ୍ତୁତ ନ ଥିବାରୁ ମୁଁ ଏଥର ବୋଲିଂ କୋଚ୍ ପାଇଁ ଆବେଦନ କରିଛି।–**ୱାକାର ୟୁନିସ, ପୂର୍ବତନ ପାକିସ୍ତାନ ଅଧିନାୟକ**



ପୁରୁଷ ସିଙ୍ଗଲ୍ସ ଗ୍ରାଣ୍ଡସ୍ଲାମରେ ରୋଜର ଫେଡରରଙ୍କ ରେକର୍ଡକୁ ଭଙ୍ଗ କରିପାରିବି କି ନା ଲୋକେ ଯାହା ଆଲୋଚନା କରୁଛନ୍ତି, ତାହା ମୋ ପାଇଁ ପ୍ରେରଣା ସଦୃଶ।–**ନୋଭାକ ଜୋକୋଭିଚ୍, ସର୍ବୀୟ ଖେଳାଳି**



# ଶିଖରରେ ସିନ୍ଧୁ: ଡବଲ ସ୍ୱର୍ଣ୍ଣ ସହ ପ୍ରମୋଦଙ୍କ ରେକର୍ଡ




**ବାସେଲ (ସୁଇଜରଲାଣ୍ଡ), ୨୫।୮ (ପି.ଟି.)**

ଭାରତୀୟ ଖେଳାଳିଭାବେ ପି.ଭି. ସିନ୍ଧୁ ବ୍ୟାଡ୍‌ମିଣ୍ଟନର ସର୍ବୋଚ୍ଚ ପ୍ରତିଯୋଗିତା ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନଶିପ୍ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିବାର କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ରବିବାର ଏଠାରେ ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲରେ ୨୪ ବର୍ଷୀୟା ସିନ୍ଧୁ ୨୧–୭, ୨୧–୭ ସିଧାସଳଖ ଗେମ୍‌ରେ ଜାପାନର ନୋଜୋମି ଓକୁହାରାଙ୍କୁ ପରାସ୍ତ କରିଛନ୍ତି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଲଗାତର ୩ୟଥର ଫାଇନାଲ ଖେଳିଥିବା ସିନ୍ଧୁ ଶେଷରେ ସ୍ୱର୍ଣ୍ଣ ଜିତିବାର ସ୍ୱାଦ ଚାଖିଛନ୍ତି। ପୂର୍ବରୁ ସେ ଗତ ୨ଟି ସଂସ୍କରଣରେ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲେ।

## ଝାଙ୍ଗ୍‌ଙ୍କ ସହ ସମକକ୍ଷ ହେଲେ

ଏହି ବିଜୟ ସହ ସିନ୍ଧୁ ବ୍ୟାଡ୍‌ମିଣ୍ଟନର ସର୍ବୋଚ୍ଚ ପ୍ରତିଯୋଗିତା ବିଶ୍ୱ ଚାମ୍ପିୟନଶିପ୍‌ର ସମସ୍ତ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି। ପୂର୍ବରୁ ସେ ୨୦୧୩ ଓ ୨୦୧୪ରେ ଏହି ପ୍ରତିଯୋଗିତାରେ ବ୍ରୋଞ୍ଜ ଏବଂ ୨୦୧୭ ଓ ୨୦୧୮ରେ ରୌପ୍ୟ ପଦକ ଜିତିଥିଲେ। ଏବେ ସ୍ୱର୍ଣ୍ଣ ଜିତି ସେ ବିଶ୍ୱ ଚାମ୍ପିୟନଶିପ୍‌ର ପଦକ ସେଟ୍ ଅକ୍ତିଆର କରିଛନ୍ତି। ଏଥିସହ ଏହି ସମ୍ମାନଜନକ ପ୍ରତିଯୋଗିତାର ମହିଳା ସିଙ୍ଗଲ୍ସରେ ସର୍ବାଧିକ ପଦକ ଜିତିବାରେ ଚାଇନାର ଝାଙ୍ଗ୍ ନିଙ୍ଗ୍‌ଙ୍କ ସହ ସିନ୍ଧୁ ସମକକ୍ଷ ହୋଇଛନ୍ତି। ଝାଙ୍ଗ୍ ମଧ୍ୟ ତାଙ୍କ କ୍ୟାରିୟରରେ (୨୦୦୧ରୁ ୨୦୦୭ ମଧ୍ୟରେ) ବିଶ୍ୱ ଚାମ୍ପିୟନଶିପ୍‌ର ଗୋଟିଏ ସ୍ୱର୍ଣ୍ଣ ଏବଂ ୨ଟି ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ।

## ପ୍ରକାଶ ପାଦୁକୋନଙ୍କଠାରୁ ଆରମ୍ଭ

ପ୍ରଥମ ଭାରତୀୟ ଭାବେ ପ୍ରକାଶ ପାଦୁକୋନ ବିଶ୍ୱ ଚାମ୍ପିୟନଶିପ୍‌ରେ ପଦକ ଜିତିବାର କୀର୍ତ୍ତିମାନ ସ୍ଥାପନ କରିଥିଲେ। ୧୯୮୩ ସଂସ୍କରଣରେ ସେ ବ୍ରୋଞ୍ଜ ପଦକ ଜିତିଥିଲେ। ଏହାପରେ ସାଇନା ନେହ୍ୱାଲ ୨୦୧୫ ଓ ୨୦୧୭ରେ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେହିଭଳି ୨୦୧୧ରେ ଜ୍ୱାଲା ଗୁଟ୍ଟା ଓ ଅଶ୍ୱିନୀ ପୋନାପ୍ପା ଯୋଡ଼ି ମହିଳା ଡବଲ୍ସରେ ବ୍ରୋଞ୍ଜ ପଦକ ପାଇଥିଲେ। ସଦ୍ୟତମ ପୁରୁଷ ସିଙ୍ଗଲ୍ସ ଖେଳାଳିଭାବେ ବି. ସାଇ ପ୍ରଣୀଥ୍ ଚଳିତ ସଂସ୍କରଣରେ ବ୍ରୋଞ୍ଜ ପଦକ ଜିତିଛନ୍ତି।



ପ୍ରମୋଦ ଭଗତ

**ଭୁବନେଶ୍ୱର, ୨୫।୮ (କ୍ରୀଡ଼ା ପ୍ରତିନିଧି)**

ସମ୍ପ୍ରତି କ୍ୟାରିୟରର ଉତ୍‌ଥାନ ପଥରେ ଥିବା ଓଡ଼ିଶାର ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ଏବେ ଆଉ ଏକ ବିରଳ ସଫଳତା ଅର୍ଜନ କରିଛନ୍ତି। ସୁଇଜରଲାଣ୍ଡର ବାସେଲଠାରେ ଅନୁଷ୍ଠିତ ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଡବଲ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଏହି ଓଡ଼ିଆ ତାରକା। ସେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଟାଇଟଲ ଅର୍ଜନ କରିଛନ୍ତି। ପ୍ରଥମ ଭାରତୀୟ ପାରା ଆଥଲେଟ୍ ଭାବେ ସେ ଏହି କୃତିତ୍ୱ ଅର୍ଜନ କରିଛନ୍ତି। ରବିବାର ଅନୁଷ୍ଠିତ ସିଙ୍ଗଲ୍ସ ଫାଇନାଲରେ ସେ ଇଂଲଣ୍ଡର ଡାନିଏଲ ବିଥେଲଙ୍କୁ ୬–୨୧, ୨୧–୧୪, ୨୧–୧୫ ପଏଣ୍ଟରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ପ୍ରଥମ ସେଟ୍‌ରେ ପଛରେ ପଡ଼ିଯାଇଥିଲେ ହେଁ ଚାପର ବଶବର୍ତ୍ତୀ ନ ହୋଇ ପ୍ରମୋଦ ଦ୍ୱିତୀୟ ସେଟ୍‌ରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ। ଧୈର୍ଯ୍ୟ ବଜାୟ ରଖି ସେ ତୃତୀୟ ତଥା ଅନ୍ତିମ ସେଟ୍‌ରେ ପ୍ରତିପକ୍ଷ ଇଂଲଣ୍ଡ ଖେଳାଳିଙ୍କୁ ମାତ୍ ଦେଇଥିଲେ।

**ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍**

ଭାରତର ଅନ୍ୟତମ ଖେଳାଳି ମନୋଜ ସରକାରଙ୍କୁ ସାଥିକରି ପ୍ରମୋଦ ଶନିବାର ରାତିରେ ଡବଲ୍ସ ଚାମ୍ପିୟନ ହୋଇଥିଲେ। ପ୍ରମୋଦ–ମନୋଜ ଫାଇନାଲରେ ଅନ୍ୟତମ ଭାରତୀୟ ଯୋଡ଼ି ତରୁଣ ଓ ନିତେଶ କୁମାରଙ୍କୁ ୧୪–୨୧, ୨୧–୧୫, ୨୧–୧୬ରେ ହରାଇ ଏହି ସଫଳତା ପାଇଥିଲେ। ମାତ୍ର ୪ ବର୍ଷ ବୟସରେ ବାମଗୋଡ଼ ପୋଲିଓ ଯୋଗୁ ଭିନ୍ନକ୍ଷମ ହୋଇଯାଇଥିବା ପ୍ରମୋଦ ଅସୀମ ସାହସ ଓ ଧୈର୍ଯ୍ୟର ପରିଚୟ ଦେଇ ଆଜି ଏଠାରେ ପହଞ୍ଚି ପାରିଛନ୍ତି। ଏହାକୁ ମିଶାଇ ଅନ୍ତର୍ଜାତୀୟ ସ୍ତରରେ ପ୍ରମୋଦ ହାସଲ କରିଛନ୍ତି ୨୧ ସ୍ୱର୍ଣ୍ଣ ଆଉ ୭ ରୌପ୍ୟ। ଏଥିମଧ୍ୟରେ କେବଳ ୨୦୧୯ରେ ହିଁ ସେ ପାଇଛନ୍ତି ୧୦ଟି ସ୍ୱର୍ଣ୍ଣ, ୨ ରୌପ୍ୟ ଏବଂ ୨ ବ୍ରୋଞ୍ଜ ପଦକ। ଏହା ବ୍ୟତୀତ ପ୍ରମୋଦଙ୍କ ନିକଟରେ ରହିଛି ଜାତୀୟ ସ୍ତରରେ ୩୦ ସ୍ୱର୍ଣ୍ଣ ଏବଂ ୧୨ ରୌପ୍ୟ ପଦକ। ଦୃଢ଼ମନା ପ୍ରମୋଦ ଓଡ଼ିଶାର ଅଷ୍ଟମ ଖେଳାଳି ଭାବେ ଅର୍ଜୁନ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଅଗଷ୍ଟ ୨୯ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଅର୍ଜୁନ ପୁରସ୍କାରରେ ସମ୍ମାନିତ ହେବା ପୂର୍ବରୁ ସେ ବିଶ୍ୱ ଚାମ୍ପିୟନଶିପ୍‌ରେ ୨ଟି ସ୍ୱର୍ଣ୍ଣ ପଦକ ଅର୍ଜନ କରି ନିଜ ଚୟନକୁ ଯଥାର୍ଥ ପ୍ରମାଣିତ କରିଛନ୍ତି।

### ସଂକ୍ଷେପରେ...

- ନାମ: ପ୍ରମୋଦ ଭଗତ
- ଜନ୍ମ: ୪ ଜୁନ୍ ୧୯୮୮
- ଜନ୍ମସ୍ଥାନ: ଅତାବିରା, ବରଗଡ଼
- ସ୍ପୋର୍ଟ୍ସ: ବ୍ୟାଡ୍‌ମିଣ୍ଟନ (ଏସ୍‌ଏଲ୍-୩)
- ଟ୍ରେନିଂ ବେସ୍: ଜିଆଇଏଚ୍ ୟୁନିଟ୍-୧, ଭୁବନେଶ୍ୱର
- ଶାରୀରିକ ଅକ୍ଷମତାର ପ୍ରକୃତି- ଅର୍ଥୋପେଡିକ୍ ପୋଲିଓ (ବାମଗୋଡ଼)
- ମାତାପିତା: କୁସୁମ ଦେବୀ, ସ୍ୱର୍ଗତ କୈଳାସ ଭଗତ

ପ୍ରମୁଖ ଅନ୍ତର୍ଜାତୀୟ ସଫଳତା

- ସ୍ୱର୍ଣ୍ଣ (ଡବଲ୍ସ), ରୌପ୍ୟ (ସିଙ୍ଗଲ୍ସ)- ୨୦୧୫ ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍
- ବ୍ରୋଞ୍ଜ (ସିଙ୍ଗଲ୍ସ ଓ ଡବଲ୍ସ)- ୨୦୧୬ ବିଡବ୍ଲ୍ୟୁଏଫ୍ ଏସିଆନ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍।
- ବ୍ରୋଞ୍ଜ - ୨୦୧୭ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ପାରା ଚାମ୍ପିୟନଶିପ୍
- ଡବଲ ସ୍ୱର୍ଣ୍ଣ (ସିଙ୍ଗଲ୍ସ ଓ ଡବଲ୍ସ): ୨୦୧୯ ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍

## ମା'ଙ୍କୁ ଜନ୍ମଦିନର ଭେଟିଦେଲେ ସିନ୍ଧୁ

ଲଗାତର ୩ୟଥର ପାଇଁ ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଥିବା ସିନ୍ଧୁ ଶେଷରେ ସ୍ୱର୍ଣ୍ଣ ପଦକ ହାତେଇଛନ୍ତି। ରବିବାର ସିନ୍ଧୁଙ୍କ ମା' ପି. ବିଜୟାଙ୍କ ଜନ୍ମଦିନ ଥିଲା। ତେଣୁ ଏହି ସ୍ୱର୍ଣ୍ଣ ପଦକକୁ ମା' ବିଜୟାଙ୍କ ଉଦ୍ଦେଶ୍ୟରେ ସିନ୍ଧୁ ଉତ୍ସର୍ଗ କରିଛନ୍ତି ବୋଲି ମ୍ୟାଚ୍ ପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି। 'ଶେଷ ଦୁଇଥର ଫାଇନାଲରେ ମୁଁ ହାରିଯାଇଥିଲି। ତେଣୁ ଏହା ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଜୟ ଥିଲା। ଏଠାରେ ମୋତେ ସମର୍ଥନ କରିଥିବା ଦର୍ଶକଙ୍କୁ ଧନ୍ୟବାଦ ଦେବି। ମୋ ଦେଶ ପାଇଁ ଏହା ଜିତିଛି ଏବଂ ଜଣେ ଭାରତୀୟ ହୋଇଥିବାରୁ ଗର୍ବିତ ଅନୁଭବ କରୁଛି। ମୋ ପ୍ରଶିକ୍ଷକ କିମ୍ ଓ ଗୋପୀ ସାର୍ ଏବଂ ସହାୟକ ଷ୍ଟାଫ୍‌ଙ୍କୁ ଧନ୍ୟବାଦ ଦେବି। ଆଜି ମୋ ମା'ଙ୍କ ଜନ୍ମଦିନ ଥିବାରୁ ତାଙ୍କୁ ଏହି ବିଜୟ ଉତ୍ସର୍ଗ କରୁଛି' ବୋଲି ସିନ୍ଧୁ ଏହି ଅବସରରେ ପ୍ରକାଶ କରିଛନ୍ତି।



ସିନ୍ଧୁଙ୍କ ମା' ପି. ବିଜୟା (ବାମ)

### ପ୍ରମୁଖ ସଫଳତା

| ପ୍ରତିଯୋଗିତା | ପଦକ | ବର୍ଗ | ବର୍ଷ |
|---|---|---|---|
| ଅଲିମ୍ପିକ୍ସ | ରୌପ୍ୟ | ମହିଳା ସିଙ୍ଗଲ୍ସ | ୨୦୧୬ |
| ବିଶ୍ୱ ଚାମ୍ପିୟନଶିପ୍ | ବ୍ରୋଞ୍ଜ | ମହିଳା ସିଙ୍ଗଲ୍ସ | ୨୦୧୩ |
| ବିଶ୍ୱ ଚାମ୍ପିୟନଶିପ୍ | ବ୍ରୋଞ୍ଜ | ମହିଳା ସିଙ୍ଗଲ୍ସ | ୨୦୧୪ |
| ବିଶ୍ୱ ଚାମ୍ପିୟନଶିପ୍ | ରୌପ୍ୟ | ମହିଳା ସିଙ୍ଗଲ୍ସ | ୨୦୧୭ |
| ବିଶ୍ୱ ଚାମ୍ପିୟନଶିପ୍ | ରୌପ୍ୟ | ମହିଳା ସିଙ୍ଗଲ୍ସ | ୨୦୧୮ |
| ବିଶ୍ୱ ଚାମ୍ପିୟନଶିପ୍ | ସ୍ୱର୍ଣ୍ଣ | ମହିଳା ସିଙ୍ଗଲ୍ସ | ୨୦୧୯ |
| ରାଜ୍ୟଗୋଷ୍ଠୀ କ୍ରୀଡ଼ା | ବ୍ରୋଞ୍ଜ | ମହିଳା ସିଙ୍ଗଲ୍ସ | ୨୦୧୪ |
| ରାଜ୍ୟଗୋଷ୍ଠୀ କ୍ରୀଡ଼ା | ରୌପ୍ୟ | ମହିଳା ସିଙ୍ଗଲ୍ସ | ୨୦୧୮ |
| ରାଜ୍ୟଗୋଷ୍ଠୀ କ୍ରୀଡ଼ା | ସ୍ୱର୍ଣ୍ଣ | ମିକ୍ସଡ୍ ଡବଲ୍ସ | ୨୦୧୮ |

### ଶୁଭେଚ୍ଛାର ସୁଅ

ତୁମକୁ ଶୁଭେଚ୍ଛା। ଏହା ପୂରା ଦେଶ ପାଇଁ ଗର୍ବର ବିଷୟ। କୋର୍ଟରେ ତୁମ ମ୍ୟାଜିକ ବହୁ କ୍ରୀଡ଼ାବିତଙ୍କୁ ପ୍ରେରଣା ଦେବ। **-ରାମନାଥ କୋବିନ୍ଦ, ରାଷ୍ଟ୍ରପତି**

ଚମତ୍କାର ପ୍ରଦର୍ଶନ। ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନଶିପ୍ ଜିତିଥିବା ପ୍ରଥମ ଭାରତୀୟଙ୍କୁ ଶୁଭେଚ୍ଛା। **-ସଚିନ ତେନ୍ଦୁଲକର, କ୍ରିକେଟର**

ପ୍ରଥମ ଭାରତୀୟ ଭାବେ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନଶିପ୍ ଜିତି ସିନ୍ଧୁ ଇତିହାସ ରଚିଛନ୍ତି। ଦେଶ ତୁମ ପାଇଁ ଗର୍ବିତ। **-କିରନ ରିଜିଜୁ, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ**

ପ୍ରଥମ ଭାରତୀୟ ଭାବେ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ତୁମକୁ ଶୁଭେଚ୍ଛା। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଜଣେ ଚାମ୍ପିୟନ ଭଳି ଖେଳିଲ। **-ୱାଇ. ଏସ୍. ଜଗନ ମୋହନ ରେଡ୍ଡୀ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ**

# ଫାଓରୁ ସଞ୍ଜୀୟଙ୍କ ଇସ୍ତଫା: ଓସିଏ ପାଇଁ ପ୍ରସ୍ତୁତି

**କଟକ ଅଫିସ, ୨୫।୮**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ନିର୍ବାଚନ ପାଇଁ ଦିନ ପାଖେଇ ଆସୁଛି। କୌଣସି ନିର୍ଦ୍ଧାରିତ ତାରିଖ ଏଯାଏ ଘୋଷଣା ହୋଇ ନ ଥିଲେ ମଧ୍ୟ ନିର୍ବାଚନ ଆସନ୍ତା ୧୪ ତାରିଖ ମଧ୍ୟରେ ହେବାର ଆଶା ଦୃଢ଼ୀଭୂତ ହେଲାଣି। ରାଜ୍ୟର ଅନେକ କ୍ରୀଡ଼ା ସଙ୍ଗଠକଙ୍କ ନଜର ଏବେ ଓସିଏର ପଦବୀ ଉପରେ। ଏହାକୁ ନେଇ ଦୀର୍ଘଦିନ ଧରି ଚାଲିଛି ଜୋର୍‌ଦାର ଅଙ୍କକଷା। ପୂର୍ବତନ ସମ୍ପାଦକ ତଥା ଭେଟେରାନ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରାଙ୍କ ଗୋଟି ଚାଳନାରେ ପୁନର୍ବାର ଓସିଏ ପଦବୀ ପୂର୍ଣ୍ଣ ହେବ ବୋଲି ଆଲୋଚନା ହେଉଥିବା ବେଳେ ଏହାକୁ ବିରୋଧ କରି ଆଗକୁ ଆସିଛନ୍ତି କିଛି ନାମୀଦାମୀ କ୍ଲବ ମାଲିକ। ଏହି ଦୁଇ ଗୋଷ୍ଠୀ ଭିତରେ ଓସିଏର ପରବର୍ତ୍ତୀ ପିଢ଼ି ରହିଛି ବୋଲି କ୍ରୀଡ଼ା ସମୀକ୍ଷକମାନେ ମତ ଦେଉଛନ୍ତି। ରବିବାର ଫୁଟ୍‌ବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ସମ୍ପାଦକ ତଥା ଆଶୀର୍ବାଦଙ୍କ ପୁଅ ସଞ୍ଜୟ ବେହେରା ଇସ୍ତଫା ଦେଇଛନ୍ତି। କିଛିଦିନ ପୂର୍ବରୁ ସଞ୍ଜୟ ଓସିଏ ନିର୍ବାଚନରେ ଭାଗନେବାର ଯୋଜନା ଅଛି ବୋଲି ଫାଓ ପକ୍ଷରୁ ଗ୍ରୀନ୍ ସିଗ୍‌ନାଲ ମିଳିଥିଲା। ସଞ୍ଜୟଙ୍କ ଇସ୍ତଫା ଘୋଷଣା ପରେ ଏହି ଆଶଙ୍କା ଅଳ୍ପବହୁତେ ଦୂର ହୋଇଛି। ପୂର୍ବରୁ ଅନ୍ୟତମ ବରିଷ୍ଠ କ୍ରୀଡ଼ା ସଙ୍ଗଠକ ପଙ୍କଜ ଲୋଚନ ମହାନ୍ତି ବିଭିନ୍ନ କ୍ରୀଡ଼ା ସଂଘରୁ ଇସ୍ତଫା ଦେଇ ଓସିଏ ପଦବୀ ପାଇଁ ଆଶାୟୀ ଅଛନ୍ତି। ଅନ୍ୟପକ୍ଷରେ ସଞ୍ଜୟ



ସଞ୍ଜୟ ବେହେରା

ଓସିଏର ସମ୍ପାଦକ ପଦବୀ ପାଇଁ ଆଶାୟୀ ବୋଲି କୁହାଯାଉଛି। ଏଣୁ ଆଶୀର୍ବାଦଙ୍କ ଇସାରାରେ ଆଗାମୀ ଓସିଏ ନିର୍ବାଚନ ପାଇଁ ଏହା ପଥ ପ୍ରସ୍ତୁତି ବୋଲି ଚର୍ଚ୍ଚା ହେଉଛି।

୨୦୧୦ ମସିହାରୁ ସଞ୍ଜୟ ଫାଓର ସମ୍ପାଦକ ପଦବୀରେ ଥିଲେ । ରାଜ୍ୟ ଫୁଟ୍‌ବଲ କ୍ରୀଡ଼ାର ଉନ୍ନତି କ୍ଷେତ୍ରରେ ଫାଓ ଓ ସଞ୍ଜୟଙ୍କ ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ ରହିଛି। ଅନେକ ଜାତୀୟ ଟୁର୍ନାମେଣ୍ଟ ସଫଳ ଭାବେ ଆୟୋଜନ କରି ସଞ୍ଜୟ ନିଜ ସଙ୍ଗଠକ ଦକ୍ଷତାର ପରିଚୟ ଦେଇଛନ୍ତି । ୨୦୧୨ ମସିହାରେ ସନ୍ତୋଷ ଟ୍ରଫି, ଦୁଇ ଦୁଇଥର ଫେଡେରେଶନ କପ୍ ଓ ସୁପରକପ୍ ମଧ୍ୟ ସଞ୍ଜୟଙ୍କ କାର୍ଯ୍ୟକାଳ ମଧ୍ୟରେ ଆୟୋଜନ ହୋଇଛି। ଏହାଛଡ଼ା ଏହି ସମୟ ମଧ୍ୟରେ ୫୦ରୁ ଅଧିକ ବାଳିକା ତଥା ମହିଳା ଖେଳାଳି ଓ ୧୦ରୁ ଅଧିକ ବାଳକ ତଥା ପୁରୁଷ ଖେଳାଳି ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ରବିବାର ମଧ୍ୟାହ୍ନରେ ଫାଓ କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ତଥା ଫାଓ ସଭାପତି ଦେବାଶିଷ ସାମନ୍ତରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ଫାଓର ସମସ୍ତ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ବୈଠକରେ ସଞ୍ଜୟ ନିଜ ଇସ୍ତଫା ନେଇ ବିଧିବଦ୍ଧ ଘୋଷଣା କରିବା ସହ ଫାଓର ପରବର୍ତ୍ତୀ କର୍ମକର୍ତ୍ତା ନିର୍ବାଚନ ପର୍ଯ୍ୟନ୍ତ ଦେବାଶିଷ ଦାୟିତ୍ୱ ସମ୍ଭାଳିବେ ବୋଲି କହିଥିଲେ । ବ୍ୟକ୍ତିଗତ କାରଣରୁ ସେ ଇସ୍ତଫା ଦେଇଛନ୍ତି ବୋଲି ଉଲ୍ଲେଖ କରିଛନ୍ତି। ଓସିଏ ପାଇଁ ଆଶାୟୀ ଅଛନ୍ତି ନା ନାହିଁ ପଚାରିବାରୁ ସେ କହିଥିଲେ ଯେ, ଏବେ ଏ ସମ୍ପର୍କରେ କୌଣସି ମତ ଦେଇପାରିବି ନାହିଁ । ଆଗାମୀ ଦିନରେ କ'ଣ ପଦକ୍ଷେପ ରହିବ, ତାହା ସମୟ କହିବ ବୋଲି ସଞ୍ଜୟ କହିଛନ୍ତି। ହେଲେ ଓସିଏର ଆଗାମୀ ନିର୍ବାଚନରେ ସମ୍ପାଦକ ପଦ ଲାଗି ସଞ୍ଜୟ ପ୍ରାର୍ଥିପତ୍ର ଦାଖଲ କରିବା ନିଶ୍ଚିତ ବୋଲି କିଛି ବରିଷ୍ଠ କ୍ରୀଡ଼ା ସଙ୍ଗଠକ ପରୋକ୍ଷ ଭାବେ ମତ ରଖିଛନ୍ତି।

ଆଶୀର୍ବାଦଙ୍କ ପରେ ତାଙ୍କ ଉତ୍ତରାଧିକାରୀ ହିଁ ଓସିଏ ଦାୟିତ୍ୱ ସମ୍ଭାଳିବ ବୋଲି ହେଉଥିବା ଚର୍ଚ୍ଚା ଏବେ ଆଉ ଏକପାଦ ଆଗକୁ ବଢ଼ିଛି। ପଙ୍କଜ ସଭାପତି ପଦ ନିମନ୍ତେ ଲଢ଼ିବେ ବୋଲି ନିଜ ପ୍ରତିକ୍ରିୟାରେ ମଧ୍ୟ ସ୍ପଷ୍ଟ କରିଛନ୍ତି। ପଙ୍କଜ କଟକ ଜିଲା ଆଥ୍‌ଲେଟିକ ଆସୋସିଏଶନର କାର୍ଯ୍ୟକାରୀ ସଭାପତି, ଓଡ଼ିଶା ଅଲିମ୍ପିକ ଆସୋସିଏଶନର ଉପସଭାପତି, ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂର ଉପସଭାପତି, ବେସ୍‌ବଲ ଫେଡେରେଶନ ଅଫ ଇଣ୍ଡିଆର ସଭାପତି ପଦବୀରୁ ଇସ୍ତଫା ଦେଇସାରିଲେଣି। ପଙ୍କଜ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ସଭାପତି ପଦବୀ ପାଇଁ ଆଶାୟୀ ରହିଛି। ସମସ୍ତ କାର୍ଯ୍ୟ ଠିକ୍ ଭାବେ ହେଲେ ଆଶା ପୂରଣ ହେବ। କ୍ରିକେଟର ଉନ୍ନତି ପାଇଁ କାର୍ଯ୍ୟ କରିବାର ସୁଯୋଗ ଅପେକ୍ଷାରେ ବୋଲି ପଙ୍କଜ ମତ ଦେଇଛନ୍ତି। ଏତଦ୍‌ବ୍ୟତୀତ ପଙ୍କଜ–ସଞ୍ଜୀୟଙ୍କ ବିପକ୍ଷରେ ଆଗକୁ ଆସିବେ କିଛି କ୍ଲବର ମାଲିକ, ଯେଉଁମାନେ ଦୀର୍ଘବର୍ଷ ହେବ କ୍ରିକେଟ ସହ ଜଡ଼ିତ ଅଛନ୍ତି। ଏମାନେ ଆଗାମୀ ନିର୍ବାଚନରେ ପଙ୍କଜ–ସଞ୍ଜୀୟଙ୍କ ବିରୋଧରେ ପ୍ରାର୍ଥୀ ଦେବେ ବୋଲି ଶୁଣିବାକୁ ମିଳୁଛି।

**ସଂକ୍ଷେପରେ**

## ସୁବ୍ରତ ଚାମ୍ପିୟନ, ସୌଭାଗ୍ୟ ରନର୍ସଅପ୍



**ଭୁବନେଶ୍ୱର, ୨୫।୮ (କ୍ରୀଡ଼ା ପ୍ରତିନିଧି):** ଝାଡ଼ଖଣ୍ଡର ରାଞ୍ଚିଠାରେ ଅନୁଷ୍ଠିତ ଇଷ୍ଟ ଇଣ୍ଡିଆ ଆମନ୍ତ୍ରଣୀୟ ଓପନ ୬ ରେଡ୍ ସ୍ନୁକର ଚାମ୍ପିୟନଶିପ୍‌ରେ ଦୁଇ ଓଡ଼ିଆ ଖେଳାଳି ବାଜି ମାରିଛନ୍ତି। ଓଡ଼ିଶାର ସୁବ୍ରତ ଦାସ ଚାମ୍ପିୟନ ଏବଂ ତାଙ୍କ ଶିଷ୍ୟ ସୌଭାଗ୍ୟ ବେହେରା ରନର୍ସଅପ୍ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ସୁବ୍ରତ ୬(୧୧)-୩ ଫ୍ରେମ୍‌ରେ ସୌଭାଗ୍ୟଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି। ବିଜୟ ସହ ସୁବ୍ରତ ଅଭିଯାନ ଆରମ୍ଭ କରିଥିଲେ ହେଁ ପ୍ରାରମ୍ଭରେ ସୌଭାଗ୍ୟ କଡ଼ା ଚ୍ୟାଲେଞ୍ଜ ଦେବାରେ ସକ୍ଷମ ହୋଇଥିଲେ। ମାତ୍ର ଅଭିଜ୍ଞତାର ଉପଯୋଗ କରି ସୁବ୍ରତ ଚାମ୍ପିୟନ ହେବାର ସୌଭାଗ୍ୟ ପାଇଥିଲେ। ପୂର୍ବରୁ ଅନୁଷ୍ଠିତ ସେମିଫାଇନାଲରେ ସୌଭାଗ୍ୟ ଚମତ୍କାର ପ୍ରଦର୍ଶନ କରି ଝାଡ଼ଖଣ୍ଡର ଅନିଶ ପାରିଖଙ୍କୁ ୫-୪ ଫ୍ରେମ୍‌ରେ ପରାସ୍ତ କରିଥିଲେ। ଅନ୍ୟ ଏକ ସେମିଫାଇନାଲରେ ସୁବ୍ରତ ଝାଡ଼ଖଣ୍ଡର ଆଦର୍ଶ ବର୍ମାଙ୍କୁ ୫-୧ରେ ହରାଇବାରୁ ଅଲ୍ ଓଡ଼ିଶା ଫାଇନାଲ ହେବା ପଥ ପରିଷ୍କାର ହୋଇଥିଲା। ଚାମ୍ପିୟନ ସୁବ୍ରତ ଟ୍ରଫି ସହ ୨୦,୦୦୦ ଓ ରନର୍ସଅପ୍ ସୌଭାଗ୍ୟ ଟ୍ରଫି ଏବଂ ୧୦,୦୦୦ଟଙ୍କାର ପୁରସ୍କାର ରାଶି ପାଇଛନ୍ତି।

## ସିନ୍ଧୁ, ସାଇ ପ୍ରଣୀଥ୍‌ଙ୍କୁ ପୁରସ୍କାର

**ନୂଆଦିଲ୍ଲୀ, ୨୫।୮ (ପି.ଟି.):** ସୁଇଜରଲାଣ୍ଡର ବାସେଲଠାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ଐତିହାସିକ ସଫଳତା ପାଇଁ ଭାରତୀୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ (ବାଇ) ତରଫରୁ ରବିବାର ପି. ଭି. ସିନ୍ଧୁଙ୍କ ଲାଗି ୨୦ ଲକ୍ଷ ଏବଂ ସାଇ ପ୍ରଣୀଥଙ୍କ ଲାଗି ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଛି। ସିନ୍ଧୁ ପ୍ରଥମ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ବିଶ୍ୱଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଜିତିଛନ୍ତି। ଅନ୍ୟପକ୍ଷରେ ପ୍ରକାଶ ପାଦୁକୋନଙ୍କ ପରେ ୩୬ ବର୍ଷ ବ୍ୟବଧାନରେ ସାଇ ପ୍ରଣୀଥ ପ୍ରଥମ ଭାରତୀୟ ପୁରୁଷ ଖେଳାଳି ହିସାବରେ ସିଙ୍ଗଲ୍ସରେ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି।

## କ୍ରିକେଟକୁ ଫେରିବେ ସ୍ମିଥ୍

**ଲିଡ୍ସ, ୨୫।୮ (ଏଏଫ୍‌ପି):** ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ଷ୍ଟିଭ ସ୍ମିଥ୍ କିଛିଦିନର ବିଶ୍ରାମ ପରେ କ୍ରିକେଟକୁ ଫେରିବାକୁ ଯାଉଛନ୍ତି। ଗତ ରବିବାର ଇଂଲଣ୍ଡ ପେସର ଜୋଫ୍ରା ଆର୍ଚରଙ୍କ ଏକ ବାଉନ୍ସର ତାଙ୍କ ବେକରେ ବାଜିଥିଲା। ଏଥିଯୋଗୁ ବିଶ୍ୱର ଅନ୍ୟତମ ଅଗ୍ରଣୀ ବ୍ୟାଟ୍ସମ୍ୟାନଙ୍କୁ ଆଶେସ ସିରିଜ୍‌ର ୩ୟ ଟେଷ୍ଟରୁ ବିଶ୍ରାମ ଦିଆଯାଇଥିଲା। ସେ ଗୁରୁବାର ଡର୍ବିଶାୟାର ବିପକ୍ଷ ଅଭ୍ୟାସ ମ୍ୟାଚ୍‌ରେ ଖେଳିପାରନ୍ତି। ୩ ଦିନିଆ ଅଭ୍ୟାସ ମ୍ୟାଚ୍ ଗୁରୁବାରଠାରୁ ଖେଳାଯିବ। ସେ ରବିବାର ନେଟ୍ସକୁ ଫେରିଛନ୍ତି। ୨୫ ମିନିଟ୍ ବିଶିଷ୍ଟ ସେସନରେ ବ୍ୟାଟିଂ କରିବା ସହ ରନିଂ ମଧ କରିଥିଲେ। ତାଙ୍କ ଅବସ୍ଥା ଏବେ ମଧ ଯାଞ୍ଚ କରାଯାଉଛି। କିନ୍ତୁ ଡର୍ବି ବିପକ୍ଷ ମ୍ୟାଚ୍‌ରେ ସେ ଖେଳିବେ ବୋଲି ଆଶା କରାଯାଉଥିବା ଅଷ୍ଟ୍ରେଲିଆ ଦଳର ପ୍ରବକ୍ତା କହିଛନ୍ତି। ଉଲ୍ଲେଖଥାଉ କି, ଚମତ୍କାର ଫର୍ମରେ ଥିବା ସ୍ମିଥ୍ ପ୍ରଥମ ଟେଷ୍ଟରେ ୧୪୪ ଓ ୧୪୨ ରନ୍‌ର ଇନିଂସ୍ ଖେଳିଥିଲେ। ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସ୍‌ରେ ୯୨ ରନ୍ କରିଥିଲେ। ଏହି ମ୍ୟାଚ୍ ବେଳେ ତାଙ୍କ ବେକରେ ବଲ୍ ବାଜିଥିଲା। ତାଙ୍କ ବଦଳରେ ସ୍ଥାନ ପାଇଥିବା ମାର୍ନସ ଲାବୁସାନେ ଗତ ୩ ଇନିଂସ୍‌ରେ ହ୍ୟାଟ୍ରିକ ଅର୍ଦ୍ଧଶତକ ଲଗାଇଛନ୍ତି।



ଭାରତ ବିପକ୍ଷ ଓପନିଂ ଟେଷ୍ଟରେ ଆମ ମିଡଲ ଅର୍ଡର ଏବଂ ଲୋୟର ଅର୍ଡର ଭଲ ବ୍ୟାଟିଂ କରୁଛନ୍ତି। ମାତ୍ର ଟପ୍ ଅର୍ଡରର ପ୍ରଦର୍ଶନ ଚିନ୍ତାର କାରଣ ହୋଇଛି।—**ଜାସନ ହୋଲ୍‌ଡର, ୱେଷ୍ଟଇଣ୍ଡିଜ ଅଧିନାୟକ**



ଚଳିତ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ମ୍ୟାଚରେ ଅଧିକ ରନ ସଂଗ୍ରହ କରିବାକୁ ହେଲେ କିଛି ଧୈର୍ଯ୍ୟର ଆବଶ୍ୟକତା ରହିଥିବା ମୁଁ ଅନୁଭବ କରୁଛି। **—କେ.ଏଲ୍. ରାହୁଲ, ଭାରତୀୟ ବ୍ୟାଟ୍ସମ୍ୟାନ**

# ଇଂଲଣ୍ଡକୁ ଜିତାଇଲେ ଷ୍ଟୋକ୍ସ

**ଲିଡ୍ସ, ୨୫।୮ (ଏଏଫ୍‌ପି)**

ସ୍ଥାନୀୟ ହେଡିଙ୍ଗ୍‌ଲେଠାରେ ଅନୁଷ୍ଠିତ ତୃତୀୟ ଆଶେସ କ୍ରିକେଟ ଟେଷ୍ଟ ମ୍ୟାଚର ରୋମାଞ୍ଚକ ପରିସମାପ୍ତି ଘଟିଛି। ବେନ୍ ଷ୍ଟୋକ୍ସଙ୍କ ଲଢୁଆ ଅପରାଜିତ ଶତକ (୧୩୫*) ଯୋଗୁ ଇଂଲଣ୍ଡ ୧ ଉଇକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଫଳରେ ଦୁଇ ଦଳ ମଧ୍ୟରେ ଚାଲିଥିବା ୫ ମ୍ୟାଚ ବିଶିଷ୍ଟ ସିରିଜ ୧-୧ ସ୍ତରକୁ ଚାଲିଆସିଛି। ଇଂଲଣ୍ଡ ୩୫୯ରନର କଷ୍ଟସାଧ ବିଜୟ ଲକ୍ଷ୍ୟ ପିଛା କରୁଥିବା ବେଳେ ଷ୍ଟୋକ୍ସ ଓ ଜନି ବେୟାରଷ୍ଟୋ (୩୬)ଙ୍କ ମଧ୍ୟରେ ୫ମ ଉଇକେଟରେ ମହତ୍ତ୍ୱପୂର୍ଣ୍ଣ ୮୬ ରନର ପାର୍ଟନରଶିପ୍ ହୋଇଥିଲା। ମାତ୍ର ଏହି ଯୋଡ଼ିକୁ ଜୋସ୍ ହାଜେଲଉଡ୍ ଭାଙ୍ଗି ଦେଇଥିଲେ। ସେ ବେୟାରଷ୍ଟୋଙ୍କୁ ମାର୍ନସ ଲବୁସ୍କେନ୍‌ଙ୍କ ଦ୍ୱାରା କ୍ୟାଚ ଆଉଟ କରିଦେଇଥିଲେ। ଷ୍ଟୋକ୍ସ ଗୋଟିଏ ପାର୍ଶ୍ୱରେ କ୍ରିଜ୍‌ରେ ଜମି ରହିଥିବାବେଳେ ଅନ୍ୟପଟେ ଜଣକ ପରେ ଜଣେ ଶୀଘ୍ର ଆଉଟ ହୋଇ ପ୍ୟାଭିଲିୟନକୁ ଫେରିବାରେ ଲାଗିଥିଲେ। ପରେ ବ୍ୟାଟିଂ କରିବାକୁ ଆସିଥିବା ଜୋସ୍ ବଟଲର ଏବଂ କ୍ରିସ୍ ଓକ୍ସ ମାତ୍ର ୧ ରନ ଲେଖାଏ କରିଥିଲେ। ଜୋଫ୍ରା ଆର୍ଚର ୧୫ରନ କରିଥିବାବେଳେ ଷ୍ଟୁଆର୍ଟ ବ୍ରଡ୍ ବିନା କୌଣସି ରନରେ ଜେମ୍ସ ପ୍ୟାଟିନ୍‌ସନଙ୍କ ଦ୍ୱାରା ଏଲବିଡବ୍ଲ୍ୟୁ ହୋଇଥିଲେ। ତେବେ ଷ୍ଟୋକ୍ସ ଏବଂ ଜ୍ୟାକ ଲିଚ୍ (୧*)ଙ୍କ ମଧ୍ୟରେ ଅନ୍ତିମ ଉଇକେଟରେ ୭୬ ରନର ଅପରାଜିତ ପାର୍ଟନରଶିପ୍ ହୋଇଥିଲା। ଷ୍ଟୋକ୍ସ ତାଙ୍କ ଅପରାଜିତ ଲଢୁଆ ଇନିଂସରେ ୨୧୯ ବଲ୍ ସମ୍ନା କରିଥିଲେ। ସେ ୧୧ ଚୌକା ଓ ୮ ଛକା ଲଗାଇଥିଲେ। ଇଂଲଣ୍ଡ ଏହାର ଦ୍ୱିତୀୟ ଇନିଂସରେ ୯ ଉଇକେଟ ହରାଇ ୩୬୨ ରନ କରି ମ୍ୟାଚ ଜିତି ନେଇଥିଲା।



ଅପରାଜିତ ଶତକୀୟ ଇନିଂସ ଖେଳି ଇଂଲଣ୍ଡକୁ ଜିତାଇ ଥିବା ବେନ୍ ଷ୍ଟୋକ୍ସ।

ଇଂଲଣ୍ଡ ରବିବାର ପୂର୍ବଦିନର ଅସମାପ୍ତ ସ୍କୋର ୧୫୬/୩ରୁ ଖେଳ ଆରମ୍ଭ କରିଥିଲା। ପ୍ରଥମ ସେସନ ଖେଳରେ ଅଷ୍ଟ୍ରେଲିଆର ୪ଜଣିଆ ପେସ୍ ବାହିନୀ ନୂଆ ବଲ୍‌ରେ ଇଂଲଣ୍ଡକୁ ବିଶେଷ କ୍ଷତି ପହଞ୍ଚାଇ ପାରି ନ ଥିଲେ। ସେମାନେ କେବଳ ଗୋଟିଏ ଉଇକେଟ ପତନ ଘଟାଇ ପାରିଥିଲେ। ମଧ୍ୟାହ୍ନଭୋଜନ ଖେଳ ସୁଦ୍ଧା ଘରୋଇ ଦଳ ପୂର୍ବଦିନରୁ ୭୫ରନ କରି ଅପରାଜିତ ରହିଥିବା ଅଧିନାୟକ ଜୋ ରୁଟ୍‌ଙ୍କ ଉଇକେଟ ହରାଇଥିଲା। ରୁଟ୍ ମାତ୍ର ୨ ରନ ଯୋଗକରି ନାଥାନ ଲିଅନଙ୍କ ବଲ୍‌କୁ ଲେଗ୍ ସାଇଡ୍‌ରେ ଖେଳିବାକୁ ଯାଇ ଡେଭିଡ୍ ୱାର୍ନରଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୧୭୯
**ଇଂଲଣ୍ଡ ପ୍ରଥମ ଇନିଂସ:** ୬୭
**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ:** ୨୪୬
**ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୩୬୨/୯ (ବେନ୍‌ଷ୍ଟୋକ୍ସ-୧୩୫*, ଜୋ ରୁଟ୍-୭୭, ଜୋ ଡେନ୍‌ଲୀ-୫୦, ଜନି ବେୟାରଷ୍ଟୋ-୩୬, , ଜୋସ୍ ହାଜେଲଉଡ୍-୪/୮୫, ନାଥାନ ଲିଅନ୍-୨/୧୧୪)

# ନ୍ୟୁଜିଲାଣ୍ଡର ମହତ୍ତ୍ୱପୂର୍ଣ୍ଣ ଇନିଂସ ଅଗ୍ରଣୀ

**କଲମ୍ବୋ, ୨୫।୮**

ସ୍ଥାନୀୟ ପି. ସାରା ଓଭାଲ ଗ୍ରାଉଣ୍ଡରେ ଘରୋଇ ଶ୍ରୀଲଙ୍କା ବିପକ୍ଷରେ ଚାଲିଥିବା ୨ୟ ଟେଷ୍ଟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ମହତ୍ତ୍ୱପୂର୍ଣ୍ଣ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଛି। ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୨୪୪ ରନରେ ସୀମିତ ରହିଥିଲା। ଜବାବରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଓପନର୍ ଟମ୍ ଲଥାମ୍‌ଙ୍କ ଦମ୍‌ଦାର ଶତକ ବଳରେ ରବିବାର ୪ର୍ଥ ଦିନ ଷ୍ଟମ୍ପ ଅପସାରଣ ସୁଦ୍ଧା ୫ ଉଇକେଟ୍ ହରାଇ ୩୮୨ ରନ୍ ସଂଗ୍ରହ କରିଛି। ଫଳରେ ହାତରେ ଆଉ ୫ ଉଇକେଟ୍ ସୁରକ୍ଷିତ ରହିଥିବାବେଳେ କେନ୍ ୱିଲିୟମସନଙ୍କ ଦଳ ୧୩୮ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ସୋମବାର ଅନ୍ତିମ ଦିବସ ହୋଇଥିବାରୁ ମ୍ୟାଚ୍ ଡ୍ର' ରହିବାର ଯଥେଷ୍ଟ ସମ୍ଭାବନା ରହିଛି। ଫଳରେ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ନୂଆ ନିୟମ ଅନୁଯାୟୀ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ନ୍ୟୁଜିଲାଣ୍ଡ ପଏଣ୍ଟ ଖାତା ଖୋଲିବ ଏକପ୍ରକାର ସ୍ପଷ୍ଟ ହୋଇଛି।

ପୂର୍ବଦିନର ଅସମାପ୍ତ ସ୍କୋର ୧୯୬/୪ରୁ ଖେଳ ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ ରବିବାର ବର୍ଷା ଯୋଗୁ ପୁରା ଦିନରେ ୪୮ ଓଭର ଖେଳିପାରିଥିଲା। ଓପନର୍ ଟମ୍ ଲଥାମ୍ ନିଜ ସ୍କୋରରେ ଆଉ ୪୩ ରନ୍ ଯୋଡ଼ି ୧୫୪ ରନରେ ଆଉଟ୍ ହୋଇଥିଲେ। ୨୫୧ ବଲର ସାମ୍ନା କରିଥିବା ବାମହାତୀ ଲଥାମ୍ ଇନିଂସରେ ୧୫ ଚୌକା ମାରି ଦିଲରୁୱାନ ପେରେରାଙ୍କ ବଲରେ ଏଲ୍‌ବିଡବ୍ଲୁ ହୋଇଯାଇଥିଲେ। ଏହାପରେ ଉଇକେଟ୍‌କିପର ବିଜେ ୱାଟ୍‌ଲିଙ୍ଗଙ୍କ ସହ ମିଶି କଲିନ ଡି ଗ୍ରାଣ୍ଡହୋମ୍ ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ଦୁହେଁ ସତର୍କତାର ସହ ବ୍ୟାଟିଂ କରି ଷ୍ଟମ୍ପ ଅପସାରଣ ପର୍ଯ୍ୟନ୍ତ ଦଳକୁ ଆଉ କ୍ଷତି ହେବାକୁ ଦେଇ ନ ଥିଲେ। ଖେଳ ଶେଷବେଳକୁ ୱାଟ୍‌ଲିଙ୍ଗ୍ ୮୧ (୨୦୮ ବଲ୍) ଓ ଦ୍ରୁତ ବ୍ୟାଟିଂ କରୁଥିବା ଗ୍ରାଣ୍ଡହୋମ୍ ୮୩ (୭୫ ବଲ୍, ୫ ଚୌକା, ୫ ଛକା) ରନରେ ଅପରାଜିତ ରହିଛନ୍ତି। ଅସମାପ୍ତ ୬ ଉଇକେଟ୍ ଯୋଡ଼ିରେ ଉଭୟଙ୍କ ମଧ୍ୟରେ ୧୧୩ ରନର ଭାଗୀଦାରି ହୋଇଛି। ଘରୋଇ ଦଳ ପକ୍ଷରୁ ପେରେରା ସର୍ବାଧିକ ୩ଟି ଉଇକେଟ୍ ନେଇଛନ୍ତି। ପୂର୍ବରୁ ଧନଞ୍ଜୟ ଡି ସିଲ୍‌ଭା (୧୦୯)ଙ୍କ ଶତକ ବଳରେ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୧୪୪ ରନ କରିଥିଲା। ଦୁଇ ମ୍ୟାଚ୍‌ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚ୍‌କୁ ୬ ଉଇକେଟ୍‌ରେ ଜିତି ଶ୍ରୀଲଙ୍କା ସିରିଜରେ ୧-୦ରେ ଅଗ୍ରଣୀ ରହିଛି।



କଲିନ୍ ଡି ଗ୍ରାଣ୍ଡହୋମ୍

# ଅଙ୍କିତଙ୍କ ଶତକ ସତ୍ତ୍ୱେ ଇଣ୍ଡିଆ ରେଡ୍ ଅଗ୍ରଣୀ

**ବେଙ୍ଗାଲୁରୁ, ୨୫।୮**

ଆଲୁରସ୍ଥିତ କର୍ନାଟକ ଷ୍ଟେଟ କ୍ରିକେଟ ଆସୋସିଏଶନ (କେ.ଏସ୍.ସି.ଏ.) ଗ୍ରାଉଣ୍ଡରେ ଚାଲିଥିବା ଇଣ୍ଡିଆ ବ୍ଲୁ ବିପକ୍ଷ ଦୁଲୀପ ଟ୍ରଫି ମ୍ୟାଚ୍‌ରେ ଇଣ୍ଡିଆ ରେଡ୍ ଅଗ୍ରଣୀ ହାସଲ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ରେଡ୍ ପ୍ରଥମ ଇନିଂସରେ ୧୨୪ ଓଭରରେ ୨୮୫ ରନ କରି ଆଉଟ ହୋଇଥିଲା। ଜବାବରେ ବ୍ଲୁ ପ୍ରଥମ ଇନିଂସ ଆରମ୍ଭ କରି ଅଙ୍କିତ ବାୱ୍‌ନେଙ୍କ ଅପରାଜିତ ଶତକ ସହାୟତାରେ ରବିବାର ତୃତୀୟ ଦିନ ଚା'ପାନ ବିରତି ବେଳକୁ ୮୩.୨ଓଭରରେ ୨୫୫ ରନ କରି ଅଲଆଉଟ ହୋଇଯାଇଛି। ୩୦ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରଥିବା ରେଡ୍ ଏହାର ଦ୍ୱିତୀୟ ଇନିଂସ ଖେଳିବାକୁ ଯାଇ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୨ ଉଇକେଟରେ ୯୩ ରନ କରିଛି। ଏଥିସହିତ ଦଳ ହାତରେ ୮ଉଇକେଟ ଥାଇ ମୋଟ ଉପରେ ୧୨୩ ରନ ଅଗ୍ରଣୀ ଲାଭ କରିଛି। ଦ୍ୱିତୀୟ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୭୪/୩ରୁ ଖେଳ ଆରମ୍ଭ କରି ବ୍ଲୁ ଅଲଆଉଟ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ଅଙ୍କିତ ବାୱ୍‌ନେ ୧୫ରନରୁ ଖେଳ ଆରମ୍ଭ କରି ୧୨୧ରନର ଶତକୀୟ ପାଳି ଖେଳି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେହିପରି ୬ରନରୁ ଖେଳ ଆରମ୍ଭ କରି ଅନ୍‌ମୋଲପ୍ରୀତ ସିଂ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ପୂର୍ବରୁ ଓପନର ଋତୁରାଜ ଗାଏକ୍‌ୱାଡ଼ ୩୭ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ତେବେ ବାକି ୮ ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ସ୍ନେଲ ପଟେଲ, ଜଲାଜ ସାକସେନା, ଦିୱେସ ପଠାନିଆ, ବାସିଲ ଥମ୍ପି ଖାତା ଖୋଲିପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଶୁବମନ ଗିଲ ୯, ରିଙ୍କି ଭୁଇ ୩, ସୌରଭ କୁମାର ୩, ଅନିକେତ୍ ଚୌଧୁରୀ ୮ ରନ କରି ଆଉଟ ହୋଇଥିଲେ। ବୋଲିଂରେ ରେଡ୍ ତରଫରୁ ଆଭେସ ଖାଁ ସର୍ବାଧିକ ୪, ଜୟଦେବ ଉନାଡ଼କଟ ଓ ଅକ୍ଷୟ ୱାଖରେ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଇଣ୍ଡିଆ ରେଡ ପ୍ରଥମ ଇନିଂସ:** ୧୨୪ ଓଭରରେ ୨୮୫ ଅଲଆଉଟ୍।
**ଇଣ୍ଡିଆ ବ୍ଲୁ ପ୍ରଥମ ଇନିଂସ:** ୮୩.୨ ଓଭରରେ ୨୫୫ ଅଲଆଉଟ (ଅଙ୍କିତ୍ ବାୱ୍‌ନେ- ୧୨୧*, ଅନମୋଲପ୍ରୀତ -୫୬, ଋତୁରାଜ ଗାଏକ୍‌ୱାଡ଼- ୩୭, ଆଭେସ ଖାଁ- ୪/୫୮, ଉନାଡ଼କଟ- ୩/୫୨, ୱାଖରେ- ୩/୩୨ )।
**ଇଣ୍ଡିଆ ରେଡ୍ ଦ୍ୱିତୀୟ ଇନିଂସ:** ୯୩/୨ (କରୁଣ ନାୟାର-୪୩*, ଅଙ୍କିତ କଲ୍‌ସୀ-୨୧*, ଦିୱେସ ପଠାନିଆ- ୧/୨୨, ଜଲଜ ସାକ୍‌ସେନା- ୧/୩୫)।

# ୱେଷ୍ଟଇଣ୍ଡିଜ ସମ୍ମୁଖରେ ୪୧୯ ରନ ବିଜୟ ଲକ୍ଷ୍ୟ

**ନର୍ଥ ସାଉଣ୍ଡ(ଆଣ୍ଟିଗୁଆ), ୨୫।୮**

ଅଜିଙ୍କ୍ୟ ରାହାନେଙ୍କ ୧୦ମ ଟେଷ୍ଟ ଶତକ ସହାୟତାରେ ଭାରତ ସାର୍ ଭିଭିଆନ ରିଚାର୍ଡ୍ସ ଷ୍ଟାଡିୟମରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟରେ ନିଜର ସ୍ଥିତି ମଜଭୁତ କରିଛି। ରବିବାର ୪ର୍ଥ ଦିବସରେ ଭାରତ ଏହାର ଦ୍ୱିତୀୟ ଇନିଂସକୁ ୩୪୩/୭ରେ ଘୋଷଣା କରିଛି। ଫଳରେ ୱେଷ୍ଟଇଣ୍ଡିଜ ସମ୍ମୁଖରେ ୪୧୯ ରନ ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ତୃତୀୟ ଦିବସର ଅସମାପ୍ତ ସ୍କୋର ୧୮୫/୩ରୁ ଭାରତ ଖେଳ ଆରମ୍ଭ କରିଥିଲା। ଅଧିନାୟକ ବିରାଟ କୋହଲିଙ୍କୁ ତାଙ୍କ ପୂର୍ବ ଦିନର ସ୍କୋରରେ ହିଁ ଆଉଟ କରି ୱେଷ୍ଟଇଣ୍ଡିଜ ପାଇଁ ବଡ଼ ସଫଳତା ଆଣିଥିଲେ ରଷ୍ଟନ ଚେଜ୍। ୧୧୩ ବଲ୍‌ର ସମ୍ମୁଖୀନ ହୋଇଥିବା ବିରାଟ ୨ ଚୌକା ସହାୟତାରେ ୫୧ ରନ କରିଥିଲେ। ବିରାଟଙ୍କୁ ଆଉଟ କରିବାପରେ ୱେଷ୍ଟଇଣ୍ଡିଜ ଶୀଘ୍ର ଭାରତ ଇନିଂସରେ ପୂର୍ଣ୍ଣଚ୍ଛେଦ ପକାଇବା ଲକ୍ଷ୍ୟରେ ରହିଥିଲା। ମାତ୍ର ଅଜିଙ୍କ୍ୟ ରାହାନେଙ୍କ ସହ ହନୁମା ବିହାରି କ୍ରିଜରେ ଯୋଗଦେଇ

**ରାହାନେଙ୍କ ଶତକ**

ଦଳକୁ ଦୃଢ଼ ସ୍ଥିତିକୁ ନେଇ ଯାଇଥିଲେ। ଦୁହେଁ ୫ମ ଉଇକେଟରେ ଶତକୀୟ(୧୩୫ ରନ) ଭାଗୀଦାରି ଗଢ଼ି ଭାରତର ଅଗ୍ରଣୀ ବ୍ୟବଧାନକୁ ବୃଦ୍ଧି କରିଥିଲେ। ହନୁମା ଏଠାରେ କ୍ୟାରିୟର ଶ୍ରେଷ୍ଠ ଇନିଂସ ଖେଳି ଦ୍ୱିତୀୟ ଟେଷ୍ଟ ଅର୍ଦ୍ଧଶତକ ହାସଲ କରଥିଲେ। ସେ ୧୨୮ ବଲ୍‌ରୁ ୧୦ ଚୌକା ସହାୟତାରେ ୯୩ ରନକରି ଆଉଟ ହେବାସହ ଭାରତ ଇନିଂସ ଘୋଷଣା କରିଥିଲା। ପୂର୍ବରୁ ଟେଷ୍ଟରେ ତାଙ୍କର ସର୍ବାଧିକ ସ୍କୋର ଥିଲା ୫୬ ରନ। ରାହାନେ କିନ୍ତୁ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ଇନିଂସ ଖେଳିଥିଲେ। ସେ ୨୪୨ ବଲ୍‌ରୁ ୫ ଚୌକା ସହ ୧୦୨ ରନ ସଂଗ୍ରହ କରିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ରଷ୍ଟନ ଚେଜ୍ ୪ଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର:** ଭାରତ ପ୍ରଥମ ଇନିଂସ: ୨୯୭।
ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୨୨୨।
ଭାରତ ଦ୍ୱିତୀୟ ଇନିଂସ: ୪୩/୭/ଘୋଷଣା(ରାହାନେ- ୧୦୨, ହନୁମା-୯୩, କୋହଲି-୫୧, ଲୋକେଶ ରାହୁଲ- ୩୮, ଚେତେଶ୍ୱର ପୂଜାରା-୨୫, ଚେଜ୍-୪/୧୩୨, ରୋଚ୍- ୧/୨୯, ଗାବ୍ରିଏଲ-୧/୬୩, ହୋଲ୍ଡର-୧/୪୫)।



ଶତକୀୟ ଭାଗୀଦାରି ଅବସରରେ ହନୁମା ବିହାରୀ ଓ ଅଜଙ୍କ୍ୟ ରାହାନେ ।



ବବଲୁ ମୁଣ୍ଡାଙ୍କୁ ଉଷୁ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଉଛି ।

# ଉଷୁ ପ୍ରତିଭା ବବଲୁଙ୍କୁ ଭବ୍ୟ ସ୍ୱାଗତ

**ଭୁବନେଶ୍ୱର, ୨୫।୮ (କ୍ରୀଡ଼ା ପ୍ରତିନିଧି)**

ବ୍ରୁନେଇଠାରେ ଅନୁଷ୍ଠିତ ୧୦ମ ଏସିଆନ ଜୁନିୟର ଉଷୁ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଥିବା କେନ୍ଦୁଝର ଜିଲା ସିଆଳିଯୋଡା ଗ୍ରାମର ବବଲୁ ମୁଣ୍ଡାଙ୍କୁ ରବିବାର ଏଠାରେ ଭବ୍ୟ ସ୍ୱାଗତ ଜ୍ଞାପନ କରାଯାଇଛି। ଅଗଷ୍ଟ ୧୬ ରୁ ୨୪ ପର୍ଯ୍ୟନ୍ତ ଆୟୋଜିତ ଆନ୍ତର୍ଜାତୀୟ ପ୍ରତିଯୋଗିତାର ୪୫ କେଜି ବର୍ଗରେ ବବ୍‌ଲୁ ରୌପ୍ୟ ପଦକ ହାସଲ କରିଥିଲେ। ଭୁବନେଶ୍ୱର ବିମାନବନ୍ଦରରେ ଉଷୁ ଆସୋସିଏଶନ ଅଫ୍ ଓଡ଼ିଶାର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ଅଲ୍‌ଓଡ଼ିଶା କିକ୍‌ବକ୍ସିଂ ଆସୋସିଏଶନ ସାଧାରଣ ସମ୍ପାଦକ ବିଭୂତି ଭୂଷଣ ବେହେରା, ଉଷୁ କୋଚ୍ ପଙ୍କଜ ମହନ୍ତ ଏବଂ ଅନେକ ଖେଳାଳି ଓ ଶୁଭାକାଂକ୍ଷି ଉପସ୍ଥିତ ରହି ବବଲୁଙ୍କୁ ସ୍ୱାଗତ କରିଥିଲେ। ବବଲୁଙ୍କ ସଫଳତାରେ ଖୁସି ଜାହିର କରିଛନ୍ତି ଉଷୁ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ସୁଧାଂଶୁ ଶେଖର ହରିଚନ୍ଦନ। ଏହି ଯୁବ ଖେଳାଳିଙ୍କୁ ସେ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ଓଡ଼ିଶାରେ ଉଷୁର ଭବିଷ୍ୟତ ଉଜ୍ଜଳ ବୋଲି ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ପୂର୍ବରୁ ବବଲୁ ୨୦୧୮ରେ ବ୍ରାଜିଲର ବ୍ରାସିଲାଠାରେ ଅନୁଷ୍ଠିତ ବିଶ୍ୱ ଜୁନିୟର ଉଷୁ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ପାଇଥିଲେ। ଦ୍ୱିତୀୟ ଥରପାଇଁ ସେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରି ରାଜ୍ୟର ଅନ୍ୟ ଖେଳାଳିଙ୍କ ପାଇଁ ଉଦାହରଣ ସାଜିଛନ୍ତି। ବ୍ରୁନେଇଠାରେ ଅନୁଷ୍ଠିତ ଉଷୁ ଚାମ୍ପିୟନଶିପ୍‌ରେ ୨୬ ଦେଶରୁ ୩୯୮ ପ୍ରତିଯୋଗୀ ଭାଗ ନେଇଥିଲେ। ଏକମାତ୍ର ଓଡିଆ ଭାବେ ବବଲୁ ୨୨ ଜଣିଆ ଭାରତୀୟ ଦଳରେ ସାମିଲ ହୋଇଥିଲେ।

## କୋମାଲିକା ବିଶ୍ୱ ଚାମ୍ପିୟନ ରିକର୍ଭ କ୍ୟାଡେଟ

**ମାଡ୍ରିଡ୍, ୨୫।୮ (ପିଟି):** କୋମାଲିକା ବରି ନିଜଠାରୁ ଉନ୍ନତ ର୍ୟାଙ୍କ୍ ଜାପାନର ସୋନୋଡା ୱାକାଙ୍କୁ ଏକତରଫା ମ୍ୟାଚ୍‌ରେ ହରାଇ ରିକର୍ଭ କ୍ୟାଡେଟ୍‌ରେ ବିଶ୍ୱ ଚାମ୍ପିୟନ ହୋଇଛନ୍ତି। ଏଥିସହ ଏଠାରେ ଚାଲିଥିବା ବିଶ୍ୱ ତୀରନ୍ଦାଜୀ ଯୁବ ଚାମ୍ପିୟନଶିପରେ ସେ ଦେଶ ପାଇଁ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଆଣିଛନ୍ତି। ଜାମସେଦ୍‌ପୁର ଜନ୍ମିତ ଟାଟା ଆର୍ଚେରି ଏକାଡେମୀ କ୍ୟାଡେଟ୍ ଫାଇନାଲକୁ ୭-୩ ବ୍ୟବଧାନରେ ଜିତିନେଇଛନ୍ତି।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଅଗଷ୍ଟ ୨୬/୨୦୧୯ Sambalpur, Monday, August 26 / 2019




# ଟ୍ରକ୍ ପଛରେ ପିଟିହେଲା ବାଇକ୍, ୨ ମୃତ

**ଜୁନାଗଡ,୨୫।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ୨୬ନଂ. ଜାତୀୟ ରାଜପଥର ବନଜାରୀ ମନ୍ଦିର ନିକଟ ରାସ୍ତାରେ ରବିବାର ସନ୍ଧ୍ୟାରେ ଠିଆ ହୋଇଥିବା ଏକ ଟ୍ରକ୍ ପଛରେ ପିଟି ହୋଇ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜୁନାଗଡ ବ୍ଲକ ଗୁଞ୍ଜୁଗୁଡା ଗାଁର କ୍ଷୀରସିନ୍ଧୁ ମାଝି (୨୫) ଓ ଗଙ୍ଗାଧର ନାଗ (୨୫)। ଉଭୟେ ନିଜ ଗାଁରୁ ଏକ ନୂଆ ପଲସର ବାଇକ୍‌ରେ ଜୁନାଗଡ ଆସୁଥିଲେ। ଏହି ସମୟରେ ବନଜାରୀ ମନ୍ଦିର ନିକଟ ରାସ୍ତାରେ ଅଟକି ରହିଥିବା ଏକ ଟ୍ରକ୍ ପଛ ପଟେ ସେମାନେ ପିଟି ହୋଇଯାଇଥିଲେ । ଘଟଣାସ୍ଥଳରେ କ୍ଷୀରସିନ୍ଧୁଙ୍କ ମୃତ୍ୟୁ ହୋଇଥିବା ବେଳେ ଗଙ୍ଗାଧରଙ୍କୁ ଗୁରୁତର ଅବସ୍ଥାରେ ପିସିଆର ଭ୍ୟାନ ଯୋଗେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।




24x7 Helpline: 0171-3055222






ପ୍ରଥମ ରାଜ୍ୟସ୍ତରୀୟ ମାଷ୍ଟର ଓ ଇଣ୍ଟର କ୍ଲବ୍ ଚାମ୍ପିୟନ୍‌ଶିପ୍‌ର କୃତୀ ପ୍ରତିଯୋଗୀ।

### ■ରାଜ୍ୟସ୍ତରୀୟ ମାଷ୍ଟର ଓ ଇଣ୍ଟର କ୍ଲବ ସନ୍ତରଣ ପ୍ରତିଯୋଗିତା

# ସମ୍ବଲପୁର ଚାମ୍ପିୟନ, ବଲାଙ୍ଗୀର ରନର୍ସ ଅପ୍

**ବଲାଙ୍ଗୀର ଅଫିସ, ୨୫।୮**

ବଲାଙ୍ଗୀର ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ ସ୍ଥିତ ସନ୍ତରଣାଗାରରେ ପ୍ରଥମ ରାଜ୍ୟସ୍ତରୀୟ ମାଷ୍ଟର ଓ ଇଣ୍ଟର କ୍ଲବ୍ ସନ୍ତରଣ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ସମ୍ବଲପୁରର ପ୍ରତିଯୋଗୀମାନେ ୧୦୮ ପଏଣ୍ଟ ପାଇ ଚାମ୍ପିୟନ ଓ ବଲାଙ୍ଗୀରର ପ୍ରତିଯୋଗୀମାନେ ୬୬ ପଏଣ୍ଟ ପାଇ ରନର୍ସ ଅପ ହୋଇଛନ୍ତି। ଅନ୍ୟ ଜିଲାର ପ୍ରତିଯୋଗୀମାନେ ବିଭିନ୍ନ ବର୍ଗରେ ଭାଗ ନେଇ ପୁରସ୍କୃତ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ୧୮୦ ଜଣ ପ୍ରତିଯୋଗୀ ଭାଗ ଦେଇଥିଲେ। ସେଥିରୁ ୧୪୫ ବାଳକ ଓ ୩୫ଜଣ ବାଳିକା ଭାଗ ନେଇଥିଲେ। ୫୦ମିଟର ବଟର ଫ୍ଲାଏ ଓ ଫ୍ରି ଷ୍ଟାଇଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଇଣ୍ଟର କ୍ଲବ୍ ବିଭାଗରେ ୫ଟି ବୟସ ବର୍ଗରେ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ସେହିପରି ମାଷ୍ଟର ବିଭାଗରେ ୧୦ଟି ବୟସ ବର୍ଗରେ ପ୍ରତିଯୋଗୀମାନେ ଭାଗ ନେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ୧୮୯ ସିଆରପିଏଫ୍ ବାଟାଲିଅନ୍‌ର କମାଣ୍ଡାଣ୍ଟ ଯୋଗେନ୍ଦ୍ର ସିଂ ମୌର୍ଯ୍ୟ ଓ ସମ୍ମାନିତ ଅତିଥିଭାବେ ରାଜ୍ୟ ସନ୍ତରଣ ସଂଘ ସମ୍ପାଦକ ଦିଲାବର ହୁସେନ୍ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଜିଲା ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ପରିଚାଳନା କରିଥିଲେ।

# ନାଳରୁ ମୃତଦେହ ଉଦ୍ଧାର ଘଟଣା: ମିଳିଲା ମୃତକଙ୍କ ପରିଚୟ

**ବେଲପାହାଡ଼,୨୫।୮(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ପୋଲିସ ବୁଧବାର ଉଲାପ ଗାଁ ନାଳରୁ ଏକ ଗଳିତ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଶନିବାର ମୃତକଙ୍କ ପରିଚୟ ମିଳିଛି। ତାଙ୍କ ନାମ ଡବଲୁ ସା (୭୦), ଘର ଗ୍ରିଣ୍ଡୋଲା ବୋଲି ପୋଲିସ ସୂଚନା ଦେଇଛି। ଡବଲୁଙ୍କର ସ୍ତ୍ରୀ, ପିଲା କେହି ନ ଥିଲେ। ସେ ଗ୍ରିଣ୍ଡୋଲା ଗାଁରେ ଏକାକୀ ରହୁଥିଲେ। ବେଳେବେଳେ ଜାମକାନି ଗାଁରେ ରହୁଥିବା ତାଙ୍କ ଝିଆରୀ ସବିତା ଭୁୟାଁଙ୍କ ଘରକୁ ଆସି ରହୁଥିଲେ। ପୋଲିସ ମୃତଦେହ ଜବତ କରିବା ପରେ ଏକ ଅପମୃତ୍ୟୁ ମାମଲା (ନଂ. ୧୧/୧୯) ରୁଜୁ କରି ତାଙ୍କ ପରିଚୟ ଖୋଜିବାକୁ ଉଦ୍ୟମ ଚଳାଇଥିଲା। ମୃତଦେହକୁ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟ ମର୍ଗ ହାଉସ୍‌ରେ ରଖାଯାଇଥିଲା। ଶନିବାର ଡବଲୁଙ୍କ ଝିଆରୀ ଆସି ମୃତଦେହ ଚିହ୍ନଟ କରିଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ଗଙ୍ଗାଧର ଜୟନ୍ତୀରେ କବିତା ଆସର

**ସୋନପୁର,୨୫।୮(ନି.ପ୍ର.):** ସୋନପୁର ପିପିଲିପାଲିସ୍ଥିତ ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନରେ ୧୫୮ ତମ ଗଙ୍ଗାଧର ମେହେର ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାରସ୍ୱତ ସଭାରେ ଉଲୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଯଜ୍ଞେଶ୍ୱର ପୂଜାହାରୀ ଓ ମନମୁଣ୍ଡା ଉଚ୍ଚବିଦ୍ୟାଳୟର ଶିକ୍ଷକ ସମ୍ବିତ କୁମାର ମିଶ୍ର ଅତିଥିଭାବେ ଯୋଗଦେଇ ସ୍ୱଭାବ କବିଙ୍କ ସାହିତ୍ୟ କୃତି ଓ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା କବିତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାର ବିଭିନ୍ନ ବର୍ଗରେ ପରିନୀତା ମେହେର, ମୌସୁମୀ ମେଣ୍ଡଲି, ରଶ୍ମିରେଖା ରାଜହଂସ, ଅର୍ଚ୍ଚନା ଦାସ, ନନ୍ଦିତା ଝାଙ୍କର, ପୂର୍ଣ୍ଣିମା ମେହେର, ସୁମନ ଭୋଇ, ସ୍ମୃତିଶିଖା ଭୋଇ, ଗାୟତ୍ରୀ ନାୟକ, ଲିସି ସାହୁ, ପ୍ରିତି ମେହେର, ସଙ୍ଗୀତା କ୍ଷେତି, ମାନସୀ ସାହୁ, ବର୍ଷାରାଣୀ ତ୍ରିପାଠୀ, ପ୍ରିୟଦର୍ଶନୀ ବର୍ଷାରଶରୀ ପଣ୍ଡା, ସ୍ନେହା ରଥ, ରୁବିନା ସାହୁ ଓ ସୋନାଲି ଜଗଦଲା କୃତିତ୍ୱ ହାସଲ କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ଭୋଇ ସଭା ସଂଯୋଜନା କରିଥିଲେ। ଶିକ୍ଷକ ସୁଶିଲ ଗାଇଗରିଆ, ପଦ୍ମନାଭ ନନ୍ଦ, ବାସୁଦେବ ବିଶି, ଲୋକନାଥ ଠେଲା, କ୍ଷିରୋଦ୍ର ନନ୍ଦ, ରିଙ୍କୁରଞ୍ଜନ ଭୁଏ, ବିଶ୍ୱନାଥ ଡାଙ୍ଗ, ସୁଶାନ୍ତ ମଲ୍ଲିକ ଓ ପ୍ରମୋଦ ମଲ୍ଲିକ ଗଙ୍ଗାଧରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

### ବେଦ ପ୍ରଚାର ସମିତି ପକ୍ଷରୁ ବେଦଯଜ୍ଞ କାର୍ଯ୍ୟକ୍ରମ

**ସୋନପୁର,୨୫।୮(ନି.ପ୍ର.):** ବେଦ ପ୍ରଚାର ସମିତି ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ଶୃତି ନ୍ୟାସର ଅଧ୍ୟକ୍ଷ ସୁଧାନନ୍ଦ ସରସ୍ୱତୀଙ୍କ ବେଦଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ଯୋଗଦେଇ ମାନବିକତା ଅଭାବରୁ ଆଜି ଆମ ବୃଦ୍ଧ ମାତାପିତାମାନେ ଘରେ ଘରେ ଅବହେଳିତ। ତେଣୁ ଜରାନିବାସ ସଂଖ୍ୟା ବୃଦ୍ଧି ପାଇ ଚାଲିଛି ବୋଲି କହିଥିଲେ। ସେହିପରି ପରିବେଶ ସନ୍ତୁଳିତ ରହିଲେ ହିଁ ମଣିଷ ଶାନ୍ତିରେ ରହିପାରିବ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ସେ ସୋନପୁର ବ୍ଲକ ସାଗରପାଲିସ୍ଥିତ ଗଙ୍ଗାଧର ମେହେର ହାଇସ୍କୁଲ, ଖମ୍ବେଶ୍ୱରୀପାଲି ସ୍ଥିତ ମା' ମାହେଶ୍ୱରୀ କଲେଜ, ପିପିଲିପାଲିସ୍ଥିତ ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନ, ଶ୍ରୀରାମ ମହାବିଦ୍ୟାଳୟ ରାମପୁର, ପଞ୍ଚାୟତ ହାଇସ୍କୁଲ ମାୟାବାର୍ହା ଓ ହରଡଖୋଲ ହାଇସ୍କୁଲରେ ବେଦ ପ୍ରବଚନ ଦେଇଥିଲେ। ଏଥିରେ ଜିଲା ସଞ୍ଚାଳକ ପଙ୍କଜ ମେହେର, ବୈଦ୍ୟନାଥ ଜାଲ, ବିରଞ୍ଚି ନାରାୟଣ ଆର୍ଯ୍ୟ, ରାଜେନ୍ଦ୍ର ଗରିଆ, ରାଧେଶ୍ୟାମ ତ୍ରିପାଠୀ, ସୁଦାମ ଚରଣ ହୋତା, ସରୋଜ ମିଶ୍ର, କାର୍ତ୍ତିକ ମେହେର ପ୍ରମୁଖଙ୍କ ସହ ମହିଳା ବର୍ଗରୁ ପୁଷ୍ପାଞ୍ଜଳି ମେହେର, ପ୍ରଜ୍ଞା ମେହେର, କଲ୍ୟାଣି ଜାଲ, ପ୍ରଣତି ରାଜେଶ୍ୱରୀ ନାୟକ ଓ କମଳିନୀ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

### ଦି ହାଉସ ଅଫ ଏଲଡର୍ସର ଜିଲାସ୍ତରୀୟ ବୈଠକ

**ସୋନପୁର,୨୫।୮(ନି.ପ୍ର.):** ସୁବର୍ଣ୍ଣପୁର ଜିଲା ବରିଷ୍ଠ ନାଗରିକଙ୍କ ସଂଘ ଦି ହାଉସ ଅଫ ଏଲଡର୍ସର ଜିଲାସ୍ତରୀୟ ବୈଠକ ଅନୁଷ୍ଠାନର ସଭାପତି ବ୍ରଜ ମୋହନ ଦାନୀଙ୍କ ସଭାପତିତ୍ୱରେ ରେଆର କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସାଧାରଣ ସମ୍ପାଦକ ଗୌରିଶ୍ୟାମ ପଣ୍ଡା ସମସ୍ତ ବରିଷ୍ଠ ସଦସ୍ୟଙ୍କୁ ସ୍ୱାଗତ କରି ଅଣସଂଗଠିତ ବରିଷ୍ଠ ନାଗରିକମାନଙ୍କୁ ଏକାଠି କରିବା ତଥା ଗ୍ରାମାଞ୍ଚଳରେ ସେମାନଙ୍କ ଅଧିକାର ଓ ପ୍ରାପ୍ୟକୁ ନିଶ୍ଚିତ କରିବା ମୁଖ୍ୟ ଲକ୍ଷ୍ୟ ବୋଲି କହିଥିଲେ। ସାମାଜିକ ସୁରକ୍ଷା ଦାବି ଯଥା ବାର୍ଦ୍ଧକ୍ୟ ଭତ୍ତା, ଯାନବାହାନରେ ସ୍ଥାନ ସଂରକ୍ଷଣ, ସ୍ୱାସ୍ଥ୍ୟ ସୁରକ୍ଷାରେ ପ୍ରାଥମିକତା ସମ୍ପର୍କରେ ଆଲୋଚନା ସହ ଏହାର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା। ସବୁ ଗ୍ରାମରେ ଥିବା ବରିଷ୍ଠ ନାଗରିକଙ୍କୁ ସେମାନଙ୍କ ଅଧିକାର ଓ ପ୍ରାପ୍ୟ ପହଞ୍ଚାଇବା ପାଇଁ ବ୍ଲକସ୍ତରରେ ଥିବା ସଂଗଠନ ମାଧମରେ ପଞ୍ଚାୟତସ୍ତରୀୟ ନୋଡାଲ ପ୍ରତିନିଧି ଚୟନ, ନୋଡାଲ ପ୍ରତିନିଧିଙ୍କୁ ନେଇ ବ୍ଲକସ୍ତରରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ଏବଂ ପଞ୍ଚାୟତ ତଥା ବ୍ଲକସ୍ତରରେ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆବେଦନ କରିଥିବା ବ୍ୟକ୍ତିଙ୍କ ତାଲିକା ସଂଗ୍ରହ ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ବରିଷ୍ଠ ନାଗରିକ ସୁଦର୍ଶନ ତରିଆ, ସତ୍ୟନାରାୟଣ ମହାନ୍ତି, ଅକ୍ଷୟ କୁମାର ବାଘ, ବିନୋଦ ବିହାରୀ ଠାକୁର, ଜୟପ୍ରକାଶ ନାରାୟଣ ସାହୁ, ହରିବନ୍ଧୁ ପାଣିଗ୍ରାହୀ, ବିଚିତ୍ର କୁମାର ସାହୁ, ନବୀନ ରଣା ଓ ତପନ ଯୁଆଡି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

■ ଅଙ୍ଗନୱାଡି ସହାୟିକା ଚୟନକୁ ନେଇ ବିବାଦ

# ୪ଦିନ ହେଲା କେନ୍ଦ୍ରରେ ତାଲା ଝୁଲୁଛି

**ବିନିକା,୨୫।୮(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ନକଟାମୁଣ୍ଡା ଗ୍ରାମ ଅଙ୍ଗନୱାଡି କେନ୍ଦ୍ର ଫାଟକରେ ଗତ ଚାରିଦିନ ହେଲା ତାଲା ଝୁଲୁଛି। ଏଥିଯୋଗୁ କେନ୍ଦ୍ରରେ ଥିବା ୧୮ଜଣ ଶିଶୁଙ୍କର ପ୍ରିକ୍ଲାସ ବନ୍ଦ ହୋଇଯାଇଛି । ଗତ ଜୁଲାଇ ୭ ତାରିଖ ଦିନ କେନ୍ଦ୍ରରେ କାର୍ଯ୍ୟରତ ସହାୟିକା ସାବିତ୍ରୀ ମେହେରଙ୍କ ମୃତ୍ୟୁ ହୋଇଥିଲା। କାର୍ଯ୍ୟରତ ସହାୟିକାଙ୍କ ମୃତ୍ୟୁ ପରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତିରେ ସମସ୍ୟା ହେବାରୁ ନୂତନ ନିଯୁକ୍ତି ପାଇଁ ଅଙ୍ଗନୱାଡି କର୍ମୀ ବ୍ଲକ ସମନ୍ୱିତ ଶିଶୁ ବିଭାଗକୁ ଜଣାଇଥିଲେ। ନୂତନ ନିଯୁକ୍ତି ପାଇଁ ଅଗଷ୍ଟ ୧୬ତାରିଖ ଦିନ ସିଡିପିଓ ଶୁଭାଗିନୀ ହରିପାଲ ଓ ସୁପରଭାଇଜର ଇଳାବତୀ ଭୂଏ କେନ୍ଦ୍ରକୁ ଆସି ଇଛୁକ ରାଜକୁମାରୀ ମେହେର, ସବିତା ମେହେର ଓ ଇଷା କାଲ୍‌ସେଙ୍କ ନିକଟରୁ ଆବେଦନ ପତ୍ର ସଂଗ୍ରହ କରିଥିଲେ। ଅଗଷ୍ଟ ୨୧ରେ ସହାୟିକା ପଦବୀ ପାଇଁ ନକଟାମୁଣ୍ଡା ଗାଁ କଲ୍ୟାଣ ସମିତି ସଭ୍ୟାମାନଙ୍କ ଚୟନ ସଂକ୍ରାନ୍ତୀୟ ରେଜିଷ୍ଟରରେ ଦସ୍ତଖତ ସଂଗ୍ରହ କରି ସର୍ବସମ୍ମତିକ୍ରମେ ଯୋଗ୍ୟ ପ୍ରାର୍ଥିନୀଙ୍କ ନାମ ଘୋଷଣା କରାଯାଇଥିଲା। ମାତ୍ର ଏହି ଚୟନରେ ଅନ୍ୟ ୨ ଆବେଦନକାରୀଙ୍କ ସମର୍ଥକମାନେ ଅସନ୍ତୁଷ୍ଟ ହୋଇ ହୋହଲ୍ଲା କରିଥିଲେ। ଏଥିଯୋଗୁ ପୁଣିଥରେ କେନ୍ଦ୍ରରେ ଉପସ୍ଥିତ ଗାଁ କଲ୍ୟାଣ ସମିତି ଓ ଗାଁର ମହିଳାମାନଙ୍କ ଦ୍ୱାରା ଯୋଗ୍ୟ ସହାୟିକା ଚୟନ ନିମନ୍ତେ ଭୋଟ୍ ଗ୍ରହଣ ହୋଇଥିଲା। ପୂର୍ବରୁ ଚୟନ ହୋଇଥିବା ପ୍ରାର୍ଥିନୀଙ୍କ ସପକ୍ଷରେ ପୁଣି ଥରେ ସେମାନେ ମତ ଦେଇଥିଲେ। ସାନି ଘୋଷଣା ପରେ ଚୟନରୁ ବଞ୍ଚିତ ଆବେଦନକାରିଣୀଙ୍କ ସମର୍ଥକମାନେ ଗଣ୍ଡଗୋଳ କରିଥିଲେ। ଗଣ୍ଡଗୋଳ ହେବାରୁ କେନ୍ଦ୍ରରେ ସହାୟିକ ପଦବୀ ଚୟନ କାର୍ଯ୍ୟକୁ ବନ୍ଦ କରିଦେଇ ସିଡିପିଓ, ସୁପରଭାଇଜର ସ୍ଥାନ ଛାଡି ଚାଲି ଯାଇଥିଲେ । ପରେ କର୍ମୀ ସାନ୍ତ୍ୱନା ମେହେର କେନ୍ଦ୍ରରେ ତାଲା ପକାଇ ଘରକୁ ଫେରୁଥିବା ବେଳେ ଗାଁର ଦୁଇଜଣ ତାଙ୍କଠାରୁ ଚାବି ଛଡାଇ ନେଇ ଯାଇଥିଲେ। ସେହିଦିନଠାରୁ କେନ୍ଦ୍ର ଫାଟକରେ ତାଲା ପଡିଛି। ଏ ନେଇ ସଡିପିଓ ହରିପାଲଙ୍କୁ ପଚାରିବାରୁ ପୋଲିସ୍‌ର ହସ୍ତକ୍ଷେପ ଲୋଡାଯାଇ ଅଙ୍ଗନୱାଡି ଫାଟକରୁ ତାଲା ଖୋଲାଯିବ। ଏଥିସହିତ ଯଥାଶୀଘ୍ର ନୂତନ ସହାୟିକା ନିଯୁକ୍ତି ଦିଆଯିବ ବୋଲି ସେ କହିଛନ୍ତି।




ଅଙ୍ଗନୱାଡି କେନ୍ଦ୍ର ଫାଟକରେ ତାଲା ଝୁଲୁଛି।



ମେଟାକାନୀ ପୀଠରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଆଦିବାସୀମାନେ।

## ଆଦିବାସୀ କଲ୍ୟାଣ ସଂଘ ବୈଠକ

**ଉଲୁଣ୍ଡା, ୨୫।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମା' ମେଟାକାନୀ ପୀଠରେ ସୁବର୍ଣ୍ଣପୁର ଜିଲା ଆଦିବାସୀ କଲ୍ୟାଣ ସଂଘର ଏକ ଜରୁରୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଉଲୁଣ୍ଡା ବ୍ଲକ ଶାଖା ତରଫରୁ ହୋଇଥିବା ଏହି ବୈଠକରେ ଜିଲା ସଭାପତି ଯୋଗେନ୍ଦ୍ର ଭୋଇ ସଭାପତିତ୍ୱ କରିଥିଲେ। ଉଲୁଣ୍ଡା ବ୍ଲକ କାର୍ଯ୍ୟକାରୀ ସଭାପତି ନନ୍ଦନ ବାରିକଙ୍କ ଆହ୍ୱାନରେ ହୋଇଥିବା ଏହି ବୈଠକରେ ଶତାଧିକ ଆଦିବାସୀ ଯୋଗଦେଇଥିଲେ। ସମ୍ପ୍ରତି ଆଦିବାସୀମାନଙ୍କ ଉପରେ ହେଉଥିବା ଅନ୍ୟାୟକୁ ବରଦାସ୍ତ କରାଯିବ ନାହିଁ ବୋଲି ଆଦିବାସୀମାନେ ପ୍ରକାଶ କରିଥିଲେ। ଏହା ସହ ଆଗାମୀ ଦିନରେ ଏକ ଶୋଭାଯାତ୍ରା ସହ ୧୬ ଦଫାର ଦାବିପତ୍ର ନେଇ ଉଲୁଣ୍ଡା ତହସିଲଦାରଙ୍କ ଜରିଆରେ ସରକାରଙ୍କୁ ପଠାଯିବାର ପ୍ରସ୍ତାବ ଗୃହୀତ କରାଯାଇଛି। ଏହି ବୈଠକରେ ଜିଲା ଉପସଭାପତି ଗୁପ୍ତେଶ୍ୱର ମଲ୍ଲିକ, ଜିଲା ଗଣ୍ଡ ସଭାପତି ଜଗନ୍ନାଥ ଭୋଇ, ମୁଖ୍ୟ ଉପଦେଷ୍ଟା ଗଣ୍ଡାରାମ ହାତୀଖୁଜିଆ, ଶ୍ୟାମସୁନ୍ଦର ଭୋଇ, ଯୁବରାଜ ସିଂ ବରିହା, ବିରଞ୍ଚି କୁଅଁର, ଅଚ୍ୟୁତ ପଧାନ, ଜୟକୃଷ୍ଣ ମାଝୀ, ଦୟାନିଧି ପଧାନ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ବହୁ ଆଦିବାସୀ ଯୋଗଦାନ କରିଥିଲେ।




ବ୍ରାହ୍ମଣ ପରିଷଦ ବୈଠକରେ ଯୋଗଦେଇଥିବା ସମାଜର ସଦସ୍ୟମାନେ।

■ ବୈଦିକ ବ୍ରାହ୍ମଣ ପରିଷଦ ବୈଠକ

## ଏକତା ବଜାୟ ରଖିବାକୁ ଆହ୍ୱାନ

**ଉଲୁଣ୍ଡା, ୨୫।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସିଣ୍ଢୋଲ ଗ୍ରାମ ଗୋବର୍ଦ୍ଧନ ପୀଠ ପ୍ରାଙ୍ଗଣରେ ରବିବାର ବୈଦିକ ଓଡିଶା ବ୍ରାହ୍ମଣ ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲା ଶାଖା ପ୍ରଭାରୀ ସଦାନନ୍ଦ ପାଣ୍ଡିଆଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଶାଖ ଅଧ୍ୟକ୍ଷ ପଣ୍ଡିତ ସତ୍ୟବ୍ରତ ହୋତା ଅଧ୍ୟକ୍ଷତା କରି ମହାସଂସ୍ଥାର କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ବିଶେଷ କରି ସମାଜର ସୁବିଧା, ଅସୁବିଧା ଉପରେ ଆଲୋଚନା କରାଯାଇ ବ୍ରାହ୍ମଣ ଏକତା ବଜାୟ ରଖିବାକୁ ଆହ୍ୱାନ ଦିଆଯାଇଥିଲା। ଏହା ସହ କାର୍ଯ୍ୟକାରିଣୀ ସଭ୍ୟ ସଂଗ୍ରହ ଓ କର୍ମକର୍ତ୍ତା ନିର୍ବାଚନ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଜିଲା ମହାସଚିବ ରାଧେଶ୍ୟାମ ପୁରୋହିତ, ଉପାଧ୍ୟକ୍ଷ ସଚ୍ଚିଦାନନ୍ଦ ଦାଶ, ବିଜୟ କୁମାର ମିଶ୍ର, ରଘୁନାଥ ମିଶ୍ର, ରାମାନୁଜ ପୂଜାହାରୀ, ରାଜେନ୍ଦ୍ର ମହାପାତ୍ର, ଆନନ୍ଦ ପୂଜାହାରୀ, ଜନ୍ମେଜୟ ନାୟକ, ଉପେନ୍ଦ୍ର ଚାନ୍ଦଙ୍କ ସମେତ ବହୁ ବ୍ରାହ୍ମଣ ଯୋଗଦେଇଥିଲେ। ଏହି ଅବସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଶେଷରେ ସୁବାଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବନସୁରକ୍ଷା ସମିତି ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ଉଲୁଣ୍ଡା, ୨୫।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଜଉଁରାଭଉଁରା ପଞ୍ଚାୟତ ହାତିପାହୁଲ ବନ ସୁରକ୍ଷା ସମିତି ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁଧାଂଶୁ ଶେଖର ପର୍ଡିଆଙ୍କ ଅଧ୍ୟକ୍ଷତାକ୍ରମେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୱାର୍ଡସଭ୍ୟ ବାଙ୍କବିହାରୀ ମିର୍ଦ୍ଧା, ବନସୁରକ୍ଷା ସମିତିର ଉପସଭାପତି ହରିପ୍ରିୟା ମିର୍ଦ୍ଧା, ଉଲୁଣ୍ଡା ବନାଞ୍ଚଳର ସଂଯୋଜକ ପଦ୍ମଲୋଚନ ଯୋଶୀ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ବୃକ୍ଷରୋପଣର ଆବଶ୍ୟକତା ଉପରେ ସଚେତନ କରିବା ସହିତ ପ୍ରତ୍ୟେକ ପରିବାର ପକ୍ଷରୁ ଅନ୍ତତଃ ଗୋଟିଏ ଚାରା ରୋପଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ଚାରରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆନିମେଟର ସଂଯୁକ୍ତା ଭୋଏ, ଜଉଁରାଭଉଁରା ପଞ୍ଚାୟତ ବିଜୁ ଯୁବ ବାହିନୀ ସଦସ୍ୟ କୁନୁ ମିର୍ଦ୍ଧା, ଭରତ ଷାଣ୍ଡ, ଗୌତମ ବଗର୍ତ୍ତୀ, ସାନ୍ତନୁ କୁମାର ପର୍ଡିଆ, ହିମାଂଶୁ ଭୂଷଣ ପର୍ଡିଆ, ମହାଦେବ କତୁଆ, ବିଶ୍ୱଜିତ ଛନ୍ଦ, ବୀରବର ଷାଣ୍ଢ, ଗୋପାବାଲି ଭୁଏ ଏବଂ ହାତୀପାହୁଲ ଗ୍ରାମର ସୁଦର୍ଶନ ଭୁଏ, ସରୋଜ ମିର୍ଦ୍ଧା, ନେତ୍ର ଭୁଏ, ଶୋଭରାଜ ଜଗଦଲାଙ୍କ ସମେତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇଥିଲେ। ସେହିପରି ଜଉଁରାଭଉଁରା ପଞ୍ଚାୟତ ବିଜୁ ଯୁବ ବାହିନୀ ତରଫରୁ ମଧ୍ୟ ବୃକ୍ଷରୋପଣ କରାଯାଇଛି।

## ପାରମ୍ପରିକ ଟେରାକୋଟା ଚିତ୍ରାଙ୍କନ ପ୍ରତିଯୋଗିତା

**ସୋନପୁର,୨୫।୮(ନି.ପ୍ର.)**

ଆସନ୍ତା ଭାଦ୍ରବ ଅମାବାସ୍ୟା ୩୦ତାରିଖ ସୁବର୍ଣ୍ଣପୁରର ପ୍ରସିଦ୍ଧ ଲଙ୍କାପୋଡି ମହୋତ୍ସବ। ଏହି ପରିପ୍ରେକ୍ଷୀରେ ପାରମ୍ପରିକ ଟେରାକୋଟା ଚିତ୍ରାଙ୍କନ ପ୍ରତିଯୋଗିତା ସ୍ଥାନୀୟ ଭୀମଭୋଇ କଳାମଣ୍ଡପଠାରେ ରବିବାର ଆୟୋଜିତ ହୋଇଯାଇଛି। ଏଥିରେ ସହରର ୧୧ଟି ବିଦ୍ୟାଳୟର ମୋଟ ୮୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମହୋତ୍ସବ କମିଟି ମୁଖ୍ୟ ଆୟୋଜକ ଶ୍ୟାମା ଓଁ ପ୍ରସାଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାକୁ ମନୋଜ ବାରିକ ଓ ଗୌରିଶଙ୍କର ଦଣ୍ଡସେନା ପରିଚାଳନା କରିଥିଲେ। ଦୁଇଟି ଗ୍ରୁପ୍‌ରେ ବିଭକ୍ତ ୧ରୁ ୫ମ ଶ୍ରେଣୀ ଓ ୬ରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଲଙ୍କାପୋଡି ମହୋତ୍ସବ ପାଳନ ଅବସରରେ ପୁରସ୍କୃତ କରାଯିବ ବୋଲି କମିଟି ପକ୍ଷରୁ ଘୋଷଣା କରାଯାଇଛି। ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ଆଇଡିଆଲ ପବ୍ଲିକ ସ୍କୁଲର ଏ. ରଚନା ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରୋହନ ମହାଲିକ ଦ୍ୱିତୀୟ ଓ ଆଇଡିଆଲ ପବ୍ଲିକ ସ୍କୁଲର ତନୁଶ୍ରୀ ମେହେର ଏବଂ ସାହାରା ଟ୍ରଷ୍ଟ ହାଇସ୍କୁଲର ଅଭିଶେକ ମେହେର ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । କନିଷ୍ଠ ବିଭାଗରେ ଆଇଡିଆଲ ପବ୍ଲିକ ସ୍କୁଲର ଗାୟତ୍ରୀ ଛୁରିଆ ପ୍ରଥମ, ଏ.ସ୍ପନ୍ଦନ ଦ୍ୱିତୀୟ, ସେଣ୍ଟ ଆନି କନଭେଣ୍ଟ ସ୍କୁଲର ମନନ କୁମାର ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ମୋହିତ ତ୍ରିପାଠୀ ବିଶେଷ ବିଚାରକ ପୁରସ୍କାର ଲାଭ କରିଛନ୍ତି।



ଛାତ୍ରୀଛାତ୍ରମାନେ ଟେରାକୋଟା ଚିତ୍ର ଅଙ୍କନ କରୁଛନ୍ତି ।

## ଗୋଟିଏ ଦିନରେ ୧୦ହଜାର ବୃକ୍ଷରୋପଣ



ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ଏସଏଚଜି ମହିଳା।

**ବିନିକା,୨୫।୮(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍‌ରେ ରବିବାର ଗୋଟିଏ ଦିନରେ ୧୦ହଜାର ବୃକ୍ଷରୋପଣ ହୋଇଛି । ବ୍ଲକ ଅନ୍ତର୍ଗତ ୧୬ପଞ୍ଚାୟତର ଜନ ପ୍ରତିନିଧି, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏଥିରେ ସାମିଲ ହୋଇଥଇଲେ। ପଞ୍ଚାୟତ କାର୍ଯ୍ୟାଳୟ, ଖେଳପଡିଆ ଓ ରାସ୍ତକଡରେ ବ୍ୟାପକ ମାତ୍ରାରେ ଚାରା ରୋପଣ କରାଯାଇଥିଲା। ଏହି ସାମୂହିକ କାର୍ଯ୍ୟକ୍ରମରେ ସାମିଲ ହୋଇ ବିନିକାର ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟର କର୍ମଚାରୀମାନେ ମଧ ବ୍ୟାପକ ମାତ୍ରାରେ ବୃକ୍ଷରୋପଣ କରିଥିଲେ। ବିନିକା ରେଞ୍ଜର ପ୍ରେମରାଜ ଧରୁଆଙ୍କ ସୂଚନା ମତେ ବିନିକା ବନ ବିଭାଗ ପକ୍ଷରୁ ରବିବାର ବୃକ୍ଷରୋପଣ ପାଇଁ ସମସ୍ତ ୧୬ ପଞ୍ଚାୟତକୁ ପାଞ୍ଚ ହଜାର ଓ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନକୁ ୫ହଜାର ଚାରା ଯୋଗାଇ ଦିଆଯାଇଥିଲା। ବାବୁପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଚନ୍ଦ୍ର କୁମାର ମହାପାତ୍ର ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ବର ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାରାରୋପଣ କରାଯାଇଥିଲା। ଏଥିରେ ଶିକ୍ଷକ ବ୍ରଜମୋହନ ବଡପଣ୍ଡା, ସୁଧାଂଶୁ ବଡପଣ୍ଡା, ଜିଆର୍‌ଏସ୍ ଜ୍ଞାନଚାନ୍ଦ ମହାପାତ୍ର, ଏସ୍‌ଏଚ୍‌ଜି ମହିଳାମାନେ ସାମିଲ ହୋଇଥିଲେ। ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ସ୍କୁଲ, ଖେଳପଡିଆ ଓ ରାସ୍ତାପାର୍ଶ୍ୱରେ ବୃକ୍ଷରୋପଣ କରିଥିଲେ।

## ଗଙ୍ଗାଧର ସାହିତ୍ୟରେ ଦାର୍ଶନିକ ବିଚାର ଶୀର୍ଷକ ଆଲୋଚନାଚକ୍ର

**ଡୁଙ୍ଗୁରିପାଲି, ୨୫।୮(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଗୃହରେ ଗଙ୍ଗାଧର ସାହିତ୍ୟରେ ଦାର୍ଶନିକ ବିଚାର ଶୀର୍ଷକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅଧାପକ କିଶୋର ଚନ୍ଦ୍ର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରେଶମ ମହାବିଦ୍ୟାଳୟ ଅଧକ୍ଷ ପୁରନ୍ଦର ନନ୍ଦ, ସମ୍ମାନିତ ଅତିଥିଭାବେ ଶ୍ରୀରାମ ମହାବିଦ୍ୟାଳୟ ଓଡିଆ ବିଭାଗର ଅଧାପକ ଡକ୍ଟର ଲିଙ୍ଗରାଜ ସାହୁ ଯୋଗ ଦେଇଥିଲେ । ମୁଖ୍ୟବକ୍ତାଭାବେ ବରପାଲି ମହାବିଦ୍ୟାଳୟର ଓଡିଆ ବିଭାଗର ଅଧାପକ ଡକ୍ଟର ଉତ୍ତର କୁମାର ଗଡତିଆ କବିଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ । ଦ୍ୱିତୀୟ ଅଧିବେଶନରେ ଗଙ୍ଗାଧର ସହିତ୍ୟ ଆଶାର କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ସୁରେଶ କୁମାର ପଧାନ, ମୁଖ୍ୟବକ୍ତା ସତଲମା ମହାବିଦ୍ୟାଳୟ ଅଧକ୍ଷ ଲିଙ୍ଗରାଜ ବେହେରା ଯୋଗ ଦେଇଥିଲେ । ଭିକାରୀ ଚରଣ ପଧାନଙ୍କ ଅଧକ୍ଷତାରେ ୩୦ ଜଣ କବି ଗଙ୍ଗାଧର ମେହେରଙ୍କ ଜୀବନୀ ଆଧାରିତ କବିତା ପାଠ କରିଥିଲେ। ପିତାମ୍ବର ଗୁରୁ ସାରସ୍ୱତ ସମ୍ମାନ ବାଳକୃଷ୍ଣ ମହାନନ୍ଦଙ୍କୁ, କବି ଗଙ୍ଗାଧର ମେହେର ପ୍ରତିଭା ସମ୍ମାନ କବି ବୀରବର ବିଶ୍ୱାଳ, ଆଶୀଷ କୁମାର ପଧାନ ଓ ପ୍ରତିମା ସାହୁଙ୍କୁ ପ୍ରଦାନ କରାଯାଇଥିଲା । ଜୁଏହୁଲା ତରଫରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ବୀରମହାରାଜପୁର ଉପଖଣ୍ଡରେ ସମୂହ ବୃକ୍ଷରୋପଣ

**ଅମରପାଲି, ୨୫।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡରେ ରବିବାର ସମୂହ ବୃକ୍ଷରୋପଣ କରାଯାଇଛି। ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ସମସ୍ତ ପଞ୍ଚାୟତ, ସ୍କୁଲ, କଲେଜ ଏଥିରେ ସାମିଲ ହୋଇ ବୃକ୍ଷରୋପଣ କରିଥିଲେ। ଉପକଣ୍ଠର କଳାପଥର କଲେଜରେ ରେଡକ୍ରସ ଓ ଏନଏସଏସର ମିଳିତ ଆନୁକୂଲ୍ୟରେ ବୃକ୍ଷରୋପଣ କରାଯାଇଥିଲା। କଲେଜ ଅଧକ୍ଷ ଶ୍ରୀକାନ୍ତ ପ୍ରଧାନ ଛାତ୍ରୀଛାତ୍ରମାନଙ୍କୁ ବୃକ୍ଷରୋପଣର ଗୁରୁତ୍ୱ ଓ ଉପକାରିତା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ପ୍ରତ୍ୟେକ ଜୀବନକାଳ ମଧରେ ଅନୁନ୍ୟ ୧୦ରୁ ଉର୍ଦ୍ଧ୍ୱ ଗଛ ଲଗାଇବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ଏହାପରେ କଲେଜ ପରିସର ଓ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ରେଡକ୍ରସ କାଉନସିଲର କିଶୋର ସାହୁ, ପ୍ରତିମା ବାରିକ, ଦେବଜାନୀ ମେଶୁଆ, ଶଶାଙ୍କଶେଖର ସୁଆର, ଶାନ୍ତନୁ ପ୍ରଧାନ, ସଞ୍ଜୟ କର୍ଣ୍ଣ, ଶିବବ୍ରତ କର୍ଣ୍ଣ, କରୁଣାକର ପଧାନ, ଚିତ୍ତରଞ୍ଜନ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବୀରମହାରାଜପୁର କଲେଜରେ ଜିଲା ଆଇନ ପ୍ରାଧିକରଣ ସେବା ସମିତିର ଆହ୍ୱାନକ୍ରମେ ବୃକ୍ଷରୋପଣ କରାଯାଇଥିଲା। କଲେଜ ଅଧକ୍ଷ ମୁରଲୀଧର ହୋତାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନସିସି କ୍ୟାଡେଟ, ରେଡକ୍ରସ ଓ ଜାତୀୟ ସେବା ସଂସ୍ଥାର ସ୍ୱେଚ୍ଛାସେବକମାନେ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ବୀରମହାରାଜପୁର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବନିତା ଦାସ ଏହି କାର୍ଯ୍ୟକ୍ରମ ପରିଦର୍ଶନ କରି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ସ୍ଥାନୀୟ ପୂର୍ତ୍ତ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବୀରମହାରାଜପୁରଠାରୁ ସୁବଲୟା ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କରାଯାଇଥିଲା। ଏଥିରେ ସ୍ଥାନୀୟ ଏସଡିପିଓ ଧିରୋଜ ଚୌପଦାର ମୁଖ୍ୟଅତିଥି ଏବଂ ଅବସରପ୍ରାପ୍ତ ଶିକ୍ଷକ ଭଗବାନ ମିଶ୍ର ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ମେଘନାଦ ଭୋଇ, ସ୍ୱେଚ୍ଛାସେବୀ ଶିବ ଶତପଥୀ, ଅଶ୍ୱିନୀ ମହାକୁଡ, ମଧୁସୂଦନ ପଣ୍ଡା, ଶ୍ୟାମ ମହାରଣା, କାହ୍ନୁ ମେହେର ପ୍ରମୁଖ ଅଂଶଗ୍ରହଣ କରି ୫ଶହ ଚାରାରୋପଣ କରିଥିଲେ। ଉପାନ୍ତ ଅମରପାଲି ହାଇସ୍କୁଲ ପକ୍ଷରୁ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ହୋଇଥିଲା। ସମସ୍ତ ଶିକ୍ଷକ ଓ ଛାତ୍ରୀଛାତ୍ର ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ନିମ୍ବ, ଜାମୁ, ଶିଶୁ, ଅଁଳା, କାଞ୍ଚନ ଆଦି ବୃକ୍ଷରୋପଣ କରିଥିଲେ। ବୀରମହାରାଜପୁର ରେଞ୍ଜ ପକ୍ଷରୁ ଚାରା ବଣ୍ଟନ କରାଯାଇଥିଲା। ସମସ୍ତ ଏସଏଚଜି ଦଳ ମଧ ସକ୍ରିୟ ଭୂମିକା ଗ୍ରହଣ କରି ବୃକ୍ଷରୋପଣ କରିଥିଲେ ।




କଳାପଥର କଲେଜରେ ବୃକ୍ଷରୋପଣ ।

## ଫଟୋରେ ଖବର



ସୁବର୍ଣ୍ଣପୁର ଜିଲା ତରଭାରେ ରବିବାର ବୃକ୍ଷରୋପଣ କରାଯାଉଛି ।

## ସଂକ୍ଷେପରେ

### ଦାଦି ପ୍ରକାଶମଣୀ ଜୀଙ୍କ ୧୨ତମ ସ୍ମୃତି ଦିବସ

ବୌଦ୍ଧ,୨୫।୮(ସ୍ୱ.ପ୍ର)

ବୌଦ୍ଧ ପ୍ରଜାପତି ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଦିବ୍ୟପ୍ରକାଶ ଭବନ ଠାରେ ରବିବାର ଦାଦି ପ୍ରକାଶମଣୀ ଜୀଙ୍କ ୧୨ତମ ସ୍ମୃତି ଦିବସ ପାଳିତ ହୋଇଯାଇଛି । ଇଶ୍ୱରୀୟ ବିଦ୍ୟାଳୟର ମାମିନା ଉଭଣୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅତିଥି ଭାବେ ଜିଲା ଓକିଲ ସଂଘର ପୂର୍ବତନ ସଭାପତି ନବ କୁମାର ମିଶ୍ର ଯୋଗ ଦେଇଥିଲେ । ସରୋଜ ଭାଇନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅତିଥି ଓ ଅନ୍ୟମାନେ ଦାଦି ପ୍ରକାଶମଣୀଜୀଙ୍କ ସ୍ମୃତିଚାରଣ କରିଥିଲେ ।

# ଆର୍‌ଆଇ ଅଫିସ ଉଦ୍‌ଘାଟିତ, ଭତ୍ତା ବଣ୍ଟନ

ଗାଇସିଲେଟ,୨୫।୮(ଡି.ଏନ.ଏ)

ଗାଇସିଲେଟ ବ୍ଲକରେ ରାଜସ୍ୱ ନିରୀକ୍ଷକ ଅଫିସ୍‌କୁ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ହିତାଧିକାରୀଙ୍କୁ ଭତ୍ତା ଓଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି ।

ଗାଇସିଲେଟ ବ୍ଲକରେ କେବଳ ଗୋଟିଏ ମାତ୍ର ଆର୍‌ଆଇ ଅଫିସ ଅଧୀନରେ ୧୦୨ ଖଣ୍ଡ ମୌଜାର ଜମିଜମା, ମାଲଗୁଜାରୀ, ବିଭିନ୍ନ ପ୍ରମାଣପତ୍ର କାମ ହେଉଥିବାରୁ ଅସୁବିଧା ହେଉଥିଲା । ଫଳରେ ଏଠାରେ ଆଉ ୩ଟି ଆର୍‌ଆଇ ଅଫିସ୍ ଖୋଲିବା ପାଇଁ ଅଞ୍ଚଳବାସୀ ଦୀର୍ଘଦିନ ଧରି ଦାବି କରିଆସୁଥିଲେ । ରବିବାର ମନ୍ତ୍ରୀ ସିଂ ତାଲପାଲି, ଡାଙ୍ଗବାହାଲଠାରେ ଆର୍‌ଆଇ ଅଫିସକୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ୨୭୪ଜଣଙ୍କୁ ଭତ୍ତା, ୧୮୦୮ଟି ଆବାସ ଯୋଜନା କାର୍ଯ୍ୟାଦେଶ ଓ ୪ଜଣ ଦିବ୍ୟାଙ୍ଗଙ୍କୁ ତିନିଚକିଆ ସାଇକେଲ ବଣ୍ଟନ କରାଯାଇଥିଲା । ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୁଆନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟିକା ରୀତା ସାହୁଙ୍କ ସମେତ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ତହସିଲଦାର, ବିଡିଓ, ଜିଲା ପରିଷଦ ଉପାଧ୍ୟକ୍ଷ ପ୍ରମୁଖ ମଞ୍ଚାସୀନ ଥିଲେ । ଡବ୍ଲ୍ୟୁଇଓ ସଂଯୁକ୍ତା ମାଝୀ ମଞ୍ଚ ପରିଚାଳନା କରିଥିଲେ ।




ମନ୍ତ୍ରୀ ହିତାଧିକାରୀଙ୍କୁ ଭତ୍ତା, କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି ।

# ଶ୍ରଦ୍ଧାଞ୍ଜଳି ସଭାରେ ସ୍ମୃତିଚାରଣ

ବରଗଡ଼ ଅଫିସ୍/ଭେଡ଼େନ ,୨୫।୮

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ କୁଶନପୁରୀ ଗ୍ରାମର ଖବରଦାତା ସ୍ୱର୍ଗତ ମଣ୍ଟୁ ଷଡ଼ଙ୍ଗୀଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ବକଟୀ ପ୍ରାଥମିକ ସ୍କୁଲ ପରିସରରେ ସ୍ଥାନୀୟ ଚେତନା ସଂଘ ଓ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବିବେକାନନ୍ଦ ପଣ୍ଡା ଅଧ୍ୟକ୍ଷତା କରିଥିଲେ । ଏଥିରେ ଭେଡ଼େନ ତହସିଲଦାର ସୀମା ସବିତା କୁଲୁ, ବିଡ଼ିଓ ମୁରଲିଧର ନାଏକ, ଥାନା ଅଧିକାରୀ ହେମନ୍ତ ରାଓ, ଏସ୍‌ଆଇ ମନୋଜ ପ୍ରଧାନ, ସରପଞ୍ଚ ଗୌର ଦନ୍ତା, ସିଆରସିସି ନିରାକାର ଧରୁଆ, ଶିକ୍ଷକ ଦୁର୍ଲ୍ଲଭ ଚନ୍ଦ୍ର ଭୋଇ, ଜୟକୃଷ୍ଣ ମହାପାତ୍ର, ଗଜପତି ମହାପାତ୍ର, ପର୍ଶୁରାମ ପାତ୍ର, ଗୁଣସାଗର ମଲ୍ଲିକ ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ଷଡ଼ଙ୍ଗୀଙ୍କ ସ୍ମୃତିଚାରଣ କରିଥିଲେ । ଥୁଆପାଲିରେ ଭୁସ୍‌କା ପୋଢ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ରାଜବୀର ସାହାଣୀ, ଚିକୁ ମଲ୍ଲିକ, କୁନୁ ଭୁଏ, ରୂପେଶ ଭୋଇଙ୍କ ସମେତ ଧନୁଯାତ୍ରା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ । ମଣ୍ଟୁ ନ୍ୟୁଜ ଏଜେନ୍ସିରେ ଅନୁଷ୍ଠିତ ସ୍ମୃତିସଭାରେ ରବିନ୍ଦ୍ର ପେରା, କୁନା ମିଶ୍ର, ପଞ୍ଚାନନ ମହାନନ୍ଦ, କେଶବ ଜାମୁଡ଼ାଲିଆ ଉପସ୍ଥିତ ଥିବାବେଳେ ଭେଡ଼େନ ସାମ୍ବାଦିକ ସଂଘ ପକ୍ଷରୁ ମଧ୍ୟ ଶ୍ରଦ୍ଧାଞ୍ଜଳି ସଭାରେ ସ୍ୱର୍ଗତ ଷଡ଼ଙ୍ଗୀଙ୍କ ସ୍ମୃତିଚାରଣ କରାଯାଇଥିଲା ।



କୁଶନପୁରୀରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।

# ଅସହାୟଙ୍କୁ ନୂଆଖାଇ ଅଡ଼ିଆ ବଣ୍ଟନ



ନୂଆଖାଇ ଜୋଟ୍‌ଜାଟ୍ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ନୂଆଖାଇ ଅଡ଼ିଆ ବଣ୍ଟନ କରୁଛନ୍ତି ।

ବରଗଡ଼ ଅଫିସ୍,୨୫।୮

ବରଗଡ଼ ଜିଲା ଶୁଦ୍ରମୁକ୍ତି ଅଭିଯାନ ପକ୍ଷରୁ ରବିବାର ସ୍ଥାନୀୟ ସୌଖୀନ ରଙ୍ଗମଞ୍ଚରେ ନୂଆଖାଇ ଜୋଟ୍‌ଜାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଜୟଦେବ ସାହୁ, କ୍ରିଷ୍ଣା ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ୫୦ଜଣ ଅସହାୟ, ଦିବ୍ୟାଙ୍ଗ ଲୋକଙ୍କୁ ନୂଆଖାଇ ଅଡ଼ିଆ ସ୍ୱରୂପ ନୂତନ ବସ୍ତ୍ର, ଡାଲି, ଚାଉଳ ଆଦି ବଣ୍ଟନ କରିଥିଲେ । ଆବାହକ ପବିତ୍ର ଦେହେରୀ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ପୂର୍ବତନ ଏଆରସିଏସ୍ ଦିବାକର ଭୋଇ, ପ୍ରୀତମ ସିଂ, ଗୋବିନ୍ଦ ନାଗ, ଉର୍କୁଲୁ ତାଣ୍ଡି, ଜେଠୁ ଭୋଇ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଭବାନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚୋରି ସାମଗ୍ରୀ ଉଦ୍ଧାର, ୪ ଗିରଫ

ବରଗଡ଼ ଅଫିସ୍,୨୫।୮

ବରଗଡ଼ ସଦର ଥାନା ପୋଲିସ ଏକ ଚୋରି ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବିହାର ରାଜ୍ୟ ଝାପରା ଜିଲା ଗରିବଟୋଲାର ମୂଳ ବାସିନ୍ଦା ତଥା ବର୍ତ୍ତମାନ ବରଗଡ଼ ସହରର ନୂଆପଡ଼ାରେ ରହୁଥିବା ଅଜିତ ଯାଦବ(୨୫), ମଙ୍ଗଳାଝୁପୁଡ଼ିର ଦିପକ ଭଇନା(୨୯), ଶଙ୍କର ଦାଶ(୨୨) ଏବଂ ବରପାଲି ଥାନା ରେମତା ଗ୍ରାମର ତରଣୀ ମହାନନ୍ଦ(୩୧) । ସେମାନଙ୍କ ପାଖରୁ ଚୋରି ଇନଭର୍ଟର, ବ୍ୟାଟେରି ଆଦି ଉଦ୍ଧାର କରାଯାଇଛି । ଅଭିଯୁକ୍ତଙ୍କ ବିରୋଧରେ ସଦର ଥାନାରେ ଏକ ମାମଲା (ନଂ.୧୩୭/୧୯) ରୁଜୁ ହୋଇଥିବା ଥାନା ଅଧିକାରୀ ଦିଲୀପ ବେହେରା ସୂଚନା ଦେଇଛନ୍ତି । ପ୍ରକାଶଥାଉକି, ଗତ ୧୯ତାରିଖ ବିଳମ୍ବିତ ରାତ୍ରିରେ ବିରମାଲ ଗ୍ରାମର ନିରଞ୍ଜନ ବିଶ୍ୱାଳଙ୍କ ଘରୁ ଚୋରି ହୋଇଥିଲା ଏବଂ ସେ ଥାନାରେ ଏତଲା ଦେବା ପରେ ପୋଲିସ ତନାଘନା ଚଲାଇ ଅଭିଯୁକ୍ତଙ୍କୁ ଗିରଫ ସହିତ ଚୋରି ସାମଗ୍ରୀ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲା ।



ଗିରଫ ହୋଇଥିବା ଚାରି ଅଭିଯୁକ୍ତ ।

# କାଦୁଅରେ ଯାତାୟାତ କରୁଛନ୍ତି ଲୋକେ

ଜାମଟିକ୍ରା, ୨୫।୮ (ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତର ଖଲିଆପାଲି-ପ୍ରଧାନଟିକ୍ରା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ସ୍ୱାଧୀନତାର ୭୩ ବର୍ଷ ପରେ ମଧ ଏହି ରାସ୍ତା ମରାମତି ହୋଇପାରିନାହିଁ । ଖଲିଆପାଲିଠାରୁ ପ୍ରଧାନଟିକ୍ରା ପର୍ଯ୍ୟନ୍ତ ଅଧ କିମି ମାଟି ରାସ୍ତା ହୋଇ ରହିଛି । ଏବେ ବର୍ଷା ଦିନ ହୋଇଥିବାରୁ ରାସ୍ତାଟି ମରଣଯନ୍ତା ପାଲଟିଛି । କାଦୁଅରେ ସ୍ଥାନୀୟ ପ୍ରଧାନଟିକ୍ରାବାସୀ ଦୟନୀୟ ଅବସ୍ଥାରେ ଯାତାୟାତ କରୁଛନ୍ତି । ରାସ୍ତା ସାରା ଖାଲଖମା ହୋଇଥିବାରୁ ଯାତାୟାତ ବେଳେ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି । ଏହି ରାସ୍ତା ଯାତାୟାତ ପାଇଁ ବିପଜ୍ଜନକ ହୋଇପଡିଥିବା ବେଳେ ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ଘଟୁଛି । ଏହି ରାସ୍ତା ଦେଇ ଚାରି ଚକିଆ ଯାନ ଚଳାଚଳ ଏକ ପ୍ରକାର ଠପ ହୋଇଯାଇଛି । ସ୍କୁଲ ଓ କଲେଜ ଯିବା ସମୟରେ ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ସ୍ଥାୟୀ କଂକ୍ରିଟ ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

### କାଦୋଦର କଲେଜରେ ସ୍ୱାଗତ ସମାରୋହ

ଅମରପାଲି, ୨୫।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କାଦୋଦରସ୍ଥିତ ମା' ଉମାଦେବୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା । କଲେଜ ଅଧକ୍ଷ ବହ୍ଲବ ପୁରୋହିତଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜଳନ ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । କାର୍ଯ୍ୟକ୍ରମରେ ଛାତ୍ରୀ ଶିବାନୀ ଓ ଛାତ୍ର ପ୍ରଦ୍ୟୁମ୍ନ ବଡ଼େଇ ସଂଯୋଜନା କରିଥିଲେ । ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥବଲା । ଏହାପରେ ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନେ ନିଜ ନିଜର ପରିଚୟ ପ୍ରଦାନ କରିଥିଲେ । କଲେଜର ନୀତି ନିୟମ ମାନି ଚଳିବା ସହିତ ନିଜର ଉଜ୍ଜଳ ଭବିଷ୍ୟତ ଗଠନ କରିବାରୁ ପ୍ରତିଜ୍ଞାବଦ୍ଧ ବୋଲି କହିଥିଲେ । ଉପସ୍ଥିତ ଅଧ୍ୟାପିକା ଓ ଅଧ୍ୟାପକ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜଳ କରିବା ପାଇଁ ଶୃଙ୍ଖଳାଗତ ଆଚରଣ ଓ ସଂସ୍କାରୀ ହେବା ପାଇଁ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ସୁଶାନ୍ତ ଦେହୁରୀ, ବାଳମୁକୁନ୍ଦ ବାରିକ, ନିତ୍ୟାନନ୍ଦ ମିଶ୍ର, ରଞ୍ଜିତା ମିଶ୍ର, ସାଧନା ମେଣ୍ଡିଲି, ଉଦ୍ଧବ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ କଲେଜରେ ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବାକୁ ଉପଦେଶ ଦେଇଥିଲେ । ଶେଷରେ ଆଶିଷ ବାଘ ଧନ୍ୟବାଦ ଅର୍ପଣ କରିଥିଲେ ।

### ବନ ବିଭାଗର ଚଢ଼ାଉ, ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଶାଳ କାଠ ଜବତ

ଭବାନୀପାଟଣା,୨୫।୮ (ଡି.ଏନ.ଏ.)

କଳାହାଣ୍ଡି ଉତ୍ତର ବନଖଣ୍ଡ ଡିଏଫ୍‌ଓ ନିତିଶ କୁମାରଙ୍କ ନିର୍ଦ୍ଦେଶକ୍ରମେ ତଥା ଏସିଏଫ ବଂଶୀଧର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନର୍ଲା ବ୍ଲକ୍ ଅନ୍ତର୍ଗତ ବାଲିସିଙ୍ଗା ଓ କନକପୁର ଗ୍ରାମରେ ଚଢାଉ କରାଯାଇଛି । ଏହି ଚଢାଉ ବେଳେ ମୂଲ୍ୟବାନ ଶାଳକାଠ ଜବତ କରାଯାଇଛି । ଜବତ କାଠର ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି । ଏହି ଚଢାଉରେ ନର୍ଲା ରେଞ୍ଜ ଅଫିସର ନୃତ୍ୟରାଜ ମାଝି, କେଁଗାଁ ରେଞ୍ଜ ଅଫିସର ହରେକୃଷ୍ଣ ଦୋରା, ମ. ରାମପୁର ରେଞ୍ଜ ଅଫିସର କେଶବ ମାଝିଙ୍କ ସମେତ ଭବାନୀପାଟଣା, ନର୍ଲା ମ.ରାମପୁର, କେଁଗାର ସମସ୍ତ ବନପାଳ ଓ ବନରକ୍ଷୀ ସାମିଲ ଥିଲେ । ଜବତ କାଠକୁ ଟ୍ରାକ୍ଟରରେ ମ.ରାମପୁରକୁ ନିଆଯାଇଥିବା ଜଣାପଡିଛି ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

FINANCE

FINANCE
UNB ଋଣ ଲିମିଟେଡ୍ ଭରସାର ପ୍ରତିକ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ବେରୋଜଗାର ଏବଂ ସମସ୍ତ ଋଣ ମାତ୍ର ୫ ଘଣ୍ଟାରେ ଘରେବସି ପାଆନ୍ତୁ । 2% ସୁଧ 45% ଛାଡ
No File Charge No Guarantor
Vasundhara Mall, West Boring Canal Rd, Rajapur, Patna, Bihar 800001
7298510688
7055901278

ଲୋନ! ଲୋନ! ଲୋନ
୧ ରୁ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ ୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ ଋଣ
ଏଗ୍ରିକଲ୍‌ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977
72910-46520
H.No-798, Block H, Jaitpur Extn Part-2, Badarpur, South Delhi

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
9910294940

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ ।
A to Z ସମସ୍ୟାର ସମାଧାନ ଘରେ ବସି ।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର ।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

HEALTH CARE

AT PURI AT PURI AT PURI
ଗୁପ୍ତ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ବୈବାହିକ ସମସ୍ୟା, ଶୀଘ୍ର ସ୍ଖଳନ, ପୁରୁଷ ସମସ୍ୟା, ମୂତ୍ରରେ ଧାତୁ ପଡିବା, ସ୍ତ୍ରୀ ରୋଗ – ଋତୁସ୍ରାବ ଅନିୟମିତତା, ଧଳାସ୍ରାବ, ସନ୍ତାନ ହୀନତା, ମୁଖବ୍ରଣ, ରୁପି ଏବଂ ସମସ୍ତ ଚର୍ମ ରୋଗର ଉତ୍ତମ ପରାମର୍ଶ ଏବଂ ଚିକିତ୍ସା।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

FINANCE
ବାଲାଜୀ ଋଣ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ 3% ସୁଧ 25% ଛାଡ ୧୦ ବର୍ଷର ଏଗ୍ରିମେଣ୍ଟ ସହିତ
କେବଳ ଆସାମ, ଓଡିଶା, ବିହାର, ଝାଡଖଣ୍ଡ, ଗୁଜୁରାଟ ହାଇଦ୍ରାବାଦ, ହିମାଚଳ, ବେଙ୍ଗଲୁରୁ, ମଧ୍ୟପ୍ରଦେଶ ରେ
balajifinancegroupchd@yahoo.com
Plot No 4542, Shahnajaf Rd, Chandigarh 226001
09454715754
09455705969

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ । ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼ ।
HELPLINE
8859690149

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
- ସ୍ପେଶାଲିଷ୍ଟ -
ବଶୀକରଣ ଓ ମୁଠ୍‌କରଣ
ପ୍ରେମ ବିବାହ, ମନମୁତାବକ ପ୍ରେମ, ବଶୀକରଣ, ଯାଦୁ ଟୋନା, ମୁଠୀକରଣୀ,ବିଦେଶ ଯାତ୍ରା ଓ ବ୍ୟବସାୟରେ ପ୍ରତିବନ୍ଧକ, ବିବାହ-ପ୍ରେମରେ ବାଧା, କ୍ରୋଧି ଲୋକଙ୍କୁ ବଶୀଭୂତ କରିବା, ପୁରୁଣା ରୋଗରେ ଔଷଧ କାମ ନ କରିବା, ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର, ଦୁଷ୍ଟ ଲୋକ ଏବଂ ଶତ୍ରୁଠାରୁ ମୁକ୍ତି ।
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ ।
81 26 92 24 05
ହରିଦ୍ୱାର

EDUCATION

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

BUSINESS

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଦରମା - 20,000/- ଓ ଅନ୍ୟାନ ସୁବିଧା ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ !
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
9430814236
6393626894


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ଗଜପତି ମହାରାଜା ଦିବ୍ୟସିଂହଦେବ



## ସଂକ୍ଷେପରେ

### ଶପଥର ସଫେଇ ଅଭିଯାନ

ଭେଡ଼େନ,୨୫।୮(ଡ଼ି.ଏନ.ଏ)
ଭେଡ଼େନ ବ୍ଲକଅନ୍ତର୍ଗତ ରେମଣ୍ଡା ଗ୍ରାମରେ ଶପଥ ଅନୁଷ୍ଠାନ ତରଫରୁ ରବିବାର ରେମଣ୍ଡା ଗ୍ରାମର ମୁଖ୍ୟଛକକୁ ସଫେଇ କରାଯାଇଥିଲା । ଛକର ସ୍ଥାନେ ସ୍ଥାନେ ଜମା ହୋଇଥିବା ମଇଳା ଆବର୍ଜନାକୁ ସଫେଇ କରି ବ୍ଲିଚିଂ ପାଉଡ଼ର ଛିଞ୍ଚନ କରାଯାଇଥିଲା। ଏହାସହ ପ୍ରତି ଘରେ ଡ଼ଷ୍ଟବିନ ବ୍ୟବହାର କରାଯିବାକୁ ସଚେତନତା ସୃଷ୍ଟି କରାଯାଇଥିଲା। ସଂସ୍ଥା ସଭାପତି ଅବସରପ୍ରାପ୍ତ ଶିକ୍ଷକ ସୁଶୀଲ ଭୁଏଙ୍କ ନେତୃତ୍ୱରେ ଗ୍ରାମର ଯୁବଗୋଷ୍ଠୀ ଏଥିରେ ସହଯୋଗ କରିଥିଲେ।

### ନନ୍ଦୋତ୍ସବ ପାଳିତ

ଭେଡ଼େନ,୨୫।୮(ଡ଼ି.ଏନ.ଏ)
ଭେଡ଼େନ ଜଗନ୍ନାଥ ମନ୍ଦିର ପରିସରରେ ଶନିବାର ବିଳମ୍ବିତ ରାତିରେ ନନ୍ଦୋତ୍ସବ ପାଳିତ ହୋଇଛି । ଏଥିରେ କୃଷ୍ଣଙ୍କୁ ଦୋଳିରେ ଝୁଲାଯାଇଥିଲା। ପୁରୋହିତ ଜଗନ୍ନାଥ ଦାଶ ପୂଜାର୍ଚ୍ଚନା କରିଥିବାବେଳେ ରଞ୍ଜନ ମେହେର ସହଯୋଗ କରିଥିଲେ। ଏହି ଅବସରରେ ଅଲେଖ ସାହୁ, ସୁଦାମ ମେହେର, ନରସିଂହ ରଥ, ସରୋଜ ମେହେର ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ଭକ୍ତବନ୍ଧୁ ମେହେର ଏବଂ ଗ୍ରାମର ଏକାଦଶୀ ପାଳନ ଗୋଷ୍ଠୀ ସହଯୋଗ କରିଥିଲେ । କୁନି କୁନି ବାଳକମାନେ କୃଷ୍ଣ, ବଳରାମ, ଗୋପାଳ ବେଶ ଧାରଣ କରିଥିଲେ ।

### କଳାକାର ସଂଘ ବୈଠକ

ଭେଡ଼େନ,୨୫।୮(ଡ଼ି.ଏନ.ଏ)
ଭେଡ଼େନ ସ୍ଥିତ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବିବାର ବ୍ଲକ କଳାକାର ସଂଘର ଏକ ବୈଠକ ସଭାପତି ସାଗର ମହାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ବୈଠକରେ ପପଙ୍ଗା ପାହାଡ଼ ପାଦଦେଶରେ ସଂଘ ତରଫରୁ ନୂଆଖାଇ ଭେଟଘାଟ ପାଳନ କରିବାକୁ ଆଲୋଚନା ହୋଇଥିଲା । ଏଥିପାଇଁ ବରିଷ୍ଠ କଳାକାର ମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହି ସଭାରେ ସଂଘ ସମ୍ପାଦକ ଦାଶରଥି ହୋତା, କୋଷାଧ୍ୟକ୍ଷ ସିଦ୍ଧେଶ୍ୱର ପାଣିଗ୍ରାହୀ, ବରିଷ୍ଠ ସଭ୍ୟ କ୍ଷେତ୍ରମଣି ବାଗ, ଗୁଣାକାର ଶତପଥି, ନରସିଂହ ରଥ, ହୀରାଲାଲ ବଢ଼େଇ, ମାନଭଞ୍ଜନ ଦାଶଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ ।

### ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଉଦ୍‌ଯାପିତ

ପଦ୍ମପୁର, ୨୫।୮ (ଡି.ଏନ.ଏ)
ପଦ୍ମପୁର କୁସୁନାପାଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପଦ୍ମପୁର ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହାକୁ ଡ. ଲଳିତେନ୍ଦୁ ନାୟକ ଉଦ୍‌ଘାଟନ କରିଥିଲେ। ପ୍ରଧାନଆଚାର୍ଯ୍ୟ ଯୁବରାଜ ପଧାନ ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭାପତି ଦ୍ୱାଦଶ କୁମାର ପଧାନ ବିଜ୍ଞାନର ଜ୍ଞାନ କୌଶଳ ଉପରେ ଶିଶୁମାନଙ୍କୁ ଆଶୀର୍ବାଚନ ପ୍ରଦାନ କରିଥିଲେ। ସମ୍ପାଦକ ଆଶିଷ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କଲ୍ୟାଣୀ ଗୁରୁମା ସଭା ସଂଯୋଜନା କରିଥିଲେ । ଜ୍ଞାନ ବିଜ୍ଞାନ ମେଳାରେ ପଦ୍ମପୁର ସଙ୍କୁଳ ଅନ୍ତର୍ଗତ ୯ଟି ଶିଶୁ ମନ୍ଦିରରୁ ବିଭିନ୍ନ ପ୍ରକଳ୍ପରେ ୪୯ ଜଣ ବୈଦିକ ଗଣିତ, ସଂସ୍କୃତିଜ୍ଞାନ ଓ ବିଜ୍ଞାନ ପ୍ରଶ୍ନ ମଞ୍ଚରେ କିଶୋର, ବାଳ ଓ ଶିଶୁ ବର୍ଗରୁ ୧୪୪ ଜଣ ବିଭିନ୍ନ ପତ୍ରବାଚନ ଓ ପ୍ରୟୋଗରେ ୨୬ ଜଣ ଏହିପରି ମୋଟ ୨୧୯ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସମାରୋହ ଉତ୍ସବରେ ସଙ୍କୁଳ ପ୍ରମୁଖ ମନୋଜ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଚୈତନ୍ୟ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୨୫ ଜଣ ପରିଚାଳିକା ପରିଚାଳକ ଓ ୧୩ଜଣ ବିଚାରକ ଭାବେ ଯୋଗଦାନ କରିଥିଲେ ।

### ଯାଦବ ସମାଜର ବୈଠକ

ଜାମଟିକ୍ରା, ୨୫।୮ (ଡି.ଏନ.ଏ)
ଅତାବିରା ଏନଏସି ଅନ୍ତର୍ଗତ ରେଙ୍ଗାଲିପାଲିଠାରେ ରବିବାର ଯାଦବ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଦୁଃଖବନ୍ଧୁ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତାବିରା ବ୍ଲକ ଯାଦବ ସମାଜ ସଭାପତି ଅର୍ଜୁନ ଦୀପ ଯୋଗ ଦେଇଥିଲେ । ଅତାବିରା ଅଞ୍ଚଳରେ ଯାଦବ ଭବନ ଓ ରାଧାକୃଷ୍ଣ ମନ୍ଦିର ନିର୍ମାଣ ପାଇଁ ଆଲୋଚନା ହୋଇଥିଲା। ବୈଠକରେ ବରଗଡ ଜିଲା ଯାଦବ ସମାଜ ସଭାପତି ଲମ୍ବୋଦର ମଲ୍ଲିକଙ୍କ ସମେତ ମୋହନ କଠାର, ପୂର୍ଣ୍ଣଚନ୍ଦ୍ର ସାଲମା, ଅଭି ଦୀପ, ଚମାର ଭୁଏ ପ୍ରମୁଖ ଯୋଗ ଦେଇଥିଲେ ।

# ବରଗଡ଼ରେ ଭାଷା ଚେତନା ଅଭିଯାନ

ବରଗଡ଼ ଅଫିସ୍,୨୫।୮




ବରଗଡ଼ରେ ଭାଷା ଚେତନା ଅଭିଯାନ ଶୋଭାଯାତ୍ରା ।

ସମ୍ବଲପୁରି/କୋଶଲି ଭାଷାର ସମୃଦ୍ଧିରେ କେବଳ ପଶ୍ଚିମାଞ୍ଚଳ ନୁହେଁ, ସମଗ୍ର ଦେଶର ବିକାଶ ପଥ ଉନ୍ମୁକ୍ତ କରିବାରେ ସହାୟକ ହୋଇଥାଏ । ଏହି ଦୃଷ୍ଟିରୁ ଯଥାଶୀଘ୍ର ସମ୍ବଲପୁରି/କୋଶଲି ଭାଷାକୁ ଅଷ୍ଟମ ପରିଚ୍ଛେଦରେ ଅନ୍ତର୍ଭୁକ୍ତୀକରଣ ସହ ସରକାରୀ ଭାଷାର ମାନ୍ୟତା ଅପରିହାର୍ଯ୍ୟ ହୋଇପଡିଛି । ଏହି ଭାଷାକୁ ନେଇ କାହାରି ମନରେ ଆଘାତ ନ ଦେଇ ସମସ୍ତଙ୍କୁ ଏକତା ଡୋରିରେ ବାନ୍ଧି ଆଗକୁ ବଢ଼ିବା ପାଇଁ ରବିବାର ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଅନୁଷ୍ଠିତ ଭାଷା ଚେତନା ଅଭିଯାନ ପରିପ୍ରେକ୍ଷୀରେ ହୋଇଥିବା ସମାବେଶରେ ଆହ୍ୱାନ କରାଯାଇଛି । ମନୋହର ସାଂସ୍କୃତିକ ସଂସଦ ସଭାପତି ଉତ୍ପନ୍ନ କୁମାର ଭୋଇଙ୍କ ସଭାପତିତ୍ୱରେ ହୋଇଥିବା ଭାଷା ଚେତନା ସମାବେଶରେ ପ୍ରଫେସର ହୃଦମଣି ପ୍ରଧାନ, କଥାକାର ଧନପତି ମହାପାତ୍ର, ବ୍ୟଙ୍ଗକବି ମନୋରଞ୍ଜନ ସାହୁ, ସୁବାସ ମେହେର, ଅଧ୍ୟାପକ ଟେକଚାନ୍ଦ ଦୁଆନ, ମୋହନ ସାହୁ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଯଜ୍ଞେଶ୍ୱର ରଥ, ନାଟ୍ୟକାର ମୋହନ ସିଂ କନ୍ହେଇ, ବିହାରୀ ମେହେର ପ୍ରମୁଖ ଯୋଗଦେଇ ନିଜ ମତ ରଖିଥିଲେ । ସମାବେଶରେ ବକ୍ତାମାନେ କହିଥିଲେ, ସାହିତ୍ୟ ସାଧନାରେ ଥିବା ଯେ କୌଣସି ବିଜ୍ଞ ବ୍ୟକ୍ତି ଭାଷା କିମ୍ବା ଅଞ୍ଚଳର ସଂକୀର୍ଣ୍ଣତା ଭିତରେ ସୀମିତ ନ ଥିବା ସତ୍ତ୍ୱେ ପଦ୍ମଶ୍ରୀ ଡଃ ହଳଧର ନାଗଙ୍କ ବିରୋଧରେ କିଛି ଅସୂୟା ସମ୍ପନ୍ନ ବ୍ୟକ୍ତି ବିଭିନ୍ନ ସମୟରେ ବୌଦ୍ଧିକ ଆକ୍ରମଣ ଜାରି ରଖିଛନ୍ତି । ପଦ୍ମଶ୍ରୀ ହଳଧର ଜଣେ ସରଳ, ଅମାୟିକ, ନମ୍ର, ସଂସ୍କୃତି ସମ୍ପନ୍ନ ବ୍ୟକ୍ତି । ସେ ସମଗ୍ର ପଶ୍ଚିମ ଓଡ଼ିଶାରେ ଭାଷା ସାହିତ୍ୟର ସୁଯୋଗ୍ୟ ପ୍ରତିନିଧି । ସମ୍ବଲପୁରି, କୋଶଲି ଭାଷାର ସ୍ୱାଦକୁ ପ୍ରତିପାଦନ କରି ସମଗ୍ର ଦେଶ ଓ ବିଦେଶରେ ପ୍ରଚାର, ପ୍ରସାର କରି ଆସୁଥିବା ସମୟରେ ତାଙ୍କ ପ୍ରତି ଅସହିଷ୍ଣୁ ହୋଇ କିଛି ଲୋକ ଥାନାରେ ଏତଲା ଦେଇଥିବା ବିଷୟକୁ ଦୃଢ଼ ବିରୋଧ କରିଥିଲେ । ଏହା ପଶ୍ଚିମ ଓଡ଼ିଶାର ଅସ୍ମିତା ଓ ସ୍ୱାଭିମାନ ପ୍ରତି କୁଠାରଘାତ ବୋଲି ଭାଷା ଚେତନା ସମାବେଶରେ ଦୃଢ଼ ନିନ୍ଦା କରାଯାଇଥିଲା । ଉପସ୍ଥିତ ଭାଷା କର୍ମୀ ତଥା ସଙ୍ଗଠକ ଅଶୋକ ପୂଜାହାରୀ, କବି ହରିଲାଲ ସାହୁ, ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଥବିର ଚରଣ ମେହେର ପ୍ରମୁଖ ଯୋଗଦେଇ ଭାଷା ଆନ୍ଦୋଳନକୁ ଆଗେଇ ନେବାକୁ ଆହ୍ୱାନ କରିଥିଲେ। ଶରତ ପାଢ଼ୀ, ରାଜେଶ କାରିଆ, ନରେନ୍ଦ୍ର ମହାନ୍ତି, ସୁଶାନ୍ତ ମିଶ୍ର ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଏକ ଶୋଭାଯାତ୍ରା ସ୍ଥାନୀୟ ଗାନ୍ଧୀଛକରୁ ବାହାରି ଅଗ୍ରଗାମୀ ଯୁବକ ସଂଘ ପରିସରରେ ପହଞ୍ଚିଥିଲା । ସାହିତ୍ୟିକ ତେଜରୁ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମଲେଶ୍ୱରୀ ପୀଠରେ ନୂଆଖାଇ ଲଗ୍ନ ନିର୍ଦ୍ଧାରଣ

ବରଗଡ଼ ଅଫିସ୍,୨୫।୮

ପଶ୍ଚିମଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଖାଇ ପାଳନ ପାଇଁ ରବିବାର ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ପୀଠରେ ଲଗ୍ନ ନିର୍ଦ୍ଧାରଣ କରାଯାଇଛି। ନିର୍ଦ୍ଧାରିତ ଲଗ୍ନ ଅନୁଯାୟୀ, ଆସନ୍ତା ସେପ୍ଟେମ୍ବର ୨ତାରିଖ ସୋମବାର ନିଶାର୍ଦ୍ଧ ପରେ ମଙ୍ଗଳବାର ସକାଳ ହେବା ପୂର୍ବରୁ ମାଁ ସମଲେଶ୍ୱରୀଙ୍କଠାରେ ନବାନ୍ନ ଭୋଗର ସମସ୍ତ କାର୍ଯ୍ୟ ସମ୍ପାଦନ କରାଯିବ । ସେହିପରି ସେପ୍ଟେମ୍ବର ୩ତାରିଖ ମଙ୍ଗଳବାର ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ପୂର୍ବାହ୍ନ ୯ଘଣ୍ଟା ୨୮ମିନିଟ୍ ଗତେ ୧୦ଘଣ୍ଟା ୨୭ମିନିଟ୍ ମଧ୍ୟେ ଅମୃତବେଳାରେ ନିଜ ଇଷ୍ଟଦେବୀଙ୍କଠାରେ ନବାନ୍ନ ଭୋଗ ଲାଗି କରି ସର୍ବସାଧରଣ ନବାନ୍ନ ଭକ୍ଷଣ କରିବେ ବୋଲି ଲଗ୍ନ ନିର୍ଦ୍ଧାରଣ କରାଯାଇଛି । ବରଗଡ଼ ତଳିପଡ଼ାସ୍ଥିତ ମାଁ ସମଲେଶ୍ୱରୀ ଦେବୀଙ୍କ ପୀଠରେ ପଣ୍ଡିତ ଶିବଶଙ୍କର ଦାଶ, ଚୂଡ଼ାମଣି ଦାଶ, ବିଘ୍ନରାଜ ଦାଶ ପ୍ରମୁଖ ଲଗ୍ନ ଧାର୍ଯ୍ୟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମୀର ପ୍ରଧାନ, ଆନନ୍ଦ ଦାଶ, ଗୋପବନ୍ଧୁ ଦାଶ, ପ୍ରଶାନ୍ତ ମହାପାତ୍ର, ଜଗଦୀଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ବରଗଡ଼ ସମଲେଶ୍ୱରୀ ଦେବୀଙ୍କ ପୀଠରେ ପଣ୍ଡିତମାନେ ନୂଆଖାଇ ଲଗ୍ନ ନିରୂପଣ କରୁଛନ୍ତି ।

# ବ୍ଲକସ୍ତରୀୟ ସଂସ୍କୃତ ପକ୍ଷ ପାଳନ ଉଦ୍‌ଯାପିତ

ଭଟଲି,୨୫।୮(ଡି.ଏନ.ଏ)

ପ୍ରତ୍ୟେକ ଗ୍ରାମରେ ଅନେକ ସଂସ୍କୃତ ପ୍ରେମୀ ଅଛନ୍ତି । ସଂସ୍କୃତ ଭାଷାର ଆବଶ୍ୟକତା ଏବଂ ବ୍ୟବହାରକୁ ମଧ ଭଲ ଭାବେ ବୁଝିଛନ୍ତି । ସଂସ୍କୃତ ଭାଷା ଦେବ ଭାଷା ହେଇଥିବା ସ୍ଥଳେ ତାର ବ୍ୟବହାର ଦିନକୁ ଦିନ କମିବାରେ ଲାଗିଛି । ଏହି ଭାଷା ମନରେ ଆଧ୍ୟାତ୍ମିକ ଭାବନା ଜାଗ୍ରତ କରିବା ସହିତ ଭ୍ରଷ୍ଟ ସମାଜକୁ ସୁ ସମାଜରେ ସଙ୍ଗଠିତ କରିପାରେ । ତେଣୁ ଏହି ଭାଷାର ପୁନରୁଦ୍ଧାର କରିବାର ଆବଶ୍ୟକତା ରହିଛି । ସେଥିପାଇଁ କେବଳ ଏଭଳି ପକ୍ଷ ପାଳନ ନୁହେଁ, ପ୍ରତ୍ୟହ ବିଭିନ୍ନ ଗ୍ରାମକୁ ଯାଇ ସଂସ୍କୃତ ଭାଷାର ପୁନରୁଦ୍ଧାର ପାଇଁ ଉଦ୍ୟମ ଦରକାର ବୋଲି ବରଗଡ଼ ଜିଲା ଭଟଲି ଦଧିବାମନ ମହାବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ସଂସ୍କୃତ ପକ୍ଷର ଉଦ୍‌ଯାପନୀ ଉତ୍ସବରେ ମତପ୍ରକାଶ ପାଇଛି ।

ଭଟଲି ସଂସ୍କୃତ ଭାରତୀ ଶାଖା ସଭାପତି ଗିରିଧାରୀ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ନାଟ୍ୟକାର ତଥା ଅଧାପକ ଚୂଡ଼ାମଣି ରଥ ମୁଖ୍ୟ ଅତିଥି, ଅଧାପକ ତଥା ପ୍ରାନ୍ତୀୟ ସଂସ୍କୃତ ଭାରତୀ ସମ୍ପାଦକ ଅଜିତ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଗ୍ରାମୀଣ ସ୍ଥରରେ ଏହି ଭାଷାକୁ ପରିବ୍ୟାପ୍ତ କରିବା ପାଇଁ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ଉପସ୍ଥିତ ଛାତ୍ରୀଛାତ୍ର ତଥା ସଂସ୍କୃତ ପ୍ରେମୀଙ୍କୁ ଆହ୍ୱାନ ଦେଇଥିଲେ । ଏହି ପକ୍ଷ ୧୫ଦିନ ଧରି ଚାଲିଥିବାବେଳେ ବିଭିନ୍ନ ଗ୍ରାମ ଗ୍ରାମ ବୁଲି ସଂସ୍କୃତ ଭାଷାରେ ଗୀତା ପାଠ ଅଭ୍ୟାସ ପାଇଁ ଅନୁରୋଧ କରାଯାଇଥିଲା । ଏହି ଅବସରରେ କ୍ଷୁଦ୍ର ସଂସ୍କୃତ ନାଟକ ପ୍ରତିଯୋଗିତା ହୋଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ଶନିବାର ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରକାର ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଉଦ୍‌ଯାପନୀ ସମାରୋହରେ ଅଧାକପ ରାଜୀବ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଉତ୍କଳ ପ୍ରାନ୍ତୀୟ ସଂସ୍କୃତ ଭାରତୀ ଉପସଭାପତି ଆୟୁଷ୍ମାନ୍ତ ଷଡ଼ଙ୍ଗୀ ସମ୍ପ୍ରତି ସଂସ୍କୃତ ପଠନର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ । ଶେଷରେ ରାଜକିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଶନି ଜନ୍ମୋତ୍ସବ ଉଦ୍‌ଯାପିତ

ଭଟଲି,୨୫।୮(ଡି.ଏନ.ଏ)
ଭଟଲି ବିଜୟା ଛକ ସ୍ଥିତ ଶନି ମନ୍ଦିର ପରିସରରେ ଶନି ଜନ୍ମୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଠାରୁ ଚାଲିଥିବା ଏହି ଉତ୍ସବରେ କଳସଯାତ୍ରା ପରେ ପୂଜାର୍ଚ୍ଚନା କରାଯାଇଥିଲା । ପ୍ରତ୍ୟହ ସନ୍ଧ୍ୟାରେ ସଂକୀର୍ତ୍ତନ ହୋଇଥିଲା । ଏଥିରେ ରୂପେନ୍ଦ୍ର ମହାପାତ୍ର ଏବଂ ପଞ୍ଚମ ପୁରୋହିତ ପୂଜକ ଦାୟିତ୍ୱ ତୁଲାଥିବାବେଳେ ମୁରୁ ମେହେର, ଭୀମସେନ ମେହେର, ଝାରୁ ମେହେର, କୈଳାସ ମେହେର, ବ୍ରଜକିଶୋର ସାହୁ, ଲବ ମେହେର, ପ୍ରଦୀପ ମେହେର, ଘସିଆ ନାୟକ, ଦିବାକର ପଟେଲ, ବାଳକୃଷ୍ଣ ପଧାନ, ମାଟୁ ମେହେର, ଭୁଜ ମେହେର ପ୍ରମୁଖ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଛତିଶଗଡ଼ ରାଜ୍ୟ ସରିଆ, ସରିଆ-ଭଟଲି, ଲୁରୁପାଲି, ଗୁଡ଼େଶିରା, ତୋରା ଏବଂ ଗଣ୍ଡିଆପାଲି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ ।

# ୫-ଟିକୁ ଗୁରୁତ୍ୱ ଦେବି: ଜିଲାପାଳ

ବରଗଡ଼ ଅଫିସ୍,୨୫।୮



ଜ୍ୟୋତିରଞ୍ଜନ ପ୍ରଧାନ, ନୂତନ ଜିଲାପାଳ ।

ବରଗଡ଼ର ନୂତନ ଜିଲାପାଳ ଭାବେ ରବିବାର ଜ୍ୟୋତିରଞ୍ଜନ ପ୍ରଧାନ ଯୋଗଦାନ କରିଛନ୍ତି। ଯୋଗଦାନ ପରେ ସେ ପୂର୍ବତନ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ତେବେ ଦାୟିତ୍ୱ ଗ୍ରହଣ ପରେ ନୂତନ ଜିଲାପାଳ ପ୍ରଧାନ କହିଛନ୍ତି, ସରକାରୀ ଯୋଜନା ଗୁଡ଼ିକ କିଭଳି ଜିଲାବାସୀଙ୍କ ପାଖକୁ ପହଞ୍ଚିବ, ତାକୁ ସେ ପ୍ରାଥମିକତା ଦେବେ । ସେହିପରି ଜଳ ସଂରକ୍ଷଣ ଉପରେ ସଚେତନତା ସାଙ୍ଗକୁ ମୁଖ୍ୟମନ୍ତ୍ରୀଙ୍କ ୫ଟି (ଟେକ୍ନୋଲୋଜି-ପ୍ରଯୁକ୍ତିବିଦ୍ୟା, ଟିମ୍ ୱାର୍କ-ସମ୍ମିଳିତ ଉଦ୍ୟମ, ଟ୍ରାନ୍ସପରେନ୍ସି- ସ୍ୱଚ୍ଛତା, ଟାଇମଲାଇ- ସମୟାନୁବର୍ତ୍ତିତା, ଟ୍ରାନ୍ସଫର୍ମେଶନ-ପରିବର୍ତ୍ତନ)କୁ ସେ ଗୁରୁତ୍ୱ ଦେବେ ବୋଲି ଜିଲାପାଳ ପ୍ରଧାନ ପ୍ରକାଶ କରିଛନ୍ତି । ନୂତନ ଜିଲାପାଳ ଏହାପୂର୍ବରୁ ଝାରସୁଗୁଡ଼ା ଜିଲାପାଳ ଭାବେ କାର୍ଯ୍ୟ କରିଥିଲେ । ସେହିପରି ବହୁ ଆଗରୁ ବରଗଡ଼ ଜିଲା ବିଜେପୁର ବିଡ଼ିଓ ଭାବେ ସେ କାର୍ଯ୍ୟରତ ଥିଲେ । ଫଳରେ ଜିଲା ଉପରେ ପୂର୍ବରୁ ତାଙ୍କ ଧାରଣା ଥିବା ଯୋଗୁ ଜିଲାପାଳ ପ୍ରଧାନଙ୍କ ଯୋଗଦାନ ଜିଲାର ବିକାଶରେ ସହାୟକ ହେବ ବୋଲି ଜିଲାବାସୀ ଆଶାବ୍ୟକ୍ତ କରିଛନ୍ତି। ଏଠାରେ କାର୍ଯ୍ୟରତ ଜିଲାପାଳ ତ୍ରିପାଠୀଙ୍କ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ବଦଳି ହୋଇଛି ।

# ଅତାବିରା ବ୍ଲକସ୍ତରୀୟ କ୍ରୀଡ଼ା ସଂଘର ବାର୍ଷିକୋତ୍ସବ

ସରଣ୍ଡା,୨୫।୮(ଡି.ଏନ.ଏ)

ଅତାବିରା ନୋଡ଼ାଲ ବାଳକ ହାଇସ୍କୁଲରେ ଶନିବାର ବ୍ଲକସ୍ତରୀୟ କ୍ରୀଡ଼ା ସଂଘର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଇଓ ରାଜାରାମ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକୋତ୍ସବରେ ସିଦ୍ଧାର୍ଥ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଜି. ଶ୍ରୀନିବାସ ରାଓ, ଜିଲା ଶାରୀରିକ କ୍ରୀଡ଼ା ସମ୍ପାଦକ ତ୍ରିଲୋକ୍ୟ ନାୟକ, ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଲହଣ୍ଡା ହାଇସ୍କୁଲର ଖେଳ ଶିକ୍ଷକ କିଶୋର ଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅତାବିରା ହାଇସ୍କୁଲର ଖେଳ ଶିକ୍ଷକ ତଥା ସମ୍ପାଦକ ଲବ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ସଂଘର ପରବର୍ତ୍ତୀ ୨୦୧୯-୨୦ବର୍ଷ ପାଇଁ ବ୍ଲକ୍‌ସ୍ତରୀୟ ସମ୍ପାଦକ ଭାବେ ଲବ ସାହୁ ଓ ସହ ସମ୍ପାଦକ ଭାବେ କିଶୋର ଚନ୍ଦ୍ର ପ୍ରଧାନଙ୍କୁ ମନୋନିତ କରାଯାଇଥିଲା । ଶେଷରେ କୁଲିତାଟୁକୁରା ହାଇସ୍କୁଲର ଖେଳ ଶିକ୍ଷକ ସଦାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଆସନ୍ତା ବର୍ଷ ପାଇଁ କ୍ରୀଡ଼ା କ୍ୟାଲେଣ୍ଡର ପ୍ରସ୍ତୁତ କରାଯାଇଥିଲା । ପ୍ରାରମ୍ଭରେ ଏକ ଖବରଦାତା ସମ୍ମିଳନୀରେ ଆସନ୍ତା ସେପ୍ଟେମ୍ବରରେ ହେବାକୁ ଥିବା ରାଜ୍ୟସ୍ତରୀୟ ବାଳିକା ଫୁଟବଲ ପ୍ରତିଯୋଗିତା ଅତାବିରାରେ କରିବାକୁ ରାଜ୍ୟ ସଙ୍ଗଠନକୁ ପ୍ରସ୍ତାବ ପଠାଇବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିବା ପ୍ରକାଶ କରାଯାଇଥିଲା ।




ବ୍ଲକସ୍ତରୀୟ କ୍ରୀଡ଼ା ସଂଘର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ।

### ବ୍ଲକସ୍ତରୀୟ କ୍ରୀଡା ସମୂହର ବାର୍ଷିକ ବୈଠକ

ବିଜେପୁର, ୨୫।୮ (ଡି.ଏନ.ଏ)
ବିଜେପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଦ୍ୟାଳୟ କ୍ରୀଡା ସମୂହର ବାର୍ଷିକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ମନୋଜ ବେହେରାଙ୍କ ଅଧକ୍ଷତାରେ ବ୍ଲକ କ୍ରୀଡା ସମୂହର ସଭାପତି ତଥା ବିଇଓ ପୂର୍ଣ୍ଣଚନ୍ଦ୍ର ମିଶ୍ର ମୁଖ୍ୟଅତିଥି, ଏବିଇଓ ସୁଶାନ୍ତ କୁମାର ପାଣ୍ଡେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବୈଠକରେ ଶିକ୍ଷାବର୍ଷ ୨୦୧୮-୧୯ର କ୍ରୀଡା କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। କିଶୋର ଖେଳାଳିମାନଙ୍କୁ ଉତ୍ତମ ପ୍ରଶିକ୍ଷଣ ଦେଇ ଜିଲା, ରାଜ୍ୟ ତଥା ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ସାମିଲ କରିବାକୁ ମତପ୍ରକାଶ ପାଇଥିଲା। ସମ୍ପାଦକ ସୁରେନ୍ଦ୍ର ମୋହନ ପଧାନ ବାର୍ଷିକ ବିବରଣୀ ପଠନ ଓ ସରୋଜ କୁମାର ପୁରୋହିତ ସଭା ସଂଯୋଜନା କରିଥିଲେ । ହୃଦମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦଧିବାମନଙ୍କ ନୂଆଁଖାଇ ଲଗ୍ନ ଧାର୍ଯ୍ୟ

ଭଟଲି,୨୫।୮(ଡି.ଏନ.ଏ)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଳନ ପାଇଁ ପଶ୍ଚିମୋତ୍କଳ ଶ୍ରୀକ୍ଷେତ୍ର ଭାବେ ଅଭିହିତ ବରଗଡ଼ ଜିଲା ଭଟଲି ଦଧିବାମନ ଧାମ ସ୍ଥିତ ଶ୍ରୀ ମନ୍ଦିରରେ ନୂଆଁଖାଇ ଲଗ୍ନ ଧାର୍ଯ୍ୟ ହୋଇଛି । ଏଥିପାଇଁ ଶନିବାର ଅପରାହ୍ନରେ ଦଧିବାମନ ମୁକ୍ତିମଣ୍ଡପଠାରେ ମୁକ୍ତିମଣ୍ଡପ ପଣ୍ଡିତ, ଆଞ୍ଚଳିକ କର୍ମକାଣ୍ଡୀୟ ପୁରୋହିତ ଏବଂ ମନ୍ଦିର ପୁରୋହିତଙ୍କ ମିଳିତ ବୈଠକ ବସିଥିଲା । ବୈଠକରେ ଆସନ୍ତା ୩ ତାରିଖ ମଙ୍ଗଳବାର ପୂର୍ବାହ୍ନ ୧୦ଟାରୁ ୧୦ଟା ୩୧ ମଧ୍ୟରେ ଦଧିବାମନ ମହାପ୍ରଭୁଙ୍କୁ ନବାନ୍ନ ଲାଗି ହେବ ବୋଲି ଲଗ୍ନ ଧାର୍ଯ୍ୟ ହୋଇଥିଲା। ଏହାପରେ ସମଗ୍ର ଅଞ୍ଚଳରେ ନିଜ ଘରେ ଆରାଧ୍ୟ ଦେବୀ ଦେବତାଙ୍କୁ ନବାନ୍ନ ଲାଗି କରାଯିବ। ଏହାସହିତ ମହାପ୍ରଭୁଙ୍କ ନବାନ୍ନ ଭୋଗ ପାଇବା ପରେ ନିଜ ଘରେ ଅଞ୍ଚଳବାସୀ ନୂଆଁ ଭୋଗ ଖାଇବେ ବୋଲି କୁହାଯାଇଛି । ଏହି ବୈଠକରେ ମୁକ୍ତିମଣ୍ଡପ ପଣ୍ଡିତ ହିମାଂଶୁ ଶେଖର ରଥ, ପଣ୍ଡିତ କୁଳମଣି ପୁରୋହିତ, ଟିକେଶ୍ୱର ମହାପାତ୍ର, ଗୋକୁଳେଶ୍ୱର ରଥ, ଗୌରଚନ୍ଦ୍ର ରଥ, ଶୁଭ୍ରାଂଶୁ ମିଶ୍ର, ରାଜେଶ ମିଶ୍ର, ବେଣୁଧର ରଥ, ବାଚସ୍ପତି ରଥ, ରୋହତି ରଥ ପ୍ରମୁଖ ଉପସ୍ଥିତ ଥିଲେ ।

# ୧୧୬୨ ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ, ଭତ୍ତା ବଣ୍ଟନ

ପାଇକମାଳ,୨୫।୮(ଡି.ଏନ.ଏ)

ପାଇକମାଳ ବ୍ଲକ ଜାମସେଠ କଲ୍ୟାଣ ମଣ୍ଡପରେ ରବିବାର ଏସ୍‌ଇଓ ରମେଶ ଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ନୂତନ ଆବାସ କାର୍ଯ୍ୟାଦେଶ ଓ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ଅଲତାପ ମହମ୍ମଦ, ଜିଲା ପରିଷଦ ବିଶ୍ୱନାଥ ବାଗ, ସରପଞ୍ଚ ରମ୍ଭା ତାଣ୍ଡି, ସମିତି ସଭ୍ୟା ସୁମିତ୍ରା ଭୋଇ, ସରପଞ୍ଚ ହିମାଦ୍ରୀ ପୁଟା, ରବି ବାଗ, ରାମଚନ୍ଦ୍ର ସାହୁ, ସମିତି ସଭ୍ୟା ପୁଷ୍ପାଞ୍ଜଳି ଧରୁଆ, ସମିତି ସଭ୍ୟ ବିଜୟ କୁମାର ସ୍ୱାଇଁ ଓ ଧବଳେଶ୍ୱର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ବିଧାୟକ ବରିହା ୯୫୫ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ଓ ୨୦୭ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ବଣ୍ଟନ କରିଥିଲେ । ଜିପିଓ ଭୀଷ୍ମଦେବ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।



ହିତାଧିକାରୀଙ୍କୁ ଭତ୍ତା ଆବାସ କାର୍ଯ୍ୟାଦେଶ ବଣ୍ଟନ କରାଯାଉଛି ।

# ବୀମା ଟଙ୍କା ମିଳୁନି, ୬ରୁ ଚାଷୀ ଆନ୍ଦୋଳନ

ଝାରବନ୍ଧ, ୨୫।୮ (ଡି.ଏନ.ଏ)

ଗତବର୍ଷ ଝାରବନ୍ଧ ବ୍ଲକର ଚାଷୀ ନିର୍ଦ୍ଧାରିତ ସମୟରେ ବୀମା କରିଥିବା ବେଳେ ମରୁଡ଼ିର ସମ୍ମୁଖୀନ ହୋଇଥିଲେ। ଦୀର୍ଘଦିନ ବିତିଯାଇଥିଲେ ମଧ ବୀମା ଟଙ୍କା ପାଇବାରୁ ଚାଷୀ ବଞ୍ଚିତ ହୋଇଛନ୍ତି। ଏସିଏଫ ନାମରେ କମ୍ପାନୀ ଚାଷୀଙ୍କ ପ୍ରାୟ ୨୯ ପ୍ରତିଶତ ବୀମା ରାଶି କାଟି ଦେଇଛି । ଏଥିପାଇଁ ଚାଷୀ ବିଭାଗୀୟ କର୍ତ୍ତୃପକ୍ଷ ଓ ବୀମା କମ୍ପାନୀକୁ ବହୁବାର ଜଣାଇବା ପରେ ଏକ ଉଚ୍ଚସ୍ତରୀୟ ବୈଠକ ଗତ ଜୁଲାଇ ୩୦ରେ ହୋଇଥିଲା । ହେଲେ ଆଜକୁ ମାସେ ବିତିଯାଇଥିଲେ ମଧ ବୀମା ରାଶି ମିଳିବାରେ କମ୍ପାନୀ କୌଣସି ତତ୍ପରତା ଦେଖାଉନାହିଁ । ଏହାର ପ୍ରତିବାଦରେ ଏବେ ଚାଷୀମାନେ ଆନ୍ଦୋଳନର ଡାକରା ଦେଇଛନ୍ତି । ଝାରବନ୍ଧ ଆଞ୍ଚଳିକ ଚାଷୀ ସଙ୍ଗଠନ ସଭାପତି ବିଦ୍ୟୁତ ରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଝାରବନ୍ଧ ବଜାର ପ୍ରାଙ୍ଗଣରେ ରବିବାର ଏକ ବିଶାଳ ଚାଷୀ ସମାବେଶ ହୋଇଥିଲା । ବୀମା କମ୍ପାନୀର ମନୋମୁଖୀ କାମ ବିରୋଧରେ ଆସନ୍ତା ୬ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଝାରବନ୍ଧ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ସନ୍ତୋଷ ବେହେରା, ଅଶୋକ ସାହୁ, ପ୍ରମୋଦ ରାୟ, ମୀନ ବାଗ, ତୁଳାରାମ ଭୋଇ, ମୋହନ ପ୍ରସାଦ ନାୟକ, ବିନୋଦ ବିହାରୀ ବାଗ, ଲକ୍ଷ୍ମୀ ପ୍ରସାଦ ବାଗ, ଜଗଦୀଶ ସାହୁ, ଅମୃତ ଲାଲ ବନଛୋର ପ୍ରମୁଖ ଉପସ୍ଥିତ ଥିଲେ ।



ଫଟୋ କ୍ୟାପ୍‌ସନ୍



ନିର୍ଭୀକ ଲୋକ ହିଁ ସୁଯୋଗ ପାଇଲେ ଶିଖର ଦେଶରେ ପହଞ୍ଚିଯାଏ।
-ସେକ୍ସପିଅର



## ସଂକ୍ଷେପରେ

### କରମସାନୀ କରମା କଳାପରିଷଦର ପ୍ରସ୍ତୁତି ବୈଠକ

ଝାରବନ୍ଧ, ୨୫।୮ (ଡି.ଏନ.ଏ)
ଝାରବନ୍ଧ ବ୍ଲକସ୍ତରୀୟ କରମସାନୀ କରମା କଳା ପରିଷଦର ପ୍ରସ୍ତୁତି ବୈଠକ ସଂଘର ସଭାପତି ଅଇତରାମ ବରିହାଙ୍କ ସଭାପତିତ୍ୱରେ ଗୋଠୁଗୁଡା ଗ୍ରାମ ପଞ୍ଚାୟତର ସଲଡିହିଠାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୯ ଓ ୧୦ ତାରିଖ ଦୁଇ ଦିନ ଧରି ମହାସମାରୋହରେ ପାଳନ କରିବା ପାଇଁ ସ୍ଥିରୀକୃତ ହୋଇଛି । ଏବର୍ଷ ପୂଜାକର୍ତ୍ତା ଭାବେ ଦେବାର୍ଚ୍ଚନ ବରିହା ଏବଂ ତାଙ୍କ ସ୍ତ୍ରୀ କୁମୁଦିନୀ ବରିହା ରହିବେ । ଏହି ପ୍ରସ୍ତୁତି ବୈଠକରେ ଗୋପୀନାଥ ମେହେର, ତ୍ରିଲୋଚନ ବରିହା, ଦେବାର୍ଚ୍ଚନ ବରିହା, କଂଗ୍ରେସ ହଂସ, ମିନକେତନ ସାହୁ, ମାୟାରାମ ଜଗତ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଶେଷରେ ସମ୍ପାଦକ ତ୍ରିଲୋଚନ ବରିହା ଧନ୍ୟବାଦ ଅର୍ପଣ କରିଥିଲେ ।

### ଫୁଟବଲ: ଭୈରବୀ କ୍ଲବ ଚାମ୍ପିୟନ

ପୁରୁଣାକଟକ,୨୫।୮ (ଡି.ଏନ.ଏ)
ବୌଦ୍ଧ ଜିଲା ପୁରୁଣାକଟକ ଭୈରବୀ କ୍ଲବ ଓ ଜୁନିୟର ଫୁଟବଲ କ୍ଲବ ମିଳିତ ସହଯୋଗରେ ରବିବାର ସ୍ଥାନୀୟ ମିନିଷ୍ଟାଡିୟମରେ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା । ଫାଇନାଲରେ ସରସରାକୁ ୨-୦ ଗୋଲରେ ହରାଇ ପୁରୁଣାକଟକ ଭୈରବୀ କ୍ଲବ ଚାମ୍ପିୟନ ହୋଇଥିଲା । ଟୁର୍ନାମେଣ୍ଟରେ ଭେଟେରାନ ଦଳ ପୁରୁଣାକଟକ, ତିଲେଶ୍ୱର, ପରଗଲପୁର, ଭେଜିଗୋରା, ସରସରା, ବଡବନ୍ଧ, ବଢିଗାଁ ଓ ଭୈରବୀ କ୍ଲବ ଆଦି ୮ ଟି ଦଳ ଭାଗ ନେଇଥିଲେ। ସୁଦର୍ଶନ ବେହେରା, ମଧୁସୁଦନ ବେହେରା, ସୀତାଂଶୁ ମହାରଣା ଓ କୈଳାସ ବେହେରା ମ୍ୟାଚ ପରିଚାଳନା କରିଥିଲେ । ଭୈରବୀ କ୍ଲବ ଓ ଜୁନିୟର ଫୁଟବଲ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

### ଆଞ୍ଚଳିକ ବ୍ରାହ୍ମ ସମାଜର ବୈଠକ

ଘଣ୍ଟାପଡା, ୨୫।୮ (ଡି.ଏନ.ଏ)
କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତର ରୁଗୁଡିପାଲି ସ୍ଥିତ ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆଞ୍ଚଳିକ ବ୍ରହ୍ମ ସମାଜ, ଗୁଣୁଚିତରା ପକ୍ଷରୁ ସଭାପତି ବଳରାମ ଦାଶଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଚଳିତ ବର୍ଷର ନୂଆଁଖାଇ ଲଗ୍ନ ସ୍ଥିର କରାଯାଇଥିଲା । ଭାଦ୍ରବ ମାସ ତୁଳା ନକ୍ଷତ୍ରରେ ଅଞ୍ଚଳର ନୂଆଁଖାଇ ପର୍ବ ପାଳନ କରାଯିବା ନେଇ ସ୍ଥିର କରାଯାଇଛି । ସେହିପରି ସେପ୍ଟେମ୍ବର ୧୨ ତାରିଖରେ ବନ୍ଧଗୋରା ଧବଳେଶ୍ୱର ମନ୍ଦିରଠାରେ ବ୍ରାହ୍ମ ସମାଜ ପକ୍ଷରୁ ଅନନ୍ତମୁଖୀ ବ୍ରତ ପାଳନ କରିବା ନେଇ ଆଲୋଚନା କରାଯାଇଥିଲା। ସମ୍ପାଦକ ଦୁର୍ଯ୍ୟୋଧନ ଶତପଥି, କୋଷାଧ୍ୟକ୍ଷ ଯଜ୍ଞସେନ ମିଶ୍ର, ଉପସଭାପତି ନାରାୟଣ ଗୁରୁ ଏବଂ କମଳ ମିଶ୍ର, ତ୍ରିଲୋଚନ ନନ୍ଦ, ଲକ୍ଷ୍ମଣ ମିଶ୍ର, ଦୁର୍ଗା ତ୍ରିପାଠୀ, ଲବ ଷଡଙ୍ଗୀ, ମଦନ ମିଶ୍ର ଓ ସ୍ୱାଧିନ ଦାଶ ପ୍ରମୁଖ ଅଂଶଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ ।

# ବନ୍ୟା ଦାଉରୁ ରକ୍ଷା ପାଇଁ ଆଡିବନ୍ଧ ଆବଶ୍ୟକ

ମନମୁଣ୍ଡା, ୨୫।୮ (ଡି.ଏନ.ଏ)

ତେଲନଦୀର ସାମାନ୍ୟ ବନ୍ୟା ଜଳରେ ମନମୁଣ୍ଡା ତଥା ଏହାର ଅବବାହିକା ଅଞ୍ଚଳ ବାରମ୍ବାର କ୍ଷତି ହେଉଛି । ଏହାର ପ୍ରତିକାର ପାଇଁ ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନର ଚେତା ପଶୁନାହିଁ। ତେବେ ଆଡିବନ୍ଧ ନ ହେଲେ ମନମୁଣ୍ଡା ଦିନେ ତେଲ ନଦୀରେ ଲୀନ ହୋଇଯିବ। ବନ୍ୟା ଜଳ ପ୍ରତିବର୍ଷ କୂଳ ଖାଇ ବସ୍ତି ସହ ଲାଗି ଗଲାଣି । ତେଲନଦୀ ପୋଲ ଉପରି ମୁଣ୍ଡରେ ଚେପାସିରା ଛକରେ ବନ୍ୟା ଉଦ୍‌ବୃତ୍ତ ଜଳ ନିଷ୍କାସିତ ହୋଇ ମନମୁଣ୍ଡା-ଖୁଣ୍ଟିଗୋରା ରାଜ୍ୟପଥ-୪୧କୁ ଅବରୋଧ କରି ଆସୁଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ଉକ୍ତ ରାସ୍ତାକୁ ଉଚ୍ଚରେ ନିର୍ମାଣ କରି ଦୁଇଟି ହୋମ ପାଇପ ଦେଇଥିଲା । ହେଲେ ତାହା କାମକୁ ଆସିଲା ନାହିଁ ଓ ଚଳିତ ବର୍ଷ ବନ୍ୟାରେ ଯଥା ପୂର୍ବଂ ତଥା ପରଂ ଅବସ୍ଥା ଦେଖିବାକୁ ମିଳିଲା । ତେଲନଦୀ କୂଳରେ ସୁଉଚ୍ଚ ପଥର ଆଡିବନ୍ଧ ନିର୍ମାଣ ହେଲେ ଏହାର ସମାଧାନ ହୋଇପାରନ୍ତା ବୋଲି ଅଞ୍ଚଳବାସୀ ମତ ଦେଇଛନ୍ତି ।

ଅନ୍ୟପକ୍ଷେ ବନ୍ୟାଜଳ ତେଲନଦୀ ପୋଲ ଛାତକୁ ଛୁଇଁଲାଣି । ଫଳରେ ପୋଲର ସ୍ଥାୟିତ୍ୱ ନେଇ ଆଶଙ୍କା ପ୍ରକାଶ ପାଇଛି । ନଦୀ କୂଳ କମ୍ ଉଚ୍ଚତା ହେତୁ ସହଜ ଓ ସୁବିଧାରେ ବନ୍ୟାଜଳ ବସ୍ତି ଅଞ୍ଚଳକୁ ମାଡି ଆସୁଛି । କେବଳ ତେଲନଦୀ ପୋଲ ଆପ୍ରୋଚ ହିଁ ବର୍ତ୍ତମାନ ତ୍ରାଣକର୍ତ୍ତା ସାଜିଛି । ଯାହାକି ୧୯୭୩ ମସିହାରୁ ପୋଲ ନିର୍ମାଣ ହେଲା ଦିନଠୁ ମରାମତି ହୋଇନାହିଁ । ତାହାର ପଥର ଇତସ୍ତତ ହୋଇ


ବନ୍ୟାଜଳ ତେଲନଦୀ ପୋଲକୁ ଛୁଇଁଛି ।

ଯାଇଥିବା ବେଳେ ଆପ୍ରୋଚ ଦୁର୍ବଳ ହେଲାଣି । ତାହାକୁ ଉଚ୍ଚ କରି ପୁନର୍ବାର ପଥର ସୋଲିଂ ଓ କଂକ୍ରିଟ ନ କଲେ ଭୁଷୁଡି ପଡିବା ସମ୍ଭାବନା ରହିଛି। ଏହା ଭାଙ୍ଗିଗଲେ ନଦୀର ବନ୍ୟାଜଳ ମନମୁଣ୍ଡା ଉପରେ ସିଧା ମାଡ ହୋଇ ଗ୍ରାମ ନିଶ୍ଚିହ୍ନ ହୋଇଯିବ । ଅନ୍ୟପକ୍ଷରେ ଏଠାରେ ତେଲ ନଦୀ ଓ ମହାନଦୀ ସଂଗମ ହୋଇଛି। ମହାନଦୀରେ ବଢ଼ି ହେଲେ ମନମୁଣ୍ଡା ଅଞ୍ଚଳକୁ ପାଣି ମାଡି ଆସୁଥିବା ବେଳେ ବାସୁଦେବପାଲି ଏବଂ ସାହୁପଡାରେ କ୍ଷୟକ୍ଷତି କରୁଛି । ଏହି ଅଞ୍ଚଳକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ଏଠାରେ ସୁଉଚ୍ଚ ଆଡିବନ୍ଧ ନିର୍ମାଣ ସାଙ୍ଗକୁ ଚାଷ ଜମି ସବୁକୁ କ୍ଷୟକ୍ଷତିରୁ ରକ୍ଷା ପାଇଁ କପାସିରାରୁ ସାହୁପଡା ମେହେରୁଣି ପର୍ଯ୍ୟନ୍ତ ବଡ କଂକ୍ରିଟ ନାଳ ନିର୍ମାଣ କରିବାକୁ ମନମୁଣ୍ଡା ସରପଞ୍ଚ ମିନାକ୍ଷୀ ସାହୁ, ସମିତି ସଭ୍ୟା ବବିତା ମେହେର, ଜିଲା ପରିଷଦ ସଭ୍ୟା ସସ୍ମିତା ଥାଛି, କଂଗ୍ରେସ ଜିଲା ସଭାପତି ସୁଧୀର ମହାକୁଡ, ମନମୁଣ୍ଡା ମଣ୍ଡଳ ଭାଜପା ସଭାପତି ନିରଞ୍ଜନ କର୍ଣ୍ଣ, ସାମାଜିକ କର୍ମୀ ରାଧେଶ୍ୟାମ ସାହୁ, ଛନ୍ଦାଚରଣ ମେହେର, ବିଜେଡି ନେତା ରୋହିତ ହୋତା, କଂଗ୍ରେସ ଜିଲା ଉପସଭାପତି ବିପ୍ରଚରଣ ବେହେରା, ଚାଷୀ ନେତା ଶାନ୍ତନୁ ଥାଛି ପ୍ରମୁଖ ଦାବି ଜଣାଇଛନ୍ତି ।

### ନଳକୂପ ଅଚଳ, ଲୋକଙ୍କ ଭରସା ଦୂଷିତ ପାଣି

ତଳଗାଁ,୨୫।୮ (ଡି.ଏନ.ଏ)

ହରଭଙ୍ଗା ବ୍ଲକ ଆଡେଣୀଗଡ ଗ୍ରାମପଞ୍ଚାୟତର ବାରିଙ୍ଗ ଗୁରହାପଡାରେ ଥିବା ଦୁଇଟି ନଳକୂପ ଅଚଳ ହୋଇ ପଡିଛି । ଫଳରେ ଗ୍ରାମବାସୀ ଦୂଷିତ ପାଣି ବ୍ୟବହାର କରୁଛନ୍ତି । ନଳକୂପ ଅଚଳ ଥିବାରୁ ସେମାନେ ଗାଁ ନିକଟସ୍ଥ ନାଳ ପାଣି ପିଇବା ସହ ଖାଦ୍ୟ ପ୍ରସ୍ତୁତ କରୁଥିବା ବେଳେ ସ୍ନାନ ଶୌଚ କରୁଛନ୍ତି। ଗ୍ରାମରେ ୨୫ଟି ଆଦିବାସୀ ପରିବାର ରହୁଥିବା ବେଳେ ସେମାନେ ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କେହି ଶୁଣୁନାହାନ୍ତି । ବର୍ଷା ଦିନ ହୋଇଥିବାରୁ ନାଳ ପାଣି ମଇଳାରେ ପରିପୂର୍ଣ୍ଣ। ସେମାନେ ବାଧ୍ୟ ହୋଇ ଏହାକୁ ବ୍ୟବହାର କରୁଥିବା ନରେନ୍ଦ୍ର ଜାନୀ, ସୁରେନ୍ଦ୍ର ନାଏକ, ଚିତ୍ତରଞ୍ଜନ ନାଏକ ଓ ଅଭିମନ୍ୟୁ କହଁର ପ୍ରକାଶ କରଛନ୍ତି । ଏ ନେଇ ପାନୀୟଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ନିରଞ୍ଜନ ରାଉତଙ୍କ ଫୋନ ବନ୍ଦ ଥିବାରୁ ମତାମତ ନେବା ସମ୍ଭବ ହୋଇ ନ ଥିଲା ।

## ପାଇଖାନା ବ୍ୟବହାର ନେଇ ସଚେତନ କରାଇଲେ ଛାତ୍ରୀଛାତ୍ର

ପୁରୁଣାକଟକ,୨୫।୮ (ଡି.ଏନ.ଏ)

ହରଭଙ୍ଗା ବ୍ଲକ ତିଲେଶ୍ୱର ଲାଲ ବାହାଦୂର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ମୋ ସ୍କୁଲ କମିଟି ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହିଅବସରରେ ଛାତ୍ରୀଛାତ୍ରଙ୍କ ସମେତ ୧୦ ଜଣ ପୁରାତନ ଛାତ୍ର ବିଦ୍ୟାଳୟ ପରିସରରୁ ବାହାରି ତିଲେଶ୍ୱର ବଜାରସାହି, ପଞ୍ଚାୟତସାହି ଆଦି ପରିକ୍ରମା କରିବା ସହିତ ଘର ଘର ବୁଲି ଲୋକଙ୍କୁ ଶୌଚାଳୟ ବ୍ୟବହାର କରିବା ପାଇଁ ସଚେତନ କରାଇଥିଲେ। ପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ରଜନୀକାନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ସଭାରେ ମୋ ସ୍କୁଲ କମିଟି ସଭାପତି ସିମୁନ ନାଏକ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମସ୍ତେ ଶୌଚାଳୟ ବ୍ୟବହାର କରିବା ସହିତ ନିଜ ଆଖପାଖରେ ଥିବା ଲୋକଙ୍କୁ ସଚେତନ କରାଇବା ପାଇଁ ଆହ୍ୱାନ କରିଥିଲେ। ଶିକ୍ଷକ ସୁଭେନ୍ଦୁ ରଞ୍ଜନ ଖମାରୀ, ପୁଷ୍ପଲତା ସାହୁ, ସଞ୍ଜୀବ କୁମାର ସାହୁ, ମଧୁସୁଦନ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ପୁରାତନ ଛାତ୍ର ଶୁଭ୍ରଜିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।


ଛାତ୍ରୀମାନେ ପାଇଖାନା ବ୍ୟବହାର ପାଇଁ ଲୋକମାନଙ୍କୁ ସଚେତନ କରୁଛନ୍ତି ।

### ଲଣ୍ଡୁରୁଝୁରୀ ଗ୍ରାମରେ ୩ ଜଣଙ୍କ ମୃତ୍ୟୁ ଘଟଣା
## ୪୫ ଜଣଙ୍କୁ ଔଷଧ ବାଣ୍ଟିଲା ସ୍ୱାସ୍ଥ୍ୟ ବିଭାଗ

ତଳଗାଁ,୨୫।୮ (ଡି.ଏନ.ଏ)

ହରଭଙ୍ଗା ବ୍ଲକ ଆଦିବାସୀ ବହୁଳ ତଳଗାଁ ପଞ୍ଚାୟତର ଲୁଣ୍ଡୁରିଝରି ଗ୍ରାମରେ ୯ ଦିନରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ଖବର ପ୍ରଚାରିତ ହେବା ପରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ରବିବାର ଉକ୍ତ ଗାଁରେ ପହଞ୍ଚିଛନ୍ତି । ସେମାନେ ୪୫ ଜଣଙ୍କୁ ଔଷଧ ଦେଇଥିବା ବେଳେ ୫ ଜଣଙ୍କ ରକ୍ତ ସଂଗ୍ରହ କରି ପରୀକ୍ଷା କରିଥିଲେ। ଆଡେଣୀଗଡ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ସିଦ୍ଧାର୍ଥ ସାହୁ, ସୁପରଭାଇଜର ପ୍ରାଣେଶ୍ୱରୀ ପ୍ରଧାନ, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ବିରେନ୍ଦ କହଁର ଓ ଏଏନମ ତଦାରଖ କରିଥିଲେ । କିଛି ଲୋକଙ୍କ ରକ୍ତଚାପ ହଠାତ ବୃଦ୍ଧି ପାଉଥିବା ଓ କମୁଥିବା ନେଇ ଡାକ୍ତର ଦଳ ଅନୁଧ୍ୟାନ କରିଥିଲେ । ଏହାସହ ଗ୍ରାମରେ ଗୁଣି ଗାରେଡି ନେଇ ଏକ ସଚେତନତା ସଭା ମଧ୍ୟ କରାଯାଇଥିଲା । ଗୁଣି ଗାରେଡିକୁ ବିଶ୍ୱାସ ନ କରି ଦେହ ଖରାପ ହେଲେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରିବାକୁ ପରାମର୍ଶ ଦିଆଯାଇଥିଲା ।

## ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ମନମୁଣ୍ଡା, ୨୫।୮ (ଡି.ଏନ.ଏ)

କଣ୍ଟାମାଳ ସରସ୍ୱତୀ ଶିଶୁ ମନ୍ଦିରରେ ସଙ୍କୁଳର ଜ୍ଞାନବିଜ୍ଞାନ ମେଳା ପ୍ରଧାନଆଚାର୍ଯ୍ୟ ଅଶୋକ କୁମାର ବଡମାଳୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମନମୁଣ୍ଡା, ଦପଲା, କଣ୍ଟାମାଳ, ପଲସାଗୋରା, ବିଲାସପୁର, ଘଣ୍ଟାପଡା ଆଦି ୬ଟି ଶିଶୁ ମନ୍ଦିରରୁ ୧୨୦ଜଣ ଶିଶୁ ଭାଗ ନେଇଥିଲେ। ଉପସଭାପତି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ଦେହୁରୀ ଉଦଘାଟନ କରିଥିଲେ। କୋଷାଧ୍ୟକ୍ଷ ପ୍ରଜୀଣା ପାଢ଼ୀ ସିଆରସିସି ଉଦବୋଧନ ଦେଇଥିଲେ । ଅଶୋକ କୁମାର ବଡମାଳୀ ଅତିଥି ପରିଚୟ, ସଂକୁଳ ସଂଯୋଜକ ଭଗବାନ ମନହିରା ସୂଚନା ଦେଇଥିଲେ। ମିତ୍ରଭାନୁ ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିଶୁ ଭଉଣୀ ଆକାଂକ୍ଷା ସାହୁ, ଇପସିତା ସାହୁ, ଅର୍ପିତା ପ୍ରଧାନ, କଲ୍ୟାଣୀ ମେହେର ସ୍ୱାଗତ ସଙ୍ଗୀତ ଗାଇଥିଲେ । ସଙ୍କୁଳ ପ୍ରମୁଖ ଅବଧୂତ ସାହୁ, ଯୁଗ୍ମ ସମ୍ପାଦକ ଆନନ୍ଦ କୁମାର ପରମଗୁରୁ ଉପସ୍ଥିତ ଥିଲେ। ଦହ୍ୟା ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ବୀରେନ୍ଦ୍ର କୁମାର ପ୍ରଧାନ, ଉମା ସରକାରୀ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ କ୍ରିଷ୍ଣା ଚନ୍ଦ୍ର ପ୍ରଧାନ ଏବଂ ବିଲାସପୁର ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଶ୍ୱମ୍ଭର ମନହିରା ବିଚାରକ ଭାବେ ଯୋଗ ଦେଇଥିଲେ । ଶକୁନ୍ତଳା ପ୍ରଧାନ ବିଜ୍ଞାନ ପ୍ରକଳ୍ପ, ଆନନ୍ଦ ରଣା, ମମତା ମେହେର, ମିତ୍ରଭାନୁ ନନ୍ଦ, ରୋହିତ ଜଗଦଲା, ସଂସ୍କୃତିଜ୍ଞାନ ନବୀନ ନାଏକ, ଶ୍ରୀପତି ଦୀପ, ଦୁର୍ଯ୍ୟୋଧନ ଝାଙ୍କର, ପଦ୍ମିନୀ ପଣ୍ଡା, ଗଣିତ ପ୍ରଶ୍ନମଞ୍ଚ ଓ ମହାସ୍ମିତା ସାହୁ, ଅଜିତ ସ୍ୱାଇଁ, ଅନୀଲ ସାହୁ, ସୁଶାନ୍ତ ସାହୁ ବିଜ୍ଞାନ ପ୍ରଶ୍ନମଞ୍ଚ ପରିଚାଳନା କରିଥିଲେ। ସରପଞ୍ଚ ମୀନାକ୍ଷୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ପୁରସ୍କାର ଦେଇଥିଲେ। ସୁଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ତେଲ ନଦୀର ଆଁ ଭିତରେ ଘଣ୍ଟାପଡା

ଘଣ୍ଟାପଡା, ୨୫।୮ (ଡି.ଏନ.ଏ)

ତେଲ ନଦୀରେ ସୃଷ୍ଟି ହୋଇଥିବା ବନ୍ୟା ଯୋଗ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଘଣ୍ଟାପଡା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ବନ୍ୟାକୁ ୧୦ ଦିନ ବିତିଯାଇଥିଲେ ସୁଦ୍ଧା ଘଣ୍ଟାପଡାବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଦୀର୍ଘ ୧୧ ବର୍ଷ ପରେ ହୋଇଥିବା ବନ୍ୟା ଏତେ ଭୟଙ୍କର ଥିଲା ଯେ ଲୋକେ ସ୍ଥାନାନ୍ତର ହୋଇପାରି ନ ଥିଲେ । ଏଥିରେ ଫସଲ ନଷ୍ଟ ହେବା ସହ ଶହ ଶହ ଏକର ଜମିରେ ବାଲିଚର ହୋଇଛି। କେତେକଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଆଗକୁ ଏପରି ବନ୍ୟା ହେଲେ ଅଳ୍ପ କେଇ ବର୍ଷରେ ଘଣ୍ଟାପଡା ତେଲନଦୀ ଗର୍ଭରେ ବିଲୀନ ହୋଇଯିବ । କାରଣ ଘଣ୍ଟାପଡାଠାରେ ତେଲ ନଦୀର କୂଳ ୧୦ ମିଟରରୁ ଊର୍ଦ୍ଧ୍ୱ ଧୋଇଯାଇଛି । ନଦୀ କୂଳରେ ଥିବା ଘରଦ୍ୱାର ଏବେ ନଈ ଭିତରେ । କାଳେ ପୁଣି ବନ୍ୟା ଆସିଯିବ ବୋଲି ଚିନ୍ତା କରି ଲୋକମାନେ ଭୟଭୀତ ହୋଇପଡିଛନ୍ତି । ଗତ ୩ ବର୍ଷ ହେଲା ଏଠାରେ ଜଳ ସମ୍ପଦ ବିଭାଗ ପକ୍ଷରୁ ପ୍ରାୟ ୪୦୦ ମିଟର ପଥର ବନ୍ଧେଇ କାମ ଖଣ୍ଡିର ଅଧା ପର୍ଯ୍ୟନ୍ତ ସରିଛି । ପ୍ରାୟ ୧ କିମି ଗ୍ରାମର ଖଣ୍ଡିରେ ସମ୍ପୂର୍ଣ୍ଣ ଭାବେ ତଳୁ ଉପର ପର୍ଯ୍ୟନ୍ତ ପଥର ବନ୍ଧେଇ ହେଲେ କୂଳ ସମ୍ପୂର୍ଣ୍ଣ ସୁରକ୍ଷିତ ହୁଅନ୍ତା । ଚଳିତ ବନ୍ୟା ପ୍ରଭାବିତ ଅଞ୍ଚଳକୁ ପରିଦର୍ଶନରେ ଆସିଥିବା କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ଓ କଣ୍ଟାମାଳ ବିଧାୟକ ମହୀଧର ରଣାଙ୍କୁ ଗ୍ରାମବାସୀ ଏ ନେଇ ଅଭିଯୋଗ କରିଥିଲେ। ଘଟଣା ପରିଦର୍ଶନ କଲା ପରେ ଏମ୍‌ପି ସାମନ୍ତ ଓ ବିଧାୟକ ରଣା ଜଳ ସମ୍ପଦ ବିଭାଗକୁ ଜଣାଇ ତ୍ୱରିତ କାର୍ଯ୍ୟ କରିବା ପାଇଁ କହିଥିଲେ । ଏହାର ତ୍ୱରିତ କାର୍ଯ୍ୟ ପାଇଁ ସରପଞ୍ଚ ଜିତେନ୍ଦ୍ର ପ୍ରସାଦ ଦେହୁରୀ, ସମିତି ସଭ୍ୟ ନିତ୍ୟାନନ୍ଦ ସେନାପତି, ଗ୍ରାମ୍ୟ କମିଟିର ସମ୍ପାଦକ ଦେବେନ୍ଦ୍ର ରଣା ପ୍ରମୁଖ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଜଣାଇଛନ୍ତି ।


ବନ୍ୟାରେ ତେଲ ନଦୀ କୂଳ ଖାଇ ଯାଇଛି ।

### ଫୁଟବଲ: ଲୁପୁରସିଂହା ଚାମ୍ପିୟନ

ଭେଡ଼େନ,୨୫।୮ (ଡି.ଏନ.ଏ)

ଭେଡ଼େନ ବ୍ଲକ ଚିଚିଣ୍ଡା ଗ୍ରାମପଞ୍ଚାୟତର ହାଇସ୍କୁଲ ଖେଳ ପଡ଼ିଆରେ ଶନିବାର ଅନୁଷ୍ଠିତ ଏକଦିବସିୟ ଲଳିତ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟରେ ଲୁପୁରସିଂହା ଦଳ ଚାମ୍ପିୟନ ହୋଇଛି । ସୁପ୍ରିମ ଆଥଲେଟିକସ ଆସୋସିଏଶନ ଆନୁକୂଲ୍ୟରେ ହୋଇଥିବା ଏହି ୯୬ତମ ଏକଦିବସୀୟ ଫୁଟବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ବିଜୟୀ ଦଳ ତୁଲଣ୍ଡି ଦଳକୁ ଟାଇବ୍ରେକର ଯୋଗେ ୩-୧ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ପୂର୍ବରୁ ହୋଇଥିବା ସେମିଫାଇନାଲ ଖେଳରେ ଲୁପୁରସିଂହା ଦଳ ବାଘପାଲି ଦଳକୁ ଏବଂ ତୁଲଣ୍ଡି ଦଳ ଗୁନିଆପାଲିକୁ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲେ। ଏହି ପ୍ରତିଯୋଗିତାର ଉଦଯାପନୀ ଉତ୍ସବରେ ଚିଚିଣ୍ଡା ସମିତି ସଭ୍ୟ ମୁକେଶ କୁମାର ସାହୁ ମୁଖ୍ୟ ଅତିଥି, ପୂର୍ବତନ ଫୁଟବଲ ଖେଳାଳି ଲଳିତ ଭୋଇ, ମନାବୋଧ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଖେଳଗୁଡ଼ିକୁ ରେଫରୀ ହରେରାମ ପଶାୟତ, ଛାୟାକାନ୍ତ ତରିଆ, ବାବାଜୀ ଝାଙ୍କର ପ୍ରମୁଖ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ଲୁପୁରସିଂହା, ଜାମଟିକ୍ରା, ଥୁଆପାଲି, ବାଘପାଲି, ତୁଲଣ୍ଡି, ବାଞ୍ଜିପାଲି, ଗୁନିଆପାଲି, ରୁପାପାଲି ଦଳ ଅଂଶଗ୍ରହଣ କରିଥିଲେ ।

## ବ୍ଲକସ୍ତରୀୟ ପ୍ରଜ୍ଞାନ ମିଶନ ଗୀତା ଆବୃତ୍ତି ପ୍ରତିଯୋଗିତା

ବାଉଁଶୁଣୀ, ୨୫।୮ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରଧାନଶିକ୍ଷକ ଧନେଶ୍ୱର ମଣ୍ଡଳଙ୍କ ଅଧକ୍ଷତାରେ ବ୍ଲକସ୍ତରୀୟ ପ୍ରଜ୍ଞାନ ମିଶନ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ କରୁଣାକର ଘଣ୍ଟୁଆଳ ମୁଖ୍ୟଅତିଥି, ଯୁକ୍ତ ୨ ମହାବିଦ୍ୟାଳୟ ଅଧକ୍ଷ ମାନଭଞ୍ଜନ ତ୍ରିପାଠୀ, ଶିବଦତ୍ତ ପଟ୍ଟନାୟକ, ସୌମିତ୍ରୀ ପଲିଆ, ବିଶିକେଶନ ପ୍ରଧାନ, ସଚଲା ଗୁରୁ, ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଖଗେଶ୍ୱର ମେହେର ଅତିଥି ପରିଚୟ କରିଥିଲେ । ସିଆରସିସି ସରୋଜ ଝାଙ୍କର, କାନିଜ ଶୋଲେହା ବୁଖାରୀ ମଞ୍ଚ ପରିଚାଳନା କରିଥିଲେ । ବନୀନ ଚରଣ ଶତପଥି, ସଚିଳା ଗୁରୁ, ରଘୁନାଥ ରଥ, ସନ୍ତୋଷ ଥନାପତି, ସୁଷମା ତ୍ରିପାଠୀ, ମନୋରଞ୍ଜନ ପ୍ରଧାନ, ସମୀର ସାହୁ ପ୍ରମୁଖ ବିଚାରକ ଥିଲେ । ମୃତ୍ୟୁଞ୍ଜୟ ହାତୀ, ଲିଙ୍ଗରାଜ ପଣ୍ଡା ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରେ ୧୦୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ । କାନିଜ ଶୋଲେହା ବୁଖାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା, ୧୮ ବିଭାଗର ପ୍ରକଳ୍ପ ପ୍ରଦର୍ଶିତ

ଭଟଲି,୨୫।୮ (ଡି.ଏନ.ଏ)

ଭଟଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ରବିବାର ଅନୁଷ୍ଠିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ଅମୃତ ପଟେଲଙ୍କ ସଭାପତିତ୍ୱରେ ବରଗଡ ଜିଲା ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା ଶୁଭାରମ୍ଭ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପଟେଲ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପରିଚାଳନା କମିଟି ସଭାପତି ଦୟାନିଧି ପଧାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଭୁବନ ମୋହନ ସାହୁ, ପହଣ୍ଡି ବିଜକକୟ ମେହେର, ଲୋକନାଥ ମେହେର, ବିଷ୍ଣୁପ୍ରିୟା ପଟେଲ, ପ୍ରକାଶ ଦାସ, ସୁଦାମ ବାରିକ, ଅକ୍ଷୟ ପଧାନ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପ ଗୁଡିକୁ ମୂଲ୍ୟାୟନ କରିଥିଲେ । ମୋଟ ୧୮ଟି ବିଭାଗର ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ।

## ବିନା ସୂଚନା ଫଳକରେ ଚାଲିଛି ରାସ୍ତାକାମ

ଜହ୍ନାପଙ୍କ, ୨୫।୮ (ଡି.ଏନ.ଏ)

■ ପୋତି ହେଲା କାଡା କେନାଲ
■ ୫୦ ଏକର ଜମି ପ୍ରଭାବିତ

ବୌଦ୍ଧ ବ୍ଲକ ଅନ୍ତର୍ଗତ ମୁଣ୍ଡିପଦର କଲତାସାହିଠାରୁ ରାଉତବାହାଲ କେନାଲ ଛକ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ କାମ ଚାଲିଛି। କାର୍ଯ୍ୟସ୍ଥଳରେ ସୂଚନା ଫଳକ ନ ଥିବାବେଳେ ରାସ୍ତାରେ କେବଳ ମାଟି ଫିଲିଂ କରାଯାଇଛି। ନିୟମ ମୁତାବକ ରାସ୍ତାରେ ମାଟି ପଡିଲା ପରେ ପାଣି ଢ଼ାଳି ରୋଲିଂ କରିବା କଥା। ରୋଲିଂ ହୋଇ ନ ଥିବାରୁ ସାମାନ୍ୟ ବର୍ଷା ହେଲେ ଆଣ୍ଠୁଏ କାଦୁଅ ହେଉଛି। ଏହି ରାସ୍ତା ଦେଇ ବ୍ରାହ୍ମଣୀପାଲି, ଆମ୍ବଝରି, ମୁଣ୍ଡିପଦର ପଞ୍ଚାୟତର ଶହ ଶହ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର, ବ୍ୟବସାୟୀ ଓ ସାଧାରଣ ଲୋକ ଯିବା ଆସିବା କରୁଛନ୍ତି । ବର୍ତ୍ତମାନ ରାସ୍ତା ଅବସ୍ଥା ଏପରି ଶୋଚନୀୟ ହୋଇଛି ଯେ ସାଇକେଲରେ ଯିବା ଦୂରର କଥା ଚାଲି ଚାଲି ଯିବା କଷ୍ଟକର ହୋଇପଡିଛି। ଏପରିକି ଲୋକେ ସାଇକେଲ ଗଡାଇ ଗଡାଇ ଯାଉଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷେରେ ଏହି ରାସ୍ତା କଡରେ ସାଲୁଙ୍କି ଜଳସେଚନ କେନାଲରୁ ଏକ ଶାଖା କାଡା କେନାଲ ରାସ୍ତାର ଅପରପାର୍ଶ୍ୱକୁ ପାଣି ମାଡିବା ପାଇଁ ଯାଇଛି। ଫଳରେ ଜାଲୋଇ, ରାଉତବାହାଲ ଓ ମୁଣ୍ଡିପଦର ଗାଁର ପ୍ରାୟ ୫୦ ଏକର ଚାଷଜମି ଜଳସେଚିତ ହୋଇଥାଏ । ରାସ୍ତା କାମ ଯୋଗୁଁ ଏହି କେନାଲଟି ପୋତି ହୋଇଯିବାରୁ ସମ୍ପୃକ୍ତ ଚାଷ ଜମି ପ୍ରଭାବିତ ହେବା ସମ୍ଭାବନା ରହିଛି । ଏ ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ କିଛି ସୁଫଳ ମିଳିନାହିଁ। ଏ ନେଇ ଠିକାଦାର ରବି ପଣ୍ଡାକୁ ଯୋଗାଯୋଗ କରିବାରୁ କାଡା କେନାଲ ପାଇଁ ପୋଲ ଦିଆଯିବ ବୋଲି କହିଥିଲେ। ତେବେ ସୂଚନା ଫଳକ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ପ୍ରଫୁଲ୍ଲ କିଶାନଙ୍କୁ ଯୋଗାଯୋଗ କରିବାରୁ ଠିକାଦାରଙ୍କୁ କାମ ପୂର୍ବରୁ ସୂଚନା ଫଳକ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା ବୋଲି କହିଥିଲେ।

## ପାଇଖାନା ନିମ୍ନମାନର, ବ୍ୟବହାର ଉପଯୋଗୀ ହେଉନି

ବୌଦ୍ଧ,୨୫।୮ (ସ୍ୱ.ପ୍ର)

ହରଭଙ୍ଗା ବ୍ଲକ ବାଣୀଭୂଷଣପୁର ପଞ୍ଚାୟତର ହରିଡାବିଡା ଗ୍ରାମରେ ପାଇଖାନା ନିର୍ମାଣ ନିମ୍ନମାନର ହୋଇଛି। ଏହା ବ୍ୟବହାର ଉପଯୋଗୀ ନ ହୋଇ ପଡି ରହିଥିବାବେଳେ ଲୋକେ ଖୋଲା ଶୌଚ କରୁଛନ୍ତି । ଏହି ଗ୍ରାମରେ ତିଆରି ହୋଇଥିବା ପାଇଖାନା ଗୁଡିକରେ କେଉଁଠି ଟାଙ୍କି ନାହିଁ ତ କାହାର ପାଇଖାନାରେ ପ୍ୟାନ ବସିନାହିଁ । ଆଉ କେଉଁଠି ପ୍ୟାନରୁ ଲାଟିନ ଟାଙ୍କିକୁ ପାଇପ ସଂଯୋଗ ହୋଇନାହିଁ ତ ଆଉ କେଉଁଠି ଅତି ନିମ୍ନମାନର କାମ ଯୋଗୁ ଟାଙ୍କି ଭାଙ୍ଗି ପୋତି ହୋଇଗଲାଣି । ସେହିପରି କେତେକ ଶୌଚାଳୟରେ କଂକ୍ରିଟ ନନ୍ଦ ବସାଇବା ବଦଳରେ ଏଣେତେଣେ ପକାଯାଇଛି । ଏ ନେଇ ହିତାଧିକାରୀମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଆସୁଥିଲେ ମଧ କୌଣସି ସୁଫଳ ମିଳୁନାହିଁ । ସେହିପରି ଆଡେଣିଗଡ ପଞ୍ଚାୟତ ଲେଙ୍ଗରପାଲୁ ଗ୍ରାମରେ ପ୍ରାୟ ୧୨ ଜଣ ହିତାଧିକାରୀ ୬ ମାସ ତଳୁ ପାଇଖାନା ନିର୍ମାଣ କାମ ଶେଷ କରିଥିଲେ ମଧ ଏପର୍ଯ୍ୟନ୍ତ ସେମାନଙ୍କୁ ବିଲ୍ ମିଳି ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ କିଶୋର ମନୋହରିଙ୍କୁ ପଚରାଯିବାରୁ ସେ କହିଲେ, ସେହି ଶୌଚାଳୟ ଗୁଡିକ ଠିକାଦାରଙ୍କ ଜରିଆରେ ନ କରି ନିଜେ ହିତାଧିକାରୀ କରିବା କଥା । ତଥାପି ଯଦି ସେଭଳି କିଛି ହୋଇଥାଏ ତାହେଲେ ଆମେ ଠିକାଦାରଙ୍କୁ କହି ଯଥାଶୀଘ୍ର ଶୌଚାଳୟ ଗୁଡିକ କିପରି କାର୍ଯ୍ୟକ୍ଷମ ହୋଇପାରିବ ସେଥିପାଇଁ ପଦକ୍ଷେପ ନେବୁ। ଏହାସହ ଲେଙ୍ଗରପାଲୁ ଗ୍ରାମର ସମସ୍ତ ହିତାଧିକାରୀଙ୍କୁ ଯଥାଶୀଘ୍ର ସେମାନଙ୍କ ବିଲ୍ ଦିଆଯିବ ବୋଲି କନିଷ୍ଠ ଯନ୍ତ୍ରୀ ମନୋହରି କହିଥିଲେ ।


ନିର୍ମାଣ କରାଯାଇଥିବା ନିମ୍ନମାନର ପାଇଖାନା ।

### ହରଭଙ୍ଗା ବ୍ଲକ

ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

କୋମନା,୨୫।୮(ଡି.ଏନ.ଏ.)- ନୂଆପଡା ଜିଲା କୋମନା ବ୍ଲକ ବିଶିବାହାଲ ନିକଟରେ ୨ ବାଇକ ମୁହାମୁହି ଧକ୍କାରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତ ୨ ଜଣ ସୁନାବେଡା ଅଞ୍ଚଳ ଯାମପାନୀ ଗ୍ରାମର ହୋଇଥିବା ବେଳେ ତାଙ୍କ ନାମ ଜଣାପଡିନି। ମିଳିଥିବା ସୂଚନା ଅନୁସାରେ ରବିବାର ସନ୍ଧ୍ୟା ୭ଟାରେ ବିଶିବାହାଲ ଗାଁ ମୁଣ୍ଡ ପୋଲ ନିକଟରେ ଦୁଇ ଅଜଣା ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁଇ ବାଇକ ଆରୋହୀ ଗୁରତର ଆହତ ହୋଇଛନ୍ତି। ସ୍ଥାନୀୟ ସାମାଜିକ କର୍ମୀମାନେ ଆହତଙ୍କୁ ଡାକ୍ତରଖାନା ନେବା ପାଇଁ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିବା ବେଳେ ଆମ୍ବୁଲାନ୍ସ ଦୁର୍ଘଟଣା ସ୍ଥଳକୁ ଆସି ପାରି ନ ଥିଲା। ଫଳରେ ନିଜ ଉଦ୍ୟମରେ ବିଶିବାହାଲ ଗାଁର ଯୁବକମାନେ ଆହତମାନଙ୍କୁ ହସ୍ପିଟାଲ ପହଞ୍ଚାଇଥିଲେ।

### କିଡ୍‌ନୀ ରୋଗରେ ଯୁବକଙ୍କ ମୃତ୍ୟୁ

ଖଡିଆଳ,୨୫।୮(ଡି.ଏନ.ଏ.)- ନୂଆପଡା ଜିଲା ଖଡିଆଳ ବ୍ଲକ ଡୁମେରବାହାଲ ଗ୍ରାମର ଜଣେ ଯୁବକଙ୍କ କିଡ୍‌ନୀ ରୋଗରେ ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକ ହେଲେ ବେଣୁଧର ଘିଭେଲା (୩୦) । ସୂଚନା ଅନୁସାରେ ଡୁମେରବାହାଲ ଗ୍ରାମର ଅସନ ଘିଭେଲାଙ୍କ ପୁଅ ବେଣୁଧରଙ୍କୁ ଗତ ୧୦ ବର୍ଷ ହେଲା କିଡନୀ ରୋଗ ହୋଇଥିଲା। ତାଙ୍କର ଚିକିତ୍ସା କରାଇ ଆସୁଥିଲେ । ପୁଅାକୁ ଦୀର୍ଘ ୫ ବର୍ଷରୁ ଅଧିକ ହେଲା ଡାଇଲୋସିସ କରି ଆସୁଥିଲେ। ଗତ ୨୧ ତାରିଖରେ ଛତିଶଗଡ ରାୟପୁରସ୍ଥିତ ଏକ ଘରୋଇ ନର୍ସିଂହୋମରେ ଚିକିତ୍ସା କରାଉଥିବା ବେଳେ ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା। ପୁଅଙ୍କୁ ଚିକିତ୍ସା କରାଇବା ପାଇଁ ବାପା ଯାହାକିଛି ସମ୍ପତ୍ତି ଥିଲା ତାକୁ ବିକ୍ରୟ କରିଛନ୍ତି। ବର୍ତ୍ତମାନ ସେ ଅସହାୟ ହୋଇପଡ଼ିଛନ୍ତି ।



### ବିପଦସଙ୍କୁଳ ଅବସ୍ଥାରେ ଶୁଖିଲା ଗଛ

ଗୋଲାମୁଣ୍ଡା,୨୫।୮(ଡି.ଏନ.ଏ.)- କଳାହାଣ୍ଡି ଜିଲା ଧର୍ମଗଡ ଗୋଲାମୁଣ୍ଡା ମୁଖ୍ୟ ରାସ୍ତାର ଉଭୟ ପାର୍ଶରେ ବିପଦ ସଙ୍କୁଳ ଅବସ୍ଥାରେ ଏକ ଶୁଖିଲା ଗଛ ରହିଛି। ଏହି ରାସ୍ତା ଦେଇ ଯିବାଆସିବା ପଥଚାରୀମାନଙ୍କ ପାଇଁ ଏହା ବିପଦ ପାଲଟିଛି। ଦୀର୍ଘ ଦିନ ହେଲା ରାସ୍ତା କଡରେ ବହୁ ବର୍ଷର ବଡବଡ ପୁରୁଣା ଗଛଗୁଡିକ ଶୁଖି ଉଇ ଲାଗି ବିପଦ ଅବସ୍ଥାରେ ରହିଛି । ଏହି ରାସ୍ତାରେ ଅନେକ ଏଭଳି ଗଛ ସବୁ ରହିଛି । କେତେବେଳେ କେଉଁ ପଥଚାରୀଙ୍କ ଉପରେ ପଡିବ କହିବା ତାହା ମୁସ୍କିଲ ହୋଇଛି । ଏହି ରାସ୍ତାରେ ଥିବା ବିପଦପୂର୍ଣ୍ଣ ଗଛ ସବୁ ଚିହ୍ନଟ କରି କାଟିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କ ଉଦାସିନତା ଯୋଗୁ ରହିଥିବା ଲୋକେ ଅଭିଯୋଗ କରୁଛନ୍ତି । ଏହି ରାସ୍ତା ଦେଇ ଯିବା ଆସିବା କରୁଥିବା ପଥଚାରୀମାନଙ୍କୁ ମଧ୍ୟ ଭୟ ସୃଷ୍ଟି ହେଉଛି । ଉକ୍ତ ରାସ୍ତା ଉପରେ ଉଭୟ ପାର୍ଶରେ ଥିବା ପୁରୁଣା ଶୁଖିଲା ଗଛକୁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ କାଟିବାକୁ ସାଧାରଣରେ ଦାବି ହେଉଛି।

# ପୋଲିସ ଲୋକଙ୍କ ନିକଟତର ହେଉଛି

ନୂଆପଡା ଅଫିସ,୨୫।୮

ଦିନେ ପୋଲିସ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ଏକ ବ୍ୟବଧାନ ରହିଥିଲା । ଲୋକେ ଏକ ଅନ୍ୟ ଦୃଷ୍ଟିରେ ଦେଖୁଥିଲେ। ବର୍ତ୍ତମାନ ପୋଲିସ ଲୋକଙ୍କ ନିକଟତର ହୋଇ ସୁଖଦୁଃଖରେ ସାମିଲ ରହି ଆସ୍ଥା ଭାଜନ ହୋଇ ପାରିଛି ବୋଲି ରବିବାର ସ୍ଥାନୀୟ ରିଜର୍ଭ ପୋଲିସ ପଡିଆରେ ଆୟୋଜିତ ଏସପିଙ୍କ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇ ଅତିଥିମାନେ ମତ ଦେଇଛନ୍ତି ।

ମଧ୍ୟାହ୍ନରେ ଏଏସ୍‌ପି ସୁନୀଲ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଏସ୍‌ପି ସ୍ମିତ ପରମାର ସପତ୍ନିକ ଯୋଗ ଦେଇଥିବାବେଳେ ନୂତନ ଏସ୍‌ପି ବିନୀତ ଅଗ୍ରୱାଲ ମଞ୍ଚାସୀନ ଥିଲେ। ବିଶେଷ ଅତିଥି ଭାବେ ଡ.ଶିବ ପ୍ରସାଦ ବେହେରା, ସିଆରପିଏଫ କମାଣ୍ଡାଣ୍ଟ ରାଜେଶ ବସ୍ତ, ନରେନ୍ଦ୍ର କୁମାର, ନୂଆପଡା ଏସଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ, ଖଡିଆଳ ଏସଡିପିଓ ବିରଞ୍ଚି ପ୍ରସାଦ ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ

### ୨ ଏସ୍‌ପିଙ୍କୁ ଗୋଟିଏ ମଞ୍ଚରେ ସମ୍ବର୍ଦ୍ଧନା




ସମ୍ବର୍ଦ୍ଧନା ସଭାରେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ଅତିଥିମାନେ ଚେକ୍ ପ୍ରଦାନ କରୁଛନ୍ତି ।

ପୂର୍ବତନ ଏସପି ଏବଂ ବର୍ତ୍ତମାନ ଯୋଗଦେଇଥିବା ଏସପିଙ୍କୁ ରିଜର୍ଭ କାର୍ଯ୍ୟାଳୟରୁ ବାଜା, ନାଚରେ ସ୍ୱାଗତ କରି କାର୍ଯ୍ୟକ୍ରମ ସ୍ଥଳକୁ ଅଣାଯାଇଥିଲା। ଏଥିରେ ପୋଲିସ ବିଭାଗର ସମସ୍ତ ଅଧିକାରୀମାନେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଏସପି ପରମାରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ନୂତନ ଏସ୍‌ପି ଅଗ୍ରୱାଲଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥିରେ ସିନାପାଲି ଥାନାଧିକାରୀ ଗୌଡବାବୁ ବିଦାୟ ଏବଂ ସ୍ୱାଗତ ଗୀତ ପରିବେଷଣ କରି ସମସ୍ତଙ୍କୁ ମନମୋହିଥିଲେ। ଏହି ଅବସରରେ ବକ୍ତାମାନେ ପୋଲିସ ବିଭାଗର କାର୍ଯ୍ୟଧାରା ଉପରେ ଉପସ୍ଥାପନ କରିଥିବାବେଳେ ଜିଲାରେ କାର୍ଯ୍ୟ କଲାବେଳେ ପୂର୍ବତନ ଏସପି କିପରି ଶୃଙ୍ଖଳିତ ଢଙ୍ଗରେ କାମ କରିଥିଲେ ସେ ବିଷୟରେ ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ଅଧିକାରୀମାନେ ଆସି ସେମାନଙ୍କ ଅନୁଭୂତି ପ୍ରକାଶ କରିଥିଲେ। ନୂଆପଡା ଏକ ମାଓବାଦୀ ପ୍ରବଣ ଜିଲା । ଏଠାରେ ଲୋକଙ୍କ ଜୀବନ ଶୈଳୀ ପ୍ରଭାବିତ ହୋଇଥିଲା। ଏହାକୁ ପୋଲିସ ଅଧିକାରୀମାନେ ବିଭିନ୍ନ ସମୟରେ ଆସି ଲୋକଙ୍କ ସମସ୍ୟା, ଦୁଃଖସୁଖ ସହିତ ଜଡିତ ରହି ଦିନରାତି କାମ କରିଛନ୍ତି । ବର୍ତ୍ତମାନ ଜିଲାରେ ଏକ ବିପ୍ଳବ ଆସିପାରିଛି ବୋଲି ବକ୍ତାମାନେ କହିଥିଲେ । ଏହି ଅବସରରେ ପୂର୍ବତନ ଏସପି ପରମାର ଜିଲାବାସୀଙ୍କୁ ସାଧୁବାଦ ଦେଇଥିବାବେଳେ ଜିଲା ପାଇଁ ନିହାତି ଭାବେ ମନଲଗାଇ କାମ କରିବେ ବୋଲି ଏସ୍‌ପି ଅଗ୍ରୱାଲ ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ ବିଗତ ଦିନରେ କ୍ୟାଡର ମାଓବାଦୀମାନେ କ୍ୟାମ୍ପ ଛାଡି ଆସି ମୁଖ୍ୟ ସ୍ରୋତରେ ସାମିଲ ହୋଇଥିବାରୁ ସୁମିତ୍ରା ମାଝି, ଦୁର୍ବାଦଳ ବରିହାଙ୍କୁ ୩ ଲକ୍ଷ ୪୮ ହଜାର ଟଙ୍କା ଏବଂ ପୂର୍ଣ୍ଣ ଚନ୍ଦ୍ର ମାଝି, ଡାଳମତି କମାର, ପରଶୁରାମ ଧରୁଆଙ୍କୁ ପ୍ରତ୍ୟେକେ ୨ଲକ୍ଷ ୪୮ ହଜାର ଲେଖାଏଁ ଟଙ୍କାର ଚେକ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ନୂଆପଡା ଥାନାଧିକାରୀ ଆଦିତ୍ୟ କୁମାର ମହାକୁଡ, ଦେବାଶିଷ ରାଉତ ପରିଚାଳନା କରିଥିବା ବେଳେ ସମସ୍ତ ଅଧିକାରୀମାନେ ସହଯୋଗ କରିଥିଲେ ।

# ବୋଡେନ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭତ୍ତା ବଣ୍ଟନ

ନୂଆପଡା ଅଫିସ/ବୋଡେନ,୨୫।୮

ନୂଆପଡା ଜିଲା ବୋଡେନ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ଓ ଭତ୍ତା ବଣ୍ଟନ ଏବଂ ବସୁନ୍ଧରା ଯୋଜନାର ଘରଡିହ ପଟ୍ଟା ବଣ୍ଟନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ହିତାଧିକାରୀମାନଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଜିଲା ପରିଷଦ ସଭ୍ୟ ଲମ୍ବୋଦର ନିଆଲ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରେମଶିଳା ନାଗ, ଏମ୍‌ପି ପ୍ରତିନିଧି ଅତିନ୍ଦ୍ରଜିତ ସିଂ ମଲ୍ଲିକ, ବୋଡେନ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ସମ୍ପ୍ରସାରଣ ଅଧିକାରୀ ଦୁର୍ଗୁ ନିଆଲ ପରିଚାଳନା କରିଥିଲେ। ପ୍ରତି ପଞ୍ଚାୟତ ସରପଞ୍ଚ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ବ୍ଲକ ପ୍ରଶାସନ ଉପସ୍ଥିତ ରହି ସହଯୋଗ କରିଥିଲେ।



ଜଣେ ମହିଳାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି।

# ଯାଦବ ସମାଜର ଜିଲାସ୍ତରୀୟ ଜନ୍ମାଷ୍ଟମୀ

ନୂଆପଡା ଅଫିସ,୨୫।୮

ସ୍ଥାନୀୟ କଲ୍ୟାଣ ମଣ୍ଡପ ପଡିଆରେ ନୂଆପଡା ଏନଏସି ଯାଦବ ସମାଜ ତରଫରୁ ଜିଲାସ୍ତରୀୟ ଜନ୍ମାଷ୍ଟମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଛି । ଦୁଇ ଦିନ ଧରି ଚାଲିଥିବା ଉତ୍ସବରେ ଶନିବାର ଉଦ୍‌ଯାପନୀ ଉତ୍ସବରେ ଏକ ବିଶାଳ ଶୋଭାଯାତ୍ରାରେ ଯାଦବ ବନ୍ଧୁମାନେ ସହର ପରିକ୍ରମା କରିଥିଲେ। ପଡିଆରେ ଏକ ସୁସଜ୍ଜିତ ତୋରଣରେ ଶ୍ରୀକୃଷ୍ଣଙ୍କ ପୂଜା ପାଇଁ ମୂର୍ତ୍ତି ସ୍ଥାପନ ହୋଇଥିଲା । ଏଥିରେ ସ୍ଥାନୀୟ ଲୁକୁପାଲି ଗାଁର କୁମର ହଂସ ସପତ୍ନିକ କର୍ତ୍ତା ବସିଥିଲେ। ବିଳମ୍ବିତ ରାତିଯାଏଁ ଚାଲିଥିବା ପୂଜାରେ ସହରର ଯାଦବ ସହ ଅନ୍ୟାନ୍ୟ ସମ୍ପ୍ରଦାୟର ମହିଳାପୁରୁଷମାନେ ପୁରାଣ ପାଠ ବସି ଶୁଣିଥିଲେ । ଶନିବାର ମଧ୍ୟାହ୍ନରେ ଉଦ୍‌ଯାପିତ ହୋଇଥିଲା। ଏଥିରେ ଜିଲା ଯାଦବ ସମାଜ ସଭାପତି ହରେରାମ କଠାର ମୁଖ୍ୟଅତିଥି, ଉପସଭାପତି ଚଞ୍ଚଳ ସଗରିଆ ମୁଖ୍ୟବକ୍ତା, କୋମନା ବ୍ଲକ ସଭାପତି ଅକ୍ରୁର ନିଆଲ, ସମ୍ପାଦକ ବିରାଟ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସହ ଭୋଜରେ ସମସ୍ତ ପରିବାର ଲୋକ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ପୂଜାସ୍ଥଳରୁ ଏକ ଶୋଭାଯାତ୍ରା ବାହାରିଥିଲା। ସାଙ୍ଗରେ ଖୋଳ କୀର୍ତ୍ତନ, ଘଣ୍ଟବାଦ୍ୟ ସହର ପରିକ୍ରମା କରିଥିଲା । ଏଥିରେ ସମସ୍ତେ ଯୋଗଦେଇଥିଲେ । ଶେଷରେ ଶ୍ରୀକୃଷ୍ଣଙ୍କ ମୂର୍ତ୍ତିକୁ ନେଇ ଯାଦବ ଭବନରେ ରଖାଯାଇଥିଲା । ଶୋଭାଯାତ୍ରାରେ ବିଶେଷ ଅତିଥି ଭାବେ ସରୋଜ କୁମାର ସାହୁ, ସଞ୍ଜୁ ପୁରୋହିତ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ସଦସ୍ୟ ପ୍ରଦୀପ ରାଉତ, ମହେଶ ନିଆଲ, ମୋହନ ବାଗ, କରୁଣା ଚଣ୍ଡୀ, ଗଜେନ୍ଦ୍ର ନିଆଲ, କାଉ ବାଗ, ଗିରିଧାରୀ ସେଲମା, ରିଙ୍କୁ ବଗର୍ତ୍ତିଙ୍କ ସମେତ ଯୁବ ଯାଦବ ସହଯୋଗ କରିଥିଲେ।



ଶୋଭାଯାତ୍ରାରେ ଏକ ସଂର୍କୀତ୍ତନ ଦଳ ନାଚ ପ୍ରଦର୍ଶନ କରୁଛନ୍ତି ।

### ଶିଶୁ ମନ୍ଦିର ପକ୍ଷରୁ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ନୂଆପଡା ଅଫିସ/ବୋଡେନ,୨୫।୮

ନୂଆପଡା ଜିଲା ବୋଡେନ ସରସ୍ୱତି ଶିଶୁ ମନ୍ଦିର ପକ୍ଷରୁ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଜନେଶ୍ୱର ସିଂ ମଲ୍ଲିକ, ସହସମ୍ପାଦକ ଟିକେଶ୍ୱର ନାଗ, ବିଦ୍ୟାଳୟ ଉପଦେଷ୍ଟା ଥବିରାମ ପାଣ୍ଡେ, ସହ ସମ୍ପାଦକ ହରିସିଂ ମାଝି, ଉପସଭାପତି କବି ମାଝି ଏବଂ ବିଦ୍ୟାଳୟ ପ୍ରଧାନ ଗୁରୁଜୀ ତ୍ରିଥାନ ନାଗ ପ୍ରମୁଖଙ୍କ ସହିତ ବିଦ୍ୟାଳୟ ଗୁରୁଜୀ, ଗୁରମା, ଛାତ୍ରୀଛାତ୍ର ଉପସ୍ଥିତ ରହି ବିଧାୟକଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସର ମଧ୍ୟରେ ଆଲୋଚନା ହୋଇ ବିଦ୍ୟାଳୟ ବିଭିନ୍ନ ଆନୁସାଙ୍ଗିକ ଉପରେ ଆଗାମୀ ଦିନରେ ବିଧାୟକ ପାଣ୍ଠି ତରଫରୁ ଗୃହ ନିର୍ମାଣ ସକାଶେ ଆର୍ଥିକ ସହାୟତା ପ୍ରଦାନ କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।

# କୃଷି ବିଭାଗ ପକ୍ଷରୁ ସଚେତନତା ଶିବିର

କେସିଙ୍ଗା,୨୫।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକସ୍ଥିତ କୃଷି କାର୍ଯ୍ୟାଳୟ ପରିସରରେ ଆତ୍ମା ଆନୁକୂଲ୍ୟରେ କୃଷକ ସାଥି ଓ ଆତ୍ମାସଭ୍ୟମାନଙ୍କ ଏକ ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ କୃଷି ବିଭାଗ, ପ୍ରାଣୀ ବିଭାଗ, ଉଦ୍ୟାନ ବିଭାଗର ବିଭିନ୍ନ ଯୋଜନାଗୁଡିକୁ କୃଷକମାନଙ୍କ ପାଖରେ ସରଳ ଉପାୟରେ ପହଞ୍ଚାଇବା ପାଇଁ ଏହି ଏକ ଦିନିଆ ସଚେତନା କାର୍ଯ୍ୟକ୍ରମରେ କୃଷକ ସାଥି ଓ ଆତ୍ମାର ସଭ୍ୟମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ଏଥିରେ କୃଷି ବିଭାଗ ସହକାରୀ କୃଷି ଅଧିକାରୀ ବିଶ୍ୱନାଥ ମହାପାତ୍ର, ଉଦ୍ୟାନ ବିଭାଗ ଉଦ୍ୟାନ ସହକାରୀ ଅଧିକାରୀ ଅନନ୍ତ ନାରାୟଣ ପଣ୍ଡା, ପ୍ରାଣୀ ସମ୍ପଦ ବିଭାଗ ପ୍ରାଣୀ ଚିକିତ୍ସକ ଡ. ମନରଞ୍ଜନ ପରିଡା ପ୍ରମୁଖ ବିଶେଷଜ୍ଞମାନେ କୃଷକ ସାଥି ଓ ଆତ୍ମାର ସଭ୍ୟମାନଙ୍କୁ ତାଲିକ ପ୍ରଦାନ କରିଥିଲେ। ବ୍ଲକ ବୈଷୟିକ ଲୋକନାଥ ପାଇକରାୟ ଶିବିର ପରିଚାଳନା କରିଥିଲେ ।




କୃଷି ବିଭାଗ ପକ୍ଷରୁ ଆୟୋଜିତ ତାଲିମ ଶିବିରରେ ଉପସ୍ଥିତ ବିଶେଷଜ୍ଞ ବୃନ୍ଦ ।

# ପରୀ ୩ କାର୍ଯ୍ୟକ୍ରମ: ୬ ଶିଶୁ ଉଦ୍ଧାର

ଭବାନୀପାଟଣା,୨୫।୮(ଡି.ଏନ.ଏ.)

ରାଜ୍ୟର ନିଖୋଜ ଶିଶୁଙ୍କୁ ରାଜ୍ୟ ବାହାରୁ ଉଦ୍ଧାର କରି ଓଡିଶାକୁ ଫେରାଇ ଆଣିବାକୁ ପରୀ–୩ ଅଭିଯାନରେ ଓଡିଶାରୁ ୮ ଟିମ୍ (ପ୍ରତି ଟିମରେ ୮ ଜଣ ପୋଲିସ କର୍ମଚାରୀ ଓ ଜଣେ ମହିଳା ଶିଶୁ ବିକାଶ ବିଭାଗ ଅଧିକାରୀ ଏପରି ମୋଟ ୯ ଜଣ ସଦସ୍ୟ) ରାଜ୍ୟ ବାହାରକୁ ଗସ୍ତ କରିଛନ୍ତି। ପ୍ରତ୍ୟେକ ପରୀ– ୩ ଟିମ୍ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଓ ପୋଲିସ ବିଭାଗର ୯ ଜଣ କର୍ମକର୍ତ୍ତାଙ୍କୁ ନେଇ ଗଠିତ ହୋଇଛି । ଏହି ୮ ଟିମ୍ ମଧ୍ୟରୁ କଳାହାଣ୍ଡିରୁ ଯାଇଥିବା ଏକ ପରୀ–୩ ବର୍ତ୍ତମାନ ସୁଦ୍ଧା ଓଡିଶାରୁ ୬ ନିଖୋଜ ଶିଶୁଙ୍କୁ ଝାଡଖଣ୍ଡ ରାଜ୍ୟର ବିଭିନ୍ନ ଜିଲାରୁ ଠାବ କରିଛନ୍ତି । ଏହି ୬ ଜଣ ଶିଶୁମାନଙ୍କ ମଧ୍ୟରେ ମୟୁରଭଞ୍ଜର ଜଣେ, ଖୋର୍ଦ୍ଧାର ଜଣେ, ଭଦ୍ରକର ୨ ଜଣ ଏବଂ କେନ୍ଦୁଝରର ଓ ସୁନ୍ଦରଗଡର ଜଣେ ଲେଖାଏଁ ଶିଶୁ ଅଛନ୍ତି । ଏହି ସମସ୍ତ ଶିଶୁଙ୍କୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ ସମିତି ରାଞ୍ଚି ଝାଡଖଣ୍ଡରେ ଉପସ୍ଥିତ କରାଯଇ ସ୍ଥାନୀୟ ଏକ ବାଳାଗ୍ରାମରେ ରଖାଯାଇଛି । ପରୀ –୩ ଟିମ୍ ଆସନ୍ତା ୩୧ ଅଗଷ୍ଟ ତାରିଖ ସୁଦ୍ଧା ଏହି ଶିଶୁମାନଙ୍କୁ ଓଡିଶାକୁ ଫେରାଇ ଆଣି ତାଙ୍କର ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପାଇଁ ଏହି ପରୀ–୩ ଟିମରେ କଳାହାଣ୍ଡିରୁ ମୁଖ୍ୟ ଜୟନ୍ତ କୁମାର ବେହେରା, ବିକାଶ ରଞ୍ଜନ କର ଓ ଅଭୟ କୁମାର ମହାପାତ୍ର ଅଛନ୍ତି।

### ଆଇନ ସଚେତନତା ଶିବିର

ନୂଆପଡା ଅଫିସ/ବୋଡେନ,୨୫।୮

ନୂଆପଡା ଜିଲା ବୋଡେନ ସଭାଗୃହଠାରେ ଆଇନ ସଚେତନ ଶିବିର ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ତାଲୁକ ଅଇନସେବା ସେବା ସମିତି ଚେୟାରମ୍ୟାନ ସୁଶ୍ରୀ ସୌମ୍ୟା ପ୍ରଧାନ ଯୋଗଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ବୋଡେନ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ଓ୍ୱାଇଓ ହିମାଂଶୁ ଶେଖର କୁମ୍ଭାର ଏବଂ ବାର ଆସୋସିଏଶନ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏଥିରେ ଏସଏଚଜି ଗ୍ରୁପ ଓ ଓଏଲମ କାର୍ଯ୍ୟକର୍ତ୍ତାଙ୍କୁ ନେଇ ସରକାରଙ୍କ ଜନ କଲ୍ୟାଣ ଯୋଜନାର ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଆଇନଜୀବୀ ହୃଷୀକେଶ ବିଶ୍ୱାଳ ପରିଚାଳନା ଏବଂ ଆଇନଜୀବୀ ଦଶରଥ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

### ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲାର ରାୟ ପ୍ରକାଶ

# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ

ଭବାନୀପାଟଣା,୨୫।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା ସ୍ୱତନ୍ତ୍ର ପୋକ୍ସ କୋର୍ଟରେ ଜଣେ ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ମାଜିଷ୍ଟ୍ରେଟ ରଶ୍ମିତା ଦଲେଇ ମୁଖ୍ୟ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ସେହିଭଳି ଅନ୍ୟ ୨ ଜଣ ସ୍ୱାମୀସ୍ତ୍ରୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ସୂଚନା ମୁତାବକ, ୨୦୧୪ ସେପ୍ଟେମ୍ବର ୧୧ ତାରିଖରେ ମ. ରାମପୁର ସହର ନିକଟସ୍ଥ ଶୁଣ୍ଢିପଡାର ବସନ୍ତ ପ୍ରଧାନୀ (୪୦) ଜୁନାଗଡ ଥାନା ଅନ୍ତର୍ଗତ ଏକ ଗାଁର ରାହାସ ମାଝିଙ୍କ ଘରକୁ ବୁଲିବାକୁ ଆସିଥିଲେ। ସେଠାରେ ରାହାସ ଓ ତାଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳିଙ୍କ ସହାୟତାରେ ବସନ୍ତ ଜଣେ ନାବାଳିକାକୁ ଯୌନ ନିର୍ଯାତନା ଦେଇଥିଲେ। ପୋଲିସ ହାତରେ ଧରା ପଡିଥିଲେ। ଏହି ଘଟଣାରେ ଜୁନାଗଡ ଥାନାରେ ପରିବାର ପକ୍ଷରୁ ଏତଲା ଦିଆଯାଇଥିଲା। ପୋଲିସ ପକ୍ଷରୁ ମୁଖ୍ୟ ଅଭିଯୁକ୍ତ ବସନ୍ତ ଓ ତାଙ୍କୁ ସହାୟତା କରୁଥିବା ରାହାସ ଓ ତାଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳିଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଗତ ଶନିବାର ସ୍ୱତନ୍ତ୍ର ପୋକ୍ସ କୋର୍ଟ ମାଜିଷ୍ଟ୍ରେଟ ରଶ୍ମିତା ଦଲେଇ ମାମଲାର ଶୁଣାଣି କରି ଅଭିଯୁକ୍ତ ବସନ୍ତଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ଓ ୫ ହଜାର ଟଙ୍କା ଜରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ୧ ବର୍ଷ ଅଧିକ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି । ପୋକ୍ସ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସୁଶାନ୍ତ କୁମାର ସାହୁ ମାମଲା ପରିଚାଳନା କରିଥିଲେ। ସେହିଭଳି ଖଲାସ ହୋଇଥିବା ଦୁଇ ଅଭିଯୁକ୍ତ ପକ୍ଷରୁ ଆଇନଜୀବୀ କ୍ଷିରୋଦ ନେଗୀ କେସ ଲଢୁଥିଲେ।

# ଟାଏକୋଣ୍ଡୋ ବେଲ୍ଟ ପରୀକ୍ଷା

ଜୁନାଗଡ,୨୫।୮ (ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଟାଏକୋଣ୍ଡୋ ସଂଘ ପକ୍ଷରୁ ବେଲ୍ଟ ପରୀକ୍ଷା ଜିଲା ଟାଏକୋଣ୍ଡୋ ତାଲିମ କେନ୍ଦ୍ର ଜୁନାଗଡଠାରେ ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣା ଜେ.କେ. ଡ୍ୟାନ୍ସ ସ୍କୁଲ ସିବାମ୍ବିକା ନନ୍ଦ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ଜୁନାଗଡ କଳା ବିକାଶ କେନ୍ଦ୍ର ମୁଖ୍ୟ ମାନସ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ସ୍ୱୟଂଶିବ ସାହୁ ପ୍ରାରମ୍ଭରେ ନିଜ କଳା ପ୍ରଦର୍ଶନ କରିବା ପରେ ରାଜ୍ୟ ଟାଏକୋଣ୍ଡୋ ସଂଘ ସମ୍ପାଦକ ମାଷ୍ଟର ମନମୋହନ ଭଞ୍ଜଙ୍କ ତତ୍ତ୍ୱାବଧାନରେ ବେଲ୍ଟ ପରୀକ୍ଷା ଆରମ୍ଭ ହୋଇଥିଲା। କଳାହାଣ୍ଡି ଟାଏକୋଣ୍ଡୋ ସଂଘ ସମ୍ପାଦକ ବବ୍ରୁବାହାନ ବୁଢିଆ ଏହାକୁ ସହଯୋଗ କରିଥିଲେ। ଦ୍ୱିତୀୟ ଅଧିବେସନରେ ଜିଲା ସଭାପତି ସନ୍ଦିପ ସାହୁଙ୍କ ସଭାପତିତ୍ୱରେ ବେଲ୍ଟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଭବାନୀପାଟଣା ପୌର ପରିଷଦ ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ ଉପସ୍ଥିତ ରହି ବେଲ୍ଟ ପ୍ରଦାନ କରିଥିଲେ। ଏହି ପରୀକ୍ଷାରେ କଲମପୁର, ଜୁନାଗଡ, ଭବନୀପାଟଣା, ଥୁ.ରାମପୁର, ମ.ରାମପୁର, ଧର୍ମଗଡ, ନର୍ଲା, କେସିଙ୍ଗା ଓ ଗୋଲାମୁଣ୍ଡାର ପ୍ରାୟ ୧୨୦ଜଣ ପ୍ରତିଯୋଗୀ ଭାଗ ନେଇ ନିଜ ପାରଦର୍ଶିତା ଅନୁଯାୟୀ ବେଲ୍ଟ ସଂଗ୍ରହ କରିଥିଲେ।



ଟାଏକୋଣ୍ଡୋ ପରୀକ୍ଷାରେ ଯୋଗଦେଇଥିବା ଖେଳାଳି ।

### ଇଣ୍ଡିପେଣ୍ଡେଣ୍ଟ କପ୍ ଫୁଟବଲ ଟୁର୍ନାମେଣ୍ଟ

# ନୂଆପଡ଼ାକୁ ହରାଇ କୋମନା ଚାମ୍ପିୟନ

କୋମନା,୨୫।୮(ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ତରବୋଡସ୍ଥିତ ରାଜିବ ଗାନ୍ଧୀ ମିନି ଷ୍ଟାଡିୟମରେ ଚାଲିଥିବା ଦ୍ୱାଦଶ ଇଣ୍ଡିପେଣ୍ଡେଣ୍ଟ କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ କୋମନା ଦଳ ନୂଆପଡାକୁ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ପୂର୍ବାହ୍ନରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ କୋମନା ଦଳ ନିର୍ଦ୍ଧାରିତ ସମୟରେ ନୂଆପଡା ଦଳକୁ ୨ ଗୋଲ ଦେଇଥିଲା। ଏହାର ଜବାବରେ ନୂଆପଡା ଦଳ କୋମନାକୁ ଗୋଟିଏ ଗୋଲ ଦେବାରେ ସକ୍ଷମ ହୋଇଥିଲା। ଫଳରେ କୋମନା ଦଳ ୨–୧ ଗୋଲରେ ନୂଆପଡାକୁ ହରାଇ ଚାମ୍ପିୟନ ଟ୍ରଫି ହାସଲ କରିବାରେ ସଫଳ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ, ବିଜେଡି ରାଜ୍ୟ ସମ୍ପାଦକ ତଥା ଓସିଏ ଉପସଭାପତି ସରୋଜ କୁମାର ସାହୁ ସ୍ୱତନ୍ତ୍ର ଅତିଥ, ସାମାଜିକ କର୍ମୀ ଗୋପମଣି ପାଣିଗ୍ରାହୀ, ନୂଆପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ସୁଧୀର କୁମାର ମିଶ୍ର, ସାମାଜିକ କର୍ମୀ କାଳିଆ ପ୍ରଧାନ, ମାଧବ ପ୍ରସାଦ ସାହୁ, ଶ୍ରୀକାନ୍ତ ପ୍ରଧାନ, ସ୍ଥାନୀୟ ରାଜସ୍ୱ ନିରିକ୍ଷକ ସୁଖରାମ ସାହୁ, ଠାକୁର ଜଗତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚକୁ ହରିହର ସାହୁ, ବଳରାମ ସରାଫ, ଚୈତନ୍ୟ ମାଝି ଓ ଅମନ ଛତ୍ରିଆ ଖେଳ ପରିଚାଳନା କରିଥିବା ବେଳେ ଭୋଜରାମ ଅହିର, ପରସରାମ ଅହିର ଏବଂ ଦୟାଲାଲ ଅହିର ଧାରାବୀବରଣି ପ୍ରଦାନ କରିଥିଲେ । ଆୟୋଜକ ସଂଘ ପ୍ରତେକ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।




ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ରାମାୟଣ ପାରାୟଣ

**ସଇଁତଲା,୨୫।୮(ଡି.ଏନ.ଏ.):** ସଇଁତଲା ବ୍ଲକ ସ୍ଥିତ ଡେଙ୍ଗଂଠାରେ ଥିବା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରବିବାର ତୁଳସୀ ରାମାୟଣ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ସକାଳୁ ଜଗନ୍ନାଥଙ୍କଠାରେ ମଙ୍ଗଳାର୍ପଣ ସହ ସୁନ୍ଦରାକାଣ୍ଡ ପାରାୟଣ ପ୍ରାରମ୍ଭ ହୋଇଥିଲା। କଣ୍ଟାବାଞ୍ଜିର ମହନ୍ତ ମହାରାଜ ଅଦ୍ୱୈତ ପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ପାରାୟଣରେ ମନ୍ଦିର ପୂଜକ ଯୁଧିଷ୍ଠିର ହୋତା, ସୁରେଶ କୁମାର ମିଶ୍ର, ଅଭୟ ପାଣିଗ୍ରାହୀ ସହଯୋଗ କରିଥିଲେ । ଯଜ୍ଞକର୍ତ୍ତା ଭାବରେ ଗ୍ରାମର ଗଉନ୍ତିଆ ଜୟକୃଷ୍ଣ ଭୋଇ ସପତ୍ନୀକ ଯଜ୍ଞ କାର୍ଯ୍ୟ ସଂପାଦନ କରିଥିଲେ। ଶୁଭଦ୍ରା ପଣ୍ଡା ସୁନ୍ଦରାକାଣ୍ଡ ଅଖଣ୍ଡରାମାୟଣ ପାରାୟଣ ପଠନ କରିଥିଲେ।

### ନୂଆଖାଇ ଭେଟଘାଟ ପ୍ରସ୍ତୁତି ବୈଠକ

**ଖପ୍ରାଖୋଲ, ୨୫।୮ (ଡି.ଏନ.ଏ.):** ସ୍ଥାନୀୟ ହରିଶଙ୍କର ମହାବିଦ୍ୟାଳୟରେ ଜିନ୍ଦାବାଦ ସଂଗଠନ ଏବଂ ଶ୍ରମିକ ଅଧିକାର ମଞ୍ଚର ନୂଆଖାଇ ଭେଟଘାଟ ପାଇଁ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଅକ୍ଟୋବର ୪ ତାରିଖ ଖପ୍ରାଖୋଲଠାରେ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ହେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଉପଦେଷ୍ଟା ତ୍ରିଲୋଚନ ପୁଞ୍ଜି ଏଥିରେ ଅକ୍ଷତା କରିଥିଲେ। ଧରମସିଂ ଧରୁଆ, ରାଜେଶ ଝାଙ୍କର, ରେମାନନ୍ଦ କୁମ୍ଭାର, କ୍ଷମାନିଧି ଭୋଇ, ତୋଳାମଣି ବନଛୋର, ଗୌରାଙ୍ଗ ଦାଶ ଗୋଲାପ ନିଆଲ ପ୍ରମୁଖ କର୍ମକର୍ତ୍ତା ଯୋଗ ଦେଇଥିଲେ।

### ଜିଲାସ୍ତରୀୟ ଫୁଟବଲ ଲିଗ୍: ସେମିରେ ଏପିଜେ ଲୋଇସିଂହା ଟିମ୍

**ଲୋଇସିଂହା,୨୫।୮(ଡି.ଏନ.ଏ.):** ଲୋଇସିଂହା ଷ୍ଟାଡିୟମରେ ଚାଲିଥିବା ଜିଲାସ୍ତରୀୟ ଫୁଟବଲ ଲିଗର ବି ଗ୍ରୁପ ମ୍ୟାଚର ରବିବାର ଥିଲା ପଞ୍ଚମ ଦିବସ। ଏପିଜେ ଲୋଇସିଂହା ଏବଂ ବଡଟିକା ଏକାଦଶ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ୬-୧ଗୋଲରେ ଏପିଜେ ଲୋଇସିଂହା ଟିମ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି । ପ୍ରଦୀପ ବଗର୍ତ୍ତି, ବିଜୟ ରଣା, ଅଞ୍ଜନ ବେଶ୍ରା, ଜ୍ୟୋତିରଞ୍ଜନ ରାଉତ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ରାଜକିଶୋର ନାଏକ ଅତିଥି ଭାବେ ଯୋଗ ଦେଇଥିଲେ। ଆଥ୍‌ଲେଟିକ ଆସୋସିଏଶନ ଓ ଷ୍ଟାଡିୟମ କମିଟି ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରୁଛନ୍ତି।

# ‘ସହାୟତା ନ ଦେଲେ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦିଅ’

**ଭୁବନେଶ୍ୱର,୨୫।୮(ବ୍ୟୁରୋ)**

**ମନବୋଧଙ୍କ ମୁହଁକୁ ଗ୍ରାସ କରିଚାଲିଛି ଟ୍ୟୁମର**



ଯେଉଁ ବୟସରେ ରୋଜଗାର କରି ପରିବାର ପାଇଁ ସହାୟକ ହେବା କଥା, ସେହି ବୟସରେ ଜୀବନ ପାଲଟିଯାଇଛି ନର୍କ। କାରଣ ମୁହଁକୁ ଗ୍ରାସ କରିଚାଲିଛି ଏକ ଟ୍ୟୁମର। ତାହାର ପ୍ରଭାବରେ ଗୋଟିଏ ଆଖି ଆଉ ଦେଖାଯାଉନାହିଁ। ମୁହଁ କଦର୍ଯ୍ୟ ହୋଇଯାଇଥିବାରୁ ବାହାରକୁ ଗଲେ ଲୋକେ ଡରୁଛନ୍ତି। ଏପରି କି ସେ ଠିକ୍ ଭାବେ ଖାଇ ପାରୁନାହାନ୍ତି। ଚିକିତ୍ସା ପାଇଁ କଟକ ଏସ୍‌ସିବି ମେଡିକାଲ ଏବଂ ଦିଲ୍ଲୀ ଏମ୍‌ସ ଯାଇଥିଲେ ମଧ୍ୟ ତାଙ୍କୁ ଫେରାଇ ଦିଆଯାଇଛି। ଏବେ କଟକର ଏକ ଲଜ୍‌ରେ ସାରା ଦିନ ୪ କାନ୍ଥ ଭିତରେ କଟୁଛି। ତେଣୁ ସରକାର ତାଙ୍କୁ ସହାୟତାର ହାତ ବଢ଼ାଇ ଦିଲ୍ଲୀ ଏମ୍‌ସ କିମ୍ବା ବାହାର ଦେଶରେ ଚିକିତ୍ସା କରାଇବାକୁ ଆକୁଳ ନିବେଦନ କରିଛନ୍ତି ମନବୋଧ ବାଗ(୩୧)। ଘର ତାଙ୍କର ବଲାଙ୍ଗୀର ଜିଲା ଟିଟିଲାଗଡ଼ ବଳପଦର ଗାଁରେ। ଯଦି ସରକାର ସହାୟତା କରି ନ ପାରନ୍ତି ତାହାହେଲେ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦିଅନ୍ତୁ ବୋଲି ମନବୋଧ କହିଛନ୍ତି।

ଅଷ୍ଟମ ଶ୍ରେଣୀରେ ପଢ଼ୁଥିବା ସମୟରେ ଡାହାଣ ଗାଲରେ ବଥ ଆକାରରେ ଏକ ଟ୍ୟୁମର ବଢ଼ିବାରେ ଲାଗିଲା। ଏବେ ତାହା ତାଙ୍କ ଜୀବନକୁ ତଳିତଳାନ୍ତ କରିଦେଇଛି। ଏଭଳି ଅବସ୍ଥା ପାଇଁ ମନବୋଧ ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। କାରଣ ୨୦୦୯ରେ ସେ ଏସ୍‌ସିବି ମେଡିକାଲ ପ୍ଲାଷ୍ଟିକ ସର୍ଜରୀ ୱାର୍ଡରେ ଚିକିତ୍ସିତ ହେଉଥିଲେ। ସେଠାରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲେ ମଧ୍ୟ ତାହା ସଫଳ ହୋଇ ନ ଥିଲା। ଅପରେଶନ ବିଫଳ ହୋଇଥିବା ଡାକ୍ତର ଜାଣିଥିଲେ। କିନ୍ତୁ ତାଙ୍କୁ ଦିଲ୍ଲୀ ଏମ୍‌ସକୁ ପଠାଇ ନ ଥିଲେ। ବରଂ ଠିକ୍ ହୋଇଯିବ ବୋଲି କହି ଆଶ୍ୱାସନା ଦେଇଥିଲେ। ଏପଟେ ଦିଲ୍ଲୀ ଏମ୍‌ସରେ ଚିକିତ୍ସିତ ହେଲେ ଭଲ ହୋଇଯିବାର ଆଶା ତାଙ୍କର ରହିଥିଲା। ବହୁ ଚେଷ୍ଟା ପରେ ରାଜ୍ୟ ସରକାରଙ୍କ ସହାୟତାରେ ମନବୋଧ ୨ ଜଣ ସାମାଜିକ କର୍ମୀଙ୍କ ସହ ଗତମାସ ୨୩ ତାରିଖରେ ଦିଲ୍ଲୀରେ ପହଞ୍ଚି ଓଡ଼ିଶା ନିବାସରେ ରହିଥିଲେ। ୨୪ ଓ ୨୫ ତାରିଖରେ ଏମ୍‌ସ ଆଉଟ୍‌ଡୋରରେ ଦେଖାଇବା ପରେ ଡାକ୍ତର କହିଥିଲେ ଯେ, ଯଦି ବର୍ଷକ ଆଗରୁ ଆସିଥାନ୍ତ ସଫଳ ଚିକିତ୍ସା ହୋଇପାରିଥାନ୍ତା। ଏବେ ବହୁ ବିଳମ୍ବ ହୋଇଯାଇଛି କହି ଫେରାଇ ଦେଇଥିଲେ। ତଥାପି ମନବୋଧ ଆଶା ହରାଇ ନ ଥିଲେ। ଗତ ୩ ତାରିଖରେ ସେ ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନଙ୍କୁ ଭେଟିବା ପରେ ତାଙ୍କୁ ଅଗଷ୍ଟ ୫ ତାରିଖ ସୋମବାର ଏମ୍‌ସରେ ଭର୍ତ୍ତି କରିବା ପାଇଁ ବ୍ୟବସ୍ଥା ହୋଇଥିଲା। କିନ୍ତୁ ଓଡ଼ିଶା ନିବାସରେ ଆଉ ତାଙ୍କୁ ରହିବାକୁ ସୁଯୋଗ ଦିଆଯାଇ ନ ଥିଲା। ରାଜ୍ୟ ସରକାରଙ୍କ ତରଫରୁ ତାଙ୍କୁ ୩ ତାରିଖ ଯାଏ ସେଠାରେ ରହିବାକୁ ବ୍ୟବସ୍ଥା ହୋଇଥିବା ଓଡ଼ିଶା ନିବାସ କର୍ମଚାରୀମାନେ କହିଥିଲେ। ଆଉ ୨ ଦିନ ରହିବା ପାଇଁ ସୁଯୋଗ ଦେବାକୁ ଯେତେ ଅନୁରୋଧ କରିଥିଲେ ମଧ୍ୟ ସେମାନେ କିଛି ଶୁଣି ନ ଥିଲେ। ବରଂ ପୂର୍ବରୁ ହୋଇଥିବା ଟ୍ରେନ ଟିକେଟ୍ ଧରାଇ ଦେଇ ଓଡ଼ିଶାକୁ ଫେରିଯିବାକୁ କହିଥିଲେ। କିଛି ଉପାୟ ନ ପାଇ ମନବୋଧ ଓ ୨ ସାମାଜିକ କର୍ମୀ ପ୍ରହ୍ଲାଦ ମହାରଣା ଓ ଅଭିଜିତ୍ ଦାସ ଓଡ଼ିଶା ଫେରିବାକୁ ବାଧ୍ୟ ହୋଇଥିଲେ।

ଛୋଟବେଳେ ମନବୋଧଙ୍କ ବାପାଙ୍କ ଅକାଳ ବିୟୋଗ ଘଟିଥିବା ବେଳେ ମା’ ପୁଅର ଦୁଃସ୍ଥିତି ଓ ସ୍ୱାମୀଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇ ଦୀର୍ଘବର୍ଷ ହେଲା ନ୍ୟୁରୋ ଫାଇବ୍ରୋ ରୋଗରେ ଯନ୍ତ୍ରଣା ଭୋଗୁଛନ୍ତି।

### ଯାଦବ ସମାଜ ପାଳିଲା ନନ୍ଦୋତ୍ସବ

**ପାଟଣାଗଡ, ୨୫।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡରେ ଯାଦବ ସମାଜ ତରଫରୁ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ କଳାକାହ୍ନୁ ମନ୍ଦିରରେ ଯାଦବ ସମାଜ ସଭ୍ୟାସଭ୍ୟଙ୍କ ଗହଣରେ କୃଷ୍ଣ ବଳରାମ ବେଶରେ ସଜ୍ଜିତ ହୋଇ କଳାକାରମାନେ ସହର ପରିକ୍ରମା କରିଥିଲେ। ଏହି ଉପଲକ୍ଷେ ବାଡିଖେଳ ପ୍ରଦର୍ଶନ କରାଯାଇଥିଲା। ପାଟଣାଗଡ ଯାଦବ ସମାଜ ସଭାପତି ରଣଜିତ ଛତରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ନନ୍ଦୋତ୍ସବରେ ଜିଲା ଯାଦବ ସମାଜର ମୁଖ୍ୟ ଉପଦେଷ୍ଟା ସତ୍ୟନାରାୟଣ ବାଗ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ପାଟଣାଗଡ ବ୍ଲକ ସଭାପତି ସୁଗ୍ରୀବ ଖର୍ସେଲ, ବେଲପଡା ବ୍ଲକ ସଭାପତି ଗୋକୁଳ ଖର୍ସେଲ, ଖପ୍ରାଖୋଲ ବ୍ଲକ ସଭାପତି ଲକ୍ଷେସିଂ ଜାଲଙ୍କ ସମେତ ରାମଚନ୍ଦ୍ର ବଗର୍ତ୍ତୀ, ପୂର୍ଣ୍ଣଚନ୍ଦ୍ର ବଗର୍ତ୍ତୀ, ଭଜଶଙ୍କର ଦୀପ, ବିମଳ କୁମାର ବାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବନ୍ୟା ପୀଡିତ ବଲାଙ୍ଗୀର ଡ୍ୟାମପଡାର ବାହାଦୁର ଓ ସୁରେଖା ଭଙ୍ଗାଘର ସମ୍ମୁଖରେ ଠିଆ ହୋଇଛନ୍ତି।

■ ଛାଡି ଗଲା ବନ୍ୟା

# ବାହାଦୁର, ସୁରେଖା ଏବେ ବାସହରା

**ବଲାଙ୍ଗୀର ଅଫିସ, ୨୫।୮**

ବଲାଙ୍ଗୀର ଡ୍ୟାମପଡା ଉପରମୁଣ୍ଡ ସରକାରୀ ଜମିରେ ଝାଟିମାଟିର ଘର କରି ରହୁଥିଲେ ଭିନ୍ନକ୍ଷମ ବାହାଦୁର ପରୁଆ ଓ ତାଙ୍କ ସ୍ତ୍ରୀ ସୁରେଖା। ଗତ ୧୨, ୧୩ ଓ ୧୪ ତାରିଖର ପ୍ରବଳ ବର୍ଷା ଓ ବନ୍ୟାରେ ସେମାନଙ୍କ ଏହି ଝାଟିମାଟିର ଘର ସମ୍ପୂର୍ଣ୍ଣ ଭୁଶୁଡି ଯାଇଛି। ଏଥିସହିତ ଘରେ ଥିବା ସମସ୍ତ ଖାଦ୍ୟ ସାମଗ୍ରୀ, ରନ୍ଧନ ସାମଗ୍ରୀ, ଲୁଗାପଟା ସବୁକିଛି ଭାସି ଯାଇଛି। ଘରଦ୍ୱାର ଛାଡି ବାହାଦୁର ଦମ୍ପତି ଏବେ ବନ୍ୟା ଆଶ୍ରୟ କେନ୍ଦ୍ରରେ ଆଶ୍ରିତ। ସେମାନଙ୍କ ପାଇଁ ସବୁକିଛି ଏବେ ଅନ୍ଧକାରମୟ ହୋଇଯାଇଛି। କୁଲି ମଜୁରି କରି ଗୁଜୁରାଣ ମେଣ୍ଟାଉଥିବା ବାହାଦୁର(୭୦) ଏବଂ ସୁରେଖା(୬୫) ଏବେ ପାଞ୍ଚ ପୁଅଝିଅଙ୍କୁ କିପରି ଦାନା ଯୋଗାଇ ପରିବାର ପ୍ରତିପୋଷଣ କରିବେ ସେହି ଚିନ୍ତାରେ ପଡି ଯାଇଛନ୍ତି। ବାର୍ଦ୍ଧକ୍ୟ ଭତ୍ତା, ସରକାରୀ ଆବାସ ଯୋଜନାରେ ବାହାଦୁର ଏ ଯାଏ ସମ୍ପୃକ୍ତ ହୋଇନାହାନ୍ତି। ଏପରିସ୍ଥଳେ ସରକାରଙ୍କ ତରଫରୁ ବଣ୍ଟନ କରାଯାଇଥିବା ରିଲିଫ୍ ପାଇବାରୁ ସେ ବଞ୍ଚିତ ହୋଇଥିବା କହିଛନ୍ତି। ଏପରିକି ତାଙ୍କୁ ମୁଣ୍ଡ ଗୁଞ୍ଜିବାକୁ ପଲିଥିନ୍ ଖଣ୍ଡେ ମଧ୍ୟ ମିଳିନାହିଁ। ଏଭଳି ପରିସ୍ଥିତିରେ ଭିନ୍ନକ୍ଷମ ବାହାଦୁର ଓ ତାଙ୍କ ସ୍ତ୍ରୀ ସୁରେଖାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।

### ୬୫ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

**ଖପ୍ରାଖୋଲ,୨୫।୮ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଲୁହାସିଂହା ପଞ୍ଚାୟତ ଯୁରିଆ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ସଙ୍କୁଳସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶିଶୁ ମନ୍ଦିର ସମ୍ପାଦକ ଜୟନ୍ତପାଲ ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜ୍ଞାନ ମେଳା ଉଦ୍‌ଘାଟନ କରିଥିବାବେଳେ ପ୍ରଥମ ଦିନ ପ୍ରଶ୍ନ ମଞ୍ଚ ଆୟୋଜିତ ହୋଇଥିଲା। ଦ୍ୱିତୀୟ ଦିନ ବିଜ୍ଞାନ ମେଳା, ପତ୍ର ବାଚକ, ଗଣିତ ଚାଟ ପ୍ରୟୋଗ ଆଦି ଆୟୋଜିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ଶିଶୁ ମନ୍ଦିରର ୬୫ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପାଟଣାଗଡ ବିଧାୟକ ସରୋଜ ମେହେର ଯୋଗଦେଇ ବିଜ୍ଞାନ ମେଳା ବୁଲି ଦେଖିଥିଲେ। ବିଜ୍ଞାନ ମେଳାରେ ଯୁରିଆ, ପାଟଣାଗଡ, ତମିଆଁ, ଭଏଁସା, ଯୋଗିମୁଣ୍ଡା, ଧଣ୍ଡାମୁଣ୍ଡା, ଖପ୍ରାଖୋଲ ପ୍ରମୁଖ ଶିଶୁ ମନ୍ଦିରର ଛାତ୍ରୀଛାତ୍ର ଯୋଗ ଦେଇଥିଲେ।



# ଅସହାୟ ମା’ଝିଅଙ୍କୁ ସହାୟତା

**ଲୋଇସିଂହା,୨୫।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ଅସହାୟ ମହିଳା ଜାହ୍ନବୀ ପୁଟେଲ, ଝିଅ ବୀଣା(୧୧)ଙ୍କୁ ବଲାଙ୍ଗୀର ବିଙ୍ଗ ହ୍ୟୁମ୍ୟାନ ଫାଉଣ୍ଡେଶନ ପକ୍ଷରୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି । ଏହି ମହିଳାଙ୍କୁ ଗୋଟିଏ ପକ୍କାଘର, ବିଧବା ଭତ୍ତା ଏବଂ ୩୫ କେଜି ଚାଉଳ ଶୀଘ୍ର ଯୋଗାଇ ଦେବା ପାଇଁ ଜିଲାପାଳଙ୍କଠାରେ ଦାବି କରାଯାଇଛି।

ଜାହ୍ନବୀଙ୍କ ସ୍ୱାମୀ ଡ୍ରାଇଭର ଭାବେ କାମ କରି ପରିବାର ଚଳାଉଥିଲେ। ହେଲେ ୨୦୧୭ରେ କମ୍ପୁଙ୍କ ମୃତ୍ୟୁ ଘଟିଥିଲା। ରୋଜଗାରକ୍ଷମ ସ୍ୱାମୀଙ୍କୁ ହରାଇ ଜାହ୍ନବୀ ଭାଙ୍ଗି ପଡିଛନ୍ତି। ଏକମାତ୍ର ଝିଅର ଚିନ୍ତାରେ ଘାରି ହେଉଛନ୍ତି ଜାହ୍ନବୀ। ସ୍ୱାମୀଙ୍କ ମୃତ୍ୟୁର ୧୮ ମାସ ପରେ ବି ବିଧବା ଭତ୍ତାରୁ ବଞ୍ଚିତ ରହିଛନ୍ତି। ପଞ୍ଚାୟତରୁ ମିଳୁଥିବା ପିଡିଏସ ଚାଉଳ ସେମାନଙ୍କ ସାହା ଭରସା। ଏଭଳି ପରିସ୍ଥିତିରେ ମା’ ଝିଅ ଗତି କରୁଥିବା ବେଳେ ଗତ ୨୧ ତାରିଖ ରାତିରେ ଶୋଇଥିବାବେଳେ ମାଟି ଘର କାନ୍ଥ ଭୁଶୁଡି ପଡିଥିଲା। ମାଟିକାନ୍ଥ ବସ୍ତି ରୋଡ ପଟକୁ ପଡିବାରୁ ମା’ ଝିଅ ଅଳ୍ପକେ ରକ୍ଷା ପାଇଯାଇଥିଲେ। ବେଘର ହୋଇଯିବା ପରେ ପର ଅଗ୍ନାରେ ରହୁଛନ୍ତି। ଏ ସଂକ୍ରାନ୍ତରେ ୨୩ ତାରିଖ ଧରିତ୍ରୀରେ ଭାଙ୍ଗିଲା ଘର, ବାସହରା ହେଲେ ପରିବାର ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ବଲାଙ୍ଗୀର ବିଙ୍ଗହ୍ୟୁମ୍ୟାନ ଫାଉନଣ୍ଡେଶନର ସଭାପତି ସୋମନାଥ ମିଶ୍ର ଏହି ଖବର ପଢିଲା ପରେ ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ନ୍ୟୁଜ କ୍ଲିପ ପଠାଇ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ଏହାକୁ ଗୁରୁତର ସହ ନେଇ ଉପଜିଲାପାଳଙ୍କୁ ଅନୁଧ୍ୟାନ ପାଇ ନିର୍ଦ୍ଦେଶ ଦେଇଛନ୍ତି। ରବିବାର ଅପରାହ୍ନରେ ବିଙ୍ଗହ୍ୟୁମାନର ଜିଲା ସଭାପତି ସୋମନାଥ ମିଶ୍ର, ଅଜିତ ବେହେରା, ମଣ୍ଟୁ କୁମ୍ଭାର ଦୁଷ୍ମନ୍ତ ପଧାନ, ବିପୁଳ ବେହେରା ପ୍ରମୁଖ ଯୋଗୀସର୍ଡା ଯାଇ ଅସହାୟ ମା’ ଝିଅଙ୍କୁ ଭେଟି ଛନ୍ତି। ଅନୁଷ୍ଠାନ ପକ୍ଷରୁ ଚାଉଳ, ଚୂଡା, ଚିନି, ବିସ୍କୁଟ ଇତ୍ୟାଦି ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ। ସୋମବାର ଉପଜିଲାପାଳ ଯୋଗୀସର୍ଡା ଗସ୍ତ କରି ଅସହାୟ ମା’ ଝିଅଙ୍କୁ ଭେଟିବେ।

■ କଣ୍ଟାବାଞ୍ଜି ଜିଲା ଦାବି ପ୍ରସଙ୍ଗ

# ଆନ୍ଦୋଳନର ଆଗାମୀ ରୂପରେଖ ନେଇ ପ୍ରସ୍ତୁତି ବୈଠକ

**କଣ୍ଟାବାଞ୍ଜି,୨୫।୮(ଡି.ଏନ.ଏ.)**

କଣ୍ଟାବାଞ୍ଜିକୁ ଏକ ସ୍ୱତନ୍ତ୍ର ରାଜସ୍ୱ ଜିଲା ଦାବି ନେଇ ଜିଲା ସଂଘର୍ଷ ସମିତି ପୂର୍ବରୁ ୧୨୦ଦିନ ଧରି ସ୍ଥାନୀୟ ତହସିଲ ଅଫିସ ସମ୍ମୁଖରେ ରିଲେ ଅନଶନ କରିଛି। ଏହି ଦାବି ଯଥାର୍ଥ ଅନୁଭବ କରି କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ ବ୍ଲକ ସହ ପଡୋଶୀ ଖପ୍ରାଖୋଲ ଓ ବେଲପଡା ବ୍ଲକର କିଛି ପଞ୍ଚାୟତ ସମର୍ଥନ କରି ଆନ୍ଦୋଳନରେ ସାମିଲ ହୋଇଥିଲା। ଏହି ଦାବିକୁ ପୁନର୍ବାର ଉପସ୍ଥାପନ କରିବା ସହିତ ଆଗାମୀ ଆନ୍ଦୋଳନ କିପରି କରାଯାଇ ପାରିବ ସେ ନେଇ ରବିବାର ସ୍ଥାନୀୟ ହେମାଲ ଭବନରେ ଏକ ବୈଠକ ବସିଥିଲା। କୁଞ୍ଜବିହାରୀ ବେହେରା, ଗୁଣନିଧି ରାଉତରାଏ, ରାମଚନ୍ଦ୍ର ସାହୁ, ଘନଶ୍ୟାମ ଗହିର, ପ୍ରେମ ବାଗ, ବୃନ୍ଦାବନ ରାଉତ, ଦାମୋଦର ସାହୁ, ସତ୍ୟନାରାୟଣ ରାଏ, କୈଳାଶ ଦୀପ, ନରେନ୍ଦ୍ର ସୁନା, ଗୁରୁଦୟାଲ ହଂସ, ସଂପାଦକ ଦୁଃଖିଶ୍ୟାମ ଗୁରୁ, କାର୍ଯ୍ୟକାରୀ ସଭାପତି ବ୍ରଜଶ୍ୟାମ ଗୁରୁ ଓ ଅନ୍ୟମାନେ ମତାମତ ଓ ପ୍ରସ୍ତାବ ଦେଇଛନ୍ତି। ସଂଘର୍ଷ ସମିତିର ସଭାପତି ଶେଷଦେବ ପୁଟେଲଙ୍କ ଆହ୍ୱାନରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ସଂଗଠନର କର୍ମକର୍ତ୍ତା ନୂଆଖାଇ ପରଠାରୁ ଆନ୍ଦୋଳନକୁ ତୀବ୍ର କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି।

# ପ୍ରାଥମିକ କୃଷି ସମବାୟ ସମିତି ବାର୍ଷିକ ସମାବେଶ

**ଖପ୍ରାଖୋଲ,୨୫।୮ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଲୁହାସିଂହା କୃଷି ସମବାୟ ସମିତିର ବାର୍ଷିକ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷି ସମବାୟ ସମିତି ସଭାନେତ୍ରୀ ଦମୟନ୍ତୀ ସୁଆର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ପାଟଣାଗଡ ବିଧାୟକ ସରୋଜ କୁମାର ମେହେର, ସମ୍ମାନିତ ଅତିଥି ଭାବେ ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଲାଠୋର ଶାଖା ପରିଚାଳକ ସାଗର ରଣା, ଲୁହାସିଂହା ସରପଞ୍ଚ ରଞ୍ଜିତା ସୁନା, ଦମେଇପାଲି ସରପଞ୍ଚ ସାବିତ୍ରୀ ପଧାନ, ଲୁହାସିଂହା ସମିତି ସଭ୍ୟା ଲଳିତା ବାଗ, ଚାଷୀ ନେତା କନ୍ଦର୍ପ ସୁଆର, ଦିନବନ୍ଧୁ ମେହେର, ପେକ୍ସ ସମ୍ପାଦକ କିଶୋର ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ କୃଷି ସମବାୟ ସମିତିର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହେବା ସହ ଆୟବ୍ୟୟ ଉପସ୍ଥାପନ ହୋଇଥିଲା। ଏହି ଅବସରରେ ସମିତିର ବିଦାୟୀ ଏମ.ଡି ସୁଦାମ ସୁଆରଙ୍କୁ ବିଦାୟସମ୍ବର୍ଦ୍ଧନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ସିଂ ଦେଓ, ନୀଳମଣି ସାହୁ, ପବିତ୍ର ପଟେଲ, ପିଙ୍କୁ ପାଣିଗ୍ରାହୀ, ପଞ୍ଚୁଦେବ ସାହୁ, ଲଳିତ ସୁନା, ସାନନ୍ଦ ଯୋଶୀ ସମେତ ପ୍ୟାକ୍ସ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଚାଷୀ ଉପସ୍ଥିତ ଥିଲେ।



ଲୁହାସିଂହା କୃଷି ସମବାୟ ସମିତିର ବାର୍ଷିକ ସମାବେଶରେ ବିଧାୟକ ସରୋଜ କୁମାର ମେହେର ଉଦ୍‌ବୋଧନ ଦେଉଛନ୍ତି।

■ ବାଟବନା ହେଉଛେ ଆବାସ ଯୋଜନା

# ପଲିଥିନ ତଲେ ମୁଡ଼ ଗୁଁଜିଛନ୍ ୭ ପରାନୀ କୁଟୁମ

**ଲାଠୋର,୨୫।୮(ଡି.ଏନ୍.ଏ.):**

ଉଭଏ କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖି, ବାସହୀନ ପରିବାରମାନକୁ ପକାଘର ଯୁଗେଇ ଦିଆଯାଉଛେ ବଲି ଡିଂଗ୍‌ରା ପିଟୁଛନ୍। ହେଲେ ଦେଖିବାକେ ଗଲେ ଅନେକ ଜାଗାରେ ପରଶାସନିକ ଅବହେଲାର ଲାଗି ଅନେକ ହକ୍‌ଦାର ହିତାଧିକାରୀ ଇ ସୁବିଧାରୁ ବଁଚିତ୍ ହେଉଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ତୁରେକେଲା ବ୍ଲକ ହଲନଭଟା ପଁଚେତ୍ ଅଧୀନ ଖର୍ଲି ଗାଁରେ।

ଗାଁର ସୁବନ ତାଣ୍ଡି ଜନ୍‌ମୁ ଭିନ୍ନକ୍ଷମ, ତାକର କାନ୍ ନାଇଁ ଶୁଭ୍‌ବାର। ପରିବାର କହେଲେ ମାଏକିନା ସୁମତି, ୪ ଝି’ ମହିମା, ଯଶୋବନ୍ତି, ରଶ୍ମିତା, ଦୁର୍ଗା ଆର ଦୁଇ ପୁଓ ନିଲ ଆର ନିଲାମ୍ବରକେ ନେଇ ସଁସାର। ୫୦ ଡେସିମିଲ ଜମିକେ ଛାଡ଼ିଦେଲେ ତାକର କିଛି ସଁପତି ନାଁଇଁନ। ପରିବାରରେ ସବୁବେଲେ ଅଭାବ ଅନାଟନ ଲାଗି ରହିଛେ। ବଡ଼ ଝି’ ମହିମାକେ ଧାର ଉଧାର କରି ବିହାଚୁରା କରିଛନ୍। ବଛରକ ୬ ମାସ ବାହାର ରାଏଜ୍‌କେ ଦାଦନ ଯାଉଥିଲାବେଲେ କାବି ୬ ମାସ କୁଟୁମବସିଆ ଗାଁରେ ଲୁକ୍‌କର କାମ୍‌ବୁତା କରି ଚଲୁଛନ୍। ଟଁକା ପଏସା ଅଭାବ୍ ଲାଗି ଝି’ ଯଶୋବନ୍ତି ଆର ରଶ୍ମିତା ଅଧାରୁ ପାଠ୍‌ପଢ଼ା ଛାଡ଼ି ମା’ବାପ୍‌କେ ରୁଜ୍‌ଗାର କରବାରେ ସାହାଯ୍ କରୁଛନ୍। ଝି’ ଦୁର୍ଗା ୪ର୍ଥ ଶ୍ରେଣୀରେ ପଢୁଥିଲାବେଲେ ୨ ପୁଓ ଭିତରୁ ନିଲାମ୍ବର ଅଙ୍ଗନୱାଡିକେ ଯାଉଛେ। ସରକାରୀ ସାହାଯ୍ କହେଲେ ପରିବାରକେ ମାସିକ ମିଲୁଥିବାର ୩୫ କେ.ଜି. ଚାଉଳ। କୁଟୁମବସିଆ ଯାହା କମଉଛନ୍ ସେଟା ପରିବାରର ପେଟ୍‌କେ ହେଲେ ଦିହିକେ ନାଇଁ ଅଁଟ୍‌ବାର। ଏନ୍‌ତାଥି ଭଲ ଘରଖଁଡ଼େ ଅଭାବୁ ୭ ପରାନୀ କୁଟୁମ ଗୁଟେ ଭଂଗା ଦଦ୍‌ରା କୁରିଆରେ ମୁଡ଼ ଗୁଁଜିଛନ୍। ବରନ୍ଦାରେ ରଁଧାବଢ଼ା କାମ୍ ହେଉଛେ। ସରକାରୀ ଯୋଜନାରେ ଘରଖଁଡ଼େ ପାଏବାର ଲାଗି ସୁବନ ଫିବଛର ପଁଚେତ୍‌ରୁ ବ୍ଲକ ତକ୍ ଦଉଡୁଛନ୍। ବାବୁମାନକୁ ଭେଟି, ଗୁହାରି କରି ନିରାଶ ହେଉଛନ୍। ସେ ଯେନ୍‌ଘରେ ପରିବାର ଧରି ରହୁଛନ୍ ସେ ଘରଠାନୁ ଲୁକ୍‌କର ଗାଈ ଗୁହାଲ ଶହେ ଗୁନା ଭଲ। ଇ ବାବ୍‌ଦେ ହଲନଭଟା ପଁଚେତ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଜୟସିଂ ମେହେରକୁଁ ପଚରାଲାରୁ ପରିବାରଟା ସରକାରକଁର ଏସ୍‌ଇସିସି ତାଲିକାରେ ସାମିଲ ନାଇଁ ହେଇପାରି। ଯେନ୍‌ଥିରଲାଗି ଆବାସ ଯୋଜନାରୁ ବଁଚିତ୍ ହେଇ ରହିଛନ୍ ବଲି ସେ କହିଥିଲେ। ହେଲେ ଇ ଅଧିକାରୀକଁର ମତାମତକେ ନେଇ ହିତାଧିକାରୀ ଉଲଟିଆ ପ୍ରଶ୍ନ କରିଛନ୍। ଆମେ ମୁରୁଖ୍ ଲୋକ୍ ଆମେ ଜନଗଣନାରେ ସାମିଲ ନାଇଁହେଇ ପାରଲୁଁ, ହେଲେ ଗୁଟେ ଖାସ ଘର ଯୁଗେଇ ଦେବାରେ ପରଶାସକ କଏଁଯେ ବିଫଲ ହେଇଛନ ବଲି ସୁବନ ପ୍ରଶ୍ନ କରିଛନ୍।



ନିଜର ଭଂଗା ଦଦ୍‌ରା ପଲିଥିନ ଢପା ଘରଆଘେ ସୁବନକଁର ପରିବାର।



ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗିଦାର ହୋଇଥାଏ।
- ମେରି ଆଷ୍ଟିନ



## ସଂକ୍ଷେପରେ

### ବନ ବିଭାଗର ଚଢ଼ାଉ, ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଶାଳ କାଠ ଜବତ

**ଭବାନୀପାଟଣା,୨୫।୮(ଡି.ଏନ.ଏ.)-** କଳାହାଣ୍ଡି ଉତ୍ତର ବନଖଣ୍ଡ ଡିଏଫ୍‌ଓ ନିତିଶ କୁମାରଙ୍କ ନିର୍ଦ୍ଦେଶକ୍ରମେ ତଥା ଏସିଏଫ ବଂଶୀଧର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନର୍ଲା ବ୍ଲକ୍ ଅନ୍ତର୍ଗତ ବାଲିସିଙ୍ଗା ଓ କନକପୁର ଗ୍ରାମରେ ଚଢାଉ କରାଯାଇଛି। ଏହି ଚଢ଼ାଉ ବେଳେ ମୂଲ୍ୟବାନ ଶାଳକାଠ ଜବତ କରାଯାଇଛି। ଜବତ କାଠର ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଏହି ଚଢ଼ାଉରେ ନର୍ଲା ରେଞ୍ଜ ଅଫିସର ନୃତ୍ୟରାଜ ମାଝି, କେଁଗାଁ ରେଞ୍ଜ ଅଫିସର ହରେକୃଷ୍ଣ ଦୋରା, ମ. ରାମପୁର ରେଞ୍ଜ ଅଫିସର କେଶବ ମାଝିଙ୍କ ସମେତ ଭବାନୀପାଟଣା, ନର୍ଲା ମ.ରାମପୁର, କେଁଗାର ସମସ୍ତ ବନପାଳ ଓ ବନରକ୍ଷୀ ସାମିଲ ଥିଲେ। ଜବତ କାଠକୁ ଟ୍ରାକ୍ଟରରେ ମ.ରାମପୁରକୁ ନିଆଯାଇଥିବା ଜଣାପଡିଛି।

### ଦୁର୍ଗା ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ

**କୋକସରା,୨୫।୮(ଡି.ଏନ.ଏ.)-** କଳାହାଣ୍ଡି ଜିଲା କୋକସରାଠାରେ ହେବାକୁ ଥିବା ସାର୍ବଜାନୀନ ଦୁର୍ଗା ପୂଜା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଏହି ଅବସରରେ ମା' ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ପାଇଁ ପୂଜକ ଅକ୍ଷୟ ଯୋଷୀଙ୍କ ଦ୍ୱାରା ମାଟି ଅନୁକୁଳ ହୋଇଯାଇଛି । ମାଝିଗୁଡା ପଞ୍ଚାୟତ ଦାବ୍ରିଗୁଡା ପଡିଆରୁ ପ୍ରତିମା ପାଇଁ ମାଟି ଅନୁକୁଳ କରାଯାଇଛି । ପୂଜା କର୍ତ୍ତା ଭାବେ ଅଭିମନ୍ୟୁ ଧଙ୍ଗଡାମାଝି ରହିଥିଲେ। ଏହା ବ୍ୟତିତ ପୂଜା କମିଟି ସମ୍ପାଦକ ମହେଶ ଗୁପ୍ତା, କାର୍ଯ୍ୟକାରୀ ସମ୍ପାଦକ ମାନସ ପ୍ରଧାନୀ, ମହେନ୍ଦ୍ର ନେଗୀ, ଜଗନ୍ନାଥ ପଟ୍ଟନାୟକ, ବନମାଳି ପ୍ରଧାନୀ, ସେବକ କବି ମାଝି ପ୍ରମୁଖ ଉପସ୍ଥିତ ଥିଲେ।



### ସାମାଜିକ କର୍ମୀଙ୍କ ପରଲୋକ

**ଲାଞ୍ଜିଗଡ଼,୨୫।୮(ଡି.ଏନ.ଏ.)-** ଲାଞ୍ଜିଗଡ ସହରର ଜଣେ ସାମାଜିକ କର୍ମୀଙ୍କ ତଥା ଧର୍ମପରାୟଣ ବ୍ୟକ୍ତି ବାବୁ ନାୟକ(୬୭)ଙ୍କ ଶନିବାର ପରଲୋକ ଘଟିଛି । ସପ୍ତାହେ ପୂର୍ବରୁ ତାଙ୍କ ବଡଭାଇଙ୍କ ମୃତ୍ୟୁ ଘଟିଥିବା ବେଳେ ଶନିବାର ରାତିରେ ହୃଦଘାତ ଯୋଗୁ ହଠାତ୍ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ତାଙ୍କ ବିୟୋଗରେ ଅଞ୍ଚଳବ୍ୟାପି ଶୋକର ଛାୟା ଖେଳିଯାଇଛି। ତାଙ୍କର ଏକମାତ୍ର ପୁଅ ସତ୍ୟନାରାୟଣ ନାୟକ ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ଟୁନି ନାୟକ, ବଡଭଉଣୀ ରେଣୁକା, ବଡ ଭିଣୋଇ ଉଦୟଚନ୍ଦ୍ର ନାୟକ, ମଝିଆ ଭଉଣୀ ସରୋଜିନୀ, ସାନଭଉଣୀ ଶୋଭା ଦାସ, ବୋହୁ ଲିଜା ନାୟକ, ପୁତୁରା ସନାତନ ନାୟକଙ୍କ ସମେତ ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ ।

### ଗୁଜରାଟରେ ଦାଦନ ଶ୍ରମିକ ବନ୍ଧା ପଡ଼ିବା ଘଟଣା

# ଉଦ୍ଧାର ପାଇଁ ଜିଲାପାଳଙ୍କୁ ଫେରାଦ

**ଭବାନୀପାଟଣା, ୨୫।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ମତୁଆଲାଗୁଡା ଗାଁର ୭ ଜଣ ଦାଦନ ଶ୍ରମିକଙ୍କୁ ସେହି ଗ୍ରାମର ଜଣେ ଦଲାଲ ମୋଟା ଅର୍ଥର ପ୍ରଲୋଭନ ଦେଖାଇ ଗୁଜରାଟ ନେଇଯାଇଥିଲା। ସେଠାରେ ଏକ ଠିକା ସଂସ୍ଥା ଏହି ଦାଦନ ଶ୍ରମିକମାନଙ୍କୁ ନିର୍ଯାତନା ଦେବା ସହ ବନ୍ଧକ ରଖିଥିବା ଅଭିଯୋଗ କରି ସେମାନଙ୍କ ପରିବାର ସଦସ୍ୟମାନେ ଶନିବାର ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି । ଶ୍ରମିକଙ୍କୁ ତୁରନ୍ତ ମୁକ୍ତ କରିବାକୁ ପରିବାରବର୍ଗ ଦାବି କରିଛନ୍ତି । ଜୁନ୍ ୧୪ ତାରିଖରେ ବଲାଗାଁର ଭଜନ ଦୁର୍ଗା ମତୁଆଲଗୁଡା ଗ୍ରାମକୁ ଆସି ମାସିକ ୧୨ ହଜାର ଟଙ୍କାର ମଜୁରୀ ପ୍ରଲୋଭନ ଦେଖାଇ ରିଙ୍କୁ ଗହିର, କୁଶ ଶବର, ଜଗତରାମ ଶବର, ରୁପଧର ଗହିର, ଭାସ୍କର ଛତ୍ରିଆ, ଉମା ଛତ୍ରିଆ, ଭରତ ଛତ୍ରିଆଙ୍କୁ ଗୁଜରାଟର ଭାମନ ପ୍ରୋସେସିଙ୍ଗ କମ୍ପାନୀ ପ୍ରାଇଭେଟ୍ ଲିମିଟେଡକୁ ନେଇଯାଇଥିଲା।

କିଛି ଦିନ କାମ କରି ଏହି ଦାଦନ ଶ୍ରମିକମାନେ ପରିବାର ଲୋକଙ୍କ ସହିତ ଫୋନ୍ ଯୋଗେ କଥାବାର୍ତ୍ତା ହେଉଥିଲେ । ତେବେ ସମ୍ପୃକ୍ତ ସଂସ୍ଥା ଅଧିକ କାମ କରାଇ ମାଡ ମାରିବା ସହିତ ଠିକ୍‌ରେ ଖାଇବାକୁ ଦେଉ ନ ଥିବା ଶ୍ରମିକମାନେ ପରିବାର ଲୋକଙ୍କୁ ଜଣାଇଥିଲେ। ତେବେ ପ୍ରାୟ ଏକ ମାସ ହେଲା ଏହି ଦାଦନ ଶ୍ରମିକଙ୍କ ସହ ପରିବାର ଲୋକଙ୍କୁ ଫୋନ୍ ଯୋଗେ ଯୋଗାଯୋଗ ହେଇପାରୁ ନାହିଁ । ଅଳ୍ପ ଦିନ ତଳେ ଦାଦନ ଶ୍ରମିକ ମଧ୍ୟରୁ ଜଣେ ଫୋନ୍ ଯୋଗେ ଜଣାଇଥିଲେ ଯେ, ଠିକା ସଂସ୍ଥା ସେମାନଙ୍କୁ ଶାରୀରିକ ନିର୍ଯାତନ ଦେବା ସହ ପରିବାର ଲୋକଙ୍କ ସହ ଫୋନ୍ ଯୋଗେ କଥାବର୍ତ୍ତା କରାଉ ଦେଉନାହିଁ ଏବଂ ବନ୍ଧକ ଭାବେ ରଖିଛନ୍ତି। ଏ ସମ୍ପର୍କରେ ଏହି ଦାଦନ ଶ୍ରମିକଙ୍କ ପରିବାର ଲୋକ ଜୟପାଟଣା ଥାନା ଏବଂ ଜିଲା ଶ୍ରମ ଅଧିକାରୀଙ୍କୁ ଜଣାଇଥିଲେ ହେଁ କୌଣସି ସୁଫଳ ମିଳି ନ ଥିବାରୁ ଶନିବାର ସେମାନେ ଜିଲାପାଳଙ୍କୁ ସାକ୍ଷାତ କରି ଏହି ୭ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରି ଫେରାଇ ଆଣିବାକୁ ଦାବି କରିଛନ୍ତି ।



ଜିଲାପାଳଙ୍କୁ ଭେଟିବା ପାଇଁ ଆସିଥିବା ଦାଦନ ଶ୍ରମିକଙ୍କ ପରିବାରବର୍ଗ ।

### ମୋଟର ଲଞ୍ଚ ଚଳାଚଳ ବନ୍ଦ

## ଇନ୍ଦ୍ରାବତୀ ଜଳଭଣ୍ଡାରର ୧୬ ଖଣ୍ଡ ଗ୍ରାମବାସୀ ପ୍ରଭାବିତ

**ଭବାନୀପାଟଣା,୨୫।୮(ଡି.ଏନ.ଏ.)**

ଗତ ୧୩ ଦିନ ହେଲା ଇନ୍ଦ୍ରାବତୀ ଜଳଭଣ୍ଡାରରେ ଦେଶୀ ମୋଟର ଲଞ୍ଚ ଚଳାଚଳ ବନ୍ଦ ହୋଇଯାଇଛି। ଫଳରେ ଏହା ମଧ୍ୟରେ ଥିବା ୧୬ ଖଣ୍ଡ ଗ୍ରାମର ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସେମାନେ ଅତ୍ୟାବଶ୍ୟକ ସାମଗ୍ରୀ ତଥା ତେଲ, ଲୁଣ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଗତ ୧୩ ତାରିଖରେ ଏକ ଦେଶୀ ଡଙ୍ଗା ମୋଟରରେ ତ୍ରୁଟି ଦେଖାଦେବାରୁ ଜଳଭଣ୍ଡାରର ଅଧାରାସ୍ତାରେ ଅଚଳ ହେଇପଡିଥିଲା।

ଏଥିରେ ୧୫ ଜଣ ଯାତ୍ରୀ ଆସନ୍ନ ବିପଦରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏ ନେଇ ଖବର ପ୍ରଚାରିତ ହେବା ପରେ ଜିଲାପାଳ ଗାଭିଲ ପରାଗ ହର୍ଷଦଙ୍କ ନିର୍ଦ୍ଦେଶକ୍ରମେ ଥୁଆମୂଳ ରାମପୁର ତହସିଲଦାର ବିନୟ କୁମାର ଭୋଇ ଘଟଣାସ୍ଥଳରେ ପହଞ୍ଚି ଡଙ୍ଗାସବୁ ଜବତ କରିବା ସହ ପ୍ରଶାସନର ପୁନଃ ନିର୍ଦ୍ଦେଶନ ହେବା ପର୍ଯ୍ୟନ୍ତ ଡଙ୍ଗା ଚଳାଚଳକୁ ବନ୍ଦ କରିଥିଲେ। ଇତିମଧ୍ୟରେ ଦୀର୍ଘ ୧୩ ଦିନ ବିତି ଯାଇଛି। ପ୍ରଶାସନ ପୁନଃ ନିର୍ଦ୍ଦେଶ ଦେଇ ନାହିଁ କି ଡଙ୍ଗା ଚଳାଚଳ କରୁନାହିଁ। ଫଳରେ ଏବେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ଅନ୍ୟପଟେ ଜିଲା ପ୍ରାଶାସନ ତରଫରୁ ଏହି ଜଳବନ୍ଦୀ ଇଲାକା ପାଇଁ ପୂର୍ବରୁ କୌଣସି ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ନ ରଖି ଲୋକଙ୍କ ସୁରକ୍ଷା ନାରେ ଡଙ୍ଗା ଚଳାଚଳକୁ ବନ୍ଦ କରିବା ଅତ୍ୟନ୍ତ ପରିତାପର ବିଷୟ। ଜଳଭଣ୍ଡାର ମଧ୍ୟରେ ରହିଥିବା ଲୋକ ଏବେ ସମ୍ପୂର୍ଣ୍ଣ ଜଳବନ୍ଦୀ ଜୀବନ ଅତିବାହିତ କରୁଥିବା ବେଳେ କେହି ଜଳଭଣ୍ଡାର ମଧ୍ୟକୁ ଯାଇ ପାରୁନାହାନ୍ତି କି ଜଳଭଣ୍ଡାର ଲୋକ କେହି ବାହାରକୁ ଆସି ପାରୁନାହାନ୍ତି। କେବେ ପୁଣି ପ୍ରଶାସନ ନିର୍ଦ୍ଦେଶ ଦେବ ସେହି ଦିନକୁ ଅପେକ୍ଷା କରିଥିବା ବେଳେ ତେଲଲୁଣ ପାଇଁ ଲୋକେ ନାହିଁ ନ ଥିବା ଅବସ୍ଥା ଭୋଗୁଛନ୍ତି। ଏହି ଡଙ୍ଗା ଚଳାଚଳ ବନ୍ଦ ରହିଥିବାରୁ ସ୍ୱାସ୍ଥ୍ୟ ସେବା ପାଇବାରୁ ଲୋକେ ବଞ୍ଚିତ ହେଉଛନ୍ତି।

## ନିଆଁରେ ପୋଡ଼ିଥିବା ଶିଶୁ ଚିକିତ୍ସାରେ ଅର୍ଥ ସାଜିଛି ବାଧକ

**ଭବାନୀପାଟଣା,୨୫।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁ.ରାମପୁର ବ୍ଲକ ଅଧୀନ ତଲଖାପି ପଞ୍ଚାୟତ ଅନ୍ତର୍ଗତ ଉପରଜାପି ଗ୍ରାମର କୁହୁନୁ ମାଝିଙ୍କ ୪ ବର୍ଷିୟ ଝିଅ ମଏନାଙ୍କ ଦୁଃଖଭରା କାହାଣୀ। ଘରେ ଜଣେ ନାବାଳିକା ଭଉଣୀ ଉପସ୍ଥିତରେ ରୋଷେଇ କରୁଥିବା ବେଳେ ଅନ୍ୟ ଏକ ଶିଶୁ ପାଖରେ ଖେଳୁଥିଲା। ହଠାତ ତାର ଅସାବଧାନତା ବେଳେ ଶିଶୁ ପିନ୍ଧା ଫ୍ରକରେ ଚୁଲି ନିଆଁ ଲାଗିଯାଇଥିଲା। ଶିଶୁଟି କିଛି ବୁଝିବା ପୂର୍ବରୁ ତାର ଗୋଡରୁ ଅଣ୍ଟା ପର୍ଯ୍ୟନ୍ତ ପ୍ରାୟ ୬୦ ପ୍ରତିଶତ ଅଂଶ ପୋଡି ସାରିଥିଲା। ପରିବାର ଲୋକ ପେଟ ଚାଖଣ୍ଡକ ପାଇଁ ମୂଲ ଲାଗିବା ପାଇଁ ଯାଇଥିଲେ। ଖବର ପାଇ ଘରକୁ ଆସିବା ବେଳକୁ ଶିଶୁଟିର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡିଥିଲା। ତୁରନ୍ତ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଥୁ.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଇଥିଲେ। ଜୀବନ ବଞ୍ଚିଯାଇଛି। ବର୍ତ୍ତମାନ ଘଟଣାର ଦୀର୍ଘ ଏକ ବର୍ଷରୁ ଅଧିକ ଦିନ ଅତିକ୍ରାନ୍ତ ହୋଇ ସାରିଥିଲେ ମଧ୍ୟ ଶିଶୁଟିର ଅବସ୍ଥା ସୁଧୁରି ପାରୁନି। ମା'ବାପା ଦିନ ମଜୁରିଆ । ପର ଘରେ ମୂଲ ଲାଗିଲେ ଘର ବୁଲି ଜଳେ। ଏଭଳି ସ୍ଥିତିରେ ଶିଶୁର ଚିକିତ୍ସା କରାଇବାରେ ଅସମର୍ଥ। ଦିନକୁ ଦିନ ଝିଅର ବୟସ ବଢୁଥିବା ବେଳେ ତାର ଭବିଷ୍ୟତ ନେଇ ଚିନ୍ତିତ ହୋଇ ଅସହାୟ ହୋଇପଡୁଛନ୍ତି ମା'ବାପା। ଅନେକ ଅଧିକାରୀଙ୍କ ଦ୍ୱାରସ୍ଥ ହେଉଥିଲେ ମଧ୍ୟ ସହାୟତା ମିଳୁନି। ନିଆଁ ପ୍ରଭାବରେ ଶିଶୁଟିର ଗୁପ୍ତାଙ୍ଗ ପ୍ରଭାବିତ ହେଇଛି। ଏହାର ଚିକିତ୍ସା ବ୍ୟୟ ବହୁଳ। କିନ୍ତୁ ଚିକିତ୍ସା କରାଗଲେ ସ୍ୱାଭାବିକ ହେବାର ଆଶା ରଖିଛନ୍ତି ପରିବାର। ଜିଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବା ପାଇଁ ସାଧାରଣରେ ଦାବି ହେଉଛି।

## ନିୟମିତ ହେଲେ ୧୧୩ ଗ୍ରାମ୍ୟ କୃଷି କର୍ମଚାରୀ

**ଭବାନୀପାଟଣା,୨୫।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ କାର୍ଯ୍ୟରତ ୧୧୩ ଜଣ ଗ୍ରାମ୍ୟ କର୍ମଚାରୀ (ରେଗୁଲାର) ନିୟମିତ ହୋଇଛନ୍ତି । ଏଥିପାଇଁ ଜିଲା ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା କରାଯାଇଛି। ଜିଲାର ୧୩ଟି ବ୍ଲକର ବିଭିନ୍ନ ପଞ୍ଚାୟତରେ ଚୁକ୍ତିଭିତ୍ତିକ ଗ୍ରାମ୍ୟ କୃଷି କର୍ମଚାରୀ ଭାବେ ଗତ ୨୦୧୧ରେ ୧୧୩ ଜଣଙ୍କୁ ଚୁକ୍ତି ଭିତ୍ତିରେ ନିଯୁକ୍ତି ମିଳିଥିଲା। ୬ ବର୍ଷ ନିୟମିତ କାମ ପରେ ସେମାନଙ୍କୁ ରେଗୁଲାର ମାନ୍ୟତା ମିଳିଛି। ଦୀର୍ଘଦିନ ପରେ ନିୟମିତ ସରକାରୀ କର୍ମଚାରୀ ହୋଇଥିବାରୁ ସେମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। କଳାହାଣ୍ଡି ଜିଲାପାଳ, ଉପକୃଷି ନିର୍ଦ୍ଦେଶକଙ୍କୁ ସଂଘ ପକ୍ଷରୁ ସଭାପତି ସମିର ପାତ୍ର, ଭବାନୀପାଟଣା ବ୍ଲକ ଉପସଭାପତି ବିଶ୍ୱକାନ୍ତ ସାହୁଙ୍କ ସମେତ ଜିଲା ଗ୍ରାମ୍ୟ କୃଷି କର୍ମଚାରୀମାନେ କୃତଜ୍ଞତା ଜଣାଇଛନ୍ତି।

### ରେଲୱେ ବୁଲା ବିକାଳିମାନଙ୍କୁ ପୁନଃ ଥଇଥାନ କରିବାକୁ ଦାବିପତ୍ର

**ଜୁନାଗଡ,୨୫।୮(ଡି.ଏନ.ଏ.)**

ରେଲୱେ ବୁଲା ବିକାଳିମାନଙ୍କୁ ପୁନଃ ଥଇଥାନ କରିବାକୁ ଟ୍ରେନ ଭେଣ୍ଡର ଆସୋସିଏଶନ ପକ୍ଷରୁ ଶନିବାର ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ପ୍ରମୁଖଙ୍କୁ ଜୁନାଗଡଠାରେ ଦାବିପତ୍ର ପ୍ରଦାନ କରାଯାଇଛି। ରେଳ ସେବା ଆରମ୍ଭରୁ ଟ୍ରେନରେ ଯାଉଥିବା ଯାତ୍ରୀମାନଙ୍କୁ ଖାଦ୍ୟପେୟ ଓ ଅନ୍ୟାନ ସାମଗ୍ରୀକୁ ରେଲୱେ ବୁଲା ବିକାଳିମାନେ ଯୋଗାଉଥିଲେ। ଏହା ଯୋଗୁ ଟ୍ରେନରେ ଯାଉଥିବା ଲକ୍ଷାଧିକ ଯାତ୍ରୀ ଉପକୃତ ହେଉଥିଲେ। ଏହି କାମରେ ସାରା ଭାରତରେ ପାଖାପାଖି ୨ ଲକ୍ଷ ବେକାରୀ ଯୁବକ ଟ୍ରେନରେ ବିଭିନ୍ନ ଖାଦ୍ୟ ସାମଗ୍ରୀ ତଥା ଅନ୍ୟାନ ଆବଶ୍ୟକ ସାମଗ୍ରୀ ବିକ୍ରି କରି ରୋଜଗାର କରିବା ସହ ନିଜ ପରିବାର ଭରଣପୋଷଣ କରୁଥିଲେ। ଗତ ୨ମାସ ତଳେ କେନ୍ଦ୍ର ସରକାର ବୁଲା ବିକାଳିମାନଙ୍କୁ ଟ୍ରେନରେ ସାମଗ୍ରୀ ବିକ୍ରି କରିବାକୁ ବାରଣ କରାଯାଇଛି। ସରକାରଙ୍କ ଏଭଳି ନିଷ୍ପତ୍ତି ଯୋଗୁ ପ୍ରାୟ ୨ ଲକ୍ଷ ଲୋକ ନିଜ ରୋଜଗାର ସିଧାସଳଖ ହରାଇ ବସିବା ସହ ସେମାନଙ୍କ ୧୦ ଲକ୍ଷ ପରିବାରର ପେଟର ଦାନା ଏବେ ମାର ହୋଇପଡିଛି। ପୂର୍ବପରି ପୁଣିଥରେ ଟ୍ରେନରେ ଚଢି ସାମଗ୍ରୀ ବିକ୍ରି କରିବାର ଅନୁମତି ପ୍ରଦାନ କରାଯିବାକୁ ସେମାନେ ଦାବି କରିଛନ୍ତି।



ଗଙ୍ଗାଧର ମେହେରଙ୍କ ଜୟନ୍ତୀରେ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥି।

## ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ପାଳିତ

**କେସିଙ୍ଗା,୨୫।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ଚେତାବନୀ ସାହିତ୍ୟ ସଂସଦ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ସ୍ଥାନୀୟ ବିଦ୍ୟାପୀଠ ପରିସରରେ ରବିବାର ଅପରାହ୍ନ ୪ଟାରେ ପାଳିତ ହୋଇଯାଇଛି । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହରିଶଙ୍କର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପ୍ରାରମ୍ଭିକ ସଙ୍ଗୀତ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଗାନ କରାଯାଇଥିଲା । ଏହି ଉପଲକ୍ଷେ ବରିଷ୍ଠ ସାହିତ୍ୟକ ଡ. ରଘୁନାଥ ମେହେରଙ୍କୁ ଗଙ୍ଗାଧର ମେହେର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଚିକିତ୍ସକ ଓ ସାମାଜିକ କର୍ମୀ ଡା. ହେମସାଗର ସାହା, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାହିତ୍ୟକ ସମ୍ବଲପୁର ଡ. ରଘୁନାଥ ମେହେର, ସମ୍ମାନିତ ବକ୍ତା ଓଡିଆ ଅଧ୍ୟାପିକା ମହିଳା ବିଦ୍ୟାଳୟ ବରଗଡ ଡ. ରୀନା କୁମାରୀ ମେହେର ପ୍ରମୁଖ ଯୋଗଦେଇ କବିଙ୍କ ଆଦର୍ଶ, ନୀତି ଓ ଜୀବନୀ ଉପରେ ଆଲୋକପାତ କରିଥିଲେ। ଚେତାବନୀ ସାହିତ୍ୟ ସଂସଦର ସାଧାରଣ ସମ୍ପାଦକ ରଞ୍ଜନ କୁମାର ପଣ୍ଡା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଉକ୍ତ ଅନୁଷ୍ଠାନର ଉପସଭାନେତ୍ରୀ ରୁବି ଚୌଧୁରୀ ମଞ୍ଚ ପରିଚାଳନା କରିଥିଲେ। ସାଙ୍ଗଠନିକ ସମ୍ପାଦକ ଯାଦବେନ୍ଦ୍ର ସାହା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଉପସଭାପତି ରମେଶ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଜୁନାଗଡ଼ ରୋଡ-ଭୁବନେଶ୍ୱର ଏକ୍ସପ୍ରେସ୍‌କୁ ଭବ୍ୟ ସ୍ୱାଗତ

**ଲାଞ୍ଜିଗଡ଼,୨୫।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ସହରଠାରୁ ଭୁବନେଶ୍ୱରକୁ ଶନିବାରରୁ ସ୍ୱତନ୍ତ୍ର ଟ୍ରେନ୍ ଚାଲିଛି। ଅପରାହ୍ନ ସାଢେ ୪ଟାରେ ଜୁନାଗଡ଼ ରୋଡ-ଭୁବନେଶ୍ୱରକୁ ଏକ୍ସପ୍ରେସ ଟ୍ରେନ(ନଂ.୧୮୪୩୭-୧୮୪୩୮) ଯାତ୍ରା ଆରମ୍ଭ କରିଥିଲା। ଏହି ଗନ୍ତବ୍ୟ ପଥର ଜି. ରାମଚନ୍ଦ୍ରପୁର ପାସେଞ୍ଜର ହଲ୍ଟଠାରେ ଏହି ଟ୍ରେନ୍‌କୁ ସ୍ୱାଗତ ନିଆରାଥିଲା। ଯୁବସାମାଜିକ କର୍ମୀ ସୁଶୀଲ କୁମାର ବାଗ ଓ ଗୋବର୍ଦ୍ଧନପୁର ସମିତିସଭ୍ୟ ଚିତ୍ରସେନ ମାଝିଙ୍କ ନେତୃତ୍ୱରେ ଶତାଧିକ ଲୋକେ ସମବେତ ହୋଇ ସ୍ୱାଗତମ୍ ପ୍ଲାକାର୍ଡ ସହ ହାତ ହଲାଇ ଏହି ଟ୍ରେନ୍‌କୁ ଅଭିବାଦନ ଜଣାଇଥିଲେ । ଲୋକଙ୍କ ସ୍ୱତଃସ୍ଫୂର୍ତ୍ତ ଉତ୍ସାହକୁ ଦେଖି ଟ୍ରେନ୍ ଚାଳକ ଓ କର୍ମଚାରୀଙ୍କ ସମେତ ଯାତ୍ରୀମାନେ ମଧ୍ୟ ଉତ୍ସାହିତ ହୋଇପଡିଥିଲେ। ଏହି ସ୍ୱାଗତ କାର୍ଯ୍ୟକ୍ରମରେ ଯୁବ କର୍ମୀ ପିଣ୍ଟୁ ପତି, କିରଣ ମାଝି, ଅଶୋକ ପୁରୋହିତ, କ୍ଷୀରସାଗର ମହାନନ୍ଦ, ହୃଷିକେଶ ପୁଟେଲ, ଦିଗାମ୍ବର ଛତ୍ରିଆ, ବିକାଶ ଦୁର୍ଗା, ସୁରେଶ କରୁଆଁ ପ୍ରମୁଖ ଯୋଗଦେଇଥିଲେ ।

### ନକଲି ଆଦିବାସୀ ହରିଜନ ଶିକ୍ଷକଙ୍କୁ ଝଟ୍‌କା

## ୧ ମାସ ମଧ୍ୟରେ ଦାଖଲ କରିବେ ଜାତିଗତ ପ୍ରମାଣପତ୍ର

**କର୍ଲାମୁଣ୍ଡା,୨୫।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ନକଲି ଶିକ୍ଷକ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ଜୁଲାଇ ମାସରେ ଆରମ୍ଭ ହୋଇ ସାରିଥିବା ବେଳେ ଏବେ ପୁଣି ଜାତିଗତ ପ୍ରମାଣପତ୍ର ଓ ମାଇଗ୍ରେସନ ସାର୍ଟିଫିକେଟ ଯାଞ୍ଚ ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ଚିଠି ଜାରି ହୋଇଛି। ଏହା ପରେ ନକଲି ଜାତିଗତ ପ୍ରମାଣ ଦେଇ ଶିକ୍ଷକ ଚାକିରି ହାତେଇ ଥିବା ନକଲି ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ମନରେ ଛନକା ପଶିଲାଣି । ପୂର୍ବରୁ ବ୍ଲକ ଶିକ୍ଷା ଅଧିକାରୀମାନଙ୍କ କାର୍ଯ୍ୟାଳୟରେ ସାର୍ଟିଫିକେଟଗୁଡିକ ଯାଞ୍ଚ ହୋଇଥିବା ବେଳେ ଓଡିଶା ସରକାରଙ୍କ ରାଜ୍ୟ ଗଣଶିକ୍ଷା ବିଭାଗ ପତ୍ର ସଂଖ୍ୟା ୧୬୭୦୪, ତା. ୦୭।୦୮।୨୦୧୯ ଅନୁଯାୟୀ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀଙ୍କ ପତ୍ର ସଂଖ୍ୟା- ୧୦୧୭, ତା. ୨୮।୦୮।୨୦୧୯ ପତ୍ର ମିଳିବା ପରେ ନକଲି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମନରେ ଭାଲେଣି ବଢି ଯାଇଛି। ୨୦୧୧ରୁ ବର୍ତ୍ତମାନ ସୁଦ୍ଧା ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ନିଜର ନିଜର ଜାତିଗତ ପ୍ରମାଣପତ୍ର ଓ ମାଇଗ୍ରେସନ ସାର୍ଟିଫିକେଟ ଚିଠି ପାଇବାର ୧ ମାସ ଭିତରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ କଡା ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ ଯେ, କର୍ଲାମୁଣ୍ଡା ବ୍ଲକରେ ୨୦୧୧ ପୂର୍ବରୁ ମଧ୍ୟ କିଛି ଶିକ୍ଷକ ଯେଉଁମାନେ ଓବିସି ଓ ସାଧାରଣ ବର୍ଗ ହୋଇଥିଲେ ହେଁ କୌଶଳକ୍ରମେ ଆଦିବାସୀ, ହରିଜନ ଜାତିଗତ ପ୍ରମାଣପତ୍ର ହାତେଇ ନିଯୁକ୍ତି ପାଇଥିବା ଦୀର୍ଘ ଦିନରୁ ଅଭିଯୋଗ ହୋଇଆସୁଛି। ଏଥିପ୍ରତି ଜିଲା ଶିକ୍ଷା ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।




ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ।

# ଆଦିବାସୀ ମନ୍ତ୍ରୀଙ୍କ ଲାଞ୍ଜିଗଡ଼ ବ୍ଲକ ଗସ୍ତ

**ଲାଞ୍ଜିଗଡ଼, ୨୫।୮ (ଡି.ଏନ.ଏ.)**

ଅନୁସୂଚିତ ଜାତି, ଜନଜାତି କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ରବିବାର କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକର ବିଭିନ୍ନ ସ୍କୁଲ ପରିଦର୍ଶନ କରି ଉଦ୍‌ଘାଟନୀ ସମାରୋହରେ ଯୋଗଦେଇଛନ୍ତି । ମନ୍ତ୍ରୀ ରବିବାର ଭବାନୀପାଟଣା ଦେଇ କାଉଗୁଡାସ୍ଥିତ ବିଭାଗୀୟ ସ୍କୁଲ ପରିଦର୍ଶନ କରିଥିଲେ। ସେଠାରୁ ବାହାରି ବିଶ୍ୱନାଥପୁର ଦେଇ ଲାଞ୍ଜିଗଡ ପହଞ୍ଚିଥିଲେ। ସେଠାରେ ବିଭାଗୀୟ ସ୍କୁଲ ପରିଦର୍ଶନ କରିବା ସହ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ । ପରେ ଲାଞ୍ଜିଗଡ଼ସ୍ଥିତ କୁଟିଆକନ୍ଧ ଉନ୍ନୟନ ସଂସ୍ଥା ନବନିର୍ମିତ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରି, ବ୍ଲକ ଅଧ୍ୟକ୍ଷ ଇଂ ଫକୀରମୋହନ ମାଝି, ବିଡିଓ ମୁନିନ୍ଦ୍ର ହୋନ୍ନାଗାଙ୍କ ସମେତ ବ୍ଲକସ୍ତରୀୟ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ସମାରୋହରେ ଘୋର ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ଏପରି କି ନବନିର୍ମିତ କେକେଡିଏ କାର୍ଯ୍ୟାଳୟ ଉଦ୍‌ଘାଟନୀ ଫଳକରେ ଅଞ୍ଚଳର ଜନପ୍ରିୟ ନେତା ବ୍ଲକ ଅଧ୍ୟକ୍ଷଙ୍କ ନାମ ସୁଦ୍ଧା ନ ଥିବାକୁ ନେଇ ତାଙ୍କ ସମର୍ଥକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ସେହିପରି ଦୀର୍ଘ ବର୍ଷ ହେଲା ଲାଞ୍ଜିଗଡ଼ଠାରେ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ରହିଥିଲେ ହେଁ ଆଜି ପର୍ଯ୍ୟନ୍ତ ଅଞ୍ଚଳର କୁଟିଆ କନ୍ଧମାନଙ୍କ ସାମାନ୍ୟତମ ବିକାଶ ହୋଇନାହିଁ। ବର୍ଷକୁ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଆସୁଥିଲେ ହେଁ କାର୍ଯ୍ୟାଳୟର କର୍ମଚାରୀମାନେ କୁଟିଆକନ୍ଧ ସମ୍ପ୍ରଦାୟର ବିକାଶ ପାଇଁ ଆସୁଥିବା ଅନୁଦାନକୁ ହରିଲୁଟ୍ କରୁଥିବା ଅଭିଯୋଗ ହୋଇଆସୁଛି। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ହେଁ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ମନ୍ତ୍ରୀ ଓ ବିଧାୟକଙ୍କ ଗସ୍ତବେଳେ କେକେଡିଏ ସଂସ୍ଥାର ପଦାଧିକାରୀ ନିଜ ଦୋଷ ଦୁର୍ବଳତା ଲୁଚାଇବାକୁ ଅନେକ ଉଦ୍ୟମ କରିଥିଲେ ହେଁ ଉଦ୍‌ଘାଟନୀ ସମାରୋହ ବାହାରେ ଲୋକଙ୍କ ପୁଞ୍ଜିଭୂତ ଅସନ୍ତୋଷ ଦେଖିବାକୁ ମିଳିଥିଲା । ଏହାକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି ।

**ଉଦ୍‌ଘାଟନୀ ସମାରୋହରେ ଯୋଗଦେଲେ**



ମନ୍ତ୍ରୀ ଜଗନ୍ନାଥ ସାରକା ଲାଞ୍ଜିଗଡ଼ସ୍ଥିତ ନବନିର୍ମିତ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରୁଛନ୍ତି ।



ନିର୍ଭୀକ ଲୋକ ହିଁ ସୁଯୋଗ ପାଇଲେ ଶିଖର ଦେଶରେ ପହଞ୍ଚିଯାଏ।
-ସେକ୍ସପିଅର



## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

କୋମନା,୨୫।୮(ଡି.ଏନ୍.ଏ.)- ନୂଆପଡା ଜିଲା କୋମନା ବ୍ଲକ ବିଶିବାହାଲ ନିକଟରେ ୨ ବାଇକ ମୁହାମୁହି ଧକ୍କାରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତ ୨ ଜଣ ସୁନାବେଡା ଅଞ୍ଚଳ ଯାମପାନୀ ଗ୍ରାମର ହୋଇଥିବା ବେଳେ ତାଙ୍କ ନାମ ଜଣାପଡିନି। ମିଳିଥିବା ସୂଚନା ଅନୁସାରେ ରବିବାର ସନ୍ଧ୍ୟା ୭ଟାରେ ବିଶିବାହାଲ ଗାଁ ମୁଣ୍ଡ ପୋଲ ନିକଟରେ ଦୁଇ ଅଜଣା ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁଇ ବାଇକ ଆରୋହୀ ଗୁରତର ଆହତ ହୋଇଛନ୍ତି। ସ୍ଥାନୀୟ ସାମାଜିକ କର୍ମୀମାନେ ଆହତଙ୍କୁ ଡାକ୍ତରଖାନା ନେବା ପାଇଁ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିବା ବେଳେ ଆମ୍ବୁଲାନ୍ସ ଦୁର୍ଘଟଣା ସ୍ଥଳକୁ ଆସି ପାରି ନ ଥିଲା। ଫଳରେ ନିଜ ଉଦ୍ୟମରେ ବିଶିବାହାଲ ଗାଁର ଯୁବକମାନେ ଆହତମାନଙ୍କୁ ହସ୍ପିଟାଲ ପହଞ୍ଚାଇଥିଲେ।

### କିଡ୍‌ନୀ ରୋଗରେ ଯୁବକଙ୍କ ମୃତ୍ୟୁ

ଖଡିଆଳ,୨୫।୮(ଡି.ଏନ୍.ଏ.)- ନୂଆପଡା ଜିଲା ଖଡିଆଳ ବ୍ଲକ ଡୁମେରବାହାଲ ଗ୍ରାମର ଜଣେ ଯୁବକଙ୍କ କିଡ୍‌ନୀ ରୋଗରେ ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକ ହେଲେ ବେଣୁଧର ଘିଭେଲା (୩୦) । ସୂଚନା ଅନୁସାରେ ଡୁମେରବାହାଲ ଗ୍ରାମର ଅସନ ଘିଭେଲାଙ୍କ ପୁଅ ବେଣୁଧରଙ୍କୁ ଗତ ୧୦ ବର୍ଷ ହେଲା କିଡନୀ ରୋଗ ହୋଇଥିଲା। ତାଙ୍କର ଚିକିତ୍ସା କରାଇ ଆସୁଥିଲେ । ପୁଆକୁ ଦୀର୍ଘ ୫ ବର୍ଷରୁ ଅଧିକ ହେଲା ଡାଇଲୋସିସ କରି ଆସୁଥିଲେ। ଗତ ୨୧ ତାରିଖରେ ଛତିଶଗଡ ରାୟପୁରସ୍ଥିତ ଏକ ଘରୋଇ ନରର୍ସିଂହୋମରେ ଚିକିତ୍ସା କରାଉଥିବା ବେଳେ ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା। ପୁଅଙ୍କୁ ଚିକିତ୍ସା କରାଇବା ପାଇଁ ବାପା ଯାହାକିଛି ସମ୍ପତ୍ତି ଥିଲା ତାକୁ ବିକ୍ରୟ କରିଛନ୍ତି। ବର୍ତ୍ତମାନ ସେ ଅସହାୟ ହୋଇପଡ଼ିଛନ୍ତି ।

### ୪ ବର୍ଷର ଝିଅଙ୍କୁ ସାବତ ମା’ର ତଣ୍ଟିଚିପି ହତ୍ୟା

ଭବାନୀପାଟଣା/ସେରଗଡ଼,୨୫।୮ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା ନର୍ଲା ଥାନା ଲାଖପଦର ଗାଁରେ ଯୋଗେଶ୍ୱର ସାହୁଙ୍କ ୪ ବର୍ଷ ବୟସର ଝିଅ ନନ୍ଦିନୀ ସାହୁଙ୍କୁ ଶନିବାର ତଣ୍ଟିଚିପି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଯୋଗେଶ୍ୱରଙ୍କ ଦ୍ୱିତୀୟ ସ୍ତ୍ରୀ ତଥା ମୃତ ନନ୍ଦିନୀଙ୍କ ସାବତ ମା’ ଆଶା ସାହୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ରାତିରେ ଯୋଗେଶ୍ୱର ନର୍ଲା ଥାନାରେ ଏତଲା ଦେଇଛନ୍ତି। ପୋଲିସରେ ହୋଇଥିବା ଅଭିଯୋଗ ଅନୁସାରେ, ଯୋଗେଶ୍ୱରଙ୍କ ପ୍ରଥମ ସ୍ତ୍ରୀଙ୍କ ୩ ମାସ ତଳେ ମୃତ୍ୟୁ ଘଟିଥିଲା। ଗତ ୨ ମାସ ତଳେ ସେ ଆଶାଙ୍କୁ ଦ୍ୱିତୀୟ ସ୍ତ୍ରୀ ଭାବେ ଗ୍ରହଣ କରିଥିଲେ। ଯୋଗେଶ୍ୱର ରୁପ୍ରାରୋଡଠାରେ ଏକ ହୋଟେଲରେ ମିସ୍ତ୍ରୀ ଭାବେ କାମ କରୁଛନ୍ତି। ଶନିବାର ସନ୍ଧ୍ୟାରେ କାମ ସାରି ଝିଅ ପାଇଁ ଜଳଖିଆ ଧରି ଘରେ ପହଞ୍ଚିଥିଲେ। ହେଲେ ଝିଅ ଖଟରେ ମରି ପଡିଥିବା ଦେଖି ଚକିତ ହୋଇ ଯାଇଥିଲେ। ଆଶା ତାଙ୍କୁ ତଣ୍ଟିଚିପି ହତ୍ୟା କରିଥିବା ସନ୍ଦେହ କରି ଗାଁ ଲୋକଙ୍କୁ ଖବର ଦେଇଥିଲେ। ରାତିରେ ସେ ନର୍ଲା ଯାଇ ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଜାରି ରଖିଛି।

# ଆରଜିଏଚ୍ ସମସ୍ୟା ନେଇ କର୍ମଚାରୀଙ୍କ ଉଦ୍‌ବେଗ

ରାଉରକେଲା,୨୫।୮



ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ କର୍ମକର୍ତ୍ତା ରବିବାର ଆରଜିଏଚର ସମସ୍ୟା ନେଇ ଖବରଦାତାଙ୍କୁ ସୂଚନା ଦେଉଛନ୍ତି।

ବାରମ୍ବାର ଦାବି ସତ୍ତ୍ୱେ ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)ରେ ଖାଲି ପଡିଥିବା ୪ର୍ଥ ଶ୍ରେଣୀ ପଦ ପୂରଣ କରାଯାଉନି। ଫଳରେ ରୋଗୀଙ୍କୁ ହନ୍ତସନ୍ତ ହେବାକୁ ପଡୁଛି। ସୀମିତ କର୍ମଚାରୀଙ୍କ ଉପରେ ଅଯଥା ବୋଝ ଲଦା ଯାଉଛି । ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ଏହିଭଳି ଅଭିଯୋଗ କରାଯାଇଛି। ଏମାନଙ୍କ କହିବାନୁସାରେ ଆରଜିଏଚ ଉପରେ ସୁନ୍ଦରଗଡ ଜିଲା ସମେତ ପଡୋଶୀ ଛତିଶଗଡ ଓ ଝାଡ଼ଖଣ୍ଡ ରାଜ୍ୟର ରୋଗୀ ନିର୍ଭର କରନ୍ତି। ଏଠାରେ ଆବଶ୍ୟକ ଡାକ୍ତର, ଯନ୍ତ୍ରପାତି ଓ କର୍ମଚାରୀ ଅଭାବ ବଡ ଉକ୍ଟ ସମସ୍ୟା ସୃଷ୍ଟି କରିଛି। ମାତ୍ର ୫୦ ଶଯ୍ୟାକୁ ନେଇ ଆରମ୍ଭ କରାଯାଇଥିବା ଏହି ମେଡିକାଲରେ ସେତେବେଳେ ମାତ୍ର ୨୧ଜଣ କର୍ମଚାରୀ କାମ କରୁଥିଲେ। ଦୁଃଖର ବିଷୟ ଏହା ଯେ ଦୀର୍ଘ ବର୍ଷ ପରେ ଏହି ପଦରେ ରହିଛନ୍ତି ମାତ୍ର ୯ଜଣ କର୍ମଚାରୀ। ପାନପୋଷ ଅର୍ବାନ ରୁରାଲ ସେଣ୍ଟରରୁ ୬ଜଣ ଗ୍ରୁପ ଡି କର୍ମଚାରୀ ଏଠାରେ ସାମିଲ ହେବା ପରେ ଏବେ ୨୭ ଜଣ କାମ କରୁଛନ୍ତି। ଏମାନଙ୍କ ମଧ୍ୟରୁ ୧୭ଜଣଙ୍କ ପଦ ଖାଲି ପଡିଛି। ଇତିମଧ୍ୟରେ ଏହି ମେଡିକାଲର ଶଯ୍ୟା ସଂଖ୍ୟା ୫୦ରୁ ୧୨୮କୁ ବୃଦ୍ଧି ପାଇଛି। ଏତେ ସଖ୍ୟାକ ବେଡ୍ ରହିଥିଲେ ବି ହାତ ଗଣତି ଗ୍ରୁପ ଡି କର୍ମଚାରୀ କାମ କରୁଛନ୍ତି। ଏବେ ୩ଶହ ସଂଖ୍ୟାକ ରୋଗୀ ଏଠାରେ ରହୁଛନ୍ତି। ବିଭିନ୍ନ ରୋଗ ପାଇଁ ୧୮ଟି ବିଭାଗ ରହିଥିବା ବେଳେ ଏଠାରେ ଗ୍ରୁପ ଡି କର୍ମଚାରୀ ନାହାନ୍ତି। ଏହି କାରଣରୁ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ସୀମିତ କର୍ମଚାରୀଙ୍କୁ ଏକାଧିକ କାମରେ ଲଗା ଯାଉଛି। କର୍ମ ବୋଝ ଯୋଗୁ ଛଟପଟ ହେଉଛନ୍ତି ଏମାନେ। ଫିଜିଓଥେରାପି, ଜେନେରାଲ ଓପିଡି, ଟିକେଟ କାଉଣ୍ଟର ପାଇଁ ୩୨ଜଣ କର୍ମଚାରୀ ଆବଶ୍ୟକ ରହିଛି। ଅପରେସନ ଥିଏଟର, ପ୍ରସୂତି ବିଭାଗ, ଅର୍ଥୋପେଡିକ, ଚକ୍ଷୁ ବିଭାଗ ଆଦି ପାଇଁ ୨୧ଜଣ ଆବଶ୍ୟକ । ଏଥିସହ ୪୦ ଜଣ ଝାଡୁଦାର ଦରକାର। ମୋଟାମୋଟି ଏହି ଡାକ୍ତରଖାନାରେ ୧୨୮ଜଣ ଗ୍ରୁପ ଡି କର୍ମଚାରୀ ଦରକାର ପଡୁଛି। ସରକାର ତଥା ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ପଦକ୍ଷେପ ନେଉ ନ ଥିବାରୁ ଏଠାରେ ସେବା ଯୋଗାଇବା ଏକ ପ୍ରକାର ଅସମ୍ଭବ ହେଲାଣି। ଏ ନେଇ କର୍ମଚାରୀ ସଂଘ ବାରମ୍ବାର ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରୁଛି। ତଥାପି କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି ବୋଲି ସଂଘ କର୍ମକର୍ତ୍ତା ଅଭିଯୋଗ କରିଥିଲେ। ତୁରନ୍ତ ଏ ଦିଗରେ ସରକାର ପଦକ୍ଷେପ ନେବାକୁ ଦାବି କରାଯାଇଛି। ଏହି ଅବସରରେ ଡାକ୍ତରଖାନା ନିର୍ଦ୍ଦେଶକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଂଘର ନେତା ଆନନ୍ଦ ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ରେଳ ଟିକେଟରେ ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ପ୍ରଶଂସାଯୋଗ୍ୟ

ରାଉରକେଲା,୨୫।୮

ଓଡ଼ିଶାରେ ରେଳ ସେବା ଆରମ୍ଭ ହେବାର ଦୀର୍ଘ ୧୨୦ ବର୍ଷ ପରେ ପ୍ରଥମ ଥର ପାଇଁ ରେଳ ଟିକେଟ ଗୁଡିକରେ ଓଡିଆ ଭାଷା ସ୍ଥାନିତ ହେବ। ବିଳମ୍ବ ହେଲେ ମଧ ଏହା ଗର୍ବ ଓ ଆନନ୍ଦର ବିଷୟ। ଚଳିତ ମାସ ଶେଷ ଆଡକୁ ଏହାର ବିଧିବଦ୍ଧ ଭାବେ ବ୍ୟବସ୍ଥା ହେବାର ଯୋଜନା ସମ୍ପୂର୍ଣ୍ଣ ହୋଇଛି । ଓଡିଶା ପରିସୀମା ମଧ୍ୟରେ ୩୧୭ଟି ରେଳ ଷ୍ଟେଶନରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ । ବିଶେଷ କରି ୩ଟି ଜୋନରେ ଅର୍ଥାତ ପୂର୍ବତଟ ରେଳପଥ, ଦକ୍ଷିଣପୂର୍ବ ରେଳପଥ ଓ ଦକ୍ଷିଣପୂର୍ବ କେନ୍ଦ୍ରୀୟ ରେଳପଥ ଗୁଡିକରେ ଏହି ବ୍ୟବସ୍ଥାକୁ ପ୍ରାଧାନ୍ୟ ଦିଆଯିବ। ଦକ୍ଷିଣପୂର୍ବ ରେଳପଥର ମୁଖ୍ୟାଳୟ ଗାର୍ଡେନରିଚଠାରେ ସେଣ୍ଟର ଫର ରେଲୱେ ଇନଫର୍ମର ମେସିନ ସିଷ୍ଟମ (ସିଆରଆଇଏସ)ପକ୍ଷରୁ ଏହି ପ୍ରକଳ୍ପର ଯଥାସାଧ ବ୍ୟବସ୍ଥାକୁ ରୂପରେଖ ଦିଆଯାଇଛି। ଟିକଟରେ ଓଡିଆ ସମେତ ହିନ୍ଦୀ ଓ ଇଂଲିଶ ଭାଷା ବ୍ୟବହାର କରାଯିବ । ବିଶେଷ କରି ରେଳବାଇ ବୋର୍ଡ ପକ୍ଷରୁ ଦେଶରେ ଥିବା ହଜାରେରୁ ଅଧିକ ରେଳ ଷ୍ଟେଶନର ନାମକୁ ଓଡିଆ ଲିପି ସହିତ ସଂଯୋଗ କରାଯାଇଛି । ତତ୍କାଳୀନ କେନ୍ଦ୍ରୀୟ ରେଳବାଇ ମନ୍ତ୍ରୀ ପିୟୁଷ ଗୋଏଲ ଏବଂ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଯୋଗୁ ଦୀର୍ଘ ଏହା ଫଳପ୍ରଦ ହୋଇ ପାରିଛି । ଏ ନେଇ ୨ ବର୍ଷ ଧରି ଦକ୍ଷିଣ ପୂର୍ବ ରେଳବାଇ ମଜଦୂର ସଂଘ(ଡିପିଆଏମଏସ) ପକ୍ଷରୁ ରେଳବାଇ ବୋର୍ଡ କଲିକତା ଏବଂ ଭାରତୀୟ ରେଳବାଇ ବୋର୍ଡ(ନୂଆଦିଲ୍ଲୀ)ର ପିଏସି (ପାସେଞ୍ଜର ଆମ୍ୟୁନିଟି କମିଟି)ର ସଦସ୍ୟ ରାମାନନ୍ଦ ତ୍ରିପାଠୀ ଓ କେଏନ ଶର୍ମା ପ୍ରମୁଖଙ୍କୁ ବହୁବାର ଦାବି କରା ଯାଇ ଆସୁଥିଲା। ଏଥିଯୋଗୁ ଆଜି ସଫଳତା ମିଳିବାକୁ ଯାଉଛି। ସଂଗଠନର ରାଷ୍ଟ୍ରୀୟ ମୁଖପାତ୍ର ତଥା କେନ୍ଦ୍ରୀୟ ଉପାଧକ୍ଷ (ଡିପିଆରଏମଏସ) ଡଃ. ସୁବାସ ଚନ୍ଦ୍ର ଲେଙ୍କା ଏହା କହିଛନ୍ତି । ଏଥିପାଇଁ ଡିପିଆରଏମଏସ ସଂଘର ସାଧାରଣ ସମ୍ପାଦକ ପୱନ କୁମାର, ଅଧକ୍ଷ ପ୍ରହ୍ଲାଦ ସିଂହ, କେନ୍ଦ୍ରୀୟ ଉପାଧକ୍ଷ ଡ.ସୁବାସ ଚନ୍ଦ୍ର ଲେଙ୍କା, ଚକ୍ରଧର ପୁର ମଣ୍ଡଳ ସଂଯୋଜକ ଏ.କେ. ଝା, ଏସ.କେ. ସୂତାର ପ୍ରମୁଖ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ

**ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲାର ରାୟ ପ୍ରକାଶ**

ଭବାନୀପାଟଣା,୨୫।୮(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା ସ୍ୱତନ୍ତ୍ର ପୋକ୍ସ କୋର୍ଟରେ ଜଣେ ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ମାଜିଷ୍ଟ୍ରେଟ ରଶ୍ମିତା ଦଲେଇ ମୁଖ୍ୟ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ସେହିଭଳି ଅନ୍ୟ ୨ ଜଣ ସ୍ୱାମୀସ୍ତ୍ରୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ସୂଚନା ମୁତାବକ, ୨୦୧୪ ସେପ୍ଟେମ୍ବର ୧୧ ତାରିଖରେ ମ. ରାମପୁର ସହର ନିକଟସ୍ଥ ଶୁଣ୍ଡିପଡାର ବସନ୍ତ ପ୍ରଧାନୀ (୪୦) ଜୁନାଗଡ ଥାନା ଅନ୍ତର୍ଗତ ଏକ ଗାଁର ରାହାସ ମାଝିଙ୍କ ଘରକୁ ବୁଲିବାକୁ ଆସିଥିଲେ। ସେଠାରେ ରାହାସ ଓ ତାଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳିଙ୍କ ସହାୟତାରେ ବସନ୍ତ ଜଣେ ନାବାଳିକାକୁ ଯୌନ ନିର୍ଯାତନା ଦେଇଥିଲେ। ପୋଲିସ ହାତରେ ଧରା ପଡିଥିଲେ। ଏହି ଘଟଣାରେ ଜୁନାଗଡ ଥାନାରେ ପରିବାର ପକ୍ଷରୁ ଏତଲା ଦିଆଯାଇଥିଲା। ପୋଲିସ ପକ୍ଷରୁ ମୁଖ୍ୟ ଅଭିଯୁକ୍ତ ବସନ୍ତ ଓ ତାଙ୍କୁ ସହାୟତା କରୁଥିବା ରାହାସ ଓ ତାଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳିଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଗତ ଶନିବାର ସ୍ୱତନ୍ତ୍ର ପୋକ୍ସ କୋର୍ଟ ମାଜିଷ୍ଟ୍ରେଟ ରଶ୍ମିତା ଦଳେଇ ମାମଲାର ଶୁଣାଣି କରି ଅଭିଯୁକ୍ତ ବସନ୍ତଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ଓ ୫ ହଜାର ଟଙ୍କା ଜରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ୧ ବର୍ଷ ଅଧିକ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି । ପୋକ୍ସ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସୁଶାନ୍ତ କୁମାର ସାହୁ ମାମଲା ପରିଚାଳନା କରିଥିଲେ। ସେହିଭଳି ଖଲାସ ହୋଇଥିବା ଦୁଇ ଅଭିଯୁକ୍ତ ପକ୍ଷରୁ ଆଇନଜୀବୀ କ୍ଷିରୋଦ ନେଗୀ କେସ ଲଢୁଥିଲେ।

# ବେଦ କୌଣସି ନିର୍ଦ୍ଦିଷ୍ଟ ଧର୍ମର ନୁହେଁ


ସେକ୍ଟର-୨୦ କମ୍ୟୁନିଟି ସେଣ୍ଟର ଯୋଗ କେନ୍ଦ୍ର ଆନୁକୂଲ୍ୟରେ ରବିବାର ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିବିଶେଷ।

ରାଉରକେଲା,୨୫।୮

ସେକ୍ଟର-୨୦ କମ୍ୟୁନିଟି ସେଣ୍ଟର ଯୋଗ କେନ୍ଦ୍ର ଆନୁକୂଲ୍ୟରେ ରବିବାର ସକାଳେ ଆୟୋଜିତ ଯଜ୍ଞାଦି ବୈଦିକ ଅନୁଷ୍ଠାନରେ ବହୁ ଅନୁଗାମି ଯୋଗ ଦେଇଥିଲେ। ଏଥିରେ ଯୋଗ ଶିକ୍ଷକ ତଥା ବିଶ୍ରା ତହସିଲ ପତଞ୍ଜଳି ପ୍ରମୁଖ ହେମନ୍ତ ଜେନା ଅଧକ୍ଷତା କରିଥିଲେ। ଯୋଗ କେନ୍ଦ୍ରର ସାଧକ ସାଧିକାଙ୍କ ମିଳିତ ସହଯୋଗରେ ଏକ ଯଜ୍ଞାନୁଷ୍ଠାନ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୁତିନ୍ୟାସ ପ୍ରତିଷ୍ଠାତା ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଯୋଗ, ଆୟୁର୍ବେଦ ଓ ବେଦ ସଂପର୍କିତ ଗୁଢ ତତ୍ୱ ଉପରେ ଆଲୋକପାତ କରିଥିଲେ। ଏହାର ସମନ୍ୱୟରେ କିଭଳି ଏକ ସୁନ୍ଦର ସମାଜ ଗଠନ କରାଯାଇ ପାରିବ ସେ ନେଇ ସୁଧାନନ୍ଦ ଗୁରୁତ୍ୱାରୋପ କରିଥିଲେ। ନୈମିତିକ ଓ ସ୍ୱାଭାବିକ ଜ୍ଞାନ ତତ୍ୱକୁ ସ୍ୱାମିଜୀ ଏଠାରେ ଉପସ୍ଥାପନ କରିଥିଲେ। ସେ କହିଥିଲେ ବେଦ କୌଣସି ନିର୍ଦ୍ଦିଷ୍ଟ ଧର୍ମର ନୁହେଁ। ଏହା ସମସ୍ତ ମାନବ ସମାଜକୁ ଏକ ସୂତ୍ରରେ ବାନ୍ଧିବା ସହ ଜୀବନକୁ ମଙ୍ଗଳମୟ କରିଥାଏ। ଏଣୁ ବେଦକୁ ଆମେମାନେ ପଠନ କରିବା ସହ ତାର ତତ୍ୱକୁ ହୃଦୟଙ୍ଗମ କରିବା ନିହାତି ଆବଶ୍ୟକ। କର୍ମ ଓ ସାଧନାରେ ଏହାର ବହୁ ମହତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ସମାଜ ବ୍ୟବସ୍ଥା ଓ ଦେଶକୁ ବ୍ୟବସ୍ଥିତ ବା ଶୃଙ୍ଖଳିତ କରିବାକୁ ହେଲେ ବୈଦିକ ପରମ୍ପରାକୁ ଉଜ୍ଜିବୀତ କରିବା ସହ ଏହାକୁ ଆପଣାଇବାକୁ ପଡିବ ବୋଲି ସୁଧାନନ୍ଦ ଏଥିରେ ମତ ପ୍ରକାଶ କରିଥିଲେ। ମଣିଷ ହେଉଛି ଭଗବାନଙ୍କ ସୃଷ୍ଟିରେ ସବୁ ଠାରୁ ସର୍ବଶ୍ରେଷ୍ଠ ପ୍ରାଣୀ। ବୁଦ୍ଧି, ଜ୍ଞାନ, ଗାରିମାରେ ପରିପୂର୍ଣ୍ଣ। ଏଣୁ ପ୍ରତ୍ୟକ ବେଦ ଅଧ୍ୟୟନ କରିବା ଦରକାର। ମାତୃଶକ୍ତି ଚାହିଁଲେ ଏହାର ଦ୍ରୁତ ପ୍ରଚାର ପ୍ରସାର ହୋଇପାରିବ ବୋଲି ସେ ମତ ପ୍ରକାଶ କରିଥିଲେ। ସ୍ୱାଧାୟରୁ ସମାଧି ସଂପୂର୍ଣ୍ଣ କେବଳ ଯୋଗ ମାଧମରେ କରାଯାଇ ପାରିବ। ଏଣୁ ଲୋକେ ଏ ଦିଗରେ ନିଷ୍ଠା ପ୍ରଦର୍ଶନ କରିବାକୁ ସୁଧାନନ୍ଦ ପରାମର୍ଶ ପ୍ରଦାନ କରିଥିଲେ। ତହସିଲ ପ୍ରଭାରୀ ଜେନା କହିଥିଲେ ଯୋଗ ସହିତ ଆୟୁର୍ବେଦ ଓ ବେଦର ସମ୍ପର୍କ ପରିପୂରକ। ଯୋଗ ସମିତି ଜିଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ଯୋଗ ଶିକ୍ଷକ ଶରତ ଦାସ, ପ୍ରଫୁଲ୍ଲ ଦାସ, ସନତ ପଣ୍ଡା, ଦୁର୍ଗାମାଧବ ପଟ, ରାଜଶ୍ରୀ ନାୟକ, ନିବେଦିତା ବେହେରା, ଚନ୍ଦନ ନାୟକ, ଜୟନ୍ତ ସିଂ, ତୈଲୋଚନ ସାହୁ, ସବିତା ପୃଷ୍ଟି, ଶୁଭଲକ୍ଷ୍ମୀ ସାହୁ, ମିତାଞ୍ଜଳି ଜେନା, ପୁଷ୍ପିତା ମହାପାତ୍ର, ସନ୍ତୋଷିନୀ ବିଶ୍ୱାସରାୟ, ଦେବାଶିଷ ବେହାରା ଓ ମମତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ଦୋଳନ କରିବେ ଗ୍ୟାସ୍ ଡେଲିଭରି ବୟ, ମେକାନିକ୍

ରାଉରକେଲା,୨୫।୮


ଉଦିତନଗର ସୁବାସ ପାର୍କଠାରେ ରବିବାର ଆୟୋଜିତ ବୈଠକରେ ଗ୍ୟାସ ଡେଲିଭରି ବୟ, ମେକାନିକ ଆସୋସିଏଶନର କର୍ମକର୍ତ୍ତା।

ଲକ୍ଷାଧିକ ଗ୍ୟାସ୍ ଖାତାଧାରୀଙ୍କୁ ସେବା ଯୋଗାଉଥିବା ଡେଲିଭରି ବୟ ଓ ମେକାନିକ ସଂଘ ପକ୍ଷରୁ ମଜୁରି ଓ ଅନ୍ୟ ଦାବି ନେଇ ଖୁବ ଶୀଘ୍ର ଆନ୍ଦୋଳନ ଡାକରା ଦିଆଯିବ। ଉଦିତନଗର ସୁବାସ ପାର୍କଠାରେ ରବିବାର ଆୟୋଜିତ ବୈଠକରେ ସଂଗଠନ ସାଧାରଣ ସଂପାଦକ ତଥା ଅଇନଜୀବୀ ରମେଶ ବଳ ଏହା କହିଛନ୍ତି। ଶ୍ରମିକଙ୍କ ସମସ୍ୟା ନେଇ ସହରରେ କାର୍ଯ୍ୟରତ ଏଜେନ୍ସି ମାଲିକଙ୍କ ସହ ଆଲୋଚନା ସତ୍ତ୍ୱେ ସୁଫଳ ମଳିପାରିନି। ଜିଲା ଶ୍ରମ ବିଭାଗର ହସ୍ତକ୍ଷେପ ସତ୍ତ୍ୱେ ନ୍ୟାୟ ପାଉ ନାହାନ୍ତି କର୍ମଚାରି। ଏଜେନ୍ସି ମାଲିକଙ୍କ ବେଖାତିର ମନୋଭାବ ଯୋଗୁ ଡେଲିଭରି ବୟ ଓ ମେକାନିକ ଆଜି ଶୋଷଣର ଶିକାର ହୋଇ ଚାଲିଛନ୍ତି। ଶ୍ରମ ବିଭାଗ ମଧ ଏ ଦିଗରେ ବିଶେଷ ଆଗ୍ରହ ପ୍ରକାଶ କରୁନି। ଏହି କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ ବୀମା କିମ୍ବା ପିଏଫ ପ୍ରଦାନ କରାଯାଉନି। ରାସ୍ତାରେ ଗଲା ବେଳେ କେହି କର୍ମକ୍ଷେତ୍ରରେ ଦୁର୍ଘଟଣାର ଶିକାର ହେଲେ ମାଲିକ ଗୋଷ୍ଠୀ ଶୁଣୁ ନାହାନ୍ତି। ସ୍ୱଳ୍ପ ଦରମାରେ କାମ କରୁଥିବା ଏହି ବର୍ଗର କର୍ମଚାରୀଙ୍କ ପରିବାର ଅବସ୍ଥା ଆଜି ଦୟନୀୟ ହେବାରେ ଲାଗିଛି। ଏପରିକି ଡେଲିଭରି ବୟଙ୍କ ସାଇକେଲ ମରାମତି ଖର୍ଚ୍ଚ ଦେବାକୁ ମାଲିକ ଗୋଷ୍ଠୀ ଟଙ୍କାଟିଏ ବି ଦେଉ ନାହାନ୍ତି। ଏଣୁ ଏହାର ଦୃଢ ଜବାବ ଦିଆଯିବ ବୋଲି ବଳ କହିଛନ୍ତି। ଉପଦେଷ୍ଟା ବ୍ୟାସଦେବ ନାଥ କହିଥିଲେ ଯେ, ଗ୍ରାହକଙ୍କ ସହ ସୁ ସମ୍ପର୍କ ରଖି ସିଲିଣ୍ଡର ବୋହୁ ଥିବା କର୍ମଚାରୀଙ୍କୁ ଶୋଷଣ କରାଯିବା ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଶୋଭା ପାଉନି। ବିନା ଆନ୍ଦୋଳନରେ ଦାବି ହାସଲ କରାଯାଇ ପାରିବନି ବୋଲି ସେ କହିଥିଲେ। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମଜୁରି ସହ ଅନ୍ୟ ସମସ୍ତ ଦାବି ହାସଲ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଏଥିରେ ଉପସ୍ଥିତ କର୍ମକର୍ତ୍ତା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବବଲୁ ସିଂ, ବିପିନ ସୁନା, କୃଷ୍ଣଚନ୍ଦ୍ର ପାତ୍ର, ଦଶରଥ ପ୍ରଧାନ, ଜିତେନ୍ଦ୍ର ହରିପାଲ ଓ ଯୋଗେନ୍ଦ୍ର ତନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଅପଚୟ ନୁହେଁ, ଜଳ ସଂରକ୍ଷଣ କର


ଜଳ ଅପଚୟ ନ କରି ସରଂକ୍ଷିତ ରଖିବାକୁ ସଚେତନତା ଶୋଭାଯାତ୍ରା ବାହାରିଛି।

ରାଉରକେଲା ଅଫିସ,୨୫।୮

ସହରର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଶନିବାର ପୂର୍ବାହ୍ନ ସାଢେ ୧୦ଟାରେ ଜଳ ସଂରକ୍ଷଣ ଦିବସ ଉପଲକ୍ଷେ ଏକ ଶୋଭାଯାତ୍ରା ଆୟୋଜନ କରଯାଇ ଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସେବତୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ସାମିଲ ହୋଇଥିଲେ। ଜଳ ସଂରକ୍ଷଣ ସଚେତନତା ନେଇ ଏଥିରେ ଗୀତ ଓ ନୃତ୍ୟ ମାଧ୍ୟମରେ ସଚେତନ କରାଯାଇ ଥିଲା। ଅଯଥା ଜଳ ଅପଚୟ ନ କରି ଏହାକୁ ପ୍ରତ୍ୟକ ସ୍ତରରେ ସଂରକ୍ଷଣ କରାଯାଇ ପାରିବ ବୋଲି କହିଥିଲେ ବିଦ୍ୟାଳୟ ଛାତ୍ରୀଛାତ୍ର। ଅତିଥି ଆର୍ତ୍ତତ୍ରାଣ ଜେନା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିଥିଲେ। ଏହି ଶୋଭାଯାତ୍ରା ବିଦ୍ୟାଳୟରୁ ବାହାରି ପାୱାର ହାଉସ ରୋଡ ପର୍ଯ୍ୟନ୍ତ ଆସିଥିଲା। ସେଠୁ ବଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲା ଶୋଭାଯାତ୍ରା। ଏହି ଅବସରରେ ଏକ ସଚେତନ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ରଙ୍କୁ ଜଳ ସଂରକ୍ଷଣ ସମ୍ପର୍କରେ ଅବଗତ କରାଯାଇ ଥିଲା।

# ସବୁ ଦିନ ପାଇଁ ମନେ ରହିଥିବେ ରାଜୀବ ଗାନ୍ଧୀ

ରାଉରକେଲା ଅଫିସ,୨୫।୮

ଦେଶକୁ ବିଶ୍ୱର ଏକ ଶକ୍ତିଶାଳୀ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଗଢି ତୋଳିବା ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଅବଦାନ ସର୍ବଦା ଅବିସ୍ମରଣୀୟ ହୋଇ ରହିବ। ପୂର୍ବତନ ବିଧାୟକ ଜର୍ଜ ତିର୍କୀ ଏହି ମତ ପ୍ରକାଶ କରିଛନ୍ତି। ରାଜୀବଙ୍କ ୭୫ତମ ଜନ୍ମ ଜୟନ୍ତୀ ଅବସରରେ ରବିବାର ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ତିର୍କୀ ଏଭଳି ମତ ପ୍ରକାଶ କରିଥିଲେ। ସେବା ଦଳ ମୁଖ୍ୟ ବିନୋଦ ରାଉତଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାଜୀବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଦଳୀୟ ପତାକା ଉତ୍ତୋଳନ କରି ତିର୍କୀ କହିଥିଲେ ଯେ, ଦେଶର ପ୍ରତି ବର୍ଗ କିପରି ଯୋଜନାର ସୁଫଳ ପାଇବେ ସେ ନେଇ ରାଜୀବ ସକାରାତ୍ମକ ପଦକ୍ଷେପ ନେଇଥିଲେ। ସାଧାରଣ ଲୋକେ କିପରି ନ୍ୟାୟ ପାଇବେ ସେ ନେଇ ତାଙ୍କ ଚିନ୍ତା ସର୍ବଦା ସ୍ମରଣୀୟ ହୋଇ ରହିବ। ଆଜି ଦିନରେ ଏକ ସମୃଦ୍ଧଶାଳୀ ଭାରତ ଗଠନ ନେଇ କଂଗ୍ରେସ କର୍ମୀ ଆଗକୁ ଆସିବା ଆବଶ୍ୟକ ରହିଛି ବୋଲି ତିର୍କୀ କହିଥିଲେ। ଏହି ଅବସରରେ ସିଭିଲ ଟାଉନସିପ ଗ୍ରୀନ ବେଲ୍ଟ ଅଞ୍ଚଳରେ ବୃକ୍ଷ ରୋପଣ କରାଯାଇ ଥିଲା। ଏଥିରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି, ରାମାନନ୍ଦ ଶ୍ରୀଚନ୍ଦନ, ରୋହିତ ଯୋସେଫ ତିର୍କୀ, ଚିତ୍ତରଞ୍ଜନ ମହାନ୍ତି, ପ୍ରଫୁଲ୍ଲ ପ୍ରଧାନ, ରଞ୍ଜିତା ମଲ୍ଲିକ, ଆର.ପି. ସିଂ, ନିହାର ଦାସ, ଲକ୍ଷ୍ମୀପ୍ରିୟା ରାଉତ, ବିଶ୍ୱଭୂଷଣ ସର, ଦିଲ୍ଲୀପ ଜେନା, ପ୍ରସନ୍ନ ବଳିଆର ସିଂ ଓ ଭାଗିରଥି ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବରିଷ୍ଠ ନେତା ରାମାନନ୍ଦ ଶ୍ରୀଚନ୍ଦନ ଧନ୍ୟବାଦ ପ୍ରଦାନ କରିଥିଲେ।


ସିଭିଲ ଟାଉନସିପ୍ ଗ୍ରୀନ ବେଲ୍ଟ ଅଞ୍ଚଳରେ କଂଗ୍ରେସ କର୍ମକର୍ତ୍ତା ବୃକ୍ଷ ରୋପଣ କରିବାକୁ ବାହାରିଛନ୍ତି।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଦମକଳ କେନ୍ଦ୍ରର ଫୋନ୍ ଅଚଳ

**ସୁନ୍ଦରଗଡ଼, ୨୫।୮ (ଡି.ଏନ୍.ଏ)**- ଜରୁରୀ ସେବା ପରିସରଭୁକ୍ତ ଅଗ୍ନିଶମ ବିଭାଗ ତଥା ଦମକଳ କେନ୍ଦ୍ରରେ ଟେଲିଫୋନ୍ ଦୀର୍ଘଦିନ ହେବ ଅଚଳ ହୋଇପଡିଛି। ଟେଲିଫୋନ୍ ଅଚଳ ଥିବାରୁ କୌଣସି ଜରୁରୀ ଘଟଣା, ଦୁର୍ଘଟଣା କିମ୍ବା ଅଗ୍ନିକାଣ୍ଡ ସମ୍ପର୍କରେ ଦମକଳ କେନ୍ଦ୍ର ସହ ଯୋଗାଯୋଗ ହୋଇପାରୁ ନ ଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଅଗ୍ନିଶମ ବିଭାଗ ସହିତ ଯୋଗାଯୋଗ କଲେ ଅଧିକାଂଶ ସମୟ ଏହି କେନ୍ଦ୍ରର ଫୋନ୍ ଅଚଳ ରହୁ ଥିବା ନେଇ ଦୂରସଂଚାର ବିଭାଗକୁ ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହେଉଥିବା କୁହାଯାଇଛି।

### ୭୮ତମ ରାଜ୍ୟ ଫୁଟବଲ ଚାମ୍ପିୟନଶିପ୍ ପ୍ରଥମ ପର୍ଯ୍ୟାୟ ପ୍ରିକ୍ୱାର୍ଟର ଫାଇନାଲ ମ୍ୟାଚ୍ ଶେଷ

**ସୁନ୍ଦରଗଡ଼, ୨୫।୮ (ଡି.ଏନ୍.ଏ)**- ସୁନ୍ଦରଗଡରେ ଚାଲିଥିବା ୭୮ତମ ରାଜ୍ୟ ଫୁଟବଲ ଚାମ୍ପିୟନଶିପ୍‌ର ଷଷ୍ଠ ଦିବସର ପ୍ରଥମ ପର୍ଯ୍ୟାୟ ଲିଗ୍ ମ୍ୟାଚର ପ୍ରିକ୍ୱାଟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । କେନାପାଲି ଓ ରାଜାମୁଣ୍ଡା ଖେଳପଡିଆରେ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ୩ୟ ଆଇଆରବିଏନ୍ କଳିଙ୍ଗନଗର ଏବଂ ତୃତୀୟ ବାଟାଲିୟନ କୋରାପୁଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ କଳିଙ୍ଗନଗର ୩ୟ ଆଇଆରବିଏନ୍ ଦଳ ବିଜୟୀ ହୋଇଛି । ଦ୍ୱିତୀୟ ମ୍ୟାଚ୍ ଓଆଇଏସଏଫ ଭୁବନେଶ୍ୱର ବନାମ ୨ୟ ବାଟାଲିୟନ ଓଏସଏପି ଝାରସୁଗୁଡା ମଧ୍ୟରେ ହୋଇଥିଲା । ଏଥିରେ ଭୁବନେଶ୍ୱର ଦଳ ବିଜୟୀ ହୋଇଛି। ତୃତୀୟ ମ୍ୟାଚ୍ ଷଷ୍ଠ ବାଟାଲିୟନ କଟକ ବନାମ ନବମ ଏସଆଇଆର ବାଟାଲିୟନ କଳାହାଣ୍ଡି ମଧ୍ୟରେ ହୋଇଥିଲା । ପେନାଲ୍‌ଟି ସୁଟ୍ ଆଉଟ୍ ମାଧ୍ୟମରେ କଟକ ବିଜୟୀ ହୋଇଛି। ସେହିପରି ଚତୁର୍ଥ ମ୍ୟାଚ୍ ୧ମଆଇଆରବିଏନ କୋରାପୁଟ ଓ ୫ମବଟାଲିୟନ ବାରିପଦା ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ପେନାଲିଟି ସୁଟ ଆଉଟ୍ ମାଧ୍ୟମରେ ବାରିପଦା ଦଳ ବିଜୟୀ ହୋଇଛି।

ବିକାଶମୂଳକ କାର୍ଯ୍ୟଗୁଡିକର ସଫଳ ରୂପାୟନ ନେଇ ଆଲୋଚନା

# ଲୋକଙ୍କ ସହ ତଳେ ବସିଲେ ଜିଲାପାଳ

**ସୁନ୍ଦରଗଡ଼, ୨୫।୮ (ଡ଼ି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲାପାଳ ନିଖିଳ ପବନ କଲ୍ୟାଣ ରବିବାର କୁତ୍ରା ବ୍ଲକ ଅନ୍ତର୍ଗତ ଝାନପାଲି ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ସ୍ଥାନୀୟ ଲୋକମାନଙ୍କ ସହ ବିଭିନ୍ନ ସମସ୍ୟାର ସମାଧାନ ନେଇ ଆଲୋଚନା କରିଥିଲେ। ସ୍ଥାନୀୟ ସରପଞ୍ଚ ଜିଲାପାଳଙ୍କ ସକାଶେ ବସିବା ପାଇଁ ଟେବୁଲ ଚେୟାର ବ୍ୟବସ୍ଥା କରିଥିଲେ। ହେଲେ ଜିଲାପାଳ ଚେୟାରରେ ବସିବା ପାଇଁ ମନା କରିଥିଲେ। ଚେୟାରରେ ଥିବା ଟାୱେଲ ଟାଣିଆଣି ତଳେ ପକାଇ ଲୋକଙ୍କ ସହିତ ବସି ଆଲୋଚନା କରିଥିଲେ। ଦୀର୍ଘଦିନ ହେବ ପେସା ଆଇନ ସମର୍ଥକଙ୍କ ଦ୍ୱାରା ବନ୍ଦ ହୋଇପଡିଥିବା ବିଭିନ୍ନ ପ୍ରକଳ୍ପ ଓ ନିର୍ମାଣ କାର୍ଯ୍ୟଗୁଡିକର ଆରମ୍ଭ ସକାଶେ ଜିଲାପାଳ ଲୋକମାନଙ୍କ ସହ ଆଲୋଚନା କରିଥିଲେ। ସରକାର ତଥା ପ୍ରଶାସନ ପକ୍ଷରୁ ହେବାକୁ ଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟଗୁଡିକର କିଭଳି ସଫଳ ରୂପାୟନ ହେବ ସେ ଦିଗରେ ଜିଲାପାଳ ଗୁରୁତ୍ୱାରୋପ କରି ସମସ୍ତଙ୍କ ସହଯୋଗ ଲୋଡିଥିଲେ।



ସୁନ୍ଦରଗଡ଼ ଜିଲାପାଳ ଲୋକଙ୍କ ସହ ତଳେ ବସି ଆଲୋଚନା କରୁଛନ୍ତି।

ପେସା ସମର୍ଥକଙ୍କ ବିରୋଧ ଯୋଗୁ ଭେଲୁଆଁଡିହିରେ ବନ୍ଦ ପଡିଥିବା ୪୫କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ମେଗା ଜଳସେଚନ ପ୍ରକଳ୍ପ, ଝାନପାଲିରେ ୫କୋଟି ଟଙ୍କା ବ୍ୟୟରେ ଓଡିଶା ଆଦର୍ଶ ବିଦ୍ୟାଳୟ ଓ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଦୋକାନ ଗୃହ ନିର୍ମାଣ ସମ୍ପର୍କରେ ଜିଲାପାଳ ଲୋକଙ୍କ ସହିତ ଆଲୋଚନା କରି ଲୋକଙ୍କ ମତାମତ ଲୋଡିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଦୋକାନ ଗୃହ ନିର୍ମାଣ ପାଇଁ ଲୋକେ ସହମତି ଜଣାଇଥିବାବେଳେ କେତେକ ପେସା ସମର୍ଥକ ମେଗା ଜଳସେଚନ ପ୍ରକଳ୍ପ ସକାଶେ ନଦୀରୁ ପାଣି ନେବାକୁ ମନା କରିଥିଲେ। ସରକାର ନଦୀଜଳ ନେଇ କାଳେ କମ୍ପାନୀ ବାଲାକୁ ଦେବା ଆଶଙ୍କା କରି ସେମାନେ ମନା କରିଥିଲେ। ଏଥିସହିତ ଗଭୀର ନଳକୂପ ଖନନ କରାଯାଇ ପାଇପ୍ ଯୋଗେ ପ୍ରତି ଘରକୁ ଜଳଯୋଗାଣ ସକାଶେ ଲୋକେ ଦାବି କରିଥିଲେ। ଏହି ଆଲୋଚନାବେଳେ କୁତ୍ରା ବ୍ଲକ ଅଧ୍ୟକ୍ଷା ପରାଗଲତା ଲାକଡା, ଉପାଧ୍ୟକ୍ଷା କମଳା କୁଜୁର, ବିଡିଓ ମାନସରଞ୍ଜନ ରାୟ, ଝାନପାଲି ସରପଞ୍ଚ ଇନ୍ଦ୍ରା ଖାଲକୋ, ରାଜଗାଙ୍ଗପୁର ଆଇଆଇସି ଗୋକୁଳାନନ୍ଦ ସାହୁ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଜିଲାପାଳ ତଳେ ବସିଥିବାରୁ ଅନ୍ୟ ଅଧିକାରୀ, ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷା ମଧ୍ୟ ତଳେ ବସିଥିଲେ।

## ମହାବୀର ପର୍ବତରେ ମଞ୍ଜି ବୁଣିଲେ ଯୁବକ

**ବଡଗାଁ, ୨୫।୮ (ଡି.ଏନ.ଏ)**

ବଡଗାଁ ନିକଟ ମହାବୀର ପର୍ବତରେ ଶନିବାର ଭୋଇପାଲି ପଞ୍ଚାୟତ ଚେମଠାପଡା ଗ୍ରାମର ଯୁବକମାନେ (ମଞ୍ଜି) ବୀଜ ବପନ କରିଛନ୍ତି। ଏହା ପୂର୍ବରୁ ଯୁବକମାନେ ପର୍ବତରେ ପ୍ରଥମ ପର୍ଯ୍ୟାୟ ବୀଜ ବପନ କରିଥିଲେ। ସୂଚନାଯୋଗ୍ୟ ଯେ, ଚେମଠାପଡା ଗ୍ରାମର ଇଂ. ଅଜେକ ପ୍ରଧାନଙ୍କ ଆବାହକତ୍ୱରେ ମେ ମାସରେ ଚେମଠପଡା, ଧୁମାଗଡା ଗ୍ରାମବାସୀଙ୍କୁ ନେଇ ବିଶ୍ୱ ପର୍ଯ୍ୟାବରଣର ସ୍ଥିତି ଓ ଲୋକଙ୍କ କର୍ତ୍ତବ୍ୟ ଉପରେ ସଚେତନତା ସଭା ହୋଇଥିଲା। ଏହା ପରଠାରୁ ଗ୍ରାମର କେତେକ ଯୁବକ ଇଂ. ପ୍ରଧାନଙ୍କ ଏହି କାର୍ଯ୍ୟରେ ସହଯୋଗ କରିବାକୁ ଆଗେଇ ଆସିଥିଲେ । ସୁସ୍ଥ ପରିବେଶ ଗଠନ ପାଇଁ କାମ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସେ ଡିଏଫଓଙ୍କୁ ସାକ୍ଷାତ କରିଥିଲେ। ଡିଏଫଓ ଜଙ୍ଗଲରେ ବୀଜ ବପନ ଉପରେ ଗୁରୁତ୍ୱ ଦେବାପରେ ଯୁବକଙ୍କୁ ଉତ୍ସାହିତ କରି ନିଜ ଗାଁ ଜଙ୍ଗଲ, ରାସ୍ତା ପାର୍ଶ୍ୱ ଓ ମହାବୀର ପର୍ବତରେ ମଞ୍ଜି ବୁଣା ସହିତ ଚାରା ରୋପଣ କରିଛନ୍ତି । ଆସନ୍ତା ବର୍ଷଠାରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ, ବୀଜ ବପନ ଓ ଚାରା ରୋପଣ ଚଳିତ ବର୍ଷ ଠାରୁ ଅଧିକ କରାଯିବ ବୋଲି ଇଂ. ପ୍ରଧାନ ଓ ଯୁବକମାନଙ୍କ ଠାରୁ ଜଣାପଡିଛି । ଶନିବାର ବସନ୍ତ ଗୌଡ, ହୃଦାନନ୍ଦ ପ୍ରଧାନ, ଧୃବ ରଉତିଆ, ଶ୍ୟାମ କମାର, ମଙ୍ଗଲୁ କମାର, ବିଶ୍ୱ ସା, ଜିମନ୍ତ ସା, ମିଥୁନ ଭୈସାଲ ବୀଜ ବପନ କରିଥିଲେ ।



ଚେମଠାପଡା ଗାଁର ଯୁବକମାନେ ମହାବୀର ପର୍ବତରେ ମଞ୍ଜି ବୁଣୁଛନ୍ତି।

ଡାଲମିଆ ସିମେଣ୍ଟ ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ ପାଳିତ

## ସାଂସ୍କୃତିକ କାର୍ଯ୍ୟକ୍ରମ, ରାଧାକୃଷ୍ଣ ବେଶ ଆୟୋଜନ

**ରାଜଗାଙ୍ଗପୁର, ୨୫।୮ (ଡି.ଏନ.ଏ)**

ଡାଲମିଆ ସିମେଣ୍ଟ ଆନୁକୂଲ୍ୟରେ ଜନ୍ମାଷ୍ଟମୀ ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି । ସ୍ଥାନୀୟ ଜଗନ୍ନାୟକ ମନ୍ଦିରରେ ସନ୍ଧ୍ୟା ଆଳତି ପରେ ଡାଲମିଆ ସିମେଣ୍ଟ ମିଳନ କ୍ଲବରେ ଡାଲମିଆ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ୧୦ ବର୍ଷରୁ କମ କୁନି ପିଲାଙ୍କ ରାଧାକୃଷ୍ଣ ବେଶର ଏକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା । ସନ୍ଧ୍ୟା କାର୍ଯ୍ୟକ୍ରମକୁ ଅତିଥି ଭାବେ ସଙ୍ଗମ ମହିଳା ମଣ୍ଡଳର ସଭାନେତ୍ରୀ ସୁନିତା ଗୁପ୍ତା, ଡାଲମିଆ ଓସିଏଲ ରିଫ୍ରାକଟୋରୀ ବିଭାଗର ମୁଖ୍ୟ ଏସ ଆରୀସୁ ଏବଂ ଚିତ୍ରା ଆରୀସୁ ଯୋଗଦେଇ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ରିଫ୍ରାକଟୋରୀ ବିଭାଗର ଆକାଶ ମହାପାତ୍ର ଏବଂ ଡାଲମିଆ ସିମେଣ୍ଟର ରୀତିକା ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୁଧିର ମହାନ୍ତି, ଦୁର୍ଗେଶ ମିଶ୍ରୀ, ଅମିତ କୁମାର ପାଣ୍ଡେ, କ୍ଷୀରୋଦ ମିଶ୍ରୀ ଏବଂ ରଶ୍ମୀ ଷଡଙ୍ଗୀଙ୍କ ନେତୃତ୍ୱ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କର ମନମୋହିଥିଲା। ଉକ୍ତ କାର୍ଯ୍ୟକ୍ରମରେ କମ୍ପାନୀର ବରିଷ୍ଠ ଅଧିକାରୀ, କର୍ମଚାରୀ, ସଙ୍ଗମ ମହିଳା ମଣ୍ଡଳର ସଦସ୍ୟାମାନେ, ଛାତ୍ରୀଛାତ୍ର, ଅଭିଭାବକ ତଥା ୫୦୦ରୁ ଅଧିକ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ ।

## ଆଇନ୍ ସାକ୍ଷରତା ଛାତ୍ରୀଛାତ୍ରଙ୍କ ପ୍ରତିଯୋଗିତା ଶିବିର

**ସୁନ୍ଦରଗଡ, ୨୫।୮ (ଡି.ଏନ୍.ଏ)**

ଜିଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ରବିବାର ଆଇନ୍ ସାକ୍ଷରତା ଛାତ୍ରୀ, ଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଆଇନସେବା ପ୍ରାଧିକରଣର ନୂତନ କୋଠା ଗୃହଠାରେ ଆୟୋଜିତ ଏହି ପ୍ରତିଯୋଗିତା ଶିବିରରେ ଛାତ୍ରୀ, ଛାତ୍ରମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ, ତର୍କ ଓ ଡ୍ରାମା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ କରମଡିହି ଉଚ୍ଚ ବିଦ୍ୟାଳୟ, ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଟାଉନ ଉଚ୍ଚ ବିଦ୍ୟାଳୟ, ପୋଲିସ ବିଦ୍ୟାଳୟ, ଭେଡାବାହାଲ ଓ ବନ୍ଧପାଲି ଉଚ୍ଚ ବିଦ୍ୟାଳୟର ଛାତ୍ରୀ,ଛାତ୍ର ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ । ଜିଲା ଦୌରାଜଜ୍ ପ୍ରଦୀପ କୁମାର ମହନ୍ତ ମୁଖ୍ୟ ଅତିଥି ଏବଂ ଜିଲା ଆଇନସେବା ପ୍ରାଧିକରଣର ସଚିବ ବିମଳ ରାଉଳ, ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି ଓ ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାମେଶ୍ୱର ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ଆଦର୍ଶ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଦ୍ୱିତୀୟ ଶ୍ରେଣୀ ମାଜିଷ୍ଟ୍ରେଟ ପ୍ରତ୍ୟୁଷ ଚାନ୍ଦ ଉପସ୍ଥିତ ଥିଲେ। ଶିଶୁ ନିଯାତନା, ଶିଶୁ ଶ୍ରମିକ ଆଇନ୍ ଓ ଶିଶୁମାନଙ୍କୁ ସୁରକ୍ଷା ସମ୍ପର୍କୀତ ବିଷୟକୁ ନେଇ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜନସଚେତନତା ସୃଷ୍ଟି କରିବାର ମୂଳ ଲକ୍ଷ୍ୟ ଥିଲା। ପରେ କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଚିତ୍ରାଙ୍କନରେ କରମଡିହି ଉଚ୍ଚ ବିଦ୍ୟାଳୟର ଜୟନ୍ତ ମହାନନ୍ଦ ପ୍ରଥମ, ପ୍ରବନ୍ଧରେ ଉଜ୍ଜଳପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଅଶୋକ କୁମାର ଡିଲା, ତର୍କରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସୁନ୍ଦରଗଡର ଅରୂପା ବିପ୍ର ପ୍ରଥମ ହୋଇ ପୁରସ୍କୃତ ହୋଇଥିଲେ । ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଜୋନାଲ ସ୍ତରରେ ଆୟୋଜିତ ହେବାକୁ ଥିବା ପ୍ରତିଯୋଗିତାରେ ଭାବ ନେବେ। ଶିକ୍ଷକ ସୁଧାଂଶୁକୁମାର ଚୌଧୁରୀ, ଅଶୋକ ବାଗ୍, ବନମାଳୀ ପ୍ରଧାନ, ରାଘବେନ୍ଦ୍ର ଠାକୁର, ଅଭିରାମ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଅତିଥିଙ୍କ ଗହଣରେ ଆଇନ୍ ସାକ୍ଷରତା ଛାତ୍ରୀ, ଛାତ୍ର।

## ମଡେଲ ବିଦ୍ୟାଳୟସ୍ତରୀୟ ନୃତ୍ୟଗୀତ ପ୍ରତିଯୋଗିତା

**ଲହୁଣୀପଡା, ୨୫।୮ (ଡି.ଏନ.ଏ)**

ଲହୁଣୀପଡା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ଶରଧାପୁର ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟଠାରେ ଆଦିବାସୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବାବୁନୂଆଗାଁ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବୀରେନ୍ଦ୍ର କୁମାର ପତି ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ସୁବ୍ରତ ମହାପାତ୍ର ପ୍ରାରମ୍ଭରେ ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଭାଗ୍ୟଧର ସାମଲ ମଞ୍ଚ ପରିଚାଳନା କରିଥିଲେ। ଏହି ନୃତ୍ୟ ଗୀତ ପ୍ରତିଯୋଗିତାରେ ଷଷ୍ଠରୁ ଯୁକ୍ତ ୨ ଶ୍ରେଣୀର ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରତିଯୋଗିତାକୁ ଦୁଇ ଭାଗରେ ବିଭକ୍ତ କରାଯାଇ ବ୍ୟକ୍ତିଗତ ଓ ଦଳଗତ ଭାବେ କରାଯାଇଥିଲା। ନୃତ୍ୟ ଗୀତ ପ୍ରତିଯୋଗିତା କରାଯାଇ ଉଭୟ ଦଳର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ଆର୍ଥୀକ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ସ୍ତରୀୟ କୃତୀ ପ୍ରତିଯୋଗୀ ସେପ୍ଟେମ୍ବର ମାସରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ରାୟଗଡାକୁ ଯିବେ। ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ରାଜସ୍ଥାନ ଯିବେ ବୋଲି ସୂଚନା ପ୍ରଦାନ କରିଥିଲେ। ଶେଷରେ ବିଶ୍ୱଜିତ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିବା ବେଳେ ସୁଦାମ ସରେନ, ଶିବପ୍ରସାଦ ବାଗ, ଦେବାଶିଷ ମାଝୀ, ଜ୍ଞାନରଞ୍ଜନ ସାହାଣୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




ନୃତ୍ୟଗୀତ ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରୁଛନ୍ତି।

## ଇବ୍ ନଗର ଗଣେଶ ପୂଜା କମିଟି ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

**ସୁନ୍ଦରଗଡ, ୨୫।୮ (ଡି.ଏନ୍.ଏ)**

ଇବ୍‌ନଗର ଗଣେଶ ପୂଜା କମିଟି ତରଫରୁ ରବିବାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ୫୦ ଛାତ୍ରୀ,ଛାତ୍ର ଭାଗ ନେଇଥିଲେ । କମିଟିର ସଭାପତି ଜୁବୁଲି ନାଏକ, ସମ୍ପାଦକ ସୌରଭ ସାଗର ପଟେଲ ଓ କର୍ମକର୍ତ୍ତାମାନଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ଗଣେଶପୂଜାରେ ଆୟୋଜିତ ପୁରସ୍କାର ବିତରଣୀ ସମାରୋହରେ ପୁରସ୍କୃତ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।



ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

## ଚୋରା କାଠ ଜବତ: ୨ ଗିରଫ

**ରାଜଗାଙ୍ଗପୁର, ୨୫।୮ (ଡି.ଏନ.ଏ)**

ରାଜଗାଙ୍ଗପୁର ରେଞ୍ଜ ଅଫିସ କର୍ମଚାରୀଙ୍କ ପାଟ୍ରୋଲିଂ ବେଳେ ୩୬୦୦୦ ଟଙ୍କାର ଚୋରା କାଠ ବୋଝେଇ ଜିପ ଜବତ ହୋଇଥିବା ବେଳେ ୨ଜଣ ଗିରଫ ହୋଇଥିବା ରାଜଗାଙ୍ଗପୁର ବନ ବିଭାଗ ପକ୍ଷରୁ ଜାଣିବାକୁ ମିଳିଛି। ରବିବାର ଭୋର ସମୟରେ ରାଜଗାଙ୍ଗପୁର ରେଞ୍ଜ ଅଫିସ କର୍ମଚାରୀ ଓ ପାରା କର୍ମଚାରୀ ମାଲିଡିହିଠାରୁ ଲୁଧାବସା ପର୍ଯ୍ୟନ୍ତ ପାଟ୍ରୋଲିଂ କରୁଥିଲେ। ଏକ କମାଣ୍ଡର ଗାଡି ନଂ. ଓଆର୍ ୧୬ ଏ- ୧୫୭୪ରେ ଚୋରା କାଠ ଚାଲା ଣ ହେଉଥିବା ଜାଣି କୌଶଳକ୍ରମେ ଗାଡିଟିକୁ ଜବତ କରିବା ସାଙ୍ଗକୁ ଗାଡିରେ ଥିବା ଚିତ୍ରସେନ କଂସରାଲି ଓ ହରି ଗରତିଆଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛନ୍ତି । ଜବତ କାଠର ପରିମାଣ ୮.୫୪୩ ଫୁଟ ହୋଇଥିବା ବେଳେ ଉକ୍ତ କାଠର ମୂଲ୍ୟ ହାରାହାରି ୩୬.୦୦୦ ଟଙ୍କା ହୋଇଥିବା ବନ ବିଭାଗ କର୍ମଚାରୀ ପ୍ରକାଶ କରିଛନ୍ତି । ଏହି ପାଟ୍ରୋଲିଂ ଟିମ୍‌ରେ ଫରେଷ୍ଟର ପରମାନନ୍ଦ ପଟେଲ, ମାଲିଡିହି ଫରେଷ୍ଟରଙ୍କ ସହିତ ବନରକ୍ଷୀ ରତନ ମହାକୁଡ, ପାଉଲୁସ ଓରାମ, ସୁଧିର ବରିହା, ଭୋଳାନନ୍ଦ ସାହୁ ପ୍ରମୁଖ ରହିଥିବା ବନ ବିଭାଗ ପ୍ରକାଶ କରିଛି ।




ବିଭାଗ ପକ୍ଷରୁ ଜବତ ହୋଇଥିବା କାଠ ବୋଝେଇ ଗାଡ଼ି।

## ମସ୍କିକାନୀ ଫୁଟବଲ୍ : ଯୁବଜ୍ୟୋତି ଚାମ୍ପିୟନ

**ସୁନ୍ଦରଗଡ଼, ୨୫।୮ (ଡି.ଏନ୍.ଏ)**

ସଦର ବ୍ଲକ ଅନ୍ତର୍ଗତ ମସ୍କିକାନୀ ଯୁବଜ୍ୟୋତି କ୍ଲବ ଆନୁକୂଲ୍ୟରେ ଚାଲିଥିବା ମସ୍କିକାନୀ ଫୁଟବଲ ଲିଗ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ମସ୍କିକାନୀ ଷ୍ଟାଡିୟମ ଠାରେ ଆୟୋଜିତ ଏହି ଫୁଟବଲ ଲିଗରେ ଗୋଲଡେନ କ୍ଲବ ଦେଉଳି, ଗୋପବନ୍ଧୁ କ୍ଲବ ଗାଏଜୋର ,ବିର୍ସା ମୁଣ୍ଡା କ୍ଲବ ମହୀପାନି ଓ ଆୟୋଜକ ଯୁବଜ୍ୟୋତି ୟୁଥ କ୍ଲବ ମସ୍କିକାନୀର ୪ଟି ଦଳ ଭାଗ ନେଇଥିଲେ। ଲିଗ୍ ପର୍ଯ୍ୟାୟରେ ସର୍ବାଧିକ ପଏଣ୍ଟ ହାସଲ କରି ଗୋପବନ୍ଧୁ କ୍ଲବ ଗାଏଜୋର ଓ ଯୁବଜ୍ୟୋତି କ୍ଲବ ମସ୍କିକାନୀ ଫାଇନାଲ ମ୍ୟାଚକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଫାଇନାଲ ମ୍ୟାଚରେ ଯୁବଜ୍ୟୋତି କ୍ଲବର ବିକାଶ ପୂଜାରୀଙ୍କ ୨ଗୋଲ ଓ ବୁଲୁ କମାରଙ୍କ ଗୋଟିଏ ବଲ ବଳରେ ମସ୍କିକାନୀ ଦଳ ୩-୦ ରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଏହି ପ୍ରତିଯୋଗିତା ଯୁବଜ୍ୟୋତି କ୍ଲବର ସମ୍ପାଦକ ଦୁର୍ଗା ମାଧବ ନାଏକ, ସଭାପତି ଯଦୁମଣୀ ପୂଝାରି, ଅରୁଣ ନାଏକ, କୁନୁ ପୃଷେଠ, ସୁରେଶ ରାଉତ, ସୁମନ୍ତ ନାଏକ, ସୁବ୍ରତ ନାଏକ, ବାଲେଶ୍ୱର ମୁଣ୍ଡା, ରାଜୀବ ସେଠ, ବିକି ନାଏକ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।




ମସ୍କିକାନୀ ଫୁଟବଲ ଲିଗ୍‌ର ଫାଇନାଲରେ ଅଂଶଗ୍ରହଣ କରିଥିବା ଖେଳାଳି।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ଫିକା ପଡ଼ିପାରେ ନୂଆଁଖାଇ

**ଲଇକେରା,୨୫।୮(ଡି.ଏନ୍.ଏ.):** ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ଅଞ୍ଚଳରେ ପ୍ରଥମରୁ ଭଲ ବର୍ଷା ହୋଇଥିବା ବେଳେ ଚାଷୀ ଉତ୍ସାହର ସହ ଚାଷକାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ମଧଭାଗରେ ବର୍ଷା ନ ହେବାରୁ ଚାଷୀ ହତାଶ ହୋଇଥିଲେ। ବର୍ଷାଭାବ ଯୋଗୁ ଫସଲ ନଷ୍ଟ ହେବାରେ ଲାଗିଥିବାରୁ ଚାଷୀ ନିରୁତ୍ସାହିତ ହୋଇଥିଲେ। ପରବର୍ତ୍ତୀ ସମୟରେ ବର୍ଷା ହୋଇଥିବାବେଳେ ବହୁ ବିଳମ୍ବରେ ଚାଷ ଆରମ୍ଭ ହୋଇଥିଲା। ଏପର୍ଯ୍ୟନ୍ତ ରୁଆ କାମ ସରି ନ ଥିବା ବେଳେ ଚାଷୀ ନୂଆଁଖାଇ ପାଇଁ ପ୍ରସ୍ତୁତ ହୋଇ ନ ଥିବା ଜଣାପଡ଼ିଛି। ତେଣୁ ପଶ୍ଚିମ ଓଡ଼ିଶାର ଗଣପର୍ବ ଲଇକେରା ଅଞ୍ଚଳରେ ଏଥର ଫିକା ପଡ଼ିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

### ଝାଡ଼ାବାନ୍ତି ବ୍ୟାପିଲା: ପହଞ୍ଚିଲେ ଡାକ୍ତରୀ ଦଳ

**ଭୁବନେଶ୍ୱର, ୨୫।୮ (ବ୍ୟୁରୋ):** ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ୬ ଗ୍ରାମରେ ଝାଡ଼ାବାନ୍ତି ଉଗ୍ରରୂପ ଧାରଣ କରିଛି। ସପ୍ତାହକ ମଧରେ ଏଥିରେ ଜଣଙ୍କର ମୃତ୍ୟୁ ଘଟିଲାଣି। ଏହି ଘଟଣା ଜଣାପଡିବା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା ଏହାକୁ ଗୁରୁତର ସହ ନେଇଛନ୍ତି। ଏକ ଡାକ୍ତରୀ ଦଳ ପଠାଇ ତୁରନ୍ତ ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରିବା ସହ ଝାଡ଼ାବାନ୍ତି କିପରି ରୋକାଯାଇ ପାରିବ ସେନେଇ ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ ଡାକ୍ତରୀ ଦଳସେହି ଅଞ୍ଚଳର ୭ଟି ଗ୍ରାମ ଗସ୍ତ କରିଛନ୍ତି। ଗତ ସପ୍ତାହକ ମଧରେ ୧୭ ଜଣ ଡାଇରିଆରେ ଆକ୍ରାନ୍ତ ହୋଇଥିବା ବେଳେ ପ୍ରାଥମିକ ଚିକିତ୍ସାପରେ ଏବେ ସମସ୍ତେ ସୁସ୍ଥ ଥିବା ଡାକ୍ତରୀଦଳ ଜଣାଇଛନ୍ତି।

### ଶ୍ରୀଲଙ୍କା ରାଷ୍ଟ୍ରଦୂତଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ

**କୋଣାର୍କ, ୨୫।୮(ଡି.ଏନ୍.ଏ.):** ଭାରତରେ ଅବସ୍ଥାପିତ ଶ୍ରୀଲଙ୍କାର ରାଷ୍ଟ୍ରଦୂତ ଅଷ୍ଟିନ୍ ଫର୍ନାଣ୍ଡୋ ରବିବାର ଅପରାହ୍ଣରେ ସପରିବାର କୋଣାର୍କ ଗସ୍ତରେ ଆସି ବିଶ୍ୱଐତିହ୍ୟ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ଏହାର ଭୂୟସୀ ପ୍ରଶଂସା କରିଥିଲେ। କୋଣାର୍କ ଥାନା ଏଏସ୍ଆଇ ଶ୍ରୀଧର ମଲ୍ଲିକ ଅତିଥିମାନଙ୍କୁ ପରିଦର୍ଶନରେ ସହଯୋଗ କରିଥିଲେ।

# ବାଇକ୍ ଶୋ'ରୁମ୍‌ରୁ ୧୦ଲକ୍ଷ ଟଙ୍କା ଚୋରି

**ଝାରସୁଗୁଡ଼ା ଅଫିସ/ଲଖନପୁର, ୨୫।୮(ଡି.ଏନ୍.ଏ.)**

ଝାରସୁଗୁଡ଼ା ବେହେରାପାଟ ବାଇପାସ୍‌ସ୍ଥିତ ଏକ ବାଇକ୍ ଶୋ'ରୁମ୍ ଝରକା ଭାଙ୍ଗି ଦୁର୍ବୃତ୍ତମାନେ ୧୦ଲକ୍ଷ ଟଙ୍କା ଓ କେତେକ ଗାଡ଼ି ପାର୍ଟସ୍ ଚୋରିକରି ନେଇଛନ୍ତି। ଏ ନେଇ ଶୋ'ରୁମ୍ ମାଲିକ ହର୍ଷିତ ମୋଦି ରବିବାର ବିଟିଏମ୍ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ଓ ଫୋରେନ୍‌ସିକ୍ ଟିମ୍ ଶୋ'ରୁମ୍‌ରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରିଛି। ତେବେ ଦୁର୍ବୃତ୍ତଙ୍କ ସମ୍ପର୍କରେ ପୋଲିସକୁ କୌଣସି ସୁରାକ ପାଇନାହିଁ। ପ୍ରତ୍ୟେକ ଶୁକ୍ରବାର ଶୋ'ରୁମ୍ ବନ୍ଦ ରହିଥାଏ। କିନ୍ତୁ ଚଳିତ ସପ୍ତାହରେ ଶୁକ୍ରବାର ଓ ଶନିବାର ୨ଦିନ ବନ୍ଦ ରହିଥିଲା। ରବିବାର ସକାଳେ ଶୋ'ରୁମ୍ ଖୋଲିଲା ବେଳକୁ ଝରକା ଭଙ୍ଗାଯାଇଥିବା ମୋଦି ଦେଖିବାକୁ ପାଇଥିଲେ। ଶୋ'ରୁମ୍ ଭିତରେ ଥିବା କ୍ୟାସ୍ ବାକ୍ସରେ ଥିବା ୧୦ଲକ୍ଷ ଟଙ୍କା ଓ ଗାଡ଼ି ପାର୍ଟ୍ସ ନ ଥିଲା।



ଦୁର୍ବୃତ୍ତମାନେ ଭାଙ୍ଗିଥିବା ଶୋ ରୁମ୍ ଟଙ୍କା ବାକ୍ସ।

# ଏବିଭିପି ପକ୍ଷରୁ ଅଭ୍ୟାସ ବର୍ଗ

**ବ୍ରଜରାଜନଗର,୨୫।୮(ଡି.ଏନ୍.ଏ.)**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲାକୁ ନେଇ ଗଠିତ ସୁନ୍ଦରଗଡ଼ ଅଭ୍ୟାସ ବର୍ଗ କାର୍ଯ୍ୟକ୍ରମ ବ୍ରଜରାଜନଗର ସରସ୍ୱତୀ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ରାଜ୍ୟ ସହ ଛାତ୍ରୀ ପ୍ରମୁଖ ନନ୍ଦିତା ନାୟକ ମୁଖ୍ୟଅତିଥି, ବିଦ୍ୟାର୍ଥୀ ପରିଷଦ୍‌ର ପୂର୍ବ ରାଜ୍ୟ ସଦସ୍ୟ ବିନୟ ଜୟସ୍ୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଭୟ ଜିଲାର ବିଭିନ୍ନ କଲେଜରୁ ପ୍ରାୟ ୫୦ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଏବିଭିପି ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର ଯୋଗଦେଇ ବର୍ତ୍ତମାନ ସମୟରେ କ୍ୟାମ୍ପସର ଗତିବିଧି ଓ ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ବିଶ୍ୱର ଏକ ଦାୟିତ୍ୱବାନ ଛାତ୍ର ସଂଗଠନ ହିସାବରେ ଛାତ୍ରୀଛାତ୍ରମାନେ କିଭଳି ଭାବରେ ପାଠ ପଢ଼ିବା ସହ ସମାଜ ଓ ରାଷ୍ଟ୍ର ପାଇଁ କାର୍ଯ୍ୟ କରିବେ ସେ ଉପରେ ଆଲୋଚନା ହୋଇଥିଲା। ଅଭ୍ୟାସ ବର୍ଗର ସୁନ୍ଦରଗଡ଼ ପ୍ରମୁଖ ପ୍ରଫୁଲ୍ଲ ଧୁରୁଆ, ଝାରସୁଗୁଡ଼ା ଜିଲା ପ୍ରମୁଖ ରାଧେଶ୍ୟାମ ପ୍ରଧାନ, ସହପ୍ରମୁଖ ଅଜୟ ସା ପ୍ରମୁଖ ସହଯୋଗ କରିଥିଲେ।

# ଚାରାରୋପଣ, ବିତରଣ କାର୍ଯ୍ୟକ୍ରମ

**ବେଲପାହାଡ଼,୨୫।୮(ଡି.ଏନ୍.ଏ.)**

ରାଜଯୋଗିନୀ ସ୍ୱର୍ଗୀୟା ପ୍ରକାଶମଣିଙ୍କ ଦ୍ୱାଦଶ ପୁଣ୍ୟତିଥି ଅବସରରେ ରବିବାର ଝାରସୁଗୁଡ଼ା ଜିଲା ବେଲପାହାଡ଼ ବ୍ରହ୍ମାକୁମାରୀ କାର୍ଯ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ଶାଖା ପରିଚାଳିକା ଭଉଣୀ ଶିଖା ଉଦ୍‌ଘାଟନ କରିଥିଲେ। ବି.ଆର୍. ହାଇସ୍କୁଲର ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ଶିକ୍ଷକ କୈଳାସ ଚନ୍ଦ୍ର ପଟ୍ଟନାୟକ, ପୂର୍ବତନ ନଗରପାଳ ଦୟାନିଧି ନାୟକ, ଡ. ନିତ୍ୟାନନ୍ଦ ଶର୍ମା, ଖାଉଟି ଫୋରମ ସଦସ୍ୟ ସନ୍ତୋଷ ଓଝା, ପ୍ରେମାମନ୍ଦ ମିଶ୍ର ଓ ବଳରାମ ପ୍ରଧାନଙ୍କ ସମେତ ଅନେକ ବରିଷ୍ଠ ନାଗରିକ ଏବଂ ବ୍ରହ୍ମାକୁମାରୀ ଅନୁଷ୍ଠାନର ସଦସ୍ୟା, ସଦସ୍ୟ ଯୋଗଦେଇଥିଲେ। ପ୍ରଥମେ କାର୍ଯ୍ୟାଳୟ ପରିସରରେ ଫଳଚାରା ରୋପଣ କରାଯାଇଥିଲା। ପ୍ରାୟ ୧୦୦ ଚାରା ଅତିଥିମାନଙ୍କୁ ବିତରଣ କରାଯାଇଥିଲା। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ପାଳନ ଉଦ୍ଦେଶ୍ୟରେ ବ୍ରହ୍ମାକୁମାରୀ ଅନୁଷ୍ଠାନର ସଦସ୍ୟା ସଦସ୍ୟ ୧୫ ଘଣ୍ଟା ଧରି ତପସ୍ୟା କରିବା ପାଇଁ ସଙ୍କଳ୍ପ ନେଇଛନ୍ତି।



ବ୍ରହ୍ମାକୁମାରୀ ଶାଖା ପରିଚାଳିକା ଭଉଣୀ ଶିଖା ଜଣେ ଅତିଥିଙ୍କୁ ଚାରା ପ୍ରଦାନ କରୁଛନ୍ତି।

# ଗଙ୍ଗାଧର ମେହେର ଜୟନ୍ତୀ ପାଳିତ

**କୋଲାବିରା,୨୫।୮(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ସମାସିଂହା ପଞ୍ଚାୟତ ହାଇସ୍କୁଲରେ ଶନିବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳନ କରାଯାଇଛି। ପଞ୍ଚାୟତ ହାଇସ୍କୁଲ ଏବଂ ପ୍ରଗତି ଯୁବକ ସଂଘ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାସିଂହା ସରପଞ୍ଚ ହେମନ୍ତ କୁମାର ସାହୁ ଯୋଗଦେଇଥିଲେ। ଗଙ୍ଗାଧର କେବଳ ପଶ୍ଚିମ ଓଡ଼ିଶାରେ ସୀମିତ ନୁହନ୍ତି, ସେ ଓଡ଼ିଆ ଜାତିର ଗୌରବ ବୋଲି ମୁଖ୍ୟଅତିଥି ସାହୁ କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାପକ ନାଟ୍ୟକାର ରୋହିତ କୁମାର ପଟେଲ, ସମ୍ମାନିତ ଅତିଥି ଭାବେ କୁଟରାଚୁଆଁ ମହାବିଦ୍ୟାଳୟ ଅଧକ୍ଷ ସୁଭାଷ ଚନ୍ଦ୍ର ନାଏକ, ବସୁମତୀ ବିଜ୍ଞାନ ମହାବିଦ୍ୟାଳୟ ଅଧକ୍ଷ ବିଭୂତି ଭୂଷଣ ଦାସ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ କରୁଣାକର ସେଠ, ବିଜୟ କୁମାର ନାଏକ, ଯୋଗେଶ୍ୱର ସେନାପତି, ସୁପ୍ରଭା ସହୁ, ଅଞ୍ଜଳି ପଟେଲ, ରାଜେନ୍ଦ୍ର ବଟ, ସୁରେନ୍ଦ୍ର ରଣା, ସନ୍ଦୀପ ପଟେଲ, ମହେନ୍ଦ୍ର ଟଣକାରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଏହି ଅବସରରେ କବି ଲଲୀନ୍ଦ୍ର ଗୋଖରା, ଟଙ୍କଧର କୁଆ ପ୍ରମୁଖ ଗଙ୍ଗାଧରଙ୍କ ଜୀବନୀ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ତୁଳେଶ୍ୱର ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମୁଖ୍ୟଅତିଥି ଡେଲି ମାର୍କେଟ ଉଦ୍‌ଘାଟନ କରୁଛନ୍ତି।

# ବନ୍ଧବାହାଲ ଡେଲି ମାର୍କେଟ ସ୍ଥାନାନ୍ତରିତ

**ଲଖନପୁର,୨୫।୮(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବନ୍ଧବାହାଲ ପଞ୍ଚାୟତ ଡେଲି ମାର୍କେଟ ଦୀର୍ଘବର୍ଷ ହେଲା ରାସ୍ତା ଉପରେ ବସୁଥିଲା। ଫଳରେ ଯାତାୟାତରେ ସମସ୍ୟା ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ଏମ୍‌ସିଏଲ୍ କର୍ତ୍ତୃପକ୍ଷ କଲୋନୀ ପରିସରରେ ବ୍ୟବସାୟୀମାନେ ବସିବା ପାଇଁ ୩୬ ସେଟ୍ ଆଜବେଷ୍ଟସ୍ ଘର ନିର୍ମାଣ କରିଛନ୍ତି। ପଞ୍ଚାୟତ ପକ୍ଷରୁ ରାସ୍ତାରେ ବସୁଥିବା ଡେଲି ମାର୍କେଟକୁ ରବିବାର କଲୋନୀ ପରିସରକୁ ସ୍ଥାନାନ୍ତର କରାଯାଇଛି। ନୂତନ ମାର୍କେଟକୁ ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ପ୍ରବନ୍ଧକ ଅନୀଲ କୁମାର ସିଂହ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ରାଜେନ୍ଦ୍ର ନାୟକ, ସମିତିସଭ୍ୟ ଈଶ୍ୱର କଉଡ଼ି, ୱାର୍ଡସଭ୍ୟା ଲକ୍ଷ୍ମୀ ବେହେରା, ସସ୍ମିତା ନାୟକ, ଫୁଲସିଂ ମାଝି, ଜିଆର୍‌ଏସ୍ ହୃଷୀକେଶ ମାଝି, ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଏମ୍‌ସିଏଲ୍ ପକ୍ଷରୁ ଲଖନପୁର କୋଇଲା ଖଣି ପ୍ରକଳ୍ପ ଅଧିକାରୀ ଅବୋଧ କୁମାର ପାଣ୍ଡେ, ବେଲପାହାଡ଼ କୋଇଲା ଖଣି ପ୍ରକଳ୍ପ ଅଧିକାରୀ ୟୁରେନ୍ ପଟ୍ଟନାୟକ, ଜିଏମ୍ (ଅପରେଶନ୍) ଅରୁଣ କୁମାର ସ୍ୱର୍ଣ୍ଣକର, ପି.କେ. ରାୟ, ନିରଞ୍ଜନ ପଟେଲ, ଶ୍ରମିକ ସଂଗଠନ ଜେସିସି ସଭ୍ୟ ରବୀନ୍ଦ୍ର ପ୍ରସାଦ, ବିଜୟ ଦାସ, ବାଳକୃଷ୍ଣ ମିଶ୍ର, ଗୋପାଳ ଦୁବେ, ବି.ବି. ରାମ, ବିଜୟ ଭୋଇ, ଏସ୍.ଏଲ୍. ଟାର୍ଜନ, ମହେଶ୍ୱର ମହନ୍ତ, ରାଜେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନ ପରେ ବ୍ୟବସାୟୀମାନେ ସେଠାରେ ବ୍ୟବସାୟ ଆରମ୍ଭ କରିଥିଲେ। ମୁଖ୍ୟଅତିଥି ପ୍ରବନ୍ଧକ ସିଂହ ପ୍ରଥମେ ପନିପରିବା କିଣିଥିଲେ। ବ୍ୟାବସାୟୀ ଓ ଖାଉଟିଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମାର୍କେଟରେ ଆଲୋକୀକରଣ, ପାନୀୟଜଳ, ଶୌଚାଳୟ ଆଦି ସୁବିଧା କରିବାକୁ ସରପଞ୍ଚ ନାୟକ ପ୍ରବନ୍ଧକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଖୁବ୍‌ଶୀଘ୍ର ଏ ସବୁ କରାଯିବ ବୋଲି ପ୍ରବନ୍ଧକ ସିଂହ ପ୍ରତିଶ୍ରୁତି ଦେଇଛନ୍ତି।

# ଡମ୍ପିଂ ୟାର୍ଡରୁ ଲୁହାଖଣ୍ଡ ଖୋଜୁଥିବାବେଳେ ବାଳକ ନିଖୋଜ

**ଝାରସୁଗୁଡ଼ା ଅଫିସ/ଲଖନପୁର, ୨୫।୮(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବଡ଼ମାଲ ଥାନା ଶ୍ରୀପୁରା ଗ୍ରାମ ନିକଟ ଭେଡେନ ନଦୀ କୂଳରେ ଏଲ୍‌ଏନ୍ ମେଟାଲିକ୍ କାରଖାନାର ପାଉଁଶ ଓ ଲୁହାଖଣ୍ଡ (ରାଖଡ଼) ଆଦି ବର୍ଜ୍ୟବସ୍ତୁ ଡମ୍ପିଂ କରାଯାଉଛି। ଏହି ଡମ୍ପିଂ ୟାର୍ଡରୁ ଲୁହାଖଣ୍ଡ ଖୋଜୁଥିବା ବେଳେ ଶୁକ୍ରବାରଠାରୁ ଶ୍ରୀପୁରା ଗ୍ରାମର ମାନସ ସାହୁ (୧୦) ନିଖୋଜ ହୋଇଯାଇଛନ୍ତି। ଏ ନେଇ ମାନସଙ୍କ ମାଆ କସ୍ତୁରୀ ସାହୁ ଶନିବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ. ୧୩୬/୧୯) ରୁଜୁକରି ତଦନ୍ତ ଚଳାଇଛି। ଅଗ୍ନିଶମ ବିଭାଗ, ଓଡ୍ରାଫ୍ ଓ ପୋଲିସ ଟିମ୍ ମିଳିତ ଭାବେ ୨ ଦିନ ହେଲା ଡମ୍ପିଂ ୟାର୍ଡରେ ଖୋଜାଖୋଜି ଚଳାଇଥିଲେ ମଧ ମାନସଙ୍କ ସନ୍ଧାନ ମିଳିନାହିଁ। ଶୁକ୍ରବାର ଅପରାହ୍ଣରେ ମାନସ ଓ ତାଙ୍କ ବଡ଼ଭାଇ ମୁନୁ (୧୨) ଡମ୍ପିଂ ୟାର୍ଡରେ ଲୁହାଖଣ୍ଡ ଖୋଜୁଥିଲେ। ଏତିକିବେଳେ ମାନସ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ମୁନୁ ଘରକୁ ଯାଇ ଏ ସମ୍ପର୍କରେ କସ୍ତୁରୀଙ୍କୁ କହିଥିଲେ। ଉକ୍ତଦିନ କସ୍ତୁରୀ ଗ୍ରାମବାସୀଙ୍କ ସହ ଡମ୍ପିଂ ୟାର୍ଡରେ ଖୋଜାଖୋଜି କରିଥିଲେ ମାନସଙ୍କୁ ପାଇ ନ ଥିଲେ।



ଡମ୍ପିଂ ୟାର୍ଡରେ ଖୋଜାଖୋଜି ଚାଲିଛି।

# ସ୍କୁଲ ସାମ୍ନାରେ ଲାଗିଲା ଗତି ଅବରୋଧକ

**କୋଲାବିରା,୨୫।୮(ଡି.ଏନ୍.ଏ.)**

ଭାତଲଇଡ଼ା ଶ୍ରୀଅରବିନ୍ଦ ଯୋଗାଶ୍ରମ ବିଦ୍ୟାଳୟ ସାମନା ଦେଇ ଯାଇଥିବା ପୁରୁଣା ରାଞ୍ଚି ରୋଡ୍‌ରେ ରବିବାର ୨ଟି ଗତି ଅବରୋଧକ ସ୍ଥାପନ କରାଯାଇଛି। ଜିଲା ପରିଷଦ ଆଧକ୍ଷ ଲକ୍ଷ୍ମୀନାରାୟଣ ପଟେଲ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍କୁଲ ସାମନାକୁ ଲାଗି ଯାଇଥିବା ଏହି ରାସ୍ତାରେ ଦ୍ରୁତଗତିରେ ଗାଡ଼ିମୋଟର ଯାତାୟାତ କରୁଥିବାରୁ ଛାତ୍ରୀଛାତ୍ରଙ୍କ ପ୍ରତି ବିପଦ ରହିଥିଲା। ତେଣୁ ଏଠାରେ ଗତି ଅବରୋଧକ ଲଗାଯିବାକୁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା। ଜିଲା ପରିଷଦ ଅଧକ୍ଷ ପଟେଲ ଜିଲା ପରିଷଦ ପକ୍ଷରୁ ୨ଟି ଗତି ଅବରୋଧକ ପ୍ରଦାନ କରି ଏହାକୁ ସ୍ଥାପନ କରିଛନ୍ତି। ଉଦ୍‌ଘାଟନୀ ଅବସରରେ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧରେ ଯୋଗାଶ୍ରମ ସମ୍ପାଦର ଅଭିମନ୍ୟୁ ପଟେଲ, ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ନାଏକ, ଯନ୍ତ୍ରୀ ଫକୀର ଚରଣ ପଧାନ ପ୍ରମୁଖ ଯୋଗଦେଇଥିଲେ।




ଜିଲା ପରିଷଦ ଅଧକ୍ଷ ଲକ୍ଷ୍ମୀନାରାୟଣ ପଟେଲ ଗତି ଅବରୋଧକ ଉଦ୍‌ଘାଟନ କରୁଛନ୍ତି।

# ସ୍କୁଲରେ ପୋଷାକ ବିତରଣ ଉତ୍ସବ

**ଲଖନପୁର,୨୫।୮(ଡି.ଏନ୍.ଏ.):** ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ କୁଶ୍ରାଲୋଇ ପଞ୍ଚାୟତ ଉବୁଡ଼ା ୟୁଜିୟୁପି ସ୍କୁଲରେ ଶନିବାର ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଧାନ ଶିକ୍ଷକ ନରେନ୍ଦ୍ର ଭୋଇ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସମିତିସଭ୍ୟା ଆରତି ଛଣ୍ଡାଣ, ସମ୍ମାନିତ ଅତିଥି ପରିଚାଳନା କମିଟି ସଦସ୍ୟ ନବୀନ ମୁଣ୍ଡା, ସୁରେଶ ତାଣ୍ଡିଆ, ହୀରାଲାଲ ରୋହିଦାସ, ବନିତା ସାହୁ, ଅନୁପମା ସାହୁ, ରଜନୀ ମୁଣ୍ଡା, ଗୁରୁବାରୀ ଓରାମ, ଶିକ୍ଷକ ମନୋଜ ପଟେଲ, ଅଖିଳ କୁମାର ଷଣ୍ଢ, ପ୍ରସନ୍ନ କିଷାନ, ବବିତା ପ୍ରଧାନ, ମାଳତି ତ୍ରିପାଠୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୋଷାକ, ଜୋତା, ମୋଜା ବଣ୍ଟନ କରିଥିଲେ।



ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଉଛି।

# ଶରତ ସନ୍ଧ୍ୟା: 'ଆରୋହଣ', 'ଘାସଫୁଲ' ଉନ୍ମୋଚିତ

**ଭୁବନେଶ୍ୱର, ୨୫।୮(ବ୍ୟୁରୋ)**

କବି ଓ କଥାକାର ଶରତ କୁମାର ଦାଶଙ୍କ ବିବିଧ ସୃଜନ ଧାରାକୁ ନେଇ ପେନ୍ ଇନ୍ ବୁକ୍ସ ପକ୍ଷରୁ ରବିବାର ରବୀନ୍ଦ୍ର ମଣ୍ଡପଠାରେ ସାରସ୍ୱତ ସମାରୋହ 'ଶରତ ସନ୍ଧ୍ୟା' ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଶରତ କୁମାର ଦାଶଙ୍କ ଅଷ୍ଟମ କବିତା ପୁସ୍ତକ ଓ ସଙ୍ଗୀତ ଆଲବମ୍ 'ଆରୋହଣ' ଓ ଗଳ୍ପ ସଙ୍କଳନ 'ଘାସଫୁଲ' ଉନ୍ମୋଚିତ ହୋଇଥିଲା। 'ଆରୋହଣ' କବିତା ସଙ୍କଳନରେ ୫୧ଟି କବିତା ଥିବାବେଳେ ଏଥିରୁ ନିର୍ବାଚିତ ୧୦ଟି କବିତାକୁ ସଙ୍ଗୀତରେ ସଜାଇଛନ୍ତି ସଙ୍ଗୀତଜ୍ଞ ପ୍ରେମ୍ ଆନନ୍ଦ। ସେହିଭଳି 'ଘାସଫୁଲ' ସଙ୍କଳନର ସମସ୍ତ ୧୬ଟି ଗଳ୍ପ ଶରତ ଦାଶ ୪ଦଶନ୍ଧି ତଳେ ନିଜେ ଛାତ୍ରାବସ୍ଥାରେ ରଚନା କରିଥିଲେ। କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ଓଡ଼ିଶାର ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ପ୍ରଣବ କୁମାର ଦାସ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ବରିଷ୍ଠ କବି ଓ ସମାଲୋଚକ ଡ. ହୃଷୀକେଶ ମଲ୍ଲିକ ଓ ପ୍ରେମ୍ ଆନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକ ଓ ଆଲବମ୍ ସିଡୀକୁ ଉନ୍ମୋଚନ କରିଥିଲେ। କବି ଶରତ ଦାଶ ନିଜର ଲେଖକୀୟ ଅଭିବ୍ୟକ୍ତି ଉପସ୍ଥାପନା କରିଥିଲେ।

ଏହି ଅବସରରେ 'ଆରୋହଣ' ଆଲବମ୍‌ରେ କଣ୍ଠଦାନ କରିଥିବା ଓଡ଼ିଆ ସଙ୍ଗୀତ ଜଗତର ଜଣାଶୁଣା କଣ୍ଠଶିଳ୍ପୀ ଦୀପ୍ତିରେଖା, ହ୍ୟୁମାନ ସାଗର, ସବିଶେଷ, ଦେବକୃପା, ଆଶୁତୋଷ, ବିଷ୍ଣୁମୋହନ, ଲୋପାମୁଦ୍ରା, ସତ୍ୟଜିତ୍ ଓ ଜ୍ୟୋତିର୍ମୟୀ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀଙ୍କ ଦ୍ୱାରା ପରିବେଷିତ 'ତୁମ ଦେହ କଜଳରେ', 'ସବୁ ସମ୍ପର୍କର ସଂଜ୍ଞା', 'ତୁମ ନୟନର ନିରୀହ ଚାହାଣି', 'ପ୍ରିୟାରେ ମୋର', 'ମୋ ନୟନରେ ଯେତେ ସପନ', 'ସଂଜ୍ଞା ନାହିଁ ଜୀବନର', 'ସଖୀ ତୁମ ଆଖି କଥା କହେ', 'ଚହଟ ଚାନ୍ଦିନୀ', 'ଆଖିରେ ଲାଖି ଥାଏରେ ସଖୀ' ଗୀତଗୁଡ଼ିକ ଉପସ୍ଥିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶରତ କୁମାର ଦାଶଙ୍କ ପୂର୍ବ ଆଲବମ୍ 'କୁହନାହିଁ କିଛି'ର 'ମୋହନ ମୋହିଛି' ସଙ୍ଗୀତ ଆଧାରରେ ଗୁରୁ ଗୌରୀଶଙ୍କର ଦାଶଙ୍କ ଶିଷ୍ୟମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହାପରେ ଶରତ ଦାଶଙ୍କ କାହାଣୀ 'ପଥର'କୁ ନେଇ ପ୍ରାଚୀ ତାରା କଥାଭିନୟ ପ୍ରଦର୍ଶନ କରିଥିଲେ। ପେନ୍ ଇନ୍ ବୁକ୍ସର ନିର୍ଦ୍ଦେଶକ ଶୁଭ୍ରାଂଶୁ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ।




କବିତା ପୁସ୍ତକ ଓ ସଙ୍ଗୀତ ଆଲବମ୍ 'ଆରୋହଣ' ଓ ଗଳ୍ପ ସଙ୍କଳନ 'ଘାସଫୁଲ'କୁ ଉନ୍ମୋଚନ କରାଯାଉଛି।